# ଉତ୍କଳ ପ୍ରସଙ୍ଗ

## The Utkal Prasanga

**February-March- 2015**

୭୧ ଭାଗ    ୭ମ-୮ମ ସଂଖ୍ୟା    ମାଘ-ଚୈତ୍ର    ଫେବୃଆରୀ-ମାର୍ଚ୍ଚ - ୨୦୧୫

**ମଧୁସୂଦନ ପାଢୀ,** ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ

**ରଞ୍ଜିତ୍ କୁମାର ମହାନ୍ତି,** ଓ.ଏ.ଏସ୍ (ଏସ୍.ଏ.ଜି)
ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**
ସମ୍ପାଦକ
(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ
**ଗୋବିନ୍ଦଚନ୍ଦ୍ର ମଲ୍ଲିକ**
**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ
**ମାନସ ନାୟକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

---

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, ୱେବ୍‌ସାଇଟ୍ : www.odisha.gov.in
ଫୋନ୍ : ୦୬୭୪-୨୫୩୦୨୧୧

**ପ୍ରତିଖଣ୍ଡ : ଟ. ୫.୦୦**

# ସୂଚୀ

ଫେବୃଆରୀ-ମାର୍ଚ୍ଚ ୨୦୧୫


| | | |
|---|---|---|
| ● ପଞ୍ଚାୟତିରାଜ ଓ ମୋ'ସ୍ୱପ୍ନର ଭାରତବର୍ଷ | ବିଜୁ ପଟ୍ଟନାୟକ | ... ୧ |
| ● ଭୂମିପୁତ୍ର (କବିତା) | ବିମଳା ସିଂହ | ... ୩ |
| ● ସେଇ ଡେଙ୍ଗା ଲୋକଟିର ସ୍ମୃତିରେ... | ଅଧ୍ୟାପକ ବିଶ୍ୱରଂଜନ | ... ୪ |
| ● ବିଜୁ ପଟ୍ଟନାୟକ: ପଞ୍ଚାୟତିରାଜର ପ୍ରବର୍ତ୍ତକ | ସୁକାନ୍ତ କିଶୋର ମହାନ୍ତି | ... ୬ |
| ● ଅତୀତ (କବିତା) | ଚିନ୍ମୟ ସାହୁ | ... ୧୦ |
| ● ସ୍ମୃତିରେ ପଞ୍ଚାୟତିରାଜ ଅନୁଷ୍ଠାନ | ସ୍ୱପ୍ନେଶ୍ୱର ବାୟା | ... ୧୧ |
| ● ସ୍ୱ-ଶାସନର କଷଟିରେ ପଞ୍ଚାୟତିରାଜ ଓ ଗ୍ରାମସଭା | ସରୋଜ କୁମାର ଦାଶ | ... ୧୩ |
| ● ପରିମଳ ଓ ଗ୍ରାମୀଣ ସମୃଦ୍ଧି | ସନ୍ତୋଷ କୁମାର ପାତ୍ର | ... ୧୬ |
| ● କଳିଙ୍ଗ ବୀର (କବିତା) | ସରୋଜ ରଂଜନ ପଟ୍ଟନାୟକ | ... ୧୮ |
| ● ମହିଳା ସଶକ୍ତିକରଣରେ ପଞ୍ଚାୟତିରାଜ | ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ | ... ୧୯ |
| ● ମୁଁ ଖାରବେଳ ଜାତିର ଦାୟାଦ | ପଞ୍ଚାନନ ଅଗ୍ରୱାଲା | ... ୨୧ |
| ● ଅତିବଡୀ ଜଗନ୍ନାଥ ଦାସ | କରୁଣାକର ସାହୁ | ... ୨୩ |
| ● କବିସୂର୍ଯ୍ୟ ବଳଦେବଙ୍କ କାବ୍ୟ ଓ କବିତାରେ ଶ୍ରୀଜଗନ୍ନାଥ ଚେତନା | ସୁଧାଂଶୁ ଶେଖର କର | ... ୨୫ |
| ● ଜୁଆଙ୍ଗ ଜୀବନଧାରାରେ ଦେଖାଦେଇଥିବା ପରିବର୍ତ୍ତନ | ରଞ୍ଜନ ପ୍ରଧାନ | ... ୨୯ |
| ● ଆଦିବାସୀ ପରମ୍ପରାରେ ଗ୍ରାମଦେବତୀ | ଫକିର ଚରଣ ରାଉତ | ... ୩୮ |
| ● ସାଂସ୍କୃତିକ ସମନ୍ୱୟର ମହାମିଳନ ପୀଠ ଶ୍ରୀକ୍ଷେତ୍ର ଓ ବିରଜା କ୍ଷେତ୍ର | ଗିରିଧାରୀ ସ୍ୱାଇଁ | ... ୪୧ |
| ● ଆତ୍ମଜାଗରଣର ପର୍ବ : ମହାଶିବରାତ୍ରି | ଡକ୍ଟର ଶରତ ଚନ୍ଦ୍ର ପରିଡ଼ା | ... ୪୬ |
| ● ଆର୍ଯ୍ୟଭଟ୍ଟ ଏବଂ ଆର୍ଯ୍ୟଭଟ୍ଟୀୟମ୍ | ପ୍ରତାପସିଂହ ମହାପାତ୍ର | ... ୫୩ |
| ● କୋରିଆ ବିଜ୍ଞାନ ମେଳା | ନିକୁଞ୍ଜ ବିହାରୀ ସାହୁ | ... ୫୬ |
| ● ତଳଦିଗେ ପୂର୍ବଭାଗେ ବିଜେ ଆଖଣ୍ଡଳମଣି | ଶାନ୍ତନୁ କୁମାର ମହାନ୍ତି | ... ୫୮ |
| ● ଓଡ଼ିଶାରେ ସୂର୍ଯ୍ୟ ଉପାସନାର ପରମ୍ପରା | ଡକ୍ଟର ଚିନ୍ମୟୀ ମହାପାତ୍ର | ... ୬୩ |
| ● ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଓ ହୋଲି | ପଣ୍ଡିତ ରାମକୃଷ୍ଣ ମିଶ୍ର | ... ୬୭ |
| ● ପ୍ରସିଦ୍ଧ ବ୍ୟଙ୍ଗ ଚିତ୍ରକାର ଆର.କେ. ଲକ୍ଷ୍ମଣଙ୍କ ଅପାଶୋରା କଥା | ଗୁରୁକଲ୍ୟାଣ ମହାପାତ୍ର | ... ୭୦ |
| ● ପ୍ରଚଣ୍ଡ ପ୍ରତିଭାଧର ଚନ୍ଦ୍ରମୋହନ ମହାରଣା | ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ | ... ୭୩ |
| ● ସଂସ୍କାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ | ନିର୍ମଳା କୁମାରୀ ମହାପାତ୍ର | ... ୭୭ |
| ● ସାମ୍ପ୍ରତିକ ଭାରତରେ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାର ପ୍ରାସଙ୍ଗିକତା | ଡକ୍ଟର ଦାମୋଦର ମହାପାତ୍ର | ... ୮୧ |
| ● କୋଣାର୍କ ମାଘମେଳା | ବିପିନ ବିହାରୀ ମହାନ୍ତି | ... ୮୪ |
| ● ଓଡ଼ିଶା ବିଧାନସଭାରେ ମାନ୍ୟବର ରାଜ୍ୟପାଳ ଡକ୍ଟର ଏସ୍.ସି. ଜମିରଙ୍କ ଅଭିଭାଷଣ | | ... ୮୬ |
| ● ସପ୍ରସଙ୍ଗ ଓଡ଼ିଶା | | ... ୯୯ |

# ସମ୍ପାଦକୀୟ




ଉତ୍କଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଅନେକ ପର୍ବପର୍ବାଣି ପାଳିତ ହୋଇଥାଏ । ଏହି ପର୍ବପର୍ବାଣିଗୁଡ଼ିକ ସାଧାରଣତଃ ଓଡ଼ିଆ ଜନମାନସରେ ଗଭୀର ପ୍ରଭାବ ପକାଇଥାଏ । ଲୌକିକ ଚଳଣି ଆଧାରରେ ପ୍ରବର୍ତ୍ତିତ ଏହି ଧର୍ମଧାରା 'ନବକଳେବର' ପ୍ରଥାକୁ ବିଶେଷ ଗୁରୁତ୍ୱାରୋପ କରିଥାଏ । ୧୯ବର୍ଷର ସମୟ ବ୍ୟବଧାନରେ ଅନୁଷ୍ଠିତ ଏହି ନବକଳେବର ସନାତନ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ହିନ୍ଦୁ ସଂସ୍କୃତି ଅନୁଯାୟୀ ମଣିଷର ମୃତ୍ୟୁ ପରେ ଏହାର ଶରୀର ବିନଷ୍ଟ ହୋଇଯାଏ । ଅବିନାଶୀ ଆତ୍ମା  କିନ୍ତୁ ଅନ୍ୟ ଏକ ଶରୀର ଗ୍ରହଣ କରିଥାଏ । ଏହି ଧାରାରେ ମହାପ୍ରଭୁଙ୍କ 'ନବକଳେବର' ରୀତି ଗତିଶୀଳ । ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହର ବହୁ ପ୍ରତୀକ୍ଷିତ 'ନବକଳେବର' ଆୟୋଜନ ସକାଶେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମଗ୍ର ରାଜ୍ୟ ପ୍ରଶାସନ ଏଥିପାଇଁ ବେଶ୍ ତତ୍ପର ଅଛନ୍ତି ।

ମାର୍ଚ୍ଚମାସ ୮ତାରିଖରେ ପାଳିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ମହିଳା ଦିବସ । ସମଗ୍ର ନାରୀ ସମାଜକୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷମତା ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶା ସରକାର ନାରୀ ସଶକ୍ତିକରଣ କ୍ଷେତ୍ରରେ ଅନେକଗୁଡ଼ିଏ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଧାରାରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି । ଏହା ଦ୍ୱାରା ତୃଣମୂଳ ସ୍ତରରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ନୂତନ ମହିଳା ଓ ବାଳିକା ନୀତି ମଧ୍ୟ ନାରୀ ସଶକ୍ତିକରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ । ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ସଶକ୍ତିକରଣକୁ ଏହା ଏକ ନୂତନ ଦିଶା ଦେଇଛି ।

ଇତ୍ୟବସରରେ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ପିଡିପି ଏବଂ ବିଜେପିର ମିଳିତ ସରକାର ଶାସନ ଡୋରି ସମ୍ଭାଳିଛନ୍ତି । ଏହି ପରିପ୍ରେକ୍ଷୀରେ, ନିର୍ବାଚନ ସୁପରିଚାଳନା ନିମନ୍ତେ ମିଳିତ ସରକାରର ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ନକାରାତ୍ମକ ମନେହୁଏ । ରାଜନୀତି ବିଜ୍ଞାନର ଜଣେ ଛାତ୍ର ହିସାବରେ ମୋତେ ପ୍ରତୀତ ହୁଏ କି, ଏପରି ମନ୍ତବ୍ୟ ଦୁର୍ଭାଗ୍ୟଜନକ ଓ ଏହା ଜନସାଧାରଣଙ୍କ ମତ ପ୍ରତି ବ୍ୟଙ୍ଗ ସଦୃଶ ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ପ୍ରତିଫଳିତ ହୋଇଛି କେନ୍ଦ୍ରର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷ ପାଇଁ ସଂସଦରେ

ଆଗତ ବଜେଟ୍ ନିରୁତ୍ସାହଜନକ ଓ ପ୍ରହେଳିକାପୂର୍ଣ୍ଣ, ଯେଉଁଥିରେ ଓଡ଼ିଶା ପାଇଁ ସମ୍ପୂର୍ଣ୍ଣ ଅବିଚାର କରାଯାଇଛି। ବାସ୍ତବରେ ଉକ୍ତ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ଏଥିରେ ବିଶ୍ୱ ପ୍ରସିଦ୍ଧ ନବକଳେବର ଯାତ୍ରା ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ବି ଅନୁଦାନ ବ୍ୟବସ୍ଥା କରିନାହାନ୍ତି । ଦେଶର ୯ଟି ଐତିହ୍ୟ ସହରର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିବା ବେଳେ ଓଡ଼ିଶାକୁ ଏଥିରୁ ବାଦ୍ ଦିଆଯାଇଛି । ଫାଇଲିନ୍, ହୁଦ୍‌ହୁଦ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଓଡ଼ିଶା ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର କ୍ଷତିପୂରଣ ବ୍ୟବସ୍ଥା ନାହିଁ । ଉଭୟ ଚତୁର୍ଦ୍ଦଶ ଅର୍ଥ କମିଶନ ଓ କେନ୍ଦ୍ର ବଜେଟ୍ ଓଡ଼ିଶାକୁ ନିରାଶ କରିଛନ୍ତି ।

ସଂଘୀୟ ଗଣତନ୍ତ୍ରର ଦ୍ୱାହି ଦେଉଥିବା ଆଜିର କେନ୍ଦ୍ର ସରକାର ପଶ୍ଚିମବଙ୍ଗ ଓ ବିହାରକୁ ଉଦ୍ଦେଶ୍ୟ ପ୍ରଣୋଦିତଭାବେ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିଥିବା ବେଳେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ନଦେବା ଏହାର ରାଜ୍ୟ ବିରୋଧୀ ମାନସିକତାର ଜ୍ୱଳନ୍ତ ନିଦର୍ଶନ । ସଂଘୀୟ ଶାସନରେ ରାଜ୍ୟଗୁଡିକର ଉନ୍ନତିରେ ରାଷ୍ଟ୍ରୀୟ ଉନ୍ନତି ନିହିତ । ଏଣୁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିବା ପାଇଁ ଚେଷ୍ଟିତ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ଉଚିତ୍ ଜବାବ୍ ଦେଇପାରିଛି ।

କେନ୍ଦ୍ର ସରକାର ଜାଣିଶୁଣି ଓଡ଼ିଶାକୁ ଉପେକ୍ଷା କରୁଥିଲେ ମଧ୍ୟ, ନିଜସ୍ୱ ପାଣ୍ଠିରୁ ସ୍ୱତନ୍ତ୍ରଭାବେ ରାଜ୍ୟ ସରକାର ଅନେକଗୁଡିଏ ଉନ୍ନତିମୂଳକ କାର୍ଯ୍ୟ କରିପାରୁଛନ୍ତି । କେନ୍ଦ୍ରୀୟ ଟିକସ୍‌ର ଅଂଶ ହ୍ରାସ ହୋଇଥିବାରୁ ଆସନ୍ତା ୫ବର୍ଷ ଭିତରେ ଓଡ଼ିଶାକୁ ୪ ହଜାର ୬ଶହ କୋଟି ଟଙ୍କା କ୍ଷତି ସହିବାକୁ ପଡିବ । ପୂର୍ବରୁ ଓଡ଼ିଶାର ଅନୁଦାନ ହାର ୪.୭୮ ପ୍ରତିଶତ ଥିବା ବେଳେ ଏହାକୁ ଚଞ୍ଚକତା କରି ୪.୬ ପ୍ରତିଶତକୁ କମାଇ ଦିଆଯାଇଛି । କେନ୍ଦ୍ର ସରକାର ଯେଉଁ ଶିଳ୍ପ କରିଡର ଘୋଷଣା କରିଛନ୍ତି ସେଥିରେ ମଧ୍ୟ ଓଡ଼ିଶାର ସ୍ଥାନ ନାହିଁ ।

ଏହି ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ ମୁଁ ରଙ୍ଗ ଓ ଆନନ୍ଦର ପର୍ବ ହୋଲିର ଶୁଭେଚ୍ଛା ଜଣାଉଛି ।



ସମ୍ପାଦକ

# ପଞ୍ଚାୟତିରାଜ ଓ ମୋ'ସ୍ୱପ୍ନର ଭାରତବର୍ଷ

ବିଜୁ ପଟ୍ଟନାୟକ

ଷଷ୍ଠ ଦଶକରେ ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କହିଥିଲେ ସରପଞ୍ଚ ହେଉଛି ପଞ୍ଚାୟତିରାଜର ମୁଖ୍ୟମନ୍ତ୍ରୀ । ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ପଞ୍ଚାୟତ ପଞ୍ଚାୟତ ଭିତରେ ଉନ୍ନୟନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିଥିଲେ । ସର୍ବୋତ୍କୃଷ୍ଟ ବିବେଚିତ ଗ୍ରାମପଞ୍ଚାୟତ ସମିତି ପାଇଁ ଜିଲ୍ଲାସ୍ତରରେ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା ।



ଦ୍ୱିତୀୟବାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବାପରେ ଶ୍ରୀ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସକ୍ରିୟ କରିବାକୁ ଉଦ୍ୟମ ଆରମ୍ଭ କଲେ । ନିର୍ବାଚନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସ୍ଥାନ ସଂରକ୍ଷଣ କରାଯିବାରୁ ୨୭ ହଜାର ମହିଳା ନିର୍ବାଚିତ ପ୍ରତିନିଧି ହେବାର ଗୌରବ ହାସଲ କଲେ । ଗ୍ରାମପଞ୍ଚାୟତରେ ସରପଞ୍ଚ ପୁରୁଷ ଥିଲେ ମହିଳା ନାଏବ ସରପଞ୍ଚ ଏବଂ ପଞ୍ଚାୟତିରାଜ ସମିତିରେ ପୁରୁଷ ଚେୟାରମ୍ୟାନ ଥିଲେ, ମହିଳା ଭାଇସ୍ ଚେୟାରମ୍ୟାନ୍ ରହିବା ପାଇଁ ଆଇନ୍ ପ୍ରଣୟନ କରାଗଲା । ଗ୍ରାମାଞ୍ଚଳର ବିକାଶ ପାଇଁ ଆଇନ ପ୍ରଣୟନ କରାଗଲା । ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ବନୀକରଣ, ପୁଷ୍ଟିକର ଖାଦ୍ୟ ଯୋଗାଣ, ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ମହିଳା ପ୍ରତିନିଧିମାନଙ୍କୁ ଦାୟିତ୍ୱରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଲେ ।

୧୯୯୩ ମାର୍ଚ୍ଚ ୫ ତାରିଖ ଦିନ ତାଙ୍କ ଜନ୍ମ ଦିନରେ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା । ଏହି ସମାରୋହରେ ଓଡ଼ିଶାର ପୁରପଲ୍ଲୀରୁ ସମବେତ ହୋଇଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ନିର୍ବାଚିତ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଏହି ଅନୁଷ୍ଠାନଗୁଡ଼ିକୁ ଅଧିକ ଦକ୍ଷ, ସକ୍ରିୟ ଓ ମଜଭୁତ୍ ନ କଲେ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଜନସହଯୋଗ ମିଳିବା କଷ୍ଟକର ହେବ ।

ସେଠାରେ ସ୍ୱର୍ଗୀୟ ପଟ୍ଟନାୟକଙ୍କର ଅଭିଭାଷଣ ନିମ୍ନରେ ପ୍ରଦତ୍ତ ହେଲା -

ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ସଭ୍ୟ, ସଭ୍ୟାବୃନ୍ଦ !

ବହୁତ ଦିନ ତଳେ ମୁଁ ଗୋଟିଏ ନୂଆ ଭାରତ ବର୍ଷର ସ୍ୱପ୍ନ ଦେଖୁଥିଲି । ମୋ ସ୍ୱପ୍ନର ଭାରତ ରେ ଗଣତନ୍ତ୍ର କେଇଜଣ କୁହାଳିଆ ବା ତଥାକଥିତ ବୁଦ୍ଧିଜୀବୀଙ୍କ ବିଳାସ ହୋଇ ରହି ନଥାନ୍ତା । ମୁଁ ସ୍ୱପ୍ନ ଦେଖୁଥିଲି ଏପରି ଏକ ଭାରତବର୍ଷ ଯେଉଁଠାରେ ଗଣତନ୍ତ୍ର କେବଳ ନିର୍ବାଚନସର୍ବସ୍ୱ ହେବ ନାହିଁ । ଏହା ହେବ ଲୋକଙ୍କ ପ୍ରତ୍ୟେକ କ୍ଷେତ୍ରରେ ଘନିଷ୍ଠଭାବେ ଜଡ଼ିତ କରାଇବାର ଏକ ମାଧ୍ୟମ । ଗାଁ ଗଣ୍ଡା ହେଉଛି ଭାରତର ଆତ୍ମା । ମୋ ସ୍ୱପ୍ନର ଭାରତରେ ଗାଁ ଗହଳିରୁ ହିଁ ଗଣତନ୍ତ୍ର ଆରମ୍ଭ ହୋଇ କ୍ରମଶଃ ଉପରକୁ ପ୍ରସାରିତ ହୋଇଥାନ୍ତା ।

୩୨ ବର୍ଷ ତଳେ ମୋତେ ଓଡ଼ିଶାର ଜନସାଧାରଣଙ୍କ ଅଭୂତପୂର୍ବ ସମର୍ଥନ ମିଳିଥିଲା । ସେତେବେଳେ ମୁଁ ଗଣତନ୍ତ୍ରରେ

ଲୋକଙ୍କୁ ସଂଶ୍ଲିଷ୍ଟ କରି ରାଜ୍ୟର ପ୍ରତ୍ୟେକଟି ଗ୍ରାମକୁ ନୂଆକରି ଗଢ଼ିବାର ପ୍ରକ୍ରିୟା ଆରମ୍ଭ କରିଥିଲି । ଏଥିପାଇଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଏବଂ ଲୋକଙ୍କ ହାତରେ କ୍ଷମତା ଓ ଦାୟିତ୍ୱ ଦେବା ପାଇଁ ଅନେକ ନୂଆ ଆଇନ ମଧ୍ୟ ତିଆରି କରାଯାଇଥିଲା । ଷଷ୍ଠ ଦଶକରେ ରାଜନୈତିକ ଝଡ଼ଝଞ୍ଜାରେ ସେହି ସ୍ୱପ୍ନକୁ ସାକାର କରିବାର କାର୍ଯ୍ୟ ଅସମାପ୍ତ ରହିଯାଇଥିଲା। ଆଜି ମୁଁ ଯେତେବେଳେ ପଛକୁ ଫେରି ଚାହୁଁଛି, ମୋତେ କିଛିଟା ହତାଶା, କିଛିଟା ବାକି ରହିଥିବା କାମ ଓ କିଛିଟା ପୂରା ହୋଇ ନ ଥିବା ପ୍ରତିଶ୍ରୁତି ଅସ୍ତବ୍ୟସ୍ତ କରୁଛି ।

ଆପଣମାନଙ୍କର ନାହିଁ ନଥିବା ସମର୍ଥନ ପାଇ ଦ୍ୱିତୀୟ ଥର ପାଇଁ ଆମେ ସମସ୍ତେ ଆମର ଜୟଯାତ୍ରା ଆରମ୍ଭ କରିଛୁଁ । ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ସମ୍ପର୍କରେ ପ୍ରଚଳିତ ଆଇନଗୁଡ଼ିକୁ ସଂଶୋଧନ କରାଯାଇ ତ୍ରିସ୍ତରୀୟ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ଆଇନ ପ୍ରଣୟନ କରାଯାଇଛି । ଗ୍ରାମପଞ୍ଚାୟତ ଓ ପଞ୍ଚାୟତସମିତିଗୁଡ଼ିକ ପାଇଁ ନିର୍ବାଚନ ଶେଷ ହୋଇଛି । ଜିଲ୍ଲା ପରିଷଦ ପାଇଁ ଖୁବ୍ ଶୀଘ୍ର ନିର୍ବାଚନ କରାଯିବ ।

ସେ ସମୟ ଓ ଆଜି ଭିତରେ ଅନେକଟା ତଫାତ୍ ଆପଣମାନେ ଲକ୍ଷ୍ୟ କରୁଥିବେ । ଏହି ପରିବର୍ତ୍ତନର ଆହ୍ୱାନ ହେଉଛି – ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅଧିକ ପ୍ରତିନିଧିମୂଳକ କରିବା, ସେଗୁଡ଼ିକୁ ଅଧିକ କାର୍ଯ୍ୟକାଳ ଦେବା ଓ ସେଥିପାଇଁ ଅଧିକ ସମ୍ବଳର ବ୍ୟବସ୍ଥା କରିବା । କାରଣ ଆମର ଅନୁଷ୍ଠାନଗୁଡ଼ିକ ଅଧିକ ଦକ୍ଷ, ସକ୍ରିୟ ଓ ମଜଭୁତ୍ ନ ହେଲେ ଉନ୍ନୟନ ଯୋଜନା କରିବା ଓ ଜନସହଯୋଗ ମାଧ୍ୟମରେ ସେଗୁଡ଼ିକୁ ଠିକ୍ ରୂପେ କାର୍ଯ୍ୟକାରୀ କରାଇବା ମୁସ୍କିଲ ହେବ । ଏହି ପରିବର୍ତ୍ତନ ମାଧ୍ୟମରେ ଆମେ ବଡ଼ବଡ଼ କଥା ଅପେକ୍ଷା ପ୍ରକୃତ କାମ କରିପାରିବା । ଆମେ କେବଳ କାମ ହିଁ ଚାହୁଁ । ଆପଣମାନଙ୍କ ଭିତରୁ ଅନେକ ପ୍ରଶ୍ନ କରୁଛନ୍ତି –ମୋର କ୍ଷମତା କ'ଣ ? ମୋର କାମ କ'ଣ ? କୌଣସି ବ୍ୟକ୍ତିବିଶେଷକୁ କ୍ଷମତା ଦିଆଯାଏ ନାହିଁ । କ୍ଷମତା ଦିଆଯାଏ ଏକ ପ୍ରତିନିଧିମୂଳକ ବ୍ୟବସ୍ଥାକୁ । ପଞ୍ଚାୟତିରାଜ ବ୍ୟବସ୍ଥା ଏକ ପ୍ରତିନିଧିମୂଳକ ବ୍ୟବସ୍ଥା ହୋଇଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜ ମଙ୍ଗଳ, ଦାରିଦ୍ର୍ୟ ଦୂରୀକରଣ, ବୃକ୍ଷରୋପଣ, ପରିବେଶ, କୃଷି, ପଶୁପାଳନ, ଜଳସେଚନ ଏବଂ ରାସ୍ତାଘାଟ ଆଦି ବିଷୟରେ ନିଷ୍ପତ୍ତି ନେବାର କ୍ଷମତା ଏହି ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । ଏହି ସମ୍ମିଳନୀ ଉପଲକ୍ଷେ ଆପଣମାନଙ୍କୁ ଯେଉଁ ପୁସ୍ତିକା ସବୁ ଦିଆଯାଇଛି, ସେଥିରୁ ଭଲ ଭାବେ ଜଣାଯିବ ଯେ, ଯୋଜନା ତିଆରି କରିବା, ତାକୁ କାର୍ଯ୍ୟକାରୀ କରିବା ଏବଂ ଏ ସମସ୍ତ କାର୍ଯ୍ୟକୁ ତଦାରଖ ଓ ତଦ୍‌ବିର କରିବାର ଦାୟିତ୍ୱ ସବୁ ଆପଣମାନଙ୍କର ।

ଆପଣମାନେ ଯଦି ଏହି କ୍ଷମତାକୁ ବିଜ୍ଞତାର ସହିତ ବ୍ୟବହାର କରନ୍ତି, ତା'ହେଲେ ପଞ୍ଚାୟତିରାଜ ବ୍ୟବସ୍ଥା ମଜଭୁତ୍ ହେବ । କ୍ଷମତା ସାଙ୍ଗକୁ ଆମେ ସମ୍ବଳ ମଧ୍ୟ ହସ୍ତାନ୍ତର କରିବୁ । ରାଜ୍ୟସ୍ତରରୁ କିଭଳି ଭାବେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସମ୍ବଳ ଦିଆଯାଇପାରିବ ସେ ବିଷୟରେ ଏକ ସ୍ୱତନ୍ତ୍ର ଅର୍ଥ କମିଶନ୍ ଟିକିନିଖି କରି ପରୀକ୍ଷାନିରୀକ୍ଷା କରୁଛନ୍ତି । ଏହାର ସୁପାରିଶଗୁଡ଼ିକ ଖୁବ୍ ଶୀଘ୍ର ମିଳିଯିବ । ସମ୍ବଳକୁ ଚାହିଁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବ ।

ଶାସନ ବ୍ୟବସ୍ଥାର ପ୍ରକୃତ ବିକେନ୍ଦ୍ରୀକରଣ ପାଇଁ ମହିଳାମାନଙ୍କୁ ସଂଶ୍ଲିଷ୍ଟ କରାଇବା ଉପରେ ମୁଁ ସଦାବେଳେ ଜୋର୍ ଦେଇଆସିଛି । ନାରୀମାନଙ୍କର ସୃଜନଶୀଳତା ଓ ଶକ୍ତିକୁ ଉପଯୋଗ କରି ତାଙ୍କର ସ୍ୱତନ୍ତ୍ର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏ ଯାବତ୍ କୌଣସି ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇ ନାହିଁ । ସେମାନେ ଏ ପର୍ଯ୍ୟନ୍ତ ସମାଜ ଓ ଶାସନର ମୁଖ୍ୟ ସ୍ରୋତକୁ ଆସିପାରି ନାହାନ୍ତି । ପୁରୁଷପ୍ରଧାନ ସମାଜରେ ସେମାନଙ୍କ ସମସ୍ୟାପ୍ରତି ଯଥାର୍ଥ ଧ୍ୟାନ ଦିଆଯାଇନାହିଁ । ସେମାନଙ୍କଠାରେ ଥିବା ଅନ୍ୟକୁ ପ୍ରବର୍ତ୍ତାଇବା, ସହୃଦୟତା ଓ ସମ୍ବେଦନଶୀଳତା ପ୍ରଭୃତି ଗୁଣଗୁଡ଼ିକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଗୁଣାତ୍ମକମାନ ନିଶ୍ଚିତଭାବେ ବୃଦ୍ଧି କରିବ । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ବୃକ୍ଷରୋପଣ, ପରିବାର କଲ୍ୟାଣ, ମା' ଓ ଶିଶୁର ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ବିକାଶ ଭଳି କାମଗୁଡ଼ିକ ସେମାନଙ୍କ ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ । ମୁଁ ଚାହେଁ, ଉପରୋକ୍ତ ବିଷୟଗୁଡ଼ିକ ପାଇଁ ଯେଉଁ ଷ୍ଟାଣ୍ଡିଂ କମିଟି ରହିବ, ତା'ର ନେତୃତ୍ୱ ମହିଳାମାନେ ନିଅନ୍ତୁ । ତାଙ୍କୁ ପୂର୍ଣ୍ଣ ସୁଯୋଗ ଦିଆଯାଉ ।

ମୁଁ ଏ କଥା ୧୯୬୧ରେ କହିଥିଲି, ଆଜି ମଧ୍ୟ କହୁଛି ଯେ, ଆମେ ସମାଜର ତଳସ୍ତରରେ ନେତା ଓ ନେତ୍ରୀ ଗଢ଼ିବା ପାଇଁ ଉଦ୍ୟମ କରୁଛୁ । ଏହା ଏକ ସହଜସାଧ୍ୟ ବ୍ୟାପାର ନୁହେଁ । ଏହି ଗଣଆନ୍ଦୋଳନକୁ ଆମେ କିଛି ରୂପ, କିଛି ଦିଗ୍‌ଦର୍ଶନ ଏବଂ କିଛି କର୍ତ୍ତୃତ୍ୱ ଦେଉଛୁଁ । ସୁନ୍ଦର ଭବିଷ୍ୟତକୁ ଆଖି ଆଗରେ ରଖି ଅଧିକ ସମ୍ବେଦନଶୀଳତା ଓ ଦୂରଦର୍ଶିତା ସହ ଆମକୁ ଚିନ୍ତା କରିବାକୁ ହେବ । ଆମେ ଗୋଟିଏ ନୂଆ ଶିଶୁ ଗଢୁଛୁଁ – ଏକ ଗଣତାନ୍ତ୍ରିକ ଶିଶୁ, ଯାହାର ଚିନ୍ତାରେ ଓ କାର୍ଯ୍ୟରେ ନେତୃତ୍ୱର ବିକାଶ ଘଟିବ ।

ଲୋକଙ୍କ ଭିତରେ ଯେଉଁ ସୁପ୍ତ ଶକ୍ତି ରହିଛି, ପଞ୍ଚାୟତି ବ୍ୟବସ୍ଥା ମାଧ୍ୟମରେ ତାକୁ ଜାଗ୍ରତ କରିବାକୁ ହେବ, ବିକଶିତ କରିବାକୁ ହେବ ।

ଆମର ସାମୂହିକ ବିଜ୍ଞତା ଦ୍ୱାରା ଆମେ ସମୟକ୍ରମେ ଏପରି ବାଟ ବାହାର କରିବା ଯଦ୍ଦ୍ୱାରା ଜନସାଧାରଣଙ୍କର ବିଶ୍ୱାସ ଓ ନେତୃତ୍ୱକୁ ଆଧାର କରି ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ସମ୍ଭବ ହେଉଥିବା କାର୍ଯ୍ୟଠାରୁ ବହୁ ଅଧିକ ସଫଳତା ହାସଲ କରାଯାଇପାରିବ ।

ସବୁଠାରେ ଦୋଷ ତ୍ରୁଟି ଅଛି ଏବଂ ରହିବ । ମଣିଷ ଚରିତ୍ର ଓ ପ୍ରକୃତିକୁ ମୁଁ ଯାହା ବୁଝିଛି, ଏଥିରେ କିଛି ଅସ୍ୱାଭାବିକତା ନାହିଁ । ଆମେ ଏଭଳି ଏକ ଶାସନ ଢାଞ୍ଚା ତିଆରି କରିବା ଯେଉଁଥିରେ କି ପ୍ରତ୍ୟେକ ସ୍ତ୍ରୀ, ପୁରୁଷ, ବଡ଼ ହେଉ କି ଛୋଟ ହେଉ, ଉତ୍କୃଷ୍ଟ ହେଉ କି ନିକୃଷ୍ଟ ହେଉ, ନିଜ ପ୍ରତିଭା ବିକାଶ ପାଇଁ ସୁଯୋଗ ପାଇବେ । ଚୀନ ଦାର୍ଶନିକ ଡାଇ ତୁଙ୍ଗ କହିଥିଲେ, 'ଯଦି ଆମେ କୌଣସି ଏକ କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ କରିବାକୁ ବସିବା, ଆମକୁ ଅନନ୍ତକାଳ ପାଇଁ ଅପେକ୍ଷା କରିବାକୁ ହେବ ।' ଆମ ହାତରେ ସମୟ ନାହିଁ । ଗଲା ତିରିଶ ବର୍ଷ ଭିତରେ ଅନେକ କିଛି ସୁଯୋଗ ଆମର ହାତଛଡ଼ା ହୋଇଯାଇଛି । ତେଣୁ ଆମକୁ ଆଜି ସଙ୍କଳ୍ପ ନେବାକୁ ହେବ – ବିଜ୍ଞତା, ଦୂରଦୃଷ୍ଟି, କରୁଣା ଓ ଉଦ୍ଧମ ବୁଝାମୁଣାକୁ ପୁଞ୍ଜି କରି ଆମେ ଆମ ନିଜର ସମସ୍ୟା ସମାଧାନର ରାସ୍ତା ବାହାର କରିବା ।

❖ ❖ ❖

# ଭୂମିପୁତ୍ର

**ବିମଳା ସିଂହ**

'ମୁକୁଟ ବିହୀନ ସମ୍ରାଟ' ହେ ତୁମେ
କଳିଙ୍ଗର ବୀର ପୁଅ
ଅମର ରାଇଜେ ହେ ବିଜୟାନନ୍ଦ
ପାଳଟିଛ ସ୍ମୃତି ଖିଅ
ଜନମ ମରଣ ପରିଧି ଭିତରେ
ତୁମେ ସିନା ଶୋଇ ରୁହ
ତୁମରି ଜୀବନ ସଳିତା ତଥାପି
ଜଳୁଅଛି ଅହରହ
ଆହେ 'ଭୂମିପୁତ୍ର' 'ଝଡ଼ର ଇଗଲ୍'
ନିରବ ପଥର ଯାତ୍ରୀ
ବିଶ୍ୱ ଦରବାରେ ନିଜ କୀର୍ତ୍ତି ବଳେ
ମହାନ୍ କରିଛ ଧାତ୍ରୀ
ତୁମେ ପରା ଥିଲ ସଖା ସହୋଦର
ଗରିବ କୃଷକ ପ୍ରଜା

ସର୍ବହରା ଆଉ ଶୂନ୍ୟ ହୃଦୟର
ସାଥୀ ହେ 'କଳିଙ୍ଗ ରାଜା'
ସମୟ ଗାଉଛି ମାଟି ମାଆ ବୁକେ
ତୁମ ରାଜନୀତି କଥା
ମୁଖ୍ୟମନ୍ତ୍ରୀ ଅବା କେନ୍ଦ୍ରମନ୍ତ୍ରୀ ହେଉ
ନୁଆଇଁ ନଥିଲ ମଥା
ଦୂର ଦିଗ୍‌ବଳୟୁ ବିଜୟର ମାଳା
ଲଭିଥିଲ ଦିନେ ପରା
ସେଇ ସବୁ ଯଶ ତୁମ ପଉରୁଷ
ବୁହାଏ ସ୍ମୃତିର ଧାରା
'ପଞ୍ଚାୟତିରାଜ' ଦିବସ ନାମରେ
ଶୂନ୍ୟ ଝୁଲଣା ଆମେ
ଭରିଛୁ ଆମେ ହେ ! 'ମାଟିର ମଣିଷ'
ଏକ ସ୍ମୃତି ଫୁଲ ନାମେ ।


୧୨୨୩, ମଲ୍ଲିକ କମ୍ପ୍ଲେକ୍ସ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର– ୩୦

# ସେଇ ଡେଙ୍ଗା ଲୋକଟିର ସ୍ମୃତିରେ...

**ଅଧ୍ୟାପକ ବିଶ୍ୱରଂଜନ**

ବାରମ୍ବାର ମନେ ପଡୁଛି ସେଇ ଡେଙ୍ଗା ଲୋକଟିର କଥା, ଯିଏ ଠିଆ ହୋଇଗଲେ ଓଡ଼ିଶା ତା'ର ଆତ୍ମପରିଚୟ ଖୋଜି ପାଉଥିଲା। ଆତ୍ମବିଶ୍ୱାସ ଫେରି ପାଉଥିଲା। ଯିଏ ଥିଲା ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ଓଡ଼ିଶା ପାଇଁ ଅସୁମାରି ସ୍ୱପ୍ନ ଓ ସଂକଳ୍ପର ମହାନାୟକ। ଯାହାର ଚେହେରା ଓ ଚରିତ୍ର ଖାଲି ନୁହେଁ, ଚାଲିରେ ଓ ଚଳଣିରେ, ଚାହାଣିରେ ଓ ଚେତନାରେ ଥିଲା ଭିନ୍ନ ଏକ ଚମକ। ଯିଏ ଠିଆ ହୋଇ ପଡିଲେ ସବୁରି ଦୃଷ୍ଟି ସ୍ୱତଃ ଆକର୍ଷିତ ହୋଇ ଯାଉଥିଲା ତାହାରି ଆଡକୁ। ଯାହା ମୁହଁରୁ ପଦେ କଥା ବାହାରି ପଡିଲେ ଆରମ୍ଭ ହୋଇ ଯାଉଥିଲା ଅନ୍ତହୀନ ବିତର୍କର ଝଡ ଏବଂ ସେ ଝଡ ଝଙ୍କାର ତୋଳୁଥିଲା ସମଗ୍ର ଦେଶରେ।

ହଁ, ସେଇ ଡେଙ୍ଗା ଲୋକ, ବିମାନରେ ଉଡ଼ି ବୁଲୁଥିଲେ ବି ମାଟି ଉପରୁ ଯିଏ ନିଜର ନାଭିମୂଳ ଛିନ୍ନ କରି ନଥିଲା। ମାଟିର ମଣିଷମାନଙ୍କୁ ମନର ମଣିଷ କରିବାରେ ଅସରନ୍ତି ସ୍ନେହ-ଶ୍ରଦ୍ଧା ଅଜାଡ଼ି ଦେଇଥିଲା, ମୁଣ୍ଡ ଉଠେଇ ଠିଆ ହେବା ଲାଗି ସେମାନଙ୍କ ଭିତରେ ଶକ୍ତି ଓ ସାହସ ଭରି ଦେଇଥିଲା। ହଁ କଳିଙ୍ଗ ଭୂଇଁରୁ ମୁଣ୍ଡ ଟେକିଥିବା ଭାରତୀୟ ରାଜନୀତିର ସେଇ ଡେଙ୍ଗା ଲୋକଟି ଆଉ କେହି ନୁହେଁ, ବିଜୁ ପଟ୍ଟନାୟକ। ଅନେକ କାହାଣୀ ଓ କିମ୍ବଦନ୍ତୀର ନାୟକ। ବିଶାଳ ଓ ବ୍ୟତିକ୍ରମ ବିଜୁ ପଟ୍ଟନାୟକ। ବ୍ରିଟିଶ୍-ଇଣ୍ଡିଆରୁ ଆରମ୍ଭ କରି ସ୍ୱାଧୀନ ଭାରତ ଯାଏଁ କେତେ ସଂଗ୍ରାମର ସେନାପତି। କେତେ ରୋମାଞ୍ଚକର, ଦୁଃସାହସିକ ଅଭିଯାନର ଅଗ୍ରଣୀ ଅଭିଯାତ୍ରୀ।



ଏବେ ମଧ୍ୟ ଏହି ଲୋକଟିର ମନ-ଦର୍ପଣରେ ପ୍ରତିବିମ୍ବିତ ହୋଇ ଉଠେ ଅଦ୍ଭୁତ, ଅଭିନବ ସେ ଦୃଶ୍ୟ। ଭୁବନେଶ୍ୱର ବିମାନଘାଟୀରୁ ଆରମ୍ଭ କରି ପୁରୀର ସ୍ୱର୍ଗଦ୍ୱାର ଯାଏଁ ସୁଦୀର୍ଘ ପଥର ଧାରେ ଧାରେ ବ୍ୟାକୁଳ ହୃଦୟରେ ଅପେକ୍ଷାରତ ଶୋକାକୁଳ ଜନତାଙ୍କ ଭିଡ଼। ଶ୍ରୀକ୍ଷେତ୍ରରେ ସତେ ଯେମିତି ଆଉ ଗୋଟେ ରଥଯାତ୍ରା । ଆଉ ଜଣେ ଠାକୁରଙ୍କ ନବକଳେବର। ନବକଳେବରରେ ଶ୍ରୀଜଗନ୍ନାଥଙ୍କୁ ତ ପୁଣି ଦେଖିହେବ। ଦେଖିହେବ ମଧ୍ୟ ପ୍ରତିବର୍ଷ ରଥଯାତ୍ରା । ମାତ୍ର ଏ ଯେଉଁ ରଥଯାତ୍ରା ଏହାର କ'ଣ ପୁନରାବୃତ୍ତି ଅଛି ? ଏହା ତ ଅନ୍ତିମ। ମହାନିଦ୍ରାରେ ଶାୟିତ ଏ ମାଟିର ମହାନ୍ ନାୟକଟି ସ୍ୱର୍ଗଦ୍ୱାରର ବାଲି ଉପରୁ ଚିରଦିନ ପାଇଁ ଅଦୃଶ୍ୟ ହୋଇଯିବ ଊର୍ଦ୍ଧ୍ୱଗାମୀ ବହ୍ନିଶିଖାର ବଳୟ ଭିତରେ। ସାକ୍ଷୀ ରହିଥିଲା କେତେ ସମୁଦ୍ର। ନୀଳ ଜଳରାଶିର ତରଙ୍ଗାୟିତ ସମୁଦ୍ର। ପୁଣି ଭାବରେ ଉଦ୍‌ବେଳିତ ଜନସମୁଦ୍ର। ପ୍ରତ୍ୟକ୍ଷାନୁଭୂତିର ସେଇ ସ୍ମୃତିଚିତ୍ର ଏବେ ମଧ୍ୟ ଝଲସି ଉଠେ ଏହି ଲେଖକର ଭାବନାରେ।

ସାରା ମୁଲକରେ କେତେବେଳେ କେଉଁଠି, କାହା ପାଖରେ ଯାଇ ଠିଆ ହୋଇ ଯାଉଥିଲା ସେଇ ଡେଙ୍ଗା ଲୋକଟି ଅଭୟ ମୁଦ୍ରାରେ । ବଢେଇ ଦେଉଥିଲା ତା'ର ବଳିଲା ହାତ ପାଠ ପଢ଼ିବାକୁ ପଇସା ନାହିଁ ତ କିଛି ଚିନ୍ତା ନାହିଁ – ପଇସା ପହଞ୍ଚିବ ଠିକ୍

ସମୟରେ। ସେଇ ପଇସା ଓ ପାଠପଢ଼ାରେ ଦେଶ ବିଦେଶରେ କିଏ ପ୍ରଫେସର ତ କିଏ ଅଫିସର, କେଉଁ ବୁଢ଼ିର ଦରୋଟି କଥାରେ ମଜୁରୀ ବଢିଗଲା ଦଶରୁ ପଚିଶି – କେଉଁ ଝିଅ ବା ବୋହୂ ପାଖରେ ଯାଇ ମାଗିଲାଣି– ବାଢି ଦେ ତୋ କଂସାରେ କିଛି ଶାଗ-ପଖାଳ, କେଉଁ କାକୁଡି ବିକାଳୀର ପସରାରୁ କିଣି ଖାଇ ସାରିଲାଣି ସବୁ କାକୁଡ଼ି। କେଉଁ ରିକ୍ସାବାଲାର ରିକ୍ସାରେ ହେଲାଣି ଶହେ ଟଙ୍କାର ସବାରୀ, ସ୍ନେହଭିଜା ଏମିତି କେତେ ସ୍ମୃତି ଓ କେତେ କଥା ! ନା – ଏସବୁ ସେଇ ଡେଙ୍ଗା ଲୋକଟିର ତୁଚ୍ଛା ରାଜନୈତିକ ଅଭିନୟ ନ ଥିଲା, ଏଥିରେ ଥିଲା ମଣିଷକୁ ଲୋଡିବାର, ଭଲପାଇବାର ଭାବସତ୍ତା। ପ୍ରାଣଟିଏ ପ୍ରାଣକୁ ଛୁଇଁ ଯାଉଥିଲା। ଏ ଛୁଆଁରେ କେହି ଅଛୁଆଁ ନଥିଲେ କେହି ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱୀ ନଥିଲେ।

ଓଡ଼ିଶାକୁ ନେଇ ଡେଙ୍ଗା ଲୋକଟି ସ୍ୱପ୍ନ ଦେଖୁଥିଲା ସତ, ହେଲେ ଏ ସ୍ୱପ୍ନଦର୍ଶନରେ ନିଜକୁ ବା ନିଜର ମୂଳକକୁ ବିଚ୍ଛିନ୍ନ କରି ରଖିବାର ସଂକୀର୍ଣ୍ଣ ଭାବ ନଥିଲା। ଅତୀତର ପ୍ରିୟ କଳିଙ୍ଗ ସହିତ ବର୍ତ୍ତମାନର ଜ୍ଞାନବିଜ୍ଞାନ ସମୃଦ୍ଧ ବିଶ୍ୱକୁ ଯୋଡିବାର, ନିଜ ନୀଡ଼ରେ ବସି ବିଶ୍ୱକୁ ଗବାକ୍ଷ ଖୋଲି ଦେବାର ପ୍ରବଳ ଆକାଂକ୍ଷା ଥିଲା। ସେଇ ଆଗ୍ରହ ଓ ଉଦ୍ୟମର ଫଳଶ୍ରୁତି ହେଲା ୟୁନେସ୍କୋ ମାଧ୍ୟମରେ ଆନ୍ତର୍ଜାତିକ ସ୍ତରରେ 'କଳିଙ୍ଗ ପୁରସ୍କାର'ର ପ୍ରତିଷ୍ଠା। ନିଜ ମାଟିରେ କୌଣସି ପ୍ରତିଭାକୁ ଆବିଷ୍କାର କରିବା ମାତ୍ରେ ଆର୍ଥିକ ସହାୟତା ଦେଇ ବିଶେଷ ଜ୍ଞାନ ହାସଲ ପାଇଁ ବିଦେଶ ପଠେଇବାରେ ତାଙ୍କ ଆଗ୍ରହର କୌଣସି ଅନ୍ତ ନଥିଲା। ଉଦ୍ଦେଶ୍ୟ, ସେମାନେ ବାହାରକୁ ଯାଆନ୍ତୁ, ଜ୍ଞାନ ସଂଗ୍ରହ କରି ଫେରି ଆସନ୍ତୁ, ନିଜ ସ୍ୱପ୍ନଭୂମି, ଜନ୍ମ ଭୂମିକୁ ବିକଶିତ କରିବା ଲାଗି।

ହଁ, ସେଇ ଡେଙ୍ଗା ଲୋକଟିର ବିଶାଳ ବ୍ୟକ୍ତିତ୍ୱ କେବଳ ଓଡ଼ିଶାର ଭୂଗୋଳ, ଇତିହାସ ଓ ରାଜନୀତିର ବନ୍ଧନୀ ଭିତରେ ବନ୍ଧା ନ ପଡି ସଂପ୍ରସାରିତ ହୋଇ ଯାଇଥିଲା ଏକ ବୃହତ୍ତର ବିଶ୍ୱ ଜୀବନର ପରିଧି ଭିତରକୁ। ନିଜ ଭୂମିରେ ବହୁ ସ୍ମରଣୀୟ ଭୂମିକା ତୁଲେଇବା ସଂଗେ ସଂଗେ ଅନ୍ୟ ଭୂମିରେ 'ଭୂମିପୁତ୍ର'ର ଗୌରବ ଲାଭ କରିବାରେ ମଧ୍ୟ ସେ ସମର୍ଥ ହୋଇଥିଲା।

ଆମ ଜାତୀୟ ଜୀବନରେ ଯେତେବେଳେ କିଛି ସଂକଟ ଉପୁଜୁଥିଲା, ସେତେବେଳେ ସେଇ ଡେଙ୍ଗା ଲୋକଟିକୁ ଖୋଜା ପଡୁଥିଲା ଏବଂ ସେ ମଧ୍ୟ ତା'ର ଉପସ୍ଥିତି ଜାହିର୍ କରି ସଂକଟ ସମାଧାନର ନିଜର ବୁଦ୍ଧି, ବିଚାର, ଶକ୍ତି ଓ ସାମର୍ଥ୍ୟର ପରିଚୟ ଦେଉଥିଲା। ଜୀବନରେ କେବଳ ତୁଚ୍ଛା ସ୍ୱପ୍ନକୁ ନେଇ ନୁହେଁ, କିମ୍ବା ଅତୀତରେ ରୋମାଣ୍ଟିକ୍ ଭାବ ବିହ୍ୱଳତାକୁ ନେଇ ନୁହେଁ, ବର୍ତ୍ତମାନର ବାସ୍ତବତାକୁ ସେ ସବୁବେଳେ ସାମ୍ନା କରିଛି। ସଂଗ୍ରାମ ଭିତରେ, ସଂଘର୍ଷ ଭିତରେ, ସକଳ ପ୍ରତିକୂଳ ପରିସ୍ଥିତି ଭିତରେ ଗତି କରିବାରେ ହିଁ ତା'ର ସ୍ଥିତି। ବିପଦ ଭିତରେ ବଞ୍ଚିବାରେ ଥିଲା ତା'ର ବ୍ୟକ୍ତିତ୍ୱର ପ୍ରଭାବ ଓ ପ୍ରତିଷ୍ଠା।

ହଁ, ସେଇ ଡେଙ୍ଗା ଲୋକଟି ଦଳୀୟ ରାଜନୀତିରେ ଥିଲା ସତ, ହେଲେ ସଂକୀର୍ଣ୍ଣ ଦଳୀୟ ଦୃଷ୍ଟିକୋଣର ଉର୍ଦ୍ଧ୍ୱରେ ଥିଲା ସଦାମୁକ୍ତ, ପ୍ରସାରିତ। ରାଜନୀତିରେ ଥାଇ କ୍ଷମତା ଲୋଡିଥିଲା। କ୍ଷମତା ଲାଭ କରିଥିଲା। ମାତ୍ର କ୍ଷମତା ତା'ର ବ୍ୟକ୍ତିସତ୍ତାକୁ ଆଦୌ ଗ୍ରାସ କରି ନଥିଲା। ତା'ର ସ୍ୱାଧୀନ ଚିନ୍ତାକୁ ହରଣ କରି ନଥିଲା। ସେ ବି ସମ୍ପତ୍ତି ଅର୍ଜି ଥିଲା । ପ୍ରଚୁର ସମ୍ପତ୍ତି । ମାତ୍ର ସେ ସମ୍ପତ୍ତିକୁ ନିଜ ଦଳ ପାଇଁ ଅବା ସମୂହ ସ୍ୱାର୍ଥ ପାଇଁ ପାଣି ଭଳି ଖର୍ଚ୍ଚ କରିଦେବାରେ ତା'ର କୌଣସି କୁଣ୍ଠା ବା କାର୍ପଣ୍ୟ ନଥିଲା। ବେଳେବେଳେ କୌଣସି ବ୍ୟକ୍ତି ବା ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖିଲେ ଫୁଟି ବାହାରି ପଡୁଥିଲା ତା'ର କ୍ରୋଧ। ମାତ୍ର ସାମୟିକ କ୍ରୋଧର ପରିପ୍ରକାଶ ବା ବାହ୍ୟ ପ୍ରଦର୍ଶିତ କଠୋରତା ସତ୍ତ୍ୱେ ସ୍ନେହସିକ୍ତ କୋମଳ ମନଟିଏ ଯେ ତା ଭିତରେ ଲୁଚି ରହିଥିଲା, ତାର ପରିଚୟ ଅନେକ ପାଇଛନ୍ତି। ଅଜସ୍ର ଉଦାହରଣ ଏହାର ରହିଛି।

ପିତୃଦତ୍ତ ଶୁଭନାମ 'ବିଜୟାନନ୍ଦ'ରୁ ଅଗଣିତ ପ୍ରିୟଜନଙ୍କ ଶ୍ରଦ୍ଧାନାମ 'ବିଜୁ'ରେ ନିଜକୁ ପରିଣତ କରିଦେବା ଥିଲା ସେଇ ଡେଙ୍ଗାଲୋକଟିର ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ। 'ବିଜୟାନନ୍ଦ'ରୁ 'ବିଜୁ'ର ଏ ରୂପାନ୍ତର କମ୍ ସାଧନାର କଥା ନୁହେଁ। ମାତ୍ର ଏ ସାଧନାରେ ସେଇ ଡେଙ୍ଗା ଲୋକଟି ସିଦ୍ଧିଲାଭ କରିଥିଲା। ସେଥିରେ ହିଁ ଥିଲା ତା' ଜୀବନର ସାର୍ଥକତା, ତା' ବ୍ୟକ୍ତିତ୍ୱର ବିଶାଳତା ।

ନେତାଜୀ ନିବାସ
୧୯୯, କଂସାରିଝର
ୟୁନିଟ୍ – ୬, ଭୁବନେଶ୍ୱର

❖ ❖ ❖

# ବିଜୁ ପଟ୍ଟନାୟକ: ପଞ୍ଚାୟତିରାଜର ପ୍ରବର୍ତ୍ତକ

ସୁକାନ୍ତ କିଶୋର ମହାନ୍ତି

ଓଡ଼ିଶାର ପ୍ରବାଦ ପୁରୁଷ, ଓଡ଼ିଆର ପ୍ରିୟ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଜଣେ ସାମାଜିକ ବିଜ୍ଞାନୀ ନଥିଲେ ମଧ ତାଙ୍କର ପଞ୍ଚାୟତିରାଜର ପରିକଳ୍ପନା ଓ ସଫଳ ରୂପାୟନ ଏ ଦେଶ ପାଇଁ ଆଲୋକ ବର୍ତ୍ତିକା । ଏହାଦ୍ୱାରା ଗଣତନ୍ତ୍ରରେ କ୍ଷମତାର ବିକେନ୍ଦ୍ରୀକରଣ, ତୃଣମୂଳ ସ୍ତରରେ ଥିବା ଲୋକ ପ୍ରତିନିଧିତ୍ୱ କରିବାକୁ ଆଗେଇ ଆସିଥିବା ଜନନେତାଙ୍କ ମଧ୍ୟରେ ଦାୟିତ୍ୱବୋଧର ଗୁଣବତ୍ତାକୁ ବିକଶିତ କରିବାର ପ୍ରଚେଷ୍ଟାର ପ୍ରବର୍ତ୍ତକ ଥିଲେ ।

ତାଙ୍କର ନିଜସ୍ୱ ଦୂରଦୃଷ୍ଟି ଫଳରେ ପଞ୍ଚାୟତିରାଜ ବ୍ୟବସ୍ଥା ଓ ଗ୍ରାମୀଣ ବିକାଶର ମୂଳଦୁଆ ଗତ ଶତାବ୍ଦୀର ଷାଠିଏ ଦଶକରେ ପଡ଼ିଥିଲା । ଗ୍ରାମୀଣ ସଭ୍ୟତାର ତୃଣମୂଳ ସ୍ତରରେ ଥିବା ଜନସାଧାରଣଙ୍କ ପ୍ରବଳ ଇଚ୍ଛାଶକ୍ତି ଓ କାମରେ କରି ଦେଖାଇବାର ପ୍ରଚେଷ୍ଟା, ଏହା ସେମାନଙ୍କୁ ଶାସନ ପରିଚାଳନା କ୍ଷେତ୍ରରେ ସହଭାଗୀତାରେ ଅଂଶଗ୍ରହଣ କରିବା, ଶତପ୍ରତିଶତ ସଫଳ ହେବାର ବିଶ୍ୱାସ ରଖିଥିଲେ ସେଦିନର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ । ଏହିପରି ଅନେକ କଥାରେ, ତାଙ୍କର ଦୂରଦୃଷ୍ଟିର ତୀକ୍ଷ୍ଣ ବିଚାରଧାରା ଗ୍ରାମୀଣ ବିକାଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦେଇଥିଲା ।

୧୯୬୦ରେ ପ୍ରଥମ କରି ଓଡ଼ିଶାରେ ପଞ୍ଚାୟତ ଶିଳ୍ପର ଅବଧାରଣା, ତାଙ୍କର ପ୍ରଖର ମସ୍ତିଷ୍କର ଦୂରଦୃଷ୍ଟିର ପ୍ରତୀକ କହିଲେ କିଛି ଅତିକଥନ ହେବନାହିଁ । ସବୁବର୍ଗର ମହିଳାମାନଙ୍କର ଏକ–ତୃତୀୟାଂଶ ଅଂଶଗ୍ରହଣ ବ୍ୟବସ୍ଥାକୁ ପଞ୍ଚାୟତିରାଜରେ ପ୍ରତିନିଧିତ୍ୱ କରୁଥିବା ସଂରକ୍ଷଣ ବ୍ୟବସ୍ଥାର ସୂତ୍ରପାତ ସେ କରିଥିଲେ । ତାଙ୍କର ଏହା ଏକ ପରିପକ୍ୱ ଓ ଯୁଗାନ୍ତକାରୀ ପଦକ୍ଷେପ । ୧୯୯୦ର ଓଡ଼ିଶାରେ କାର୍ଯ୍ୟକାରୀ କରିଥିବା ସଂରକ୍ଷଣ ବ୍ୟବସ୍ଥାକୁ ପରବର୍ତ୍ତୀ ସମୟରେ ସମଗ୍ର ଦେଶର ନାରୀ ସମାଜ ଏହାର ସ୍ୱାଦ ଅନୁଭବ କରିଥିଲେ । ତେଣୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହିଁ ଏକ–ତୃତୀୟାଂଶ ନାରୀ ସଂରକ୍ଷଣର ପ୍ରବର୍ତ୍ତକ ଥିଲେ । ତାଙ୍କର ବିଧିବ୍ୟବସ୍ଥାର ସୁଫଳତାକୁ ଉପଲବ୍ଧି କରି ତତ୍‌କାଳୀନ କେନ୍ଦ୍ର ସରକାର ଏହାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ୧୯୯୨ରେ ୭୩ତମ ସମ୍ବିଧାନ ସଂଶୋଧନ କରିଥିଲେ । ଉକ୍ତ ସଂଶୋଧିତ ବିଧିବ୍ୟବସ୍ଥା ବିଜୁବାବୁଙ୍କ ସାହସିକ ପଦକ୍ଷେପର ସଫଳ ପ୍ରତିଫଳନ ।

ତେଣୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ବିସ୍ତାରିତ ଭାବରେ ଅନୁଧ୍ୟାନ କରିବା ପାଇଁ ବିଜୁବାବୁଙ୍କ ସ୍ୱପ୍ନ ଓ ସଫଳ ରୂପାୟନ ଅବଲୋକନ କରାଯାଇପାରେ । ଯାହା ଓଡ଼ିଶା ପ୍ରଥମ କରି ଚିନ୍ତା କରୁଥିଲା ବା କାର୍ଯ୍ୟାରମ୍ଭ କରିବାର ପ୍ରଚେଷ୍ଟା ଜାରି ରଖିଥିଲା, ତାହାହିଁ ପରବର୍ତ୍ତୀ ସମୟରେ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲା ।

ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକୁ ଯଥାର୍ଥ ଭାବରେ ଗଢ଼ିତୋଳିବା ପାଇଁ ଓ ଏହାକୁ ତୃଣମୂଳ ସ୍ତରରେ ଥିବା ସଦର ମହକୁମାରେ ପ୍ରତିଷ୍ଠିତ କରାଇବାର ପ୍ରୟାସ କରାଯାଇଥିଲା ବିଜୁବାବୁଙ୍କ ପ୍ରଥମ ମୁଖ୍ୟମନ୍ତ୍ରୀ ହେବା ସମୟରୁ । ଏହାଦ୍ୱାରା କ୍ଷମତାର ବିକେନ୍ଦ୍ରୀକରଣ ଓ ତୃଣମୂଳ ସ୍ତରରେ ଥିବା ଗ୍ରାମୀଣ ଜନପ୍ରତିନିଧିଙ୍କ ମଧ୍ୟରେ ଗଣତନ୍ତ୍ର ଓ ଦାୟିତ୍ୱବୋଧ ବିକଶିତ କରିବାର ପ୍ରଚେଷ୍ଟା କହିଲେ ଭୁଲ ହେବ ନାହିଁ । ୧୯୫୭ ମସିହାରେ ପ୍ରକାଶିତ (ବଳବନ୍ତ ରାୟ ମେହେଟା କମିଟିର) ରିପୋର୍ଟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତୁରନ୍ତ ଅନୁଧ୍ୟାନ କରି ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି (ବ୍ଲକ) ଓ ଜିଲ୍ଲା ପରିଷଦର ଗଠନ ବ୍ୟବସ୍ଥାକୁ ସେ ଉପଲବ୍ଧି କରିଥିଲେ । ଗ୍ରାମୀଣ ବିକାଶ

ପାଇଁ ଏହାଥିଲା ଏକ ସମନ୍ୱୟଭିତ୍ତିକ ବ୍ୟବସ୍ଥା । ଏପରି ଏକ ପରିକଳ୍ପନା ଥିଲା ପ୍ରଥମ ଓ ଅନନ୍ୟ ।

ପଞ୍ଚାୟତିରାଜ ବ୍ୟବସ୍ଥା ଆଗରୁ ଥିଲା କିନ୍ତୁ ଏହାର କାର୍ଯ୍ୟକାରିତାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ମହାତ୍ମାଗାନ୍ଧୀ ଗ୍ରାମକୁ ଏକକ ଭାବେ ବିଚାର କରି ଏହାର ଉନ୍ନତି ହେଲେ ଦେଶର ପ୍ରଗତି ହେବାର ବାର୍ତ୍ତା ପ୍ରଚାର କରିଥିଲେ । ଯାହା ସମ୍ବିଧାନର ଧାରା ୪୦ରେ ଗାନ୍ଧୀଙ୍କର ଭାବନାର ପ୍ରତିଧ୍ୱନିତ ସ୍ୱର ପରିପ୍ରକାଶ ହୋଇଛି । ରାଜ୍ୟଗୁଡ଼ିକ ଗ୍ରାମମାନଙ୍କରେ ପଞ୍ଚାୟତ ଗଠନ କରିବାର ଦାୟିତ୍ୱ ନେବା ସହିତ ସେଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ପ୍ରଶାସନ କରିବାର ଏକ ଅନୁଷ୍ଠାନଭାବେ ଗଢ଼ିତୋଳିବାରେ ସହାୟକ ହେବେ।

ଉକ୍ତ ଧାରା ୪୦ରେ ଥିବା ଉଦ୍ଦେଶ୍ୟକୁ କ୍ରିୟାଶୀଳ କରି ତୃଣମୂଳ ସ୍ତରରେ ପ୍ରତିଫଳନ କରିବାର ପ୍ରୟାସ ଆରମ୍ଭ ହେଲା– । ପ୍ରକୃତରେ ୭୩ ଓ ୭୪ତମ ସମ୍ବିଧାନ ସଂଶୋଧନ (୧୯୯୨) ଦେଶର ତ୍ରିସ୍ତରୀୟ ଶାସନ ପ୍ରଣାଳୀରେ ଏକ ଅଭୂତପୂର୍ବ ପରିବର୍ତ୍ତନ କହିଲେ ଭୁଲ ହେବ ନାହିଁ ।

୭୩ତମ ସଂବିଧାନ ସଂଶୋଧନ ଅନୁଯାୟୀ ଗ୍ରାମପଞ୍ଚାୟତଗୁଡ଼ିକରେ ନାରୀମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ରହିଲା । ଏହା ଦେଶର ସମସ୍ତ ରାଜ୍ୟରେ ଲାଗୁ କରାଗଲା । ପଞ୍ଚାୟତମାନେ ନିଜର ବଜେଟ ପ୍ରସ୍ତୁତ, ଟ୍ୟାକ୍ସ ସଂଗ୍ରହ ଓ ନିଜସ୍ୱ ପ୍ଲାନ ତିଆରି କରିବାର ଅଧିକାର ପାଇଲେ । ସମସ୍ତ ରାଜ୍ୟରେ ରାଜ୍ୟ ନିର୍ବାଚନ କମିଶନର ଭାବେ ଜଣେ ଅଧିକାରୀ ରହିବାର ବ୍ୟବସ୍ଥା ହେଲା । ପ୍ରତି ପାଞ୍ଚବର୍ଷରେ ରାଜ୍ୟ ଅର୍ଥ କମିଶନ ଗଠନ କରାଯାଇ ପ୍ରତି ପଞ୍ଚାୟତଗୁଡ଼ିକର ଆର୍ଥିକ ସମ୍ବଳ ସ୍ଥିତି ଅନୁଧାନ କରିବାର ବ୍ୟବସ୍ଥା ରହିଲା ।

ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଯଦ୍ୱାରା ସାରା ଦେଶରେ ଜନପ୍ରତିନିଧି ଗଣତନ୍ତ୍ରର ସହଭାଗୀ ହୋଇ ଦେଶର ପ୍ରକୃତ ବିକାଶରେ ସହାୟକ ହେଉଛନ୍ତି । ସୁଖର କଥା ଏହା ମଧ୍ୟରୁ ଏକ ତୃତୀୟାଂଶ ମହିଳା, ଯେଉଁମାନେ ପ୍ରଥମ କରି ରାଜ୍ୟର ଉନ୍ନତିକଳ୍ପେ, ପ୍ରକଳ୍ପଗୁଡ଼ିକର ରୂପରେଖର ଆଲୋଚନା, ପର୍ଯ୍ୟାଲୋଚନା ଓ ଅନୁମୋଦନରେ ନିଜର ମତାମତ ରଖିବା ସହିତ ଏହାର ସୁଫଳକୁ ସମାଜର ସବୁବର୍ଗର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ବାର୍ତ୍ତାବହ ସାଜିଛନ୍ତି ।

ଓଡ଼ିଶାର ପଞ୍ଚାୟତିରାଜ ବ୍ୟବସ୍ଥା ଅନ୍ୟ ରାଜ୍ୟମାନଙ୍କଠାରୁ ଭିନ୍ନ ଥିଲା–, ଯାହାର ମୁଖ୍ୟ ପ୍ରବର୍ତ୍ତକ ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ଓଡ଼ିଶାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ୧୯୫୯ ମସିହାରେ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଗ୍ରାମାଞ୍ଚଳରେ ପଞ୍ଚାୟତ ବ୍ୟବସ୍ଥା ଥିଲା, ଯାହା ଗ୍ରାମପଞ୍ଚାୟତ ଆଇନ ୧୯୪୮ ଦ୍ୱାରା ପରିଚାଳିତ ହେଉଥିଲା । ୧୯୫୯ ମସିହାରେ ପଞ୍ଚାୟତ ଓ ଜିଲ୍ଲା ପରିଷଦ ଆଇନରେ ପରିବର୍ତ୍ତନ କରାଯାଇଥିଲା ।

୧୯୬୧ ମସିହାର ପ୍ରାରମ୍ଭରେ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦଗୁଡ଼ିକ ଓଡ଼ିଶାରେ ପ୍ରଥମ କରି ଗଠନ କରାଯାଇଥିଲା । ବ୍ଲକସ୍ତରରେ ବି.ଡି.ଓ. ଚେୟାରପରସନ୍ ରହିବାବେଳେ ଜିଲ୍ଲା ପରିଷଦରେ ଜଣେ ନିର୍ବାଚିତ ସଭାପତି ରହିଥିଲେ । ତେଣୁ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଅୟମାରମ୍ଭ ୧୯୬୧ରେ ହୋଇଥିଲା ।

୧୯୬୧ରେ ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ଅବଧିର ସ୍ୱଳ୍ପତାକୁ ବିଚାରକୁ ନନେଇ ଲୋକାଭିମୁଖୀ କାର୍ଯ୍ୟଧାରାକୁ ଅବଲୋକନ କରାଯାଇପାରେ । ତାଙ୍କର କ୍ଷମତାର ବିକେନ୍ଦ୍ରୀକରଣ କରିବାର ନିଜସ୍ୱ ମୌଳିକ ଭାବନା ଉକ୍ତ ସମୟରେ କେତେଗୁଡ଼ିଏ ଗ୍ରାମାଭିମୁଖୀ ପ୍ରକଳ୍ପର ଉଦାହରଣ ଦିଆଯାଇପାରେ । ପଞ୍ଚାୟତ ଶିକ୍ଷାନୁଷ୍ଠାନ ବିଭିନ୍ନ ପଞ୍ଚାୟତ ସ୍ତରରେ ସ୍ଥାପିତ କରାଯାଇଥିଲା ।

୧୯୬୧ ନଭେମ୍ବର ୨୦ରେ ଓଡ଼ିଶା ବିଧାନସଭାର ପବିତ୍ର ଗୃହରେ ତାଙ୍କର ବକ୍ତବ୍ୟରେ ଗଣତାନ୍ତ୍ରିକ ଚିନ୍ତାଧାରା ଓ ପଞ୍ଚାୟତ ବ୍ୟବସ୍ଥାର ପ୍ରୟୋଗାତ୍ମକ ଭବିଷ୍ୟତର ଏକ ପ୍ରତିଫଳନ କହିଲେ ଭୁଲ ହେବନାହିଁ । ତାଙ୍କ ମତରେ ପଞ୍ଚାୟତ ବ୍ୟବସ୍ଥା ଏଭଳି ଏକ ମଣିଷଗଢ଼ା କାରଖାନା, ସେଥିରୁ ଅନେକ ଜନସାଧାରଣକୁ ସାଦୃଶ୍ୟଭାବେ କାର୍ଯ୍ୟନିର୍ବାହୀ ରୂପେ ସ୍ୱତଃ ଗଢ଼ାଯାଇ ପାରିବ । ତାଙ୍କର ଗଭୀର ବିଶ୍ୱାସ ଥିଲା, ଉକ୍ତ ଅନୁଷ୍ଠାନର କାର୍ଯ୍ୟଧାରା ଜନପ୍ରତିନିଧିମାନଙ୍କୁ ଅଧିକ ଅନୁଭବୀ ଓ ଦାୟିତ୍ୱବାନ କାର୍ଯ୍ୟନିର୍ବାହୀ ରୂପେ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ, ଯାହାକି ତଥାକଥିତ ଇଂରେଜ ପଢ଼ୁଆ ଅମଲାମାନଙ୍କ ଦ୍ୱାରା ସମ୍ପାଦିତ କାର୍ଯ୍ୟାନ୍ୱୟଠାରୁ ଅଧିକ ଗତିଶୀଳ ହୋଇପାରିବ ।

ବିଜୁବାବୁ ଏଭଳି ଜଣେ ରାଜନେତା ଥିଲେ, ଯେକି ସମାଜର ପ୍ରତିବର୍ଗର ଲୋକମାନଙ୍କ ମନରେ ଥିବା ଆଶା ତଥା ଉଚ୍ଚାଭିଳାଷକୁ ଅନୁଭବ କରିପାରୁଥିଲେ । ରାଜ୍ୟର ସମସ୍ତ ବିଧାୟକମାନଙ୍କୁ ବିଧାନସଭାରେ ଭାଷଣ ମାଧ୍ୟମରେ ଲୋକମାନଙ୍କ ସହିତ ମିଶିବା, ସେମାନଙ୍କ ମନକୁ ଜିଣିବା ସହିତ

ପଞ୍ଚାୟତ ସ୍ତରରେ ଲୋକପ୍ରତିନିଧିମାନଙ୍କ ସହିତ ସମନ୍ୱୟ ରଖିବାର ଆବଶ୍ୟକତାକୁ ଦୋହରାଇ ଥିଲେ ।

ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଏକ ପ୍ରୟୋଗାତ୍ମକ ଲୋକାଭିମୁଖୀ ମଣିଷଗଢ଼ା କାରଖାନାରୁ କର୍ମଦକ୍ଷ ବିଶ୍ୱାସୀ କାର୍ଯ୍ୟନିର୍ବାହୀ ସୃଷ୍ଟି କରିବାରେ ସଫଳ ହେବେ, ଯାହା ଆଜିର ପ୍ରଶାସନିକ ଅମଲାମାନଙ୍କଠାରୁ ସମଷ୍ଟିଗତ ଭାବେ କାର୍ଯ୍ୟଦକ୍ଷ ହୋଇପାରିବ । ବାସ୍ତବିକ ସେ ଅନୁଭବ କରିଥିଲେ ସାମାଜିକ ବ୍ୟବସ୍ଥାରେ ଦଣ୍ଡାୟମାନ ବ୍ୟକ୍ତିବିଶେଷଙ୍କୁ ଗଣତନ୍ତ୍ରର ବ୍ୟବସ୍ଥାରେ ଦାୟିତ୍ୱ ନିର୍ବାହ କରିବାରେ ସୁଯୋଗ ପ୍ରଦାନ କରାଇବ । ଏହାଦ୍ୱାରା ସାମୂହିକ ଭାବେ ପ୍ରକୃତ ନେତୃତ୍ୱ ନେବାର ଅନୁଭବୀ ନେତା ସୃଷ୍ଟି କରିବାରେ ସଫଳ ହେବେ ।

ବିଧାୟକ ବା ସାଂସଦମାନଙ୍କ ସିଧାସଳଖ ପଞ୍ଚାୟତିରାଜ ବ୍ୟବସ୍ଥାରେ ହସ୍ତକ୍ଷେପକୁ ବିଜୁବାବୁ ବରଦାସ୍ତ କରୁନଥିଲେ । ତାଙ୍କର ବାର୍ତ୍ତା ଥିଲା, ନିଜ ପଞ୍ଚାୟତର କାମ, ସେମାନେ ନିଜେ କରନ୍ତୁ । କିଛି ଭୁଲ ହେଲେ ସେଥିରୁ ଶିକ୍ଷାଲାଭ କରି ପରବର୍ତ୍ତୀ ସମୟରେ ସଫଳ ହେବେ । କିନ୍ତୁ ବିଧାୟକ ଓ ସାଂସଦମାନେ ସେମାନଙ୍କ କମିଟିଗୁଡ଼ିକରେ ତାଙ୍କର ସୁଚିନ୍ତିତ ମତାମତ ଦେବାରେ କୌଣସି ଅସୁବିଧା ନାହିଁ । ସାମୂହିକ ଭାବେ ଉନ୍ନତି ପାଇଁ ଉଦ୍ଦିଷ୍ଟ କୌଣସି କମିଟିରେ ଅଂଶଗ୍ରହଣ କରି, ତାଙ୍କର ଭୋଟଦେଇ ଉକ୍ତ ପ୍ରକଳ୍ପଟିକୁ ଅନୁମୋଦନ କରିବାରେ ସହାୟକ ହେବେ । ଏହାଦ୍ୱାରା ସୁସ୍ଥଗଣତନ୍ତ୍ରର ପରମ୍ପରା ବଜାୟ ରହିବ । ତେଣୁ ସିଧାସଳଖ ହସ୍ତକ୍ଷେପ, ତାଙ୍କ ମତରେ ଥିଲା ଭୁଲ ଓ ବିକାଶର ପରିପନ୍ଥୀ ।

ବିଜୁବାବୁ ସବୁସମୟରେ ମହାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମୂଲ୍ୟଭିତ୍ତିକ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତାଙ୍କ ସମସ୍ତ ସହଯୋଗୀ ବିଧାୟକ ଓ ସାଂସଦମାନଙ୍କୁ ବୁଝାଇବାର ପ୍ରଚେଷ୍ଟା ଜାରି ରଖିଥିଲେ । ପଞ୍ଚାୟତ ସମିତି ଦ୍ୱାରା ବ୍ୟଥିତ ହୋଇଥିବା ଅନ୍ୟ ସହଯୋଗୀଙ୍କୁ ବୁଝାଇବାକୁ ଯାଇ ଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ, ଏହାଦ୍ୱାରା ଆମ୍ଭେମାନେ 'ବାପୁ'ଙ୍କର ଗ୍ରାମପଞ୍ଚାୟତ ବ୍ୟବସ୍ଥା ଓ କ୍ଷମତା କେନ୍ଦ୍ରିତ ଗ୍ରାମୀଣ ବିକାଶରେ ବାଧା ସୃଷ୍ଟି କରିବା ଛଡ଼ା ଅନ୍ୟ କିଛି ନୁହେଁ । ତେଣୁ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ପ୍ରଦୂଷିତ କରାନଯାଉ ।

୧୯୬୧ ମସିହାରେ ଓଡ଼ିଶାର ୧୩ଗୋଟି ଜିଲ୍ଲା ପରିଷଦ, ୩୧୪ ପଞ୍ଚାୟତ ସମିତିର ଶୁଭାରମ୍ଭ ହେଲା । ଏକଥା କହିବା ବାହୁଲ୍ୟ ସେସମୟରେ ପଞ୍ଚାୟତ ସରପଞ୍ଚମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ କୁହାଗଲା । ତେଣୁ ବିଜୁବାବୁ ଷାଠିଏ ଦଶକରେ ଏକ କ୍ରିୟାଶୀଳ ଓ ଗତିଶୀଳ ମୁଖ୍ୟମନ୍ତ୍ରୀ, ଯେକି ସହୃଦୟତାର ସହିତ ଗ୍ରାମାଞ୍ଚଳରେ ଗରିବ ଲୋକର ସମସ୍ୟା ଓ ସମାଧାନର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ତେଣୁ କୃଷିଭିତ୍ତିକ ଶିଳ୍ପର ପରିକଳ୍ପନା କରି ବିଭିନ୍ନ ଗ୍ରାମପଞ୍ଚାୟତରେ ପଞ୍ଚାୟତ ଶିଳ୍ପମାନ ପ୍ରତିଷ୍ଠା କରିଥିଲେ । ଏହା ଥିଲା ତାଙ୍କର ମାନସପୁତ୍ର ସଦୃଶ । ଉକ୍ତ ସ୍କିମ୍‌ରେ ଗୋଟିଏ ବର୍ଷରେ ୭ଟି ଚିନିକଳ, ୨୦ଟି ଟାଇଲ ତିଆରି କାରଖାନା, ୧୦ କାଠଶିଳ୍ପାନୁଷ୍ଠାନ, ଅନ୍ୟ ୧୦ଟି ଗ୍ରାମ୍ୟଶିଳ୍ପାନୁଷ୍ଠାନ ସହିତ ଗୋଟିଏ କାଗଜକଳ ପ୍ରତିଷ୍ଠା ହୋଇପାରିଥିଲା ।

ପଞ୍ଚାୟତ ଓ ବ୍ଲକ ସ୍ତରରେ ସ୍ଥାପିତ ଶିଳ୍ପର ସଫଳ ରୂପାୟନ ପାଇଁ ସେମାନଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା ହୋଇଥିଲା । ପ୍ରତି ପଞ୍ଚାୟତକୁ ୨୫,୦୦୦ ଟଙ୍କା ଓ ବ୍ଲକମାନଙ୍କୁ ଏକଲକ୍ଷ ଟଙ୍କା ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରାଯାଇଥିଲା । ତତ୍‌ସହିତ ସମବାୟ ସଂସ୍ଥାରୁ ଋଣ ଆଣି ଅଧିକ କାରଖାନା ବସାଇବାର ବ୍ୟବସ୍ଥା ମଧ୍ୟ କରାଇଥିଲେ । ତତ୍‌ସହିତ ଦେଶର ପ୍ଲାନିଙ୍ଗ କମିଶନର ଉକ୍ତ ପଞ୍ଚାୟତଶିଳ୍ପ ଯୋଜନାର ସଫଳ ରୂପାୟନକୁ ଅନୁଧ୍ୟାନ କରି ଉକ୍ତ ମଡେଲର ପଞ୍ଚାୟତଶିଳ୍ପ ଅନ୍ୟ ରାଜ୍ୟରେ ବ୍ୟବସ୍ଥା କରିବା ପାଇଁ ସୁପାରିଶ କରିଥିଲେ ।

ସୁଖର କଥା, ଉକ୍ତ ପଞ୍ଚାୟତଶିଳ୍ପର ସଫଳତାର ଚାବିକାଠିକୁ ଅଧିକ ତନ୍ନ ତନ୍ନ କରି ଜାଣିବା ପାଇଁ ଅନେକ ଅର୍ଥନୀତି ଅଧ୍ୟାପକ ନିଜର ଗବେଷଣା ଜାରି ରଖିଲେ ଓ ଏଥିପାଇଁ ପି.ଏଚ୍‌ଡି. ଡିଗ୍ରୀ ମଧ୍ୟ ପାଇ ପାରିଥିଲେ । ବିଦେଶୀରାଷ୍ଟ୍ର, ଯୁକ୍ତରାଷ୍ଟ୍ର ଆମେରିକାର ତତ୍‌କାଳୀନ ରାଷ୍ଟ୍ରଦୂତ ଚେଷ୍ଟର ବାଓ୍ୱଲ୍‌ସ (Chester Bowles)ଙ୍କ ରଚିତ ପୁସ୍ତକ 'ମେକିଙ୍ଗ ଅଫ୍ ଗ୍ରେଟ୍ ସୋସାଇଟି'ରେ ବର୍ଣ୍ଣନା କରି କହିଥିଲେ, ଯଦି ଉକ୍ତ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଏ, ତେବେ ଓଡ଼ିଶା ଶିଳ୍ପାୟନରେ ଜାପାନର ସମକକ୍ଷ ହୋଇପାରିବ । ଏହି ପରିପ୍ରେକ୍ଷୀରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଭାରତର ପଞ୍ଚାୟତ ଶିଳ୍ପର ଜନକ ଆଖ୍ୟା ଦିଆଯାଇପାରେ ।

ପ୍ରକୃତପକ୍ଷେ ପଞ୍ଚାୟତଶିଳ୍ପ ଏକ ଅନନ୍ୟ ଯୋଜନାଭାବେ ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହୋଇଥିଲା । ବିଜୁ ପଟ୍ଟନାୟକ ଯାହା କରୁଥିଲେ, କେନ୍ଦ୍ର ସରକାର ପରେ ଉକ୍ତ ପ୍ରଥା ଅବଲମ୍ବନ କରୁଥିଲେ । ଜିଲ୍ଲା ଶିଳ୍ପକେନ୍ଦ୍ରର ପ୍ରତିଷ୍ଠା କେନ୍ଦ୍ର ସରକାର ଦଶବର୍ଷ ପରେ ଆରମ୍ଭ କରିଥିଲେ । କୁଟୀରଶିଳ୍ପର ପ୍ରାଧାନ୍ୟ ୧୯୬୦ରେ

ଓଡ଼ିଶାରେ ଆରମ୍ଭ ହୋଇଥିଲାବେଳେ ଏହି ବାବଦରେ ପ୍ରୋତ୍ସାହନ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୭୦ରେ କାର୍ଯ୍ୟକାରୀ ହୋଇଥିଲା ।

ଓଡ଼ିଶାର ପ୍ରଥମ ରାଜନେତା, ଯେ ଦୃଢ଼ଭାବରେ ନିଜର କାର୍ଯ୍ୟକୁ ସମ୍ପାଦନ କରୁଥିଲେ । ଏହାଥିଲା ତାଙ୍କର ଜନ୍ମଗତ ସଦ୍‌ଗୁଣ । ବିଜୁ ପଟ୍ଟନାୟକଙ୍କ ଦେହାବସାନ ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ ବିଜୁ ପଟ୍ଟନାୟକଙ୍କୁ ଝଡ଼ର ଇଗଲ ଓ ମାଟିର ମୂର୍ତ୍ତିକାର ଭାବେ ବର୍ଣ୍ଣନା କରି ଯଥାର୍ଥ ଭାବରେ ତାଙ୍କର ସାହସିକ ପଦକ୍ଷେପର ସୂଚନା ପ୍ରଦାନ କରିଥିଲେ । ୫ ମାର୍ଚ୍ଚ ତାଙ୍କର ଜନ୍ମଦିନ । ଉକ୍ତ ଦିନଟି ଆମ ରାଜ୍ୟର ପଞ୍ଚାୟତିରାଜ ଦିବସ । ତାଙ୍କର କାର୍ଯ୍ୟଶୈଳୀ ଥିଲା ଦୃଢ଼ ଓ ଆମ ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥା ବି ଦୃଢ଼ ଓ ଆଗୁଆ । ବିଶେଷକରି ବିଜୁବାବୁ ୨ୟ ଦଫା ମୁଖ୍ୟମନ୍ତ୍ରିତ୍ୱ ଗ୍ରହଣ କରିଥିଲେ, ୫ ମାର୍ଚ୍ଚ ୧୯୯୦ରେ ।

ନାରୀମାନଙ୍କର ଏକ-ତୃତୀୟାଂଶ ପ୍ରତିନିଧିତ୍ୱ ସହିତ ସେମାନଙ୍କର ନିଷ୍ପତ୍ତି ନେବାର ସହଭାଗୀତାକୁ ପ୍ରାଥମିକତା ଦେଇଥିଲେ । ଯଦ୍ୱାରାକି ବିଜୁବାବୁ ଓଡ଼ିଶାରେ ଉପରୋକ୍ତ ନୂତନ ବ୍ୟବସ୍ଥାର ପ୍ରୟୋଗଶାଳା ରୂପେ କାର୍ଯ୍ୟାରମ୍ଭ କରିଥିଲେ । ତାଙ୍କ ଦୂରଦୃଷ୍ଟିର ସଫଳତାକୁ ଆଉପାଦେ ଆଗେଇନେଇ ୧୯୯୧ ମାର୍ଚ୍ଚ ମାସରେ ଓଡ଼ିଶା ବିଧାନସଭାରେ ତିନୋଟି ବିଲ୍‌କୁ ଗୃହୀତ କରାଇ ନେଇଥିଲେ (ଯଥା- ଗ୍ରାମପଞ୍ଚାୟତ ବିଲ୍- ୧୯୯୧, ଓଡ଼ିଶା ଜିଲ୍ଲା ପରିଷଦ ଆଇନ- ୧୯୯୧, ଓଡ଼ିଶା ପଞ୍ଚାୟତ ସମିତି ସଂଶୋଧିତ ଆଇନ-- ୧୯୯୧) । ବିଶେଷ ଭାବରେ ଉକ୍ତ ଆଇନ ଦ୍ୱାରା ସମାଜର ଅବହେଳିତ, ନିଷ୍ପେଷିତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ମହିଳାବର୍ଗଙ୍କୁ ଏକ-ତୃତୀୟାଂଶ ପ୍ରତିନିଧିତ୍ୱ କରିବାର ସୁଯୋଗ ଉପଲବ୍ଧି ହୋଇଥିଲା ।

ବିଜୁବାବୁ ନବେ ଦଶକର ଶାସନର ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆମୂଳଚୂଳ ପରିବର୍ତ୍ତିତ ଢାଞ୍ଚାରେ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଥିଲେ । ତାଙ୍କରି ନେତୃତ୍ୱରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ ଓ ଓଡ଼ିଶା ପଞ୍ଚାୟତ ସମିତି ଆଇନ-୧୯୫୯ ଗୁଡ଼ିକ ସଂଶୋଧିତ ହୋଇଥିଲା । ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୧୯୯୧ରେ କାର୍ଯ୍ୟକାରୀ କରାଯାଇ ଜିଲ୍ଲା ପରିଷଦ ଜିଲ୍ଲାସ୍ତରରେ ଗଠନ କରାଗଲା ।

ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ସଂଶୋଧିତ ଆଇନରେ ଅନେକ ଲୋକାଭିମୁଖୀ ବିଷୟର ଅବତାରଣା କରାଯାଇପାରେ ।

ନିମ୍ନଲିଖିତ ତିନିଗୋଟି ବିଷୟ ଗ୍ରାମପଞ୍ଚାୟତ ଆଇନକୁ ଆଲୋଚନା କଲେ ଉପଲବ୍ଧି ହେବ:-

-ସଂରକ୍ଷଣ ଭିତ୍ତିରେ ନାଏବ ସରପଞ୍ଚ ଜଣଙ୍କ ମହିଳାଭାବେ ନିର୍ବାଚିତ ହେବେ, ଯେଉଁ ପଞ୍ଚାୟତର ସରପଞ୍ଚ ପୁରୁଷ ହୋଇଥିବେ ।

-ଏକ-ତୃତୀୟାଂଶ ୱାର୍ଡ଼ଗୁଡ଼ିକ ମହିଳାମାନଙ୍କ ପାଇଁ ସଂରକ୍ଷିତ (ଯାହା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମହିଳାଙ୍କୁ ମିଶାଇ)

-ମହିଳା ଓ ଶିଶୁବିକାଶ, ସାମାଜିକ ବନୀକରଣ, ଗ୍ରାମୀଣ ଗୃହ ନିର୍ମାଣ, କୁଟୀର ଶିଳ୍ପ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି ସମ୍ବେଦନଶୀଳ ବିଭାଗର ତଦାରଖ ଦାୟିତ୍ୱ ପଞ୍ଚାୟତ ସ୍ତରରେ ନ୍ୟସ୍ତ କରାଯାଇଥିଲା ।

ପଞ୍ଚାୟତ ସମିତି ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ନିମ୍ନୋକ୍ତ ବିଷୟକୁ ଧ୍ୟାନ ଦିଆଯାଇପାରେ ।

-ଏକ-ତୃତୀୟାଂଶ ସମିତି ସଭ୍ୟ ମହିଳାଙ୍କ ପାଇଁ ସଂରକ୍ଷିତ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମହିଳାଙ୍କ ସହିତ)

-ବ୍ଲକ ଚେୟାରମ୍ୟାନ ପୁରୁଷ ହୋଇଥିବା ବେଳେ ଭାଇସ୍ ଚେୟାରମ୍ୟାନ ମହିଳାଙ୍କ ପାଇଁ ସଂରକ୍ଷଣ ହେବାର ବ୍ୟବସ୍ଥା ।

୧୯୯୧ରେ ଜିଲ୍ଲା ପରିଷଦକୁ ପୁନଃ ଗଠନ ଓ କାର୍ଯ୍ୟକ୍ଷମ କରାଯାଇଥିଲା, ଯାହା ୧୯୬୮ ମସିହାଠାରୁ ବିଲୋପ ହୋଇଯାଇଥିଲା । ଜିଲ୍ଲା ପରିଷଦ ଯେଉଁ କ୍ଷମତା କେନ୍ଦ୍ରଭାବେ ଆଜି ପ୍ରତିଷ୍ଠିତ, ତାହା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ହୋଇଥିଲା ।

ଜିଲ୍ଲା ପରିଷଦର ବ୍ୟବସ୍ଥାକୁ ଅନୁଧ୍ୟାନ କଲେ, ନିମ୍ନଲିଖିତ ବିଷୟକୁ ଅବଲୋକନ କରାଯାଇପାରେ । -ଜିଲ୍ଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ସଂଖ୍ୟାକୁ ବିଚାରକୁ ନେଇ ସମାନୁପାତିକ ସଂରକ୍ଷଣ ବ୍ୟବସ୍ଥା କରାଇବା । -

ଏକ-ତୃତୀୟାଂଶ ସଭ୍ୟ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସଭ୍ୟଙ୍କ ସହିତ)

-ଜିଲ୍ଲା ପରିଷଦର ସଭାପତି ପୁରୁଷ ହୋଇଥିବାବେଳେ ଉପସଭାପତି ମହିଳାଙ୍କ ପାଇଁ ସଂରକ୍ଷଣ ହୋଇଥାଏ ।

ବିଶେଷଭାବେ ଦୁଇ ସନ୍ତାନରୁ ଅଧିକ ଜନକ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲଢ଼ିପାରିବେ ନାହିଁ । ତତ୍‌ସହିତ ଏକରୁ ଅଧିକ ଥିବା ସ୍ତ୍ରୀ ଗ୍ରହଣ କରିବା ପୁରୁଷମାନେ ନିର୍ବାଚନରୁ ବଞ୍ଚିତ ହେବାର ଆଇନ କରାଗଲା ।

ବସ୍ତୁତଃ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ତୃଣମୂଳ ସ୍ତରରେ ସ୍ୱୟଂସମ୍ପୂର୍ଣ୍ଣ ପଞ୍ଚାୟତିରାଜ ପ୍ରତିଷ୍ଠାର ଷାଠିଏ ଦଶକର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସେ ସଫଳ ହୋଇଥିଲେ, ନବେ ଦଶକରେ । ଏହା ବିଜୁବାବୁଙ୍କ ଦୂରଦୃଷ୍ଟିର ଏକ ନିଚ୍ଛକ ନମୁନା । ଲୋକମାନଙ୍କର ଆବଶ୍ୟକତାକୁ ମର୍ମେ ମର୍ମେ ଉପଲବ୍ଧି କରି ସେମାନଙ୍କୁ ଶାସନର ଡୋରି ଧରାଇ ତୃଣମୂଳ ସ୍ତରରେ ବିକାଶକୁ ତ୍ୱରାନ୍ୱିତ କରାଇବାର ପ୍ରଚେଷ୍ଟାକୁ ଜାରି ରଖିଥିଲେ । ଉପରୋକ୍ତ ସିଦ୍ଧାନ୍ତଗୁଡ଼ିକ ସଫଳ ଭାବରେ ରୂପାୟନ ହୋଇପାରିଲେ, ଏହା ହେବ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ପ୍ରକୃଷ୍ଟ ସମ୍ମାନ ଜ୍ଞାପନ ।

ସେକ୍ଟର – ୯, ସି.ଡ଼ି.ଏ
ମର୍କତନଗର, କଟକ – ୧୪

# ଅତୀତ

**ଚିନ୍ମୟ ସାହୁ**

ସେଠି କଟକ କ’ଣ ନା କେନ୍ଦୁଝର
ସମଗ୍ର ଉତ୍କଳ ଯେମିତି
ଆନନ୍ଦର ରଂଗ ମାଖି
ଖେଳିଯାଏ ଭାବନାରେ
ଆପଣାର ଆପଣା ପଣ ରଖି ।
ସେ ଖୁସୀ ବୋଧେ
କେହି କଳନା କରିପାରେନା
ଗୋଟାଏ ତାରା ଭରା ଜହ୍ନରାତିରେ ।
କାଗଜର ଡଙ୍ଗା ଭଳି
ମତୁଆଲା ସୁଅରେ ଭାସି ଚାଲେ
ଖୁସୀ ସବୁକୁ ହାତମୁଠାରେ ନେଇ
ରହି ଯାଇଥିବା
ପଛ କଥା ଭୁଲି ମନ ଆଗକୁ
ସ୍ମୃତିରେ ଫେଡ଼ି ହୋଇ ।
ରହି ଯାଏନା ଆଉ
ଆଶାରେ ଆଶାୟୀର
ଆକାଶକୁ ଚାହିଁ ରହିଥିବା ଆଖି
ନଦୀରେ ପାଣି ଛୁଟେ
ସାଗରରେ ମହାଆନନ୍ଦରେ ମିଶିବାକୁ
ଆଉ ଅନ୍ଧାର ଦିଶେ ନାହିଁ ଆଗକୁ
ଯେତେ ବଡ଼ ପାହାଡ଼
ଛେକି ବସିଥିଲେ ଆଲୋକର ରାସ୍ତାକୁ ।
ଏମିତି ତ ଏଠି ଗରିମା ଫୁଲ ଫୁଟେ
ଆପଣାର କଳା ଚାତୁରୀରେ
ଆମ ଗାଁ ପୁଅ ଫେରାଇ ଆଣେ
ଋତୁରାଜ ସାଜି
ଆପଣାର ହଜିଲା କୀର୍ତ୍ତି ।
କୋଇଲିର କୁହୁ ତାନରେ
ଉତ୍କଳ ଚମକେ
ମାଟି ମା’ ହୋଇଯାଏ ଧନ୍ୟ
ଯଶର ପାର୍ବଣରେ
ଫେରି ପାଇ
ଆପଣା ଅତୀତ ॥

ବୀରବରପୁର
କେନ୍ଦୁଝର–୨

# ସ୍ମୃତିରେ ପଞ୍ଚାୟତିରାଜ ଅନୁଷ୍ଠାନ

ସ୍ୱପ୍ନେଶ୍ୱର ବାୟା

ସ୍ୱାଧୀନତା ଲାଭ ପୂର୍ବରୁ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସ୍ୱାଧୀନତା ପରେ ୨୫ ଗୋଟି ଗଡ଼ଜାତ ଓଡ଼ିଶା ପ୍ରଦେଶରେ ମିଶି ବର୍ତ୍ତମାନର ଓଡ଼ିଶା ଗଠିତ ହେଲା। ସ୍ୱାଧୀନତା ସଂଗ୍ରାମ ବେଳେ ଓଡ଼ିଶାରେ ପଞ୍ଚାୟତ ଗଠନର ସ୍ୱର ଉଠାଇ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ- ସତ୍ୟ ଶାନ୍ତି ପଥେ ଚାଲ ଅବିରତ, ଗ୍ରାମେ ଗ୍ରାମେ ସର୍ବେ କର ପଞ୍ଚାୟତ। ୧୯୪୮ ମସିହାରେ ଓଡ଼ିଶା ପ୍ରଦେଶରେ ଓଡ଼ିଶା ଗ୍ରାମପଞ୍ଚାୟତ ବିଧେୟକ ପ୍ରଣିତ ହୋଇଥାଏ। ଉକ୍ତ ବିଧେୟକ ଅନୁସାରେ ୧୯୫୦-୫୧ରୁ ୧୯୫୧-୫୨ ମଧ୍ୟରେ ୨୩୪୧ ଗୋଟି ଗ୍ରାମପଞ୍ଚାୟତ ଗଠନ କରାଗଲା। ଉକ୍ତ ବିଧେୟକରେ ଗ୍ରାମସଭା, ପଲ୍ଲୀସଭା, ଗ୍ରାମପଞ୍ଚାୟତର କ୍ଷମତା ଓ ଦାୟିତ୍ୱ ଏବଂ ପଞ୍ଚାୟତ ଅଦାଲତର କ୍ଷମତା ଓ ଦାୟିତ୍ୱ ସମ୍ବନ୍ଧରେ ବ୍ୟବସ୍ଥାମାନ କରାଯାଇଥିଲା। ଅବଶ୍ୟ ସେତେବେଳେ ପ୍ରଦେଶ ସାରା ଗ୍ରାମପଞ୍ଚାୟତ ବ୍ୟବସ୍ଥା କରାନଯାଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗ୍ରାମପଞ୍ଚାୟତମାନ ପ୍ରତିଷ୍ଠା କରାଯାଇଥିଲା। ମୂଳ ବିଧେୟକରେ ଥିବା ବ୍ୟବସ୍ଥା କେତେକ ପରିବର୍ତ୍ତନ ସହ ବର୍ତ୍ତମାନ ଚଳି ଆସୁଅଛି।

ଭାରତ ସମ୍ବିଧାନ ୧୯୫୦ ମସିହାରେ କାର୍ଯ୍ୟକାରୀ ହେବା ପରେ ପଞ୍ଚାୟତ ବ୍ୟବସ୍ଥାର ବିଭିନ୍ନ ପ୍ରକାର ପରୀକ୍ଷାନିରୀକ୍ଷା କରାଯାଇ ୧୯୬୧ ମସିହାରେ ରାଜ୍ୟରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଦୃଢ଼ ଭିତ୍ତି ସ୍ଥାପନ କରିଥିଲେ ମହାନ ନେତା ବିଜୁ ପଟ୍ଟନାୟକ । ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ମଧ୍ୟରୁ ପଞ୍ଚାୟତ ସମିତି ମଧ୍ୟମ ସ୍ତରର ଅନୁଷ୍ଠାନ ଅଟେ। ପଞ୍ଚାୟତ ସମିତି ବା ବ୍ଲକ ଗ୍ରାମାଞ୍ଚଳ ବିକାଶର ମୁଖ୍ୟ ଭୂମିକା ଆଜି ପର୍ଯ୍ୟନ୍ତ ନିର୍ବାହ କରି ଆସୁଅଛି।

ଏହିପରି ଏକ ବ୍ଲକର ନାମ ବନ୍ଧୁଗାଁ। ୧୯୭୪ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଉକ୍ତ ବ୍ଲକରେ ବି.ଡି.ଓ. ଭାବରେ କାର୍ଯ୍ୟ କରିବାର ଅନୁଭୂତି ସର୍ବଦା ଅବିସ୍ମରଣୀୟ ହୋଇ ରହିଛି। କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍‌କୁ ସବୁଦିନିଆ ରାସ୍ତା ନଥିଲା। କୋରାପୁଟରୁ ନାରାୟଣ ପାଟଣା ବସ୍‌ରେ ଯାଇ ଚାଲିବାକୁ ପଡେ। ଝଞ୍ଜାବତୀ ନଦୀ ପାର ହେବାକୁ ପଡ଼େ। ପାହାଡ଼ିଆ ନଦୀରେ ନୌକା ନଥାଏ। ପ୍ରବଳ ବର୍ଷା ହେଲେ ଯାତାୟାତ ବନ୍ଦ। ଅନ୍ୟ ସମୟରେ ନଦୀରେ ପଶି ଯିବାକୁ ପଡେ। ବେଳେବେଳେ ପହଁରିବାକୁ ପଡ଼ିଥାଏ। ଗ୍ରୀଷ୍ମ ଋତୁରେ ନଦୀ ମଧ୍ୟରେ ଖରାଦିନିଆ ରାସ୍ତା ତିଆରି ହେଲେ ବ୍ଲକ୍ ଜିପ୍‌ରେ ଯିବାର ସୁଯୋଗ ମିଳେ। ଚାଲିକରି ଯିବା ବେଳେ ସାଙ୍ଗରେ ଅନୁଗତ ସହକର୍ମୀ ଥାଆନ୍ତି। ଅନେକ ଥର ବନ୍ଧୁଗାଁ ପୋଷ୍ଟ ପିଅନ ଡ଼ାକ ବ୍ୟାଗ ଧରି ଯାଉଥିବାର ଦୃଷ୍ଟିକୁ ଆସେ। ସେତେବେଳର ବନ୍ଧୁଗାଁ ବ୍ଲକ୍‌ରେ ଥାନା, ହାଇସ୍କୁଲ, ପାଇପ ଜଳ ଓ ଅଫିସ୍ ପାଇଁ ଗୃହ ନଥିଲା। ବିଦ୍ୟୁତ୍ ଯୋଗାଣ, ସବୁଦିନିଆ ଯାତାୟାତ ପାଇଁ ବସ୍ ବ୍ୟବସ୍ଥା ନଥିଲା। ଅନେକ ପଞ୍ଚାୟତକୁ ବ୍ଲକ୍ ଜିପ୍ ଯାଇପାରେ ନାହିଁ। ଅସ୍ୱାସ୍ଥ୍ୟକର ଅଞ୍ଚଳ। ମ୍ୟାଲେରିଆର ପ୍ରକୋପ ବହୁତ। ସେଥିପାଇଁ ଅସ୍ୱାସ୍ଥ୍ୟକର ଅଞ୍ଚଳ ଭତ୍ତା ଟ୨୦.୦୦ ମିଳୁଥିଲା। ଏହିପରି ଅଞ୍ଚଳରେ ବର୍ଷ ବର୍ଷ ଧରି କାର୍ଯ୍ୟ କରିବା ସମୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଥାଏ।

୧୯୭୫ ମସିହା ପରଠାରୁ ଗ୍ରାମାଞ୍ଚଳ ବିକାଶର ଏକ ନୂଆଧାରା, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଗଲା। ଖୁବ୍ ଉତ୍ସାହର ସହ ବ୍ଲକ୍‌ର ଚେୟାରମ୍ୟାନ୍, ନିର୍ବାଚିତ ପ୍ରତିନିଧି ଓ ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ଏହି କାର୍ଯ୍ୟ ସମ୍ପାଦନାର ଦାୟିତ୍ୱ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ଘର ଯୋଗାଇ ଦେବା, ରୋଜଗାରକ୍ଷମ କରିବା ପାଇଁ ଗାଈ, ଛେଳି ଯୋଗାଇ ଦେବା, କୃଷିକାର୍ଯ୍ୟ ପାଇଁ ସହାୟତା

ଯୋଗାଇଦେବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ଇତ୍ୟାଦି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଗଲା। ବନ୍ଧୁଗାଁରେ ସବୁଦିନିଆ ରାସ୍ତା ବ୍ୟବସ୍ଥା କରିବା ପାଇଁ ଝଞ୍ଜାବତୀ ନଦୀରେ ପୋଲ ନିର୍ମାଣ କରାଗଲା। ବ୍ଲକ୍‌ର ଏକମାତ୍ର ହାଇସ୍କୁଲ ପ୍ରତିଷ୍ଠା କରାଗଲା । ବ୍ଲକ୍‌ର ନିଜସ୍ୱ କାର୍ଯ୍ୟାଳୟ ଓ ଅନେକ ଗ୍ରାମପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରାଗଲା। ରାସ୍ତାଗୁଡ଼ିକର ଉନ୍ନତିକରଣ କରାଯାଇ ବନ୍ଧୁଗାଁ ଓ କୁମ୍ଭାରୀପୁଟ ପରି ଅଧିକ ଲୋକ ବାସ କରୁଥିବା ଗ୍ରାମପଞ୍ଚାୟତଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ କରାଗଲା।

ସେତେବେଳେ ସମଗ୍ର ବ୍ଲକ୍ ପାଇଁ ଜଣେ ଏ.ଏସ୍.ଆଇ. ଥିଲେ। ବ୍ଲକ କଲୋନୀରେ ବିଜୁଳି ଆଲୁଅ ନଥିଲା। ଥାନା ବି ନଥିଲା। କିନ୍ତୁ ସମସ୍ତେ ନିର୍ଭୟରେ ଥିଲେ। ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଲୋକଙ୍କର ସହଯୋଗ ମିଳୁଥିଲା। ଚାକିରି ଶେଷ ହେବା ପରେ ତୃତୀୟ ରାଜ୍ୟ ଅର୍ଥ କମିଶନର ସଭ୍ୟରୂପେ ମନୋନୀତ ହୋଇଥିଲି। ଏହି ସୁଯୋଗରେ ୨୦୦୯–୧୦ ବର୍ଷ ବନ୍ଧୁଗାଁ ବ୍ଲକ୍ ଯାଇଥିଲି। କେତେକ ଗ୍ରାମପଞ୍ଚାୟତ ବୁଲି ଦେଖିଲି। ଏକାଧିକ ହାଇସ୍କୁଲ୍ ପ୍ରତିଷ୍ଠା ହୋଇଛି। କେତେକ ଗ୍ରାମପଞ୍ଚାୟତକୁ ପିଚୁ ରାସ୍ତା ତିଆରି ହୋଇଛି। ପାଇପ୍ ଜଳ ଓ ବିଦ୍ୟୁତ୍ ଆଲୋକ ଇତ୍ୟାଦିର ସୁବିଧା ଯୋଗାଇ ଦିଆଗଲାଣି। ବ୍ଲକ୍‌ରେ ଥାନା ପ୍ରତିଷ୍ଠିତ ହୋଇଅଛି। ମାତ୍ର ଦେଖିଲି ବ୍ଲକ୍ ଅଫିସ୍ ହତାରେ ଓ ଛାତରେ କେନ୍ଦ୍ରୀୟ ପୋଲିସ୍ ବ୍ଲକ୍ ଠିଆ ହୋଇ ସୁରକ୍ଷା ଯୋଗାଉ ଅଛନ୍ତି। ସେତେବେଳେ ଓ ଏବର ସମୟ ମଧ୍ୟରେ କେତେ ଫରକ। ତଥାପି ବିକାଶର ଧାରା ଅବ୍ୟାହତ ରହିଅଛି। ପୁରୁଣା ଯୋଜନା ବଦଳରେ ଅନେକ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ ହେଉଅଛି। ପଞ୍ଚାୟତ ଲୋକ ପ୍ରତିନିଧି ବଦଳୁଛନ୍ତି, କର୍ମଚାରୀ ବଦଳୁଛନ୍ତି, ସରକାର ମଧ୍ୟ ବଦଳୁଛନ୍ତି ମାତ୍ର ପଞ୍ଚାୟତିରାଜ ଅନୁଷ୍ଠାନ ଲୋକଙ୍କୁ ସେବା ଦେବାରେ ଆଗକୁ ଆଗକୁ ବଢ଼ିଚାଲିଛି।

ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସ୍ୱୟଂ ଶାସିତ ଅନୁଷ୍ଠାନ ରୂପେ ଗଢ଼ିବା ପାଇଁ ସମ୍ବିଧାନର ୭୩ତମ ସଂଶୋଧନ ୧୯୯୩ ମସିହାରେ କରାଗଲା। ମାତ୍ର ରାଜ୍ୟ ସରକାର ଯେତିକି କ୍ଷମତା ଦେବେ ଓ ଯେଉଁ ସର୍ତ୍ତମାନ ରଖିବେ ତାର ପରିସୀମା ମଧ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନେ କାର୍ଯ୍ୟ କରିବେ।

୧୯୬୧ ମସିହାରେ ସେହି ମହାନ ନେତା ବିଜୁ ପଟ୍ଟନାୟକ ପଞ୍ଚାୟତ ସମିତିମାନଙ୍କୁ ବ୍ୟାପକ କ୍ଷମତା ଦେଇଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସ୍‌ର, ବ୍ଲକ୍ ଭେଟେରିନାରି ଅଫିସର, ବ୍ଲକ ଶିକ୍ଷା ବିଭାଗୀୟ ଅଫିସର, କୃଷି ଅଫିସର ଏମାନେ ସମସ୍ତେ ବ୍ଲକ ଚେୟାରମ୍ୟାନଙ୍କର ନିୟନ୍ତ୍ରଣାଧୀନ ଥିଲେ। ସମୟ ଗଡ଼ିଚାଲିଲା। ମେଡ଼ିକାଲ ଅଫିସର ଓ ଭେଟେରିନାରୀ ଅଫିସର ବ୍ଲକ୍‌ରୁ ଅଲଗା ହୋଇଗଲେ। ମୋର ମନେ ଅଛି, ମୁଁ ବନ୍ଧୁଗାଁ ବ୍ଲକ୍‌ରେ ଥିଲାବେଳେ କୃଷି ସମ୍ପ୍ରସାରଣ ଅଧିକାରୀ ବ୍ଲକ୍ କାର୍ଯ୍ୟାଳୟରେ ଅଫିସ୍ କରିବା ପାଇଁ ନିର୍ଦ୍ଦେଶ ଆସିଲା। ମାତ୍ର ସେ ବ୍ଲକ୍ ନିୟନ୍ତ୍ରଣରୁ ମୁକ୍ତ ହୋଇଗଲେ। ଏବେ ପ୍ରାଥମିକ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ବ୍ଲକ ସ୍ତରୀୟ ଅଧିକାରୀମାନେ ବ୍ଲକ୍ ନିୟନ୍ତ୍ରଣରୁ ପୃଥକ ହୋଇ ଯାଇଛନ୍ତି। ଗୋଟିଏ ଗୋଟିଏ ବିଭାଗ ତାଙ୍କର ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କୁ ବ୍ଲକ୍‌ର ନିୟନ୍ତ୍ରଣରୁ ପୃଥକ କରି ଦେଇ ଚାଲିଛନ୍ତି। ତଥାପି ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାର ଯେଉଁ ଦୃଢ଼ଭିତ୍ତି ସ୍ଥାପନ କରାଯାଇଥିଲା, ତାହା ଉପରେ ଗଢ଼ି ଉଠିଥିବା ପଞ୍ଚାୟତିରାଜ ଅନୁଷ୍ଠାନମାନେ ଲୋକଙ୍କୁ ସେବା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି ।

❖ ❖ ❖

# ସ୍ୱ-ଶାସନର କଷଟିରେ ପଞ୍ଚାୟତିରାଜ ଓ ଗ୍ରାମସଭା

**ସରୋଜ କୁମାର ଦାଶ**

ଗ୍ରାମପଞ୍ଚାୟତ ସ୍ୱ-ଶାସନର ଅନୁଷ୍ଠାନ । ଏହି ଅନୁଷ୍ଠାନରେ ସଂପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଗ୍ରାମମାନଙ୍କରେ ପଞ୍ଜୀକୃତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ଗ୍ରାମସଭା ମାଧ୍ୟମରେ ସହଭାଗିତା ପ୍ରତିପାଦିତ କରିଥାନ୍ତି । ଗ୍ରାମପଞ୍ଚାୟତକୁ ସ୍ୱ-ଶାସନର ଏକ ସଂସ୍ଥା ରୂପେ ଗଢିତୋଳିବା ପାଇଁ ଭାରତୀୟ ସମ୍ବିଧାନରେ ୭୩ତମ ସଂଶୋଧନ ଜରିଆରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସଂଲଗ୍ନ କରାଯାଇ ଧାରା ୨୪୩ରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଆମ ସଂବିଧାନର ନବମ ଅଧ୍ୟାୟରେ ଆଲୋଚିତ ହୋଇଛି । ଏଥି ସହିତ ପଞ୍ଚାୟତର କାର୍ଯ୍ୟାବଳୀ ସମ୍ବିଧାନର ଏକାଦଶତମ ଅନୁସୂଚୀରେ ବର୍ଣ୍ଣିତ ହୋଇ ୨୯ଟି ବିଷୟରେ କାର୍ଯ୍ୟ କରିବା ପାଇଁ ପଞ୍ଚାୟତମାନଙ୍କୁ ସ୍ୱତନ୍ତ୍ର ରୂପେ ଅଧିକୃତ କରାଯାଇଛି । ସାମଗ୍ରୀକ ରୂପେ ବିଚାର କଲେ ଆମର ଦୃଷ୍ଟିଗୋଚର ହେବ ଯେ ରାଜ୍ୟର ବିଧାନସଭା ଆଇନ ଦ୍ୱାରା ଆବଶ୍ୟକ ହେଉଥିବା କ୍ଷମତା ଓ କର୍ତ୍ତୃତ୍ୱ ପଞ୍ଚାୟତମାନଙ୍କ ଉପରେ ଏପରି ଭାବରେ ନ୍ୟସ୍ତ କରିବେ, ଯେପରି ସେମାନେ ସ୍ୱଶାସନର ଅନୁଷ୍ଠାନ ରୂପେ କାର୍ଯ୍ୟକ୍ଷମ ହେବେ । ଏଥିପାଇଁ କ୍ଷମତା ଓ ଦାୟିତ୍ୱର ବିକେନ୍ଦ୍ରୀକରଣ କରାଯାଇ ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ ନିମନ୍ତେ ଯୋଜନା ପ୍ରସ୍ତୁତ କରିବେ । ଏଥି ସହିତ ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ ସଂକ୍ରାନ୍ତୀୟ ଯୋଜନା ତଥା ଏକାଦଶତମ ଅନୁସୂଚୀରେ ତାଲିକାଭୁକ୍ତ ହୋଇଥିବା ୨୯ଟି ବିଷୟଗୁଡ଼ିକ କାର୍ଯ୍ୟକାରୀ କରାଇପାରିବେ । ଏଥିରୁ ସ୍ପଷ୍ଟ ଯେ ସାମ୍ବିଧାନିକ ଦୃଷ୍ଟିରୁ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ ପଞ୍ଚାୟତମାନଙ୍କର ମୁଖ୍ୟ କର୍ମକ୍ଷେତ୍ର ।

ଓଡ଼ିଶା ସରକାରଙ୍କର ଆଇନଗତ ଦାୟିତ୍ୱ ଦୃଷ୍ଟିକୋଣରୁ ପଞ୍ଚାୟତ ସମ୍ପର୍କରେ ମୁଖ୍ୟତଃ ଦୁଇଟି ସାମ୍ବିଧାନିକ ସିଦ୍ଧାନ୍ତ ରହିଥିବାର ଆମର ଦୃଷ୍ଟିଗୋଚର ହୁଏ । ପ୍ରଥମ ସିଦ୍ଧାନ୍ତ ଅନୁଯାୟୀ ଗ୍ରାମପଞ୍ଚାୟତକୁ ସ୍ୱ-ଶାସନର ଏକ ସଂସ୍ଥା ରୂପେ ଗଠନ କରିବା । ଭାରତ ସ୍ୱାଧୀନ ହେବା ପରେ ଏଥିପାଇଁ ଆମ ଓଡ଼ିଶାରେ ୧୯୪୮ ମସିହାଠାରୁ ଗ୍ରାମପଞ୍ଚାୟତ ଆଇନ ପ୍ରବର୍ତ୍ତିତ ହୋଇଥିଲା । ୧୯୫୦ ମସିହାରେ ସମ୍ବିଧାନ ଗୃହୀତ ହେବା ପରେ ୧୯୬୫ ମସିହାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ କାର୍ଯ୍ୟକାରୀ କରାଗଲା । ଏହା ଭାରତୀୟ ସମ୍ବିଧାନର ୨୪୬ ଧାରାରେ ଭାରତୀୟ ସଂସଦ ଓ ରାଜ୍ୟ ବିଧାନସଭା ମଧ୍ୟରେ ଆଇନ୍ ପ୍ରସ୍ତୁତ ସମ୍ପର୍କୀୟ ନିର୍ଦ୍ଧାରିତ କ୍ଷମତା ଅନୁଯାୟୀ ଗୃହୀତ ହୋଇଥିଲା । ସମ୍ବିଧାନର ୨୪୬ ଧାରା ଅନ୍ତର୍ଗତ ସପ୍ତମ ପରିଶିଷ୍ଟରେ ରାଜ୍ୟ ତାଲିକାର ପଞ୍ଚମ ଦଫାରେ ବର୍ଣ୍ଣିତ ଗ୍ରାମ ଶାସନ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ ପାଇଁ ଆଇନ୍ କରିବାର ଅଧିକାର ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହୋଇଛି । ୭୩ତମ ସମ୍ବିଧାନ ସଂଶୋଧନ ପରେ ୧୯୬୪ ମସିହାର ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଆବଶ୍ୟକୀୟ ସଂଶୋଧନ କରାଯାଇ ଗ୍ରାମପଞ୍ଚାୟତକୁ ସ୍ୱଶାସନର ଏକ ଅନୁଷ୍ଠାନ ରୂପେ ଗଠନ କରାଯାଇଛି । ତେଣୁ ସମ୍ବିଧାନର ପ୍ରଥମ ସିଦ୍ଧାନ୍ତ ରୂପେ ଏହା ଏକ ସଫଳତାର ଚିହ୍ନ । ଏହାପରେ ଦ୍ୱିତୀୟ ସିଦ୍ଧାନ୍ତକୁ ବିଶ୍ଳେଷଣ କଲେ ଆମେ ଅନୁଭବ କରୁ ଯେ ଏହା ଏକ ବ୍ୟାପକ ବିଷୟବସ୍ତୁ । ନିର୍ଦ୍ଦିଷ୍ଟ ରୂପେ ଏହାର ନୀତି ଓ ପରିସୀମା ନିର୍ଦ୍ଧାରଣ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ହୋଇପାରିଲେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ସହଜସାଧ୍ୟ ହେବ । ମାତ୍ର ବିକାଶର ସମ୍ଭାବନା ବୃଦ୍ଧିକୁ ଦୃଷ୍ଟିରେ ରଖି ଶିକ୍ଷାଭିତ୍ତିକ ବିନିଯୋଗ ପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗ ନିମିତ୍ତ ଲୋକଶକ୍ତି ପ୍ରୟୋଗର ସମ୍ଭାବନାକୁ ପ୍ରସାରିତ କରିଥାଏ । ଏପରି ଦୁଇଟି ମୁଖ୍ୟ ମତବାଦ ମଧ୍ୟରେ ପଞ୍ଚାୟତ ଦ୍ୱାରା ଅର୍ଥନୈତିକ ବିକାଶ ସମ୍ବିଧାନ ସ୍ୱୀକୃତ । ଏ କ୍ଷେତ୍ରରେ ଆମ ପ୍ରଗତି କେତେ ଦୂର ହୋଇଛି, ତାହା ସ୍ପଷ୍ଟ କରିବା ପାଇଁ ୧୯୬୪ ମସିହାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଉଦ୍ୟମଗୁଡ଼ିକର ବିଶ୍ଳେଷଣ

ହେବା ଆବଶ୍ୟକ । ଏପରି ବିଶ୍ଳେଷଣରୁ ପଞ୍ଚାୟତକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇ କିପରି ଗ୍ରାମାଞ୍ଚଳର ସ୍ଥାନୀୟ ପ୍ରଶାସନକୁ ଦୃଢ଼ୀଭୂତ କରାଯାଇଛି, ତାହା ସ୍ପଷ୍ଟ ହୋଇପାରିବ ।

ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଇନ୍ ମାଧ୍ୟମରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ଅର୍ଥନୈତିକ ବିକାଶ, ସାମାଜିକ ନ୍ୟାୟ ତଥା କ୍ଷମତାଭୁକ୍ତ ୨୯ଟି ବିଷୟରେ ବିଭିନ୍ନ ସ୍କିମ୍ କାର୍ଯ୍ୟକାରିତା ହେବା ପାଇଁ ସମ୍ବିଧାନର ବ୍ୟବସ୍ଥା ହୋଇଛି ।

ଆଇନ୍‌ଗତ ତର୍ଜମାରୁ ଜଣାପଡ଼େ ଯେ ଉପରବର୍ଣ୍ଣିତ ଅଧିକାଂଶ କାର୍ଯ୍ୟ ପାଇଁ କେନ୍ଦ୍ରୀୟ କିମ୍ବା ରାଜ୍ୟର ବିଷୟଭିତ୍ତିକ ଆଇନ ରହିଅଛି । ତେଣୁ ଏସବୁ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ସେସବୁ ଆଇନ୍‌ର ପରିସର ନିର୍ଣ୍ଣୟ ହେବା ଅବସମ୍ଭାବୀ ।

ଗାନ୍ଧିଜୀ ଲେଖିଥିଲେ – "The greater the power of the panchayats, the better for the people". ଅର୍ଥାତ୍, 'ପଞ୍ଚାୟତକୁ ଯେତେ ବେଶୀ କ୍ଷମତା ଦିଆଯିବ, ଜନସାଧାରଣଙ୍କ ପାଇଁ ସେତେ ମଙ୍ଗଳ' । କ୍ଷମତାର ସୀମିତ ପରିସର ମଧ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନମାନେ ଲୋକମାନଙ୍କୁ ସେବା ପ୍ରଦାନ ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ । ସମସ୍ତ ଗ୍ରାମୀଣ ବିକାଶ ସମାଜ କଲ୍ୟାଣ ଏବଂ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରିତାରେ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ନିର୍ଦ୍ଦିଷ୍ଟ ଭାବରେ ଭୂମିକା ରହିଛି । ସୁତରାଂ ଏହି ବ୍ୟବସ୍ଥାକୁ ଆହୁରି ଲୋକାଭିମୁଖୀ କରିବା ହେଉଛି ସମୟର ଆବଶ୍ୟକତା । ଏଥି ନିମିତ୍ତ ନିମ୍ନଲିଖିତ ଦିଗପ୍ରତି ଧ୍ୟାନ ଦେଲେ ପ୍ରୟାସ ଅଧିକ ଫଳପ୍ରଦ ହେବ ।

୧. ପଞ୍ଚାୟତିରାଜ ବ୍ୟବସ୍ଥା ବିଶେଷ କରି ଗ୍ରାମସଭାକୁ ଅଧିକ ସଶକ୍ତ କରିବା ପାଇଁ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ଜରୁରୀ ।

୨. ପଞ୍ଚାୟତିରାଜ ଅଧିନିୟମରେ ସଂଶୋଧନ ଅଣାଯାଇ ପ୍ରତ୍ୟେକ ସ୍ତରର ପଞ୍ଚାୟତର କାର୍ଯ୍ୟ, କ୍ଷମତା ସମ୍ବନ୍ଧରେ ସ୍ପଷ୍ଟ ଭାବରେ ପରିଭାଷିତ କରାଯିବା ।

୩. ପଞ୍ଚାୟତ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ପ୍ରାଥମିକ ଶିକ୍ଷା ସେବାର ପ୍ରକୃତ କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ କାର୍ଯ୍ୟ, କର୍ମଚାରୀ ଓ ପାଣ୍ଠି (function, functionaries and fund) ଯୋଗାଣର ସୁବନ୍ଦୋବସ୍ତ ।

୪. ଗ୍ରାମୀଣ ବିକାଶ ଯୋଜନା ପ୍ରକ୍ରିୟାରେ ମହିଳାମାନଙ୍କର ନିଷ୍ପତ୍ତି ପ୍ରତି ଗୁରୁତ୍ୱ ।

୫. ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ଅର୍ଥ ଆୟୋଗର ସୁପାରିଶଗୁଡ଼ିକୁ ଠିକ୍ ସମୟରେ ଏବଂ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ।

ଗୋଟିଏ ରାଜ୍ୟର ଶକ୍ତି ଓ ସାମର୍ଥ୍ୟ ବହୁ ପରିମାଣରେ ସେ ରାଜ୍ୟର ଯୁବଶକ୍ତି ଉପରେ ନିର୍ଭର କରିଥାଏ । ଅନୁଧ୍ୟାନରୁ ଜଣାଯାଏ, ୨୦୨୦ ମସିହା ବେଳକୁ ଜଣେ ସାଧାରଣ ଭାରତୀୟଙ୍କ ବୟସ ୨୮ ରୁ ୩୦ ବର୍ଷ ଭିତରେ ହେବ । ଅର୍ଥାତ୍ ଆଗାମୀ ଦଶକରେ ଯୁବକମାନେ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଏହି ଯୁବଶକ୍ତିର ରଚନାତ୍ମକ ଉପଯୋଗରେ ରାଷ୍ଟ୍ର କଲ୍ୟାଣକୁ ବ୍ୟାପକ କରାଯାଇପାରିବ । ସୁତରାଂ ଗ୍ରାମୀଣ ଶାସନ ବ୍ୟବସ୍ଥାରେ ଯୁବକମାନଙ୍କ ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ ।

ଯୁବକମାନଙ୍କ ଶୃଙ୍ଖଳା, ସଂସ୍କାର ଓ ଚରିତ୍ର ଗଢିବା ପାଇଁ ସୁଚିନ୍ତିତ ଯୋଜନା କରାଯାଇ ଏକ ତେଜସ୍ୱୀ, ଦକ୍ଷ ଯୁବଶକ୍ତି ଗଠନ କଲେ ସମାଜ ଓ ରାଷ୍ଟ୍ରର କଲ୍ୟାଣ ହୋଇପାରିବ । ଯୁବଶକ୍ତି, ସାମର୍ଥ୍ୟ ଓ ଦକ୍ଷତାକୁ ପାଥେୟ କରି ଗ୍ରାମର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଗ୍ରାମୀଣ ଯୁବଶକ୍ତି ସଂଗଠିତ ହୋଇ କାର୍ଯ୍ୟ କରିଲେ ତୃଣମୂଳ ଶାସନ ଋଦ୍ଧିମନ୍ତ ହୋଇପାରିବ । ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟରେ ସୁଦୃଢ଼ ପଞ୍ଚାୟତିରାଜ ବ୍ୟବସ୍ଥା ଶୃଙ୍ଖଳିତ ଏବଂ ସଦାଚାରୀ ଯୁବ ନେତୃତ୍ୱ ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ କରିବାରେ ନୂତନ ମାର୍ଗଦର୍ଶନ କରିବ ।

ସାଧାରଣ ଲୋକଙ୍କର ସ୍ୱଶାସନରେ ଅଂଶ ଗ୍ରହଣ ନିମନ୍ତେ ଗ୍ରାମସଭା ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଆନୁଷ୍ଠାନିକ ଆଭିମୁଖ୍ୟ । ଗ୍ରାମାଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ତୃଣମୂଳ ଗଣତନ୍ତ୍ରର ଏହା ହେଉଛି ପ୍ରଥମ ସୋପାନ । ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ପାଇଁ ଗ୍ରାମସଭା ଏକ ବଳିଷ୍ଠ ମାଧ୍ୟମ ।

ଭାରତୀୟ ସମ୍ବିଧାନର ଐତିହାସିକ ୭୩ତମ ସଂଶୋଧନ ଫଳରେ ପଞ୍ଚାୟତିରାଜକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସମ୍ବିଧାନର ଅନୁଚ୍ଛେଦ ୨୪୩(ଏ)ରେ କୁହାଯାଇଛି – "A Grama Sabha may exercise such powers and perform such functions at the village level as the legislature of a state may by law provide." ଅର୍ଥାତ୍ ଗ୍ରାମସଭା ଗ୍ରାମସ୍ତରରେ ଏଭଳି କ୍ଷମତା ପ୍ରୟୋଗ କରିବେ ଓ

ଏଭଳି କାର୍ଯ୍ୟ ସମ୍ପାଦନ କରିବେ, ଯାହା ରାଜ୍ୟ ବିଧାନସଭା ଆଇନ୍ ପ୍ରଣୟନ ଦ୍ୱାରା ବ୍ୟବସ୍ଥା କରିବେ। ଉକ୍ତ ଅନୁଚ୍ଛେଦରୁ ସ୍ପଷ୍ଟ ଜଣାଯାଉଛି ଯେ ସମ୍ବିଧାନରେ ଗ୍ରାମସଭାର କେବଳ ମାତ୍ର ବ୍ୟବସ୍ଥା କରାଯାଇଛି। ଗ୍ରାମସଭାର ନିର୍ଦ୍ଦିଷ୍ଟ କ୍ଷମତା ଓ ଦାୟିତ୍ୱ ବିଷୟରେ ସମ୍ବିଧାନରେ ବିଶେଷ ବର୍ଣ୍ଣନା କରାଯାଇ ନାହିଁ। ଗ୍ରାମସଭାର କ୍ଷମତା ଓ ଦାୟିତ୍ୱ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ହାତରେ ଛାଡ଼ି ଦିଆଯାଇଛି। ଗ୍ରାମସଭା ସାମ୍ବିଧାନିକ ମର୍ଯ୍ୟାଦା ପାଇଛି ସତ, ହେଲେ ଉପଯୁକ୍ତ ବୈଧାନିକ ବ୍ୟବସ୍ଥା ଅଭାବରୁ ଗ୍ରାମସଭାର କାର୍ଯ୍ୟଧାରା ଓ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ଗ୍ରାମସଭା ପ୍ରକୃତରେ ଏକ ଲୋକମୂଳକ ସଂସ୍ଥା। ଏଥିରେ ସାଧାରଣ ଜନତାଙ୍କ କେବଳ ପ୍ରତିନିଧି ନୁହନ୍ତି, ସ୍ୱୟଂ ଜନସାଧାରଣ ସମ୍ମିଳିତ ହୋଇ ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ସମଗ୍ର ଭାରତବର୍ଷରେ ଏହା ଏକମାତ୍ର ରାଜନୈତିକ ଅନୁଷ୍ଠାନ, ଯେଉଁଠି ପ୍ରତ୍ୟକ୍ଷ ଗଣତନ୍ତ୍ର ବିଦ୍ୟମାନ ରହିଛି। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭାଷାରେ 'ଗ୍ରାମସଭା' କହିଲେ ବୁଝାଏ ବିଧାନସଭାର ଯେଭଳି ଦାୟିତ୍ୱ ରହିଛି, ଗ୍ରାମପଞ୍ଚାୟତରେ ଗ୍ରାମସଭାର ସେହିଭଳି ଗୁରୁଦାୟିତ୍ୱ ରହିଛି।

ତୃଣମୂଳ ଗଣତନ୍ତ୍ର କାର୍ଯ୍ୟକାରିତାର ଉପଯୁକ୍ତ କ୍ଷେତ୍ର ହେଉଛି ପଞ୍ଚାୟତିରାଜ ଅନୁଷ୍ଠାନ। ପଞ୍ଚାୟତିରାଜ ଅନୁଷ୍ଠାନର କେନ୍ଦ୍ରବିନ୍ଦୁ ହେଉଛି ଗ୍ରାମସଭା। ଗ୍ରାମାଞ୍ଚଳରେ ଥିବା ନିରକ୍ଷରତା ଓ ଦାରିଦ୍ର୍ୟ ଗ୍ରାମସଭା ବୈଠକରେ ସାଧାରଣ ଜନତାଙ୍କ ଉପସ୍ଥିତି ସୁନିଶ୍ଚିତ କରିପାରୁନାହିଁ। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସଭ୍ୟ ଓ ସଭ୍ୟାମାନଙ୍କୁ ଗ୍ରାମସଭା ବୈଠକରେ ଯୋଗଦେବା ପାଇଁ ଗୋଟିଏ ଦିନର ମଜୁରି ଭତ୍ତା ଆକାରରେ ପ୍ରଦାନ କରାଗଲେ ଗ୍ରାମସଭାରେ ଦରିଦ୍ର ଓ ଦଳିତବର୍ଗର ଜନସାଧାରଣଙ୍କ ଉପସ୍ଥିତି ନିଶ୍ଚିତ ଭାବେ ବୃଦ୍ଧି ପାଇପାରିବ। ଗ୍ରାମସଭାକୁ ଗ୍ରାମର ବିଧାନସଭା ଭାବେ ବର୍ଣ୍ଣନା କରାଯାଇଛି। ଗ୍ରାମସଭା ମାଧ୍ୟମରେ ପଞ୍ଚାୟତିରାଜ ବ୍ୟବସ୍ଥା ମଜବୁତ୍ ହେବା ସହିତ ସାଧାରଣ ମଣିଷଟିର ସଶକ୍ତିକରଣ ସମ୍ଭବ ହୋଇପାରିବ। ଗ୍ରାମସଭାର ସଫଳତା ଉପରେ ପଞ୍ଚାୟତିରାଜ ଅନୁଷ୍ଠାନର ସଫଳତା ନିର୍ଭର କରୁଛି।

ଓଡ଼ିଶାରେ ଅନୁବର୍ତ୍ତିତ ଏହି ବ୍ୟବସ୍ଥାର ତର୍ଜମା କଲେ ଉତ୍ସାହିତ ହେବାକୁ ହୁଏ। ସ୍ୱଶାସନର ଏହି ନିର୍ଣ୍ଣିତ ସ୍ତରର ପରୀକ୍ଷା କଷଟିରେ ଓଡ଼ିଶାର ପ୍ରାୟ ୬୨୧୦ଟି ଗ୍ରାମପଞ୍ଚାୟତ ଓ ସମାନ ସଂଖ୍ୟକ ଗ୍ରାମସଭାଗୁଡ଼ିକର ଔଜଲ୍ୟ ଅତ୍ୟନ୍ତ ଦୃଷ୍ଟି ଆକର୍ଷକ। ଯୁବ କର୍ମଚାରୀ, ଯୁବ କାର୍ଯ୍ୟକର୍ତ୍ତା, ଯୁବ ପ୍ରତିନିଧି, ଯୁବ ନେତୃତ୍ୱ, ଯୁବ ଦିଗ୍‌ଦର୍ଶକଙ୍କ ମେଳରେ ସ୍ଥିର ନିର୍ଣ୍ଣିତ କର୍ଣ୍ଣଧାରଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ଏହି ସ୍ୱଶାସନର ଧାରାକୁ ଏକ ନିର୍ଣ୍ଣାୟକ ଦିଗରେ ପରିଚାଳିତ କରିବାରେ ସମର୍ଥ ହୋଇ ଚାଲିଛି। ସାମୂହିକ ବିକାଶରେ ସମୂହ ସୁଖ ଓ ଶାନ୍ତିର ଉପସ୍ଥିତିର ମନ୍ତ୍ରରେ ଅଭିମନ୍ତ୍ରିତ ଏ ସ୍ୱଶାସନ ବ୍ୟବସ୍ଥା ଏକ ସଫଳତମ ପଦକ୍ଷେପ, ଏଥିରେ ସଂଦେହର ଅବକାଶ ନାହିଁ।

ଉପ–ନିର୍ଦ୍ଦେଶକ
ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଭୁବନେଶ୍ୱର

❖ ❖ ❖

# ପରିମଳ ଓ ଗ୍ରାମୀଣ ସମୃଦ୍ଧି

**ସନ୍ତୋଷ କୁମାର ପାତ୍ର**

ମଣିଷ ପରମପିତା ଭଗବାନଙ୍କର ଏକ ସୁନ୍ଦର ସୃଷ୍ଟି। ସେଥିପାଇଁ କୁହାଯାଏ ସେ ଅମୃତର ସନ୍ତାନ। ଅମୃତ ପ୍ରାପ୍ତି ତା' ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ନିରନ୍ତର ଉଦ୍ୟମ, ଦିବ୍ୟ ଚିନ୍ତା ଓ ବିଚାର ହିଁ ଏହା ହାସଲ ଦିଗରେ ମାର୍ଗଦର୍ଶନ କରିବ। ପବିତ୍ର ଦେହ ଶୁଦ୍ଧ ଭାବନା ସୃଷ୍ଟି କରେ ଏବଂ ଗୋଟିଏ ଉତ୍ତମ କାର୍ଯ୍ୟରେ ଏହାର ପରିପ୍ରକାଶ ହୋଇଥାଏ। ବ୍ୟକ୍ତିର ଚିନ୍ତାଧାରା ଓ ଭାବନା ସହିତ ସ୍ୱାସ୍ଥ୍ୟର ଗଭୀର ସଂପର୍କ ରହିଛି। ସ୍ୱାସ୍ଥ୍ୟବାନ ବ୍ୟକ୍ତି ହିଁ ଦେଶ ଓ ଜାତି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ସ୍ୱାସ୍ଥ୍ୟ ହିଁ ସଂପଦ, ଏହି ଉକ୍ତିର ପ୍ରାସଙ୍ଗିକତା ସମ୍ବନ୍ଧରେ ସମସ୍ତେ ଗୁରୁତର ସହିତ ଚିନ୍ତା କରିବା ଜରୁରୀ ହୋଇପଡ଼ିଛି। ମନୁଷ୍ୟ ତା'ର ଆଶା ଆକାଙ୍‌କ୍ଷା ପୂରଣ କରିବା ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଆବଶ୍ୟକ କରେ। ନିଜର ସାମର୍ଥ୍ୟ ବୁଦ୍ଧି ଓ ଯୋଗ୍ୟତା ଥାଇ ମଧ୍ୟ ରୁଗ୍ଣ ବ୍ୟକ୍ତି କାର୍ଯ୍ୟ କରିବାର ସାମର୍ଥ୍ୟ ହରାଇଥାଏ। ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିର ଅମୂଲ୍ୟ ସଂପଦ। ଜୀବନରେ ଶାନ୍ତି ଓ ସମୃଦ୍ଧି ପାଇଁ ସ୍ୱାସ୍ଥ୍ୟର ସଠିକ ଯତ୍ନ ନେବା ପରମ କର୍ତ୍ତବ୍ୟ। କାରଣ ଶରୀର ସହିତ ମନର ଘନିଷ୍ଠ ସଂପର୍କ ରହିଛି। ଶରୀର ସୁସ୍ଥ ଥିଲେ ହିଁ ମନ ସୁସ୍ଥ ରହେ ଏବଂ ସୁସ୍ଥ ଶରୀର ଓ ମନର ସମନ୍ୱୟ ହେଉଛି ଉତ୍ତମ ସ୍ୱାସ୍ଥ୍ୟ।

ଗ୍ରାମବହୁଳ ଭାରତବର୍ଷରେ ସାତ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ଗାନ୍ଧିଜୀ ଯଥାର୍ଥରେ କହିଥିଲେ ଏହି ଗାଁଗୁଡ଼ିକରେ ଦେଶର ଆତ୍ମା ବିରାଜମାନ। ପରିମଳ ବ୍ୟବସ୍ଥାର ଅଭାବ ଏବଂ ଅସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରାମାଞ୍ଚଳରେ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି। ଅର୍ଥାତ୍ ସୁସ୍ଥ ଭାରତର ପରିକଳ୍ପନା ଅସୁସ୍ଥ ଗାଁମାନଙ୍କୁ ନେଇ କରାଯାଇ ପାରିବ ନାହିଁ। ଗ୍ରାମୀଣ ପରିମଳ ବ୍ୟବସ୍ଥା ଆଲୋଚନା ବେଳେ ନିରାପଦ ପିଇବା ପାଣି ଓ ଶୌଚାଳୟର ବ୍ୟବହାର କଥା ପ୍ରଥମେ ମନକୁ ଆସିଥାଏ। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ସମଗ୍ର ଭାରତବର୍ଷର ଅର୍ଦ୍ଧାଧିକ ଲୋକଙ୍କ ପାଖରେ ପାଇଖାନା ଭଳି ସର୍ବନିମ୍ନ ସୁବିଧା ଅପହଞ୍ଚ ହୋଇ ରହିଛି। ସେହିଭଳି ବିଶ୍ୱ ଜନସଂଖ୍ୟାର ୧୫ ପ୍ରତିଶତ ଆମ ଦେଶରେ ଥିବାବେଳେ ଆମ ପାଖରେ କେବଳ ୪ ପ୍ରତିଶତ ଜଳ ଉପଲବ୍ଧ ଅଛି ଏବଂ ତନ୍ମଧ୍ୟରୁ ସତୁରୀ ପ୍ରତିଶତ ଜଳ ପିଇବା ଯୋଗ୍ୟ ନୁହେଁ। ଗ୍ରାମାଞ୍ଚଳରେ ଏହି ସମସ୍ୟା ଅତି ଉତ୍କଟ। ପଚାଶ ପ୍ରତିଶତ ଗାଁଗୁଡ଼ିକରେ ସ୍ୱାଧୀନତାର ୬୭ ବର୍ଷ ପରେ ମଧ୍ୟ ସୁରକ୍ଷିତ ପିଇବା ପାଣିର ସୁବିଧା ଉପଲବ୍ଧ ହୋଇପାରି ନାହିଁ।

ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଆଦି ରାଜ୍ୟରେ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ଲୋକଙ୍କର ପାଇଖାନା ନାହିଁ। ଉତ୍ତର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଭଳି ରାଜ୍ୟରେ ଏହାର ଅନୁପାତ ୭୦ ପ୍ରତିଶତ। ୨୦୦୧ ଜନଗଣନା ତଥ୍ୟ ଅନୁସାରେ ଆମ ରାଜ୍ୟ ଓଡ଼ିଶାର ୯୨.୩ ପ୍ରତିଶତ ଲୋକଙ୍କର ଶୌଚାଳୟ ନଥିବା ବେଳେ ୨୦୧୧ ବେଳକୁ ଏଥିରେ ଉନ୍ନତି ହୋଇ ଏହା ୮୫.୯ ପ୍ରତିଶତରେ ପହଞ୍ଚିଛି। ଏହାର ଅର୍ଥ ଗତ ଦଶ ବର୍ଷ ମଧ୍ୟରେ ୬.୪୦ ପ୍ରତିଶତ ଅଧିକ ପରିବାରଙ୍କ ପାଖରେ ଶୌଚାଳୟର ସୁବିଧା ହୋଇପାରିଛି। ଶୌଚାଳୟର ନିର୍ମାଣ ଓ ଏହାର ବ୍ୟବହାର କ୍ଷେତ୍ରରେ ଏହିଭଳି ଅଗ୍ରଗତି କରିଲେ ଆମ ରାଜ୍ୟର ସବୁ ଲୋକଙ୍କ ପାଖରେ ପାଇଖାନା ଭଳି ସୁବିଧା ପହଞ୍ଚାଇବା ପାଇଁ ଆମକୁ ଆଉ ୧୦୦ ବର୍ଷ ଲାଗିବ। ଖୋଲା ସ୍ଥାନରେ ମଳମୂତ୍ର ତ୍ୟାଗ କରିବା ଲୋକମାନଙ୍କର ଏକ ଖରାପ ଅଭ୍ୟାସ । ୨୦୧୦ ମସିହାରେ ମିଳିତ ଜାତିସଂଘର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତରେ ଶୌଚାଳୟ ତୁଳନାରେ ମୋବାଇଲ୍ ଫୋନ୍‌ର ପ୍ରଚଳନ

ଅଧିକ। ବିପର୍ଯ୍ୟସ୍ତ ପରିମଳ ଓ ଶୌଚାଳୟ ନଥିବା ଯୋଗୁଁ ପରିମଳଜନିତ ରୋଗ ସଂକ୍ରମଣ ହୋଇ ଆମ ଦେଶ ପାଖାପାଖି ତିନି ଲକ୍ଷ କୋଟି ଟଙ୍କାର ଆର୍ଥିକ କ୍ଷତି ସହୁଛି। ଫଳସ୍ୱରୂପ ଏହା ଦେଶର ସାମଗ୍ରୀକ ଉତ୍ପାଦନ ଉପରେ ଗଭୀର ପ୍ରଭାବ ପକାଉଛି। ଜୀବନର ମାନ ଓ ମାନବିକ ବିକାଶ ସୂଚକାଙ୍କ ଜାଣିବାକୁ ହେଲେ ପରିମଳ ବ୍ୟବସ୍ଥାକୁ ବୁଝିବା ନିହାତି ଆବଶ୍ୟକ। ଉତ୍ତମ ଢଙ୍ଗରେ ପରିମଳ ଅଭ୍ୟାସ କଲେ ମାଟି, ପାଣି ଓ ପବନ ଦ୍ୱାରା ସଂକ୍ରମଣକୁ ରୋକାଯାଇ ରୋଗକୁ ପ୍ରତିରୋଧ କରାଯାଇ ପାରିବ।

ଏହାକୁ ଉପଲବ୍ଧି କରି ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି। ୧୯୫୪ ମସିହାରେ ଦେଶର ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଅଂଶ ସ୍ୱରୂପ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ୧୯୮୬ ମସିହାରେ ଭାରତ ସରକାର କେନ୍ଦ୍ରୀୟ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥିଲେ। ୧୯୯୯ ମସିହାଠାରୁ ସୂଚନା, ଶିକ୍ଷା ଓ ଯୋଗାଯୋଗ କୌଶଳ ଆପଣାଇ ଜନଜାଗରଣ ମାଧ୍ୟମରେ ପରିମଳ ସୁବିଧା ପ୍ରତି ଜନତାଙ୍କ ଦୃଷ୍ଟି ଆକର୍ଷଣ ପାଇଁ କାର୍ଯ୍ୟକାରୀ ହେଲା ସଂପୂର୍ଣ୍ଣ ପରିମଳ ଅଭିଯାନ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଏହା ନିର୍ମଳ ଭାରତ ଅଭିଯାନର ରୂପ ନେଲା। ଏହିପରି ଏହାର ଯାତ୍ରା ସ୍ୱଚ୍ଛ ଭାରତ ମିଶନ ପର୍ଯ୍ୟନ୍ତ ଲମ୍ବା ହୋଇଛି ସତ, କିନ୍ତୁ ବାସ୍ତବରେ ଆମ ଚଳଣିରେ ଏହି ସର୍ବନିମ୍ନ ଦିଗ ପ୍ରତି ଚରମ ଅବହେଳା ପ୍ରଦର୍ଶନ ହୋଇଆସିଛି। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଉଭା ହୋଇ ଭାରତବର୍ଷ ଆଗାମୀ ଦଶକରେ ବିଶ୍ୱକୁ ନେତୃତ୍ୱ ଦେବା ବିଷୟ ଚର୍ଚ୍ଚା ହେଉଥିବା ବେଳେ ଅପରିଷ୍କାର, ଆବର୍ଜନା ଓ କୁଢକୁଢ ମଇଳାର ଦେଶ ଭାବରେ ବିଶ୍ୱ ଦରବାରରେ ଆମ ଦେଶର ସମ୍ମାନ ହାନି ହେଉଅଛି। ଉତ୍ତର ଭାରତର ଜୀବନରେଖା କୁହାଯାଉଥିବା ପବିତ୍ର ଗଙ୍ଗାନଦୀ ଆଜି ସବୁଠାରୁ ଅଧିକ ପ୍ରଦୂଷିତ। ଏହା ତଟବର୍ତ୍ତୀ ରାଜ୍ୟଗୁଡ଼ିକର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଉଛି। ଗଙ୍ଗାନଦୀ କୂଳରେ ଥିବା କାଶୀ ସହର ଓ ଜାପାନର ନଦୀ ଉପତ୍ୟକାରେ ଥିବା ଧାର୍ମିକ ସହର କ୍ୟୁଟୋ ମଧ୍ୟରେ ଧର୍ମ ଓ ସଂସ୍କୃତିଗତ ଅନେକ ସମାନତା ଥିଲେ ମଧ୍ୟ ପରିମଳ ଦୃଷ୍ଟିରୁ ଜାପାନର ସହର କ୍ୟୁଟୋ ଅନନ୍ୟ। ଏହାର ଜଳ ପିଇବା ପାଣି ରୂପେ ବ୍ୟବହାର ଯୋଗ୍ୟ ହୋଇଥିବା ବେଳେ ଗଙ୍ଗା ଭଳି ପବିତ୍ର ନଦୀର ଜଳ ଆଦୌ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ।

ଯଦିଓ ୭୩ତମ ସମ୍ବିଧାନ ସଂଶୋଧନ କରାଯାଇ ୧୯୯୨ ମସିହାରେ ପରିମଳ ବିଷୟକୁ ଏକାଦଶ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମପଞ୍ଚାୟତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଇଅଛି। ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ – ୧୯୬୪ ଧାରା ୪୪ ଅନୁସାରେ ଗ୍ରାମପଞ୍ଚାୟତର ବାଧ୍ୟତାମୂଳକ କାର୍ଯ୍ୟ ପରିସରରେ ପରିଷ୍କାର ଓ ପରିଚ୍ଛନ୍ନତା ବ୍ୟବସ୍ଥା କରିବା ପାଇଁ ଗ୍ରାମପଞ୍ଚାୟତର ଦାୟିତ୍ୱ ରହିଛି କିନ୍ତୁ ଦୀର୍ଘ ଦିନର ଶାସନ ବ୍ୟବସ୍ଥା ମଧ୍ୟରେ ପରିମଳକୁ ଯେପରି ପ୍ରାଥମିକତା ଦେବାକଥା ତାହା ଦିଆଯାଇନାହିଁ। ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ସହଭାଗିତା ଓ ଜନଜାଗରଣ ହୋଇପାରି ନାହିଁ। କାରଣ ପରିମଳ ଏକ ବ୍ୟବହାରିକ ବିଷୟ ଏବଂ ଏହାର ସଫଳତା ପାଇଁ ପ୍ରଥମ ଆବଶ୍ୟକତା ହେଲା ସ୍ୱଭାବ ପରିବର୍ତ୍ତନ। ବର୍ତ୍ତମାନ ଗ୍ରାମ୍ୟ ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଉଅଛି। ସରକାର ବାରମ୍ବାର ଗ୍ରାମାଞ୍ଚଳର ବିକାଶ କଥା କହି ଅନେକ ଯୋଜନାସବୁ କାର୍ଯ୍ୟକାରୀ କରୁଛନ୍ତି। ଏହି ସମସ୍ତ ଯୋଜନାର ମୂଳଲକ୍ଷ୍ୟ ହେଲା ଗ୍ରାମରେ ଥିବା ଶ୍ରମଶକ୍ତିର ସଦୁପଯୋଗ କରି ସମାଜର ମୁଖ୍ୟ ଧାରାରେ ସାମିଲ କରିବା। ଗ୍ରାମାଞ୍ଚଳର ଲୋକମାନଙ୍କର ସୃଜନ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଜୀବିକାକୁ ସୁରକ୍ଷିତ ଓ ସ୍ଥାୟୀ କରିବା। ସର୍ବୋପରି ଲୋକମାନଙ୍କର ଜୀବନଧାରଣର ଗୁଣାତ୍ମକ ମାନର ଉନ୍ନତି କରିବା ପାଇଁ ବିକାଶ ଓ ପରିବେଶ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା। ଏକ ଉନ୍ନତ ଜୀବନ ବଞ୍ଚିବାର ଲକ୍ଷ୍ୟକୁ ହାସଲ କରିବା ପାଇଁ ଗ୍ରାମୀଣ ଲୋକମାନଙ୍କୁ ସମର୍ଥ କରିବାକୁ ହେବ। ଅବିରତ ବିକାଶ ନିମନ୍ତେ ପରିମଳ, ପରିବେଶ ସଂରକ୍ଷଣ, ସାମାଜିକ ତଥା ଅର୍ଥନୈତିକ ପ୍ରଗତି ଉପରେ ନିରନ୍ତର ଓ ଯୋଜନାବଦ୍ଧ ଉଦ୍ୟମ ଆବଶ୍ୟକ। ଫଳରେ ଗ୍ରାମ୍ୟ ଜୀବନକୁ ପୁନର୍ଗଠନ କରାଯାଇ ସରସ ଓ ସୁନ୍ଦର କରାଯାଇ ପାରିବ।

ଦେଶର ନିରାପତ୍ତା ପାଇଁ ପ୍ରତିରକ୍ଷା ଭଳି ବିଷୟକୁ ଯେଉଁଭଳି ଭାବରେ ପ୍ରାଧାନ୍ୟ ଦିଆଯାଇ ବ୍ୟୟବରାଦ କରାଯାଉଛି, ଠିକ୍ ସେହିଭଳି ପିଇବା ପାଣି ଓ ପରିମଳ ବିଷୟକୁ ସମାନ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଜଳ ହିଁ ଜୀବନ, ଯଦି ଏହା ନିରାପଦ ଓ ବିଶୁଦ୍ଧ ହୋଇଥାଏ। ସେହିପରି ପରିମଳ ହେଉଛି ସ୍ୱାସ୍ଥ୍ୟ। ସୁତରାଂ, ଜୀବନଧାରଣ ପାଇଁ ଏହା ଏକ ମୌଳିକ ଆବଶ୍ୟକତା।

ସ୍ୱାସ୍ଥ୍ୟ ରକ୍ଷା ଓ ପରିମଳ ବିଭିନ୍ନ ବିଷୟ ଯଥା ସ୍ୱାସ୍ଥ୍ୟ, ଅର୍ଥନୀତି, ଶିକ୍ଷା, ପୁଷ୍ଟିସାଧନ, ପରିବେଶ, ମହିଳା ସଶକ୍ତିକରଣ, ଗୋଷ୍ଠୀ ଓ ସମାଜର ବିକାଶ ଭଳି କ୍ଷେତ୍ର ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଗଭୀର ପ୍ରଭାବ ପକାଇଥାଏ । ଉପରୋକ୍ତ ବିଷୟଗୁଡ଼ିକ ହିଁ ଗ୍ରାମୀଣ ବିକାଶର କେନ୍ଦ୍ରବିନ୍ଦୁ । ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ରୂପେ ଗ୍ରହଣ କରିବା ଉଚିତ୍।

ଭାରତବର୍ଷର ସାମଗ୍ରିକ ବିକାଶ, ଗ୍ରାମୀଣ ଭାରତର ଦୃଢ଼ ଓ ବ୍ୟାପକ ବିକାଶ ଉପରେ ନିର୍ଭର କରେ। ଏହି ମହତ୍ ଲକ୍ଷ୍ୟ ହାସଲ ପାଇଁ ଉତ୍ତମ ପରିମଳ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିକାଶର ବେଗକୁ ନିଶ୍ଚିତ ଭାବରେ ତ୍ୱରାନ୍ୱିତ କରିବ।

ବର୍ତ୍ତମାନ ପରିମଳ କାର୍ଯ୍ୟକ୍ରମକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ କେନ୍ଦ୍ରର ନୂତନ ଏନ୍.ଡି.ଏ. ସରକାର ଅଣ୍ଟା ଭିଡ଼ିଛନ୍ତି। ଏହାକୁ ରାଜନୈତିକ କାର୍ଯ୍ୟସୂଚୀରେ ପ୍ରାଥମିକତା ଦେଇ ସ୍ୱଚ୍ଛ ଭାରତ ମିଶନ ନାମରେ ଏକ କାର୍ଯ୍ୟକ୍ରମ ଗତ ଅକ୍ଟୋବର ୨ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଆରମ୍ଭ କରିଛନ୍ତି। ଦେଶର ସମସ୍ତ ଗ୍ରାମ, ସହର , ସାହି, ବଜାର, ସ୍କୁଲ୍, କଲେଜ, ଦପ୍ତର, ନଦ ଓ ନଦୀ ଆଦି ସବୁ ସ୍ଥାନକୁ ଆବର୍ଜନା ମୁକ୍ତ କରି ୨୦୧୯ ମସିହା ସୁଦ୍ଧା ସ୍ୱଚ୍ଛ ଭାରତ ନିର୍ମାଣ କରି ସ୍ୱାଧୀନତାଠାରୁ ପରିମଳକୁ ଅଧିକ ମହତ୍ୱ ଦେଉଥିବା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏତିକି ହାସଲ କରିବା ଅସମ୍ଭବ ବା ଅବାସ୍ତବ ନୁହେଁ। ଆମ ଆଗରେ ଅନେକଗୁଡ଼ିଏ ଦେଶର ଦୃଷ୍ଟାନ୍ତ ରହିଛି। ଶୃଙ୍ଖଳା, ଅନୁଶାସନ, ସମୟାନୁବର୍ତ୍ତିତା, ନାଗରିକ ସଚେତନତା, ଜ୍ଞାନ, ଆବେଗ, ଅଧିକାର ଓ କର୍ତ୍ତବ୍ୟ ଭଳି ପୁଞ୍ଜିକୁ ଧରି ସଂକଳ୍ପବଦ୍ଧ ଉଦ୍ୟମ ଦ୍ୱାରା ଏହାକୁ ସହଜରେ ହାସଲ କରାଯାଇପାରିବ।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ
ଭୁବନେଶ୍ୱର

# କଳିଙ୍ଗ ବୀର

**ସରୋଜ ରଂଜନ ପଟ୍ଟନାୟକ**

ମୁଁ କଳିଙ୍ଗର କଳିଙ୍ଗ ମୋହର
ପବିତ୍ର ମୋ ଜନ୍ମଭୂମି ।
ଜନ୍ମିଛି ନାଚିଛି କୁଦିଛି ଏଠାରେ
ମା'ର ମମତା ପାଇଁ ।
ନଦୀ ନାଳ ଭରା ଶସ୍ୟ ଶ୍ୟାମଳାରେ
ଗାଁ ଚାରିପଟ ଦିଶେ ।
ମାଟିର ମମତା ଅଟଇ ପବିତ୍ର
ଭୁଲି ହୁଏ ନାହିଁ ସତେ ।
ଜନମ ନେଇଣ ଏ ଦେଶ ମାଟିରେ
ରଘୁ–ଦିବାକର ଜାଣ ।
ଫିରିଙ୍ଗ ସେନାକୁ ପ୍ରତିହତ କରି
ଦେଇଥିଲେ ବଳିଦାନ ।
ରକ୍ତପାତ ସହ ଭାଙ୍ଗିଥିଲା ଦମ୍ଭ
ଫିରିଙ୍ଗ ସେନାର ରଡ଼ି ।
ତୋପ କମାଣକୁ ଖାତିର ନ କରି
ଦେଶୁ ଦେଇଥିଲେ ତଡ଼ି ।
ଶେଷରେ ବିଜୟ ହୋଇଥିଲା ଜାଣ
ଇତିହାସ ଯା'ର ସାକ୍ଷୀ ।
ଫେରି ଆସ ତୁମେ ହେ !ବୀର ପୁଙ୍ଗବ
ଜାଗି ଉଠୁ ବୀର ମାଟି ।

କବି ଜୟଦେବ ଉପଇନ୍ଦ୍ର ଭଞ୍ଜ
ଜନମି ଥିଲେ ଏ ଦେଶେ ।
ଅନ୍ୟ କବିଙ୍କର କି ଗୁଣ ବର୍ଣ୍ଣିବି
ଗଙ୍ଗାଧର ମଧୁସୂଦନ ପର୍ଯ୍ୟନ୍ତେ ।
ଉତ୍କଳରମଣି ଗୋପବନ୍ଧୁ ଦାସ ନାହାନ୍ତି ସଂସାରେ ଆଉ
ଛାଡି ଯାଇଥିବା ସେବା ତ୍ୟାଗ ଗୁଣ
ଚିର ଦିନ ପାଇଁ ଥାଉ ।
ବାର ବରଷର ବକଟେ ପିଲା ସେ
ନାଁ ତା'ର ବାଜି ରାଉତ
ପ୍ରାଣ ଦେଲା ପଛେ ଦବି ଗଲା ନାହିଁ
ଦେଶ ମାତୃକାର ଡାକ ।
ବ୍ରିଟିଶ୍ ସେନାର ଧୈର୍ଯ୍ୟ ଭଙ୍ଗ ହେଲା
ଛାର ବାଳକର ରଡ଼ି।
ପ୍ରଜା ଆନ୍ଦୋଳନ ହୋଇଲା ସଫଳ
ଫିରିଙ୍ଗ ଗଲେ ବାହୁଡ଼ି।

ଘର ନଂ–୨ ଆରଏଫ୍–୪/୧
କୋ–ଅପରେଟିଭ୍ ହାଉସିଂ କଲୋନୀ
ୟୁନିଟ୍ –୩ ଖାରବେଳ ନଗର, ଭୁବନେଶ୍ୱର–୧

# ମହିଳା ସଶକ୍ତିକରଣରେ ପଞ୍ଚାୟତିରାଜ

**ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ**

ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର । ଭାରତର ସାମ୍ବିଧାନିକ ବିଧିବ୍ୟବସ୍ଥାରେ ଜାତି ଧର୍ମ ଅଞ୍ଚଳ ନିର୍ବିଶେଷରେ ଉଭୟ ପୁରୁଷ ଓ ନାରୀକୁ ସମାନ ନାଗରିକ ଅଧିକାର ପ୍ରଦାନ ହୋଇଛି । ଏହି ପରିପ୍ରେକ୍ଷୀରେ ମହିଳା ସଶକ୍ତିକରଣର ଆବଶ୍ୟକତା ଭାରତୀୟ ସମାଜ ନିମିତ୍ତ ଅପରିହାର୍ଯ୍ୟ ଅଟେ ।

ସଶକ୍ତିକରଣ ପ୍ରକ୍ରିୟା ସମାଜରେ ଏବଂ ପରିବାର ମଧ୍ୟରେ କ୍ଷମତାର ମୌଳିକ ବଣ୍ଟନକୁ ବୁଝାଇଥାଏ । ନାରୀକୁ ସମାନ ଅଧିକାର ପ୍ରଦାନ କରିବା ଏବଂ ବିକାଶ ସାଧନ କରିବା ମହିଳା ସଶକ୍ତିକରଣର ଅନ୍ୟତମ ଲକ୍ଷ୍ୟ ଅଟେ । ଏହାଦ୍ୱାରା ବ୍ୟକ୍ତି ବା ସମୂହ ନିଜର ସମ୍ପୂର୍ଣ୍ଣ ପରିଚୟ ଓ ସବୁ କ୍ଷେତ୍ରରେ ସମାନ କ୍ଷମତା ପ୍ରାପ୍ତ ହୋଇଥାଏ । ସଶକ୍ତିକରଣ ପ୍ରକ୍ରିୟାରେ ନାରୀ ଜୀବନର ସବୁ କ୍ଷେତ୍ରରେ ପ୍ରବେଶ ଅଧିକାର ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ନିଷ୍ପତ୍ତି ନେବାର କ୍ଷମତା ପାଇଥାଏ ଏବଂ ପ୍ରଥା, ପରମ୍ପରା, ବିଶ୍ୱାସ ଓ ସାମାଜିକ ଚଳଣି ଦ୍ୱାରା ମହିଳାମାନଙ୍କ ଉପରେ ସମାଜ ଲଦି ଦେଇଥିବା ନିଷେଧଗୁଡିକରୁ ମୁକ୍ତି ପାଇଥାଏ ।

ମହିଳାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟସେବା, ଉଚ୍ଚ ସାକ୍ଷରତା ହାର, ଉତ୍ପାଦିତ ପଦାର୍ଥରେ ସମାନ ମାଲିକାନାସ୍ୱତ୍ୱ, ବାଣିଜ୍ୟ ଓ ଅର୍ଥନୀତିରେ ସମାନ ଅଂଶଗ୍ରହଣ, ଉନ୍ନତମାନର ଜୀବନଧାରାକୁ ମହିଳା ସଶକ୍ତିକରଣ କୁହାଯାଏ । ସଶକ୍ତିକରଣ ଦ୍ୱାରା ଜଣେ ନାରୀ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳତା ଓ ଆତ୍ମମର୍ଯ୍ୟାଦା ଲାଭ କରିଥାଏ । ସଂକ୍ଷେପରେ ନାରୀ ସଶକ୍ତିକରଣ, ସଚେତନତା ତଥା ଦକ୍ଷତା ଗଠନର ଏକ ପ୍ରକ୍ରିୟା, ଯାହାଦ୍ୱାରା ନାରୀ ସମାଜର ସବୁକ୍ଷେତ୍ରରେ ଅଂଶଗ୍ରହଣ କରି ଦୃଢ ନିଷ୍ପତ୍ତି ନେଇପାରିବ ଏବଂ ସମାଜର ସମସ୍ତ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ଆଣି ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରିପାରିବ ।

ସାମ୍ପ୍ରତିକ ସମାଜରେ ନାରୀର ରାଜନୀତିକ ସଶକ୍ତିକରଣରେ ପଞ୍ଚାୟତିରାଜ ଅନୁଷ୍ଠାନର ଭୂମିକା ମହତ୍ତ୍ୱପୂର୍ଣ୍ଣ ଅଟେ । ପଞ୍ଚାୟତିରାଜ ବ୍ୟବସ୍ଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ସ୍ୱପ୍ନ 'ଗ୍ରାମ ସ୍ୱରାଜ' ସ୍ଥାପନ କରିବାର ପ୍ରଥମ ପଦକ୍ଷେପ । ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠା, କ୍ଷମତାର ବିକେନ୍ଦ୍ରୀକରଣ ଓ ସାଧାରଣ ଜନତାର ଶାସନ କ୍ଷେତ୍ରରେ ଭାଗୀଦାରୀ ଏହାର ଲକ୍ଷ୍ୟ ଅଟେ । ବଲବନ୍ତ ରାଓ ମେହେଟା କମିଟି ସୁପାରିଶ ଆଧାରରେ ସାରା ଭାରତବର୍ଷରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଭିନ୍ନ ରାଜ୍ୟ ସରକାରଗୁଡିକ ପ୍ରଚଳନ କରିଥିଲେ । ଓଡ଼ିଶାରେ ପଞ୍ଚାୟତିରାଜ ୧୯୬୫ ମସିହାରେ ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ- ୧୯୬୪ ଅନୁଯାୟୀ ପ୍ରଚଳିତ ହୋଇଥିଲା । ୭୩ତମ ଏବଂ ୭୪ତମ ସମ୍ବିଧାନ ସଂଶୋଧନ ଅଧିନିୟମ-୧୯୯୨କୁ ୧୯୯୩ ମସିହା ଏପ୍ରିଲ୍ ମାସ ୨୪ ତାରିଖ ଦିନ ସାରା ଭାରତରେ ପ୍ରଚଳିତ ହୋଇଥିଲା । ଏହି ସଂଶୋଧନ ବଳରେ ପଞ୍ଚାୟତିରାଜ ବ୍ୟବସ୍ଥା ସାମ୍ବିଧାନିକ ସ୍ୱୀକୃତି ତଥା ସ୍ୱୟଂଶାସିତ ସଂସ୍ଥାର କ୍ଷମତା ତଥା ମାନ୍ୟତାପ୍ରାପ୍ତ ହୋଇଥିଲା ।

ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନରେ କ୍ଷମତା ବିକେନ୍ଦ୍ରୀକରଣ ନାରୀକୁ ରାଜନୀତିକ ବଳୟ ମଧ୍ୟରେ ପ୍ରବେଶାଧିକାର ଦେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ପଞ୍ଚାୟତିରାଜ ବ୍ୟବସ୍ଥାରେ ନାରୀମାନଙ୍କ ନିମିତ୍ତ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଦ୍ୱାରା ପ୍ରଥମ ଥର ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ମହିଳାମାନଙ୍କର ଅଂଶଗ୍ରହଣ ସମ୍ଭବ ହୋଇପାରିଥିଲା ।

ଭାରତରେ ନାରୀମାନଙ୍କର ରାଜନୈତିକ ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ,

ରାଜନୀତିକ ଅଧିକାର ନିମିତ୍ତ ଦାବି ଏବଂ ଭୋଟଦାନ ଅଧିକାର ପ୍ରାପ୍ତ, ବିଭିନ୍ନ ବିଧାନମଣ୍ଡଳଗୁଡ଼ିକରେ ପ୍ରତିନିଧିତ୍ୱ ଇତ୍ୟାଦି ନାରୀର ପ୍ରଥମ ରାଜନୀତିକ ସଶକ୍ତିକରଣ ଅଟେ । ଯଦିଓ ଭାରତବର୍ଷରେ ନାରୀମାନଙ୍କର ରାଜନୀତିରେ ଅଂଶଗ୍ରହଣ ପୃଥିବୀର ଅନେକ ବିକଶିତ ଦେଶମାନଙ୍କଠାରୁ ବହୁ ଆଗରେ ଥିଲା । ମାତ୍ର ବାସ୍ତବ କ୍ଷେତ୍ରରେ ବିଭିନ୍ନ ନିଷ୍ପତ୍ତିମୂଳକ ପଦବୀ ଓ ବ୍ୟବସ୍ଥାପକ ସଭାରେ ନାରୀର ଯୋଗଦାନର ହାର ସ୍ୱଳ୍ପ ଅଟେ । ବିଭିନ୍ନ ଅଧ୍ୟୟନରୁ ପ୍ରାପ୍ତ ତଥ୍ୟ ଅନୁସାରେ ନିରକ୍ଷରତା, ସମାଜରେ ପିତୃକୈନ୍ଦ୍ରିକ ମୂଲ୍ୟବୋଧର ପ୍ରଭାବ, ଉପାର୍ଜନ, ସମ୍ପତ୍ତି ଉପରେ ଅଧିକାର ଓ ନିୟନ୍ତ୍ରଣର ଅଭାବ, ସାଧାରଣ ସ୍ଥାନକୁ ଯିବା ଆସିବାରେ କଟକଣା ଇତ୍ୟାଦି କାରଣରୁ ନାରୀ ସାଧାରଣ ଜୀବନ କ୍ଷେତ୍ରକୁ ପ୍ରବେଶ କରିପାରେ ନାହିଁ କିମ୍ବା ରାଜନୀତିକ କ୍ଷମତା ପାଇପାରିନଥାଏ । ସେହିପରି ମହିଳା ପ୍ରତିନିଧିମାନେ ରାଜନୀତିକ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ ମଧ୍ୟ ପ୍ରକୃତ କ୍ଷମତା ରାଜନୀତିକ ନିଷ୍ପତ୍ତି ପୁରୁଷ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ, କାରଣ ଭାରତୀୟ ମହିଳା ନିର୍ଭରଶୀଳ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ସମ୍ପର୍କରେ ଅଜ୍ଞ ଅଟେ ।

ଜଗତୀକରଣ ପ୍ରକ୍ରିୟାରେ ନାରୀ ଆନ୍ଦୋଳନର ବିଶ୍ୱବ୍ୟାପିତା ନାରୀକୁ ରାଜନୀତିକ ଅଧିକାର କ୍ଷମତା ଓ ରାଜନୀତି ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ସୁଯୋଗ ପ୍ରଦାନ କରିଅଛି । ପଞ୍ଚାୟତିରାଜ ବ୍ୟବସ୍ଥାର ଅଧିନିୟମ ଅନୁଯାୟୀ ନାରୀ ପରିପ୍ରେକ୍ଷିତ ଯୋଜନାମାନ, ଆଇନ୍, ସୂଚନା ଓ ସଚେତନତା, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାୟୋଜିତ ତାଲିମ୍, କର୍ମଶାଳା ମାଧ୍ୟମରେ ଆଜି ନାରୀ ସାଧାରଣ କ୍ଷେତ୍ରଠାରୁ ରାଜନୀତି କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ନିଜର ପାରଦର୍ଶିତା ଲାଭ କରିପାରିଛି ।

ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାରେ ଆଜି ନାରୀମାନଙ୍କର ପ୍ରତିନିଧିତ୍ୱ ଏକଲକ୍ଷରୁ ଊର୍ଦ୍ଧ୍ୱ ଅଟେ । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁ ନାରୀମାନଙ୍କର ସଶକ୍ତିକରଣ ନିମିତ୍ତ ଓଡ଼ିଶାରେ ନାରୀମାନଙ୍କ ପାଇଁ ଶତକଡା ୩୩ଭାଗ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଥିଲେ । ଓଡ଼ିଶାର ନାରୀ ପ୍ରତିନିଧିମାନେ ଗ୍ରାମସଭାଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ଅର୍ଥନୀତିକ ସମସ୍ୟାମାନଙ୍କୁ ଉତ୍ଥାନ କରିବା, ତର୍କ କରିବା ଓ ସମାଧାନର ସୂତ୍ର ବାହାର କରିବାରେ ସକ୍ଷମ ଅଟନ୍ତି । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମପଞ୍ଚାୟତଗୁଡ଼ିକର ଆୟୋଜିତ ଗ୍ରାମସଭାରେ ମହିଳା ସରପଞ୍ଚ ଓ ପ୍ରତିନିଧିମାନଙ୍କର ସକ୍ରିୟ ଅଂଶଗ୍ରହଣ ଏହାର ଜ୍ୱଳନ୍ତ ଉଦାହରଣ ଅଟେ । ଅନେକ ମହିଳା ନିର୍ଭୟରେ ସରକାରୀ ଅଫିସର, ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ନିଜର ଗଣତାନ୍ତ୍ରିକ ଅଧିକାର, ନିଜ ଅଞ୍ଚଳର ଲୋକମାନଙ୍କର ସ୍ୱାର୍ଥ, ପରିବେଶ ତଥା ନିଜ ଧାର୍ମିକ ଭାବନା ରକ୍ଷା ପାଇଁ ଯୁକ୍ତି ଉପସ୍ଥାପନ କରୁଛନ୍ତି । ସେମାନଙ୍କ ଭାଷାରେ 'ସେମାନେ କେବଳ ନିଜ ଜୀବିକା ପାଇଁ ଲଢୁନାହାନ୍ତି ବରଂ ସେମାନେ ସେମାନଙ୍କର ଅସ୍ତିତ୍ୱ ଓ ସୁରକ୍ଷା ପାଇଁ ଲଢୁଛନ୍ତି । ନାରୀମାନଙ୍କୁ ସମାଜରୁ ସ୍ୱତଃସମର୍ଥନ ମିଳିଲେ ଅନେକ ନାରୀ ନିର୍ବାଚନ ଲଢିବାକୁ ଆଗେଇ ଆସନ୍ତେ । ଜଣେ ନାରୀ ନେତ୍ରୀ ହିସାବରେ ନାରୀମାନଙ୍କର ଅଧିକ ରାଜନୀତିରେ ଅଂଶଗ୍ରହଣ, ଅନ୍ୟାୟର ବିରୋଧ ଓ ସମାଧାନ, ନାରୀମାନଙ୍କର ସମ୍ପତ୍ତି ଅଧିକାର ଓ ଛାଡପତ୍ର କ୍ଷେତ୍ରରେ ଭରଣପୋଷଣ ଇତ୍ୟାଦି ସମସ୍ୟାର ସମାଧାନ ନିମିତ୍ତ ସେ ଉଦ୍ୟମ ଜାରି ରଖିପାରିବେ ।

ପଞ୍ଚାୟତିରାଜ ଅନୁଷ୍ଠାନରେ ରାଜନୀତିରେ ଅଂଶଗ୍ରହଣ କରୁଥିବା ମହିଳାମାନେ ମୁଖ୍ୟତଃ ସାମାଜିକ ଓ ଅର୍ଥନୈତିକ ଦିଗରୁ ନିମ୍ନ ମଧ୍ୟବିତ୍ତ ବା ମଧ୍ୟବିତ୍ତ ଶ୍ରେଣୀର ଅଟନ୍ତି । ମହିଳାମାନଙ୍କର ପଞ୍ଚାୟତରେ ଅଂଶଗ୍ରହଣ ଦ୍ୱାରା ଗ୍ରାମଗୁଡ଼ିକରେ ପଞ୍ଚାୟତର କାର୍ଯ୍ୟକାରିତା ଚିତ୍ରରେ ପରିବର୍ତ୍ତନ ଆସିଅଛି । ନାରୀମାନଙ୍କ ମଧ୍ୟରେ ରାଜନୀତି କ୍ଷେତ୍ରକୁ ପ୍ରବେଶ ପାଇଁ ଉତ୍ସାହ ସୃଷ୍ଟି ହୋଇଅଛି । ନାରୀ ଶିକ୍ଷାର ପ୍ରସାର, ଭୋଟଦାନରେ ନାରୀ ସ୍ୱାଧୀନତା ପାଇପାରିଅଛି । ବର୍ତ୍ତମାନ ପଞ୍ଚାୟତରେ ନାରୀ ସ୍ୱାଧୀନ ଭାବରେ ନିଜର ସାମ୍ବିଧାନିକ କାର୍ଯ୍ୟ ସମ୍ପାଦନ କରିବାରେ ସମର୍ଥ ହୋଇଅଛି । ସର୍ବୋପରେ ୭୩ତମ ସମ୍ବିଧାନ ସଂଶୋଧନ ଆଜି ଭାରତବର୍ଷରେ ନାରୀର ରାଜନୀତିକ ସଶକ୍ତିକରଣର ଏକ ଅମୋଘ ଅସ୍ତ୍ରରୂପେ କାର୍ଯ୍ୟ କରୁଅଛି ।

ତୃଣମୂଳ ସ୍ତରରେ ନାରୀକୁ ରାଜନୀତିକ କ୍ଷମତା ଓ ଅଧିକାର ସାବ୍ୟସ୍ତ କରିବାକୁ ହେଲେ ପ୍ରଥମେ ନାରୀ ଶିକ୍ଷିତ ହେବା ଆବଶ୍ୟକ । ସମାଜର ପୁରୁଷ–କୈନ୍ଦ୍ରିକ ମାନସିକତା ପରିବର୍ତ୍ତନ ହେଲେ ନାରୀ ସମାଜର ମୁଖ୍ୟ ସ୍ରୋତକୁ ଆସିପାରିବ । ଆଇନଗତ ବ୍ୟବସ୍ଥାର ସୁପରିଚାଳନା ଦ୍ୱାରା ନାରୀ ରାଜନୀତିକ କ୍ଷେତ୍ରରେ ବାସ୍ତବ କ୍ଷମତା ଉପଭୋଗ କରିପାରିବ । ତେଣୁ ନାରୀକୁ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ କରିବାକୁ ହେଲେ, ସରକାର ବେସରକାରୀ ସଂସ୍ଥା ତଥା ରାଜନୀତିକ ଦଳଗୁଡ଼ିକ ଯତ୍ନଶୀଳ ହୋଇ ନାରୀ ପରିପ୍ରେକ୍ଷିତ ବ୍ୟବସ୍ଥା ତିଆରି କରିବା ଉଚିତ୍ ।

ସମାଜବିଜ୍ଞାନ ବିଭାଗ
ମାର୍ଶାଘାଇ ମହାବିଦ୍ୟାଳୟ, କେନ୍ଦ୍ରାପଡା

# ମୁଁ ଖାରବେଳ ଜାତିର ଦାୟାଦ

**ପଞ୍ଚାନନ ଅଗ୍ରୱାଲା**

''ମୁଁ ଖାରବେଳ ଜାତିର ଦାୟାଦ- ପୁରୁଷୋତ୍ତମ ଜାତିର ବଂଶଧର, ମୋର ସଂସ୍କୃତି ଜଗନ୍ନାଥ ସଂସ୍କୃତି- ପରମ୍ପରା ଜଗନ୍ନାଥ ପରମ୍ପରା- କଳାର ଉତ୍କର୍ଷତା ପାଇଁ ମୋ ରାଜ୍ୟର ନାଁ କଳିଙ୍ଗ- ଏହି କଳିଙ୍ଗ ମୋ ମା' ପାଇଁ ନିଜ ଜୀବନ ବିନିମୟରେ ଯଦି କିଛି କରିପାରିଲି, ତାହା ହିଁ ମୋ ଜୀବନର ବଡ କର୍ତ୍ତବ୍ୟ, ବଡ ବଡ ବ୍ରତ'' ଏହା ଥିଲା ବିଜୁବାବୁଙ୍କ ନିଜସ୍ୱ ଭାଷା ।



ଓଡ଼ିଶା ପାଇଁ ତାଙ୍କ ପ୍ରାଣରେ ଅନ୍ତରର ମମତା ଥିଲା, ଏହାକୁ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ଯଥାର୍ଥରେ ଲେଖିଛନ୍ତି- ବିଜୁବାବୁ ଦେଶକୁ ଭଲ ପାଉଥିଲେ ତାଙ୍କ ନିଜସ୍ୱ ଢଙ୍ଗରେ । ଦେଶର ମଙ୍ଗଳ କରିବାକୁ ଚାହୁଁଥିଲେ ମଧ୍ୟ ତାଙ୍କ ରୀତି ଆଉ ଆଦର୍ଶରେ । ପ୍ରଥମ କଥା ସେ ଚାହୁଁଥିଲେ- କୌଣସି ଲୋକ ଛୋଟ ନହେଉ- ଛୋଟ ପରିସର ମଧ୍ୟରେ ବି ନରହୁ । ସମସ୍ତେ ତାଙ୍କ ଭଳି ଡେଙ୍ଗା ହୁଅନ୍ତୁ । ତାଙ୍କ କଳ୍ପିତ କଳିଙ୍ଗରେ ସେ ଚାହୁଁଥିଲେ ଜୀବନର ସବୁ କ୍ଷେତ୍ରରୁ ବାମନ ସଂଖ୍ୟା ଲୋପ ହେଉ । କେହି ଓଡ଼ିଆ ଏହି ଭୂଇଁ ଚାଖଣ୍ଡରେ ନ ଘୁସୁରନ୍ତୁ ସମସ୍ତେ ଆକାଶ ମାର୍ଗରେ ଉଡନ୍ତୁ- ନହେଲେ ସପ୍ତ ସମୁଦ୍ରରେ ସନ୍ତରଣ କରନ୍ତୁ । ସମସ୍ତଙ୍କ ମନ ଆକାଂକ୍ଷାମାନ ବଡବଡ ହେଉ । କାହାଠାରୁ କୌଣସି ପ୍ରକାର ମ୍ରିୟମାଣତା ବା ତେଜୋହୀନତା ସେ ସହି ପାରୁନଥିଲେ । ଓଡ଼ିଆମାନଙ୍କ ପାଇଁ ତାଙ୍କ ନିର୍ଦ୍ଦେଶ ଥିଲା କଠିନ ପରିଶ୍ରମ କର । ଖୁବ୍ ରୋଜଗାର କର । ଖୁବ୍ ଖରଚ ମଧ୍ୟ କର । ବିଜୁବାବୁ ଈଶ୍ୱର ବା ଦେବାଦେବୀଙ୍କର ପୂଜା ଉପାସନା କରୁନଥିଲେ । ତାଙ୍କର ମତ ହେଲା- ଯଦି କୌଣସି ଈଶ୍ୱର ବା ଦେବାଦେବୀ ବହୁ ଶକ୍ତି କ୍ଷମତାର ଅଧିକାରୀ ବୋଲି ଭାବୁଛ ଅବା' ତା'ର କିଛି ପ୍ରତ୍ୟକ୍ଷ ପ୍ରମାଣ ପାଇଛ, ତେବେ ସେମାନଙ୍କଠାରୁ ତାହା ଗ୍ରହଣ କରି ତା'ର କିଛି ସଦୁପଯୋଗ କର ଓ ସୁଖ ଭୋଗ କର । ମାତ୍ର ଈଶ୍ୱର ବା କୌଣସୀ ଦେବାଦେବୀଙ୍କୁ ଭୟ କର ନାହିଁ ।

ଜନ୍ମଭୂମି ଓଡ଼ିଶା ପ୍ରତି ତାଙ୍କର ଥିଲା ଅଫୁରନ୍ତ ପ୍ରେମ । ସେ ତାଙ୍କର ସ୍ୱପ୍ନ କଳ୍ପନା ଓ ରୁଚି ଅନୁଯାୟୀ ଓଡ଼ିଶାକୁ ନୂଆକରି ଏକ ମହାସମୃଦ୍ଧ ରାଜ୍ୟ ରୂପେ ଗଢିବାକୁ ଚାହୁଁଥିଲେ । ଓଡ଼ିଶାର ଅତୀତ ଗୌରବ ତାଙ୍କୁ ଖୁବ୍ ଉନ୍ମାଦିତ ଓ ଉଚ୍ଚାରିତ କରି ରଖିଥିଲା । ଯଦି ଆମର ଏଇ ଯୁଗରେ ରାଜତନ୍ତ୍ର ଥାଆନ୍ତା, ତେବେ ସେଇ ଏକା ଭୂଖଣ୍ଡର ସମ୍ରାଟ ହୋଇଥାନ୍ତେ ଏବଂ ବାରମ୍ବାର ଯୁଦ୍ଧ କରି ସେ ତାଙ୍କ ପ୍ରିୟ ରାଜ୍ୟକୁ ଆଉଥରେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତୃତ କରାଇ ଦେଇଥାନ୍ତେ । ଓଡ଼ିଶାକୁ ଏ ଯୁଗରେ ସବୁ କ୍ଷେତ୍ରରେ ସମୁନ୍ନତ କରି ଗଢି ତୋଳିବାର ଗଭୀର ଉଚ୍ଚାକାଂକ୍ଷା ଭିତରେ ହିଁ ବଞ୍ଚିବାର ସ୍ୱାଦ ଅନୁଭବ କରୁଥିଲେ । ଏହି ଉଚ୍ଚାକାଂକ୍ଷାର ଉନ୍ମାଦନାରେ ସେ ଦୀର୍ଘଜୀବନ ବଞ୍ଚି ରହିଥିଲେ । କୃତ୍ରିମ ହୃଦୟଟିଏ ଲଗାଇ ମଧ୍ୟ ସେ ସେହି ବୃଦ୍ଧ ବୟସରେ ଅସମ୍ଭବ ପରିଶ୍ରମ କରିପାରୁଥିଲେ । ନିୟତିର ବିଡମ୍ବନା ହେଲା କୋଉ ଉଚ୍ଚାକାଂକ୍ଷା ମଣିଷର ସମୁନ୍ନତ ହୃଦୟଟିଏ ଦେଖିଲେ ଅସହିଷ୍ଣୁ ଅପଦେବତାମାନେ ପ୍ରଥମେ ତା'ର ସେହି ସମୁନ୍ନତ ହୃଦୟଟିର

ଉପରେ ହିଁ ଆଘାତ ପରେ ଆଘାତ କରି ଶେଷ ପର୍ଯ୍ୟନ୍ତ ତାଙ୍କୁ ଭାଙ୍ଗିଦିଅନ୍ତି । କିନ୍ତୁ ବିଜୁବାବୁଙ୍କ ଭଗ୍ନ ହୃଦୟରୂପ କେହି ଦେଖିନାହାନ୍ତି କିମ୍ବା ସେ କାହାକୁ ଦେଖାଇ ନାହାନ୍ତି । ବୀର ପୁରୁଷମାନେ କେତେ ସ୍ୱାଭିମାନୀ ହୋଇପାରନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଥିଲେ ବିଜୁ ପଟ୍ଟନାୟକ । ରୋଗ ଓ ବାର୍ଦ୍ଧକ୍ୟକୁ ସେ ସ୍ୱୀକାର କରୁନଥିଲେ । ମୃତ୍ୟୁ ପ୍ରତି ତାଙ୍କର ତିଳେ ବି ଆଶଙ୍କା କି ଭୟ ନଥିଲା ।

ବିଜୁବାବୁଙ୍କ ସାହସିକତା ଓ ଦେଶଭକ୍ତି ବିଷୟରେ ତାଙ୍କ ଝିଅ ଗୀତା ମେହେଟ୍ଟା 'ସ୍ନେକ ଏଣ୍ଡ ଲାଡର୍ସ' (ସାପ ଏବଂ ଶିଡି) ବହିରେ କିଛି କଥା ବାପାଙ୍କ ବିଷୟରେ ଲେଖିଛନ୍ତି । 'ମୋ ବାପା ମା' ନୂଆଦିଲ୍ଲୀରେ ରହୁଥିଲେ, ଯେଉଁ ନୂଆଦିଲ୍ଲୀ ରାଜଧାନୀର ଡିଜାଇନ ପ୍ରସ୍ତୁତ କରିଥିଲେ 'ଲୁଟିନ୍ସ' । ସେତେବେଳେ ସେ ଭାବିଥିଲେ ଯେ ବ୍ରିଟିଶ ସାମ୍ରାଜ୍ୟ ଚିରକାଳ ଭାରତମାଟିରେ ଚେରମାଡି ରହିଥିବ । ମାତ୍ର ଏ ପ୍ରକାର ଧାରଣା ପୋଷଣ କରିବାର ୨୦ ବର୍ଷ ଯାଇଛି କି ନାହିଁ ବ୍ରିଟିଶ ଶାସନ ଟଳମଳ ଅବସ୍ଥାକୁ ଆସିଗଲା । ମୋ ବାପା ମା' ସେତେବେଳେ ପୁଲିସ ନଜରରୁ ଆତ୍ମଗୋପନ କରିବାକୁ ଚାହୁଁଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସେଥିପାଇଁ ଆମ ଘରକୁ 'ଆବସ୍କଣ୍ଡର୍ସ ପାରାଡାଇଜ' ବା ଫେରାରମାନଙ୍କ ଅମରାବତୀ ନାଁ ଦେଇଥିଲେ । ବିଜୁବାବୁଙ୍କୁ ଦେଖିବା ପାଇଁ ପିଲାଟି ଦିନରୁ ଉତ୍ସୁକତା ବୃଦ୍ଧି ପାଇଥିଲା । ବୌଦର ତୁଙ୍ଗ ନେତା ମଧ୍ୟରେ ଥିଲେ ସ୍ୱର୍ଗତ ନଟବର ପ୍ରଧାନ ଓ ହିମାଂଶୁ ଶେଖର ପାଢୀ । ନଟବାବୁ କଂଗ୍ରେସ ଦଳର ଯୋଡିବଳଦ ଚିହ୍ନରେ ଛିଡା ହେଉଥିଲେ । ନଟବାବୁ ବିଜୁବାବୁଙ୍କ ମଧ୍ୟରେ ଗଭୀର ବନ୍ଧୁତା ଥିଲା । ଏଣୁ ବିଜୁବାବୁଙ୍କ ସଭା ଦେଖିବାକୁ ଆମେ ଆଗ୍ରହ ସହିତ ଅପେକ୍ଷା କରୁଥିଲୁ । ବୌଦବାସୀ ଟିକରପଡା ବନ୍ଧ ହେଲେ ବ୍ୟାପକ କ୍ଷତି ହେବ ବୋଲି ଆଶଙ୍କାରେ ବିଜୁବାବୁଙ୍କୁ ବିରୋଧ କରୁଥିଲେ । ସମୟକ୍ରମେ ନଟବାବୁ ସ୍ୱତନ୍ତ୍ର ଦଳରେ ସାମିଲ ହେଲେ । ୧୯୭୭ ମସିହାରେ ବିଜୁବାବୁ କେନ୍ଦ୍ରରେ ଇସ୍ପାତ ଓ ଖଣି ମନ୍ତ୍ରୀରୂପେ ଦାୟିତ୍ୱ ନେଲେ । ନଟବାବୁ ରାଜ୍ୟର ମତ୍ସ୍ୟ, ଜଙ୍ଗଲ, ପଶୁପାଳନ, ପୂର୍ତ୍ତ ଓ ପରିବହନ ବିଭାଗର ମନ୍ତ୍ରୀ ହେଲେ । ଜରୁରିକାଳୀନ ପରେ ନିର୍ବାଚନରେ ବିଜୁବାବୁ ନୋଟଟିଏ ଦିଅ, ଭୋଟ ଟିଏ ଦିଅ କହି ସମସ୍ତଙ୍କର ଆସ୍ଥାଭାଜନ ହୋଇ ପାରିଥିଲେ । ୧୯୯୦ ମସିହାରେ ବିଜୁବାବୁ ପୁଣି ରାଜ୍ୟ କ୍ଷମତାକୁ ଫେରିଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀ ଗସ୍ତ କାର୍ଯ୍ୟକ୍ରମରେ ଫୁଲବାଣୀ ଆସିଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ ମୁଁ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲି, ସେତେବେଳେ ମୁଁ ଟ୍ରାଫିକ ସମସ୍ୟାକୁ ନେଇ ଟ୍ରାଫିକ ପୋଲିସ ବ୍ୟବସ୍ଥା କରିବାକୁ କହିଥିଲି । ସେ ହସିହସି କହିଥିଲେ, ଏଠାରେ ଟ୍ରାଫିକର କିଛି ଅସୁବିଧା ନାହିଁ । ପରବର୍ତ୍ତୀ ସମୟରେ ଫୁଲବାଣୀରେ ଜାତିଆଣ ଦଙ୍ଗା ଭୟାବହ ପରିସ୍ଥିତି ଉପୁଜିଥିଲା । ଏଥିରେ ପ୍ରାୟ ୩୦ ଜଣ ଲୋକଙ୍କୁ ହତ୍ୟା କରାଯାଇଥିଲା । ବିଜୁବାବୁ ସେତେବେଳେ ଦମ୍ଭର ସହିତ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ । କନ୍ଧମାନଙ୍କ ଦାବିରେ ସେ ଫୁଲବାଣୀର ନାମ ବଦଳାଇ କନ୍ଧମାଳ ଜିଲ୍ଲା ଘୋଷଣା କରିଥିଲେ । କନ୍ଧମାନଙ୍କ ଲଗାଇଥିବା ଆମ୍ବ, ପଣସ, ମହୁଲ ଗଛ କାଟି ଦିଅନାହିଁ । ତାଙ୍କ ପରିଶ୍ରମର ଫଳକୁ ଚୋରାଇ ବା ଲୁଟି ଖାଇବା ଦ୍ୱାରା ବିଦ୍ୱେଷ ଭାବ ସୃଷ୍ଟି ହେଉଛି ବୋଲି କହିଥିଲେ । ନାରୀ ଜାତିକୁ ସମ୍ମାନ ଦେବାକୁ ବାରମ୍ବାର ଚେତାବନୀ ଦେଉଥିଲେ । ସମାଜରେ ସଂସ୍କାର ଆଣିବା ଥିଲା ତାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଫୁଲବାଣୀର ଜଣେ କନ୍ଧ ବନବାସୀ କବି ଟାଇସରୁ ବାଇଙ୍କୁ ସେ ମଞ୍ଚ ଉପରେ ବସାଇ ଅଧ୍ୟକ୍ଷତା ଦାୟିତ୍ୱ ଅର୍ପଣ କରିଥିଲେ । ୧୯୭୭ ମସିହାରେ ତାଙ୍କର ଜଣେ ଡ୍ରାଇଭର ଥିବା ବ୍ୟକ୍ତି ପ୍ରହ୍ଲାଦ ବେହେରାଙ୍କୁ ଜନତା ଦଳରେ ଟିକେଟ ଦେଇଥିଲେ । ସେ ବିଧାୟକ ରୂପେ ବିଜୟୀ ହୋଇଥିଲେ । ତାଙ୍କ କୃପାରୁ ଶ୍ରୀବତ୍ସ ଦିଗାଲ, ନକୁଳ ନାୟକ ପ୍ରମୁଖ ଏମ୍.ପି. ହୋଇ ପାରିଥିଲେ । ତାଙ୍କ ପ୍ରଥମ ପସନ୍ଦରେ ପଦ୍ମନାଭ ବେହେରା ଫୁଲବାଣୀରୁ ବିଜୟୀ ହୋଇ କ୍ରୀଡା ବିଭାଗର ମନ୍ତ୍ରୀପଦରେ ଅବସ୍ଥାପିତ ହୋଇଥିଲେ ।

ବିଜୁବାବୁ କହିଥିଲେ, 'ଆମେ ସବୁ ଯେଉଁଦିନ ଆତ୍ମପ୍ରଚାର ଭୁଲି ଆତ୍ମସମୀକ୍ଷା କରିବାକୁ ଶିଖିବା, ସେହିଦିନ ଭାରତର ରାଜନୀତି ନୂଆ ମୋଡ ନେବ ।'

ଏମ୍.ବି-୭୭, ବଡଗଡ ବ୍ରିଟ୍ କଲୋନୀ,
ଭୁବନେଶ୍ୱର-୧୮

❖ ❖ ❖

# ଅତିବଡୀ ଜଗନ୍ନାଥ ଦାସ

**କରୁଣାକର ସାହୁ**

କପିଳେନ୍ଦ୍ର ଦେବଙ୍କ ଶାସନକାଳ ଓଡ଼ିଶା ପାଇଁ ଥିଲା ଅତୀବ ମହନୀୟ । ରାଜା ଥିଲେ ଧାର୍ମିକ, ଦୂରଦର୍ଶୀ ଓ ନ୍ୟାୟବାନ୍ । ଜଣେ ଗାଈଆଳ ପିଲା ଯେ ଉତ୍କଳ ସିଂହାସନରେ ଅଧିଷ୍ଠିତ ହୋଇ ଜଗନ୍ନାଥ ସଂସ୍କୃତି ଓ ଧର୍ମର ପ୍ରସାର କରି ଦେଶର ସମ୍ମାନ ବୃଦ୍ଧିରେ ସହାୟକ ହେବ, ଏହାଥିଲା ଓଡ଼ିଆ ଜାତିର କଳ୍ପନାର ବହୁ ଦୂରରେ । କିନ୍ତୁ ପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର । ତାଙ୍କର ଇଚ୍ଛା ହିଁ ଥିଲା ସର୍ବଶ୍ରେଷ୍ଠ ଦିଗ୍‌ଦର୍ଶନ । କପିଳେନ୍ଦ୍ର ଦେବଙ୍କ ସମୟରେ ଉତ୍କଳ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଥିଲା । ଧର୍ମ, ସାହିତ୍ୟ, ଦର୍ଶନ ଓ ବୀରତ୍ୱରେ ମଧ୍ୟ ଭାରତବର୍ଷରେ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ପ୍ରସିଦ୍ଧି ଲାଭ କରିଥିଲା ।

ରାଜା କପିଳେନ୍ଦ୍ର ଦେବ ଜଣେ କୁଳୀନ ଓ ଜ୍ଞାନୀ ବ୍ରାହ୍ମଣ ନରୋତ୍ତମ ଦାସଙ୍କୁ ଶ୍ରୀମନ୍ଦିରରେ ପୁରାଣ ପଣ୍ଡା ପଦରେ ନିଯୁକ୍ତି ଦେଇଥିଲେ । ବଂଶ ପରମ୍ପରାକ୍ରମେ ତାଙ୍କର ପୌତ୍ର ଭଗବାନ ଦାସ ଶ୍ରୀମନ୍ଦିରରେ ପ୍ରତ୍ୟହ ସଂସ୍କୃତ ଭାଗବତ ପାଠକରି ଭକ୍ତମାନଙ୍କୁ ଉପଦେଶ ପ୍ରଦାନ କରୁଥିଲେ । ତାଙ୍କ ପତ୍ନୀ ପଦ୍ମାବତୀ ମଧ୍ୟ ଧର୍ମପରାୟଣା ଓ ଜଗନ୍ନାଥଙ୍କ ଭକ୍ତ ଥିଲେ । ନିଃସନ୍ତାନ ଦମ୍ପତି ପୁତ୍ର ରତ୍ନଟିଏ ପାଇବା ପାଇଁ ଜଗନ୍ନାଥଙ୍କ ପଦାରବିନ୍ଦରେ ନିବେଦନ କଲେ । ପ୍ରଭୁ ପତିପତ୍ନୀଙ୍କର ଡାକ ଶୁଣିଲେ । ୧୪୮୭ ଖ୍ରୀଷ୍ଟାବ୍ଦ ଭାଦ୍ରବ ମାସ ରାଧାଷ୍ଟମୀ ଦିନ ମାହେନ୍ଦ୍ର ବେଳାରେ ଦେବ କୁମାର ସଦୃଶ ପୁତ୍ର ରତ୍ନଟିଏ ପଦ୍ମାବତୀଙ୍କ କୋଳ ମଣ୍ଡନ କଲେ । ଶ୍ରୀଜଗନ୍ନାଥଙ୍କ କୃପାରୁ ପୁତ୍ର ପାଇଥିବାରୁ ପତିପତ୍ନୀ ତାଙ୍କର ନାମ ରଖିଲେ ଜଗନ୍ନାଥ ।

ସେସମୟରେ ସମାଜରେ ବାଲ୍ୟ ବିବାହ ପ୍ରଚଳିତ ଥିଲା । ବାରବର୍ଷ ବୟସରେ ଜଗନ୍ନାଥଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପତିପତ୍ନୀ ଉଦ୍ୟମ କଲେ । କିନ୍ତୁ ଜଗନ୍ନାଥ ନମ୍ର ଭାବରେ ପିତାମାତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କଲେ । ପୁତ୍ର ହୃଦୟରେ ଦେବତ୍ୱ ଗୁଣମାନ ଦେଖିପାରି ପିତାମାତା ବିବାହ ପ୍ରସ୍ତାବର ପୁନରାବୃତ୍ତି କଲେ ନାହିଁ ।

ବେଦ, ବେଦାନ୍ତ, ରାମାୟଣ ଓ ମହାଭାରତ ପ୍ରଭୃତି ଗ୍ରନ୍ଥଗୁଡ଼ିକ ଅଧ୍ୟୟନ କରି ଜଗନ୍ନାଥ ସର୍ବଦା ଆତ୍ମସନ୍ତୋଷ ଲାଭ କରୁଥିଲେ । ମାତ୍ର ୧୫ବର୍ଷ ବୟସରେ ସେ ହେଲେ ପିତୃହରା । ତତ୍ପରେ ଶ୍ରୀମନ୍ଦିରରେ ଭାଗବତ ପାଠ କରିବାକୁ ଗଜପତି ମହାରାଜା ତାଙ୍କୁ ନିଯୁକ୍ତ କଲେ । ଜୀବଦ୍ଦଶାରେ ସେ ଦୁଇଟି କର୍ମ ସମ୍ପାଦନ କରୁଥିଲେ । ପ୍ରଥମଟି ମାତୃସେବା ଓ ଦ୍ୱିତୀୟଟି ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଭାଗବତ ପାରାୟଣ ।

କାର୍ତ୍ତିକ ମାସରେ ସ୍ତ୍ରୀ ଲୋକମାନେ ଏକତ୍ର ହୋଇ ସଂସ୍କୃତ ଭାଗବତ ଶୁଣୁଥିଲେ । ଏକଦା ପଦ୍ମାବତୀ ଗୋଟିଏ ସ୍ଥାନରେ ବୁଝିବାକୁ ଅକ୍ଷମ ହୋଇ ପୁରାଣ ପଣ୍ଡାକୁ ପଚାରିଲେ । ସେ ବୁଝାଇବା ପରିବର୍ତ୍ତେ ପଦ୍ମାବତୀଙ୍କୁ ମୂର୍ଖ ବୋଲି ସମ୍ବୋଧନ କରି ତିରସ୍କାର କଲେ ।

ପଦ୍ମାବତୀଙ୍କ ହୃଦୟରେ ଦାରୁଣ ଦୁଃଖ ଅଶ୍ରୁରୂପ ନେଇ ଝରିବାକୁ ଲାଗିଲା । ଘରକୁ ଫେରି ପୁତ୍ର ଜଗନ୍ନାଥଙ୍କୁ କାନ୍ଦି କାନ୍ଦି ସବୁକଥା କହି ଓଡ଼ିଆ ଭାଷାରେ ଭାଗବତ ଲେଖିବାକୁ ଉପଦେଶ ଦେଲେ । ମାତାଙ୍କ ଉପଦେଶ ଜଗନ୍ନାଥଙ୍କ ହୃଦୟକୁ ଝଙ୍କୃତ କଲା । ସେ ପ୍ରଭୁ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ । ପ୍ରଭୁ ଭକ୍ତ ଦୁଃଖ ବୁଝିପାରି ସ୍ୱପ୍ନରେ ଦେଖାଦେଲେ ଓ ପ୍ରାକୃତ ଭାଷାରେ ଭାଗବତ ଲେଖିବାକୁ ଉପଦେଶ ଦେଲେ ଏବଂ ସର୍ବାନ୍ତକରଣରେ ସାହାଯ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ ।

ଦୁଇଟି ଅମୃତର ଧାରା ସତେ ଯେପରି ଜଗନ୍ନାଥ ଦାସଙ୍କ ହୃଦୟକୁ ପ୍ଳାବିତ କରିବାକୁ ଲାଗିଲା । ପ୍ରଥମଟି ମାତାଙ୍କ ପ୍ରେରଣା

ଓ ଦ୍ୱିତୀୟଟି କାଳିଆ ଠାକୁରଙ୍କର ଆଶୀର୍ବାଦ । ଫଳରେ ଦାସଙ୍କ ହୃଦୟରେ ପ୍ରାକୃତ ଭାଷାରେ ଅଙ୍କୁରିତ ଭାଗବତ ରୂପୀ କଳିକାଟି ପ୍ରସ୍ଫୁଟିତ ହେବାକୁ ଲାଗିଲା । ପରବର୍ତ୍ତୀ ସମୟରେ ଦିନେ ନିଶାର୍ଦ୍ଧରେ ଜଗନ୍ନାଥ ଗଭୀର ନିଦ୍ରା ଯାଇଥିବା ବେଳେ ପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ଦେଖାଦେଇ ପ୍ରାକୃତ ଭାଷାରେ ଭାଗବତ ଲେଖିବାକୁ ଆଦେଶ ଦେଲେ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେ ସର୍ବଦା ତାଙ୍କ ହୃଦୟରେ ବିରାଜିତ ହୋଇ ଅଟକିବା ସ୍ଥାନରେ ସଂଶୟ ଦୂର କରିବେ ।

ଓଡ଼ିଆ ଭାଷାରେ ଭାଗବତ ଲେଖା ଚାଲିବା ସଙ୍ଗେ ସଙ୍ଗେ ଜଗନ୍ନାଥ ଦାସଙ୍କ କଣ୍ଠରୁ ସତେ ଯେପରି ଅମୃତର ଧାରା ଝରି ଆସୁଥିଲା । ଆବାଳ ବୃଦ୍ଧ ବନୀତା ମନ୍ତ୍ରମୁଗ୍ଧ ପରି ଭାଗବତ ରସାମୃତ ପାନ କରିବାକୁ ଲାଗିଲେ । ବିଶେଷତଃ ନାରୀମାନେ ମନ୍ତ୍ରମୁଗ୍ଧ ପରି ଶୁଣୁଥିଲେ । ସେମାନେ ଜଗନ୍ନାଥ ଦାସଙ୍କୁ ସ୍ୱଗୃହକୁ ନିମନ୍ତ୍ରଣ କରି ଭାଗବତ ଶୁଣିଲେ । ପୁରୀ ପରି ପୁଣ୍ୟ ଧାମରେ ଅମୃତର ଧାରା ପ୍ରବାହିତ ହେବାକୁ ଲାଗିଲା ।

କେତେକ ଖଳ ଲୋକ ଦାସଙ୍କ ବିରୁଦ୍ଧରେ କୁତ୍ସାରଟନା କରି ଷଡଯନ୍ତ୍ର କଲେ । ଜଗନ୍ନାଥ ଦାସ ଜଣେ ଲମ୍ପଟ ଓ ନାରୀମାନଙ୍କ ଇଜ୍ଜତ ଲୁଣ୍ଠନ କରି ଅନ୍ୟାୟ କାର୍ଯ୍ୟ କରୁଛନ୍ତି ବୋଲି ରାଜାଙ୍କ ନିକଟରେ ଅଭିଯୋଗ କଲେ । ଫଳରେ ସେ ରାଜାଙ୍କ ଦ୍ୱାରା ବନ୍ଦୀ ହେଲେ । ସେ ନିଜକୁ ପୁରୁଷମାନଙ୍କ ମଧ୍ୟରେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ନାରୀ ବୋଲି ପ୍ରକାଶ କଲେ । ଦୁଇଦିନ ପରେ ରାଜା ବନ୍ଦୀଶାଳାରେ ଜଗନ୍ନାଥ ଦାସଙ୍କୁ ସୁନ୍ଦରୀ ନାରୀ ରୂପରେ ଦେଖି ସତ୍ୟ ଉପଲବ୍ଧି କରି ମୁକ୍ତି ଦେଲେ । ପୁନଶ୍ଚ ରାଜାଙ୍କ ସମ୍ମୁଖରେ ପୁଷ୍କରିଣୀରେ ସ୍ନାନସାରି ପୁରୁଷ ହୋଇଗଲେ । ରାଜା ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ।

ନିଶାର୍ଦ୍ଧରେ ଦୁଇଜଣ ଅପରୂପ ସୁନ୍ଦରୀ କନ୍ୟା ଜଗନ୍ନାଥ ଦାସଙ୍କ ନିକଟକୁ ଆସୁଥିଲେ । ଏହାର ସତ୍ୟତା ଅବଶ୍ୟ ଥିଲା । ଖଳ ଲୋକମାନେ ତାଙ୍କ ଚରିତ୍ର ସଂହାର ପାଇଁ ଲାଗି ପଡିଲେ । ରାଜା ଜଗୁଆଳୀ ନିଯୁକ୍ତ କଲେ । ସେମାନେ ଦୁଆର ଖୋଲିଲା ବେଳକୁ ମେଧା ଓ ସୁମେଧା ନାମ୍ନୀ ଦେବକନ୍ୟାଦ୍ୱୟ ଶୂନ୍ୟରେ ମିଶିଗଲେ ।

ଦିନେ ରାଜା ପ୍ରତାପରୁଦ୍ର ଦେବ ବଟ ଗଣେଶଙ୍କ ନିକଟରେ ଜଗନ୍ନାଥ ଦାସଙ୍କ କଣ୍ଠରୁ ଭାଗବତ ଶୁଣିବାକୁ ଯାଇଥିଲେ । ସେ ଦୂରରୁ ଦେଖିଲେ ତାଙ୍କର ଅଷ୍ଟଭୁଜ । ଛଅଟି ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଧନୁ ଓ ଶର । ଅନ୍ୟ ଦୁଇଟି ହସ୍ତରେ ମୋହନ ବଂଶୀ । ରାଜା ଭକ୍ତିପୂର୍ଣ୍ଣ ହୃଦୟରେ ମୁଣ୍ଡିଆ ମାରିଲା ବେଳେ ତାଙ୍କ ନୟନରୁ ଆନଂଦାଶ୍ରୁ ଝରୁଥାଏ ।

ଶ୍ରୀଚୈତନ୍ୟ ମହାପ୍ରଭୁ ବଟ ଗଣେଶଙ୍କ ନିକଟରେ ଜଗନ୍ନାଥ ଦାସଙ୍କ ଭାଗବତ ଶ୍ରବଣ କରି ଭାବବିହ୍ୱଳ ହୋଇଗଲେ ଓ ତାଙ୍କୁ କୋଳାଗ୍ରତ କରି 'ଅତିବଡ' ବୋଲି ଘୋଷଣା କଲେ । ସେହିଦିନଠାରୁ ସେ ହେଲେ 'ଅତିବଡୀ' ଜଗନ୍ନାଥ ଦାସ ।

ଜଗନ୍ନାଥ ଦାସଙ୍କ ଭାଗବତ ଏପରି ଲୋକପ୍ରିୟ ହେଲା ଯେ, ପ୍ରତି ଗ୍ରାମ ଓ ସାହିମାନଙ୍କରେ 'ଭାଗବତ ଟୁଙ୍ଗୀ' ସ୍ଥାପିତ ହେଲା । କର୍ମକ୍ଳାନ୍ତ ଦିବସର ଅବସାନ ପରେ ଗ୍ରାମ ଲୋକମାନେ ସେଠାରେ ଏକତ୍ରିତ ହୋଇ ଭାଗବତ ରସ ପାନକରି ଜୀବନ ସାର୍ଥକ କରୁଥିଲେ । ବାସ୍ତବରେ ଉତ୍କଳୀୟ ଜୀବନକୁ ଦୀର୍ଘ ପାଞ୍ଚଶହ ବର୍ଷ ଧରି ଜଗନ୍ନାଥ ଦାସଙ୍କ ଭାଗବତ ଆଲୋକିତ କରି ଆସିଛି । ଅବଶ୍ୟ ଆଧୁନିକ ନଗ୍ନ ସଭ୍ୟତାର ପ୍ରସାର ଫଳରେ ଭାଗବତ ଟୁଙ୍ଗୀର ଅବସ୍ଥା ଶୋଚନୀୟ ହୋଇପଡିଛି । ତଥାପି ଜନମାନସରେ ଜଗନ୍ନାଥ ଦାସଙ୍କ ଭାଗବତ ବଞ୍ଚି ରହିଛି ଓ ଏ ଜାତି ଥିବା ପର୍ଯ୍ୟନ୍ତ ବଞ୍ଚି ରହିଥିବ ।

ବାସ୍ତବରେ ଜଣେ ଜଗନ୍ନାଥ ଭକ୍ତ, କବି, ସନ୍ଥ ଓ ସର୍ବୋପରି ଚିର ବ୍ରହ୍ମଚାରୀ ଜଗନ୍ନାଥ ଦାସ ଥିଲେ ଉତ୍କଳର ଦେଦୀପ୍ୟମାନ ଦୀପଶିଖା । ୧୫୪୭ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ସପ୍ତମୀ ତିଥିରେ ପ୍ରଭୁଙ୍କ ନାମ କୀର୍ତ୍ତନ ଶୁଣି ଶୁଣି ସେ ଏ ସଂସାରରୁ ବିଦାୟ ନେଲେ । ତାଙ୍କର ଆତ୍ମା ପରମାତ୍ମାଙ୍କ ହୃଦୟରେ ମିଶିଗଲା କିନ୍ତୁ ତାଙ୍କର ଅମରକୃତି ଭାଗବତ, ସୃଷ୍ଟିରେ ଓଡ଼ିଆ ଜାତି ଥିବା ପର୍ଯ୍ୟନ୍ତ ତାଙ୍କୁ ଅମର କରି ରଖିଥିବ ।

ଗାନ୍ଧୀନଗର, ଜଟଣୀ
ଖୋର୍ଦ୍ଧା

❖ ❖ ❖

# କବିସୂର୍ଯ୍ୟ ବଳଦେବଙ୍କ କାବ୍ୟ ଓ କବିତାରେ ଶ୍ରୀଜଗନ୍ନାଥ ଚେତନା

ସୁଧାଂଶୁ ଶେଖର କର

ଓଡିଆ ଜାତିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ, ବିଶ୍ୱପ୍ରୀତି, ନିଷ୍କପଟ ଭ୍ରାତୃତ୍ୱ, ସଖା, ବନ୍ଧୁତ୍ୱ ଓ ସମନ୍ୱୟ ଚେତନାର ପ୍ରତୀକ । ପ୍ରପଞ୍ଚ ଓ ନିଷ୍ପ୍ରପଞ୍ଚ ଏବଂ ପ୍ରକୃତି ଓ ପୁରୁଷର ଐକ୍ୟତା ଜଗନ୍ନାଥଙ୍କଠାରେ ନିହିତ । ସେ ଭକ୍ତଙ୍କ ବିଚାରରେ ସାକାର ଓ ଯୋଗୀଙ୍କ ବିଚାରରେ ନିରାକାର । ବେଦ, ଶାସ୍ତ୍ର, ସଂହିତା ଏବଂ ବିଭିନ୍ନ ପୌରାଣିକ ଗ୍ରନ୍ଥର ତତ୍ତ୍ୱକୁ ନିଜ ମଧ୍ୟରେ ସମାହିତ କରି ନୀଳକନ୍ଦରରେ ଲୀଳାରଚନା କରିବା ନିମନ୍ତେ ବିରାଜମାନ । ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ବିଧି-ବିଧାନ, ପୂଜା-ପଦ୍ଧତି, ରୀତି-ନୀତି, ଯାନି-ଯାତ୍ରା, ପର୍ବ-ପର୍ବାଣି ଆଦି ପରମ୍ପରା ବିଶ୍ୱବ୍ୟାପ୍ତ । ବ୍ୟକ୍ତ ଓ ଅବ୍ୟକ୍ତ ଭାବରେ ପ୍ରତ୍ୟେକ ଭକ୍ତ ହୃଦୟରେ ବିରାଜିତ । ଜଗନ୍ନାଥ ସଂସ୍କୃତି ବିଶ୍ୱର ବହୁ ସମ୍ପ୍ରଦାୟ ଓ ମତାବଲମ୍ବୀଙ୍କଦ୍ୱାରା ଆଦୃତ ହେବା ନିମନ୍ତେ ସକ୍ଷମ ହୋଇଛି । କାରଣ ଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମନ୍ୱୟ ଏବଂ ସର୍ବଜନ ହିତାୟ ସର୍ବଜନ ସୁଖାୟ ଉପରେ ଆଧାରିତ ।

ବହୁ ପ୍ରାଚୀନ କାଳରୁ ଦେବଭାଷା ସଂସ୍କୃତ ଓ ଭାରତୀୟ ଆଞ୍ଚଳିକ ସାହତ୍ୟରେ ଶ୍ରୀଜଗନ୍ନାଥଙ୍କର ମହିମା ଅନନ୍ତ ରୂପରେ ବର୍ଣ୍ଣିତ ହୋଇଛି । ଓଡିଆ ସାହିତ୍ୟରେ ଆଦିକବି ସାରଳାଦାସ ଓ ତାହାଙ୍କ ପୂର୍ବବର୍ତ୍ତୀ କବି, ବିଦ୍ୱାନ୍‌ମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଗୁଣକୀର୍ତ୍ତନ ଓ ରୂପ ବର୍ଣ୍ଣନା କରିଛନ୍ତି । ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ ଜଗତ୍ କଲ୍ୟାଣ ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମ ସମର୍ପଣ ପୂର୍ବକ ନିଜ ଭକ୍ତପୂତ ଚିତ୍ତରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବନ୍ଦନା କରିଛନ୍ତି । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ-

‘ନବୈ ଯାଚେ ରାଜ୍ୟଂ ନ ଚ କନକ ମାଣିକ୍ୟ ବିଭମମ୍
ନ ଯଚେଦ୍ଦହଂ ରମ୍ୟାଂ ସକଳଜନ କାମ୍ୟାଂ ବରବଧୂମ୍
ସଦାକାଳେ କାଳେ ପ୍ରମଥ ପତିନା ଗୀତ ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁମେ’

ଏହି ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରାଜ୍ୟ, ସୁବର୍ଣ୍ଣ, ମଣିମାଣିକ୍ୟ, ବିଭବ ଓ ସର୍ବଜନ ବାଞ୍ଛିତ ସୁନ୍ଦରୀ ବଧୂରତ୍ନରେ ଆସକ୍ତି ନରଖି, ପ୍ରମଥପତି ମହେଶ୍ୱର ନିରନ୍ତରେ ଯାହାଙ୍କର ଚରିତ ଗାନ କରୁ ଅଛନ୍ତି, ସେହି ପ୍ରଭୁ ଜଗନ୍ନାଥ ଜଗତର ନୟନପଥ ଗାମୀ ହୁଅନ୍ତୁ ବୋଲି ବିନମ୍ର ପ୍ରାର୍ଥନା କରିଛନ୍ତି । ଏଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସୁସ୍ଥ ଓ ଶୃଙ୍ଖଳିତ ସାମାଜିକ ନୀତିଶିକ୍ଷା ଦେବାର ମନୋଭାବ ପ୍ରକଟିତ ହୁଏ । ଏତଦ୍ ଭିନ୍ନ ପରବର୍ତ୍ତୀ କବିମାନଙ୍କ ସୃଷ୍ଟି ସର୍ଜନା ଉପରେ ଏହାର ପ୍ରଭାବ କିଛି କମ ପଡି ନଥିଲା । ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡିଶା ମଧ୍ୟରେ ସୀମିତ ନରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ । ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ଦିନୁଦିନ କ୍ଷୀପ୍ରତର ହେବାରେ ଲାଗିଛି । ଏହାଙ୍କ ସମ୍ପର୍କରେ ସ୍ରଷ୍ଟାଙ୍କ ଲେଖନୀ ଅତ୍ୟନ୍ତ ଋଦ୍ଧିମନ୍ତ । ପବିତ୍ର ଏହି ଜଗନ୍ନାଥ ଧାମକୁ ଭକ୍ତିର ରଜ୍ଜୁରେ ବାନ୍ଧିହୋଇ ଆସିଛନ୍ତି ରାମାନୁଜ ଓ ରାମାନନ୍ଦ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ, କବୀର, ତୁଳସୀଦାସ ଏବଂ ନାନକ ଆଦି ବିଭିନ୍ନ ମତାବଲମ୍ବୀ ଭକ୍ତବୃନ୍ଦ । ଯାହାଙ୍କର ଉପାସ୍ୟ ଶ୍ରୀଜଗନ୍ନାଥ । ଭକ୍ତି ଓ ଶ୍ରଦ୍ଧା ମାଧ୍ୟମରେ ସାମାଜିକ ଏକତା ଓ ଶୃଙ୍ଖଳାର ସମନ୍ୱୟ ରକ୍ଷା ଏହାଙ୍କ ମୂଳଲକ୍ଷ୍ୟ । ପୁନଶ୍ଚ ଭକ୍ତି ଆନ୍ଦୋଳନର ଅନ୍ୟ ଜଣେ ବରିଷ୍ଠ ପୁରୋଧା ଶ୍ରୀଚୈତନ୍ୟଙ୍କ ଭକ୍ତିଧର୍ମ ପ୍ରଚାର ଓ ପ୍ରସାର ପ୍ରଭାବିତ କରିଥିଲା । ଏହାର ଫଳସ୍ୱରୂପ କୃଷ୍ଣ-ସାହିତ୍ୟଧାରା ବିଚିତ୍ର ଓ ବହୁମୁଖୀ ହେବାର ଦେଖା ଦେଇଥିଲା । ଖ୍ରୀଷ୍ଟୀୟ ଷୋଡଶ ଶତାବ୍ଦୀର ଆରମ୍ଭରୁ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ(୧୫୦୦-୧୬୫୦ ଖ୍ରୀଷ୍ଟାବ୍ଦ) ଓଡିଆ ସାହିତ୍ୟରେ ‘ପଞ୍ଚସଖା ଯୁଗ’ ଭାବରେ ପରିଚିତ । ଶ୍ରୀଚୈତନ୍ୟଙ୍କର ସମସାମୟିକ ଉତ୍କଳର ବିଶିଷ୍ଟ ଯୋଗୀ ପଞ୍ଚମହାପୁରୁଷ ତାହାଙ୍କର ପଞ୍ଚସଖା ରୂପେ କୀର୍ତ୍ତିତ ହେବା ସଙ୍ଗେ

ସଙ୍ଗେ ଚୈତନ୍ୟ ରୂପୀ ମହାବୃକ୍ଷର ପଞ୍ଚଶାଖା ଭାବରେ ମଧ୍ୟ ପରିଚିତ ହୋଇଅଛନ୍ତି। ବହୁ ଶତାବ୍ଦୀ ଧରି ବୈଦିକ, ତାନ୍ତ୍ରିକ, ବୌଦ୍ଧ, ବୈଷ୍ଣବବାଦି ମତବାଦୀମାନେ ଓଡିଶାରେ ରାଜ ପୃଷ୍ଠପୋଷକତା ତଥା ସାମାଜିକ ସମର୍ଥନ ଲାଭ କରି ପ୍ରଚାରିତ ହେବା ଦ୍ୱାରା ଷୋଡଶ ଶତାବ୍ଦୀ ବେଳକୁ ଏକ ସମନ୍ୱିତ ଆଧ୍ୟାତ୍ମିକ ଭାବନାର ଉଦ୍ଭବ ହେଲା । ଫଳରେ ସୂତ୍ରପାତ ହେଲା ଏକ ବିରାଟ ଧର୍ମ-ସମନ୍ୱୟ ଆନ୍ଦୋଳନର, ଯାହାର ସୂତ୍ରଧର ଥିଲେ ତତ୍କାଳୀନ ଓଡିଶାର ପଞ୍ଚସାଧକ ଯଥା- ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ। ଏମାନେ ସମସ୍ତେ ଥିଲେ ଦାସ ସଂଜ୍ଞାଧାରୀ ବୈଷ୍ଣବ। ବୈଷ୍ଣବ ଜନୋଚିତ ବିନୟଭାବ ଯୋଗୁଁ ଏମାନେ ସମସ୍ତେ କୁଳୋଚିତ ସଂଜ୍ଞାମାନ ପରିହାର କରି ଦାସ ସଂଜ୍ଞା ଧାରଣ କରିଥିଲେ ଏବଂ ସେମାନଙ୍କର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦାସାନୁଦାସ ରୂପେ ନିଜ ନିଜକୁ ପରିଚିତ କରାଇଥିଲେ । ଏହି ପଞ୍ଚସଖା ଥିଲେ ଜ୍ଞାନମାର୍ଗୀ ସାଧକ ତଥା ତତ୍ତ୍ୱ ଦର୍ଶୀ ଦାର୍ଶନିକ। ତେଣୁ ତତ୍ତ୍ୱ ପୂର୍ଣ୍ଣ ଜ୍ଞାନମୂଳକ ରଚନା ସେମାନଙ୍କ ଲେଖନୀ ମୁନରେ ରୂପ ପାଇଥିଲା। ଜଗନ୍ନାଥ ଦାସଙ୍କ 'ଭାଗବତ', ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଅଚ୍ୟୁତାନନ୍ଦଙ୍କ 'ହରିବଂଶ', ଯେ ସାହିତ୍ୟିକ ଉପାଦାନରେ ଅତି ସମୃଦ୍ଧ, ଏହା ଅସ୍ୱୀକାର କରାଯାଇ ନପାରେ । ପଞ୍ଚସଖା ସାହିତ୍ୟ ସାଧାରଣ ଜନତାକୁ ଆଶାବାଦୀ ହେବାକୁ ଶିକ୍ଷା ଦେଇଛି। ଭବିଷ୍ୟତରେ ଘଟିବାକୁ ଥିବା ଅଶୁଭ ଘଟଣାମାନ, ମାଳିକା ଓ ଜ୍ୟୋତିଷରେ ପ୍ରକାଶିତ ହେବା ଫଳ ଧୈର୍ଯ୍ୟ ସହକାରେ ସେସବୁର ମୁକାବିଲା କରିବା ପାଇଁ ଏହା ଜନସାଧାରଣଙ୍କୁ ପ୍ରେରଣା ଦେଇଛି । ଏଥି ନିମନ୍ତେ ଭଗବାନଙ୍କର ପାଦପଦ୍ମରେ ଆଶ୍ରୟ ନେବା ପାଇଁ ମଧ୍ୟ ଏହା ଉପଦେଶ ଦେଇଛି। ଜ୍ଞାନ, ଭକ୍ତି ଓ କର୍ମ- ଧର୍ମ ସାଧନାର ତିନୋଟି ଅଙ୍ଗ। ଜ୍ଞାନ ମାର୍ଗରେ ପରିଚାଳିତ ହୋଇ ଭକ୍ତିର ଅଧିକାରୀ ହେବା ପାଇଁ ପଞ୍ଚସଖା ସାହିତ୍ୟ ଶିକ୍ଷାଦିଏ। ପ୍ରମୁଖ ପଞ୍ଚସଖାଙ୍କ ସୃଷ୍ଟିରେ କୃଷ୍ଣ ଚରିତର ମୁଖ୍ୟତଃ ଦେବାୟିତ, ତାର୍ତ୍ତ୍ୱିକ ବିଭବ ପ୍ରକଟିତ ହୋଇଛି। ବିଶେଷତଃ ନିର୍ଗୁଣ, ନିରାକାର ବ୍ରହ୍ମ ରୂପେ ଶ୍ରୀକୃଷ୍ଣଙ୍କର ପରିକଳ୍ପନା ଏହି କବିମାନଙ୍କ ଦ୍ୱାରା କରାଯାଇଛି। ପଞ୍ଚସଖାଗଣଙ୍କ କୃତୀ ଓ କୃତିତ୍ୱର ପ୍ରତିଭା ରୀତିଯୁଗୀୟ କବିଗଣଙ୍କୁ ସାହିତ୍ୟ ସୃଷ୍ଟି ସର୍ଜନା କରିବାରେ ପ୍ରେରଣାର ଉତ୍ସ ଦେଇପାରିଛି।

ରୀତିଯୁଗର ବ୍ୟାପ୍ତି ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରୁ ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକ, ଅର୍ଥାତ୍ (୧୬୫୦-୧୮୮୦)ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । 'ରୀତି'ର ଅର୍ଥ' ବିଶିଷ୍ଟ ପଦ ଯୋଜନା ବା ପଦ ସଂଘଟନା'। ରୀତିଯୁଗୀୟ କାବ୍ୟ ପରମ୍ପରା ରାମ ଓ କୃଷ୍ଣଙ୍କର ସଗୁଣ ଲୀଳାକୁ ମାନବୀୟ ଭାବଧାରାରେ ଉଜ୍ଜୀବିତ କରି ନୂତନ ଚେତନାର ଉଦ୍ଦୀପ୍ତ କରିବା ପାଇଁ ଗଢି ଉଠିଲା । ତା'ସଙ୍ଗେ ସଙ୍ଗେ କାଳ୍ପନିକ ପ୍ରଣୟମୂଳକ ଭାବଧାରାକୁ ମଧ୍ୟ ନିଜର ଅଙ୍ଗୀଭୂତ କରି ଏକ ଅଖଣ୍ଡ ରସମୟ ଭାବଧାରା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା । ଉପେନ୍ଦ୍ର ଭଞ୍ଜ ଏ ଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣୀ । ତେଣୁ ତାଙ୍କ ନାମ ଅନୁସାରେ ଏହି ଯୁଗ ଭଞ୍ଜଯୁଗ ଭାବରେ ମଧ୍ୟ ପରିଚିତ । ଏହି ଯୁଗର କବିମାନେ ଅଳଙ୍କାରର କ୍ଷେତ୍ର ବିନ୍ୟାସ କରିବାରେ ଯତ୍ନବାନ ଥିବା ହେତୁ କେହି କେହି ଏହାକୁ ଅଳଙ୍କାର ଯୁଗରେ ନାମିତ କରିଛନ୍ତି। ଉପେନ୍ଦ୍ରଙ୍କ ପୂର୍ବସୂରୀଧନୟ, ଦୀନକୃଷ୍ଣ ଓ ଲୋକନାଥ ଏବଂ ଉପେନ୍ଦ୍ରଙ୍କ ଅନୁସାରି ସଦାନନ୍ଦ, ଅଭିମନ୍ୟୁ, ବ୍ରଜନାଥ, ବନମାଳୀ, ବଳଦେବ, ଯଦୁମଣି, ଗୋପାଳକୃଷ୍ଣ ପ୍ରମୁଖ କବିଗଣ ଏହି ଯୁଗରେ କାବ୍ୟକବିତାମାନ ରଚନା କରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଧନୟଙ୍କ 'ରଘୁନାଥ ବିଳାସ' କବିଙ୍କର ଅନ୍ୟଏକ ଶ୍ରେଷ୍ଠ କୃତି । ରାମଚନ୍ଦ୍ରଙ୍କ ଚରିତକୁ ଉପଜୀବ୍ୟ କରି ଏହା ରଚିତ ପ୍ରକୃତି-ବର୍ଣ୍ଣନାରେ କବିଙ୍କର କବିତ୍ୱର ପରିପ୍ରକାଶ ଘଟିଛି । ଏହାବ୍ୟତୀତ 'ଅନଙ୍ଗରେଖା' କବିତା ଆରମ୍ଭରେ ଓ ପ୍ରତ୍ୟେକ ଛାନ୍ଦ ଶେଷରେ କବି ନୀଳାଚଳାଧିପତି ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନ କରିଛନ୍ତି । ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' ରାଧା-କୃଷ୍ଣ ଓ ଗୋପୀ-କୃଷ୍ଣଲୀଳା ଆଧାରିତ । ଗ୍ରନ୍ଥ ଆରମ୍ଭ ହେଉଛି କମ୍ବୁ କଟକ (ଶଙ୍ଖକ୍ଷେତ୍ର ବା ପୁରୁଷୋତ୍ତମ ଧାମ)ର ନାୟକ ଶ୍ରୀଜଗନ୍ନାଥ ବନ୍ଦନାରେ । ତା'ପରେ ଗ୍ରନ୍ଥର ବିଷୟବସ୍ତୁର ବିସ୍ତାର ଘଟିଛି । ସେତେବେଳେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଉତ୍କଳୀୟ କବିକୁଳର ଆଦର୍ଶ ସ୍ଥାନ ମଣ୍ଡନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଛାଡି ସୃଷ୍ଟି ସର୍ଜନା କରିବା ତାଙ୍କ ପକ୍ଷେ ସମ୍ଭବପର ନ ଥିଲା । ଦୃଷ୍ଟାନ୍ତ ସ୍ୱରୂପ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କବିଙ୍କର ଅନ୍ୟ ଏକ କାଳ୍ପନିକ କାବ୍ୟ। ଏହାର ମଙ୍ଗଳାଚରଣରେ ପ୍ରଭୁଙ୍କ ବନ୍ଦନା ପରେ ଶ୍ରୀକ୍ଷେତ୍ର ଓ ଜଗନ୍ନାଥଙ୍କ ମାହାତ୍ମ୍ୟ କୀର୍ତ୍ତିତ। ଅନ୍ୟଏକ ସୃଷ୍ଟି 'ସୁଭଦ୍ରା ପରିଣୟ' ପୌରାଣିକ କାବ୍ୟରେ ଉପେନ୍ଦ୍ରଙ୍କ ଦୃଷ୍ଟି ଶ୍ରୀଜଗନ୍ନାଥଙ୍କ ପ୍ରତି କିଛି କମ୍ ନଥିଲା । ଏହି କାଳରେ କାବ୍ୟର ଅନ୍ତଃସ୍ୱର ଥିଲା ପ୍ରଣୟ। ଅବଶ୍ୟ ରାମ-କୃଷ୍ଣ ଚରିତମୂଳକ ଯେ ଭକ୍ତିଧାରା ପ୍ରବାହିତ ହେଉ ନଥିଲା, ଏକଥା କୁହାଯାଇ ନପାରେ । ତେବେ ସେହି ଭକ୍ତିଧାରା ବହୁ ସମୟରେ ପ୍ରଣୟ ଚେତନା ଓ ଶୃଙ୍ଗାର ରସର ଉତ୍‌କୂଳ ପ୍ଲାବନରେ ବିଡମ୍ବିତ ହୋଇଯାଇଥିଲା। ଧର୍ମୀୟ ଓ ପୌରାଣିକ ବିଷୟବସ୍ତୁ ସଙ୍ଗେ ସଙ୍ଗେ କାବ୍ୟ କବିତାରେ ଲୌକିକ ଓ ସାମାଜିକ ବିଷୟବସ୍ତୁ ଗ୍ରହଣ

କରିବା ସତ୍ତ୍ୱେ କାବ୍ୟ–କବିତାରେ ସାଙ୍ଗୀତିକ ଛନ୍ଦ ପ୍ରୟୋଗ, ଭାବୋପଯୋଗୀ ରାଗ–ରାଗୀଣିରେ ସାହିତ୍ୟ ସୃଷ୍ଟି ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ରୀତି ସାହିତ୍ୟ ଢାଞ୍ଚାରେ ଲେଖନୀ ଚାଳନା କରିବାରେ ନିଜକୁ ମୁକ୍ତ କରିପାରି ନଥିଲେ କବିସୂର୍ଯ୍ୟ ବଳଦେବ ରଥ।

କବିସୂର୍ଯ୍ୟ ବଳଦେବ ଓଡିଆ ସାହିତ୍ୟରେ ଏକ ସୁଦୀପ୍ତ ପ୍ରତିଭା । ରୀତିଯୁଗୀୟ ଆଙ୍ଗୀକ– ଆତ୍ମିକ ବିଭବରେ ସମୃଦ୍ଧ କବିଙ୍କର ଭକ୍ତି–ସଂଗୀତ। ଲାଳିତ୍ୟ ପୂର୍ଣ୍ଣଛନ୍ଦ ଶୈଳୀ–ଆଳଂକାରୀକତା, ସଙ୍ଗୀତମାଧୁରୀ 'ଚମ୍ପୂ' କବିର କଳାସୌକ ମାର୍ଯ୍ୟକୁ ଅଧିକ ବିକଶିତ ଓ ଜନପ୍ରିୟ କରେ । ଗୌଡୀୟ ବୈଷ୍ଣବୀୟ ପରମ୍ପରା ସିଦ୍ଧ କବିଙ୍କ ଭକ୍ତି–ଗୀତିକାରେ ରାଧାକୃଷ୍ଣ ପ୍ରୀତି ସମ୍ବଳିତ ଚିତ୍ରବହୁଳ ପରିଦୃଷ୍ଟ ହେଲେ ହେଁ ସମଭାବେ ଜଗନ୍ନାଥ ଭାବନାରେ କବି ଲେଖନୀ ରସଶୀଳ ହୋଇଉଠିଛି। କବି ଏଠାରେ ଜଗନ୍ନାଥଙ୍କ ଭକ୍ତ। ତାଙ୍କ ପାଇଁ ଅବଶ୍ୟ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ କୌଣସି ପ୍ରକାର ତାରତମ୍ୟ ନାହିଁ । ଯିଏ ଶ୍ରୀଜଗନ୍ନାଥ ସେହି ହିଁ ଶ୍ରୀକୃଷ୍ଣ, ଯେ ବୃନ୍ଦାବନ–ବ୍ୟୋମକଳାକର ସେହି ମଧ୍ୟ ବିରାଜ ଧ୍ୱଜବିଶ୍ୱମ୍ଭର, ଯେ କ୍ଷୀରମୟସିନ୍ଧୁ–ଜେମାଜୀବ ବନ୍ଧୁ ସେହି ହିଁ ବ୍ରଜ ମହିଳାନାଥ। କବିସୂର୍ଯ୍ୟଙ୍କ ପ୍ରଣୀତ ଭକ୍ତିମୂଳକ ଗୀତର ସଂଖ୍ୟା ତାହାଙ୍କ କୃଷ୍ଣଲୀଳାତ୍ମକ ତଥାଲୌକିକ ଚୌପଦୀ ତୁଳନାରେ ନଗଣ୍ୟ। କବି ବୈଷ୍ଣବ ଦୀକ୍ଷା ଗ୍ରହଣ କରି ନଥିଲେ। ଆଚାର ଅନୁଷ୍ଠାନରେ ସେ ଥିଲେ ସ୍ମାର୍ତ୍ତ। 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର 'କ୍ଷ'ଗୀତ ରାଗ–କେଦାର, ତାଳ–ତ୍ରିପୁଟା କବିଙ୍କ ପ୍ରାର୍ଥନା ଅଛି–

କ୍ଷମାନୁକମ୍ପା ଧରହେ, କ୍ଷୀର ସାଗର ସମ୍ଭବାକୁ
ଚକୁମ୍ଭଯୁଗଳ ପରିରମ୍ଭ ଚତୁର ହେ ।

କ୍ଷୀର ସାଗର ସମ୍ଭବା କମଳା ବା ଲକ୍ଷ୍ମୀଙ୍କ କୁଚକୁମ୍ଭ ଯୁଗଳ ଆଲିଙ୍ଗନରେ ଯେ ଚତୁର, ସେହି କ୍ଷମାନୁକମ୍ପାଧର ଜଗନ୍ନାଥଙ୍କର ସ୍ତୁତି କରିଛନ୍ତି । ପୁନଶ୍ଚ ତାଙ୍କରି ରଚିତ ଅନ୍ୟ ଏକ ସୃଷ୍ଟି ଅସମ୍ପୂର୍ଣ୍ଣ 'ଚନ୍ଦ୍ରକଳା' ପ୍ରଥମ ଛାନ୍ଦରେ ପୁରୀ ଶ୍ରୀମନ୍ଦିରସ୍ଥ ବେଢା ମଧ୍ୟରେ ଥିବା ଦେବଦେବୀମାନଙ୍କର ବନ୍ଦନା କରିବା ସଙ୍ଗେ ସଙ୍ଗେ ପରଂବ୍ରହ୍ମ ଚତୁର୍ଦ୍ଧାବିଗ୍ରହ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ବର୍ଣ୍ଣନା କରିଛନ୍ତି, ଯାହାର କିୟଦଂଶ–

ଜୟ ଲବଣଜଳଧି–ତୀର ଅଳଙ୍କାର
ଜୟ ଜମ୍ବୁଦୀପ କମ୍ବୁ ମଧ୍ୟ କ୍ଷେତ୍ରବର ହେ॥
କଷ୍ଟଧ୍ୱଂସୀ ଅଷ୍ଟ ଅଷ୍ଟମୂର୍ତ୍ତୀ ଜୟ ଜୟ
ବସୁ ସଖ୍ୟ ଭବାନୀ କର ମୋ ଭୟ କ୍ଷୟ ହେ॥

ଉପରୋକ୍ତ ଦୃଷ୍ଟାନ୍ତଟି ଜଗନ୍ନାଥଙ୍କ ପ୍ରତି କବିଙ୍କ ପ୍ରଗାଢ ବିଶ୍ୱାସ ଦୃଢୀଭୂତ ହୁଏ। କବିସୂର୍ଯ୍ୟ ସମଧର୍ମୀ ଏକ ପ୍ରତିଭା । ବିଭିନ୍ନ ଜଣାଣ, ଭଜନ, ଚଉତିଶାଦିରେ ତା'ର ଆତ୍ମପ୍ରକାଶ ଘଟିଛି । ସର୍ପଜଣାଣ, ଆହାନୀଳାଦ୍ରି କେଶରୀ ଶ୍ରୀହରି, କେହି ସରିକି, ମନ ଜମିଯା ମାନସ ପ୍ରପଞ୍ଚ। ମିତ କିଏ ସେ ଲୋ, ଶ୍ରୀ ନୀଳ ଶେଖରୀ, ଆଦି ପଦାବଳୀରେ ଜଗନ୍ନାଥ ଭାବନା ଅଧିକ ସୁସ୍ପଷ୍ଟ। ସଂପ୍ରତି ପ୍ରାସଙ୍ଗିକ କ୍ଷେତ୍ରରେ କବିଙ୍କ ସୃଷ୍ଟି 'ସର୍ପଜଣାଣ' ଯାହା ଏକ ଆଲୋଚନା ଯୋଗ୍ୟ, ଯଥା–

'ବାଧିଲା ଜାଣି କ୍ଷମା କର ନୋହିଲେ ରମା
ରମଣ ଦଣ୍ଡେ ଦିଅଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ
ଭରତି କରିଦେବି ଗାଳି।
ହେ କୃପାନିଧି।
କରୁଣାସନ୍ଧୁ ବୋଲି କରି
କହନ୍ତି ବୁଧେ ଡରି ମରି
କାଳ ସର୍ପ ଆପଣ
କବଳ କର ପ୍ରାଣମାନଙ୍କ ସବୁରି ହେ କୃପାନିଧି।'

'ସର୍ପଜଣାଣ'ରେ ଜଗନ୍ନାଥଙ୍କୁ ସର୍ପ ବା କାକୋଦର ଆଦି ବର୍ଣ୍ଣନା ପ୍ରସଙ୍ଗରେ ଏ ରହସ୍ୟ ପ୍ରକାଶ ପାଇଛି ଯାହା ଏକାତ୍ମୀୟତା ଭାବ। କବିସୂର୍ଯ୍ୟ କୌଣସି ଏକ ସାମାଜିକ ପରିସ୍ଥିତି ବା ମାନସିକ ପରିସ୍ଥିତିର ଜଟିଳତା ଦ୍ୱାରା ଅଘାତ ଅସହ୍ୟ ହୋଇପଡିଥିଲା, ଫଳତଃ ଅନ୍ତରଙ୍ଗ ଶ୍ରୀଜଗନ୍ନାଥଙ୍କ ନିକଟରେ ଅନ୍ତରର ବ୍ୟକ୍ତିତ୍ୱ ବ୍ୟକ୍ତ କରିଥିଲେ। ଭକ୍ତ ଓ ଭଗବାନର ଏହି ଏକାତ୍ମୀୟତା ଭାବର ଶୁଦ୍ଧ ଅନାବଳୀ ଉଚ୍ଚାରଣ ହେଉଛି ବଳଦେବୀୟ ଭକ୍ତି–ସଙ୍ଗୀତ। କୃତିମତା ବିହୀନ, ଶ୍ରଦ୍ଧା ଅନୁରାଗପୂର୍ଣ୍ଣ, ଶୁଦ୍ଧ ଆବେଗ, ଭକ୍ତି ଭାବର ଏକ ନିବିଡ ପ୍ରକାଶ। ପୁନଶ୍ଚ ମୂଢ ଜୀବର ଆକ୍ଷେପ ଓ ଅଭିଯୋଗରୁ କବିଙ୍କ ଅନ୍ୟ ଏକ ସୃଷ୍ଟି 'ଜଗନ୍ନାଥ ଜଣାଣ', ଯାହା–

କ୍ଷୀରମୟସିନ୍ଧୁ ଜେମାଜୀବବନ୍ଧୁ
ତୁମେ ତ ଜଗତପତି
ଟେକି ସମଦୃଷ୍ଟି ପତାକାକୁ ପୁଣି
ଏହି ପକ୍ଷପାତ ରୀତି ହେ
ମହାପ୍ରଭୁ ! କେ କି କଲା ମୁଁ ନ କଲି ?
କେ କି ଦେଲା ଅବା ମୁଁ ଅବା ନଦେବା
ଘେନ ଏତେ ସରି ହେଲିହେ।

ଶରଣାଗତିରେ ହିଁ ଭଗବାନ ଲଭ୍ୟ। ଶରଣାଗତ ପ୍ରତି ତାଙ୍କର ଅନୁଗ୍ରହ ମଧ୍ୟ ଅହେତୁକ। ସେହି ଅନୁଗ୍ରହ ଅଚିରେ କାମକୁମ୍ଭ ପୂରାଏ ଓ ସମସ୍ତ ବିପତ୍ତି ଖଣ୍ଡନ କରାଏ। ପ୍ରସଙ୍ଗଟିରେ ଅଭିମାନପଣ ଓ ହକ୍‌ଦାରକୁ ନେଇ ଶ୍ରୀଜଗନ୍ନାଥଙ୍କ ନିକଟରେ କବିସୂର୍ଯ୍ୟ ଅଭିଯୋଗ କରିଛନ୍ତି ଏବଂ ଜବାବ୍ ଆଦାୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏତଦ୍ ଭିନ୍ନ ଅନ୍ୟ ଏକ ସୃଷ୍ଟିରେ 'କେହି ସରିକ, ପ୍ରଭୁ ପଣେ ନୀଳାଦ୍ରି କେଶରୀକି' ସଙ୍ଗୀତଟି ଉଭୟ ପ୍ରକାଶଭଙ୍ଗୀର ରମଣୀୟତା ଓ ଭକ୍ତି ଆବେଗର ସ୍ୱତଃସ୍ଫୂର୍ତ୍ତତା ଯୋଗୁଁ ଭକ୍ତ ହୃଦୟକୁ ସ୍ପର୍ଶ କରେ ଓ ଈଶ୍ୱର ବିଶ୍ୱାସକୁ ଦୃଢୀଭୂତ ରଖେ ।

'କମଳ ବାସୀନୀ ପ୍ରାଣ ବାନ୍ଧବ ହେ, ଆର୍ତ୍ତତ୍ରାଣ କମନୀୟ କଳାମୁଖ ଚନ୍ଦ୍ରାକମ୍ର ମଧୁପୁରୀନୀଳ ବସୁନ୍ଧରା ଚୂଳ ଗୁହାଗୃହ ବିହାରୀ ପାରୀନ୍ଦ୍ର ହେ । ମହାବାହୁ, କଉପଣ ଗୁଳକ୍ଷୟ ଦକ୍ଷ, କୃପଣ କାମିତ କଳ୍ପବୃକ୍ଷ, କହି ନୋହିବା କଦନ, ସିନ୍ଧୁ ନିମଜ୍ଜନଜନ କର୍ଣ୍ଣାକାର କର ରକ୍ଷ ରକ୍ଷ ହେ ।'

(ମହାବାହୁ ଜଣାଣ-୧)

ଏଠାରେ ଜଗନ୍ନାଥ-ସ୍ୱୟଂ ହରି । ଶଙ୍ଖ ଚକ୍ରଧାରୀ । ନକ୍ର ଛେଦନଠାରୁ ପ୍ରାଣୀ ଉଦ୍ଧାର ଯାଏ, ଗିରିଗୋବର୍ଦ୍ଧନ ଟେକାରୁ କୁବୁଜା ଉଦ୍ଧାରଣ ଯାଏ, ଦୌପଦୀର ଲଜ୍ଜା ନିବାରଣରୁ ଭରତିଆ ପକ୍ଷୀକୁ ଘଣ୍ଟ ଘୋଡାଇବା ଯାଏ, ବିଭିନ୍ନ ଲୀଳା ସୂତ୍ରରେ ସେ ସୂତ୍ରଧର। ଏକାଧାରରେ ସେ ରାମ, କୃଷ୍ଣ ଓ ବିଷ୍ଣୁ-ଜଗନ୍ନାଥ ରୂପରେ ତାଙ୍କର ପ୍ରକାଶ ଓ ପ୍ରଶସ୍ତି ।

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ମଣ୍ଡିତ ବିଭିନ୍ନ ରୂପ ଓ ଗୁଣାବଳୀ ସାରଳା ଦାସଙ୍କଠାରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପର୍ଯ୍ୟନ୍ତ କୃଷ୍ଣଙ୍କୁ ନିଜ ଲେଖନୀ ମୁନରେ ଭିନ୍ନ ଭିନ୍ନ ଭାବଭଙ୍ଗୀ ପ୍ରକାଶ କରିଥିବା ବେଳେ କବିସୂର୍ଯ୍ୟଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷା ଓ ମଧୁର ଶୈଳୀ, ପରିବେଷଣଗତ କୌଶଳ ଭକ୍ତି- ଗୀତିକାଗୁଡିକର ସ୍ୱତନ୍ତ୍ରତା ନିତ୍ୟ ନୂତନ ଓ ଚିର ସବୁଜ କରି ଗଢିତୋଳେ । ଓଡିଆ ଭକ୍ତି ସାହିତ୍ୟରେ କବିସର୍ଯ୍ୟଙ୍କ ଭକ୍ତି ଗୀତିକାରେ ଶ୍ରୀଜଗନ୍ନାଥ ଚେତନା ଏକ ନୂତନ ଦିଗ ଆବିଷ୍କାର କରିଅଛି ।

ଗବେଷକ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଓଡ଼ିଆ ବିଭାଗ, ଭଞ୍ଜବିହାର
ବ୍ରହ୍ମପୁର-୭

❖ ❖ ❖

# ଜୁଆଙ୍ଗ ଜୀବନଧାରାରେ ଦେଖାଦେଇଥିବା ପରିବର୍ତ୍ତନ

ରଞ୍ଜନ ପ୍ରଧାନ

ଏକଦା ବଣ, ପାହାଡ଼ଘେରା ସବୁଜ ସୁନ୍ଦର କେନ୍ଦୁଝର କେବଳ ଏଠାକାର ପୁରାତନ ଜନଜାତିଙ୍କ ଆଦିଭୂମି ଭାବେ ବେଶ୍ ପରିଚିତ ଥିଲା । ଅତୀତରେ କେନ୍ଦୁଝର ଜିଲ୍ଲାର ଶାନ୍ତଶୀତଳ ସବୁଜିମା, ପାହାଡ, ଝରଣା, ନଦୀ, ନାଳ, ପୁରାତନ ଜନଜାତି ଓ ଏହାର ଜୈବବିବିଧତା ବହିରାଗତଙ୍କୁ ଆକୃଷ୍ଟ କରୁଥିଲା । ମାତ୍ର ଆଜି ସେମାନଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖାଦେଇଛି ।

ଆମ ଦେଶରେ ଯେଉଁ କେତେ ପ୍ରକାର ପୁରାତନ ଜନଜାତି ଅଛନ୍ତି, ସେମାନଙ୍କ ମଧ୍ୟରୁ ଜୁଆଙ୍ଗମାନେ ହେଉଛନ୍ତି ଏକ ସର୍ବପ୍ରାଚୀନ ଜନଜାତି । ଓଡ଼ିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ଜୁଆଙ୍ଗମାନେ ହେଉଛନ୍ତି ଏକ ପୁରାତନ ଅନୁସୂଚିତ ଜନଜାତି । କେନ୍ଦ୍ର ସରକାର ଓଡ଼ିଶାରେ ମୋଟ ୬୨ ପ୍ରକାର ଜନଜାତିଙ୍କୁ ଚିହ୍ନଟ କରିଛନ୍ତି । ଅନ୍ୟ ସାଧାରଣ ଜନଜାତିଙ୍କ ତୁଳନାରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କିଛି ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀଙ୍କୁ କେନ୍ଦ୍ର ସରକାର ପୁରାତନ ଜନଜାତି (Particularly Vulnerable Tribal Group) ଭାବେ ଘୋଷଣା କରିଛନ୍ତି । (ବି.ଦ୍ର. : ପୂର୍ବରୁ ଏହି ଜନଜାତି ଗୋଷ୍ଠୀକୁ ଆଦିମ ଜନଜାତି (Primitive Tribal Group) ଭାବେ ସମ୍ବୋଧନ କରାଯାଉଥିଲା । ମାତ୍ର ଆଦିମ ବା Primitive ଶବ୍ଦଟିକୁ ନେଇ ବିଭିନ୍ନ ମହଲରେ ଆପତ୍ତି ଉଠିବାରୁ ସରକାର ଏହି ଶବ୍ଦ ବଦଳରେ ପୁରାତନ Particularly Vulnerable ଶବ୍ଦ ବ୍ୟବହାର କରି ଆସୁଛନ୍ତି ।) ସମଗ୍ର ଦେଶରେ ମୋଟ ୭୫ଟି ସ୍ୱତନ୍ତ୍ର ଅନଗ୍ରସର ଆଦିବାସୀ ଗୋଷ୍ଠୀକୁ ପୁରାତନ ଜନଜାତି ଭାବେ ଘୋଷଣା କରାଯାଇଛି । ଏହା ମଧ୍ୟରୁ ଓଡ଼ିଶାର ୧୩ଟି ଗୋଷ୍ଠୀକୁ ପୁରାତନ ଜନଜାତି ଭାବେ ଚିହ୍ନିତ କରାଯାଇଛି । ସେମାନେ ହେଉଛନ୍ତି- ୧. ବିର୍‌ହର ୨. ବଣ୍ଡା ୩. ଚକୋଟିଆ ଭୁଞ୍ଜିଆ ୪. ଡିଡାୟୀ ୫. ଡଙ୍ଗରିଆ କନ୍ଧ ୬. ଜୁଆଙ୍ଗ ୭. ଖଡିଆ ୮. କୁଟିଆ କନ୍ଧ ୯. ଲାଞ୍ଜିଆ ସଉରା ୧୦. ଲୋଧା ୧୧. ମାଙ୍କିରଡିଆ ୧୨. ପାଉଡି ଭୂୟାଁ ୧୩. ସଉରା ।

ବିର୍‌ହର୍ ଆଦିମ ଜନଜାତି ବିଶେଷକରି ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବାବେଳେ ବଣ୍ଡା ଓ ଡିଡାୟୀ ଆଦିମ ଜନଜାତି ମାଲକାନଗିରି ଜିଲ୍ଲାରେ ଦେଖାଯାଆନ୍ତି । ସେହିଭଳି ଲୋଧା ଓ ମାଙ୍କିରଡିଆମାନେ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବାବେଳେ ଡଙ୍ଗରିଆ କନ୍ଧ ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ଦେଖାଯାଆନ୍ତି । ଚକୋଟିଆ ଭୁଞ୍ଜିଆମାନେ ନୂଆପଡା ଜିଲ୍ଲାରେ ଏବଂ ପାଉଡି ଭୂୟାଁ ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ କିଛି ମାତ୍ରାରେ ଦେଖାଯାଆନ୍ତି । ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳନ୍ତି । ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାର ବାଂଶପାଳ, ହରିଚନ୍ଦନପୁର, ତେଲକୋଇ ଓ ଘଟଗାଁ ବ୍ଲକ୍‌ର ପାର୍ବତ୍ୟ ଅଞ୍ଚଳରେ ବସବାସ କରନ୍ତି । କେନ୍ଦୁଝର ମୂଳ ଜୁଆଙ୍ଗମାନେ କିଛି ମାତ୍ରାରେ ଢେଙ୍କାନାଳ ଓ ଅନୁଗୁଳର ପାଲଲହଡ଼ା ଅଞ୍ଚଳକୁ ଚାଲିଯାଇ ସେଠାରେ ବସବାସ କରି ଆସୁଛନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟ ଅଞ୍ଚଳକୁ ଜୁଆଙ୍ଗମାନଙ୍କର ମୂଳ ବାସସ୍ଥଳୀ ଭାବେ ଧରାଯାଏ । ଜୁଆଙ୍ଗମାନେ ଅତି ନମ୍ର ଓ ଲାଜକୁଳା ସ୍ୱଭାବର ଅଟନ୍ତି । ସେମାନେ ଖୁବ୍ ସରଳ ଓ ଅତିଥି ପରାୟଣ ।

ଜୁଆଙ୍ଗ ଶବ୍ଦଟିର ଅର୍ଥ ହେଉଛି ମଣିଷ । ଲିପି ନଥିଲେ ମଧ୍ୟ ଜୁଆଙ୍ଗମାନଙ୍କର ଏକ ନିଜସ୍ୱ ଭାଷା ରହିଛି । ଜୁଆଙ୍ଗମାନଙ୍କର ଭାଷା ଆଷ୍ଟ୍ରୋ ଏସିଆଟିକ୍ ଭାଷା ଅନ୍ତର୍ଗତ ଉତ୍ତର

ମୁଣ୍ଡାରି ଭାଷା ଗୋଷ୍ଠୀ ଅନ୍ତର୍ଭୁକ୍ତ । ଭୌଗୋଳିକ ଅବସ୍ଥିତିକୁ ଭିତ୍ତିକରି ଜୁଆଙ୍ଗମାନଙ୍କୁ ସାଧାରଣତଃ ଦୁଇଟି ଶ୍ରେଣୀଭୁକ୍ତ କରାଯାଇପାରେ । ତାହା ହେଲା– ୧. ଥାନିଆ ୨. ଭାଗୁଡିଆ ।

କେନ୍ଦୁଝରର ଗୋନାସିକା ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ମୂଳ ଜୁଆଙ୍ଗମାନଙ୍କୁ ଥାନିଆ କୁହାଯାଉଥିବା ବେଳେ କେନ୍ଦୁଝରରୁ ଚାଲିଯାଇ ଢେଙ୍କାନାଳ ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ ଭାଗୁଡିଆ କୁହାଯାଏ । କେନ୍ଦୁଝର ଜୁଆଙ୍ଗମାନଙ୍କୁ ମୂଳ ଜୁଆଙ୍ଗମାନଙ୍କୁ ମୂଳ ଜୁଆଙ୍ଗ ଭାବେ ବିବେଚନା କରାଯାଇ ଥାଏ । ଗୋନାସିକା ଅଞ୍ଚଳରୁ ଜୁଆଙ୍ଗମାନେ କାହିଁକି ଢେଙ୍କାନାଳ ଓ ପାଲଲହଡା ଅଞ୍ଚଳକୁ ଚାଲିଗଲେ ସେଥିନେଇ ବହୁ ରୋଚକ କାହାଣୀମାନ ରହିଛି । ପ୍ରତିବର୍ଷ ଦଶହରା ଉପଲକ୍ଷେ ଦେବୀ ଦୁର୍ଗାଙ୍କ ନିକଟରେ ବଳି ପକେଇବା ପାଇଁ କେନ୍ଦୁଝର ରାଜା ଜୁଆଙ୍ଗ ଅଞ୍ଚଳରୁ ବହୁ ସଂଖ୍ୟାରେ ନବଜାତ ଶିଶୁମାନଙ୍କୁ ସଂଗ୍ରହ କରି ଆଣିଥାନ୍ତି । କେନ୍ଦୁଝର ରାଜାଙ୍କ କୋପ ଦୃଷ୍ଟିରୁ ନିଜର ନବଜାତ ସନ୍ତାନମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ଢେଙ୍କାନାଳ ଜିଲ୍ଲାର ଘଞ୍ଚ ଜଙ୍ଗଲକୁ ଚାଲି ଯାଇଥାଇ ପାରନ୍ତି ବୋଲି ପୁରୁଣା କାଳର ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ । ୧୮୯୧ ମସିହାରେ କେନ୍ଦୁଝର ରାଜାଙ୍କ ବିରୋଧରେ ଭୂୟାଁ ମେଳି ମଧ୍ୟ ଜୁଆଙ୍ଗମାନଙ୍କର ସ୍ଥାନ ପରିବର୍ତ୍ତନର ଆଉ ଏକ କାରଣ ହୋଇପାରେ ବୋଲି କିଛି ବ୍ୟକ୍ତି ମତ ଦିଅନ୍ତି । ଧରଣୀଧର ଭୂୟାଁଙ୍କ ନେତୃତ୍ୱରେ ଚାଲିଥିବା ଭୂୟାଁ ମେଳିରେ ବହୁ ଆଦିବାସୀଙ୍କ ପ୍ରାଣ ଚାଲିଗଲା । ଧରଣୀଧର ଶେଷରେ ଜୁଆଙ୍ଗମାନଙ୍କୁ ବିଦ୍ରୋହରେ ସାମିଲ ହେବା ପାଇଁ ବାଧ୍ୟ କରିବାରୁ ଅଧିକାଂଶ ସରଳ, ନିଷ୍କପଟ ଜୁଆଙ୍ଗ ଏହାକୁ ଗ୍ରହଣ କରି ନଥିଲେ । ସେମାନେ ଯୁଦ୍ଧରେ ସାମିଲ ନ ହୋଇ ବରଂ ଢେଙ୍କାନାଳ ଜିଲ୍ଲାର ଘଞ୍ଚ ଅରଣ୍ୟ ମଧ୍ୟକୁ ଚାଲିଯାଇ ସେଠାରେ ବସବାସ ଆରମ୍ଭ କରିଥିଲେ । ଜୁଆଙ୍ଗମାନଙ୍କ ସ୍ଥାନ ପରିବର୍ତ୍ତନ ନେଇ N.K. Bose ଏକ ଉଦ୍ଭଟ ଲୋକକଥା ଉଲ୍ଲେଖ କରିଛନ୍ତି । ଜୁଆଙ୍ଗମାନଙ୍କୁ ଜଣେ କ୍ରୂର ଅତ୍ୟାଚାରୀ ରାଜା ଶାସନ କରୁଥିଲେ । ସେହି ଅତ୍ୟାଚାରୀ ରାଜାଟି ଜଣେ ବିବାହିତ ଜୁଆଙ୍ଗ ଯୁବତୀ ସହିତ ପାପ ସଂପର୍କ ରକ୍ଷା କରିବାରୁ ଜୁଆଙ୍ଗମାନେ କ୍ରୋଧିତ ହୋଇ ତାଙ୍କୁ ହତ୍ୟା କରିଦେଲେ । ରାଜାଙ୍କୁ ହତ୍ୟା କରିବା ପରେ ତାଙ୍କ ମୁଣ୍ଡକୁ ଢେଙ୍କିରେ କୁଟି ଗୁଣ୍ଡ କରି ସେହି ରାଜାଙ୍କର ମାଂସକୁ ନିଜ ନିଜ ଭିତରେ ଭାଗବଣ୍ଟା କରି ନେଲେ । ଏହି ରାଜାଙ୍କ ମାଂସ ଖାଇବାକୁ ସମସ୍ତ ଜୁଆଙ୍ଗମାନଙ୍କୁ କୁହାଗଲା । ମାତ୍ର କିଛି ଜୁଆଙ୍ଗ ମଣିଷ ମାଂସ ଖାଇବାକୁ ମନା କରିଦେବା ସହିତ ସେମାନେ ସେ ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଚାଲିଗଲେ । ସଂଭବତଃ ଏହି ଧରଣର ଜୁଆଙ୍ଗମାନେ କେନ୍ଦୁଝର ରାଜ୍ୟର ଗୋନାସିକା ଅଞ୍ଚଳ ପରିତ୍ୟାଗ କରି ତତ୍କାଳୀନ ଢେଙ୍କାନାଳ ରାଜ୍ୟର ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ସେଠାରେ ବସବାସ ଆରମ୍ଭ କରି ଥାଇପାରନ୍ତି ।

ଜୁଆଙ୍ଗମାନଙ୍କ ଅତୀତ ବଡ଼ ରୋମାଞ୍ଚକର ଓ କୌତୁହଳପ୍ରଦାୟୀ । ଆଜିକୁ ମାତ୍ର ଶହେ କିମ୍ବା ଦୁଇ ଶହ ବର୍ଷ ତଳେ ଜୁଆଙ୍ଗମାନେ ଗଛପତ୍ର ଓ ଗଛଡାଳକୁ ଅଣ୍ଟାରେ ଗୁଡେଇ ପରିଧାନ କରୁଥିଲେ । ଜୁଆଙ୍ଗ ମହିଳାମାନେ ଅଣ୍ଟାର ତଳକୁ ସବୁଜ ଡାଳପତ୍ରରେ ପ୍ରସ୍ତୁତ ପତ୍ର ପୋଷାକ (Leaf apron) ପରିଧାନ କରୁଥିଲେ । ଜୁଆଙ୍ଗ ମହିଳାମାନେ ପରିଧାନ କରୁଥିବା ଏହି ପତ୍ର ପୋଷାକକୁ 'ପଟୁଆ' (ପାତୁଆ) କୁହାଯାଉଥିଲା ବୋଲି ତତ୍କାଳୀନ ଜଣେ ବିଦେଶୀ ଗବେଷକ ତଥା ଇଂରେଜ ସେନାଧିକାରୀ Colonel Dalton ପ୍ରଥମେ ସୂଚନା ଦେଇଥିଲେ । Colonel Dalton ୧୮୬୬ ମସିହାରେ କିଛି ସରକାରୀ କାର୍ଯ୍ୟକ୍ରମର ତଦାରଖ କରିବା ଉଦ୍ଦେଶ୍ୟରେ କେନ୍ଦୁଝରକୁ ବୁଲି ଆସିଥିଲେ । କେନ୍ଦୁଝରଗଡ଼ ଓ ବଣେଇ ରାଜ୍ୟ ମଧ୍ୟରେ ସୀମାରେଖା ବିବାଦର ସମାଧାନ କରିବା ନେଇ ଡାଲ୍‌ଟନ୍ ସାହେବ କେନ୍ଦୁଝର ଆସିଥିବା ସମୟରେ ଜୁଆଙ୍ଗ ମହିଳାମାନେ ପତ୍ର ପୋଷାକ ପରିଧାନ କରୁଥିବାର ଜାଣିବାକୁ ପାଇଥିଲେ । ଏହାପରେ ୧୮୭୨ ମସିହାରେ Colonel Dalton ଜୁଆଙ୍ଗ ମହିଳାମାନଙ୍କ ଏହି ପତ୍ର ପୋଷାକ ପରିଧାନ ସମ୍ପର୍କିତ କିଛି ଫଟୋଚିତ୍ର Descriptive Ethnology of Bengal (Calcutta-1872) ପତ୍ରିକାରେ ପ୍ରକାଶ କରିଥିଲେ । ଏହାପରେ ଜୁଆଙ୍ଗମାନଙ୍କ ଏହି ପତ୍ର ପୋଷାକ ସଂପର୍କରେ ସାଧାରଣ ଲୋକେ ଅନେକ ସୂଚନା ପ୍ରାପ୍ତ ହୋଇଥିଲେ । ଜୁଆଙ୍ଗ ରମଣୀମାନେ ଅଣ୍ଟା ତଳକୁ ଶାଳ, ଜାମୁ, କୁରେଇ, ମହୁଲ ଗଛର ଛୋଟଛୋଟ ଡାଳ ଓ ପତ୍ରକୁ ଦଉଡ଼ିରେ ଗୁଡ଼େଇ ପିନ୍ଧୁଥିଲେ । ଡାଳପତ୍ରଗୁଡିକ ଶୁଷ୍କ ଏବଂ ଅପରିଚ୍ଛନ୍ନ ହୋଇଯାଉ ଥିବାରୁ ପ୍ରତିଦିନ ଜୁଆଙ୍ଗ ଯୁବତୀମାନେ ପୋଷାକ ପରିବର୍ତ୍ତନ କରୁଥିଲେ । ଏହା ଫଳରେ ସେମାନଙ୍କର ପୋଷାକ ସର୍ବଦା ସବୁଜ ଓ ସତେଜ ରହିପାରୁଥିଲା । ଜୁଆଙ୍ଗ ମହିଳାମାନେ ଶରୀରର ଉପର ଅଂଶରେ କୌଣସି ପୋଷାକ ପରିଧାନ କରୁ ନଥିଲେ । ପୋଷାକ ପରିଧାନ କଲେ ସେମାନଙ୍କ ଉପରେ ଠାକୁରାଣୀ କୋପ କରିବେ ବୋଲି ଜୁଆଙ୍ଗ ମହିଳାମାନେ ବିଶ୍ୱାସ କରୁଥିଲେ । ଏଣୁ ସେମାନେ ଶରୀରକୁ ପୋଷାକ ଦ୍ୱାରା ସଂପୂର୍ଣ୍ଣ ଆବରଣ କରିବାକୁ ଉଚିତ୍ ମଣୁ ନଥିଲେ । ତେବେ ଶରୀରର ଉପର ଭାଗରେ ଜୁଆଙ୍ଗ ରମଣୀମାନେ ନାନା

ପ୍ରକାର ମାଳି ପିନ୍ଧୁଥିଲେ । କାନରେ, ନାକରେ ଓ ଶରୀରର ଅନ୍ୟାନ୍ୟ ଅଙ୍ଗରେ ନାନାପ୍ରକାର ଅଳଙ୍କାର ମଧ୍ୟ ପିନ୍ଧୁଥିଲେ । କେନ୍ଦୁଝର ରାଜ୍ୟର ତତ୍କାଳୀନ ପ୍ରଶାସକ ସୁପରିଟେଣ୍ଡେଣ୍ଟ କ୍ୟାପ୍‌ଟେନ୍ ଜେ. ଜନ୍‌ଷ୍ଟନ୍‌ଙ୍କ ଉଦ୍ୟମରେ ଜୁଆଙ୍ଗମାନଙ୍କ ମଧ୍ୟରୁ ଏହି ପତ୍ର ପୋଷାକ ପରିଧାନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପାରିଥିଲା ।

ଏହି ପତ୍ରବସନା ଜୁଆଙ୍ଗ ମହିଳାଙ୍କ ସଂପର୍କରେ ବ୍ୟାସକବି ଫକୀର ମୋହନ ସେନାପତି ମଧ୍ୟ ତାଙ୍କର ବହୁ ଚର୍ଚ୍ଚିତ 'ଅବସର ବାସରେ' (୧୯୦୮) କବିତା ସଂକଳନରେ ଉଲ୍ଲେଖ କରିଛନ୍ତି । ସେ ଏମାନଙ୍କୁ ନେଇ ପାତୁଆ ପାତୁଈ ନାମରେ ଏକ କବିତା ରଚନା କରି ସେମାନଙ୍କ ପତ୍ର ପରିଧାନ (ପତ୍ର ପୋଷାକ) ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିପାରିଛନ୍ତି । ଫକୀର ମୋହନ ସେନାପତି ସନ ୧୮୯୦–୯୧ ମଧ୍ୟରେ ଗୋଟିଏ ବର୍ଷ ପାଇଁ କେନ୍ଦୁଝର ରାଜାଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ । ଏହି ସମୟଟି ତାଙ୍କ ପାଇଁ ବେଶ୍ ଘଟଣାବହୁଳ ଥିଲା । ଧରଣୀଧରଙ୍କ 'ଭୂୟାଁ ମେଳି' ଦମନ ପାଇଁ ଫକୀର ମୋହନ କେନ୍ଦୁଝରରେ ବେଶ୍ ପରିଚିତ ହୋଇଥିଲେ । ଏହାବ୍ୟତୀତ ସେ ଆଦିବାସୀ ଜନଜୀବନ ସଂପର୍କରେ ମଧ୍ୟ ବିଶେଷ ଜ୍ଞାନ ହାସଲ କରିପାରିଥିଲେ । ଫକୀର ମୋହନ ତତ୍କାଳୀନ ଜୁଆଙ୍ଗମାନଙ୍କ ସଂପର୍କରେ ଯାହା କିଛି ଅଭିଜ୍ଞତା ହାସଲ କରିଥିଲେ, ତାହା ତାଙ୍କ ଏହି କବିତାରୁ ଜଣାପଡ଼ିଥାଏ ।

ଜୁଆଙ୍ଗମାନଙ୍କର ଗୋଟିଏ ବିଶେଷ ଗୁଣ ହେଉଛି ସେମାନଙ୍କର ଗୋଷ୍ଠୀ ଜୀବନ (community life) । ସେମାନେ ଗୋଷ୍ଠୀଗତ ଭାବେ ଜୀବନକୁ ଉପଭୋଗ କରିବା ଶିଖିଛନ୍ତି । ପ୍ରତ୍ୟେକ ପର୍ବପର୍ବାଣିରେ ସେମାନେ ଏକତ୍ରିତ ହୁଅନ୍ତି ଓ ପରସ୍ପର ମଧ୍ୟରେ ସୁଖ ଆନନ୍ଦ ବାଣ୍ଟିଥାନ୍ତି । ତେବେ ଜୁଆଙ୍ଗମାନଙ୍କର ଗୋଷ୍ଠୀ ଜୀବନ ଆଜି ବିପନ୍ନ । ଦିନ ଥିଲା, ଗୋଟିଏ ଅତି ସାଧାରଣ ପର୍ବରେ ଜୁଆଙ୍ଗମାନେ ଏକତ୍ରିତ ହୋଇ ମହୁଲି କିମ୍ବା ହାଣ୍ଡିଆ ପିଉଥିଲେ ଏବଂ ଚାଙ୍ଗୁ ବଜେଇ ନାଚ ଗୀତ କରି ଜୀବନକୁ ଉପଭୋଗ କରୁଥିଲେ । ପର୍ବପର୍ବାଣିମାନଙ୍କରେ ଗାଁର ପ୍ରତି ଘରୁ ଟଙ୍କା ଓ ଧାନ, ଚାଉଳ, ମୁଗ, ବିରି ଆଦି ନାନା ପ୍ରକାର ଶସ୍ୟ ଆଦାୟ ହେଉଥିଲା । ତାହା ମଣ୍ଡଘରେ ଥିବା ଗ୍ରାମ ପାଣ୍ଠିରେ ସଂରକ୍ଷିତ ହୋଇ ରହୁଥିଲା । ଏହି ଗାଁ ପାଣ୍ଠି ଅର୍ଥରେ ପାଖ ହାଟରୁ ମହୁଲି କିମ୍ବା ହାଣ୍ଡିଆ କିଣା ହୋଇ ଆସୁଥିଲା । ପର୍ବ ପାଳନ ବେଳେ ଏହାକୁ ସମସ୍ତେ ମିଳିମିଶି ପିଉଥିଲେ ଏବଂ ଚାଙ୍ଗୁ ବଜେଇ ନାଚଗୀତ କରୁଥିଲେ । ଦୁର୍ଭାଗ୍ୟ, ଆଜି ଚାଙ୍ଗୁ ବଜେଇବା ପାଇଁ ଗାଁରେ କଙ୍ଗେର୍ (ଯୁବକ)ମାନଙ୍କର ଦେଖାଦର୍ଶନ ମିଳୁନି । ଚାଙ୍ଗୁ ବଜେଇ ନାଚଗୀତ କରିବାକୁ ଆଜିର ତଥାକଥିତ ଆଧୁନିକ ଓ ଶିକ୍ଷିତ ଯୁବବର୍ଗ ପସନ୍ଦ କରୁନାହାନ୍ତି । ଗୁପ୍ତଗଙ୍ଗା ଗ୍ରାମରେ ମାଘପୋଡି ପର୍ବ ପାଳନବେଳେ ଚାଙ୍ଗୁ ବଜେଇ ନାଚଗୀତ କରିବାକୁ ସେଦିନ ଜଣେ ହେଲେ ଯୁବକ (କଙ୍ଗେର୍) ନ ମିଳିବା ଘଟଣା ଖୁବ୍ ଆଶ୍ଚର୍ଯ୍ୟ ଲାଗିଥିଲା । କେବଳ କେତେଜଣ ପୁରୁଣା ବୁଢା ଜୁଆଙ୍ଗ ମଣ୍ଡଘରେ ଟଙ୍ଗାଯାଇଥିବା ଅତି ପୁରୁଣା ଫିମ୍ପିମରା ଚାଙ୍ଗୁ ବାହାର କରି ନାଚଗୀତ କରିବାକୁ ବାହାରିଥିଲେ । ଏହା କ'ଣ ସେମାନଙ୍କର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାର ଆଶ୍ୱସନା ? ବର୍ତ୍ତମାନର ଯୁବପିଢି ମଧ୍ୟରେ ଦେଖାଦେଇଥିବା ଏଭଳି ପରିବର୍ତ୍ତନ ଜୁଆଙ୍ଗମାନଙ୍କର ସଂସ୍କୃତି ଓ ପରଂପରା ପ୍ରତି ଏକ ନୂଆ ବିପଦ ସୃଷ୍ଟି କରି ନାହିଁକି ?

ଦିନଥିଲା ଆମ୍ବ ନୂଆଖିଆ, ଧାନ ନୂଆଖିଆ, ଅଷାଢି, ମାଘପୋଡି ଭଳି ପର୍ବପର୍ବାଣିମାନଙ୍କରେ ଛେଦ ପଡିଥିବା ଏକାଧିକ ଛେଳି (ମେରମ୍), ଗାଡ଼ରା (ମେଣ୍ଢା), ବୁତାଏ (ଘୁଷୁରି) ଓ କୁକୁଡା (ସେଙ୍କଏ)ର ମାଂସର ପ୍ରାବଲ୍ୟରେ ଜୁଆଙ୍ଗ ଗାଁଟିଏ ଭାସି ଉଠୁଥିଲା । ପର୍ବ ପାଳନ ସରିଗଲା ପରେ ଜୁଆଙ୍ଗମାନେ ଛେଦ ପଡିଥିବା ଏହି ପଶୁପକ୍ଷୀଙ୍କ ମାଂସକୁ ରାନ୍ଧି ଗାଁ ଦାଣ୍ଡରେ ପଙ୍କ୍ତି ଭୋଜନର ଆୟୋଜନ କରୁଥିଲେ ଏବଂ ମହୁଲି, ହାଣ୍ଡିଆ ନିଶାରେ ମାତାଲ୍ ହୋଇ ଉଠୁଥିଲେ । ସମସ୍ତେ ମିଳିମିଶି ଭୋଜିର ଆନନ୍ଦ ନେଇପାରୁଥିଲେ । ଗୋଷ୍ଠୀଗତ ଭାବେ ଜୀବନକୁ ବେଶ୍ ଉପଭୋଗ କରୁଥିଲେ । ମାତ୍ର ଆଜି ଜୁଆଙ୍ଗମାନଙ୍କର ଏହି ସମୂହ ଭୋଜନ ବ୍ୟବସ୍ଥା ଏବଂ ଗୋଷ୍ଠୀ ଜୀବନ ପ୍ରତି ଏକ ପ୍ରକାଣ୍ଡ ବିପଦ ସୃଷ୍ଟି ହୋଇଛି । ଆଜି ପ୍ରତ୍ୟକ ଜୁଆଙ୍ଗ ଛେଦ ପଡିଥିବା ମାଂସକୁ ଭାଗବାଣ୍ଟି କରି ନିଜ ଘରକୁ ନେଇ ଯାଉଛନ୍ତି ଏବଂ ଘରେ ଏକଲା ରୋଷେଇ କରି ଖାଉଛନ୍ତି ।

ଆଜିର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଜୁଆଙ୍ଗ ଯୁବ ସମାଜକୁ ପଥଭ୍ରଷ୍ଟ କରିଛି । ଅର୍ଦ୍ଧଶିକ୍ଷିତ ଜୁଆଙ୍ଗ ପିଲାଟି ନା ନିର୍ଦ୍ୱିଦ୍ୱରେ ଆସିପାରୁଛି ସ୍କୁଲକୁ ନା ଫେରି ଯାଇପାରୁଛି ତା' ପ୍ରିୟ ମଣ୍ଡଘରକୁ । ଫଳସ୍ୱରୂପ ଜୁଆଙ୍ଗ ପିଲାଟି ସ୍କୁଲକୁ ଆସି ପୂରାପୂରି ଶିକ୍ଷିତ ହୋଇପାରୁନି କି ତା'ର ମଣ୍ଡଘର ସଂସ୍କୃତି ଓ ପରଂପରାକୁ ଆପଣାର କରି ରଖିପାରୁନି । ଏମିତି ଏକ ଦ୍ୱନ୍ଦ୍ୱଗ୍ରସ୍ତ ସ୍ଥିତିରେ ରହି ଜୁଆଙ୍ଗ ପିଲାଟି ତା' ନିଜର ମଣ୍ଡଘର ସଂସ୍କୃତିକୁ ଭୁଲି ଯିବାକୁ ଚେଷ୍ଟା ନୁହେଁ ତ ଅପଚେଷ୍ଟା କରୁଛି । ଆଜି ଜୁଆଙ୍ଗ ପିଲାଟି ଭୁଲି

ଯାଇଛି ତା'ର ପ୍ରିୟ ମଜାଙ୍ଗ ଓ ତଇଳାକୁ, ଚାଙ୍ଗୁକୁ ଓ ଢୋଲକୁ । ଭୁଲି ଯାଇଛି ତା' ପ୍ରିୟ ଚାଙ୍ଗୁ ଓ ଢୋଲକୁ ଭୁଲିଯାଇଛି ତା' ପ୍ରିୟର ପାହାଡ଼କୁ ଓ ଜଙ୍ଗଲକୁ । ଭୁଲି ଯାଇଛି ତା' ପ୍ରିୟ ମାତୃଭାଷାକୁ ଓ ସଂସ୍କୃତିକୁ । ଭୁଲି ଯାଇଛି ତା' ପ୍ରିୟ ପରଂପରାକୁ ଓ ଜୀବନଶୈଳୀକୁ । ସର୍ବୋପରି ଭୁଲି ଯାଇଛି ତା ନିଜର ପ୍ରିୟ ମାତୃଭାଷାକୁ ଓ ସଂସ୍କୃତିକୁ । ଭୁଲି ଯାଇଛି ତା' ପ୍ରିୟ ପରଂପରାକୁ ଓ ଜୀବନଶୈଳୀକୁ । ସର୍ବୋପରି ଭୁଲି ଯାଇଛି ତା' ନିଜର ପ୍ରିୟ ପରିଚୟକୁ । ଲୁଲି ଯାଇଛି ତା' ବୁନିଆଦ୍‌କୁ । ଜୁଆଙ୍ଗ ପିଲାଟି ନା ଭଲ ଓଡ଼ିଆ କହି ପାରୁଛି, ନା ଭଲ ତା' ନିଜର ଜୁଆଙ୍ଗ ଭାଷାକୁ ଉଚ୍ଚାରଣ କରିପାରୁଛି ? ସେ ଏକ ଅପମିଶ୍ରିତ ଭାଷାର ଜାଲରେ ଛନ୍ଦି ହୋଇ ନିଜକୁ ପ୍ରକାଶ କରିବାକୁ ଅସମର୍ଥ ହୋଇ ପଡୁଛି ।

ଜୁଆଙ୍ଗମାନେ ବେଶ୍ ଶୃଙ୍ଖଳିତ ଜନଜାତି । ସେମାନଙ୍କର ସାମାଜିକ ଏବଂ ଗୋଷ୍ଠୀ ଜୀବନ ଖୁବ୍ ସମୃଦ୍ଧ । ସେମାନେ ଗୋଷ୍ଠୀବଦ୍ଧ ଭାବେ ପାହାଡିଆ ଅଞ୍ଚଳରେ ବସବାସ କରିବାକୁ ପସନ୍ଦ କରିଥାନ୍ତି । ଜୁଆଙ୍ଗମାନଙ୍କର ସାମାଜିକ ଓ ଗୋଷ୍ଠୀ ଜୀବନରେ ମଣ୍ଡଘରର ଏକ ବିଶେଷ ଭୂମିକା ରହିଥାଏ । ମଣ୍ଡଘରକୁ ଅନ୍ୟ ଅର୍ଥରେ କଚେରୀ ଘର ବୋଲି ବୁଝାଯାଇଥାଏ । ଏଠାରେ ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାର ମାଲିମୋକଦ୍ଦମାର ଶୁଣାଣି, ନ୍ୟାୟ ନିଶାପ କାର୍ଯ୍ୟ ସଂପାଦନ ହୋଇଥାଏ । ଏହି ମଣ୍ଡଘରେ ହିଁ ପ୍ରତି ସନ୍ଧ୍ୟାରେ ଜୁଆଙ୍ଗ ଯୁବକ ଯୁବତୀମାନେ ଏକତ୍ରିତ ହୋଇଥାନ୍ତି । ଚାଙ୍ଗୁ ବାଦ୍ୟ ଓ ନୃତ୍ୟର ତାଳେତାଳେ ଜୁଆଙ୍ଗ ସେଲାନ୍ (ଯୁବତୀ) କଙ୍ଗେର୍ (ଯୁବକ) ମାନେ ପ୍ରତିଟି କ୍ଲାନ୍ତ ସନ୍ଧ୍ୟାକୁ ବେଶ୍ ରଙ୍ଗମୟ ଓ ରୋମାଞ୍ଚିତ କରିଦେଇଥାନ୍ତି । ଆଉ ମଧ୍ୟ ମଣ୍ଡଘରଟିରେ ଜୁଆଙ୍ଗମାନେ ଏକତ୍ରିତ ହୋଇ ସେମାନଙ୍କର ସମସ୍ୟା ଉପସ୍ଥାପନ କରିଥା'ନ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଜୀବନକୁ ଉପଭୋଗ କରିଥା'ନ୍ତି । ମାତ୍ର ଦୁର୍ଭାଗ୍ୟ ଜୁଆଙ୍ଗମାନଙ୍କର ସାମାଜିକ ଓ ଗୋଷ୍ଠୀ ଜୀବନର ପ୍ରାଣକେନ୍ଦ୍ର କୁହାଯାଉଥିବା ମଣ୍ଡଘର ଆଜି ସ୍ୱପ୍ନ ଓ ଇତିହାସ ପାଲଟି ଯାଇଛି । ଏବେ ଜୁଆଙ୍ଗର ମଣ୍ଡଘରର ଚିତ୍ର ସଂପୂର୍ଣ୍ଣ ବଦଳି ଯାଇଛି । ଆଧୁନିକତାର ପ୍ରଭାବ ହେଉ କିମ୍ବା ତଥାକଥିତ ମିଛ ବିକାଶର ସ୍ରୋତର ଅନୁକୂଳ ଦିଗରେ ଭାସି ଚାଲିଛନ୍ତି ପୃଥବୀର ଅନ୍ୟତମ ପୁରାତନ ଜନଜାତି କୁହାଯାଉଥିବା ଏହି ଜୁଆଙ୍ଗମାନେ । ପୁରୁଷ ପୁରୁଷ ଧରି ଗାଁ ମଝିରେ ଠିଆ ହୋଇଥିବା ପାରଂପରିକ ମାଟି ଏବଂ ନାନା ପ୍ରକାର ଚିତ୍ରକଳା ଖୋଦିତ କାଠରେ ନିର୍ମିତ ମଣ୍ଡଘରକୁ ସରକାର ଧ୍ୱଂସ କରି ସେହି ସ୍ଥାନରେ ସ୍କୁଲ୍ ଘର ଭଳି ଆଜବେଷ୍ଟସ ଛାତ ପଡିଥିବା ଲମ୍ବା ହଲ୍‌ଟିଏ ନିର୍ମାଣ କରି ତାହାର ନାମ କମ୍ୟୁନିଟି ସେଣ୍ଟର ରଖୁଛନ୍ତି । ତେବେ ସରକାରଙ୍କ ପକ୍ଷରୁ ନବନିର୍ମିତ ଏହି ଗୋଷ୍ଠୀ କେନ୍ଦ୍ରଗୁଡିକ ପାରଂପରିକ ମଣ୍ଡଘରର ସ୍ଥାନ ନେଇପାରିବ କି ? ଏହା ବିତର୍କ ସାପେକ୍ଷ । ପୂର୍ବର ମଣ୍ଡଘରେ ବ୍ୟବହୃତ ହୋଇଥିବା କାଠର ଖୁଣ୍ଟରେ ଯେଉଁଭଳି ଖୋଦେଇ ଶିଳ୍ପକଳା ପ୍ରଦର୍ଶିତ ହୋଇପାରିଥିଲା, ଆଜିର ସିମେଣ୍ଟ ନିର୍ମିତ ଗୋଷ୍ଠୀ କେନ୍ଦ୍ରରେ ସେମିତି କ'ଣ ସଂଭବ ହୋଇପାରିଛି ?

କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ଏକ ପୁରାତନ ଜନଜାତି ଜୁଆଙ୍ଗମାନଙ୍କର ବିକାଶ ପାଇଁ ରାଜ୍ୟ ସରକାର ୧୯୭୮ ମସିହାରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗଠନ କରିଥିଲେ । ଏହା ସରକାରଙ୍କର ଏକ ଅଣୁ ପ୍ରକଳ୍ପ ବା ମାଇକ୍ରୋ ପ୍ରୋଜେକ୍ଟ ଏବଂ ଏହାର କାର୍ଯ୍ୟାଳୟ କେନ୍ଦୁଝର ଜିଲ୍ଲାର ଗୋନାସିକାଠାରେ ଅବସ୍ଥିତ । ଜୁଆଙ୍ଗ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅର୍ଥନୀତିରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଟି ଗଠନ କରାଯାଇଥିଲା । ଏହି ସଂସ୍ଥା ମାଧ୍ୟମରେ ଜୁଆଙ୍ଗ ଅଞ୍ଚଳରେ ପକ୍କା ସଡ଼କ ନିର୍ମାଣ କରିବା ସହିତ ପାନୀୟ ଜଳ ପ୍ରକଳ୍ପ, ଜଳ ଅମଳ ପ୍ରକଳ୍ପ, ଉଦ୍ୟାନ କୃଷି, ନଳକୂପ ଖନନ, ଚେକ୍ ଡ୍ୟାମ୍ ନିର୍ମାଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ଓ ଅନ୍ୟାନ୍ୟ ଯାବତୀୟ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯାଉଛି । ଏହି ଅଣୁ ପ୍ରକଳ୍ପଟିର ଅଧୀନରେ ୩୫ଟି ଜୁଆଙ୍ଗ ଗ୍ରାମ ଅନ୍ତର୍ଭୁକ୍ତ । ମାତ୍ର, ଦୁର୍ଭାଗ୍ୟ ଏହି ୩୫ଟି ଜୁଆଙ୍ଗ ବ୍ୟତୀତ ଏ ଅଞ୍ଚଳରେ ଆହୁରି ଶତାଧିକ ଜୁଆଙ୍ଗ ଗ୍ରାମ ରହିଥିଲେ ମଧ୍ୟ ସେମାନେ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି । ଏହିସବୁ ଜୁଆଙ୍ଗ ଗ୍ରାମଗୁଡ଼ିକ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା'ର କୌଣସି ବିକାଶମୂଳକ କାର୍ଯ୍ୟରେ ସାମିଲ ହୋଇପାରୁ ନାହାନ୍ତି । 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ମୋଟ ୬ଟି ଗ୍ରାମପଞ୍ଚାୟତ ଯଥା– ବାଂଶପାଳ ବ୍ଲକ୍‌ର ଗୋନାସିକା, ବାର୍ହାଗଡ , ବାୟାକୁମୁଟିଆ, କୋଡ଼ିପଶା, କୁଆଁର, ତଳଚମ୍ପେଇର ମୋଟ ୩୫ଟି ଗ୍ରାମ ଅନ୍ତର୍ଭୁକ୍ତ ହୋଇଛି । ସବୁଠୁ ଦୁର୍ଭାଗ୍ୟର ବିଷୟ, ତଳଚମ୍ପେଇ ଗ୍ରାମପଞ୍ଚାୟତର ରିମୁଳିଘାଟି, ତଳଚଂପେଇ, ଉପର ଚଂପେଇ ଆଦି ଗ୍ରାମଗୁଡ଼ିକ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ଯାଉଥିବାବେଳେ ତଳଚଂପେଇ ଗ୍ରାମକୁ ଲାଗି କରି ଥିବା ଏକ ଜୁଆଙ୍ଗ ଗ୍ରାମ ଉପରରଡୁଆଁ ଗାଁଟି 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅନ୍ତର୍ଭୁକ୍ତ ହୋଇପାରି ନାହିଁ । କେବଳ ଉପରରଡୁଆଁ ନୁହେଁ ବରଂ ଏହିଭଳି ଶତାଧିକ ଜୁଆଙ୍ଗବହୁଳ ଗ୍ରାମ

'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ରହିପାରି ନାହାନ୍ତି । ବାଂଶପାଳ ବ୍ଲକ୍ ବ୍ୟତୀତ ତେଲକୋଇ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକ୍‌ରେ ଶହେରୁ ଉର୍ଦ୍ଧ୍ୱ ଜୁଆଙ୍ଗ ଗ୍ରାମ ରହିଛି । ଏହି ଗ୍ରାମଗୁଡ଼ିକ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ଆସୁନାହାନ୍ତି । ଏହା ଏକ ବିଚିତ୍ର ବ୍ୟବସ୍ଥା ଭଳି ମହେ ହୁଏନି କି ?

ଅପରପକ୍ଷେ, ଯେଉଁସବୁ ଜୁଆଙ୍ଗ ବହୁଳ ଗ୍ରାମଗୁଡ଼ିକ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ସାମିଲ ହୋଇଛନ୍ତି, ସେହିସବୁ ଗାଁମାନଙ୍କରେ ତଥାକଥିତ ବିକାଶ ନାଁରେ ବ୍ୟାପକ ଅବକ୍ଷୟ ପରିଲକ୍ଷିତ ହୋଇଛି । ସେହିସବୁ ଗାଁମାନଙ୍କରେ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ନାମରେ ଜୁଆଙ୍ଗମାନଙ୍କର ମୂଳ ପାରଂପରିକ 'ମଣ୍ଡଘର'ଗୁଡ଼ିକ ଧ୍ୱଂସ ପାଇଯାଇଛି । ସେଠାରେ ଗଢ଼ି ଉଠିଛି ସ୍କୁଲ ଘର ଭଳି କିଛି କିଛି ଆଜବେଷ୍ଟସ ଛାତପକା ଲମ୍ବା ଘର ଯାହାକୁ ଏବେକାର ଯୁବକମାନେ 'କ୍ଲବ୍‌ଘର' ବୋଲି କହୁଛନ୍ତି । ସେଠାରେ 'ମଣ୍ଡଘର' ସଂସ୍କୃତିର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ । ଅପରପକ୍ଷେ ଯେଉଁସବୁ ଗାଁ 'ଜୁଆଙ୍ଗ ଉନ୍ନୟନ ସଂସ୍ଥା' ଅଧୀନରେ ନାହାନ୍ତି ବରଂ ସେଠାରେ ସେମାନଙ୍କର ପ୍ରାଚୀନ ମଣ୍ଡଘର ଅକ୍ଷତ ଅବସ୍ଥାରେ ସଂରକ୍ଷିତ ରହିଥିବାର ଦେଖାଯାଉଛି । ଯଦିଓ କିଛି ସ୍ୱେଚ୍ଛାସେବୀ ସଂସ୍ଥା ଜୁଆଙ୍ଗମାନଙ୍କର 'ମଣ୍ଡଘର ସଂସ୍କୃତି' ପ୍ରତି ବିପଦ ସୃଷ୍ଟି କରିଛନ୍ତି, ସେଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ।

ପ୍ରାଚୀନ କାଳରୁ ନିଆଁକୁ ସାଇତି ରଖିବାର ପରଂପରା ଶିକ୍ଷା କରିପାରିଥିଲେ ଏହି ପୁରାତନ ବନବାସୀ ଜୁଆଙ୍ଗମାନେ । ଏଣୁ ମଣ୍ଡଘରେ ଜୁଆଙ୍ଗମାନେ ନିୟମିତ କାଠ ଜାଳି ନିଆଁକୁ ବର୍ଷତମାମ୍ ସଂରକ୍ଷଣ କରି ଆସୁଥିଲେ । ମାତ୍ର ଆଜି କୌଣସି ଜୁଆଙ୍ଗ ମଣ୍ଡଘରେ ଅଖଣ୍ଡ ଅଗ୍ନି ଦେଖିବାକୁ ମିଳୁନାହିଁ । ମଣ୍ଡଘରେ ଜଳୁଥିବା କାଠର ପାଉଁଶକୁ ସଂଗ୍ରହ କରି ସେମାନେ ପୋଡୁ ଚାଷରେ ବ୍ୟବହାର ମଧ୍ୟ କରୁଥିଲେ । ଏହି ପୋଡୁଚାଷ ମାଧ୍ୟମରେ ସେମାନଙ୍କ ଜୀବନଜୀବିକା ନିର୍ବାହ ହେଉଥିଲା ।

ଅତୀତରେ ଜୁଆଙ୍ଗମାନଙ୍କ ସାମାଜିକ ଜୀବନ ଖୁବ୍ ସମୃଦ୍ଧ ଥିଲା । ଜୁଆଙ୍ଗମାନେ 'ଗ୍ରାମ୍ୟ ସଂଗଠନ' ଖୁବ୍ ଉନ୍ନତମାନର ଥିଲା । ଆଜି କିନ୍ତୁ ଜୁଆଙ୍ଗମାନଙ୍କ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥାରେ ବହୁ ପରିବର୍ତ୍ତନ ଘଟିଛି । ଜୁଆଙ୍ଗମାନଙ୍କ ପାରଂପରିକ ଗାଁ ମୁଖିଆ ପଧାନଙ୍କ ସ୍ଥାନରେ ଏବେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଲୋକପ୍ରତିନିଧି ୱାର୍ଡମେମ୍ବରମାନେ ଗାଁର ଭଲମନ୍ଦ ବୁଝୁଛନ୍ତି । ପୂର୍ବେ ପିଢ ସର୍ଦ୍ଦାରମାନେ ଆନ୍ତଃଗ୍ରାମ ବିବାଦର ସମାଧାନ କରୁଥିଲେ । ଗାଁ ଗାଁ ମଧ୍ୟରେ ଲାଗିଥିବା କଳହକୁ ପିଢ ସର୍ଦ୍ଦାରମାନେ ପିଢ ବୈଠକ ଡାକି ଏହାର ଆଶୁ ସମାଧାନ କରିପାରୁଥିଲେ । ମାତ୍ର ଆଜି ପିଢ ସର୍ଦ୍ଦାରମାନଙ୍କର ପ୍ରାସଙ୍ଗିକତା ଆଉ ଅନୁଭବ କରି ହେଉନାହିଁ । ସେମାନଙ୍କ ସ୍ଥାନ ପଞ୍ଚାୟତର ସରପଞ୍ଚମାନେ ଗ୍ରହଣ କରିଛନ୍ତି । ଅତୀତରେ ନ୍ୟାୟନିଶାପ ପାଇଁ ଆଦୌ ଥାନା ହାଜତକୁ ଯାଉ ନଥିବା ଜୁଆଙ୍ଗମାନେ ଏବେ ଥାନା, କୋର୍ଟ, କଚେରୀକୁ ଯିବା ଆରମ୍ଭ କଲେଣି । ମଣ୍ଡଘର ଓ ବାରଭାଇ ଉଚିତ୍ ନ୍ୟାୟ ପ୍ରଦାନ କରିପାରିବେ ବୋଲି ଜୁଆଙ୍ଗମାନଙ୍କର ଆଉ ହୃଦ୍‌ବୋଧ ହେଉନି ।

ଜୁଆଙ୍ଗମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ ଓ ଗୋଷ୍ଠୀ ଜୀବନରେ ମଜାଙ୍ଗର ଏକ ବିଶେଷ ଭୂମିକା ରହିଥାଏ । ମଜାଙ୍ଗ (ମଣ୍ଡଘର)କୁ ଅନ୍ୟ ଅର୍ଥରେ କଚେରୀ ଘର ବୋଲି ବୁଝାଯାଇଥାଏ । ଏଠାରେ ଜୁଆଙ୍ଗମାନଙ୍କର ସମସ୍ତ ପ୍ରକାର ନ୍ୟାୟନିଶାପ ହୋଇଥାଏ । ମଣ୍ଡଘରଟି ଗ୍ରାମର ଅନ୍ୟାନ୍ୟ ସାଧାରଣ ଘରମାନଙ୍କ ତୁଳନାରେ ବଡ ଆକାରର ହୋଇଥାଏ । ଅପରପକ୍ଷେ, ଏହି ମଣ୍ଡଘରେ ହିଁ ପ୍ରତି ସନ୍ଧ୍ୟାରେ ଜୁଆଙ୍ଗ ଯୁବକ ଯୁବତୀମାନେ ଏକତ୍ରିତ ହୋଇଥାନ୍ତି । ଚାଙ୍ଗୁ ବାଦ୍ୟ ଓ ଗୀତର ତାଳେତାଳେ ଜୁଆଙ୍ଗ ସେଲାନ୍ (ଯୁବତୀ), କଙ୍ଗେର (ଯୁବକ)ମାନେ ଝୁମି ଉଠିଥାନ୍ତି । ମଣ୍ଡଘରଟିରେ ଜୁଆଙ୍ଗମାନେ ଏକତ୍ରିତ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥା'ନ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଜୀବନକୁ ଉପଭୋଗ କରିଥାନ୍ତି । ମଣ୍ଡଘରଟି ମୁଖ୍ୟତଃ ୮ପ୍ରକାର କାର୍ଯ୍ୟ ତୁଲାଇଥାଏ । ସେଗୁଡିକ ହେଲା– ୧. ଗାଁ ନ୍ୟାୟାଳୟ ୨. ସୂଚନା କେନ୍ଦ୍ର ୩. ଅତିଥି ଚର୍ଚ୍ଚା ଗୃହ ୪. କୋଠଘର ୫. ସାଂସ୍କୃତିକ କେନ୍ଦ୍ର ୬. ଯୁବକ ସଂଘ ଗୃହ ୭. ଅବସର ବିନୋଦନ କେନ୍ଦ୍ର ୮. ଧାର୍ମିକ କେନ୍ଦ୍ର ।

ଅତୀତରେ ମଣ୍ଡଘରଟିରେ ଗାଁର ସମସ୍ତ ଅବିବାହିତ ଯୁବକ ରାତିରେ ଏକତ୍ର ଶୟନ କରୁଥିଲେ ଏବଂ ଦିନର ଅଧିକାଂଶ ସମୟ ଏହିଠାରେ କାଟୁଥିଲେ । ମଣ୍ଡଘରର କାନ୍ଥରେ ମାଳମାଳ ଚାଙ୍ଗୁ ଟଙ୍ଗା ଯାଉଥିଲା । କାନ୍ଥରେ ଗୟଳ ଓ ସମ୍ବର ଶିଙ୍ଗ ପୋତାଯାଇ କାନ୍ଥକୁ ଆକର୍ଷଣୀୟ କରାଯାଇ ପାରୁଥିଲା । ଯୁବକମାନେ ମଣ୍ଡଘର କାନ୍ଥରୁ ଚାଙ୍ଗୁ ବାହାର କରି ଅବିବାହିତା ଯୁବତୀମାନଙ୍କ ସହିତ ନାଚଗୀତରେ ମସ୍‌ଗୁଲ୍ ହୋଇପଡୁଥିଲେ । ଅବସର ବିନୋଦନ କେନ୍ଦ୍ର ଭାବେ ମଣ୍ଡଘର ଏକ ଅଲଗା ପରିଚୟ ସୃଷ୍ଟି କରିପାରିଥିଲା । ମାତ୍ର ଆଜି ଯୁବକମାନଙ୍କ ପାଇଁ ଏହି ମଣ୍ଡଘରଟି

ଏକ ନିରୋଳା ଅବସର ବିନୋଦନ କେନ୍ଦ୍ରର ମାନ୍ୟତା ହରାଇ ସାରିଛି । ଗାଁର ଯୁବକମାନେ ନିଜନିଜ ଘରେ ରେଡିଓ, ଟିଭି କିମ୍ବା ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଯାନ୍ତ୍ରିକ ବ୍ୟବସ୍ଥା ସହାୟତରେ ଆଧୁନିକ ହିନ୍ଦୀ ଚଳଚ୍ଚିତ୍ର ଗୀତ ଓ ମ୍ୟୁଜିକ୍ ଶୁଣି ଦିନ କଟାଇ ଦେଉଛନ୍ତି । ମାତ୍ର ଚାଙ୍ଗୁ ନାଚ ବିବାହ ଓ ପର୍ବପର୍ବାଣିରେ ବୋଲାଯାଉଥିବା ଗୀତକୁ ସେମାନେ ବିସ୍ମରି ଯାଇଛନ୍ତି । ଏହା ଚିନ୍ତାଜନକ ।

ଅତୀତରେ ମଣ୍ଡଘରର ଭାଡି ଉପରେ ବସ୍ତା ବସ୍ତା ଧାନ, ଚାଉଳ, କାଙ୍ଗୁ, ଗଙ୍ଗେଇ, ଜୁଆଣି, ସୁତୁରି ଆଦି ସାଇତା ହୋଇ ରହୁଥିଲା । ଜୁଆଙ୍ଗମାନଙ୍କ ଦୁର୍ଦ୍ଦିନରେ ଏହା ଖୁବ୍ ଉପଯୋଗୀ ସାବ୍ୟସ୍ତ ହେଉଥିଲା । ମଣ୍ଡଘରଟିରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର କୃଷି ଓ ଶିକାର ଉପକରଣ ସାଙ୍ଗକୁ ଗାଁ ପାଣ୍ଠି ମାଧ୍ୟମରେ ପ୍ରଚୁର ପରିମାଣର ଶସ୍ୟ ମହଜୁଦ୍ ହୋଇ ରହୁଥିଲା । ଗାଁ ଲୋକଙ୍କ ଭଲମନ୍ଦ ଓ ବିପଦଆପଦରେ ଗାଁ ପାଣ୍ଠି ବେଶ୍ ସହାୟକ ହୋଇପାରୁଥିଲା । କେବେ କେମିତି ବହିରାଗତ ଅତିଥି ଗାଁକୁ ଆସିଲେ ସେମାନଙ୍କୁ ଏହି ମଣ୍ଡଘରେ ହିଁ ଆଶ୍ରୟ ନେବାକୁ ପଡୁଥିଲା ।

ଜୁଆଙ୍ଗମାନେ ବାରମାସରେ ତେର ପର୍ବ ପାଳନ କରିଥାନ୍ତି । ନାଚଗୀତ କରି, ପର୍ବପର୍ବାଣି, ଉତ୍ସବ ମନେଇ ଜୀବନକୁ ଉପଭୋଗ କରିବାର କଳା ଜୁଆଙ୍ଗମାନଙ୍କଠାରୁ ଆଉ କିଏ ଅଧିକ ଜାଣନ୍ତି ? ତେବେ ମିଛ ଆଧୁନିକତାର ଆଳରେ ଆଜିର ନବ୍ୟ ଜୁଆଙ୍ଗ ଯୁବସମାଜ ପର୍ବପର୍ବାଣିମାନଙ୍କଠାରୁ ଦୂରେଇଯିବା ସେମାନଙ୍କର ସଂସ୍କୃତି ଓ ପରଂପରା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି । ଆଜିର ଦିନରେ ବହୁ ପର୍ବପର୍ବାଣି ଜୁଆଙ୍ଗ ସମାଜରୁ ସବୁଦିନ ପାଇଁ ହଜିଯିବାକୁ ବସିଥିବାବେଳେ ଆଉ କିଛି ପର୍ବ ଯଥାତଥା ପାଳନ ହେଉଛି । ଏହି ପର୍ବପର୍ବାଣି ପାଳନ ବିଧିରେ ଅନେକ ପରିବର୍ତ୍ତନ ମଧ୍ୟ ଦେଖା ଦେଇଛି । ପୂର୍ବକାଳରେ ଜୁଆଙ୍ଗମାନଙ୍କ ଅଧିକାଂଶ ପର୍ବପର୍ବାଣିରେ ମଇଁଷି(ପୋଢ) ବଳି ପଡୁଥିଲା । ଆଜି କିନ୍ତୁ ମଇଁଷି ବଳି ପ୍ରଥା ପ୍ରାୟ ବନ୍ଦ ହୋଇଯାଇଛି କହିଲେ ଠିକ୍ ହେବ । ଅତୀତରେ ଜୁଆଙ୍ଗମାନଙ୍କର ଏକ ନିର୍ଦ୍ଦିଷ୍ଟ ପୂଜା ସମୟରେ ନାଗମ୍ (ପୂଜକ) ନିଜର ଅଙ୍ଗପ୍ରତ୍ୟଙ୍ଗ (ହାତ, ଗୋଡ, ଆଖି, ନାକ କିମ୍ବା କାନ) ମଧ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ଦାନ କରୁଥିଲେ । ପୂଜାବେଳେ ଏହି ଅଙ୍ଗଦାନ ଖୁବ୍ ମର୍ମନ୍ତୁଦ ମନେ ହେଉଥିଲେ ମଧ୍ୟ ସେମାନଙ୍କର ଦେବତାଙ୍କ ପ୍ରତି ଥିବା ଗଭୀର ବିଶ୍ୱାସର ସୂଚନା ଦେଇଥାଏ । ପୂର୍ବକାଳରେ ପାଳନ ହେଉଥିବା ପର୍ବପର୍ବାଣି ଓ ସଂପ୍ରତି ପାଳନ କରାଯାଉଥିବା ପର୍ବପର୍ବାଣି ମଧ୍ୟରେ ବହୁତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ବର୍ତ୍ତମାନ ପାଳନ କରାଯାଉଥିବା ପର୍ବପର୍ବାଣିମାନଙ୍କରେ ରୀତି, ନୀତି, ପରଂପରା ଅନେକ ମାତ୍ରାରେ ବ୍ୟାହତ ହୋଇଛି ।

ଏହି ଅଧ୍ୟୟନରେ ଜୁଆଙ୍ଗମାନଙ୍କର ଅର୍ଥନୈତିକ, ସମାଜିକ ଓ ସାଂସ୍କୃତିକ ଜୀବନ ସଂପର୍କରେ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଥିବାବେଳେ ସେମାନଙ୍କ ପର୍ବପର୍ବାଣିମାନଙ୍କୁ ନେଇ ଏକ ସବିଶେଷ ବର୍ଣ୍ଣନା ସଂଭବ ହୋଇଛି । ଏହାବ୍ୟତୀତ ସେମାନଙ୍କର ଚିତ୍ରକଳା, ପ୍ରଥା, ପରଂପରା, ସଂସ୍କୃତି, ଧର୍ମଧାରଣା, ଲୋକବିଶ୍ୱାସ, ନାଚଗୀତ, ଢଗଢମାଳି, ପହଳି (ପ୍ରହେଳିକା) ଓ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଏହି ଅଧ୍ୟୟନରେ ଆଲୋକପାତ କରାଯାଇଛି । ଗୁପ୍ତଗଙ୍ଗା ଗ୍ରାମର ଯୁବତୀ ଶାନ୍ତିଲତା ଜୁଆଙ୍ଗ, କୁନ୍ତଳା ଜୁଆଙ୍ଗ, ବାୟାପଣ୍ଡାଦର ଗାଁର ଜାଇ ଜୁଆଙ୍ଗ, କଦଳୀବାଡିର ବାସନ୍ତୀ ଜୁଆଙ୍ଗ, ଏଜୁକେଶନ୍ କଂପ୍ଲେକ୍ସର ଶିକ୍ଷକ ରାମଚନ୍ଦ୍ର ଜୁଆଙ୍ଗ ଏବଂ ବାହାଗଡ ଗ୍ରାମର ଶ୍ରୀଧର ଜୁଆଙ୍ଗ, ପ୍ରଫୁଲ ଜୁଆଙ୍ଗ ଆଦିଙ୍କଠାରୁ ଜୁଆଙ୍ଗ ପହଳିଗୁଡିକ ସଂଗ୍ରହ କଲାବେଳର ଅନୁଭୂତି ବେଶ୍ ନିଆରା । ଏହି ପହଳିଗୁଡିକ ସଂଗ୍ରହ କଲାବେଳେ ଏବଂ ତା ଅର୍ଥ ବୁଝିଲାବେଳେ ସେଇ ଜୁଆଙ୍ଗ ଆଦିଙ୍କ ଯୁବକ, ଯୁବତୀମାନେ ହସିହସି ଗଡିଯାଉଥିଲେ ଏବଂ ମୁଁ ବି ସେମାନଙ୍କ ସହ ହସିହସି ବେଦମ୍ ହୋଇଯାଉଥିଲି । ବେଶ୍ ଆନନ୍ଦଦାୟକ ଥିଲା ସେହି ଜୁଆଙ୍ଗ ଯୁବକ, ଯୁବତୀମାନଙ୍କଠାରୁ ପହଳିଗୁଡିକ ସଂଗ୍ରହ କଲାବେଳର ମୁହୂର୍ତ୍ତ । ଇସ୍, ସେ ଅନୁଭୂତିଗୁଡିକ ମୋ ଭିତରେ ସବୁଦିନ ସାଇତି ହୋଇ ରହନ୍ତା କି ?

ଜୁଆଙ୍ଗମାନଙ୍କର ଲୋକସାହିତ୍ୟ ଖୁବ୍ ସମୃଦ୍ଧ । ଆକର୍ଷଣୀୟ ଲୋକଗୀତ, ଲୋକଗପ, ଢଗଢମାଳି ଓ ପହଳି ଜୁଆଙ୍ଗ ଲୋକସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛି । ଜୁଆଙ୍ଗମାନଙ୍କ ଚିତ୍ରକଳା ଅନ୍ୟ ଆଦିବାସୀ ଚିତ୍ରକଳାଠାରୁ କୌଣସି ଗୁଣରେ କମ୍ ନୁହେଁ । ଜୁଆଙ୍ଗମାନଙ୍କ ପାନିଆ ଗଠନ ଶୈଳୀ ହିଁ ସେମାନଙ୍କ ସମୃଦ୍ଧ ଚିତ୍ରକଳାର ଏକ ଉଜ୍ଜ୍ୱଳ ଉଦାହରଣ । ସେମାନେ କାଠ, ବାଉଁଶ ଏବଂ ଶିଙ୍ଗରେ ନାନା ପ୍ରକାର କଳାତ୍ମକ ପାନିଆ ପ୍ରସ୍ତୁତ କରିଥାନ୍ତି । ଜୁଆଙ୍ଗମାନଙ୍କର ଏହି ପାରଂପରିକ ପାନିଆ ରାଜ୍ୟ ତଥା ରାଜ୍ୟ ବହାରର ବଜାରରେ ଏକ ନିଆରା ଭାଉ ଦାବି କରିଥାନ୍ତି । ପାନିଆଗୁଡିକର ଗଂନ ଶୈଳୀକୁ ଲକ୍ଷ୍ୟ କଲେ ଜୁଆଙ୍ଗମାନଙ୍କର କଳାତ୍ମକ ଦିଗ ପ୍ରତି ସଚେତନ ହେବାକୁ

ପଡିଥାଏ । ଏହି ପାନିଆଗୁଡିକ ବିଭିନ୍ନ ରୂପରେ ପ୍ରସ୍ତୁତ ହୋଇଥାଏ । କାଠ ବା ବାଉଁ ନିର୍ମିତ ଏହି ପାନିଆଗୁଡିକରେ ନାନା ପ୍ରକାର କ୍ଷୁଦ୍ରଚିତ୍ର ଖୋଦିତ ହୋଇଥାଏ କିମ୍ବା ଅଙ୍କିତ ହୋଇଥାଏ । ଜଙ୍ଗଲକୁ ଶିକାର କରି ଯାଉଥିବା ମଣିଷର ଚିତ୍ର, ଗଧ କିମ୍ବା ପଶୁ ଉପରେ ବସିଥିବା ମଣିଷର ଚିତ୍ର ଡାଳି, ଲତା, ଛକି, ଠିକିରି, ମଣିଷ, ପଶୁପକ୍ଷୀଙ୍କର ରେଖାଚିତ୍ର ଲୁହାର ତାମ୍ପଣ କିମ୍ବା ଅନ୍ୟାନ୍ୟ ଖୋଦେଇକାରୀ ଯନ୍ତ୍ର ଦ୍ୱାରା ଅଙ୍କନ କରାଯାଇଥାଏ । ସୁକ୍ଷ୍ମ ଖୋଦନ କଳା ଏହି ଜୁଆଙ୍ଗମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ । ସେହିଭଳି ବାଉଁଶ ନିର୍ମିତ ବଂଶୀ ଉପରେ ମଧ୍ୟ ଜୁଆଙ୍ଗମାନେ ନାନା ପ୍ରକାର ଖୋଦନ ଚିତ୍ରକଳାର ସ୍ପର୍ଶ ଦେଇଥାନ୍ତି । ସେମାନେ ମାଟି ହାଣ୍ଡିରେ ନାନା ପ୍ରକାର ଚିତ୍ର ଆଙ୍କିଥାନ୍ତି । କ୍ଷୁଦ୍ର ନାସଦାନିରେ ମଧ୍ୟ ଅନୁରୂପ ଚିତ୍ରକଳା ଦେଖିବାକୁ ମିଳିଥାଏ ।

ଜୁଆଙ୍ଗମାନଙ୍କ ସାଂସ୍କୃତିକ ଜୀବନଧାରା ପ୍ରକୃତି ସହିତ ଓତଃପ୍ରୋତ ଭାବେ ଜଡିତ । ସେମାନେ ଅରଣ୍ୟ, ବୃକ୍ଷ, ଜଙ୍ଗଲ, ପାହାଡ, ନଦୀ, ଝରଣା, ସୂର୍ଯ୍ୟ, ପୃଥିବୀ ଆଦି ପ୍ରାକୃତିକ ବସ୍ତୁକୁ ଦେବତା ରୂପେ ପୂଜା କରନ୍ତି । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ସେମାନଙ୍କ ଦେବଦେବୀ ସର୍ବଦା ଅରଣ୍ୟ, ପାହାଡ, ଝରଣା ଓ ନଦୀନାଳରେ ଅବସ୍ଥାନ କରନ୍ତି ।

ଜୁଆଙ୍ଗମାନେ ବାର ମାସରେ ତେର ପର୍ବ ପାଳନ କରିରଥାନ୍ତି । ପର୍ବପର୍ବାଣି ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ଖୁବ୍ ଋଦ୍ଧିମନ୍ତ କରିଥାଏ । ସଂସ୍କୃତ ଶବ୍ଦ ପବମ୍ ଅପଭ୍ରଂଶ ହୋଇ କାଳକ୍ରମେ ଓଡ଼ିଆ ଶବ୍ଦ 'ପର୍ବ' ସୃଷ୍ଟି ହୋଇଛି । ସେହିପରି ପବମ୍ ଶବ୍ଦରୁ ଜୁଆଙ୍ଗମାନଙ୍କ ଅବ ଶବ୍ଦଟି ମଧ୍ୟ ସୃଷ୍ଟି ହୋଇଥାଇପାରେ ବୋଲି ଅନେକ ମତବ୍ୟକ୍ତ କରନ୍ତି । ଜୁଆଙ୍ଗମାନେ ପର୍ବକୁ ତାଙ୍କ ନିଜ ଭାଷାରେ ଅବ ବୋଲି କହିଥାନ୍ତି । ଶ୍ରଦ୍ଧା, ଆନନ୍ଦ ଓ ଭକ୍ତି ଭାବନା ଜାଗ୍ରତ କରାଇବା ଏହି ପର୍ବପର୍ବାଣିମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ ଜୁଆଙ୍ଗମାନଙ୍କର ସାମାଜିକ, ସାଂସ୍କୃତିକ ଓ ଗୋଷ୍ଠୀ ଜୀବନ ଏହା ମାଧ୍ୟମରେ ଅଧିକ ବଳିଷ୍ଠ ହୋଇଥାଏ । ଜୁଆଙ୍ଗମାନଙ୍କର ଏହିସବୁ ପର୍ବପର୍ବାଣି କେବେଠାରୁ ପାଳିତ ହୋଇଆସୁଛି, ତାହାର ନିର୍ଦ୍ଦିଷ୍ଟ କିଛି ଅତୀତ ନଥିଲେ ମଧ୍ୟ ସେମାନେ ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକା ଅଞ୍ଚଳରେ ବସତି ସ୍ଥାପନ କରିବା ଦିନଠୁଁ ଏହିସବୁ ପର୍ବ ପାଳିତ ହୋଇଆସୁଛି ବୋଲି କୁହାଯାଇପାରେ ।

ଧାର୍ମିକ–ସାମାଜିକ–ସାଂସ୍କୃତିକ ପୃଷ୍ଠଭୂମିରେ ପର୍ବପର୍ବାଣି, ଯାନିଯାତରା ଏବଂ ଓଷାବ୍ରତର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପର୍ବପର୍ବାଣିରେ ଜୁଆଙ୍ଗମାନଙ୍କର ସୁଖଦୁଃଖ, ହସକାନ୍ଦ, ଆଶାନିରାଶା ପ୍ରତିଫଳିତ ହୋଇଥାଏ । ମନର ଦୁଃଖକୁ ଲାଘବ କରିବା ପାଇଁ, ଯନ୍ତ୍ରଣାରୁ ମୁକ୍ତି ପାଇଁ ଜୁଆଙ୍ଗମାନେ ପର୍ବପର୍ବାଣିର ଆୟୋଜନ କରିଥାନ୍ତି । ପର୍ବପର୍ବାଣି, ଓଷାବ୍ରତ ଜୁଆଙ୍ଗ ସଂସ୍କୃତି ଓ ପରଂପରାକୁ ଅଧିକ ସମୃଦ୍ଧ କରିଥାଏ । ଏହା ମାଧ୍ୟମରେ ଜନଜୀବନର ଚାଲିଚଳଣି, ରୀତିନୀତି, ବିଶ୍ୱାସର ବାସ୍ତବ ପ୍ରତିଫଳନ ଘଟିଥାଏ । ଜୁଆଙ୍ଗମାନେ ସେମାନଙ୍କର ନିଜ ଘର, ବାଡି, ଗାଁ, ଫସଲ, ଗୃହପାଳିତ ପଶୁ, ପକ୍ଷୀ, ଚାଷଜମି, ତଇଳାର ସୁରକ୍ଷା ନିମନ୍ତେ ଏବଂ ନିଜ ପିଲାମାନଙ୍କୁ ରୋଗବଇରାଗ କବଳରୁ ମୁକ୍ତ କରିବା ତଥା ଭଲ ଫସଲ ହେବା ଉଦ୍ଦେଶ୍ୟରେ ନାନା ପ୍ରକାର ପର୍ବପର୍ବାଣିର ଆୟୋଜନ କରିଥାନ୍ତି । ଜୁଆଙ୍ଗ ସମାଜରେ ଅନେକ ପର୍ବପର୍ବାଣି ରହିଛି । ସେଥିମଧ୍ୟରୁ ଅଧିକାଂଶ ଶାସ୍ତ୍ରସମ୍ମତ ଏବଂ ଏହା ଜୁଆଙ୍ଗମାନଙ୍କ ଧର୍ମବିଶ୍ୱାସକୁ ଅଧିକ ଉଜ୍ଜୀବିତ କରିଥାଏ । ଜୁଆଙ୍ଗ ସମାଜରେ ଏହି ପର୍ବଗୁଡିକ ବ୍ୟାପକ ଭାବେ ଏବଂ ବିଧି ମୁତାବକ ପାଳିତ ହୋଇଥାଏ । ଜୁଆଙ୍ଗମାନଙ୍କ ଧର୍ମଭାବନା ଭିତରକୁ ଏହି ପର୍ବପର୍ବାଣିଗୁଡିକ ଗଭୀର ଭାବେ ପ୍ରବେଶ କରିଛି । ଏହି ପର୍ବଗୁଡିକ ନିହାତି ପାଳନ କରାଯିବ ଏବଂ ପାଳନ କରା ନଗଲେ ଦେବାଦେବୀ କୋପ କରିବେ ବୋଲି ଜୁଆଙ୍ଗମାନଙ୍କ ଗଭୀର ବିଶ୍ୱାସ ରହିଛି ।

ଦୁଃଖର ସହ କହିବାକୁ ପଡୁଛି, ଆଧୁନିକତାର ପ୍ରଭାବରେ ଆଜି ଜୁଆଙ୍ଗମାନଙ୍କ ଅଧିକାଂଶ ପର୍ବପର୍ବାଣି ଆଉ ପାଳିତ ହେଉନାହିଁ । ସେମାନଙ୍କ ରୀତି, ନୀତି ଓ ସଂସ୍କାରରେ ବ୍ୟାପକ ପରିବର୍ତ୍ତନ ଦେଖାଦେଲାଣି । ଜଙ୍ଗଲର ବ୍ୟାପକ କ୍ଷୟ ଘଟିବାରୁ ଶିକାର ଯାତ୍ରା ଆଉ ପାଳନ ହେଉନି କହିଲେ ଚଳେ । ଗାଁରେ ଯୁବକମାନେ ଚାଙ୍ଗୁ ବଜେଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ।

ଜୁଆଙ୍ଗମାନଙ୍କ ପର୍ବପର୍ବାଣିଗୁଡିକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇପାରେ– ୧. କୃଷିଭିତ୍ତିକ ପର୍ବ ୨. ପାରଂପରିକ ପର୍ବ ୩. ସାମାଜିକ ପର୍ବ ୪. ଶିକାରଭିତ୍ତିକ ପର୍ବ ୫. ରୋଗ ନିରାକରଣ ଭିତ୍ତିକ ପର୍ବ ୬. ଗ୍ରାମ ସଂସ୍କାର ପର୍ବ ।

ବର୍ଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ସମୟରେ ଜୁଆଙ୍ଗ ଗାଁରେ କିଛି ନା କିଛି ପର୍ବ ପାଳିତ ହୋଇଥାଏ । ଜୁଆଙ୍ଗମାନେ ମୁଖ୍ୟତଃ କୃଷି, ଶିକାର ଓ ପଶୁପାଳନକୁ ଭିତ୍ତି କରି ସେମାନଙ୍କ ଜୀବିକା ନିର୍ବାହ କରିଥାନ୍ତି । ଏଣୁ ସେମାନଙ୍କର ଅଧିକାଂଶ

ପର୍ବପର୍ବାଣି କୃଷିଭିତ୍ତିକ ହୋଇଥାଏ । ତଇଲା (ପାହାଡିଆ ଉଚ୍ଚ ଚାଷ ଜମି) ରେ ଭଲ ଫସଲ ହେଉ କି ଫସଲର ସୁରକ୍ଷା ପାଇଁ ସେମାନେ ନାନା ପ୍ରକାର ପର୍ବ ପାଳନ କରିଥାନ୍ତି । ସେହିଭଳି ସେମାନଙ୍କ ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଏବଂ ନିଜ ସନ୍ତାନସନ୍ତତିଙ୍କ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ କାମନା ଉଦ୍ଦେଶ୍ୟରେ ନାନା ପର୍ବ ପାଳିତ ହୋଇଥାଏ । ବର୍ଷକରେ ଥରେ ଜୁଆଙ୍ଗମାନେ ନିଜ ଗ୍ରାମକୁ ସଂସ୍କାର କରିଥାନ୍ତି । ଏହି ଉଦ୍ଦେଶ୍ୟରେ ପିତୃପୁରୁଷ ଏବଂ ଅସନ୍ତୁଷ୍ଟ ପୂର୍ବପୁରୁଷଙ୍କ ଆତ୍ମାଙ୍କୁ ମଦ ଓ କୁକୁଡା ଦେଇ ସନ୍ତୁଷ୍ଟ କରାଯାଇଥାଏ । ପୂର୍ବେ ପ୍ରତ୍ୟେକ ଜୁଆଙ୍ଗ ଅଖାଣି ପର୍ବ (ଶିକାର ଯାତ୍ରା)ଟିକୁ ଧୂମ୍‌ଧାମ୍‌ରେ ପାଳନ କରୁଥିଲେ । ଜଙ୍ଗଲରୁ ଭଲ ଶିକାର ମିଳିବା ଏବଂ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲକୁ ଯାଉଥିବାରୁ ସେଠାରେ ନିଜର ସୁରକ୍ଷା ଉଦ୍ଦେଶ୍ୟରେ ଏହି ଶିକାର ପର୍ବ ପାଳିତ ହେଉଥିଲା । ଜୁଆଙ୍ଗମାନେ ନିଜ ବାଡ଼ିବଗିଚା ଓ ତଇଲାରେ ଚାଷ କରିଥିବା ପ୍ରତ୍ୟେକ ଶସ୍ୟ, ପନିପରିବା ଓ ଫଳମୂଳକୁ ନୂଆକରି ଖାଇଥାନ୍ତି । ପ୍ରତ୍ୟେକ ଶସ୍ୟ, ଫଳ, ପନିପରିବାକୁ ସେମାନେ ପ୍ରଥମେ ନିଜର ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ନିଜେ ଭକ୍ଷଣ କରିଥାନ୍ତି । ଏହି କ୍ରମରେ ସେମାନେ ଧାନ ନୂଆଖିଆ, ଆମ୍ବ ନୂଆଖିଆ, ରୁମା ନୂଆଖିଆ, ଶାଗ ନୂଆଖିଆ, କୁସୁମ ନୂଆଖିଆ ଭଳି ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି । ଜୁଆଙ୍ଗମାନେ ବସବାସ କରୁଥିବା ନିଜ ଗ୍ରାମ, ତଇଲା ଓ ସର୍ବୋପରି ନିଜ ପିଢର ସୁରକ୍ଷା ନିମନ୍ତେ ପିଢ ପୂଜାର ଆୟୋଜନ କରିଥାନ୍ତି । ପିଢପୂଜା ତନ୍ତ୍ରମତେ ଅନୁଷ୍ଠିତ ହୋଇଥାଏ । ଗ୍ରାମର ଗୁଣିଆ (ରାଉଳିଆ) ଦ୍ୱାରା ଏହି ପୂଜା ପାଳିତ ହୋଇଥାଏ । ଏହାବ୍ୟତୀତ ଜୁଆଙ୍ଗମାନେ ମକର ପର୍ବ, ରଜପର୍ବ, ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଉତ୍ସବ, ଲକ୍ଷ୍ମୀପୂଜା, ବିଷୁବ ସଂକ୍ରାନ୍ତି, ମହାଶିବରାତ୍ରୀ ଭଳି ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି ।

ଡିସେମ୍ବର–ଜାନୁଆରୀ ମାସରେ ଜୁଆଙ୍ଗମାନେ ପୁଷ୍ ପୂନେଇଁ (ମାଘ ପୋଡି) ପର୍ବ ପାଳନ କରୁଥିବାବେଳେ ମାର୍ଚ୍ଚ–ଏପ୍ରିଲ ମାସ ବେଳକୁ ଆମ୍ବ ନୂଆଖିଆ ପର୍ବ ପାଳିତ ହୋଇଥାଏ । ସେହିଭଳି ଏପ୍ରିଲ–ମେ ମାସ ବେଳକୁ ଜୁଆଙ୍ଗମାନେ ଶିକରଯାତ୍ରା (ଅଖାଣିପର୍ବ) ପାଳନ କୁଥିବାବେଳେ ମେ ମାସରେ ସେମାନେ ଡିର୍ତିୟା (ଅକ୍ଷୟ ତୃତୀୟା) ବା ମଞ୍ଜିବୁଣା ପର୍ବ ପାଳନ କରିଥାନ୍ତି । ପ୍ରତିବର୍ଷ ଜୁନ୍ ମାସ ବେଳକୁ ଜୁଆଙ୍ଗମାନେ ରଜ ପର୍ବକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଥାନ୍ତି । ଜୁନ୍–ଜୁଲାଇ ମାସ ବେଳକୁ ଜୁଆଙ୍ଗମାନେ ଆଷାଢୀ ପର୍ବ ବା ବାଙ୍ଗୁର୍ ଅବ (କୁସୁମ ନୂଆଖିଆ) ପାଳନ କରୁଥିବାବେଳେ ଜୁଲାଇ–ଅଗଷ୍ଟ ମାସରେ ପିଢପୂଜା ଓ ଗହ୍ମାପୂର୍ଣ୍ଣିମା ଭଳି ପର୍ବ ପାଳନ କରିଥାନ୍ତି । ଭଲ ଫସଲ ଏବଂ ତଇଲାର ସୁରକ୍ଷା ପାଇଁ ଜୁଆଙ୍ଗମାନେ ପ୍ରତିବର୍ଷ ପିଢ ପୂଜା କରିଥାନ୍ତି । ଅଗଷ୍ଟ–ସେପ୍ଟେମ୍ବର ମାସରେ ଜୁଆଙ୍ଗମାନେ ଧାନ ନୂଆଖିଆ ଏବଂ ପରେ ପରେ ରୁମା ପର୍ବ ପାଳନ କରିଥାନ୍ତି । ତଇଲାରେ ଅମଳ ହେଉଥିବା ପ୍ରତ୍ୟେକ ଖାଦ୍ୟଶସ୍ୟକୁ ନିଜର ପିତୃପୁରୁଷ ଓ ଦେବାଦେବୀଙ୍କୁ ଅର୍ପଣ କରିବା ପରେ ଯାଇ ଜୁଆଙ୍ଗମାନେ ଖାଇବା ଆରମ୍ଭ କରନ୍ତି । ଏହାକୁ ନୂଆଖିଆ କହନ୍ତି । ଡିସେମ୍ବର–ଜାନୁଆରୀ ମାସବେଳକୁ ଜୁଆଙ୍ଗମାନେ ଗୁଣ୍ଡାଦିଆ ପର୍ବ ଓ ଗୁରୁବାର ଓଷା ପାଳନ କରନ୍ତି । ଏହା ବ୍ୟତୀତ ଜୁଆଙ୍ଗମାନେ ବର୍ଷର ଅନ୍ୟାନ୍ୟ ସମୟରେ ବହୁ ପର୍ବ ପାଳନ କରନ୍ତି । ଜୁଆଙ୍ଗମାନେ ଅକ୍ଟୋବର ମାସ ବେଳକୁ ଦଶହରା ପୂଜା ପାଳନ ଅବସରରେ ଶାରଦୀୟ ଦେବୀ ଦୁର୍ଗାଙ୍କୁ ଆବାହନ କରିଥାନ୍ତି । ସେହିଭଳି ଜୁଆଙ୍ଗମାନେ ଜାନୁଆରୀ ମାସରେ ମକର ପର୍ବ ମଧ୍ୟ ପାଳନ କରିଥାନ୍ତି । ଏବେ ଜୁଆଙ୍ଗମାନେ ବହୁ ହିନ୍ଦୁ ଦେବଦେବୀମାନଙ୍କୁ ପୂଜା ଆରମ୍ଭ କଲେଣି । ସେମାନେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, କାର୍ତ୍ତୀକେୟ, ଶିବ, ବିଷ୍ଣୁଙ୍କ ଭଳି ବହୁ ହିନ୍ଦୁ ଦେବଦେବୀଙ୍କୁ ପୂଜା କରୁଥିବାର ଦେଖାଯାଏ ।

ଗାଁକୁ ବିପଦଆପଦ ପଡ଼ିବା ସୂଚନା ମିଳିଲେ ଜୁଆଙ୍ଗମାନେ ନାନା ପ୍ରକାର ଗ୍ରହପୂଜା ସାଙ୍ଗକୁ ନଦୀ, ଝରଣା, ପାହାଡ ଓ ଜଙ୍ଗଲ ଦେବଦେବୀଙ୍କର ଉପାସନା କରିଥାନ୍ତି । ବସୁମତୀ ମାତା (ପୃଥିବୀ ମାତା) ହେଉଛନ୍ତି ଜୁଆଙ୍ଗ ପୂଜିତ ଅନ୍ୟ ପ୍ରମୁଖ ଦେବୀ । ବସୁମତୀ ମାତା ଧରମ୍ ଦେବତାଙ୍କ ପତ୍ନୀ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଧରମ୍ ଦେବତା ଓ ବସୁମତୀ ମାତାଙ୍କୁ ପ୍ରାର୍ଥନା ନ କରି ଜୁଆଙ୍ଗମାନେ କୌଣସି ଶୁଭକାର୍ଯ୍ୟ ଆରମ୍ଭ କରିପାରନ୍ତି ନାହିଁ । ପ୍ରତି ଜୁଆଙ୍ଗ ଗାଁରେ ଜଣେ ଗ୍ରାମ ଦେବୀ ପୂଜା ପାଇଥାନ୍ତି, ସେମାନଙ୍କୁ ଗ୍ରାମଶିରି କୁହାଯାଇଥାଏ । ଗାଁ ମୁଣ୍ଡରେ କିମ୍ବା ଗ୍ରାମ ମଧ୍ୟ ଭାଗରେ ମଜାଙ୍ଗ ସମ୍ମୁଖରେ ଏକ ଗଛମୂଳରେ ଲମ୍ବା ଓ ମୁନିଆ ପଥରରେ ଗ୍ରାମଶିରିଙ୍କ ପ୍ରତିମା କଳ୍ପିତ ହୋଇଥାଏ । ସାଧାରଣତଃ, ଗାଁର ମଜାଙ୍ଗ ବା ମଣ୍ଡଘର (Juang youth dormitory) ସମ୍ମୁଖରେ ଗ୍ରାମଶିରି ପୂଜିତ ହୋଇଥାନ୍ତି । ଗ୍ରାମଶିରି ହେଉଛନ୍ତି ଜୁଆଙ୍ଗମାନଙ୍କ ଗ୍ରାମଦେବୀ ଏବଂ ସେ ଜୁଆଙ୍ଗମାନଙ୍କୁ ସକଳ ବିପଦଆପଦ ଏବଂ ରୋଗବଇରାଗରୁ ରକ୍ଷା କରିଥାନ୍ତି । ଗାଁର ଆଉଜଣେ ପ୍ରମୁଖ ଦେବତା ହେଉଛନ୍ତି ଥାନପତି (Village deity) । ଥାନପତି ଗାଁ ସନ୍ନିକଟ ପାହାଡ଼ରେ ପୂଜା ପାଇଥାନ୍ତି ।

ଥାନପତିଙ୍କର କୌଣସି କଳ୍ପିତ ମୂର୍ତ୍ତି ନଥାଏ । ବିଭିନ୍ନ ଗ୍ରାମର ଥାନପତିଙ୍କ ନାମ ଭିନ୍ନ ଭିନ୍ନ ହୋଇଥାଏ । ଭୀମାବଡମା ଏବଂ କଞ୍ଜୁରୀ (କାଞ୍ଜୁଣୀ) ହେଉଛନ୍ତି ଅନ୍ୟ ଦୁଇ ଗ୍ରାମ୍ୟ ଦେବଦେବୀ । ଏମାନେ ହେଉଛନ୍ତି ଚାଙ୍ଗୁ ଦେବଦେବୀ ଏବଂ ଯୁବକମାନଙ୍କ ଦ୍ୱାରା ମଜାଙ୍ଗରେ ପୂଜା ପାଇଥାନ୍ତି । ଭୀମାବଡମା ଏବଂ କଞ୍ଜୁରୀ ହେଉଛନ୍ତି ସଂପର୍କରେ ପତି-ପତ୍ନୀ । ଏହି ଦୁଇ ଦେବଦେବୀଙ୍କ ଆତ୍ମା ଚାଙ୍ଗୁ ମଧ୍ୟରେ ଥାଆନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଆମ୍ବ ନୂଆଖିଆ ପର୍ବ ସମୟରେ ଅବିବାହିତ ଜୁଆଙ୍ଗ ଯୁବକ ଯୁବତୀମାନଙ୍କର ସ୍ୱାସ୍ଥ୍ୟର ସୁରକ୍ଷା କରିଥାନ୍ତି । ଜୁଆଙ୍ଗଙ୍କ ବାଦ୍ୟ ଚାଙ୍ଗୁରୁ ଉତ୍ତମ ଶବ୍ଦ ନିର୍ଗତ ହେବାରେ ଏହି ଦୁଇ ଠାକୁର ଠାକୁରାଣୀ ସହାୟକ ହୋଇଥାନ୍ତି । ଯଦି କୌଣସି କାରଣରୁ ଭୀମାବଡ଼ମା ଏବଂ କଞ୍ଜୁରୀ ଠାକୁର ଠାକୁରାଣୀ କୋପ କରିଥାନ୍ତି ତେବେ ଚାଙ୍ଗୁରୁ ଭଲ ଶବ୍ଦ ବାହାରି ନଥାଏ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ସେତେ ଜୋର୍‌ରେ ଚାଙ୍ଗୁ ପିଟିଲେ ମଧ୍ୟ ଶବ୍ଦ ନିର୍ଗତ ହୋଇନଥାଏ । ବିବାହ ଉତ୍ସବ ସମୟରେ ଚାଙ୍ଗୁ ନୃତ୍ୟ ଓ ଗୀତ ପ୍ରତିଯୋଗିତା ବେଳେ ଗାଁର କଙ୍ଗେର୍, ସେଲାନ୍‌ମାନେ ଏହି ଦେବଦେବୀଙ୍କୁ ପୂଜା କରିବା ସହିତ କୁକୁଡା ଭୋଗ ଲାଗି କରିଥାନ୍ତି । ଏହି ଦେବେତା ଓ ଦେବୀଙ୍କୁ ସନ୍ତୁଷ୍ଟ କରିପାରିଲେ ଚାଙ୍ଗୁ ନୃତ୍ୟଗୀତରେ ସଫଳତା ମିଳେ ଏବଂ ଯୁବକ ଯୁବତୀଙ୍କୁ କୌଣସି ରୋଗବଇରାଗ ହୁଏନାହିଁ ।

ଜୁଆଙ୍ଗମାନଙ୍କ ବିଶ୍ୱାସ, ସେମାନଙ୍କ ଦେବଦେବୀମାନେ ନିକଟସ୍ଥ ପାହାଡ, ଜଙ୍ଗଲ, ନଦୀ ଝରଣାରେ ଅବସ୍ଥାପିତ ହୋଇଥାନ୍ତି । ଜୁଆଙ୍ଗ ପିଢ ଅଞ୍ଚଳରେ ଥିବା ମାଲ୍ୟଗିରି, ଗନ୍ଧମାର୍ଦ୍ଦନ, ଭୀମଗିରି, ଗୁପ୍ତଗଙ୍ଗ, ରାମଗିରି ଆଦି ପାହାଡପର୍ବତରେ ସେମାନଙ୍କ ଠାକୁର, ଠାକୁରାଣୀମାନେ ବାସ କରନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ସେହିଭଳି ସ୍ଥାନୀୟ ଜଙ୍ଗଲ ଓ ପାହାଡର ନାମାନୁସାରେ ଜୁଆଙ୍ଗମାନଙ୍କ ଦେବଦେବୀ ପୂଜା ପାଇ ଆସୁଛନ୍ତି । ସାଧାରଣତଃ ଏହିସବୁ ଦେବଦେବୀଙ୍କ ନାମ ସହିତ ପାଟ ଶବ୍ଦଟି ସଂଲଗ୍ନ ହୋଇଥାଏ । ଏହିସବୁ ନଦୀ ଓ ପାହାଡର ଦେବଦେବୀମାନେ ହେଲେ ଗୁଟିପାଟ, ରଙ୍ଗାପାଟ, କଳାପାଟ, ବୈତରଣୀପାଟ, କୁଟେଇଶୁଣି, କେନ୍ଦେଇଶୁଣି, ନୂଆ ଠାକୁରାଣୀ, ଦୁଆରଶୁଣୀ ବାଉଁଶତଳିଆ, ରଂଗାପାଟ, ବିଷ୍ଣୁପାଟ, ସାରୁପାଟ, ମୁଚୁରି ଠାକୁରାଣୀ, କଟା ମୁଣ୍ଡିଆ ଠାକୁରାଣୀ, ବନ୍ଦିରିମୂଳିଆ ପ୍ରମୁଖ । ଜୁଆଙ୍ଗମାନଙ୍କ ମଧ୍ୟରେ ଆଉ ଏକ ବିଶ୍ୱାସ ରହିଛି, ନଦୀ ଦେବଦେବୀମାନେ ସେମାନଙ୍କୁ ବିପଦ ଆପଦରେ ଉଦ୍ଧାର କରୁଥିବାବେଳେ ଝରଣା ଠାକୁର, ଠାକୁରାଣୀ ସେମାନଙ୍କୁ ସବୁବେଳେ ବିପଦରେ ପକେଇ ଥାନ୍ତି । ପର୍ବପର୍ବାଣିରେ ଜୁଆଙ୍ଗମାନଙ୍କ ପୂଜା ସାମଗ୍ରୀ ମଧ୍ୟରେ ଅରୁଆ ଚାଉଳ, ଧାନ, ଫୁଲ, ହଳଦି, ସିନ୍ଦୂର, ଧୂପ, ଦୀପ, ଦୁଧ ଓ ଗୁଡ ଆଦି ବ୍ୟବହୃତ ହୋଇଥାଏ ।

ବରିଷ୍ଠ ସାମ୍ବାଦିକ
ସମ୍ବାଦ, ଭୁବନେଶ୍ୱର

**ସହାୟକ ଗ୍ରନ୍ଥ ସୂଚୀ ଓ ତଥ୍ୟ ସହାୟତା**

(୧) ଜୁଆଙ୍ଗ ପର୍ବପର୍ବାଣି: ରଞ୍ଜନ ପ୍ରଧାନ, ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡା (୨୦୧୪) ।

(୨) ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର: ରଞ୍ଜନ ପ୍ରଧାନ, ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡା (୨୦୧୨) ।

(୩) ଶ୍ରୀକାନ୍ତ ଜୁଆଙ୍ଗ ଓ ରାମଚନ୍ଦ୍ର ଜୁଆଙ୍ଗ, ଶିକ୍ଷକ, ଏଜୁକେଶନ୍ କମ୍ପ୍ଲେକ୍ସ, ଗୋନାସିକା ।

(୪) ବୀରବର ନାୟକ, ସମ୍ପାଦକ, 'ବନବାସୀ ଚେତନା ମଣ୍ଡଳ', ଗୋନାସିକା ।

(୫) ବଙ୍ଗାଳି ଜୁଆଙ୍ଗ, ବେନୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ ଏବଂ ପ୍ରାଣବଲ୍ଲଭ ଘଣା, ଗ୍ରାମ: ଉପରରଡୁଆଁ, ବ୍ଲକ୍: ବାଂଶପାଳ, କେନ୍ଦୁଝର ।

❖ ❖ ❖

# ଆଦିବାସୀ ପରମ୍ପରାରେ ଗ୍ରାମଦେବତୀ

**ଫକିର ଚରଣ ରାଉତ**

ଭାରତ ଭୂଖଣ୍ଡରେ ଆର୍ଯ୍ୟ ସଂସ୍କୃତି ଅପେକ୍ଷା ଆଦିମ ଅଧିବାସୀମାନଙ୍କର ଧର୍ମଧାରା ସାଂସ୍କୃତିକ ପରମ୍ପରା କେଉଁ ଆବହମାନ କାଳରୁ ଚଳି ଆସୁଅଛି । ଆମେ ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କଲେ ଦେଖିବାକୁ ପାଉଁ ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା । ସାଧାରଣତଃ ଧର୍ମଧାରାରେ ବିଶ୍ୱାସ କରି ଚଳି ଆସୁଥିବା ଓଡ଼ିଶାର ଅଧିକାଂଶ ଲୋକ ଯେଉଁ ମୂଳକରେ ଗୁଣିଗାରେଡ଼ି ତନ୍ତ୍ରମନ୍ତ୍ର ବଳରେ ପୂଜା ପାଇଆସୁଛନ୍ତି ଗ୍ରାମ ଦେବତୀମାନେ । ସାଧାରଣତଃ ଶାକ୍ତ ଧର୍ମ ଚେତନାର ମୌଳିକତା ନେଇ ଓଡ଼ିଶାର ଧର୍ମଧାରା ଋଦ୍ଧିମନ୍ତ । ଓଡ଼ିଶାର କୀର୍ତ୍ତିରାଜିମାନଙ୍କରେ ଦେଖିବାକୁ ମିଳେ କୋଣାର୍କର ଭଗ୍ନ ମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିର ପ୍ରଭୃତି । ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ 'ନବଗ୍ରହ ପାଟ' ପରି ଏକ ଶିଳା ଖଣ୍ଡ କେଉଁ ପର୍ବତ ଗାତ୍ରରୁ ଅଣାଯାଇଥିଲା ଏବେ ତାହା ବିସ୍ମୟ ।

ପାହାଡ଼ ପର୍ବତ ନଦୀ ନାଳ ଘେରା ଘନ ଜଙ୍ଗଲ ଭିତରେ ବସବାସ କରିଆସୁଥିବା ସରଳ ମଣିଷମାନେ କୌଣସି ନା କୌଣସି ପ୍ରକୃତିର ଭୟଙ୍କର ରୂପ ବର୍ଷା, ବନ୍ୟା, ବାତ୍ୟା, ବଜ୍ରନାଦ ପ୍ରଭୃତିକୁ ଦେଖି ଭୟଭୀତ ହୋଇ ରହୁଥିଲେ ଏବଂ ନିଜର କୃଷିକାର୍ଯ୍ୟ ଓ ପଶୁପାଳନ ପାଇଁ ପ୍ରକୃତିର ଦାନ ପାଖରେ କୃତଜ୍ଞତା ଜଣାଇ ପ୍ରକୃତିର ଉପାଦାନଗୁଡ଼ିକୁ ମାତୃଶକ୍ତି ରୂପେ ପୂଜା କରିବାକୁ ଲାଗିଲେ । ତନ୍ମଧ୍ୟରେ ସିଙ୍ଗବୋଙ୍ଗା-ସୂର୍ଯ୍ୟ ଦେବତା, ବୁରୁଂବୋଙ୍ଗା-ପାହାଡ଼ ଦେବତା, ମାରାଂବୁରୁ-ବର୍ଷା ଦେବତା, ଜାହିରବୁଢ଼ୀ-ଗ୍ରାମଦେବତୀ, ପାଟଖଣ୍ଡା, ପାଟ ଦେବତା ପ୍ରଭୃତିଙ୍କୁ ଆଦିବାସୀ ଅଞ୍ଚଳରେ ଦେଖିବାକୁ ମିଳେ । ସାନ୍ତାଳମାନଙ୍କର ଦେବତା ଭାବେ ମାରାଂବୁରୁ-ପାଟଦେବତା ଓ ଜାହିରବୁଢ଼ୀ-ପାଟ ଦେବୀ ଭାବେ ପୂଜିତ ହୋଇଥାନ୍ତି । କେନ୍ଦୁଝର ଜିଲ୍ଲାର ଗ୍ରାମଗୁଡ଼ିକର ନାମକରଣକୁ ଲକ୍ଷ୍ୟ କଲେ ଦେଖିବାକୁ ପାଇବା ଅସନ ପାଟ, ସଲେଇ ପାଟ, ନାଲିପାଟ, ମଙ୍ଗଳା ପାଟ, ସାରୁ ପାଟ, ଚୂଳିଆ ପାଟ ପ୍ରଭୃତି । ପ୍ରାଚୀନ ଶକ୍ତି କ୍ଷେତ୍ରଗୁଡ଼ିକୁ ଅନୁଧ୍ୟାନ କଲେ ଦେଖିବାକୁ ପାଇବା ଚତୁର୍ସିତ ପର୍ବତ, ଚତୁଃଷଷ୍ଠି ଯୋଗିନୀ, ଦଶମହାବିଦ୍ୟାକୁ ନେଇ ଓଡ଼ିଶାର ଆଦିବାସୀ ଅଞ୍ଚଳମାନଙ୍କରେ ଗୁଣିଗାରେଡ଼ି, ତାନ୍ତ୍ରିକ ପ୍ରଭାବ ପରିଲକ୍ଷିତ ହୁଏ । ଏହି ଶକ୍ତିତାନ୍ତ୍ରିକ ଉପାସନା ଚାଲିଥିବା ଗାଁଗୁଡ଼ିକରେ ପରବର୍ତ୍ତୀ ସମୟରେ ଗୁଣିଗାରେଡ଼ି ତାନ୍ତ୍ରିକ ବିଦ୍ୟାର ପ୍ରଭାବ ଦେଖିବାକୁ ମିଳେ । ପୁନଶ୍ଚ ଦଶମହାବିଦ୍ୟାରେ କାଳୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ସମଲେଶ୍ୱରୀ, ଧୂମାବତୀ, ତ୍ରିପୁରା ସୁନ୍ଦରୀ, ତାରେଣୀ, ମାତଙ୍ଗୀ, ଷୋଡ଼ସୀ, କମଳା, ବଗଳାମୁଖୀ ପ୍ରଭୃତି ଓଡ଼ିଶାର ତାନ୍ତ୍ରିକ ପରମ୍ପରାରେ ସ୍ୱୀକୃତି ଲାଭ କରିଛନ୍ତି । ଓଡ଼ିଶାର ଅନେକ ଶକ୍ତିପୀଠମାନଙ୍କରେ ତାନ୍ତ୍ରିକ ପଦ୍ଧତିରେ ଗ୍ରାମଦେବତୀମାନେ ପୂଜା ପାଇ ଆସୁଛନ୍ତି । ଏ ସମ୍ପର୍କରେ ବୌଦ୍ଧ ଧର୍ମରୁ ସିଦ୍ଧାଚାର୍ଯ୍ୟମାନେ ତନ୍ତ୍ରନାଦକୁ ବିଭିନ୍ନ ଦିଗରେ ପରିଚାଳନା କରୁଥିବାର ନଜିର ଅଛି । ସିଦ୍ଧାଚାର୍ଯ୍ୟଙ୍କ ସାଧନା ସଂଗୀନ ଭାବେ ଡୋମି, ଚଣ୍ଡାଲୁଣି ତ ଶବରୀମାନଙ୍କ କଥା ବୌଦ୍ଧ ଧର୍ମରେ ଉଲ୍ଲେଖ ରହିଛି । ଏହାଛଡ଼ା ତନ୍ତ୍ର ମାଧ୍ୟମରେ ଝଡ଼ାଫୁଙ୍କା କରିବା ସମୟରେ ସେମାନଙ୍କ ନାମ ଗୁଣିଆମାନେ ଉଚ୍ଚାରଣ କରିଥା'ନ୍ତି । ଏହା ଉପରେ ଉଦାହରଣ ଦେବାକୁ ଯାଇ ମନ୍ତ୍ର ଯନ୍ତ୍ରରୁ ନେଇ ପଦ ନିମ୍ନରେ ପ୍ରଦତ୍ତ କରାଗଲା -

ବୋଲ ବୋଲ ବୋଲି କାହାର ଆଜ୍ଞା
ଈଶ୍ୱର ପାର୍ବତୀଙ୍କର କୋଟି କୋଟି ଆଜ୍ଞା
ନିତେଇ ଧୋବଣୀ ଶୁକୁଟା ଚମାରୁଣୀ
ଡମ ଡମୁଣୀ ପିତେଇ ଶବରୁଣୀ କି ବେତ
ମାଲୁଣୀ ପ୍ରଭୃତିଙ୍କ ଆଜ୍ଞା
ବୋଲ୍ ବୋଲ୍ ବୋଲି କାହାର ଆଜ୍ଞା

ବୌଦ୍ଧ ଧର୍ମର ଉପାୟ ଅବଲମ୍ବନ କରି ସାଧକମାନେ ନାରୀମାନଙ୍କୁ ସଙ୍ଗୀନ ଭାବେ ଗ୍ରହଣ କରିବା ଫଳରେ ଯୌନ ବ୍ୟଭିଚାର ସୃଷ୍ଟି ହେଉଥିବା ସମ୍ଭବ ବୋଲି ମନେହୁଏ । ତେଣୁ ବୌଦ୍ଧାଚାର୍ଯ୍ୟମାନେ ଗାଁ ଗହଳିରେ ଆଶ୍ରୟ ନେଇ ସେମାନେ ଏହି ଗ୍ରାମଦେବତୀମାନଙ୍କୁ ପୂଜା କରିବା ଜରିଆରେ ଗୁଣିଗାରେଡ଼ି ମାଧ୍ୟମରେ ହଟଚମଟ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲେ । ଶାରଳା ଦାଶଙ୍କ ଚଣ୍ଡୀ ପୁରାଣରେ ଗ୍ରାମ ଦେବତୀ ପ୍ରସଙ୍ଗରେ ବିଷ୍ଣୁ ବିଜୁଳି କନ୍ୟାଙ୍କ ଉପରେ ସନ୍ତୁଷ୍ଟ ହୋଇ ଦୁର୍ଗାଙ୍କ ସ୍ତୋତ୍ର ପାଠ କରିଥିଲେ ।

ଭକ୍ତଙ୍କୁ ହୋଇବ ପ୍ରସନ୍ନ
ଅନେକ ହେବ ତୋର ନାମ
ଜୟ ବିଜୟ ଭଦ୍ରକାଳୀ
ମଙ୍ଗଳା-ଚଞ୍ଚଳା-କଂକାଳୀ
ଦୁର୍ଗା ଅମ୍ବିକା ନାରାୟଣୀ
ଏକୁ ଆରେକ ନାମ ଭଣୀ
ଗ୍ରାମ ଗ୍ରାମରେ କରି ସ୍ଥାନ
ପୂଜନେ ହୋଇବୁ ପ୍ରସନ୍ନ

ଅନେକ ଗ୍ରାମରେ ତାନ୍ତ୍ରିକ ପରମ୍ପରା ପ୍ରଭାବରେ ୬୪ ଯୋଗିନୀଙ୍କ ମଧ୍ୟରୁ କୌଣସି ଏକ ନାମ ନେଇ ପୂଜା କରାଯାଏ । ତନ୍ମଧ୍ୟରୁ ଗାଁ ଶିରୀ ଠାକୁରାଣୀ ଆଦିବାସୀ ଗ୍ରାମଗୁଡ଼ିକରେ ଆବିର୍ଭାବ ହୋଇଥାନ୍ତି ଓ ଗାଁ ଶିରୀ ଶାଳମାନ ଦୃଷ୍ଟିଗୋଚର ହୋଇଥାଏ । ଏହି ଶାଳ ଓ ଦେବୀମାନଙ୍କର ପୂଜାପାଠ ଆଦିବାସୀମାନଙ୍କ ଦ୍ୱାରା ସମାହିତ ହୋଇଥାଏ । ଏହି ପ୍ରକାର ଠାକୁରାଣୀମାନଙ୍କ ନାମ ନିମ୍ନରେ ପ୍ରଦାନ କରାଗଲା -

ଡାକିନୀ, ଚାମୁଣ୍ଡା, କଳାବତୀ, ଚର୍ଚ୍ଚିକା, ମଙ୍ଗଳା, ସପ୍ତେଶ୍ୱରୀ, ମହାବୀରା, କୋଠେଶ୍ୱରୀ, ହେଙ୍ଗୁଳା, ଅନ୍ଧାରୀ, ମଝିଘରିଆଣି, ପାଦଖାଇ, ଉଖୁଳାଇ ପ୍ରଭୃତି । ଚୂଡ଼ା କୁଟୁଥିବା ନେହୁରା ଭାବେ କେତେକ ସ୍ଥାନରେ ପୂଜା କରନ୍ତି । ଏହି ଠାକୁରାଣୀ ବାସେଳି ଭାବେ ପଣାସଂକ୍ରାନ୍ତିରେ ପ୍ରତ୍ୟେକ ଗାଁର ଦ୍ୱାର ଦ୍ୱାର ବୁଲି ବିଜେ କରାନ୍ତି ।

ଓଡ଼ିଶାର କେତେକ ଆଦିବାସୀ ଗ୍ରାମରେ ସାଧାରଣ ପଥରଖଣ୍ଡ ଉପରେ ସିନ୍ଦୂର ଲଗାଇ ପୂଜା କରାଯାଉଥାଏ । ଗ୍ରାମ ଦେବତୀମାନଙ୍କୁ ସାଧାରଣତଃ ସ୍ଥାନୀୟ ନାମ ଅନୁସାରେ ମୂର୍ତ୍ତିକା ଶାଳଗ୍ରାମ ରୂପେ ଗଛ ମୂଳେ ପୂଜା କରାଯାଏ । ଆଉ କେତେକ ଜାଗାରେ ପ୍ରାଚୀନ ମନ୍ଦିରରେ ଲାଗିଥିବା ଭଗ୍ନାବଶେଷକୁ ଗ୍ରାମ ଦେବତୀ ରୂପେ ପୂଜା କରାଯାଇଥାଏ । ସେହିପରି ଓଡ଼ିଶାର କେତେକ ସ୍ଥାନରେ ଦେବୀମାନେ ଖୋଲା ଆକାଶ ତଳେ ଖରାଖାଇ ନାମରେ ପୂଜିତ ହୋଇ ଆସୁଛନ୍ତି । କେତେକ ଗ୍ରାମ ଦେବତୀଙ୍କ ପୀଠ ସ୍ଥଳୀରେ ଖନ୍ଦା ଖୋଳି ନିଆଁ ଉପରେ ଚାଲିବା, କଣ୍ଟା ମରା ପିଢ଼ା ଉପରେ ବସିବା, ହାତରେ କଣ୍ଟା ମାରି କାଠରେ ଝୁଲିବା ପ୍ରଭୃତି ତନ୍ତ୍ର ବଳରେ ଗ୍ରାମଦେବୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି ।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ନାରଙ୍ଗପୁରଠାରେ ଦେଖିବା କେତେକ ଶାଳ ଜଙ୍ଗଲ ଆବୃତ୍ତ ଏକ ପାହାଡ଼ ଉପରେ ଜୈନ ପରମ୍ପରାରେ ମୂକସାକ୍ଷୀ ରୂପେ ବିଦ୍ୟମାନ ମହାନାରାଶାଳ, ବଳିଶାଳ, ତିନିଘରିଆ ଶାଳ, ମଙ୍ଗଳା ଶାଳ, ଏସବୁ ଶାଳ ବନଦୁର୍ଗାଙ୍କ ବିଜେସ୍ଥଳୀ, ତନ୍ତ୍ରପୀଠ ଭାବେ ପରିଚିତ । ଏହାର ପୂଜକ ଦେହୁରୀ, ପ୍ରତ୍ୟେକ ବର୍ଷ ବନଦୁର୍ଗା ନିଜ ବିଜେସ୍ଥଳୀରୁ ପ୍ରତ୍ୟେକ ଶାଳ ପରିକ୍ରମା କରି ଫେରିଆସନ୍ତି ନିଜ ପୀଠକୁ । ଏହା ଦଶହରା ଓ ପଣାସଂକ୍ରାନ୍ତିରେ ପାଳନ କରାଯାଇଥାଏ । ଏହି ଦିନମାନଙ୍କରେ କାଳିସୀମାନେ ପଣା ପିଇ ନୂଆ ହାଣ୍ଡି ଫୁଲମାଳ ନୂଆ ହାଣ୍ଡିରେ ପଣା ପିଇ ଗାଁର ଘଟଣା ପ୍ରବାହକୁ ଲୋକମାନଙ୍କ ପାଖରେ ଅବଗତ କରାଇଥାଆନ୍ତି । ବଳିଶାଳ ଗୋଠଠାରେ ବୋଦା ବଳି ପଡ଼ିଥାଏ । ବର୍ତ୍ତମାନ ଏସବୁ ପ୍ରଥା ବନ୍ଦ ପ୍ରାୟ । କେବଳ ନାରଙ୍ଗପୁରଠାରେ ବନଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଚାଲିଛି ।

ଜଙ୍ଗିରା ଗ୍ରାମର ଗ୍ରାମଦେବତୀ ତୋଟାଶାଳରେ ପୂଜା ପାଆନ୍ତି । ତାଙ୍କ ନାମ କୁଟେଲଶୁଣୀ । ଏହି ଗ୍ରାମଦେବତୀଙ୍କୁ କେବଳ ସ୍ତ୍ରୀ ଲୋକମାନେ ବର୍ଷା ହେବା ପାଇଁ ପୂଜା କରିଥାନ୍ତି । ଏହି ଉତ୍ସବରେ ମହିଳାମାନେ ଉଲଗ୍ନ ହୋଇ ଅଶ୍ଳୀଳ ଗୀତ ପରିବେଷଣ କରିଥାଆନ୍ତି । ଜଙ୍ଗିରା ନିକଟବର୍ତ୍ତୀ ଗ୍ରାମ ପିଛଳା ସୋମଗିରି ହୁଣ୍ଡା ପ୍ରଭୃତି ଜାଗାରେ କଲେଇକୁଟା ଗ୍ରାମଦେବତୀ ମଧ୍ୟ ଆଦିବାସୀ ଲୋକବିଶ୍ୱାସରେ ତାନ୍ତ୍ରିକ ଚେତନାକୁ ଆଧାର କରି ପୂଜା ପାଇଥାନ୍ତି । ଚମ୍ପୁଆ ନିକଟସ୍ଥ ସାତକୁଟୁଣିଆ ମଧ୍ୟ ଉଲ୍ଲେଖ କରାଯାଇପାରେ । ବର୍ଷା ହେଉ ନ ଥିଲେ ହଇଜା ବସନ୍ତ ମହାମାରୀ ଲାଗିଥିଲେ ଗ୍ରାମଦେବତୀଙ୍କ ପାଖରେ ପୂଜାପାଠ କରାଯାଇଥାଏ ।

ଆଦିବାସୀ ଅଧ୍ୟୁଷିତ ବିଭିନ୍ନ ପାହାଡ଼ି ଜାତିମାନଙ୍କର ରାସ୍ତାକଡ଼ମାନଙ୍କରେ ଯାତ୍ରାମାନଙ୍କରେ ନିରାପଦ ଯାତ୍ରା ପାଇଁ ଓ ହିଂସ୍ର ଜନ୍ତୁମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ନାମରେ ଦେବୀମାନଙ୍କୁ ପ୍ରତିଷ୍ଠା କରି ପୂଜା କରାଯାଇଥାଏ । ଏହାର

ଉଦାହରଣ ରାଇରଙ୍ଗପୁର ବାରିପଦାକୁ ଯିବା ବାଟରେ ଦ୍ୱାରଶୁଣି ଜଂଗଲ ପୂର୍ଣ୍ଣ ପାହାଡ଼ି ଘାଟିରେ ପୂଜା କରାଯାଏ । ପଳାଶୁଣୀ ଦେବୀଭାବେ ମଧ୍ୟ ପୂଜା ପାଆନ୍ତି ।

ଓଡ଼ିଶାର ଆଦିବାସୀ ଗ୍ରାମମାନଙ୍କରେ ସ୍ତମ୍ଭେଶ୍ୱରୀ ନାମରେ ଠାକୁରାଣୀ ପୂଜା କରାଯାଇଥାଏ । ମଝି ଘରିଆଣୀ, ଷୋଳପୁଅ ମା' ନାମରେ ମଧ୍ୟ ଗ୍ରାମଦେବତୀମାନେ ପୂଜା ପାଇଥାନ୍ତି । ଗ୍ରାମଦେବତୀମାନଙ୍କ ପଟି ବିଗ୍ରହପ୍ରତିମା ବିଗ୍ରହମାନ ହାତୀ ଘୋଡ଼ା ଖମ୍ବ ଓ ଶାଳଗ୍ରାମ ରୂପରେ ପୂଜା କରାଯାଏ । ପଥର କିମ୍ବା ଗଛ କୋରଡ଼ରେ ମୂର୍ତ୍ତି ରଖି ନାଲି ପତାକା ପୋତି ସିନ୍ଦୂର ମାରି ପୂଜା ପାଠ କରିବା କିମ୍ବା ତାଳପତ୍ର ପୋଥି ଦେବାଦେବୀ ଭାବେ ପୂଜା କରାଯିବା ଓଡ଼ିଶାର ଆଦିମ ଅଧିବାସୀମାନଙ୍କର ପରମ୍ପରା । ସେଥିପାଇଁ ଆଦିବାସୀ ଅଞ୍ଚଳରେ ବରଗଛ ଓ ଅଶ୍ୱତ୍ଥ ଗଛ ପୂଜା ବୌଦ୍ଧଧର୍ମ ଓ ଜୈନ ଧର୍ମର ଗଛ ପୂଜା ଉପରେ ପର୍ଯ୍ୟବସିତ । ଆଦିବାସୀ ଅଞ୍ଚଳରେ କରମା ଗଛ ପୂଜା କରାଯାଏ । ସେମାନଙ୍କର ବିଶ୍ୱାସ ଯେ କରମା ଗଛର ଡାଳ ଆଣି ଇନ୍ଦ୍ରଦେବ ନାଳରମା ରାଜାଙ୍କ ପୂଜା କରାଗଲେ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଜୀବନଯାପନ ପ୍ରଣାଳୀର ଉନ୍ନତି ଆସିଥାଏ । ଆଦିବାସୀମାନଙ୍କର ଅର୍ଥନୈତିକ ଜୀବନଚର୍ଯ୍ୟାରେ ଗଛମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଦିମ ଅଧିବାସୀ ଜୁଆଙ୍ଗ ପୀଢ଼ରେ ଆମ୍ବ, ପଣସ ଓ ଜାମୁ ଗଛ ଦେଖିବାକୁ ମିଳେ । ମୁଣ୍ଡା ସମ୍ପ୍ରଦାୟ ବାଡ଼ି ବଗିଚାରେ ମହୁଲ, ତେନ୍ତୁଳି, ବରକୋଳି ଗଛ, ଗେଣ୍ଡୁ, ସଜନା ଗଛ ଦେଖିବାକୁ ମିଳେ । ମୋଟାମୋଟି କହିବାକୁ ଗଲେ ଆଦିବାସୀ ସମ୍ପ୍ରଦାୟର ପରମ୍ପରା ବୌଦ୍ଧଧର୍ମ ଓ ମନ୍ତ୍ର ତନ୍ତ୍ର ଉପରେ ବିଶ୍ୱାସ ରଖି କେଉଁ ଆବହମାନ କାଳରୁ ପରମ୍ପରା ଭାବେ ଚଳି ଆସୁଛି ।

ସା: ମାଗୁର ଗାଡ଼ିଆ
ପୋ: କେନ୍ଦୁଝର ଗଡ଼

❖ ❖ ❖

## ଜାତୀୟ କ୍ରୀଡାରେ ପଦକ ବିଜୟୀଙ୍କୁ ଆର୍ଥିକ ପୁରସ୍କାର

ରାଜ୍ୟରେ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଆର୍ଥିକ ପୁରସ୍କାର ନୀତି ଆଧାରରେ କେରଳରେ ଅନୁଷ୍ଠିତ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ରାଜ୍ୟକୁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ କିମ୍ବା ଦଳଗତ ଭାବରେ ପଦକ ହାସଲ କରିଥିବା କ୍ରୀଡାବିତ୍‌ମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିବା ନିମନ୍ତେ କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜାତୀୟ କ୍ରୀଡାରେ ପଦକ ବିଜୟୀ କ୍ରୀଡାବିତ୍‌ମାନେ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବାକୁ କ୍ରୀଡା ସଚିବ ଶ୍ରୀ ଶାଶ୍ୱତ ମିଶ୍ର କୃତୀ ପ୍ରତିଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ୩୧ରୁ ଫେବୃଆରୀ ୧୪ ପର୍ଯ୍ୟନ୍ତ କେରଳରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ଅଂଶଗ୍ରହଣ କରି ଓଡ଼ିଶାର କ୍ରୀଡାବିତ୍‌ମାନେ ବିଭିନ୍ନ ବିଭାଗରେ ୬ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ଏହିପରି ମୋଟ ୧୫ଟି ପଦକ ହାସଲ କରିଛନ୍ତି ।

ବ୍ୟକ୍ତିଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀମାନଙ୍କୁ ୫୦ହଜାର ଟଙ୍କା ଓ ଦଳଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜୟୀ ପ୍ରତିଯୋଗୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି ବ୍ୟକ୍ତିଗତ ରୌପ୍ୟ ପଦକ ବିଜେତାଙ୍କୁ ୩୦ ହଜାର ଟଙ୍କା ଓ ଦଳଗତ ରୌପ୍ୟ ବିଜେତାଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଥିବା ବେଳେ ବ୍ୟକ୍ତିଗତ କାଂଶ୍ୟ ପଦକ ବିଜେତାଙ୍କୁ ୨୦ ହଜାର ଟଙ୍କା ଓ ଦଳଗତ କାଂଶ୍ୟ ପଦକ ବିଜେତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ସାଂସ୍କୃତିକ ସମନ୍ୱୟର ମହାମିଳନ ପୀଠ ଶ୍ରୀକ୍ଷେତ୍ର ଓ ବିରଜା କ୍ଷେତ୍ର

ଗିରିଧାରୀ ସ୍ୱାଇଁ

ଉତ୍କଳୀୟ ସଂସ୍କୃତି, ଧର୍ମଧାରା ଓ ପରମ୍ପରାକୁ ବିରଜା କ୍ଷେତ୍ର ଯାଜପୁର ଓ ଶ୍ରୀକ୍ଷେତ୍ର ପୁରୀର ଅବଦାନ ଅତୁଳନୀୟ । ପୁନଶ୍ଚ ଉଭୟ ସଂସ୍କୃତି ମହାଭାରତୀୟ ଧାର୍ମିକ ଚେତନାରେ ଉଦ୍‌ବୁଦ୍ଧ । ଶ୍ରୀକ୍ଷେତ୍ରର ଧାର୍ମିକ ବିଧିବିଧାନ, ପର୍ବପର୍ବାଣି, ସାଂସ୍କୃତିକ ପରମ୍ପରା ଯୁଗ ଯୁଗ ଧରି ବିରଜା ସଂସ୍କୃତି ସହ ଏକୀଭୂତ ହୋଇଛି । ଉଭୟ କ୍ଷେତ୍ର ମଧ୍ୟରେ ସାଂସ୍କୃତିକ ସମନ୍ୱୟ ସ୍ଥାପିତ ହୋଇଛି । ଉଭୟ କ୍ଷେତ୍ର ସ୍ୱ ମହିମାରେ ମହୀୟସୀ ଓ ସ୍ୱଗୁଣରେ ଗରିୟସୀ ହେଲେ ମଧ୍ୟ ସାଂସ୍କୃତିକ ପରମ୍ପରାର ମହାପ୍ଲାବନ ଶ୍ରୀକ୍ଷେତ୍ରରୁ ବିରଜା କ୍ଷେତ୍ର ଯାଏଁ ପ୍ରସାରିତ । ସେହି ମହାସ୍ରୋତର ସାଂସ୍କୃତିକ ଇତିହାସକୁ କାଳ କବଳିତ କରିପାରି ନାହିଁ । ଯୁଗେ ଯୁଗେ ଏହା ଶୁଦ୍ଧ ସୁବର୍ଣ୍ଣ ପରି ଜାଜ୍ୱଲ୍ୟମାନ । ବିଭିନ୍ନ ସମୟରେ ବିରଜା କ୍ଷେତ୍ରରେ ଶାକ୍ତ, ଶୈବ, ବୈଷ୍ଣବ, ସୌର, ଗାଣପତ୍ୟ, ବୌଦ୍ଧ, ଜୈନ ଆଦି ବହୁ ଧର୍ମ ଧାରାର ବିକାଶ ଘଟିଥିଲେ ବି ସର୍ବଧର୍ମ ସମନ୍ୱୟର ମହାମନ୍ତ୍ର ଏଇ ମାଟିକୁ କରିଛି ମହୀୟାନ ।



ଶ୍ରୀଜଗନ୍ନାଥ ହେଉଛନ୍ତି ଗଣଦେବତା । ଶ୍ରୀଜଗନ୍ନାଥ ସଂସ୍କୃତି ଗଣସଂସ୍କୃତି । ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଆଦିବାସୀ, ବୌଦ୍ଧ, ଜୈନ, ଶିଖ, ଶୈବ, ବୈଷ୍ଣବ ଆଦି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ସୀମିତ ନାହାନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ମହାନାଟକରେ ଉଲ୍ଲେଖ ଅଛି –

'ଯଃ ଶୈବାଃ ସମୁପାସତେ ଶିବଇତି ବ୍ରହ୍ମେତି ବେଦାନ୍ତିନଃ,
ବୌଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବଃ କରୋତି ନୈୟାୟିକାଃ
ଅର୍ହନିତ୍ୟ ଅର୍ଥେ ଜୈନ ଶାସନରତାଃ କର୍ମେତି ମୀମାଂସକାଃ,
ସୋଽୟଂବୋ ପ୍ରବିଧାତୁ ବାଞ୍ଛିତଫଳ ତୈଲୋକ୍ୟ ନାଥୋ ହରିଃ ।'

ବିରଜା ସଂସ୍କୃତି ପରି ଜଗନ୍ନାଥ ସଂସ୍କୃତି କୌଣସି ନିର୍ଦ୍ଦିଷ୍ଟ ଧର୍ମଧାରାରେ ସୀମିତ ନୁହେଁ । ଏହା ମଧ୍ୟ ସର୍ବଧର୍ମ ସମନ୍ୱୟର ମହାମିଳନ ପୀଠ । ଉତ୍କଳୀୟ ଧର୍ମଧାରାରେ ବିରଜା କ୍ଷେତ୍ର 'ଗଦା କ୍ଷେତ୍ର', ଶ୍ରୀକ୍ଷେତ୍ର 'ଶଙ୍ଖ କ୍ଷେତ୍ର', କୋଣାର୍କ 'ଅର୍କ କ୍ଷେତ୍ର', କେନ୍ଦ୍ରାପଡ଼ା 'ତୁଳସୀ କ୍ଷେତ୍ର' ଓ ଭୁବନେଶ୍ୱର 'ପଦ୍ମକ୍ଷେତ୍ର' ନାମରେ ବିଦିତ । ଉଭୟ କ୍ଷେତ୍ରର ବୈଷ୍ଣବୀୟ ପରମ୍ପରା ସୁପ୍ରାଚୀନ । ପୁରୀର ପ୍ରଭୁ ଜଗନ୍ନାଥ, ଯାଜପୁରର ପ୍ରଭୁ ବରାହନାଥ ଓ ଦଶାଶ୍ୱମେଧଘାଟ, ବୈତରଣୀ ତଟରେ ପ୍ରଭୁ ଜଗନ୍ନାଥ, ବୈଷ୍ଣବୀୟ ପରମ୍ପରାରେ ପୂଜିତ । ଜଗନ୍ନାଥ, ବଳରାମ, ଶିଶୁଅନନ୍ତ, ଯଶୋବନ୍ତ, ହାଡ଼ିଦାସ ପ୍ରମୁଖ ପଞ୍ଚସଖାଙ୍କର ରଚନାରେ ବୈଷ୍ଣବୀୟ ଧର୍ମ ଦର୍ଶନର ବ୍ୟାଖ୍ୟା ସମଗ୍ର ଉତ୍କଳୀୟ ଧର୍ମଧାରାକୁ ଋଦ୍ଧିମନ୍ତ କରିଛି । ଯୁଗ

ଯୁଗ ଧରି ବେଦ, ବେଦାନ୍ତ ମହାଭାରତ, ରୁଦ୍ରଯାମଳ, ବିରଜା କ୍ଷେତ୍ର ମହାତ୍ମ୍ୟ, ମସ୍ୟ ପୁରାଣ, ବ୍ରହ୍ମପୁରାଣ, ପୀଠ ନିର୍ଣ୍ଣୟ, ପ୍ରାଣତୋଷୀ ତନ୍ତ୍ର, ଜ୍ଞାନାର୍ଣ୍ଣବ, କପିଳ ସଂହିତା ଆଦି ପ୍ରାଚୀନ ପୁରାଣ, ଐତିହାସିକ ଶିଳାଲେଖ, ତାମ୍ରଲେଖ ଆଦିରେ ମା' ବିରଜା କ୍ଷେତ୍ରର ମହାତ୍ମ୍ୟ ବର୍ଣ୍ଣିତ । ଏଠାରେ ଈଶାନେଶ୍ୱର, ହର ଏବଂ ଗୌରୀ ଓ ମା ବିରଜାଙ୍କ ଏକତ୍ର ସହାବସ୍ଥାନ ହେତୁ ଏହା ଅବିମୁକ୍ତ କ୍ଷେତ୍ର । ବ୍ରହ୍ମାଣ୍ଡ ପୁରାଣରେ ଏହା ବର୍ଣ୍ଣିତ । 'ଉତ୍କଳେ ନାଭି ଦେଶଂ ଚ ବିରଜା କ୍ଷେତ୍ର ମୁଚ୍ୟତେ' ବୋଲି ତନ୍ତ୍ରଚୂଡ଼ାମଣିରେ କୁହାଯାଇଛି । ଯତ୍ର କ୍ଷେତ୍ରଂ ଚ ବିରଜା ଉଡ୍‌ଡିଆନେ ମହେଶ୍ୱରୀ ବୋଲି ପ୍ରାଣତୋଷିତନ୍ତ୍ରରେ କୁହାଯାଇଛି । ସେପରି ସ୍କନ୍ଦପୁରାଣର ଉତ୍କଳ ଖଣ୍ଡରେ ଜଗନ୍ନାଥ କ୍ଷେତ୍ର ସମ୍ପର୍କରେ ବର୍ଣ୍ଣନା କରାଯାଇଛି ଯେ, ଏହି କ୍ଷେତ୍ରର ଆକାର ଶଙ୍ଖ ସଦୃଶ ହୋଇଥିବାରୁ ଏହାକୁ ଶଙ୍ଖ କ୍ଷେତ୍ର ବୋଲି କୁହାଯାଏ । ତ୍ରିକୋଣ ଆକାର ବିଶିଷ୍ଟ ଏହି କ୍ଷେତ୍ରର ଆୟତନ ପାଞ୍ଚକୋଶ । ଏହି ଶଙ୍ଖ କ୍ଷେତ୍ରର ମୂର୍ଦ୍ଧନା ହେଉଛି ପଶ୍ଚିମ ସୀମା । ନୀଳକଣ୍ଠ (ଇନ୍ଦ୍ରଦ୍ୟୁମ୍ନ ସରୋବର କୂଳରେ) ଏହି ଶଙ୍ଖର ଅଗ୍ରଭାଗରେ ଅବସ୍ଥାନ କରୁଛନ୍ତି । ସେହିପରି ବିଲ୍ୱ, ବରୁଣ, କୀଳାଟେଶ୍ୱର ମହାଦେବଙ୍କ ପରିସୀମା ଅନ୍ତର୍ଗତ– ତିନିକୋଣିଆ କ୍ଷେତ୍ରର ୫ କୋଶି ଅଞ୍ଚଳ ମଧ୍ୟରେ ବିରଜା କ୍ଷେତ୍ର ଅବସ୍ଥିତ । ବିରଜା କ୍ଷେତ୍ରର ବହୁନାମ । ଏହି କ୍ଷେତ୍ର ଗଦା କ୍ଷେତ୍ର, ନାଭି କ୍ଷେତ୍ର, ଯଜ୍ଞପୁର, ବିରଜା ମଣ୍ଡଳ, ଯାଜପୁର, ସତୀତୀର୍ଥ, ବିଧି ତୀର୍ଥ ଆଦି ନାମରେ ନାମିତ । ମାଦଳା ପାଞ୍ଜିରେ ଏହା – ଅଭିନବ ଯଯାତି ନଗର ନାମରେ ଖ୍ୟାତ ।

ଏହି ନାମକରଣ ଅନ୍ତରାଳରେ ବହୁ ପୌରାଣିକ ଆଖ୍ୟାନ ଓ କିମ୍ବଦନ୍ତୀ ରହିଛି । ଭୌମ କରଶାସନ କାଳ ଖ୍ରୀ: ୭୩୬ରୁ କେଶରୀମାନଙ୍କ ଶାସନକାଳ ଅର୍ଥାତ୍ ୧୧୧୦ ପର୍ଯ୍ୟନ୍ତ ଦୀର୍ଘ ଚାରିଶହ ବର୍ଷ ଧରି ଯାଜପୁର ଥିଲା କଳିଙ୍ଗର ରାଜଧାନୀ । ଅତୀତରେ ବାରାଣସୀ ବା ଆଧୁନିକ କଟକଠାରୁ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସିଂହଭୂମି ଓ ମେଦିନିପୁର ପର୍ଯ୍ୟନ୍ତ ବ୍ୟାପି ଥିଲା । ପୁଣ୍ୟତୋୟା ପାପହାରିଣୀ ବୈତରଣୀ ତଟରେ ଯାଜପୁରର ଅବସ୍ଥାନ ସ୍ଥଳେ, ପବିତ୍ର ମହୋଦଧି ତୀରରେ ଶ୍ରୀକ୍ଷେତ୍ର ବିରାଜମାନ । ମା' ବିରଜାଙ୍କ ସମୀପବର୍ତ୍ତୀ ବ୍ରହ୍ମାକୁଣ୍ଡ, ପୁରୀର ନରେନ୍ଦ୍ର ପୋଖରୀ ସଦୃଶ । ପୁରୀ ଗଲେ ବାଟରେ ବାଟମଙ୍ଗଳା, ଅଠରନଳା ଦୃଷ୍ଟିଗୋଚର ହୁଏ । ଯାଜପୁରର ଅଠରନଳା ଓ ଯାଉଁଳୀ ବନ୍ଧ ନିକଟସ୍ଥ ବାଟମଙ୍ଗଳା ଐତିହ୍ୟ ବିମଣ୍ଡିତ ପ୍ରାଚୀନ କୀର୍ତ୍ତି । ତେଣୁ ମହାପ୍ରଭୁଙ୍କ ଦର୍ଶନ ପିପାସୁ ଭକ୍ତଟି ଆବେଗରେ ଗାଏ – ଥକା ମନ ଚାଲ ଯିବା, ଚକାନୟନ ଦେଖିବା, ବାଟରେ ବାଟ ମଙ୍ଗଳା, ଦେଖିବା ଅଠର ନଳା, ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା ।



ପ୍ରାଗ୍‌ବୈଦିକ ଯୁଗରୁ ଦିବ୍ୟ ନୀଳାଚଳରେ ଦାରୁ ଉପାସନାର ପ୍ରବହମାନ ଧାରା ଉପନିଷଦରେ ବର୍ଣ୍ଣିତ । ଜଗନ୍ନାଥ ଦାରୁବ୍ରହ୍ମ ଦାରୁ ଉପାସନାରୁ ଜଗନ୍ନାଥଙ୍କ ବିବର୍ତ୍ତନ । ଠିକ୍ ସେହିପରି ମା' ବିରଜା, ଉତ୍ପତ୍ତି କାଳରେ ସ୍ତମ୍ଭେଶ୍ୱରୀ ଭାବରେ ପୂଜିତା ।

**ବନ୍ଧୁମହାନ୍ତି–** ଯାଜପୁରିଆ ବନ୍ଧୁ ବନ୍ଧୁ ମହାନ୍ତି ଜଗନ୍ନାଥଙ୍କର ପରମ ଭକ୍ତ । କିମ୍ବଦନ୍ତୀରେ ଏହି ବନ୍ଧୁ ମହାନ୍ତିଙ୍କ ଆଖ୍ୟାନ ଅତ୍ୟନ୍ତ ରୋମାଞ୍ଚକର । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏହିପରି ଆତ୍ମୀୟତା ଓ ଲୀଳା ଜନମାନସକୁ ବିମୋହିତ କରେ । ଭକ୍ତ ପାଇଁ ଭଗବାନଙ୍କ ଆଖିରେ ନିଦ ନାହିଁ । ଭକ୍ତ ବନ୍ଧୁ ମହାନ୍ତି ଓ ତା'ର ଉପାସିଆ ପିଲାଙ୍କ ପାଇଁ ଜଗନ୍ନାଥ ଆପଣା ସୁନାଥାଳିରେ ନିଜ ହାତରେ ପରସି ଦିଅନ୍ତି ଦିବ୍ୟ ଭୋଜନ । ବନ୍ଧୁ ମହାନ୍ତି ସୁନା ଥାଳି ଚୋରି କରିଛି ବୋଲି କହି ପଣ୍ଡାମାନେ ତାକୁ ଦଣ୍ଡ ଦିଅନ୍ତି । ତାକୁ ନାନା କଟୁକ୍ତି କହି ଗାଳି ଦିଅନ୍ତି । ରାଜାଙ୍କ ଆଦେଶରେ ତାଙ୍କୁ ବନ୍ଦୀ କରାଯାଏ । ରାତ୍ରିରେ ରାଜାଙ୍କୁ ସ୍ୱପ୍ନାଦେଶ ହୁଏ । ରାଜା ଓ ପଣ୍ଡାମାନେ ଆପଣା ଭୁଲ ବୁଝି ବନ୍ଧୁ ମହାନ୍ତିଙ୍କୁ କ୍ଷମା ପ୍ରାର୍ଥନା ମାଗି–ଜଗନ୍ନାଥଙ୍କର ପରମ ବନ୍ଧୁ ବୋଲି ସାଦର ଅଭ୍ୟର୍ଥନା କରି ଶଙ୍ଖୋଳି ନିଅନ୍ତି । ଇଏ ସେଇ ଯାଜପୁରିଆ, ବଂଧୁ ମହାନ୍ତି କଥା ।

**ଶ୍ରୀଚୈତନ୍ୟ–** ଆଉ ଜଣେ ଯାଜପୁରିଆ ଭକ୍ତ ଶ୍ରୀଚୈତନ୍ୟ। ସେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାୟାବାଦ ପରମ୍ପରାର ସାଧକ ଓ ଅନୁଗାମୀ। ସେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ଦର୍ଶନ କରୁ କରୁ ଭାବବିହ୍ୱଳ ହୋଇ ଚେତାଶୂନ୍ୟ ହୋଇଗଲେ। ଶ୍ରୀଚୈତନ୍ୟ ଜଗନ୍ନାଥଙ୍କୁ ପରମପୁରୁଷ ଓ ଶ୍ରୀକୃଷ୍ଣ ଭାବେ ଗ୍ରହଣ କରି ଅହୋରାତ୍ର ଧ୍ୟାନ ମଗ୍ନ ଥିଲେ। ସେ ଦୀର୍ଘ ଅଠରବର୍ଷ କାଳ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମାତ୍ର ୪୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ପ୍ରବର୍ତ୍ତିତ ନଦିଆ କୀର୍ତ୍ତନ ଏବେ ପୁରପଲ୍ଲୀରେ 'ନାମ ଯଜ୍ଞ' ଭାବରେ ସର୍ବତ୍ର ଅନୁଷ୍ଠିତ ହୋଇ ସଂକୀର୍ତ୍ତନ ଧର୍ମ ଧାରାକୁ ଅକ୍ଷୁଣ୍ଣ ରଖିଛି। ଯାଜପୁର ଥିଲା ତାଙ୍କ ପୂର୍ବପୁରୁଷଙ୍କ ଜନ୍ମ ମାଟି।

**ପର୍ଯ୍ୟଟନ କ୍ଷେତ୍ର–** ଶ୍ରୀକ୍ଷେତ୍ର ପୁରୀ ପରି ଯାଜପୁର ସୁପ୍ରାଚୀନ ତୀର୍ଥକ୍ଷେତ୍ର। କେଉଁ ଆବହମାନ କାଳରୁ ଏ କ୍ଷେତ୍ରରେ ଅଧିଷ୍ଠାତ୍ରୀ ଦେବୀ ମା' ବିରଜା, ପ୍ରଭୁ ବରାହନାଥ, ପୁଣ୍ୟତୋୟା ବୈତରଣୀ, ଅଗଣିତ ଦେବାଦେବୀ ଓ ତୀର୍ଥରାଜି ଏ ମାଟିକୁ ମହିମା ମଣ୍ଡିତ କରିଛି। ମହାତୀର୍ଥରେ ପରିଣତ କରିଛି। ଯୁଗ ଯୁଗ ଧରି ବହୁ ପରିବ୍ରାଜକ, ଭକ୍ତ, ରାଜା, ମହାରାଜା, ଦାର୍ଶନିକ, ଐତିହାସିକ, ଧର୍ମପ୍ରଚାରକ ପ୍ରମୁଖ ଏ ମହାତୀର୍ଥରେ ପଦାର୍ପଣ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ଆତ୍ମସନ୍ତୋଷ ଲାଭ କରିଛନ୍ତି। ଶ୍ରୀକ୍ଷେତ୍ରରେ ମଧ ବହୁ ସାଧୁସନ୍ଥ ଅବସ୍ଥାନ କରି ତଥା ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟ ଲାଭ କରି ଜୀବନକୁ ଧନ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଦି ଶଙ୍କରାଚାର୍ଯ୍ୟ, ପଦ୍ମପାଦ, ରାମାନୁଜ, ନିମ୍ବାକାଚାର୍ଯ୍ୟ, ମାଧବାଚାର୍ଯ୍ୟ, ମାଧବେନ୍ଦ୍ର ପୁରୀ, ବଲ୍ଲଭାଚାର୍ଯ୍ୟ, ଶଙ୍କରଦେବ, ନାନକ, ତୁଳସୀଦାସ, ଗଣପତିଭଟ୍ଟ, ସନ୍ଥ ତୁକାରାମ ଓ ବାଳକ ରାମଦାସ ପ୍ରମୁଖ ବିଭିନ୍ନ ସମୟରେ ପୁରୀର ବିଭିନ୍ନ ମଠରେ ଅବସ୍ଥାନ କରି ସ୍ୱଧାର୍ମିକ ଜୀବନ ବିକାଶରେ ଆତ୍ମୋତ୍ସର୍ଗ କରିଛନ୍ତି। ଏମାନଙ୍କ ମଧ୍ୟରୁ ଶଙ୍କର, ନାନକ, ରାମାନୁଜ, ଶ୍ରୀଚୈତନ୍ୟ ପ୍ରମୁଖ ଯାଜପୁରର ବିଭିନ୍ନ ତୀର୍ଥ ପର୍ଯ୍ୟଟନ କରି ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି। ୧୯୩୪ ମସିହାରେ ମହାମାନବ ମହାତ୍ମାଗାନ୍ଧୀ ପଦବ୍ରଜରେ ଏଠାକୁ ଆସି ପଣ୍ଡାଙ୍କ ପୋଥିରୁ ନିଜ ପୂର୍ବପୁରୁଷଙ୍କ ସ୍ୱାକ୍ଷର ଦେଖି ଖୁସି ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ମଧ ଏଠାକୁ ଆସି ନିଜ ପିତାମାତାଙ୍କ ସ୍ୱାକ୍ଷର ଦେଖି ଏ ତୀର୍ଥର ମାହାତ୍ମ୍ୟ ଉପଲବ୍ଧ କରିଥିଲେ। ପଞ୍ଜିକା ଓଡ଼ିଶାକୁ ଦୁଇଟି ସାଂସ୍କୃତିକ ମଣ୍ଡଳରେ ବିଭକ୍ତ କରାଯାଏ – ୧ ଜଗନ୍ନାଥ ମଣ୍ଡଳ, ୨– ବିରଜା ମଣ୍ଡଳ। ଜଗନ୍ନାଥ ମଣ୍ଡଳର ଅଧିବାସୀମାନେ ଜଗନ୍ନାଥ ପଞ୍ଜିକା, ବିରଜା ମଣ୍ଡଳ ଅଧିବାସୀମାନେ ବିରଜା ପଞ୍ଜିକା ଅନୁସାରେ ବିବାହ, ବ୍ରତ, ଶୁଭାଶୁଭ କର୍ମ କରୁଛନ୍ତି। ଏହି ଦୁଇ ପଞ୍ଜିକା ଉଭୟ ମଣ୍ଡଳର ସାଂସ୍କୃତିକ ବୈଶିଷ୍ଟ୍ୟ। ଏପରି ସ୍ୱତନ୍ତ୍ର ପଞ୍ଜିକା ପ୍ରଚଳନ ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ।

**ମାଦଳାପାଞ୍ଜି–** ମାଦଳା ପାଞ୍ଜି ହେଉଛି ଜଗନ୍ନାଥଙ୍କର ଐତିହ୍ୟ ଓ ସଂସ୍କୃତିର ଲିଖିତ ଦସ୍ତାବିଜ୍। ପୁରୀର ଠାକୁର ରାଜା ତଥା ଓଡ଼ିଶାର ସାଂସ୍କୃତିକ ଇତିହାସ ଏଥିରେ ପୁରୁଷାନୁକ୍ରମେ ଠାକୁର ରାଜା ଓ ମହାପ୍ରଭୁଙ୍କ ବିବରଣୀ ନିୟମିତ ଭାବରେ ଉଲ୍ଲେଖ କରାଯାଇଛି। ଗଜପତି ଶ୍ରୀମନ୍ଦିରର ଆଦ୍ୟସେବକ ଭାବରେ ସ୍ୱୀକୃତିଲାଭ କରିବା ସହିତ ଠାକୁର ରାଜାବଂଶର ବଂଶାନୁକ୍ରମିକ ସେବାର ମର୍ଯ୍ୟାଦା ଲାଭ କରିବା କଥା ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି। ଗଜପତି ରାମଚନ୍ଦ୍ର ଦେବଙ୍କଠାରୁ ଶ୍ରୀ ଦିବ୍ୟସିଂହ ଦେବଙ୍କ ପର୍ଯ୍ୟନ୍ତ ବିଗତ ଚାରିଶହ ବର୍ଷ ମଧ୍ୟରେ ଗଜପତି ଆସନ ମଣ୍ଡନ କରିଥିବା ସମସ୍ତ ଠାକୁର ରାଜାଙ୍କର ବିବରଣୀ ମଧ୍ୟ ମାଦଳାରେ ଲିଖିତ। ମାଦଳା ପାଞ୍ଜିରେ ବିରଜାକ୍ଷେତ୍ର ନାମ ଅଭିନବ ଯଯାତି ନଗର। ବିରଜା କ୍ଷେତ୍ରର ବହୁ ଐତିହାସିକ ବିବରଣୀ ମଧ ମାଦଳା ପାଞ୍ଜିରେ ଉଲ୍ଲେଖ କରାଯାଇଛି।

**ମାଧବ ଉପାସନା–** ଉଭୟ କ୍ଷେତ୍ରରେ ମାଧବଙ୍କ ଉପାସନା ପ୍ରଚଳିତ ଥିଲା। ବିରଜା କ୍ଷେତ୍ରରେ ଦ୍ୱାଦଶ ମାଧବଙ୍କ ଆବିର୍ଭାବ ଘଟିଛି। ସେମାନେ ହେଲେ – ଆଦିମାଧବ, ବରାହମାଧବ, ଅନନ୍ତମାଧବ, ଗଦାଧର ମାଧବ, ପୁରୁଷୋତ୍ତମ ମାଧବ, ନରକାନ୍ତ ମାଧବ, ଭୋଗମାଧବ, ବାସୁଦେବମାଧବ, ଯୋଗମାଧବ, ଚମ୍ପକମାଧବ, ହରିହରମାଧବ ଓ ସିଦ୍ଧିମାଧବ।

ଶ୍ରୀକ୍ଷେତ୍ର ସ୍ୱୟଂ ମାଧବଙ୍କ କ୍ଷେତ୍ର। ଏଠାରେ ନୀଳମାଧବ, ବଟମାଧବ, କଳ୍ପମାଧବ, ବୈକୁଣ୍ଠମାଧବ, ସତ୍ୟମାଧବ କ୍ଷେତ୍ରମାଧବ, ମତ୍ସ୍ୟମାଧବ, ତୀର୍ଥମାଧବ ପ୍ରଭୃତି ଦ୍ୱାଦଶ ମାଧବଙ୍କ ଉପାସନା ପ୍ରଚଳିତ। ମାଧବଙ୍କ ଅନ୍ୟ ରୂପ ନୃସିଂହ। ଉଭୟ କ୍ଷେତ୍ରରେ ମଧ୍ୟ ନୃସିଂହ ବିରାଜମାନ। ଯାଜପୁରଠାରେ ପଞ୍ଚନୃସିଂହ ପୂଜିତ। ଅଭୟନୃସିଂହ, ଲକ୍ଷ୍ମୀ ନୃସିଂହ, ଉଗ୍ରନୃସିଂହ, ଭୀମନୃସିଂହ ଓ ବୀରନୃସିଂହ ଏ କ୍ଷେତ୍ରର ପ୍ରସିଦ୍ଧ ନୃସିଂହ ମୂର୍ତ୍ତି। ଶ୍ରୀକ୍ଷେତ୍ରରେ ସେହିପରି ଆଦିନୃସିଂହ, ବାରବାଟିନୃସିଂହ, ସିଙ୍ଗଡାନୃସିଂହ, ଚୂଡ଼ଙ୍ଗନୃସିଂହ, ଲକ୍ଷ୍ମୀନୃସିଂହ, ଉଭୟମୁଖିନୃସିଂହ ପ୍ରଭୃତି ନୃସିଂହ ମୂର୍ତ୍ତିମାନ ରହିଛି।

**ପଞ୍ଚ 'ବ' କାର କ୍ଷେତ୍ର ଓ ପଞ୍ଚତୀର୍ଥ ପୁଷ୍କରିଣୀ–** ବେଦ, ବ୍ରାହ୍ମଣ, ବିରଜା, ବରାହ ବୈତରଣୀଙ୍କୁ ନେଇ ଯାଜପୁର ପଞ୍ଚ 'ବ'କାର କ୍ଷେତ୍ର ଭାବରେ ଖ୍ୟାତ। ଠିକ୍ ସେହିପରି ପୁରୀରେ ପଞ୍ଚତୀର୍ଥ ପୁଷ୍କରିଣୀ ରହିଛି। ସେଗୁଡ଼ିକ ହେଲା – ଇନ୍ଦ୍ରଦ୍ୟୁମ୍ନ (ମଧୁବନ), ମାର୍କଣ୍ଡ ପୁଷ୍କରିଣୀ ( ମାର୍କଣ୍ଡେଶ୍ୱର ସାହି), ଶ୍ୱେତଗଙ୍ଗା (ବାଲିସାହି), ରୋହିଣୀ କୁଣ୍ଡ ( ଶ୍ରୀମନ୍ଦିର ବେଢ଼ା) ଓ ମହୋଦଧି– (ପୁରୀ ସମୁଦ୍ର)। ଉଭୟ କ୍ଷେତ୍ରର ଏସବୁ ସାମଞ୍ଜସ୍ୟ କ୍ଷେତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରେ।

**ଆଶ୍ରମ, ମଠ ଓ ଯଜ୍ଞ ସଂସ୍କୃତି–** ଯାଜପୁରର ଅନ୍ୟନାମ ଯଜ୍ଞପୁର। କଥିତ ଅଛି ଯଯାତି କେଶରୀ କାନ୍ୟକୁବ୍ଜରୁ ଦଶ ହଜାର ବ୍ରାହ୍ମଣ ଅଣାଇ ଏଠାରେ ଦଶାଶ୍ୱମେଧ ଯଜ୍ଞ କରିଥିଲେ। ପୌରାଣିକ ଆଖ୍ୟାନ ଅନୁଯାୟୀ ପିତାମହ ବ୍ରହ୍ମା ଏହି ପବିତ୍ର ପୀଠରେ ପୁଣ୍ୟତୋୟା ବୈତରଣୀ ତୀରରେ ଦେବ, ଯକ୍ଷ, ଗନ୍ଧର୍ବ ଓ ମୁନିଋଷିଙ୍କ ଗହଣରେ ଏକ ମହାନ ଯଜ୍ଞାନୁଷ୍ଠାନ କରିଥିଲେ। ବ୍ରହ୍ମାଙ୍କର ଏହି ଗାର୍ହପତ୍ୟ ଅଗ୍ନିକୁଣ୍ଡରୁ ଦିଗ୍ ବିଦିଗ ଉଦ୍‌ଭାସିତ କରି ମା ବିରଜା ଆବିର୍ଭୂତ ହୋଇଥିଲେ। ଯଜ୍ଞକୁଣ୍ଡରୁ ମା'ଙ୍କର ଆବିର୍ଭାବ ହେତୁ ଏ କ୍ଷେତ୍ରର ନାମ ଯଜ୍ଞପୁର। ମହାଭାରତର ଆଦିପର୍ବ, ବନ ପର୍ବ, ସଭାପର୍ବ ଓ ଭୀଷ୍ମ ପର୍ବରେ ଏ ତୀର୍ଥର ବୈଶିଷ୍ଟ୍ୟ ବର୍ଣ୍ଣିତ–

'ତତୋ ବୈତରଣୀଂ ଗଚ୍ଛତ୍ ସର୍ବପାପ ପ୍ରମୋଚନିମ୍ –
ବିରଜାତୀର୍ଥ ମାସାଦ୍ୟ ବିରାଜିତ ଯଥା ଶଶି।'

(ବନପର୍ବ ୬୫ ଅଧ୍ୟାୟ)

ୟୁଧିଷ୍ଠିର, ପଞ୍ଚପାଣ୍ଡବ କୌରବମାନଙ୍କ ଦ୍ୱାରା ପ୍ରତାରିତ ହୋଇ ରାଜ୍ୟ ହରାଇ ପତ୍ନୀ ଦ୍ରୌପଦୀଙ୍କ ସହିତ ବନବାସୀ ହୋଇଥିଲେ। ଏହି ସମୟରେ ସେମାନେ ଭାରତର ବହୁ ତୀର୍ଥ ଭ୍ରମଣ କରିଛନ୍ତି। ଏ ଅବସରରେ ସେମାନେ ଯାଜପୁରରେ ପହଞ୍ଚି ପବିତ୍ର ବୈତରଣୀରେ ସ୍ନାନ କରି, ମୁନିଋଷିମାନଙ୍କ ସାନ୍ନିଧ ଲାଭ କରିଛନ୍ତି। ପବିତ୍ର ଆଶ୍ରମରେ ବିଶ୍ରାମ ନେଇଛନ୍ତି। ମୁନିଋଷିଙ୍କ ଆଶୀର୍ବାଦ ଲାଭ କରି ଜୀବନକୁ ସାର୍ଥକ କରିଛନ୍ତି। ପୁରୀ ଭଳି ଯାଜପୁରରେ ମଧ ବହୁ ମୁନିଋଷିଙ୍କର ଆଶ୍ରମ ଥିଲା। ସ୍ଥାନୀୟ ଶିତଳେଶ୍ୱରସ୍ଥିତ ଅଗସ୍ତି ବଗିଚାରେ ଥିଲା ଅଗସ୍ତି ମୁନିଙ୍କ ଆଶ୍ରମ। ଯାଜପୁର ପରି ପୁରୀର ଅଙ୍ଗିରାଆଶ୍ରମ, (ଦୋଳମଣ୍ଡପ ସାହି), ଭୃଗୁ ଆଶ୍ରମ (ବାଲିସାହି), ମାର୍କଣ୍ଡଆଶ୍ରମ,(ମାର୍କଣ୍ଡେଶ୍ୱର ସାହି), ପଣ୍ଡୁ ଆଶ୍ରମ (ଗୌଡ଼ ବାଡ଼ ସାହି) ପ୍ରଭୃତି ଆଶ୍ରମମାନ ଉଭୟ ତୀର୍ଥର ପ୍ରାଚୀନ ଗୌରବର ସ୍ମାରକୀ। ଆଶ୍ରମ ବ୍ୟତୀତ ପୁରୀର ବହୁମଠ ପ୍ରଭୁଙ୍କ ସେବାରେ ନିୟୋଜିତ। ଶ୍ରୀମନ୍ଦିରର ନୀତି ଓ ଯାନିଯାତ୍ରା ସହ ଏ ମଠମାନଙ୍କର ସମ୍ପୃକ୍ତି ରହିଛି। ତେଣୁ ପୁରୀର ମଠ ସଂସ୍କୃତି ସୁପ୍ରାଚୀନ। ମହାପ୍ରଭୁଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଏମାନେ ଅଙ୍ଗାଙ୍ଗୀଭାବେ ଜଡ଼ିତ ଥିବା ମଠ ଗୁଡ଼ିକ ହେଲା – ରାଘବ ମଠ ( ଟାହିଆସେବା), ବଡ଼ ଓଡ଼ିଆ ମଠ (ଫୁଲୁରିତେଲ ଓ ଚାନ୍ଦୁଆ ସେବା), ଜଗନ୍ନାଥ ବଲ୍ଲଭ ମଠ ( ଖଟଣିଭୋଗ, ବଲ୍ଲଭଭୋଗ, ଫୁଲମାଳସେବା), ଛାଉଣି ମଠ ( ଚାମର ଆଲଟ ସେବା) ଏମାର ମଠ ( ବଲ୍ଲଭଭୋଗ, ଚାମର ଆଲଟସେବା), ବଡ଼ଛତା ମଠ ( ପଦ୍ମବେଶ ସେବା), ରାଧାବଲ୍ଲଭ ମଠ ( ଚାମର ଆଲଟ ସେବା), ସାନଛତା ମଠ, ଗୋପାଳତୀର୍ଥ ମଠ, ରାଧାକାନ୍ତ ମଠ ପ୍ରଭୃତି ଶତାଧିକ ମଠ ପ୍ରଭୁଙ୍କ ସେବାରେ ନିୟୋଜିତ। ପ୍ରାଚୀନ କାଳରୁ ଯାଜପୁର ସଦାବ୍ରତ ମଠ, ବନବିହାରୀ ମଠ, କାଳିକାହୁଡ଼ା ମଠ, ଗୋହିରାଟିକିର ମଠ, କାଞ୍ଜିଆପାଳ ମଠ, ନଖୁଆପାଳ ମଠ, ନରୁଆ ମଠ, ବାଙ୍କିପାଳ ମଠ, ମାକଣ୍ଡପୁର ମଠ, ପଞ୍ଚଗୋଛିଆ ମଠ, ବଣବାବାଜୀ ମଠ ପ୍ରଭୃତି ମଠ ବାଡ଼ି ଏବେ ଭଗ୍ନ, ଜରାଜୀର୍ଣ୍ଣ ଓ ଲୁପ୍ତ ପ୍ରାୟ।

**ଶୁଭସ୍ତମ୍ଭ ଓ ଅରୁଣସ୍ତମ୍ଭ–** ଭାରତୀୟ ଇତିହାସରେ ଲୌହସ୍ତମ୍ଭ, ଅଶୋକ ସ୍ତମ୍ଭ, କୁତବମିନାର, ଅରୁଣ ସ୍ତମ୍ଭ ପ୍ରଭୃତି କୀର୍ତ୍ତିସ୍ତମ୍ଭ ଏବେ ବି ପ୍ରତିଷ୍ଠାତାଙ୍କର କୀର୍ତ୍ତି ବହନ କରେ । କଳା ଭାସ୍କର୍ଯ୍ୟର ଅଦ୍ୱିତୀୟ କୀର୍ତ୍ତି, ଯାଜପୁରର ଶୁଭସ୍ତମ୍ଭ ସ୍ୱକୀୟ କୀର୍ତ୍ତିରାଜିର ସ୍ମାରକୀ ସ୍ୱରୂପ ଯଯାତି କେଶରୀ ନିର୍ମାଣ କରିଛନ୍ତି । ଅତୀବ କଳା ବିମଣ୍ଡିତ ଏହି ଶୁଭସ୍ତମ୍ଭ ବା ଗରୁଡ଼ ସ୍ତମ୍ଭ । ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ଏହା ଉତ୍କଳର ଅନ୍ୟତମ ଶ୍ରେଷ୍ଠ କଳାକୃତି । ଏହାର କଳାନୈପୁଣ୍ୟରେ ପ୍ରୀତ ହୋଇ ଫରଗୁନ୍ ସାହେବ ଲେଖିଛନ୍ତି – 'It propositions are beautiful and it's details in excellent tests' ଶୁଭସ୍ତମ୍ଭର ବିଭିନ୍ନ ଅଂଶର ଅନୁପାତ ଅତି ଚମତ୍କାର ଏବଂ ଏହା ବହୁବିଧ ଭାସ୍କର୍ଯ୍ୟରେ ବିଶେଷ ନୈପୁଣ୍ୟ ପ୍ରକଟିତ । ଏକ ବର୍ଗାକାର ବେଦି ଉପରେ ସ୍ତମ୍ଭଟି ଶୋଭା ପାଉଛି । ସ୍ତମ୍ଭର ମୂଳ ବର୍ଗାକାର । ପାଦଦେଶ ଅଷ୍ଟକୋର୍ଣା, ଶୀର୍ଷଭାଗ ଷୋଳକୋଣୀ । ଶୀର୍ଷ ଭାଗରେ କଳାକାରୁକାର୍ଯ୍ୟ ନିଖୁଣ ଭାବରେ ଖୋଦିତ ହୋଇଛି । ଏହାର ଉଚ୍ଚତା ୩୩ ଫୁଟ ୮ ଇଞ୍ଚ । ଏହା ବିରଜା କ୍ଷେତ୍ରର ଅଠରନଳା ନିକଟବର୍ତ୍ତୀ ଖଣ୍ଡେଶ୍ୱର ଗ୍ରାମରେ ଅବସ୍ଥିତ । ବିରଜା କ୍ଷେତ୍ରର ମହିମାମଣ୍ଡିତ ଐତିହ୍ୟର ମୂକସାକ୍ଷୀ ରୂପେ ଶୁଭସ୍ତମ୍ଭ ଦଣ୍ଡାୟମାନ ହେଲା ପରି ଶ୍ରୀକ୍ଷେତ୍ରର

ଅରୁଣସ୍ତମ୍ଭ ସିଂହଦ୍ୱାର ସମ୍ମୁଖରେ ବିରାଜିତ । ଏହା ଗୋଟିଏ ମୁଗୁନି ପଥରରେ ନିର୍ମିତ । ଏହାର ୧୬ଟି କୋଣ ଅଛି । ସୂର୍ଯ୍ୟ ଦେବଙ୍କ ସାରଥୀ ଯୋଡ଼ ହସ୍ତରେ ବିଶାଳ ସ୍ତମ୍ଭ ଉପରେ ଉପବିଷ୍ଟ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମରହଟ୍ଟା ରାଜୁତି କାଳରେ ଭୋଇ ବଂଶର ରାଜା ଦିବ୍ୟସିଂହ ଏହି ସ୍ତମ୍ଭକୁ ଏଠାରେ ପ୍ରତିଷ୍ଠା କରାଇଥିଲେ । ଅରୁଣସ୍ତମ୍ଭ ଓ ଶୁଭସ୍ତମ୍ଭ ଦୁଇ କ୍ଷେତ୍ରର ସମନ୍ୱୟର ପ୍ରତୀକ ନୁହେଁ କି ?

**ରଥଯାତ୍ରା–** ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଦେବୀଙ୍କ ଗୁଣ୍ଡିଚା ଯାତ୍ରା ଓଡ଼ିଶାର ସୁପ୍ରସିଦ୍ଧ ଘୋଷ ଯାତ୍ରା । ସମ୍ପ୍ରତି ଏହି ଯାତ୍ରା ବିଶ୍ୱପ୍ରସିଦ୍ଧ । ଏହା ପୁରପଲ୍ଲୀରୁ ଦିଲ୍ଲୀ ଯାଏଁ, ଚିକାଗୋରୁ ସିଂହଳ ଯାଏ ସର୍ବତ୍ର ପରିବ୍ୟାପ୍ତ । ପୁରୀ ଶ୍ରୀମନ୍ଦିରରୁ ମାଉସୀମା ମନ୍ଦିରକୁ ପ୍ରଭୁଙ୍କର ଏହି ଘୋଷ ଯାତ୍ରା । ନଅଦିନର ବାହୁଡ଼ା ଯାତ୍ରା । ରଥଯାତ୍ରା ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପର୍ବ । ପତିତମାନଙ୍କୁ ଦର୍ଶନ ଦେବାକୁ ପ୍ରଭୁ ମନ୍ଦିରରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ । ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ପାଇଁ ପ୍ରଭୁ ଜଗନ୍ନାଥଙ୍କର ଏହି ପତିତ ପାବନ ଘୋଷଯାତ୍ରା ବ୍ରାହ୍ମଣ୍ୟ ଧର୍ମର କଠୋର ଅନୁଶାସନରୁ ମୁକୁଳିବା ପାଇଁ ଏହା ଥିଲା ସୁଚିନ୍ତିତ ପରିକଳ୍ପନା । ଶ୍ରୀକ୍ଷେତ୍ର ପରି ବିରଜା କ୍ଷେତ୍ରର ରଥଯାତ୍ରା ପରମ୍ପରା ସୁପ୍ରାଚୀନ । ପ୍ରତିବର୍ଷ ଭାଦ୍ରବମାସ ଶୁଭ ସୁନିଆଁ ଦିନ ଦେବୀଙ୍କର ସିଂହଧ୍ୱଜ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ମହାଳୟା ଅମାବାସ୍ୟା ତିଥିରେ ଅଧିବାସ କରାଯାଇ ପ୍ରତିପଦ ଦିନଠାରୁ ମହାନବମୀ ପର୍ଯ୍ୟନ୍ତ ନଅଦିନ ବ୍ୟାପୀ ମା’ ବିରଜାଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ । ଏହା ବିରଜା କ୍ଷେତ୍ରର ଶାରଦୀୟ ରଥଯାତ୍ରା ଭାବରେ ଖ୍ୟାତ ।

**ଅନ୍ୟାନ୍ୟ ଦେବଦେବୀ–** କାହିଁ କେଉଁ ଆବହମାନ କାଳରୁ ବିରଜା କ୍ଷେତ୍ର ଓ ଶ୍ରୀକ୍ଷେତ୍ର ଅନନ୍ୟ ତୀର୍ଥ କ୍ଷେତ୍ର ଭାବରେ ଜଗତ ବିଖ୍ୟାତ । ଉଭୟ କ୍ଷେତ୍ରର ଦେବଦେବୀ, ମନ୍ଦିର ଗାତ୍ରର ଶିଳ୍ପକଳା ଭାସ୍କର୍ଯ୍ୟ, ବହୁ ଦର୍ଶନୀୟ ସ୍ଥାନ ଏ ଦୁଇ କ୍ଷେତ୍ରକୁ ମହନୀୟ କରିଛି । ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଛି, ବିମୋହିତ କରିଛି । ଯାଜପୁରର ପୁଣ୍ୟତୋୟା ବୈତରଣୀ ତୀରରେ, ଦଶାଶ୍ୱମେଧ ଘାଟ ନିକଟରେ ଜଗନ୍ନାଥ ବିରାଜମାନ କରିଛନ୍ତି । ପୁରୀର ସିଂହଦ୍ୱାର ପରି ମା’ ବିରଜାଙ୍କ ସିଂହଦ୍ୱାର ମୁଖ୍ୟ ପ୍ରବେଶ ପଥ। ଏହା ଅତ୍ୟନ୍ତ କମନୀୟ ଓ କଳା କାରୁକାର୍ଯ୍ୟପୂର୍ଣ୍ଣ। ଶ୍ରୀକ୍ଷେତ୍ର ପରି ମା’ଙ୍କ ମନ୍ଦିର ବେଢ଼ାରେ ହନୁମାନ ବିଗ୍ରହ, ମୁକ୍ତିମଣ୍ଡପ, ଇଶାନେଶ୍ୱର ମହାଦେବ ବିରାଜମାନ କରିଛନ୍ତି। ପୁରୀରେ ପଞ୍ଚମହାଦେବ ଥିବାବେଳେ ବିରଜାବେଢ଼ାରେ ଶତାଧିକ ଶିବଲିଙ୍ଗ ସ୍ଥାପନ କରାଯାଇଛି। ଯାଜପୁର ଦଶାଶ୍ୱମେଧ ଘାଟ ପାଖରେ ବରାହୀ, ଇନ୍ଦ୍ରାଣୀ, ନାରସିଂହୀ, ବ୍ରାହ୍ମଣୀ, ବୈଷ୍ଣବୀ, କୁମାରୀ, ଚାମୁଣ୍ଡା ପ୍ରମୁଖ ସପ୍ତମାତୃକା ବିରାଜମାନ କରୁଛନ୍ତି। ପୁରୀରେ ପୁରାଣ ପ୍ରସିଦ୍ଧ ବହୁ ସ୍ଥଳୀ ଥିଲା ବେଳେ, ଯାଜପୁରରେ ମଧ୍ୟ ୬୮ ତୀର୍ଥସ୍ଥଳୀ ରହିଛି। ନାଭିଗୟା ବିରଜା କ୍ଷେତ୍ରର ପିତୃତୀର୍ଥ ଭାବରେ ବିଦିତ। ନାଭିକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃପୁରୁଷ ବିଷ୍ଣୁ ଲୋକକୁ ଗମନ କରନ୍ତି ବୋଲି ବ୍ରହ୍ମପୁରାଣରେ କୁହାଯାଇଛି।

ଜଗନ୍ନାଥମଣ୍ଡଳ ଓ ବିରଜାମଣ୍ଡଳ ଏହି ଦୁଇ ସାଂସ୍କୃତିକ ମଣ୍ଡଳ ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ଉଭୟ କ୍ଷେତ୍ରର ଅଗଣିତ ତୀର୍ଥରାଜି, ପର୍ବପର୍ବାଣି, ସର୍ବଧର୍ମ ସମନ୍ୱୟବାଦ, ସାମ୍ୟ, ମୈତ୍ରୀ ପ୍ରୀତି ଓ ସଦ୍‌ଭାବନା ବାର୍ତ୍ତା ଆପଣେଇ ନେଇଛି। କୋଳେଇ ନେଇଛି। ମହିମା ମଣ୍ଡିତ ଏହି ଦୁଇପୀଠର ମହକ ସଭିଙ୍କୁ ଆମୋଦିତ ଆଲୋକିତ ଓ ପୁଲକିତ କରିଛି।


କୁଆଁସରପୁର, ଦେବୀଦ୍ୱାର
ଯାଜପୁର

❖ ❖ ❖

# ଆତ୍ମଜାଗରଣର ପର୍ବ : ମହାଶିବରାତ୍ରି

**ଡକ୍ଟର ଶରତ ଚନ୍ଦ୍ର ପରିଡ଼ା**

ଭାରତବର୍ଷ ଏକ ସଂସ୍କୃତି ସମୃଦ୍ଧ ରାଷ୍ଟ୍ର । ଆକୁମାରୀ ହିମାଳୟ ପରିପାଳିତ ବିଭିନ୍ନ ପର୍ବପର୍ବାଣି ଦିବ୍ୟ ବିଚାର ଧାରାର ଭିନ୍ନ ଭିନ୍ନ ପରିପ୍ରକାଶ । ଆର୍ଯ୍ୟ ମୁନିଋଷିମାନେ ଦେବଦେବୀଙ୍କ ପୂଜା ଉପାସନାରେ ଯେଉଁ ବ୍ୟବସ୍ଥାମାନ ଖଞ୍ଜି ଦେଇଛନ୍ତି, ତା'ର ଅନ୍ତରାଳରେ ପରମ ସତ୍ୟ ଓ ସୌନ୍ଦର୍ଯ୍ୟବୋଧ ସନ୍ନିହିତ ରହିଛି । ସୌନ୍ଦର୍ଯ୍ୟାତ୍ମକ ବିଚାରର ଅଣୁମାନଙ୍କର ପ୍ରବାହ ମାନବୀୟ ଅନ୍ତଃକରଣରେ ସୁପ୍ତ ଶକ୍ତିକୁ ଜାଗ୍ରତ କରାଏ । ନିର୍ମଳ ବିଚାର ଧାରା ଜୀବନରେ ଅଦ୍ଭୁତ ସୌନ୍ଦର୍ଯ୍ୟ ବିକଶିତ କରି ଦେଇଥାଏ । ଅତଏବ ବିଚାର ହିଁ ବାସ୍ତବିକ ମଣିଷ ଅଟେ । ମଣିଷ ଯେପରି ବିଚାର କରେ ସେ ସ୍ୱୟଂ ସେହିପରି ହୋଇଥାଏ । ନିଜର ବିଚାରକୁ ଶୁଦ୍ଧ ଓ ଗ୍ରାହକ କରି ପାରିଲେ ବିଶ୍ୱତତ୍ତ୍ୱର ବାସ୍ତବିକ ରୂପ ବ୍ୟକ୍ତି ନିକଟରେ ପ୍ରକଟ ହୋଇଥାଏ ।



**ସତ୍ୟ ସୁନ୍ଦର ଓ ଶିବ ଏକ ତଥା ପରସ୍ପର ଅଭିନ୍ନ–** ବିଦ୍ୱାନ୍ ଏ. ବିନେଟ କହନ୍ତି, At a certain depth the God and the Beautiful are one. ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଗଭୀରତାରେ ଶିବ ଓ ସୌନ୍ଦର୍ଯ୍ୟ ଏକ ଓ ଅଭିନ୍ନ ଅଟନ୍ତି । ଶିବ ଓ ସୁନ୍ଦରର ପୃଥକୀକରଣ କୌଣସି ଅବସ୍ଥାରେ ମଧ୍ୟ ସମ୍ଭବ ନୁହେଁ । ଯିଏ ଶିବ ସେ ହିଁ ସତ୍ୟ ଓ ସୁନ୍ଦର । ସୁନ୍ଦର ହିଁ ସତ୍ୟ ଓ ଶିବ । ଯିଏ ସତ୍ୟ ସେ ଶିବ ଓ ସୁନ୍ଦର । ସଦାଶିବ ଏ ସବୁର ସମ୍ମିଳିତ ଓ ସମନ୍ୱିତ ସ୍ୱରୂପ । ଶିବରାତ୍ରି ପାଳନ ଅବସରରେ ଭକ୍ତର ଜୀବନ ସୌନ୍ଦର୍ଯ୍ୟ ଶିବସଂକଳ୍ପରେ ଅନୁପ୍ରାଣିତ । ବିଭିନ୍ନ ଶୈବ ଓ ଶାକ୍ତପନ୍ଥୀଙ୍କ ବ୍ୟତୀତ ବୈଦିକ, ବ୍ରାହ୍ମଣ, ଆର୍ଯ୍ୟ, ଅନାର୍ଯ୍ୟ ଆଦି ପ୍ରତ୍ୟେକ ସମ୍ପ୍ରଦାୟ ଦ୍ୱାରା ଶିବରାତ୍ରି ପାଳିତ ହୋଇ ସାର୍ବଜନୀନ ମହୋତ୍ସବର ମାନ୍ୟତା ଲାଭ କରିଛି । ଭାରତୀୟ ଜନମାନସରେ ଅଶ୍ୱମେଧ ସମ ଯଜ୍ଞ, ଗଙ୍ଗା ସମ ତୀର୍ଥ ଓ ଶିବରାତ୍ରି ସମ ବ୍ରତ ଦୁର୍ଲଭ । ଜଡ଼ବସ୍ତୁରେ ଚେତନାର ଅନ୍ୱେଷଣ କରିବା ହେଉଛି ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତି ।

**ତ୍ରିପୁରର ସାଙ୍କେତିକ ଅର୍ଥ–** ତ୍ରିପୁରାସୁରକୁ ଶିବ ହତ୍ୟା କରିଥିଲେ । ଏହା ପ୍ରତୀକାତ୍ମକ । ତ୍ରିପୁରାସୁରର ଆଦର୍ଶବାଦିତା ଓ ନୈତିକତା ରୂପକ ସତ୍ତ୍ୱ ଗୁଣ, ଅଭିଳାଷ ଓ କର୍ମପ୍ରବଣତା ରୂପକ ରଜୋଗୁଣ ତଥା ଅଜ୍ଞାନ ଓ ଆଳସ୍ୟ ରୂପକ ତମୋଗୁଣର ପ୍ରତୀକ । ତିନି ପୁରକୁ ଅସୁରମାନେ ସୁନା ରୂପା ଓ ଲୁହାର ତ୍ରିବିଧ ଦୁର୍ଗରେ ପରିଣତ କରିଥିଲେ । ଛାନ୍ଦୋଗ୍ୟ ଉପନିଷଦରେ ଏହାକୁ ଲୋହିତ ଶୁକ୍ଳ ଓ କୃଷ୍ଣ ଆଦିର ତ୍ରିବୃତ୍ତ ବୋଲି କୁହାଯାଇଛି । ଏହି ତ୍ରିବିଧ ପୁରରୁ ମହାମୋହ ବା ଅବିଦ୍ୟା ପ୍ରକାଶ ପାଇଥାଏ । ଅବିଦ୍ୟା ସହ ଯୁଦ୍ଧ କଲାବେଳେ ପୃଥିବୀ ରଥ ଓ ସୂର୍ଯ୍ୟ ଚନ୍ଦ୍ର ଏହି ରଥର ଚକ୍ର ହେଲେ । ଇନ୍ଦ୍ର ହେଲେ ସାରଥି, ମେରୁ ପର୍ବତ ହେଲା ଧନୁ ଏବଂ ବିଷ୍ଣୁ ହେଲେ ବାଣ । ଏ ସମସ୍ତଙ୍କ ସହାୟତାରେ ତ୍ରିପୁରାରି ଶିବ ଅବିଦ୍ୟାକୁ ଧ୍ୱଂସ କଲେ । ଅହଂକାରର ନାଶ ହେଲା । ତ୍ରିପୁରାସୁର ବଧ ପ୍ରସଙ୍ଗରେ ଡଃ ନିତ୍ୟାନନ୍ଦ ଶର୍ମା ଲେଖନ୍ତି : ତିନି ପୁର ହେଉଛି

ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର । ଅହଂକାର ଏହି ତ୍ରିବିଧ ଶରୀରରେ ବିଦ୍ୟମାନ ରହି ନାନାବିଧ ଅତ୍ୟାଚାର କରେ । ଅହଂକାର ହେତୁ ମାନବ ମନରେ ଅସତ୍ ବୃତ୍ତି ଉତ୍ପନ୍ନ ହୁଏ । ଏହି ଅସଂଖ୍ୟ ଅସତ୍ ବୃତ୍ତି ହିଁ ତା'ର ବିରାଟ ଆସୁରୀ ସେନା । ଶିବ ଶାନ୍ତ ସମାଧିସ୍ଥ ଜୀବର ପ୍ରତୀକ । ସୁତରାଂ ତ୍ରିପୁର ବିଜୟର ଅର୍ଥ-ଯତୋ ଧର୍ମଃ ତତୋ ଜୟଃ । ଏହିପରି ପୁରାଣର ଗଜାସୁର ଓ ଅନ୍ଧକାସୁରର ହତ୍ୟା ଆଦି ଉପାଖ୍ୟାନ ମଧ୍ୟ ନାନା ଆତ୍ମିକ ସନ୍ଦେଶ ବହନ କରେ । ତମ ମୋହ ମହାମୋହ ତାମିସ୍ର ଓ ଅନ୍ଧ ଆଦି ଅବିଦ୍ୟାର ନାମ । କାମ କ୍ରୋଧାଦି ଷଡ଼ ବିକାରକୁ ବିଦ୍ୟାର ନିୟନ୍ତ୍ରଣରେ ନରଖିଲା ଯାଏ ଅନ୍ଧକାରକୁ ନାଶ କରାଯାଇ ପାରିବ ନାହିଁ । ତେଣୁ ବିଦ୍ୟାର ପ୍ରତିନିଧି ଶିବ ଅନ୍ଧକାସୁରର ବିନାଶ ଦ୍ୱାରା ଅବିଦ୍ୟା ନିଧନର ସୂଚନା ଦେଇଥା'ନ୍ତି ।

**ମଶାଣିର ପାଉଁଶ ଶିବଙ୍କ ସଂସ୍ପର୍ଶରେ ଆସି ବିଭୂତି ପାଲଟି ଯାଏ-** ଶିବଙ୍କର ଅଦ୍ଭୁତ ଶୋଭା ସବୁ ସମୟରେ ଭକ୍ତଙ୍କୁ ବିସ୍ମିତ କରେ । ଶିବ ହେଉଛନ୍ତି ଶ୍ମଶାନବାସୀ । ମଶାଣି ହେଉଛି ସେହି ସ୍ଥାନ ଯେଉଁଠାରେ ସବୁ ରୂପ, ସବୁ ନାମ-ଯାହାକୁ ନେଇ ଏ ଦୁନିଆ ଗଠିତ ଯାହାକୁ ନେଇ ଲୋକେ ଗର୍ବ କରିଥା'ନ୍ତି, ସବୁ ଜଳି ପୋଡ଼ି ପାଉଁଶ ହୋଇଯାଏ । ମଶାଣିର ପାଉଁଶ ସୂଚାଇ ଦିଏ ଯେ ସଂସାର ହେଉଛି ନଶ୍ୱର । ତାଙ୍କ ଦେହର ପାଉଁଶର ପ୍ରଲେପ କହି ଦେଉଥାଏ ଯେ ଏହି ଶରୀର ହେଉଛି କ୍ଷଣସ୍ଥାୟୀ । ଯାହାର ଆତ୍ମୋପଲବ୍ଧି ହୋଇଛି ତାଙ୍କ ପାଇଁ ପାଉଁଶ ପାଲଟି ଯାଏ ବିଭୂତି । ସେ ସମସ୍ତ ଅଶୁଭ ଖଣ୍ଡନ କରନ୍ତି ।

ବାହାର ଦୁନିଆର ମୋହମାୟା ଆସକ୍ତି ସବୁ କିଛି ନିଃଶେଷ ହୋଇଯାଏ ମଶାଣିରେ । ରହିଯାଏ ଖାଲି ଶୁଦ୍ଧ ଚୈତନ୍ୟ ଆତ୍ମା । ଏହିଭଳି ଆତ୍ମାମୟ ସ୍ଥାନଟି ହେଉଛି ଶିବଙ୍କର ଲୀଳାବିଳାସ କ୍ଷେତ୍ର । ଆତ୍ମଚେତନା ଆନନ୍ଦମୟ । ଆଶିଷପୂର୍ଣ୍ଣ । ଜୀବନରେ ଯେତେ ଯାହା କଲେ ମଧ୍ୟ ଯିଏ ଯାହା ହେଲେ ମଧ୍ୟ ଶେଷରେ ଦିନେ ନା ଦିନେ ମଶାଣିରେ ପହଞ୍ଚିବା ଯେମିତି ଅନିବାର୍ଯ୍ୟ, ଠିକ୍ ସେହିପରି ଅଜ୍ଞାନତା ହେତୁ ଜନ୍ମମୃତ୍ୟୁର ଚକ୍ରରେ ଘୂରିବୁଲିଲେ ମଧ୍ୟ ଶେଷରେ ଦିନେ ନା ଦିନେ ଜ୍ଞାନ ଉଦୟ ହେତୁ ଆନନ୍ଦମୟ ଆତ୍ମଚେତନାର ରାଜ୍ୟରେ ଜଣେ ନିଶ୍ଚୟ ପହଞ୍ଚିବ ତାହା ବି ସତ୍ୟ । ତାହା ହିଁ ଆତ୍ମାର ବାସ୍ତବ ଗତି । ପ୍ରକୃତ ସ୍ୱରୂପ । ଶିବ ତ୍ରିଭୁବନ ବିଜୟୀ ହେଲେ ମଧ୍ୟ ପ୍ରେତାଧିବାସୀ-ଅର୍ଥାତ୍ ଯେତେ ବଡ଼ ହେଲେ ମଧ୍ୟ କଳଙ୍କ କାହାକୁ ଛାଡି ନଥାଏ । ନିନ୍ଦାରେ ବ୍ୟଥିତ ନହେବା ପାଇଁ ଏଥିରୁ ପ୍ରେରଣା ମିଳେ । ପୁନଶ୍ଚ ଶିବଙ୍କ ବର୍ଣ୍ଣ ଶୁଭ୍ର, ଦେହରେ ପ୍ରଲେପିତ ଭସ୍ମ ମଧ୍ୟ ଶୁଭ୍ର । ଏହି ଶୁଭ୍ରତା ଆମ୍ଭମାନଙ୍କୁ ନିର୍ମଳ ହୃଦୟ ଓ ସତ୍ ଚିନ୍ତା ସମ୍ପର୍କରେ ସଙ୍କେତ ଦିଏ । ପୁନଶ୍ଚ ଶିବ ନରମୁଣ୍ଡମାଳ ଧାରଣ କରିଥା'ନ୍ତି । ତାହା ପଞ୍ଚାଶତ୍ ବର୍ଣ୍ଣମାଳା ଓ ସୃଷ୍ଟିର ପ୍ରତୀକ ।

**ଶିବ ତ୍ରିଲୋଚନ ହେବା ପଛରେ କାହାଣୀ-** ଶିବ ତ୍ରିଲୋଚନ ତ୍ର୍ୟମ୍ବକ ରୂପେ ପରିଚିତ । ତୃତୀୟ ନୟନ ସୃଷ୍ଟି ସମ୍ପର୍କରେ ଏକ ପୌରାଣିକ କାହାଣୀ ରହିଛି । ପିତା ମହର୍ଷି ଜମଦଗ୍ନିଙ୍କ ପରାମର୍ଶରେ ପୁତ୍ର ପରଶୁରାମ କୈଳାସରେ ତପସ୍ୟା କଲେ । କୈଳାସପତି ପରଶୁରାମଙ୍କ ତପସ୍ୟା ଓ ବୀରତ୍ୱରେ ପ୍ରସନ୍ନ ହେଲେ । ତାଙ୍କୁ ଶାସ୍ତ୍ରବିଦ୍ୟା ଶିକ୍ଷା ଦେଲେ । ବାଞ୍ଛିତ ଶସ୍ତ୍ର ପ୍ରଦାନ କରି ଆଶୀର୍ବାଦ ଦେଲେ । ସକଳ ବିଦ୍ୟାରେ ପାରଙ୍ଗମ ହୋଇ ଫେରିବା ବେଳେ ବାଟରେ ଏକ ଅପ୍ରତ୍ୟାଶିତ ଘଟନା ଘଟିଲା । ହଠାତ୍ ଜଣେ ଯୁବକ ତ୍ରିଶୂଳ ଧରି ପରଶୁରାମଙ୍କ ପଥ ଓଗାଳିଲେ । ଉଭୟଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧର ସୂତ୍ରପାତ ହେଲା । ପରଶୁରାମ କ୍ରୋଧ ଜର୍ଜରିତ ହୋଇ ଯୁବକଙ୍କ ମଥାରେ ଜୋରରେ ପ୍ରହାର କଲେ । ଯୁବକଙ୍କ କପାଳରୁ ଝରଝର ହୋଇ ରକ୍ତ ବହିବାକୁ ଲାଗିଲା । ଯୁବକ ସ୍ୱୟଂ ସ୍ୱରୂପ ତ୍ୟାଗ କରି ଦେବାଧିଦେବ ମହାଦେବଙ୍କ ରୂପରେ ଆବିର୍ଭୂତ ହେଲେ । ପ୍ରସନ୍ନ ହୋଇ କହିଲେ- ବତ୍ସ ! ମୁଁ ତୁମର ଶସ୍ତ୍ର ଜ୍ଞାନ ପରୀକ୍ଷା କରୁଥିଲି । ତୁମେ ମୋତେ ପରାଜିତ କରିଥିବାରୁ ଗୁରୁ ହିସାବରେ ମୁଁ ଗର୍ବିତ ଓ ଆନନ୍ଦିତ । ମୋର ମସ୍ତକର ଯେଉଁ ସ୍ଥାନରେ ତୁମେ ଆଘାତ ଦେଲ ତାହା ଆଜିଠାରୁ ମୋର ତୃତୀୟ ନେତ୍ର ହେବ । ତୁମେ ପିତାଙ୍କ ଶତ୍ରୁ ଅତ୍ୟାଚାରୀ ରାଜା ସହସ୍ରବାହୁଙ୍କୁ ନିଶ୍ଚିତ ପରାଜିତ କରିବ ।

ସେହି ଦିନଠାରୁ ଶିବଙ୍କର ତିନୋଟି ନେତ୍ରକୁ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କ ପ୍ରତୀକ ରୂପେ ମାନ୍ୟତା ଦିଆ ଯାଇଛି । ସୃଷ୍ଟିର ପ୍ରଳୟ କାଳରେ ତାମସିକ ପ୍ରବୃତ୍ତିକୁ ଦୂର କରିବା ପାଇଁ ମହାକାଳ ଶିବ ରୁଦ୍ର ରୂପ ଧାରଣ କରନ୍ତି । ତାଣ୍ଡବ ନୃତ୍ୟ କରି ସମସ୍ତ ବ୍ରହ୍ମାଣ୍ଡକୁ ନିଜର ତୃତୀୟ ନେତ୍ରର ଜ୍ୱାଳାରେ ଭସ୍ମ କରି ଦିଅନ୍ତି । ମଣିଷର ସ୍ୱପ୍ନ-ଜାଗୃତି-ସୁଷୁପ୍ତି(ସୁଷୁପ୍ତି ଏକ ଅବସ୍ଥା ଯେତେବେଳେ ଜୀବ ସମସ୍ତ ଦୁଃଖରୁ ନିବୃତ୍ତ ହୋଇ ସୁଖ ଅନୁଭବ କରିବାକୁ ଲାଗେ)- ଏହି ତିନୋଟି ଅବସ୍ଥା ମଧ୍ୟ ନେତ୍ରତ୍ରୟରୁ ସୂଚିତ ହୋଇଥାଏ । ପଦାର୍ଥ ପ୍ରାଣ ଓ ମନ- ଶିବଙ୍କଠାରେ ସମ୍ମିଳିତ ରୂପେ ନିହିତ । କେହି ଏହାକୁ ତିନି ବେଦର ସଙ୍କେତ କହିଲା ବେଳେ ଅଧିକାଂଶ ତ୍ରିବିଧ ଶକ୍ତିର ପ୍ରତୀକ ରୂପେ ଗ୍ରହଣ କରିଥା'ନ୍ତି । ବାମ ନେତ୍ର ଇଚ୍ଛା, ଦକ୍ଷିଣ ନେତ୍ର କ୍ରିୟା ଓ ତୃତୀୟ ନେତ୍ର ଜ୍ଞାନ ଶକ୍ତିର ପ୍ରତିନିଧି ଅଟନ୍ତି ।

**ଶିବଙ୍କ ଜଟାର ମୂଲ୍ୟ ଅକଳନୀୟ–** ଶିବଙ୍କ ମଥାରେ ଶୋଭା ପାଉଛି ଶୁଖିଲା, ନୁଖୁରା କହରା ଜଟା । ଇନ୍ଦ୍ରାଣୀ, ସରସ୍ୱତୀ ଓ ମହାଲକ୍ଷ୍ମୀ ପିନ୍ଧିଥିବା ଅଳଂକାର ଦେଖି ପାର୍ବତୀ ତାଦୃଶ ଅଳଂକାରରେ ମଣ୍ଡିତ ହେବାର ଇଚ୍ଛା ଶିବଙ୍କ ନିକଟରେ ପ୍ରକାଶ କଲେ । ଶଙ୍କର ନିଜ ଜଟାରୁ ଖଣ୍ଡିଏ ଛିଣ୍ଡାଇ ପାର୍ବତୀଙ୍କୁ ଦେଲେ । ଇନ୍ଦ୍ରଙ୍କ ପାଖକୁ ଯାଇ ଏହା ମୂଲ୍ୟର ଗହଣା ଆଣିବାକୁ କହିଲେ । ଇନ୍ଦ୍ର ପାର୍ବତୀଙ୍କ ବିଶ୍ୱକୋଷାଗାରର ମାଲିକ କୁବେରଙ୍କ ପାଖକୁ ନେଇ ଅଭିପ୍ରାୟ ଜଣାଇଲେ । ବିଶ୍ୱାଗାରର ସମସ୍ତ ସୁନା, ହୀରା ଓ ମୁକ୍ତାଦି ବିରାଟ ତୁଳା ଦଣ୍ଡର ଗୋଟିଏ ପଲାରେ ଓ ଶିବଙ୍କ ଜଟା ଅନ୍ୟ ଏକ ପଲାରେ ରଖାଗଲା । ମାତ୍ର ଜଟାପଲା ଟିକେ ଉଠିଲା ନାହିଁ । ଶେଷରେ ମହାଲକ୍ଷ୍ମୀ ଓ ଇନ୍ଦ୍ରାଣୀଙ୍କର ସମସ୍ତ ଅଳଂକାର ମଗାଯାଇ ରଖାଗଲା । ଦେଖାଗଲା ପୂର୍ବାବସ୍ଥାରେ କିଛି ପରିବର୍ତ୍ତନ ହେଲା ନାହିଁ । ପାର୍ବତୀଙ୍କର ମୋହ ଭାଙ୍ଗିଲା । ସେ ଶିବଙ୍କ ଜଟାର ମୂଲ୍ୟ ବୁଝିପାରିଲେ । ଏହା ହେଉଛି ସମସ୍ତ ତ୍ୟାଗ ଓ ତପସ୍ୟାର ଗୌରବରେ ମଣ୍ଡିତ । ପାର୍ବତୀଙ୍କର ଅନୁଭବ ହେଲା ସ୍ତ୍ରୀର ସୁଖ କୁବେର ପୁର ବା ବୈକୁଣ୍ଠ ପୁରରେ ନାହିଁ , ସ୍ୱାମୀର କୁଡ଼ିଆରେ ଅଛି । ଶିବଙ୍କ ଜଟା ସମସ୍ତ ତ୍ୟାଗ ଓ ତପସ୍ୟାର ଗୌରବରେ ମଣ୍ଡିତ ।

ତାଙ୍କ ଲଲାଟରେ ଭସ୍ମର ତିନୋଟି ରେଖା(ତ୍ରିପୁଣ୍ଡ୍ର) ଲୋକବାସନା, ଦେହବାସନା ଓ ଶାସ୍ତ୍ରବାସନାକୁ ନିଃଶେଷ କରିବାକୁ ସଙ୍କେତ ଦେଇଥାଏ । ଶିବଙ୍କ ଭାଲ ପଟରେ ତ୍ରିଧାର ବିଭୂତି ବିଲେପନ କରିଥା'ନ୍ତି । ଏହା ସମଗ୍ର ଭକ୍ତ ସମାଜକୁ ହିଂସା, ବାସନା ଓ ମାୟା ତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥାଏ ।

**ଶିବଙ୍କ ଜଟାରେ ପୁଣ୍ୟତୋୟା ଗଙ୍ଗା ପ୍ରବାହିତ –** ଭଗୀରଥ ତପସ୍ୟା ବଳରେ ବିଷ୍ଣୁଙ୍କ ପାଦର କାଣି ଆଙ୍ଗୁଠିର ନଖ କୋଣରେ ଥିବା ଗଙ୍ଗାଙ୍କୁ ସନ୍ତୁଷ୍ଟ କରିଥିଲେ । ଶିବଙ୍କ ଜଟା ଦେଇ ଭୂପୃଷ୍ଠକୁ ଆସିଲେ । ତିନି ଭାଗରେ ବିଭକ୍ତ ହୋଇ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳବାସୀଙ୍କୁ ଉଦ୍ଧାର କଲେ । ଗଙ୍ଗା ପବିତ୍ରକାରିଣୀ । ସେ କଳ୍ପଲତା । ପତିତ ଉଦ୍ଧାରିଣୀ । କଳୁଷ ବିନାଶିନୀ । ନରକ ନିବାରିଣୀ । ସୁଖଦା । ଶୁଭଦା । କୁମତି ହାରିଣୀ । ସୁରେସ୍ୱରୀ । ତାଙ୍କର ସଂସ୍ପର୍ଶରେ ଆସି ରୁଦ୍ର, ବ୍ରହ୍ମା ଓ ହିମାଳୟ ଉଦ୍ଧାର ପାଇବା ସଙ୍ଗେ ସଙ୍ଗେ ଭଗୀରଥ ଓ ଜହ୍ନୁଙ୍କ ବଂଶକୁ ପାବନ କରି ଦେଇଥିଲେ । ଗଙ୍ଗା ସ୍ନାନକାରୀ, ଗଙ୍ଗା ଦର୍ଶନ କାରୀ ଏବଂ ଗଙ୍ଗାଜଳରେ ଆଚମନ କରିବା ବ୍ୟକ୍ତି ମୁକ୍ତି ପାଇଥା'ନ୍ତି । ଗଙ୍ଗାକୁ ଧ୍ୟାନ କଲେ, ତାଙ୍କ ନାମ କୀର୍ତ୍ତନ କଲେ ଏବଂ ଗଙ୍ଗାଜଳରେ ଯାହାର ଅସ୍ଥି ବିସର୍ଜନ କରାଯାଏ ସେମାନେ ବୈକୁଣ୍ଠରେ ବାସ କରନ୍ତି । ଗଙ୍ଗାକୂଳରେ ବାସ କଲେ, ଗଙ୍ଗାଜଳ ପାନ କଲେ କିମ୍ବା ତା' ତଟରେ ମୃତ୍ୟୁ ଲଭିଲେ ମାନବ ଭବସାଗରରୁ ପାର ହୋଇଯାଏ । ଏହିପରି ମହିମାମୟୀ ଗଙ୍ଗାଙ୍କର ପ୍ରବାହଜନିତ ଆଘାତକୁ ଜଟାରେ ଧାରଣ କରି ଶଙ୍କର ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରୁଛନ୍ତି ।

**ଗଙ୍ଗାଜଳ ଶାନ୍ତି ଓ ପବିତ୍ରତାର ଇଙ୍ଗିତ ବହନ କରେ–** ପୁଣ୍ୟତୋୟା ଗଙ୍ଗାର ଅମୃତଧାରା ଅମରତ୍ୱର ସଙ୍କେତ ଦିଏ । ଗଙ୍ଗାଜଳର ଶୀତଳତା ଇଙ୍ଗିତ ଦିଏ ଯେ ସଂସାରର ରୋଗ ଶୋକ ତାପ ପାପର ଦାବାନଳରେ ମଣିଷ ଦଗ୍ଧ ହେଲାବେଳେ ଶଙ୍କରଙ୍କୁ ସ୍ମରଣ କଲେ ଗଙ୍ଗାଜଳ ପରି ମନ ଶାନ୍ତ  ଶୀତଳ ଓ ସ୍ନିଗ୍ଧ ହୋଇ ଯାଏ । ବାସ୍ତବ ଦହନ ମନ ପ୍ରାଣ ହୃଦୟରେ ହେଉଥାଏ, ବାହ୍ୟ ସଂସାରରେ ନୁହେଁ । ମନରୁ ଅପବିତ୍ର ଜଳ ଧୋଇ ହୋଇ ଗଲେ ଚିତ୍‌ଶକ୍ତିର ଉଦ୍ରେକ ଘଟେ । ପ୍ରଜ୍ଞାର ସ୍ଫୁରଣ ହୁଏ । ଗଙ୍ଗା ଏକ ପ୍ରବାହ । ପ୍ରବାହ ଅସ୍ଥିର । ଏହା ଆମକୁ ସୂଚାଇ ଦେଇଥାଏ ଯେ ଦୁନିଆ ସହିତ ସବୁ ସମ୍ପର୍କ ଅସ୍ଥିର । କିନ୍ତୁ ଗଙ୍ଗାଙ୍କ ପରି ଶିବଙ୍କ ସହ ହୃଦୟର ସହ ସମ୍ପର୍କ ଯୋଡ଼ି ପାରିଲେ ସେହି ସମ୍ପର୍କ ହୁଏ ସୁସ୍ଥିର ।

**ଚନ୍ଦ୍ରଶେଖରଙ୍କ ଚନ୍ଦ୍ର ମାନସିକ ବୃଦ୍ଧି ଓ ବିକାଶର ଇସାରା ଦିଏ –** ଶିବଙ୍କ ଜଟାରେ ଦ୍ୱିତୀୟା ଚନ୍ଦ୍ର ଶୋଭା ପାଉଛି । ତେଣୁ ତାଙ୍କୁ ଚନ୍ଦ୍ରଚୂଡ଼ ଓ ଚନ୍ଦ୍ରଶେଖର କୁହାଯାଏ । ଦ୍ୱିତୀୟା ଚନ୍ଦ୍ରକୁ ଯାହା ମାଗିଲେ ତାହା ମିଳେ ବୋଲି ପ୍ରବାଦ ଅଛି । ତେଣୁ ଏହା ଦ୍ୱାରା ଶିବଙ୍କ ଆଶୁତୋଷ ନାମ ସାର୍ଥକ ହୋଇଥାଏ । ଏହା ଦେଖିବାକୁ ନବଜାତ କୋମଳ ଶିଶୁ ପରି । ଜୀବନର ସମସ୍ତ ଜ୍ୟୋତି ଓ ଗୌରବର ସମ୍ଭାବନାରେ ଏହା ପରିପୂର୍ଣ୍ଣ । ପୂର୍ଣ୍ଣଚନ୍ଦ୍ର ଅପେକ୍ଷା ଦ୍ୱିତୀୟା ଚନ୍ଦ୍ରର ମହତ୍ତ୍ୱ ଅଧିକ । ପୂର୍ଣ୍ଣଚନ୍ଦ୍ର କଳା ପ୍ରତିଦିନ ହ୍ରାସ ପାଉଥାଏ । ଏପରିକି ଅମାବାସ୍ୟାରେ ନିଶ୍ଚିହ୍ନ ହୋଇଯାଏ । ସୁତରାଂ ପୂର୍ଣ୍ଣମୀ ଚନ୍ଦ୍ରର ବିନାଶ ଅଛି । ଦ୍ୱିତୀୟା ଚନ୍ଦ୍ର ପ୍ରତ୍ୟହ ବୃଦ୍ଧି ପାଇ ପୂର୍ଣ୍ଣମୀ ତିଥିରେ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଜୀବନ ସନ୍ଧ୍ୟାରେ ପ୍ରତ୍ୟେକଙ୍କର ପୂର୍ଣ୍ଣତାରେ ଆବଶ୍ୟକତା ରହିଛି । ପ୍ରକୃତ ମଣିଷ ଜୀବନ ବିକାଶର ଅପେକ୍ଷା ରଖେ । ଏହା ଦ୍ୱିତୀୟ ଚନ୍ଦ୍ର ସୂଚାଇ ଦେଇଥାଏ । ଚଦି(ଆହ୍ଲାଦେ) ଧାତୁରୁ ଚନ୍ଦ୍ର ଶବ୍ଦ ସିଦ୍ଧ ହୁଏ । ଯଃ ଚନ୍ଦତି ବା ଚନ୍ଦୟତି(ଆହ୍ଲାଦୟତି) ସଃ ଚନ୍ଦ୍ରଃ । ପରମେଶ୍ୱର ଚିଦାନନ୍ଦ ସ୍ୱରୂପ ହୋଇ ଥିବାରୁ ଏବଂ ସମସ୍ତଙ୍କୁ ଆନନ୍ଦ ଦେଉ ଥିବାରୁ ତାଙ୍କ ନାମ ଚନ୍ଦ୍ର ଅଟେ । ଚନ୍ଦ୍ର ହେଉଛି ମନର ଅଧିଷ୍ଠିତ ଦେବତା । ମନ ପାର୍ଥିବ ଜଗତର ପ୍ରତୀକ । ମନ ଏବ ମନୁଷ୍ୟାଣାଂ କାରଣଂ

ବନ୍ଧମୋକ୍ଷୟୋଃ । ମନ ଜଗତ ସହିତ ଆମକୁ ବାନ୍ଧି ରଖେ କିମ୍ବା ଜଗତଠାରୁ ଆମକୁ ମୁକ୍ତ କରେ । ତେଣୁ ମନ ହିଁ ବନ୍ଧନ ବା ମୋକ୍ଷର କାରଣ ଅଟେ । ବାୟୁ ପରି ସୁଦୁଷ୍କର ତାକୁ ନିୟନ୍ତ୍ରଣ କରିବା ସଂକଳ୍ପରେ ଶିବରାତ୍ରି ଦିନ ବିଧି ଅନୁଯାୟୀ ଜାଗର ଜାଳି ଉଜାଗର ରହିବାକୁ ପଡ଼େ । ମନର ସଂଯମ ଅଭ୍ୟାସ ଶିବରାତ୍ରି ପାଳନର ସନ୍ଦେଶ ଅଟେ । ପୁନଶ୍ଚ ଚନ୍ଦ୍ରମା ନିଜଠାରେ ଥିବା କଳଙ୍କକୁ ନପୋଛି ସମସ୍ତ ଜୀବଲୋକକୁ ଧବଳିତ କରୁଥାଏ । ଯେଉଁମାନେ ସଜ୍ଜନ ସେମାନେ ନିଜ କାର୍ଯ୍ୟ ଛାଡ଼ି ପର ହିତରେ ନଜର ଦେଇ ହିତସାଧନରେ ନିରତ ଥା'ନ୍ତି । ମନରୁ ଜାତ ମନୋଭବ କାମକୁ ଶିବ ଧ୍ୱଂସ କରିବାର ଉପାଖ୍ୟାନ ମଣିଷକୁ ସଂଯମୀ ହେବାର ଇଙ୍ଗିତ ଦେଇଥାଏ । ଶିବଙ୍କ ଚୂଡ଼ାରେ ଚନ୍ଦ୍ର ଓ ଗ୍ରୀବାରେ ବିଷ ସୂଚନା ଦିଏ ଯେ ଜଣେ ବ୍ୟକ୍ତିର ଜୀବନ ଯାତ୍ରାରେ ଭଲମନ୍ଦ ଯେତେ ଆସିଲେ ମଧ୍ୟ ସେ ନିଜ ଅଭ୍ୟନ୍ତରରେ ସନ୍ତୁଳନ ରକ୍ଷା କରି ସମସ୍ତ ଯନ୍ତ୍ରଣା ଓ ଆନନ୍ଦକୁ ଗ୍ରହଣ କରିବା ବିଧେୟ ।

ମୃଗ ଚର୍ମ ଶଙ୍କର ଦେହରେ ପରିଧାନ କରିଥା'ନ୍ତି । ମନ ଏକ ପଶୁ ପରି । ମୃଗ ପରି ସେ ସ୍ୱଭାବରେ ଅସ୍ଥିର ଓ ସ୍ୱେଚ୍ଛାବିହାରୀ । ସବୁବେଳେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଡ଼େଇଁଥାଏ । ମନ ସବୁଠାରୁ କ୍ଷିପ୍ର ବେଗରେ ଗତି କରେ । ତେଣୁ ବେଦରେ ମନକୁ 'ଜବିଷ୍ଠଂ' ବୋଲି କୁହାଯାଇଛି । ସେ ସବୁଠାରୁ ବଡ଼ ବୀର । ତୀବ୍ରଗାମୀ । ମନ ସ୍ଥିର ହେଲେ ଜ୍ଞାନର ଦ୍ୱାର ଖୋଲେ । ସେହି ଆମର ମନ ସବୁବେଳେ ଶିବସଂକଳ୍ପ ହେଉ ବୋଲି ଆର୍ଯ୍ୟଋଷି ଆକୁଳ ଭାବରେ ପ୍ରାର୍ଥନା କରିଛନ୍ତି । ବାଘକୁ ମାରି ତା'ର ଚମଡ଼ା ବିଛାଇ ତା' ଉପରେ ଧ୍ୟାନମଗ୍ନ ଥା'ନ୍ତି ଶଙ୍କର । ବାଘ ହେଉଛି ଏକ ହିଂସ୍ର ଓ ଅହଂକାରୀ ପଶୁ । ଅହଂକାର ହେଉଛି ବାଘ ପରି ପାଶବିକ ଓ କ୍ଷତିକାରକ । ଆକ୍ରମିତ ହେଲେ ଭୟଙ୍କର ହୋଇ ଉଠେ । ଯୁଦ୍ଧ କରେ । ସୁତରାଂ ଅହଂକାରକୁ ଦମନ କରି ସମୂଳେ ବିନାଶ କଲେ ଶିବଭକ୍ତ ଶିବଙ୍କ ସଦୃଶ ହୋଇ ପାରିବ ।

ପୁନଶ୍ଚ ଶିବଙ୍କ ଚୂଡ଼ାରେ ଚନ୍ଦ୍ର ଓ ଗ୍ରୀବାରେ ବିଷ ସୂଚନା ଦିଏ ଯେ ଜଣେ ବ୍ୟକ୍ତିର ଜୀବନରେ ଭଲମନ୍ଦ ଯେତେ ଆସିଲେ ମଧ୍ୟ ସେ ନିଜେ ଅଭ୍ୟନ୍ତରରେ ସନ୍ତୁଳନ ରକ୍ଷା କରି ସମସ୍ତ ଯନ୍ତ୍ରଣା ଓ ଆନନ୍ଦକୁ ଗ୍ରହଣ କରିବା ବିଧେୟ ।

**ସର୍ପ ଅସୁମାରୀ ସମ୍ଭାବନା ଓ ସତର୍କତାର ସୂଚନା ଦିଏ–** ଶଙ୍କରଙ୍କର ଆଉ ଗୋଟିଏ ଅଙ୍ଗଭୂଷଣ ହେଲା ସର୍ପ । ଶିବ ଏହାକୁ ଯଜ୍ଞୋପବିତ ରୂପେ ଧାରଣ କରିଥା'ନ୍ତି । ସାପର ନାମ ଅନନ୍ତ (ବାସୁକି) । ତା'ର ଆଦି ନାହିଁ କି ଅନ୍ତ ନାହିଁ । ତା'ର ସହସ୍ର ଫଣା ଅସୁମାରୀ ସମ୍ଭାବନାର ପ୍ରତୀକ । ସର୍ପ ଚକ୍ଷୁର ଉପରେ ପତା ନଥାଏ । ଆଖି ସବୁବେଳେ ଖୋଲା । ଏହା ସଦା ଜାଗରଣ ରହି ଯାହା ସତ୍ୟ ତାହା ଦର୍ଶନ କରିବାକୁ ଇସାରା ଦେଇଥାଏ । ସାପର କାନ ବାହାରକୁ ଦେଖାଯାଏ ନାହିଁ । ଯେଉଁମାନେ ପ୍ରକୃତରେ ଶିବଭକ୍ତ ସେମାନେ ମହତ ନିନ୍ଦା ଓ ମନ୍ଦକଥା ଶୁଣିବା ପାଇଁ କର୍ଣ୍ଣହୀନ ହୋଇଯିବା ଆବଶ୍ୟକ । ସାପ ବାୟୁସଂଚାଳିତ ଶବ୍ଦକୁ ଆଦୌ ଶୁଣି ପାରେ ନାହିଁ । କିନ୍ତୁ କୌଣସି ଶବ୍ଦ ଭୂମିରେ କମ୍ପନ ସୃଷ୍ଟି କଲେ ତାହା ସହଜରେ ଚର୍ମତଳେ ଥିବା ଅନ୍ତଃକର୍ଣ୍ଣ ଦ୍ୱାରା ଗୃହୀତ ହୁଏ । ସାପର କାନ ନଥିବାରୁ ସେ ଚକ୍ଷୁରେ ଶୁଣେ ବୋଲି କେତେକ କହନ୍ତି । ସେ ଚକ୍ଷୁଶ୍ରବା । ଏହା ଅସମ୍ଭବ । ସେ ଭୂମିରୁ ଶବ୍ଦ ତରଙ୍ଗ ଅନୁଭବ କରି ଅନ୍ୟ ବିଷୟରେ ଜାଣେ ଓ ବାହାର ଦୃଶ୍ୟ ଆଖିରେ ଦେଖି ଜ୍ଞାନ ଆହରଣ କରେ । ପ୍ରକୃତିର ଏହି ବ୍ୟବସ୍ଥାକୁ ମଣିଷକୁ ଏହି ଶିକ୍ଷା ମିଳିଥାଏ ଯେ କୌଣସି ଉଡ଼ା ଖବରକୁ ଗ୍ରହଣ ନକରି ଆଧାରଯୁକ୍ତ କଥାକୁ ମଣିଷ ବିବେକ ବିଚାର ପୂର୍ବକ ଗ୍ରହଣ କରିବା ବିଧେୟ ।

ସାପ ନିଜେ ଗାତ ନକରି ଅନ୍ୟ ଦ୍ୱାରା କରାଯାଇଥିବା ଗାତରେ ରହେ । ଏହା ଦ୍ୱାରା ସୂଚିତ ହୁଏ ଯେ ହୃଦୟ ମଣିଷ ସୃଷ୍ଟି କରି ନଥାଏ । କିନ୍ତୁ ଭଗବାନ ସଦାଶିବ ପ୍ରଦତ୍ତ ହୃଦୟର ଗୁମ୍ଫାରେ ବାସ କଲେ ସେ ନିରାପଦରେ ରହିପାରେ । ସାପର ନାକ ନଥାଏ । କିନ୍ତୁ ଜିଭଟାକୁ ଅସଲ ନାକ ଭାବେ ବ୍ୟବହାର କରେ । ଜିଭଟାକୁ ସବୁ ବେଳେ ବାହାରକୁ କାଢି ଲହ ଲହ କରୁଥାଏ । ଜିଭ ସାହାଯ୍ୟରେ ଯେକୌଣସି ଗନ୍ଧ ବାରିପାରେ ଏବଂ ପବନର ତରଙ୍ଗ ଜାଣିପାରେ । ଏଥିରୁ ସୂଚନା ମିଳେ ଯେ ମଣିଷ ସାମାନ୍ୟ ସଜାଗ ଓ ସତର୍କ ରହିଲେ ଆସୁଥିବା ବିପଦର ଆଘ୍ରାଣ କରିପାରେ ଓ ତାକୁ ଏଡ଼ାଇବା ପାଇଁ ସେହି ଅନୁସାରେ ପ୍ରସ୍ତୁତି ରଖେ । ସାପର ଲମ୍ବ ଜିଭ ଶେଷ ଆଡ଼କୁ ଦୁଇ ଫାଳିଆ ହୋଇ ରହେ । ଦୁଇଟି ଜିଭ ଦୁଇ ପ୍ରକାର କଥା ନକହିବାକୁ ସୂଚନା ଦେଇଥାଏ । ଆମ ଲୋକେ ପରିସ୍ଥିତିରୁ ଫାଇଦା ଉଠାଇ ଲୋକଙ୍କ ମନଖୁସି କରିବା ପାଇଁ ଗୋଟିଏ ପ୍ରକାର କଥା କହି ଦିଅନ୍ତି, ମାତ୍ର ପର ମୁହୂର୍ତ୍ତରେ କହିଥିବା କଥାକୁ ଓ ଦେଇଥିବା ପ୍ରତିଶ୍ରୁତିକୁ ଅସ୍ୱୀକାର କରନ୍ତି । ତାହା ହେଉଛି ଦ୍ୱିଜିହ୍ୱତା । ସେଥିପାଇଁ ଅଭିଧାନରେ ସାପ ସହିତ ଚୋର ଓ ଖଳ ଲୋକମାନଙ୍କୁ ଦ୍ୱିଜିହ୍ୱ ବୋଲି କୁହାଯାଇଛି ।

ଶିବଙ୍କ ଦେହ ଓ ହାତ ସାରା ସାପ ଗୁଡ଼େଇ ହୋଇ ରହିଛି । ଏହା ମଣିଷ ଭିତରେ ଥିବା କୁଣ୍ଡଳିନୀ ଶକ୍ତି ଜାଗରଣ କରିବାର

ଇଙ୍ଗିତ ଦେଇଥାଏ । ଶିବ ବିଷବଳୟ ମଧ୍ୟରେ ରହିଥା'ନ୍ତି । କଣ୍ଠରେ ବିଷ । ଦେହ ଉପରେ ବିଷ । ହେଲେ ବିଷକୁ ଭିତରକୁ ନେଇ ନିଜକୁ ବିଷାକ୍ତ କରି ନାହାଁନ୍ତି । ଅତଏବ ଯିଏ ଶିବଭକ୍ତ ସିଏ ସଂସାରର ବିଷୟବିଷକୁ ଦେହ ଭିତରକୁ ନନେଇ ମନ ହୃଦୟ ଓ ପ୍ରାଣରେ ନ ଭେଦାଇ ବାହାରେ ବାହାରେ ଅତି ବେଶିରେ କଣ୍ଠ ଦେଶରେ ଲୀନ କରିଦେବା ଉଚିତ । ଏଥିରେ ନିଜର ତଥା ସଂସାରର କଲ୍ୟାଣ ସାଧିତ ହୋଇଥାଏ । ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ ଶିବ ବିଷର ବଳୟ ମଧ୍ୟରେ ରହିଲେ ମଧ୍ୟ କେବେ ବିଷ ଉଦ୍‌ଗାର କରି ନାହାଁନ୍ତି । ସଦାଶିବ ରୂପେ ନିଜକୁ ପରିଚୟ ଦେଇ ସମସ୍ତଙ୍କୁ ଅମୃତର ସ୍ୱାଦ ଚାଖିବାର ସୁଯୋଗ ଦେଇ ଚାଲିଛନ୍ତି । ଏଥିରୁ ବଳି ବଡ଼ ଶିବ ସନ୍ଦେଶ କ'ଣ ଥାଇ ପାରେ ?

**ଡ଼ମ୍ବରୁ ଶବ୍ଦ ବ୍ରହ୍ମ ଓ ସକଳ ଶାସ୍ତ୍ରର ପ୍ରତୀକ–** ଏହି ସଂସାର ଶବ୍ଦରୁ ଉତ୍ପନ୍ନ ଓ ଶବ୍ଦରେ ତିଷ୍ଠି ରହିଛି । ଏହି ବିଶ୍ୱ ହେଉଛି ନାଦର ପରିବର୍ତ୍ତିତ ରୂପ । ନାଦ ହେଉଛି ଅବ୍ୟକ୍ତ ଓ ବ୍ୟକ୍ତ ମଧ୍ୟରେ ସେତୁ । ଧ୍ୱନି ହିଁ ସୂକ୍ଷ୍ମରୁ ସ୍ଥୂଳ ପର୍ଯ୍ୟାୟକୁ ଚେତନାର ଗତିର ପ୍ରଥମ ସଙ୍କେତ । ଯାହା କର୍ଣ୍ଣରେ ଉପଲବ୍ଧି କରାଯାଏ, ବୁଦ୍ଧି ଦ୍ୱାରା ଗ୍ରହଣ କରାଯାଏ, ପ୍ରୟୋଗ ଦ୍ୱାରା ପ୍ରକାଶିତ ହୁଏ ଓ ଆକାଶରେ ଅବସ୍ଥିତ ତାକୁ ଶବ୍ଦ କୁହାଯାଏ । ଶବ୍ଦ ଅମର । ଚିରନ୍ତନ । ପରଂବ୍ରହ୍ମ । ଶବ୍ଦ ହିଁ ବ୍ରହ୍ମ । ବିଷ୍ଣୁଙ୍କର ଶଙ୍ଖ, କୃଷ୍ଣଙ୍କର ବେଣୁ ପରି ଶିବଙ୍କର ଡ଼ମ୍ବରୁ ହେଉଛି ଶବ୍ଦ ବ୍ରହ୍ମର ପ୍ରତୀକ । ଶଙ୍କର ଉପର ହାତରେ ଡ଼ମ୍ବରୁ ଧାରଣ କରିଥା'ନ୍ତି । ଶବ୍ଦରୁ ସମସ୍ତ ଭାଷା, ସମସ୍ତ ସଂଗୀତ, ସମସ୍ତ ସ୍ୱର, ସମସ୍ତ ବିଦ୍ୟା ଓ ଜ୍ଞାନର ଉଦ୍ଭବ । ପ୍ରବାଦ ଅଛି, ଜ୍ଞାନ ଲିପ୍ସାରେ ପାଣିନି ତପସ୍ୟା କରନ୍ତେ ଶଙ୍କର ପ୍ରୀତ ହେଲେ । ସ୍ୱୟଂ ଆବିର୍ଭୂତ ହୋଇ ଆନନ୍ଦରେ ତାଣ୍ଡବ ନୃତ୍ୟ କଲେ । ତାଣ୍ଡବ ନୃତ୍ୟ ସମୟରେ ଚଉଦ ଥର ଡ଼ମ୍ବରୁ ବାଦନ କରିବା ଅବସରରେ ଅଇଉଣ୍ ଠାରୁ ହଲ୍ ପର୍ଯ୍ୟନ୍ତ ଶବ୍ଦଗୁଡ଼ିକ ଚଉଦ ଗୋଟି ସୂତ୍ରରେ ଆବଦ୍ଧ ହୋଇ ନିର୍ଗତ ହେଲା । ଏହି ଶବ୍ଦ ବ୍ୟାକରଣ ଶାସ୍ତ୍ରର ମୂଳ ସୂତ୍ର । ମହେଶ୍ୱରଙ୍କଠାରୁ ଆଗତ ବୋଲି ଏଗୁଡ଼ିକୁ ମାହେଶ୍ୱର ସୂତ୍ର କୁହାଯାଏ :

ନୃତ୍ତାବସାନେ ନଟରାଜରାଜୋ ନନାଦ ଢକ୍କାଂ ନବପଞ୍ଚବାରମ୍ ।
ଉଦ୍ଧର୍ତ୍ତୁକାମଃ ସନକାଦିସିଦ୍ଧାନେତଦ୍ ବିମର୍ଶେ ଶିବସୂତ୍ରଜାଲମ୍ ॥

ପୁନଶ୍ଚ ଡ଼ମ୍ବରୁର ଦୁଇଟି ତ୍ରିଭୁଜ ରହିଛି । ଗୋଟିଏ ପ୍ରକୃତି ଓ ଅନ୍ୟଟି ଶକ୍ତିର ପ୍ରତୀକ । ଏମାନେ ଏକାଠି ହେଲେ ସୃଷ୍ଟି ସମ୍ଭବ ହୋଇଥାଏ । ଏହି ସୃଷ୍ଟିର ଆଦ୍ୟଧ୍ୱନି ଓଁ । ଏହି ଓଁକାରରୁ ସଂସାରର ସୃଷ୍ଟି । ଅତଏବ ଏହି ସଂସାର ଶବ୍ଦ ନିଷ୍ଠ । ଈଶ୍ୱରଙ୍କ ହାତରେ ଶବ୍ଦ ନିଷ୍ଠ ସଂସାରର କାରଣ ବିଦ୍ୟମାନ । ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ ସେ ଶବ୍ଦ ରୂପୀ ବୋଲି ନିଜେ ଘୋଷଣା କରିଛନ୍ତି :

ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।
ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥

ଅର୍ଥାତ୍ କାରଣାତୀତ ଭଗବାନ୍ ସର୍ବବସ୍ତୁର କାରଣ ଅଟନ୍ତି । ଏହି ରୂପେ ସେ ସର୍ବବ୍ୟାପକ । ସେ ହେଉଛନ୍ତି ବେଦରେ ଓଁକାର, ସୂର୍ଯ୍ୟ ଚନ୍ଦ୍ରରେ ପ୍ରକାଶ. ଆକାଶରେ ଶବ୍ଦ, ଜଳରେ ରସ ଓ ମନୁଷ୍ୟଗଣରେ ପୌରୁଷ । ସ୍ରଷ୍ଟା ଚାହିଁଲେ ଶବ୍ଦ ରୂପୀ ସଂସାର ପ୍ରକାଶିତ ହୁଏ ଅନ୍ୟଥା ଅଜ୍ଞାନ ରୂପକ ଅନ୍ଧକାରରେ ଅପ୍ରକାଶିତ ହୋଇ ରହେ । ସେହିପରି ଜ୍ଞାନୀ ଚାହିଁଲେ ତାଙ୍କ ପାଇଁ ସଂସାର ଅଛି ଅନ୍ୟଥା ସଂସାରର ମୋହମାୟାରୁ ସେ ମୁକ୍ତ । ତାଙ୍କ ପାଇଁ ସଂସାରର ଅର୍ଥ କିଛି ନାହିଁ । ସୂର୍ଯ୍ୟର ଆଲୋକ ବାହାର ଦୁନିଆର ଅନ୍ଧକାର ହଟାଇବାକୁ ସମର୍ଥ । କିନ୍ତୁ ବାଣୀର ଆଲୋକ ହେଉଛି ପ୍ରକୃତ ଆଲୋକ, ଯାହାଦ୍ୱାରା ହୃଦୟର ଅନ୍ଧାର ଦୂର ହୋଇଥାଏ ।

ଶବ୍ଦ ବ୍ରହ୍ମର ଆଲୋଚନାକୁ ସାମାନ୍ୟ ଆଗେଇ ନେଇ କୁହାଯାଇପାରେ ବିଶ୍ୱବ୍ରହ୍ମାଣ୍ଡ ଅକ୍ଷରରୁ ହିଁ ସୃଷ୍ଟି । ପ୍ରଥମେ କିଛି ନଥିଲା । ଭଗବାନ ଶିବ କହିଲେ–ଏକୋଽହଂ ବହୁ ସ୍ୟାମ୍ । ମୁଁ ଏକା ଅଛି, ବହୁ ହେବି । ଏହି ଛଅଟି ଅକ୍ଷର ଉଚ୍ଚାରିତ ହେବାରୁ ସୃଷ୍ଟି ସମ୍ଭବ ହେଲା । ଅକ୍ଷର ସକଳ ବ୍ରହ୍ମାଙ୍କ ଆଗରୁ ଜାତ ହୋଇ ତାଙ୍କ ମନରେ ସୃଷ୍ଟିର ସଂକଳ୍ପ ଜାତ କରାଇଲା । ଏହି ଅକ୍ଷର ହିଁ ବେଦ । ଶାସ୍ତ୍ରମାନଙ୍କରେ ଶବ୍ଦବ୍ରହ୍ମଙ୍କ ପୂର୍ବରୁ ଥିଲା ବୋଲି ଶବ୍ଦବ୍ରହ୍ମ କୁହାଯାଏ । ଅର୍ଥାତ୍ ଆଗେ ଶବ୍ଦ ପଛେ ବ୍ରହ୍ମ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ କହନ୍ତି : First there was sound, then there was God .

**ତ୍ରିଦେବଙ୍କ ତିନି କ୍ରିୟା ଏକ ଚିରନ୍ତନ ପ୍ରକ୍ରିୟା ଅଟେ–** ଶଙ୍କରଙ୍କର ଗୋଟିଏ ହସ୍ତରେ ଡ଼ମ୍ବରୁ ରୂପକ ସୃଷ୍ଟିର ସମ୍ଭାବନା ଥିଲାବେଳେ ଅନ୍ୟ ହାତରେ ଅଗ୍ନି ଯାହାକି ଧ୍ୱଂସର ପ୍ରତୀକ । ଏହାର ରହସ୍ୟ କ'ଣ ? ସୃଷ୍ଟି ପରେ ଧ୍ୱଂସ। ଧ୍ୱଂସ ପରେ ନବନିର୍ମାଣ ହେଉଛି ଶିବଙ୍କ ସ୍ୱରୂପ । ନିୟତିର ଗତି । ଜଗତ ଓ ଜୀବନର ଦୁଇଟି ଅପରିହାର୍ଯ୍ୟ ଅଂଶ ବିଭାଗ । ଆମ ଭାରତବର୍ଷରେ ସୃଜନ, ଧାରଣ ଓ ପ୍ରଳୟ–ଏହି ତିନି ପ୍ରକ୍ରିୟାର ସଂଚାଳକ ହେଉଛନ୍ତି ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ଶିବ । ସୃଷ୍ଟି ବାରମ୍ବାର ହେଉଛି । ଗୋଟିଏ ସୃଷ୍ଟିର ସମାପ୍ତିକୁ ପ୍ରଳୟ କୁହାଯାଏ । ପ୍ରଳୟ ଚାରି ପ୍ରକାର ଯଥା–ନିତ୍ୟ, ନୈମିତ୍ତିକ, ପ୍ରାକୃତ ଓ ଆତ୍ୟନ୍ତିକ । ପ୍ରତି

ସୃଷ୍ଟ ପ୍ରାଣୀ ଏବଂ ବସ୍ତୁ ପ୍ରତି ମୁହୂର୍ତ୍ତରେ କ୍ଷୟ ପ୍ରାପ୍ତ ହେଉଛନ୍ତି । ଜାଗରଣ ଓ ନିଦ୍ରା ଏହାର ଅନ୍ତର୍ଗତ । ଯେତେବେଳେ ସମଗ୍ର ସୃଷ୍ଟି ବ୍ରହ୍ମାଙ୍କ ସତ୍ତାରେ ବିଲୀନ ହୁଏ, ସେତେବେଳେ ତାହା ନୈମିତ୍ତିକ ପ୍ରଳୟ । ପ୍ରତି ନୈମିତ୍ତିକ ପ୍ରଳୟ ପରେ ବ୍ରହ୍ମା କାଳାତୀତ ବିଷ୍ଣୁ ଚେତନା ଭିତରୁ ସ୍ୱୟଂ ନୂଆ ଭାବରେ ସୃଜିତ ହୋଇ ନୂଆ ସୃଷ୍ଟି ଆରମ୍ଭ କରନ୍ତି । ପ୍ରାକୃତ ପ୍ରଳୟରେ ପୁରୁଣା ଚିନ୍ତା ଓ ପୁରୁଣା ନୀତି ନିୟମର ବିଲୟ ଘଟେ । ଆତ୍ୟନ୍ତିକ ପ୍ରଳୟରେ ପ୍ରକୃତିର ନିୟନ୍ତ୍ରଣରୁ ମୁକ୍ତି ପାଇ ଆତ୍ମା ପରଂବ୍ରହ୍ମରେ ବିଲୀନ ହୁଏ ବୋଲି 'ଭାରତୀୟ ଐତିହ୍ୟ' ଗ୍ରନ୍ଥରେ ମନୋଜ ଦାସ ପ୍ରତିପାଦିତ କରିଛନ୍ତି । ବସ୍ତୁତଃ ପୂର୍ବୋକ୍ତ ତିନୋଟି ପ୍ରକ୍ରିୟା ଏକ ପରମ ଶକ୍ତିର ତିନି ଦିଗ । ସୃଷ୍ଟି ଓ ପ୍ରଳୟ ଭାରତୀୟ ଚେତନାର ଏକ ହିଁ ପ୍ରକ୍ରିୟା ।

**ଅଗ୍ନି ପରି କିଛି ବାରଣ ନକରି ସର୍ବଗ୍ରାହୀ ହେବା–** ଆମେ ଜନ୍ମ ହୋଇଛେ ଅର୍ଥ ଆମେ ମୃତ୍ୟୁବରଣ କରିବା । ତେଣୁ ହତାଶ ହେବା ଉଚିତ ନୁହେଁ । ମୃତ୍ୟୁଭୟକୁ ସେ ପରାସ୍ତ କରିଥିବାରୁ ସେ ମୃତ୍ୟୁଞ୍ଜୟୀ । ନିଆଁ ସର୍ବଭକ୍ଷୀ । ନିନ୍ଦା ପ୍ରଶଂସା, ସୁଖଦୁଃଖ, ଉନ୍ନତି, ଅବନତି, ଲାଭକ୍ଷତି ଓ ବିଷ ଅମୃତ ଆଦି ସମସ୍ତ ଦ୍ୱନ୍ଦ୍ୱକୁ ଶିବଙ୍କ ଇଚ୍ଛା ବୋଲି ଗ୍ରହଣ କରିବାକୁ ହେବ । କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ସାଧକକୁ ଅଗ୍ନି ପରି ସର୍ବଭକ୍ଷ ଓ ଉର୍ଦ୍ଧ୍ୱମୁଖୀ ହେବାକୁ ପଡ଼ିବ । ଶଙ୍କର ସମ୍ମୁଖସ୍ଥ ଦକ୍ଷିଣ ହସ୍ତ ଆମକୁ ଅଭୟ ମୁଦ୍ରାରେ ସୁରକ୍ଷା ଯୋଗାଇ ଦେଉଛି ଓ ଶାନ୍ତିର ସନ୍ଦେଶ ଦେଇ କହୁଛି– ଦେଖ, ଭୟ କର ନାହିଁ । ଈଶ୍ୱରଙ୍କ କୃପା ସବୁବେଳେ ତୁମ ସହିତ ରହିଛି ।

**ତ୍ରିଶୂଳ ଓ ଡ଼ମ୍ବରୁ ଶିବଙ୍କ ଅନୁଶାସନର ମାଧ୍ୟମ–** ଶଙ୍କର ସତ୍ତ୍ୱ, ରଜ ଓ ତମୋଗୁଣର ନିଦର୍ଶନ ସ୍ୱରୂପ ଦକ୍ଷିଣ ହସ୍ତରେ ତ୍ରିଶୂଳ ଧାରଣ କରିଛନ୍ତି । ମାନବ ଆତ୍ମାମୟ ହୋଇଗଲେ ଏହି ତ୍ରିଗୁଣରୁ ଜାତ ଶୂଳ(ପୀଡ଼ା) ତାକୁ ଆଉ ବାଧେ ନାହିଁ । ସେ ଶିବଙ୍କ ହାତରେ ଏକ ଦିବ୍ୟ ଆୟୁଧ ଓ ମହତ କାର୍ଯ୍ୟ ସଂପାଦନରେ ଏକ ଉପକରଣ ପାଲଟି ଯାଏ । ତ୍ରିଶୂଳ ଓ ଡମ୍ବରୁ ଯଥାକ୍ରମେ ଶସ୍ତ୍ର ଓ ଶାସ୍ତ୍ର (ଶବ୍ଦ ସମୂହର ସମାହାର) ପ୍ରତୀକ । ଶିବଙ୍କ ବାମ ହସ୍ତରେ ଥିବା ଡ଼ମ୍ବରୁ ଶବ୍ଦ ବ୍ରହ୍ମର ପ୍ରତୀକ । ବେଦର ଆଦ୍ୟ ଅକ୍ଷର ଓଁ । ଏହି ଓଁ ହିଁ ଶବ୍ଦବ୍ରହ୍ମ । ଏହି ଓଁ ହେଉଛି ସମସ୍ତ ଭାଷାର ମୂଳାଧାର ଓ ପ୍ରାଣବିନ୍ଦୁ । ସମଗ୍ର ବିଶ୍ୱକୁ ଅନୁଶାସନ କରିବା ନିମିତ୍ତ ପ୍ରଥମେ ସଂହାର କର୍ତ୍ତା ଶିବ ଶାସ୍ତ୍ର ହିଁ ପ୍ରୟୋଗ କରିଥା'ନ୍ତି । ଯେଉଁମାନେ ଶାସ୍ତ୍ର ମାଧ୍ୟମରେ ଅନୁଶାସିତ ହେବା ଅସମ୍ଭବ ହୋଇ ପଡ଼େ, ସେହିମାନଙ୍କ ନିମିତ୍ତ ଶସ୍ତ୍ର ପ୍ରୟୋଗ କରିଥା'ନ୍ତି । ତ୍ରିଶୂଳ ଓ ଡ଼ମ୍ବରୁ ଯଥାର୍ଥରେ ପ୍ରଭୁଙ୍କର ଅନୁଶାସନର ସୂଚନା ।

**ଦୁଃଖକୁ ଆନନ୍ଦରେ ପରିଣତ କରି ନନ୍ଦୀ ହୁଅ–** ଶିବଙ୍କ ବାହନ କଥା ଚିନ୍ତା କଲାବେଳେ କେହି କେହି ନାସିକା କୁଞ୍ଚନ କରିବାକୁ ପଶ୍ଚାଦ୍‌ପଦ ହୁଅନ୍ତି । ଶିବଙ୍କ ବାହନ ଏକ ବୃଷଭ । ଏହାର ନାମ ନନ୍ଦୀ ମହାରାଜ । ସେ ସତ୍ସଙ୍ଗର ପ୍ରତୀକ ମାତ୍ର । ସାଧୁ ସଙ୍ଗ ବା ସତ୍‌ସଙ୍ଗ କଲେ ମନୁଷ୍ୟ ଜାଗତିକ ଜଞ୍ଜାଳରୁ ମୁକ୍ତ ହୋଇ ମୋକ୍ଷ ଲାଭ କରେ । ପୁଣି ସେହି ନନ୍ଦୀ ସ୍ୱୟଂ ଧର୍ମ ଦେବତା । ସେ ଦ୍ୱିତୀୟ ଶିବ ସଦୃଶ । ଶିବାବତାର । ଏହା ଚାରିପାଦ ବିଶିଷ୍ଟ ହୋଇ ଧର୍ମ, ଅର୍ଥ, କାମ ଓ ମୋକ୍ଷର ସଙ୍କେତ ଦିଏ । ଏହି ଚାରୋଟିକୁ ଆଧାର କରି ମଣିଷ ଆନନ୍ଦର ସନ୍ଧାନରେ ସଂସାର ଯାତ୍ରା କରୁଥାଏ । ଦୃଶ୍ୟମାନ ଜଗତର ନାନା ବ୍ୟକ୍ତି ଓ ବସ୍ତୁଠାରେ ସୁଖ ଅଛି ବୋଲି ଭାବି ତାହା ପାଇବା ପାଇଁ ସାରା ଜୀବନ ସେମାନଙ୍କ ପଛରେ ଧାଏଁ । କ୍ଲାନ୍ତ ହୋଇ ପଡ଼େ । ଦୁଃଖ ଯାତନା ଭୋଗିବା ହିଁ ସାର ହୁଏ । କିନ୍ତୁ ଜୀବନ ଯେ ଆନନ୍ଦମୟ ପ୍ରାଣୀ, ତାହା ଭୁଲି ଯାଏ । ମଣିଷର ସୃଷ୍ଟି ଆନନ୍ଦରେ । ମୃତ୍ୟୁ ମଧ୍ୟ ଆନନ୍ଦରେ । ଯଦି ଆରମ୍ଭ ଓ ଶେଷ ଆନନ୍ଦରେ ପୂର୍ଣ୍ଣ ତେବେ ମଧ୍ୟଭାଗ ଜୀବନଯାପନ ମଧ୍ୟ ଆନନ୍ଦମୟ । ସେଥିପାଇଁ ପ୍ରତ୍ୟେକ ପ୍ରାଣୀ ଆନନ୍ଦମୟ ସତ୍ତାର ଏକ ଦିବ୍ୟ ଅଂଶ । ସଚେତନ ଭାବରେ, ଅର୍ଦ୍ଧଚେତନ ଭାବରେ ଏପରିକି ଅଚେତନ ଭାବରେ ମଣିଷ ଆନନ୍ଦମୟ ସତ୍ତାର ଅନୁସନ୍ଧାନ କରୁଛି । କିନ୍ତୁ ଆମୋଦ ପ୍ରମୋଦ ବା ସୁଖସନ୍ତୋଷ ଜରିଆରେ ସେ ଯାହା ପାଉଛି ସେଥିରୁ ପ୍ରକୃତ ଆନନ୍ଦ ମିଳୁ ନାହିଁ କିମ୍ବା ସେ ଆତ୍ମତୃପ୍ତ ହେଉ ନାହିଁ । ତା'ର ସନ୍ଧାନ କିନ୍ତୁ ଅବ୍ୟାହତ । ଯେ ପର୍ଯ୍ୟନ୍ତ ସେ ବିମଳ ଆତ୍ମାନନ୍ଦର ସ୍ୱାଦ ନପାଇଛି, ସେ ପର୍ଯ୍ୟନ୍ତ ତା'ର ବିଶ୍ରାମ ନାହିଁ ।

ସବୁ ଶାସ୍ତ୍ର ଏହା ହିଁ ଘୋଷଣା କରୁଥା'ନ୍ତି । କାମର ସୂକ୍ଷ୍ମ ଓ ପରିମାର୍ଜିତ ରୂପ ହେଉଛି ଆନନ୍ଦ । ମଣିଷ କାମର ଦାସ ନୁହେଁ, ସେ କାମର ସ୍ୱାମୀ । ସେ ଆନନ୍ଦର ଅଧିକାରୀ । ଶିବଙ୍କ ବୃଷଭ ସେହି ଆନନ୍ଦର ସଙ୍କେତ ବହନ କରି ନନ୍ଦୀ ନାମ ଧାରଣ କରିଛି । ପ୍ରତ୍ୟେକ ବ୍ୟକ୍ତି ହେଉଛି ଜଣେ ଜଣେ ନନ୍ଦୀ । ଧର୍ମ ପୂର୍ବକ ଜଣେ ଅର୍ଥ ଉପାର୍ଜନରେ କାମକୁ ଚରିତାର୍ଥ କରି ମୋହ କ୍ଷୟ କରିପାରିଲେ ଆନନ୍ଦ ଘନରେ ପରିଣତ ହୋଇ ଶିବଙ୍କ ବାହନରେ ପରିଣତ ହୋଇ ପାରିବ । ପରମାତ୍ମା ଜୀବକୁ ନିଜର ବାହନ ରୂପେ ସ୍ୱୀକାର କରିବେ ।

**ଶିବାବତାର ନନ୍ଦୀଙ୍କ ଜନ୍ମ ବୃତ୍ତାନ୍ତ–** ସିଲାଦ ମୁନିଙ୍କର ଆକାଂକ୍ଷା ଥିଲା ଏଭଳି ଏକ ପୁତ୍ରର ଜନକ ହୁଅନ୍ତେ ଯିଏ ତେଜସ୍ୱୀ ତଥା ଅମର ହୋଇ ରହିବ । ମୁନିଙ୍କ ଆତୁରତା ଲକ୍ଷ୍ୟ କରି ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଭଗବାନ ଶିବ ଆଶ୍ୱାସନା ଦେଇ

କହିଲେ–'ବ୍ୟସ୍ତ ହୁଅ ନାହିଁ । ମୁଁ ସ୍ୱୟଂ ତୁମର ପୁତ୍ର ଭାବରେ ଅବତାର ଗ୍ରହଣ କରିବି ।'ଦିନେ ସିଲାଦ ଯଜ୍ଞ କ୍ଷେତ୍ରର ଚତୁଃପାର୍ଶ୍ୱରେ ବୁଲୁଥା'ନ୍ତି । ହଠାତ୍ ଅବିଶ୍ୱସନୀୟ ଭାବରେ ତାଙ୍କର ଶରୀରରେ ଭଗବାନ ଶିବ ପ୍ରକଟ ହେଲେ । ବ୍ରହ୍ମାଦି ଦେବତା ଋଷିମୁନି ଆଦି ସିଲାଦଙ୍କ ପୁତ୍ର ଦର୍ଶନ ନିମନ୍ତେ ଉପସ୍ଥିତ ହେଲେ । ସେସମୟରେ ସୂର୍ଯ୍ୟସମ ତେଜସ୍ୱୀ ଓ ପ୍ରଭାବଶାଳୀ ଦେଖା ଯାଉଥିଲେ ସିଲାଦ । ତାଙ୍କର ତିନିଗୋଟି ନେତ୍ର ଥିଲା । ଜଟା ମୁକୁଟ ଶୋଭା ପାଉଥିଲା ମସ୍ତିଷ୍କରେ । ଚାରି ହସ୍ତରେ ତ୍ରିଶୂଳ ଆଦି ଶୋଭା ପାଉଥିଲା । ସିଲାଦ ଆନନ୍ଦରେ ଅଧୀର ହୋଇ କହିଲେ–ସୁରେଶ୍ୱର ! ଆପଣ ଏହି ରୂପରେ ପ୍ରକଟ ହୋଇ ମୋତେ ଆହ୍ଲାଦିତ କରିଛନ୍ତି । ଏହି କାରଣରୁ ମୁଁ ଆପଣଙ୍କୁ ନମସ୍କାର କରୁଛି । ସମସ୍ତଙ୍କୁ ଆନନ୍ଦିତ କରିବା କାରଣରୁ ସେହି ବାଳକଟିର ନାମ ରକ୍ଷାଗଲା ନନ୍ଦୀ । ସିଲାଦ ମୁନି ସେହି ଦିବ୍ୟ ବାଳକକୁ ନେଇ ସ୍ୱଆଶ୍ରମକୁ ଗଲେ । ସେଠାରେ ଶିବାଂଶ(ନନ୍ଦୀ) ଆପଣାର ଚତୁର୍ଭୁଜ, ତ୍ରିନେତ୍ରଧାରୀ ରୂପ ତ୍ୟାଗ କରି ଏକ ସାମାନ୍ୟ ବାଳକ ରୂପରେ ରହିବାକୁ ଲାଗିଲେ । ମୁନି ସିଲାଦ ତାଙ୍କର ସବୁ ପ୍ରକାର ସଂସ୍କାର କାର୍ଯ୍ୟ ସଂପନ୍ନ କରାଇଲେ । ଏହା ସହ ବେଦାଦି ଶାସ୍ତ୍ର ଅଧ୍ୟୟନ କଲେ । ଯେତେବେଳେ ନନ୍ଦୀଙ୍କୁ ସାତ ବର୍ଷ ବୟସ ହେଲା ଦିନେ ବରୁଣ ଦେବତା ତାଙ୍କ ନିକଟକୁ ଆସି କହିଲେ–ଏହାର ଆୟୁ ବହୁତ କମ୍ । ସିଲାଦ ଏହା ଶୁଣି ଦୁଃଖରେ ଭାଙ୍ଗି ପଡ଼ି କାନ୍ଦିବାକୁ ଲାଗିଲେ । ପିତାଙ୍କୁ କାନ୍ଦିବାର ଦେଖି ନନ୍ଦୀ କହିଲେ ପିତା ! ଆପଣ ଚିନ୍ତା କରନ୍ତୁ ନାହିଁ । ଦେବତା, ଦାନବ ଓ କାଳ କେହି ମୋତେ ମାରି ପାରିବେ ନାହିଁ । ସିଲାଦ ଆଶ୍ଚର୍ଯ୍ୟ ପ୍ରକଟ କରି କହିଲେ–ତୁମେ ଏଭଳି କେଉଁ ତପ କରିଛ, ଯାହାଦ୍ୱାରା ତୁମର କେହି କ୍ଷତି କରି ପାରିବେ ନାହିଁ । ନନ୍ଦୀ ଏହା ଶୁଣି କହିଲେ–ପିତା ! ନା ମୁଁ ତପ ପ୍ରଭାବରେ ମୃତ୍ୟୁକୁ ଦୂରେଇ ପାରିବି ନା ବିଦ୍ୟାବଳରେ ଏଡ଼ାଇ ପାରିବି । କିନ୍ତୁ ଦେବାଧିଦେବ ମହାଦେବଙ୍କ ଭଜନରେ ମୁଁ ମୃତ୍ୟୁଞ୍ଜୟୀ ହୋଇ ପାରିବି । ଏହାର ଅତିରିକ୍ତ ଅନ୍ୟ କୌଣସି ଉପାୟ ନାହିଁ । ଏହା କହି ପିତାଙ୍କୁ ପ୍ରଣାମ କରିବା ପୂର୍ବକ ତାଙ୍କର ଚତୁଃପାର୍ଶ୍ୱରେ ପରିକ୍ରମା କରି ନନ୍ଦୀ ତପସ୍ୟା କରିବାକୁ ଜଙ୍ଗଲକୁ ଚାଲିଗଲେ । ଏକାନ୍ତ ସ୍ଥାନରେ ଭଗବାନ ଶଙ୍କରଙ୍କୁ ଧ୍ୟାନ କରିବାକୁ ଲାଗିଲେ । ଭଗବାନ ଶଙ୍କର ନନ୍ଦୀଙ୍କୁ ଦର୍ଶନ ଦେଇ କୃତାର୍ଥ କରିଥିଲେ । ବର ପ୍ରଦାନ ପୂର୍ବକ ତାଙ୍କୁ ଗଣମାନଙ୍କର ଅଧିପତି ଘୋଷଣା କରିଥିଲେ । ଭଗବାନ ଶଙ୍କରଙ୍କ କୃପାବଳରେ ନନ୍ଦୀଙ୍କର ଦଶ ହାତ ଓ ତିନି ନେତ୍ର ହୋଇଗଲା । ଏବେ ଶିବଙ୍କ ସଦୃଶ ପ୍ରତୀତ ହେଲେ ନନ୍ଦୀ । ସେ ହୋଇଗଲେ ନନ୍ଦୀଶ୍ୱର । ମରୁତଙ୍କ କନ୍ୟା ସୁଯଶା ସହ ନନ୍ଦୀଙ୍କ ବିବାହ ସଂପନ୍ନ ହେଲା । ଭଗବାନ ଶଙ୍କର ଓ ମାତା ପାର୍ବତୀ ନନ୍ଦୀଶ୍ୱରଙ୍କୁ ଅଜେୟ, ଅମର ତଥା ସଦାସର୍ବଦା ପୂଜ୍ୟ ହୋଇ ରହିବା ତଥା ଶିବଙ୍କ ସାନ୍ନିଧ୍ୟ ଲାଭର ବରପ୍ରଦାନ କଲେ । ଭଗବାନଙ୍କ କୃପାରୁ ପିତା ସିଲାଦ ମଧ୍ୟ ଶିବଙ୍କର ସାନ୍ନିଧ୍ୟ ଲାଭ କରିଥିଲେ ।

**ସତ୍ୟ ଶିବ ସୁନ୍ଦରର ଆରାଧନା ଶିବରାତ୍ରିର ସନ୍ଦେଶ–** ସ୍ୱୟଂଭୂ ଶିବଙ୍କର ମହିମା ଅପରମ୍ ଅପାର । ଶିବରାତ୍ରିରେ ଶିବଙ୍କର ଦିବ୍ୟ ଅବତରଣର ସ୍ମରଣୀୟ ଉତ୍ସବ ଅଟେ । ଦିବ୍ୟ ଅବତରଣର ତାତ୍ପର୍ଯ୍ୟ ହେଉଛି ଅଜ୍ଞାନ ଅନ୍ଧକାରରେ ସୁପ୍ତ ମାନବାତ୍ମାକୁ ଜାଗ୍ରତ କରିବା । ବିକାରଯୁକ୍ତ ଓ ସଦୋଷ ମାନସିକତାରେ ଦିବ୍ୟ ବ୍ୟକ୍ତିତ୍ୱର ଉଜ୍ଜ୍ୱଳରେଖା ପ୍ରତିଫଳିତ ହୁଏ ନାହିଁ । ମାନବ ଜୀବନର ଅନୁପମ ସୌନ୍ଦର୍ଯ୍ୟ ସୃଷ୍ଟି କରିବାକୁ ଅସମର୍ଥ ହୁଏ । ଦୀର୍ଘ ଜୀବନ କାମନା କରି ଜୀବନରେ ମାଧୁର୍ଯ୍ୟ ପ୍ରକାଶ ଏବଂ ବ୍ୟକ୍ତିତ୍ୱ ଉତ୍ପନ୍ନ କରିବା ପ୍ରତି ଧ୍ୟାନ ନଦେବା ଏକ ମିଥ୍ୟା ଅଭିମାନ ବୋଲି ଏ.କେମ୍ପିସ୍ ମତ ଦିଅନ୍ତି । ତେଣୁ ଆତ୍ମନିରୀକ୍ଷଣ ପୂର୍ବକ ସତ୍ୟ ଶିବ ସୁନ୍ଦରର ଆରାଧନା କରିବା ଶିବରାତ୍ରିର ଅନ୍ତର୍ନିହିତ ଉଦ୍ଦେଶ୍ୟ ।

**ଉପସଂହାର–** ନିଜ ଭିତରେ ଏକ ରଚନାତ୍ମକ ବିଚାର ସୃଷ୍ଟି କରିପାରିଲେ ଜୀବନ ଅତ୍ୟଧିକ ମନୋଜ୍ଞ ଓ ପ୍ରଭାବଶାଳୀ ହୋଇଥାଏ । ସୁଦୃଢ଼ ମନୋବଳ ଓ ଇଚ୍ଛା ଶକ୍ତି ଥିଲେ ବ୍ୟକ୍ତିର ସୌନ୍ଦର୍ଯ୍ୟ ଅଭିବ୍ୟକ୍ତି ସ୍ୱାଭାବିକ ଓ ସହଜ ହୋଇଥାଏ । ଆତ୍ମଜାଗରଣର ପ୍ରଥମ ପାହାଚ ହେଉଛି ଅହଂକାରଟିକୁ ଭୁଲି ବିଶ୍ୱଚେତନାରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ । ଆବ୍ରାହ୍ମଣ ଚାଣ୍ଡାଳ ଅଗଣିତ ଭାରତବାସୀ ଆବେଗ ଓ ଉଲ୍ଲାସର ସହିତ ଅମୃତତ୍ତ୍ୱ କାମନାରେ ଶିବ ଉପାସନା କରି ଆସୁଛନ୍ତି । ଅସୀମ ଆନନ୍ଦ ଲାଭ କରୁଛନ୍ତି । ଶିବଙ୍କ ଉଚ୍ଚାଙ୍ଗ ଦର୍ଶନରେ ଅନୁପ୍ରାଣିତ ହୋଇ ବିଶ୍ୱକୁ ଶିବମୟ ବୋଲି ଅନୁଭବ କରୁଛନ୍ତି । ସର୍ବଭାରତୀୟ ସ୍ତରରେ ତଥା ଭାରତ ବାହାରେ ପ୍ରାୟ ପ୍ରତ୍ୟେକ ଶିବ ପୀଠରେ ସାମୂହିକ ଭାବରେ ଅପୂର୍ବ ଉଦ୍ଦୀପନାର ସହିତ ଏହି ପର୍ବ ପାଳନ କରାଯାଉଛି । ସମସ୍ତଙ୍କ ମୁଖରେ ବିଶ୍ୱଚେତନାର ମନ୍ତ୍ର ଉଚ୍ଚାରିତ ହେଉଛି :

ମାତା ଚ ପାର୍ବତୀ ଦେବୀ ପିତା ଦେବୋ ମହେଶ୍ୱରଃ ।
ବାନ୍ଧବାଃ ଶିବଭକ୍ତାଶ୍ଚ ସ୍ୱଦେଶଂ ଭୁବନତ୍ରୟମ୍ ॥

କ୍ୱା.ନଂ– ସି/ ୨୨/୧, ନାଲ୍‌କୋ, ଦାମନଯୋଡ଼ି,
କୋରାପୁଟ–୭୬୩୦୦୮

# ଆର୍ଯ୍ୟଭଟ୍ଟ ଏବଂ ଆର୍ଯ୍ୟଭଟ୍ଟୀୟମ୍

ପ୍ରତାପସିଂହ ମହାପାତ୍ର

ପ୍ରାଚୀନ ଭାରତର ସ୍ୱର୍ଣ୍ଣଯୁଗ ଅର୍ଥାତ୍ ଗୁପ୍ତକାଳରେ ଗଣିତ, ଖଗୋଳବିଦ୍ୟା ତଥା ଜ୍ୟୋତିଷ ଶାସ୍ତ୍ରର ଉନ୍ନୟନ ଏବଂ ଅଭିବର୍ଦ୍ଧନରେ ଯେଉଁସବୁ ବିଦ୍ୱାନ୍ ମହାପୁରୁଷମାନଙ୍କ ନାମ ଶ୍ରଦ୍ଧା ତଥା ଆଦର ସମ୍ମାନର ସହିତ ନିଆଯାଇଥାଏ, ସେମାନଙ୍କ ମଧ୍ୟରେ ଆର୍ଯ୍ୟଭଟ୍ଟଙ୍କର ବିଶିଷ୍ଟ ମହତ୍ୱ ତଥା ଉଚ୍ଚସ୍ଥାନ ଅଛି । ପ୍ରାପ୍ତ ବିବରଣ ସ୍ପଷ୍ଟ କରୁଛି ଯେ, ଆର୍ଯ୍ୟଭଟ୍ଟଙ୍କ ଜନ୍ମ ପାଟଣାରେ ହୋଇଥିଲା । ସେ ଯେଉଁଠାରେ ଜନ୍ମ ନେଇଥିଲେ, ସେହି ସ୍ଥାନଟିର ନାମ ଥିଲା, କୁସୁମପୁର । ଲୋକବୃତ୍ତରେ ଏହା ଚର୍ଚ୍ଚା ହୁଏ ଯେ, ତାଙ୍କ ପିତାଙ୍କ ନାମାନ୍ତ ଆର୍ଯ୍ୟ ଥିଲା ଏବଂ ତାଙ୍କର କୁଳ ବ୍ରାହ୍ମଣ ଜାତିର ଭଟ୍ଟ ସଂବର୍ଗରେ ସମ୍ବନ୍ଧିତ ଥିଲା । ଏହି କାରଣରୁ ପ୍ରାରମ୍ଭିକ ଶିକ୍ଷଣ କ୍ରମରେ ବିଦ୍ୟାଳୟରେ ତାଙ୍କର ନାମ ଆର୍ଯ୍ୟଭଟ୍ଟ ରଖି ଦିଆଯାଇଥିଲା । ବାଲ୍ୟକାଳରୁ ହିଁ ସେ କୁଶାଗ୍ର ବୁଦ୍ଧି ସଂପନ୍ନ ଥିଲେ । ତାଙ୍କର ପ୍ରାରମ୍ଭିକ ଶିକ୍ଷା ପାଟଳୀପୁତ୍ର କ୍ଷେତ୍ରରେ ଏବଂ ପରବର୍ତ୍ତୀ ଶିକ୍ଷା ନାଳନ୍ଦା ବିଶ୍ୱବିଦ୍ୟାଳୟରେ ସମ୍ପନ୍ନ ହୋଇଥିଲା । ଆର୍ଯ୍ୟଭଟ୍ଟଙ୍କ ବିବାହ କାହା ସହିତ ହୋଇଥିଲା, ଏପର୍ଯ୍ୟନ୍ତ ତାହା ସ୍ପଷ୍ଟ ହୋଇପାରି ନାହିଁ । କେତେକ କହନ୍ତି, ଆର୍ଯ୍ୟଭଟ୍ଟଙ୍କ ବିବାହ ସଂସ୍କାର କୁସୁମପୁରର ନବଯୌବନା ନାମ୍ନୀ କନ୍ୟାଙ୍କ ସହିତ ସଂପନ୍ନ ହୋଇଥିଲା । ଆହୁରି କେତେକ ତାଙ୍କର ପତ୍ନୀଙ୍କୁ ମିଥିଳାବାସିନୀ ବୋଲି କହିଥାନ୍ତି । ଆର୍ଯ୍ୟଭଟ୍ଟଙ୍କ ଚର୍ଚ୍ଚିତ ଜୀବନୀକାର ଏବଂ ଦକ୍ଷିଣ ଭାରତର ବିଦ୍ୱାନ୍ ପ୍ରବର ଏସ୍. ପିଲାଇଙ୍କ ଅନୁସାରେ ତାଙ୍କର ଏକମାତ୍ର ପୁତ୍ରଟିର ନାମ ଦେବରାଜନ୍ ଥିଲା ଏବଂ ସେ ମଧ୍ୟ ଜ୍ୟୋତିଷ ଶାସ୍ତ୍ରର ଜଣେ ପ୍ରକାଣ୍ଡ ବିଦ୍ୱାନ୍ ଥିଲେ ।

ପରବର୍ତ୍ତୀ ସମୟରେ ଜୀବିକାର୍ଜନ ହେତୁ ତାଙ୍କୁ ଶିକ୍ଷଣ କାର୍ଯ୍ୟ କରିବାକୁ ପଡ଼ିଥିଲା । ଏହାର ପ୍ରେରଣା ତାଙ୍କୁ ବିଦ୍ୱାନ୍ ଆଚାର୍ଯ୍ୟ ଆର୍ଯ୍ୟଦେବଙ୍କ ନିକଟରୁ ମିଳିଥିଲା । ବିବରଣ ଅନୁସାରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ବିଦ୍ୱାନ୍ ଆଚାର୍ଯ୍ୟଦେବଙ୍କର ସେ ଅତ୍ୟନ୍ତ ପ୍ରିୟ ଶିଷ୍ୟ ଥିଲେ । ତତ୍‌କାଳୀନ ସମୟରେ ପ୍ରତିଷ୍ଠିତ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ସେ କେବଳ ଅଧ୍ୟୟନ କାର୍ଯ୍ୟ କରି ନଥିଲେ ବରଂ ସେଠାରେ ସେ ଅଧ୍ୟାପନ କରି ଏକ ଆଦର୍ଶ ସ୍ଥାପିତ କରିଥିଲେ । ସେତେବେଳର ସମୟରେ ତାଙ୍କର ଗଣନା ଖ୍ୟାତନାମା ଶିକ୍ଷକମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା । ଏପରିକି ତାଙ୍କୁ କେହି କେହି 'କୁଳପ', ସମ୍ବୋଧନ କରୁଥିଲେ । କୁଳପଙ୍କ ମାନ- ସମ୍ମାନ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମକକ୍ଷଭାବେ ଗଣ୍ୟ ହେଉଥିଲା । ଏହା ତାଙ୍କର ବିଦ୍‌ବତ୍ତା ତଥା ଅପରିମିତ ଜ୍ଞାନର ପରିଣାମ ଏପରି ଥିଲା ଯେ, ସେହି ସମୟର ବିଦ୍ୱାନ୍ ଲାଟଦେବ, ନିଃଶଙ୍କ, ପାଣ୍ଡୁରଙ୍ଗ ସ୍ୱାମୀ, ଲଲ୍ଲାଚାର୍ଯ୍ୟ, ପ୍ରଭାକର ଓ ବଂଶକର ପ୍ରଭୃତି ତାଙ୍କର ଶିଷ୍ୟ ଥିଲେ । ଭାସ୍କର ନିଜର କୃତିରେ ତାଙ୍କ ପାଇଁ ଏକାଧିକ ସମ୍ମାନ ସୂଚକ ସମ୍ବୋଧନମାନ ପ୍ରୟୋଗ କରିଥିଲେ ।

ଏପରି ଦେଖିବାକୁ ଗଲେ ଭାରତବର୍ଷରେ ଜ୍ୟୋତିଷ ଗ୍ରନ୍ଥଗୁଡ଼ିକର ପ୍ରଣୟନ ପ୍ରାଚ୍ୟ କାଳରୁ ଚାଲି ଆସିଥିଲା, କିନ୍ତୁ ଏ ସବୁ ଗ୍ରନ୍ଥମାନଙ୍କ ମଧ୍ୟରେ ଆର୍ଯ୍ୟଭଟ୍ଟୀୟମ୍‌ର ବିଶେଷ ମହତ୍ତ୍ୱ ଥିଲା, ଯାହାର ରଚନା ଆର୍ଯ୍ୟଭଟ୍ଟ ମାତ୍ର ୨୩ ବର୍ଷ ବୟସରେ ଅର୍ଥାତ୍ ୪୯୯ ଖ୍ରୀଷ୍ଟାବ୍ଦରେ କରିଥିଲେ । ଏହି ଗ୍ରନ୍ଥଟିକୁ କେହି କେହି ଆର୍ଯ୍ୟଭଟ୍ଟିକା, ଆର୍ଯ୍ୟଭଟୀୟ, ଅଥବା ଆର୍ଯ୍ୟଭଟ୍ଟତନ୍ତ୍ର ବୋଲି କହୁଥିଲେ । ଏହା ମୂଳତଃ ଚାରି ଭାଗରେ ଯଥା - ଦଶଗୀତିକାପାଦ, ଗଣିତ ପାଦ, କାଳ କ୍ରିୟାପାଦ ଏବଂ ଗୋଳପାଦରେ ବିଭକ୍ତ ଅଟେ । ଯେଉଁଥିରେ ସମୁଦାୟ ଶ୍ଳୋକ ସଂଖ୍ୟା ୧୨୧ ଅଟେ । ଏହାର ପ୍ରଥମ ତଥା ଅନ୍ତିମ ଭାଗରେ ମାତ୍ର ଏଗାରଟି ଲେଖା ଶ୍ଳୋକ ଅଛି । ଆର୍ଯ୍ୟଭଟ୍ଟ ନିଜ କୃତିରେ

ସ୍ୱୟଂ କହିଛନ୍ତି ଯେ, ଏହି କୁସୁମପୁରରେ ମୁଁ ଅଭ୍ୟର୍ଚ୍ଚିତ ଜ୍ଞାନର କଥା କହୁଛି ।

ଆର୍ଯ୍ୟଭଟ୍ଟୀୟମ୍‌ର ରଚନା ପଦ୍ଧତି ବହୁତ ହିଁ ବୈଜ୍ଞାନିକ ତଥା ଭାଷା ସଠିକ୍ ଏବଂ ସଂକ୍ଷିପ୍ତ ଅଟେ । ଆର୍ଯ୍ୟଭଟ୍ଟ ନିଜର ଏହି କୃତିରେ କେତେକ ନୂତନ ବିଚାରଧାରାର ସୂତ୍ରପାତ କରିଛନ୍ତି ଏବଂ ଜ୍ୟୋତିଷ ଶାସ୍ତ୍ରକୁ ଗଣିତଠାରୁ ପୃଥକ କରି ସ୍ୱତନ୍ତ୍ର ବିଷୟ ରୂପେ ସ୍ଥାନ ଦେଇଛନ୍ତି । ଏହି ଗ୍ରନ୍ଥରେ ଆର୍ଯ୍ୟଭଟ୍ଟ ସର୍ବପ୍ରଥମେ ଏହା ପ୍ରତିପାଦିତ କରିଛନ୍ତି ଯେ, ପୃଥିବୀ ଗୋଲାକାର ଅଟେ ଏବଂ ଏହା ନିଜର ଅକ୍ଷ ପଥରେ ସୂର୍ଯ୍ୟଙ୍କ ଚତୁପାର୍ଶ୍ୱରେ ପରିକ୍ରମା କରୁଅଛି । ଏହା ବ୍ୟତୀତ ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି । ଚନ୍ଦ୍ର ତଥା ଅନ୍ୟ ଗ୍ରହମାନଙ୍କ ସହିତ ନକ୍ଷତ୍ରଗୁଡ଼ିକ ସ୍ୱୟଂ ପ୍ରକାଶମାନ ନୁହଁନ୍ତି, ବରଂ ସେମାନେ ସୂର୍ଯ୍ୟଙ୍କ କିରଣ ଦ୍ୱାରା ପ୍ରତିବିମ୍ବିତ ।

ଗଣିତର ନିୟମ, ଉପନିୟମ ତଥା ସୂତ୍ରାବଳୀରୁ ଆହୃତ ଜ୍ଞାନ ତଥା ବିବରଣ ପ୍ରସ୍ତୁତି ପାଇଁ ଆର୍ଯ୍ୟଭଟ୍ଟୀୟମ୍‌ର ଉପଯୋଗିତା ଯୁଗଯୁଗ ପର୍ଯ୍ୟନ୍ତ ରହିଥିବ । ଆର୍ଯ୍ୟଭଟ୍ଟଙ୍କୁ ହିଁ ଦଶଲବ ପଦ୍ଧତିର ଆବିଷ୍କାରର ଶ୍ରେୟ ଦିଆଯାଏ । ଏହା ସହିତ ବୀଜ ଗଣିତର ପ୍ରତିପାଦକ ରୂପେ ମଧ୍ୟ ତାଙ୍କର ନାମ ଅମର ହୋଇ ରହିଛି । ସେ ନିଜର ମତ ପ୍ରତିପାଦିତ କରିଛନ୍ତି ଯେ ଏକକ, ଦଶକ, ଶତକ ତଥା ଦଶ ସହସ୍ରକ ପ୍ରଭୃତି ବିଷମ ସ୍ଥାନଗୁଡ଼ିକୁ ବର୍ଗସ୍ଥାନ ତଥା ଦଶଗୁଣ, ହଜାର, ଲକ୍ଷ ଆଦି ସମ ସ୍ଥାନମାନଙ୍କୁ ଅବର୍ଗ ସ୍ଥାନ କୁହାଯାଏ । ସେ ବଡ଼ ବଡ଼ ସଂଖ୍ୟାମାନଙ୍କୁ ଲେଖିବା ପାଇଁ ଯେଉଁ ସରଳ ନିୟମ ପ୍ରୟୋଗ କରିଛନ୍ତି, ଏହାର ଉପଯୋଗ କୌଣସି ନା କୌଣସି ରୂପେ ସମଗ୍ର ବିଶ୍ୱରେ ବ୍ୟବହାର କରାଯାଉଛି । ସ୍ୱର ତଥା ବ୍ୟଞ୍ଜନର ପ୍ରୟୋଗରେ ସେ ବଡ଼ ବଡ଼ ସଂଖ୍ୟାଗୁଡ଼ିକୁ ସଂକ୍ଷେପରେ ଲେଖିବାର ବିଚିତ୍ର ବିଧି ବା ନିୟମ ପ୍ରତିପାଦିତ କରିଛନ୍ତି ।

ପଣ୍ଡିତ ବଳଦେବ ମିଶ୍ରଙ୍କ ଦ୍ୱାରା ବ୍ୟାଖ୍ୟାକାରିତ ଆର୍ଯ୍ୟଭଟ୍ଟୀୟମ୍‌ରୁ ଜ୍ଞାତ ହୁଏ ଯେ, ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ଡ଼ଃ କେର୍ଣ୍ଣଙ୍କୁ ଦକ୍ଷିଣ ଭାରତରେ ଆର୍ଯ୍ୟଭଟ୍ଟୀୟମ୍‌ର ତିନିଗୋଟି ହସ୍ତଲିଖିତ ଗ୍ରନ୍ଥ ମିଳିଥିଲା । ଯାହା ମାଲୟାଲମ୍ ଭାଷାରେ ଲିପିବଦ୍ଧ ହୋଇଥିଲା । ଏହାଦ୍ୱାରା ସ୍ପଷ୍ଟ ହେଉଅଛି ଯେ, ଆର୍ଯ୍ୟଭଟ୍ଟୀୟମ୍‌ର ଅନୁବାଦ ବିଭିନ୍ନ ଭାଷାରେ ହୋଇଅଛି । ପୁସ୍ତକଟିର ନାମକରଣ ଦ୍ୱାରା ହିଁ ଲେଖକଙ୍କ ନାମ ଉଦ୍‌ଭାଷିତ ହେଉଅଛି ଏବଂ ପ୍ରାଚୀନ ଭାରତରେ ଏପରି ପ୍ରଥମ ଉଦାହରଣ ଦେଖିବାକୁ ମିଳେ । ଆର୍ଯ୍ୟଭଟ୍ଟଙ୍କ କୃତି ଆର୍ଯ୍ୟଭଟ୍ଟୀୟମ୍ କେବଳ ଭାରତବର୍ଷର ନୁହେଁ ବରଂ ସମଗ୍ର ବିଶ୍ୱର ପ୍ରାଚୀନତମ ଜ୍ଞାତ କୃତି କୃତିମାନଙ୍କ ମଧ୍ୟରେ ଏକ ଅଟେ । ଯେଉଁଠାରେ ସେ ସ୍ୱୟଂ ଲେଖିଛନ୍ତି ଯେ ''ମୁଁ ଖଗୋଳୀୟ ସିଦ୍ଧାନ୍ତ ସମୂହର ସମୁଦ୍ରରେ ଅତଳ ଗହ୍ୱରକୁ ଯାଇଛି ତଥା ନିଜର ବୁଦ୍ଧିରୂପୀ ନୌକା ମାଧ୍ୟମରେ ପ୍ରକୃତ ଜ୍ଞାନର ମୂଲ୍ୟବାନ୍ ନିମଜ୍ଜିତ ମଣି ମାଣିକ ଉଦ୍ଧାର କରିଛି ।'' ତାଙ୍କର ନବାନ୍ୱେଷଣ ତଥା ଅନବରତ ନିରୀକ୍ଷଣ ସହିତ ସଠିକ ଗଣନାର ହିଁ ପ୍ରତିଫଳ ଏପରି ଥିଲା ଯେ, ସେ ଏକ ବର୍ଷରେ ଦିନମାନଙ୍କର ମୋଟ ସଂଖ୍ୟା ୩୬୫.୨୫୪୬୮୦୫ ଭାବେ ସ୍ପଷ୍ଟ କରିଥିଲେ ।

ଖଗୋଳଶାସ୍ତ୍ର ଅନ୍ତର୍ଗତ ଗ୍ରହଣର ତଥ୍ୟ, ଗ୍ରହମାନଙ୍କର ଚଳନ ତଥା ଦିଶା ଗୁରୁତ୍ୱାକର୍ଷଣର ସିଦ୍ଧାନ୍ତ, ବିଭିନ୍ନ ଗ୍ରହମାନଙ୍କର ମୂଳାଙ୍କ ବାହାର କରିବା ବିଧିର ଜ୍ଞାନ, ଭାରତବର୍ଷକୁ ଆର୍ଯ୍ୟଭଟ୍ଟଙ୍କର ହିଁ ମହାନ ଦାନ ଅଟେ । ଦିନ,ତିଥି, ଯୋଗ, କରଣ ଏବଂ ନକ୍ଷତ୍ରକୁ ଆଧାର କରି ପଞ୍ଜାଙ୍ଗ ପ୍ରସ୍ତୁତି ବିଧିର ପ୍ରଥମ ଜ୍ଞାନ ଏବେକାର ସମୟରେ ପ୍ରାରମ୍ଭ ହୋଇଛି, ଯାହାର ପ୍ରକୃତ ପ୍ରେରଣାଦାତା ଆର୍ଯ୍ୟଭଟ୍ଟ ବୋଲି କୁହାଯାଏ । ଭୂ- ଭ୍ରମଣ ସିଦ୍ଧାନ୍ତର ସଠିକ ବ୍ୟାଖ୍ୟା ଆର୍ଯ୍ୟଭଟ୍ଟଙ୍କ କୃତିରେ ହିଁ ପ୍ରଥମତଃ ସ୍ପଷ୍ଟ ହୋଇଥିଲା ।

ଏହା ଜାଣିବାର କଥା ଯେ ପ୍ରାୟତଃ ଆର୍ଯ୍ୟଭଟ୍ଟଙ୍କ ଅନ୍ୱେଷଣ ତଥା ତାଙ୍କର ଅନୁସନ୍ଧାନ ତତ୍‌କାଳୀନ ସମାଜରେ କଟୁ ଆଲୋଚନାର ବିଷୟ ହୋଇ ଯାଇଥିଲା, କିନ୍ତୁ ପରେ କୋପରନିକ୍ସଙ୍କୁ ବୈଶ୍ୱିକ (ସମଗ୍ର ବିଶ୍ୱ) ମାନ୍ୟତା ମିଳିବା ପରେ, କେବଳ ଆର୍ଯ୍ୟଭଟ୍ଟ ନୁହଁନ୍ତି, ବରଂ ଭାରତୀୟ ଜ୍ଞାନ ବିଜ୍ଞାନର ପ୍ରଶଂସା ସମଗ୍ର ସଂସାରରେ ପ୍ରସାରିତ ହୋଇଯାଇଥିଲା, କାରଣ ୧୫୦୦ବର୍ଷ ପୂର୍ବରୁ ହିଁ ଆର୍ଯ୍ୟଭଟ୍ଟ ପାଶ୍ଚାତ୍ୟ ଜ୍ୟୋତିର୍ବିଦ୍ କୋପରନିକ୍ସଙ୍କ ସିଦ୍ଧାନ୍ତର ପ୍ରାମାଣିକତା ନିଜ କୃତିରେ ପ୍ରସ୍ତୁତ କରି ସାରିଥିଲେ । ଏହା ବ୍ୟତୀତ ତାଙ୍କୁ ସୂର୍ଯ୍ୟପରାଗ ଏବଂ ଚନ୍ଦ୍ରଗ୍ରହଣର ପ୍ରକୃତ କାରଣ ମଧ୍ୟ ଜଣାଥିଲା । ସେ ଏହା ମଧ୍ୟ ସିଦ୍ଧ କରିଥିଲେ ଯେ, ପୃଥ୍ୱୀ ଏବଂ ଅନ୍ୟଗ୍ରହ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ବୃତ୍ତାକାରରେ ଭ୍ରମଣ କରୁଛନ୍ତି ।

ଆର୍ଯ୍ୟଭଟ୍ଟଙ୍କ ତିରୋଧାନ କେବେ, କେଉଁଠାରେ ଏବଂ କିପରି ହୋଇଥିଲା, ଏହାର ଯଥାର୍ଥ ପ୍ରମାଣ ମିଳିନାହିଁ । ଲୋକବୃତ୍ତରେ ଚର୍ଚ୍ଚା ହୁଏ ଯେ, ତାରେଗଣା,(ଗୟା- ପାଟଣା ରେଳ ଖଣ୍ଡରେ ମସୌଢ଼ୀଠାରୁ ପ୍ରାୟ ଏକ କିଲୋମିଟର ଦୂର)ରେ ତାରାମାନଙ୍କ ଗତିରେ ଗଣନା କ୍ରମରେ ଥରେ ଆର୍ଯ୍ୟଭଟ୍ଟ ଝୁଣ୍ଟିପଡ଼ି ତଳେ ପଡ଼ିଯାଇଥିଲେ, ଏହାପରେ ସେ ଆଉ ଉଠି ପାରିନଥିଲେ । ବିବରଣ ଅଟେ ଯେ, ତାଙ୍କର ମୃତ୍ୟୁ ୭୪ବର୍ଷ ବୟସରେ ୫୫୦

ଖ୍ରୀଷ୍ଟାବ୍ଦରେ ହୋଇଥିଲା । ମାତ୍ର କେହି କେହି ତାଙ୍କର ମୃତ୍ୟୁତିଥି ୫୨୦ ମସିହା ବୋଲି ଉଲ୍ଲେଖ କରିଛନ୍ତି । ଆର୍ଯ୍ୟଭଟ୍ଟଙ୍କ ସମ୍ମାନରେ ଭାରତବର୍ଷର ପ୍ରଥମ ପ୍ରକ୍ଷେପିତ ଉପଗ୍ରହର ନାମ ଯଥାର୍ଥରେ 'ଆର୍ଯ୍ୟଭଟ୍ଟ' ରଖାଯାଇଥିଲା । ଭାରତର ଅନ୍ତରୀକ୍ଷ ଯୁଗରେ ଏହି ଉପଗ୍ରହର ପ୍ରବେଶ ୧୯ ଅପ୍ରେଲ ୧୯୭୫ ମସିହାରେ ହୋଇଥିଲା ।

ଗୁପ୍ତ ସମ୍ରାଟ ଚନ୍ଦ୍ରଗୁପ୍ତ ଦ୍ୱିତୀୟ ବିକ୍ରମାଦିତ୍ୟଙ୍କ ନବରତ୍ନରେ ଗଣ୍ୟ ଆର୍ଯ୍ୟଭଟ୍ଟଙ୍କ ବେଧଶାଳା (ସେହି ସ୍ଥାନ, ଯେଉଁଠାରେ ଗ୍ରହ, ନକ୍ଷତ୍ର ଏବଂ ତାରାଗଣଙ୍କ ଗତିବିଧି ଜାଣିବାର ଯନ୍ତ୍ର ରଖାଯାଇ ଥାଏ) କେଉଁଠାରେ ସ୍ଥାପିତ ହୋଇଥିଲା, ଏହା ଆଜି ମଧ୍ୟ ମତ ମତାନ୍ତରର ବିଷୟ ହୋଇରହିଯାଇଛି । କିନ୍ତୁ ବର୍ତ୍ତମାନର ଅନ୍ୱେଷଣ ଏବଂ ତୈଥିକ ବିଧରଣ ସ୍ପଷ୍ଟ କରେ ଯେ, ଆଜିର ଖଗୋଳରେ ତତ୍‌କାଳୀନ ତଥାଗତଙ୍କ ଧର୍ମବିହାର ନିକଟରେ ଆର୍ଯ୍ୟଭଟ୍ଟଙ୍କ ବେଧଶାଳା ସ୍ଥାପିତ ହୋଇଥିଲା । ଫୁଲବାରୀ ସମ୍ମୁଖରେ ଥିବା ଏହି କ୍ଷେତ୍ରରେ ଆଜି ମଧ୍ୟ ଚକ୍ରଦହ ନାମକ ଏକ ପୁଷ୍କରିଣୀ ଅଛି । ଏହାର ପାର୍ଶ୍ୱରେ ଥିବା ଏକ କ୍ଷୁଦ୍ର ପାହାଡ଼ରେ ଗୁପ୍ତକାଳୀନ ମୃଦ୍‌ଭାଣ୍ଡ ପ୍ରାପ୍ତ ହୋଇଅଛି । ପ୍ରାଚ୍ୟ ବିଷୟରେ ବିଦ୍ୱାନ ଡଃ ଜଗଦୀଶ୍ୱର ପାଣ୍ଡେୟ କହନ୍ତି ଯେ ଘଟିକା ଯନ୍ତ୍ର, ଶଙ୍କୁଯନ୍ତ୍ର, ଯଷ୍ଟି ଯନ୍ତ୍ର, କପାଳ ଯନ୍ତ୍ର, ଛାୟା ଯନ୍ତ୍ର, ଧନୁ ଯନ୍ତ୍ର, ଚକ୍ର ଯନ୍ତ୍ର ତଥା ଛତ୍ର ଯନ୍ତ୍ର ଏହି ଭୂମିରେ ବିରାଜମାନ ଥିଲା । ଆର୍ଯ୍ୟଭଟ୍ଟଙ୍କ ସ୍ୱର୍ଗାରୋହଣର ପ୍ରାୟ ତିନିଶହ ବର୍ଷ ପରେ ଅନ୍ୟ ଏକ ଜ୍ୟୋତିଷ ବିଦ୍ୱାନଙ୍କ ନାମ ଆର୍ଯ୍ୟଭଟ୍ଟ ନାମରେ ଦେଖିବାକୁ ମିଳୁଛି । ଏହା ହିଁ କାରଣ ଅଟେ ଯେ ତାଙ୍କୁ ଆର୍ଯ୍ୟଭଟ୍ଟ ପ୍ରଥମ ତଥା ଅନ୍ୟଙ୍କୁ ଆର୍ଯ୍ୟଭଟ୍ଟ ଦ୍ୱିତୀୟ ବୋଲି କୁହାଯାଇଥାଏ । ଦ୍ୱିତୀୟ ଆର୍ଯ୍ୟଭଟ୍ଟଙ୍କ କୃତି ମଧ୍ୟରେ 'ମହାସିଦ୍ଧାନ୍ତ' ନାମକ ଏକ ଗ୍ରନ୍ଥ ପ୍ରସିଦ୍ଧି ଲାଭ କରିଛି । କେତେକ ଅର୍ଥରେ ଭାରତୀୟ ଅନ୍ୱେଷଣ ତଥା ଅନୁସନ୍ଧାନର ଜନକ ରୂପେ ଆର୍ଯ୍ୟଭଟ୍ଟଙ୍କ ନାମ ଅତ୍ୟନ୍ତ ସମ୍ମାନର ସହିତ ନିଆଯାଇଥାଏ । ଭଟ୍ଟାଚାର୍ଯ୍ୟ ଋଷିପ୍ରାଣ ଆର୍ଯ୍ୟଭଟ୍ଟ ଭାରତୀୟ ସଭ୍ୟତା ତଥା ସଂସ୍କୃତିର ଉନ୍ନାୟକ ଜ୍ୟୋତି ପୁରୁଷ ଥିଲେ, ଯିଏ ନିଜର ସଠିକ୍ ଗଣନା ତଥା ଅନ୍ୱେଷଣ ଦ୍ୱାରା ସମଗ୍ର ସଂସାରରେ ଯେଉଁ ଅମୂଲ୍ୟ ସ୍ଥାନ ନିର୍ମାଣ କରିଛନ୍ତି । ସେଥିପାଇଁ ସେ ସର୍ବଦା ବରେଣ୍ୟ ହୋଇ ରହିଥିବେ । ଏକ ଜାଗତିକ ମହାପ୍ରଳୟ ନ ଆସିବା ପର୍ଯ୍ୟନ୍ତ ସେ ଭାରତୀୟ ଜ୍ୟୋତିଷାର୍ଯ୍ୟ ଭାବେ ଉଦ୍‌ଭାସିତ ହୋଇ ରହିଥିବେ ।

ଖଗୋଳ ଶାସ୍ତ୍ର, ଭାରତୀୟ ଜ୍ୟୋତିଷବିଦ୍ୟା ତଥା ଗଣିତୀୟ ଜ୍ଞାନକୁ ଗୌରବାନ୍ୱିତ କରିଥିବା ଆର୍ଯ୍ୟଭଟ୍ଟ ଯୁଗ ଯୁଗ ଧରି ସ୍ମରଣୀୟ ଓ ବରଣୀୟ ହୋଇ ରହିଥିବେ ।

ପ୍ଲଟ୍ ନଂ– ୨୭୬/ଏ
ଶହୀଦ୍ ନଗର, ଭୁବନେଶ୍ୱର–୭୫୧୦୦୭

❖ ❖ ❖

# କୋରିଆ ବିଜ୍ଞାନ ମେଳା

ନିକୁଞ୍ଜ ବିହାରୀ ସାହୁ

ଗତ ନଭେମ୍ବର ୩ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ବନ୍ଦର ନଗରୀ ବୁସାନ୍‌ଠାରେ ଆୟୋଜିତ ହୋଇଥିଲା କୋରିଆ ବିଜ୍ଞାନ ଓ ସୃଜନୀ ମେଳା । ଏହି ମେଳାରେ ବିଦେଶରୁ ଆମନ୍ତ୍ରିତ ଷ୍ଟଲ୍‌ସବୁ ମଧ୍ୟରୁ ଆମର ଗୋଟିଏ ଷ୍ଟଲ୍ ସ୍ଥାନିତ ଥିବାରୁ ସମୁଦାୟ ମେଳା ଦେଖିବାକୁ ସୁଯୋଗ ମିଳିଥିଲା ଆମକୁ । ମେଳା ଅନୁଷ୍ଠିତ ହେଉଥାଏ ନଗରୀର ଉପକଣ୍ଠରେ ଥିବା ବେକ୍ସକୋର ଇନ୍‌ଡୋର୍ ହଲ୍ ମଧ୍ୟରେ, ଯାହାର ଆକାର ତିନୋଟି ଫୁଟ୍‌ବଲ୍ ଷ୍ଟାଡିୟମ୍ ସଦୃଶ । କୋରିଆ ପିଲାମାନଙ୍କ ଦ୍ୱାରା ଆୟୋଜିତ ପ୍ରାୟ ୩୦୦ଟି ଷ୍ଟଲ୍ ଏହି ମେଳାରେ ପ୍ରଦର୍ଶିତ ହେଉଥାଏ । କେଉଁଠି ଉଡାଜାହାଜର ଉଡ୍ଡାଣ ପ୍ରଦର୍ଶିତ ହେଉଥାଏ ତ ଆଉ କେଉଁଠି ହୋଭର୍‌କ୍ରାଫ୍ଟ ଓ ରୋବଟ୍ । କେଉଁଠି ମୋଟର୍ ତିଆରି କରାଯାଉଥାଏ ତ ଅନ୍ୟ କେଉଁଠି ତାରକୁଣ୍ଡଳୀ ମଧ୍ୟରେ ଚୁମ୍ବକର ଗତି ଯୋଗୁଁ ବିଦ୍ୟୁତ୍ ଉତ୍ପନ୍ନ ହେବା ଦ୍ୱାରା ବଲ୍‌ବ କିପରି ଜଳୁଛି, ତାହା ପ୍ରଦର୍ଶିତ ହେଉଥାଏ । ଗୋଟିଏ ଷ୍ଟଲ୍‌ରେ ପ୍ଲାଷ୍ଟିକର ଅନେକ କଦଳୀ ତାରରେ ଟଙ୍ଗା ଯାଇଥାଏ । ଏକ ବାଡିରେ କଦଳୀ ସବୁକୁ ଛୁଇଁଲେ ସପ୍ତସ୍ୱରର ଭିନ୍ନ ଭିନ୍ନ ଧ୍ୱନି ଯଥା: ସା..ରେ..ଗା..ମା.. ଶୁଣା ଯାଉଥାଏ । ଆଉ ଏକ ଷ୍ଟଲ୍‌ରେ ରକେଟ୍‌ର ଗତି ପ୍ରଦର୍ଶିତ ହେଉଥାଏ । ରବରର ଏକ ଆବଦ୍ଧ ନଳୀକୁ ହାତରେ ଚାପି ପ୍ରଚଣ୍ଡ ଚାପ ସୃଷ୍ଟି କରି ଏକ ରକେଟ୍ ଉତ୍‌କ୍ଷେପଣ କରାଯାଉଥାଏ ସେଠାରେ । କେଉଁଠି ପିଲାମାନେ ଜେଲିରେ ଆକର୍ଷଣୀୟ ଫୋଟକାମାନ ତିଆରି କରୁଥାନ୍ତି ତ ଆଉ କେଉଁଠି କାଗଜ ଭାଙ୍ଗି ବିଭିନ୍ନ ଆକୃତିର ଘନବସ୍ତୁ ଗଢ଼ା ଯାଉଥାଏ । ସବୁଠି ଚାଲିଥାଏ କିଛି ନା କିଛି ଆୟୋଜନ ଓ କ୍ରିୟାକଳାପ । ଏହିପରି ଭାବେ ସମୁଦାୟ ପରିବେଶ ଥିଲା ବେଶ୍ କର୍ମମୁଖର ଓ ଚଳଚଞ୍ଚଳ । ସବୁଆଡେ ଆଲୋକର ରୋଷଣି ଏବଂ ମାଇକ୍‌ରେ କୋରିଆ ଲଘୁ ସଙ୍ଗୀତର ମୂର୍ଚ୍ଛନା । କୋରିଆରେ ଏଭଳି କାର୍ଯ୍ୟକ୍ରମ ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବାରୁ ମେଳାରେ ବିପୁଳ ଜନଗହଳି ଓ ଅସମ୍ଭବ ଭିଡ଼ ଲାଗି ରହିଥିଲା । ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସବୁ ଶ୍ରେଣୀର ଦର୍ଶକ, ତରୁଣ ତରୁଣୀ ଓ ସବୁ ବୟସର ବ୍ୟକ୍ତି ମେଳାକୁ ଉପଭୋଗ କରୁଥିଲେ ।

କୋରିଆ ପିଲାମାନେ ସ୍ୱଭାବରେ ଭାରି ଆଗ୍ରହୀ ଏବଂ ସୃଜନଶୀଳ । ସେମାନେ ପାଠ୍ୟପୁସ୍ତକର ପରିସର ବାହାରେ ନୂଆ ନୂଆ ଜିନିଷ ତିଆରି କରିବାକୁ ଭଲ ପାଆନ୍ତି । ସୁନ୍ଦର ସୁନ୍ଦର ଖେଳନା, ଭିନ୍ନ ଭିନ୍ନ ଆକୃତିର କାଚ, ଚକଚକିଆ ଦର୍ପଣ, ଚୁମ୍ବକ ଏବଂ ରଙ୍ଗବେରଙ୍ଗର କୌତୁକିଆ ଜିନିଷ ସେମାନଙ୍କର ଭାରି ପସନ୍ଦ । ଷ୍ଟଲ୍‌ଗୁଡିକର ବିଶେଷତ୍ୱ ଥିଲା ଯେ ସେଠାରେ ଜଣେ ଦର୍ଶକ ବିଜ୍ଞାନ ଉପରେ ଆଧାରିତ କିଛି ଖେଳନା ନିଜେ ତିଆରି କରି ଘରକୁ ନେଇଯାଇ ପାରିବେ । ଏଥିପାଇଁ ଆବଶ୍ୟକୀୟ ସରଞ୍ଜାମ ଓ ଉପକରଣ ଷ୍ଟଲ୍ ଦାୟିତ୍ୱରେ ଥିବା ପିଲାମାନେ ଦର୍ଶକମାନଙ୍କୁ ମାଗଣାରେ ଯୋଗାଇ ଦେଉଥାନ୍ତି । ସୁତରାଂ ପ୍ରତି ଷ୍ଟଲ୍‌ରୁ ଗୋଟିଏ ଲେଖାଏଁ ଖେଳନା ମିଳୁଥିବାରୁ ଦର୍ଶକମାନଙ୍କର ଭିଡ ଜମୁଥାଏ ସେଠାରେ ।

ମେଳା ସକାଳ ୧୦ଟାରେ ଆରମ୍ଭ ହେଉଥିଲେ ସୁଦ୍ଧା ଠିକ୍ ୯ଟା ବାଜୁ ବାଜୁ ଆମ ଷ୍ଟଲ୍‌ରେ ତିନି ଜଣ ଭଲେଣ୍ଟିୟର୍ ସ୍କୁଲ୍ ଝିଅ ପହଞ୍ଚି ଯାଉଥିଲେ । କୋରିଆ ଲୋକେ ଇଂରାଜୀ ଭାଷାରେ ଟିକେ ଦୁର୍ବଳ । ସେମାନେ ନିଜ ମାତୃଭାଷାକୁ ଭଲ ପାଆନ୍ତି । ଅଧିକାଂଶ ନାମୀ ବିଦ୍ୟାଳୟରେ ଶିକ୍ଷାଦାନ କୋରିଆ ଭାଷା ମାଧ୍ୟମରେ ହିଁ କରାଯାଇଥାଏ । ସର୍ବସାଧାରଣ ସ୍ଥାନ ଓ ଏପରିକି ବିମାନ ବନ୍ଦରରେ ମଧ୍ୟ ଲେଖାଫଳକ ସବୁରେ ଇଂରାଜୀ ପରିବର୍ତ୍ତେ କୋରିଆ ଭାଷା ବହୁଳ ବ୍ୟବହୃତ ହୋଇଥାଏ । ସୁତରାଂ ଆମର ଇଂରାଜୀ କଥାକୁ କୋରିଆ ଭାଷାରେ ସାଧାରଣ ଦର୍ଶକଙ୍କୁ

କହିବା ପାଇଁ ବିଦେଶରୁ ଆମନ୍ତ୍ରିତ ଷ୍ଟଲ୍‌ସବୁରେ ଭଲେଣ୍ଟିୟର୍‌ମାନଙ୍କର ବ୍ୟବସ୍ଥା କରାଯାଇଥିଲା । ଆଉ କୋରିଆରେ ପୁଅମାନଙ୍କ ଅପେକ୍ଷା ଝିଅମାନେ ଅଧିକ ସ୍ମାର୍ଟ ଥିବାରୁ ଭଲେଣ୍ଟିୟର୍ ଦାୟିତ୍ୱ ପାଇଁ ଝିଅମାନଙ୍କୁ ହିଁ ବଛା ଯାଇଥିଲା। ଆମ ଷ୍ଟଲ୍‌କୁ ପ୍ରତ୍ୟେକ ଦିନ ତିନି ଜଣ ନୂଆ ନୂଆ ଭଲେଣ୍ଟିୟର୍ ଝିଅ ଆସୁଥାନ୍ତି। ସେମାନେ ସମସ୍ତେ ବୁସାନ୍ ଇଣ୍ଟର୍‌ନ୍ୟାସନାଲ୍ ଫରେନ୍ ଲାଙ୍ଗୁଏଜ୍ ସ୍କୁଲର ସପ୍ତମ କିମ୍ବା ଅଷ୍ଟମ ଶ୍ରେଣୀର ଛାତ୍ରୀ । ଭଲେଣ୍ଟିୟର୍ ଝିଅମାନେ ଭାରି ଆଗ୍ରହରେ ଆମର ମଡେଲ ସବୁକୁ ଗୋଟିଏ ଗୋଟିଏ କରି ଦର୍ଶକମାନଙ୍କୁ କୋରିଆ ଭାଷାରେ ବୁଝେଇଲେ। ସେମାନେ ଓ ଅନ୍ୟ ଝିଅମାନେ ନିଜ ସ୍କୁଲରୁ ପ୍ରଦର୍ଶନୀସ୍ଥଳକୁ କିପରି ଆସିଲେ ବୋଲି ପଚାରିଲି। ସେମାନେ ସମସ୍ତେ ଏକୁଟିଆ ଅର୍ଥାତ ବିନା ଗାଇଡ୍ ଟିଚରଙ୍କ ତତ୍ତ୍ୱାବଧାନରେ ଏତେ ବାଟ ଚାଲି ଚାଲି ଆସିଛନ୍ତି ବୋଲି କହିଲେ । ଆମର ଏଠି ପିଲାମାନେ ସ୍କୁଲ ଛାଡି କିଛି କାର୍ଯ୍ୟକ୍ରମରେ ପଦାକୁ ଗଲେ ପ୍ରଧାନଶିକ୍ଷକ ବ୍ୟସ୍ତ ହୋଇ ଜଣେ ଗାଇଡ୍ ଟିଚରଙ୍କ ବ୍ୟବସ୍ଥା କରିଥାନ୍ତି । ମାତ୍ର କୋରିଆର ପିଲାମାନେ ଏତେ ଶୃଙ୍ଖଳିତ ଯେ ସେମାନେ ବାହାର କାର୍ଯ୍ୟକ୍ରମରେ ଗଲେ କୌଣସି ମାର୍ଗଦର୍ଶକ ଟିଚରଙ୍କ ଆବଶ୍ୟକତା ପଡେ ନାହିଁ।

ଭଲେଣ୍ଟିୟର୍ ଝିଅମାନଙ୍କୁ ସେମାନେ ବଡ ହେଲେ କ'ଣ ହେବେ ବୋଲି ପଚାରିଲି । ଆମର ଏଠି ପିଲାଙ୍କୁ ଏ ପ୍ରଶ୍ନ ପଚାରିଲେ ଡାକ୍ତର, ଇଞ୍ଜିନିୟର ଇତ୍ୟାଦି ଉତ୍ତର ମିଳେ। ମାତ୍ର କୋରିଆ ଝିଅମାନଙ୍କ ଉତ୍ତର ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଜଣେ ସମୁଦ୍ରଖାଦ୍ୟ (ସି ଫୁଡ୍) ବେପାର କରୁଥିବା ବ୍ୟବସାୟୀ ହେବା ପାଇଁ ଚାହୁଁଥିଲାବେଳେ ଅନ୍ୟ ଜଣେ ଫ୍ୟାସନ୍ ଡିଜାଇନର୍, ଅନ୍ୟ ଜଣେ ମନସ୍ତତ୍ତ୍ୱବିତ୍ ଏବଂ ଅନ୍ୟ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ହେବା ପାଇଁ ଜୀବନର ଲକ୍ଷ୍ୟ ରଖିଥିଲେ। ସେମାନଙ୍କୁ ପଚାରି ବୁଝିଲି ଯେ ସେମାନଙ୍କ ହାଇସ୍କୁଲ ସ୍ତରରେ ଗଣିତ, ବିଜ୍ଞାନ ପରି ଜଟିଳ ବିଷୟବସ୍ତୁମାନ ପଢ଼ା ହୁଏ ନାହିଁ। ବିଦ୍ୟାଳୟରେ ବରଂ ବିଭିନ୍ନ ବିଦେଶୀ ଭାଷା (ଯଥା ଚୀନା, ଜାପାନୀ), ସଙ୍ଗୀତ, ଚିତ୍ରାଙ୍କନ ଆଦି ଶିକ୍ଷା ଦିଆଯାଏ। ଗଣିତ ଓ ବିଜ୍ଞାନ ବିଷୟ କେବଳ ମହାବିଦ୍ୟାଳୟ ସ୍ତରରୁ ହିଁ ଆରମ୍ଭ ହୋଇଥାଏ। ସୁତରାଂ ଆମ ଦେଶ ପରି କୋରିଆ ବିଦ୍ୟାଳୟରେ କୋମଳମତି ଶିଶୁମାନଙ୍କ ଉପରେ ବିଦ୍ୟାଳୟରେ ଶିକ୍ଷାର ବୋଝ ଜବରଦସ୍ତି ଲଦି ଦିଆଯାଏ ନାହିଁ । ପିଲାମାନେ ବିଦ୍ୟାଳୟରେ ହାଲୁକା ପାଠ ପଢ଼ିବା ସହିତ ଖେଳାଖେଳିରେ ମାତି ବେଶ୍ ମଉଜ ମଜଲିସ୍ କରିଥାନ୍ତି। ଅଳ୍ପ କିଛି ଫରେନ୍ ଲାଙ୍ଗୁଏଜ୍ ସ୍କୁଲରେ ଇଂରାଜୀ ଶିକ୍ଷାଦାନ କରାଯାଇଥାଏ ।

କୋରିଆ ପିଲାମାନେ ଭାରତୀୟ ସଂସ୍କୃତି ସହିତ ସେତେଟା ପରିଚିତ ନୁହଁନ୍ତି । ମାତ୍ର ଦିନେ ଜଣେ କୋରିଆ ପିଲା (ବୟସ ୮ କିମ୍ବା ୯ ବର୍ଷ) ତା' ସାଙ୍ଗମାନଙ୍କ ସହିତ ଆମ ଷ୍ଟଲ୍‌କୁ ଆସି ଆମକୁ 'ନମସ୍ତେ' ବୋଲି କହିଲା। ସମ୍ଭବତଃ, ତା' ଶିକ୍ଷକ ତା'କୁ ଭାରତୀୟ ଭାଷାରେ ଏଭଳି ସମ୍ଭାଷଣ କରିବା ପାଇଁ ଶିଖାଇଥିଲେ। ସେ ଅତି ଆଗ୍ରହରେ ଆମ ଷ୍ଟଲ୍‌ରେ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଲା ଏବଂ ନିଜେ ଗୋଟିଏ ପ୍ରକଳ୍ପ ତିଆରି କରି ସାଙ୍ଗରେ ନେଇଗଲା।

ମଧ୍ୟାହ୍ନ ବିରତି ସମୟରେ ଆମକୁ ମଧ୍ୟାହ୍ନ ଭୋଜନ ଖାଦ୍ୟ ପ୍ୟାକେଟ୍ ଆକାରରେ ପରିବେଷଣ କରାଯାଉଥିଲା। ଆମେ ଷ୍ଟଲ୍‌ରେ ଭଲେଣ୍ଟିୟର୍ ଝିଅମାନଙ୍କ ସହିତ ମିଶି ଏକାଠି ଖାଉଥିଲୁ। କୋରିଆର ଖାଦ୍ୟ ଭାରତୀୟ ଖାଦ୍ୟଠାରୁ ଥିଲା ସମ୍ପୂର୍ଣ୍ଣ ଅଲଗା। ଖାଦ୍ୟରେ ଆଦୌ ତେଲ କିମ୍ବା ମସଲା ବ୍ୟବହୃତ ହୁଏ ନାହିଁ। କୋରିଆ ପିଲାମାନେ କଣ୍ଟା ଚାମଚ ଓ କାଠିରେ ବିଶେଷକରି ବିଭିନ୍ନ ଆମିଷ ଖାଦ୍ୟ ଯେପରି ଘୁଷୁରି ମାଂସ ଏବଂ ମାଛ, ଚିଙ୍ଗୁଡି ଭଳି ସମୁଦ୍ରଖାଦ୍ୟ ଖାଇବା ପାଇଁ ଭଲ ପାଆନ୍ତି ।

ଏଜୁକେସନ୍ ଅଫିସର
ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର
ଢେଙ୍କାନାଳ

❖ ❖ ❖

# ତଳଦିଗେ ପୂର୍ବଭାଗେ ବିଜେ ଆଖଣ୍ଡଳମଣି

ଶାନ୍ତନୁ କୁମାର ମହାନ୍ତି

ବୈତରଣୀ ସାଳନ୍ଦୀର ତ୍ରିବେଣୀ ସଙ୍ଗମ ଘାଟଠାରୁ ଅନତି ଦୂର ଆରଡ଼ି ଗ୍ରାମରେ ଆଶୁତୋଷ ଆଖଣ୍ଡଳମଣି ସ୍ୱୟଂ ବିଦ୍ୟମାନ । ସତେ ଯେମିତି ଏହି ପୁଣ୍ୟତୋୟା ସ୍ୱଚ୍ଛତୋୟା ନଦୀର ପବିତ୍ର ଜଳ ମହାପ୍ରଭୁଙ୍କ ମସ୍ତକରେ ଶୀତଳ ପ୍ରଲେପ ସିଞ୍ଚି ଦେଉଛି ବା ପଦକମଳକୁ ଧୌତ କରୁଛି ! ଅଥବା ଭୁବନ ମନୋହାରୀ ଶିବ ଜଟା ଭିତରେ ଗଙ୍ଗାରୂପିଣୀ ବୈତରଣୀକୁ ଧାରଣ କରିଛନ୍ତି ! ଶିବ ଅର୍ଥ ମଙ୍ଗଳ । ତାଙ୍କ ଜଟାଜୁଟରେ ଗଙ୍ଗା ଆଶ୍ରୟ ନିଅନ୍ତି । ଗଙ୍ଗା ପବିତ୍ରତାର ନିଦର୍ଶନ । ନଦୀ କେବଳ ଏକ ଜଳଧାର ନୁହେଁ । ଏକ ଜୀବନ ସ୍ରୋତ - ଏକ ପରମ୍ପରାର ଆଧାର । ବୈତରଣୀ, ସାଳନ୍ଦୀ ନଦୀର ବୈଶିଷ୍ଟ୍ୟ ବହୁ କାବ୍ୟ ପ୍ରବନ୍ଧରେ ବର୍ଣ୍ଣିତ । 'ମର୍ତ୍ତ୍ୟଗଙ୍ଗା' ବା 'ଉତ୍କଳ ଗଙ୍ଗା' ଏବଂ ସାଳନ୍ଦୀ ଗଙ୍ଗାଙ୍କ ଉପଅବତାର ବା ଉତ୍କଳ ଯମୁନା ମାନ୍ୟତାପ୍ରାପ୍ତ । ଏଇ ନଦୀ ଅବବାହିକାର ମାଟି ଯେମିତି ଉର୍ବର, ସଂସ୍କୃତି ସେମିତି ସମୃଦ୍ଧ । ଆରଡି ଏକ କ୍ଷୁଦ୍ର ଜନପଦ ନୁହେଁ , ଏକ ଶୈବତୀର୍ଥ । ଆଖଣ୍ଡଳମଣି ଏହାର ଆତ୍ମିକ ସତ୍ତା - ଅଲୌକିକ ଶକ୍ତି - ଆଧାତ୍ମିକ ସୌନ୍ଦର୍ଯ୍ୟର ଦୀପ୍ତି ।

ବୈତରଣୀ ସ୍ରୋତଧାର ଶୁଭେ ଝର ଝର
ତହିଁ ମଧ୍ୟେ ମିଶିଅଛି ସାଳନ୍ଦୀର ଧାର ।
ପୁଣ୍ୟ ବୈତରଣୀ କୂଳେ ଆଖଣ୍ଡଳମଣି
ଆସ୍ଥାନ ସ୍ଥାପି ଅଛନ୍ତି ଭକ୍ତ ମନ ଜାଣି ।
ଅଦ୍ୟାପି ମଣି ନାମରେ ହେଉଛନ୍ତି ପୂଜା
ସର୍ବଦା ଦେଉଳେ ତାଙ୍କ ଉଡ଼ୁଅଛି ଧ୍ୱଜା ।

(ମଣି ପୁରାଣ)

ଗୋନାସିକା ଶୈଳ-ସୁତା-ପୁତ-ସ୍ରୋତେ ଢାଳେ ଯେ ଜଳ
ପ୍ରକ୍ଷାଳି ସଙ୍ଗମେ ଆଖଣ୍ଡଳମଣି ପାଦ କମଳ ।

(କବିବର ରାଧାନାଥ ରାୟ)

ଗୋନାସା ଶୈଳ ଶିଖରରୁ ବୈତରଣୀ ବହି ଆସିଛି ତଳଦିଗ ପୂର୍ବଭାଗ ମହୋଦଧି ନିକଟକୁ । ଏହି ନଦୀ କେତେବେଳେ ତୀର୍ଥ ବୈତରଣୀ ତ କେତେବେଳେ ତପ୍ତ ବୈତରଣୀ, ପୁଣି ଆଶା ବୈତରଣୀ । ଏହାର ପ୍ରତି ବାଙ୍କେ ବାଙ୍କେ ଶିବ, ଦୁର୍ଗାଙ୍କ ଆସ୍ଥାନ ଓଡ଼ିଶାର ଧାର୍ମିକ ଐତିହ୍ୟକୁ ସମୃଦ୍ଧିମନ୍ତ କରିଛି । କପିଳ ସଂହିତାରେ ଉଲ୍ଲେଖ ଅଛି ଯେ ଗଙ୍ଗା ଆଜି ସୁଦ୍ଧା ନବଧା ବିଭକ୍ତ ହୋଇ ପ୍ରବାହିତ । ତନ୍ମଧ୍ୟରୁ ବୈତରଣୀ ଗୋଟିଏ ଧାର । ବୈତରଣୀର ଆଦିସ୍ଥଳଠାରୁ ସମୁଦ୍ର ସଙ୍ଗମ ପର୍ଯ୍ୟନ୍ତ ତଟଦେଶରେ କେନ୍ଦୁଝର ରାଜ୍ୟର ବ୍ରହ୍ମକୁଣ୍ଡ ନିକଟରେ ବ୍ରହ୍ମେଶ୍ୱର, ରାମେଶ୍ୱର, ଚନ୍ଦ୍ରଶେଖର, କୀଚକେଶ୍ୱର କେଶରୀକୁଣ୍ଡ ନିକଟରେ ବିରଞ୍ଚେଶ୍ୱର, ଭୀମକୁଣ୍ଡ ନିକଟରେ ଭୀଷ୍ମେଶ୍ୱର, ତାଡ଼କେଶ୍ୱର, ଉତ୍ତରେଶ୍ୱର, ମୃଗେଶ୍ୱର, କପିଳେଶ୍ୱର, ଘଟକେଶ୍ୱର, ବଞ୍ଚେଶ୍ୱର, ବଟେଶ୍ୱର, ନୀଳକଣ୍ଠେଶ୍ୱର, ବାଲୁକେଶ୍ୱର, ହାବଳେଶ୍ୱର, ଯାଜପୁରରେ ତ୍ରିଲୋଚନେଶ୍ୱର, ପିଣ୍ଡେଶ୍ୱର, ଆଖଣ୍ଡଳେଶ୍ୱର, ସିଦ୍ଧେଶ୍ୱର, ବରୁଣେଶ୍ୱର, ଆରଡ଼ି ଆଖଣ୍ଡଳମଣି ଆଦି ବହୁ ଶିବଲିଙ୍ଗ ବିଦ୍ୟମାନ । ଏଗୁଡ଼ିକ ବ୍ରହ୍ମା ସଂସ୍ଥାପିତ ଶିବଲିଙ୍ଗ ବୋଲି ପୌରାଣିକ ଆଖ୍ୟାୟିକା ରହିଛି । କାରଣ ବ୍ରହ୍ମ ବୈବର୍ତ୍ତ ପୁରାଣରୁ ଜଣାଯାଏ ଯେ ସତ୍ୟ ଯୁଗରେ ବ୍ରହ୍ମା ବୈତରଣୀ ପୀଠରେ ଯଜ୍ଞକାର୍ଯ୍ୟ ସମାପନ କରିବା ନିମିତ୍ତ ତପସ୍ୟା କରି ବିଷ୍ଣୁ ପାଦପଦ୍ମରୁ ମର୍ତ୍ତ୍ୟ ଗଙ୍ଗା ବୈତରଣୀକୁ ଆଣିଥିଲେ । ବୈତରଣୀ ନିର୍ଗତ ହୋଇ କିଛି ବାଟ ଅତିକ୍ରମ କରିବା ପରେ ଗୁପ୍ତ ହୋଇଗଲେ । ଏକଥା ସାବିତ୍ରୀ ବ୍ରହ୍ମାଙ୍କୁ କହିବାରୁ ସେ ଶିବଙ୍କୁ ସନ୍ତୁଷ୍ଟ କରି ବ୍ରହ୍ମେଶ୍ୱର ମହାଦେବଙ୍କଠାରୁ

ଆରମ୍ଭ କରି ବୈତରଣୀ କୂଳେ କୂଳେ କ୍ରୋଶଲିଙ୍ଗ ସ୍ଥାପନ କରିଥିଲେ । ଏଇଥିରୁ ପ୍ରାଚୀନ ଉତ୍କଳର ଏକ ବଳିଷ୍ଠ ଶୈବ ସଂସ୍କୃତି ବୈତରଣୀ ତୀରରେ ଗଢ଼ି ଉଠିଥିବାର ପ୍ରମାଣ ମିଳେ । ଓଡ଼ିଶାର ପ୍ରାଚୀ ନଦୀକୁ ଛାଡ଼ିଦେଲେ ଆଉ କୌଣସି ନଦୀ କୂଳରେ ଏତେ ସଂଖ୍ୟକ ଶିବଲିଙ୍ଗ ଦୃଷ୍ଟିଗୋଚର ହୁଏ ନାହିଁ । ବୈତରଣୀ ଉତ୍କଳ ଜନନୀର ରତ୍ନହାର ସଦୃଶ । ଆଖଣ୍ଡଳମଣିଙ୍କ ଇତିବୃତ୍ତ ଏହି ନଦୀର ପ୍ରାଚୀନ ଏବଂ ଐତିହାସିକ ବିଭବ ସହ ସଂଯୁକ୍ତ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର 'ଉତ୍କଳ ସୁଷମା ଗୌରବର ଖଣି'ରେ ବୈତରଣୀର ପ୍ରସିଦ୍ଧି ଏବଂ ସୌନ୍ଦର୍ଯ୍ୟ ବର୍ଣ୍ଣନା ପ୍ରସଙ୍ଗରେ ଆଖଣ୍ଡଳମଣିଙ୍କ ପୁଣ୍ୟନାମ ସ୍ମରଣ କରିବାକୁ ଭୁଲି ନାହାନ୍ତି ।

ସରିତ-ଈଶ୍ୱରି ମାତଃ ବୈତରଣୀ
ଉତ୍କଳ-ସରିତ-କୁଳ-ମଥାମଣି ।
ତୋର ଉପକୂଳ ଆଖଣ୍ଡଳେଶ୍ୱର
ଆଶ୍ରିଲେ ତ୍ୟଜିଣ କୈଳାସ ଶିଖର ।
ତହିଁ ଗୋ ଜନନୀ ତୋ କରୁଣା ଝରି
ପଡ଼ୁଅଛି ପାପୀ ତାପୀ ଶିରୋପରି ।
ସଖୀ ସାଳନ୍ଦୀକୁ କରି ଆଲିଙ୍ଗନ
ତିନି ତୀରେ କରୁ ମଧୁର ଚୁମ୍ବନ ।
ଏ କୂଳୁ ସେ କୂଳ ଯାଏ ନାହିଁ ଦେଖା
ଲିଭି ଯାଇଅଛି ଯହିଁ ସୀମାରେଖା ।
'ମଣି' କୃପାବଳେ ତୋ ପୁଣ୍ୟ ନିର୍ଝର
ଧୋଇ ଘେନିଯାଏ କଳୁଷ ତାଙ୍କର ।

(ବୈତରଣୀ)

ବୈତରଣୀ କୂଳରେ ବିରାଜିତ କେନ୍ଦୁଝର, ଘଟଗାଁ ତାରିଣୀ, ସୋଲାମପୁର ବୌଦ୍ଧବିହାର, ଯାଜପୁର ବିରଜା, ଆରଡ଼ି ଆଖଣ୍ଡଳମଣି, କନିକା ଗଡ଼, ଚାନ୍ଦବାଲି ବନ୍ଦର, ଧାମରା ଧାମରାଈ ଓ ବହୁ ତୀର୍ଥସ୍ଥଳୀ । 'ଚାରୁ ଚକ୍ରବାକୀ ସଦା ମକରନ୍ଦୀ' ସାଳନ୍ଦୀର ନିବିଡ଼ ଆଲିଙ୍ଗନ ଏହି ନିର୍ଜନ ଉପତ୍ୟକାର ସ୍ନିଗ୍ଧ ଶୀତଳ ପରିବେଶକୁ ମାଧୁର୍ଯ୍ୟମଣ୍ଡିତ କରିଛି । ଆଖଣ୍ଡଳମଣି ବା ଆରଡ଼ିଶ୍ୱର କେବଳ ଆରଡ଼ି ଗ୍ରାମର ଈଶ୍ୱର ନୁହନ୍ତି, ବୈତରଣୀ ସାଳନ୍ଦୀ ନଦୀ ଅବବାହିକାରେ ଶୈବ ସଂସ୍କୃତିର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ।

ଆରଡ଼ି ଗ୍ରାମରେ ବିରାଜନ୍ତି ଯହିଁ
ସ୍ୱୟମ୍ଭୁ ତ୍ରିଶୂଳାୟୁଧ
ଅପରାଧୀ ବ୍ୟକ୍ତି ଜଣାପଡ଼େ ନାହିଁ
ଛୁଇଁଲେ ବୃଷ କକୁଦ ।

(କବିଶେଖର ଚିନ୍ତାମଣି ମହାନ୍ତି)

ପୂତ ବୈତରଣୀ ସାଳନ୍ଦୀ ସଲିଳ
କ୍ଷାଳିତ ଆରଡ଼ି ଗ୍ରାମେ
ବିଜେ ଆଶୁତୋ ଆଶୁ ବରପ୍ରଦ
ଆଖଣ୍ଡଳେଶ୍ୱର ନାମେ ।

(କବିରତ୍ନ ଦାମୋଦର ମିଶ୍ର)

ଭଦ୍ରକ, ଚାନ୍ଦବାଲି ମାଟିରେ ବୈତରଣୀ ସହ ସାଳନ୍ଦୀର ପବିତ୍ର ସଂଗମ ଘଟି ଆଉ ଏକ ପ୍ରୟାଗ ସୃଷ୍ଟି ହୋଇଛି । ତାହା ହେଉଛି ଆଖଣ୍ଡଳମଣି ଧାମ ବା ଶିବତୀର୍ଥ ଆରଡ଼ି । ସାଳନ୍ଦୀ ଗଙ୍ଗାଙ୍କ ଉପଅବତାର ଏବଂ ଏହାର ତୀରଭୂମି ପାତକହାରିଣୀ ବୈତରଣୀ ପରି ଦେବତାଙ୍କ ପ୍ରିୟସ୍ଥଳୀ । ତେଣୁ କବିଶେଖର ଚିନ୍ତାମଣି ମହାନ୍ତି 'ସାଳନ୍ଦୀ' କାବ୍ୟରେ ଲେଖିଗଲେ- -

ଆନ ତୀର୍ଥ ତୋର ପ୍ରୟୋଗ ଉପମ
ପୂତ ବୈତରଣୀ-ତଟିନୀ ସଙ୍ଗମ ।
ଅଧିଷ୍ଠିତ ଯହିଁ ଯୋଗେଶ୍ୱର ହର
ଆରଡ଼ି ଗ୍ରାମର ଆରଡ଼ି ଈଶ୍ୱର ।
ଯାହାଙ୍କ ମହିମା କଳ୍ପନା ଅତୀତ
ଦିଗ ଦିଗନ୍ତରେ ହୁଏ ବିଘୋଷିତ ।
ସଦ୍ୟ ଫଳଦାତା ପରମ କୃପାଳୁ
ଢାଳୁଛନ୍ତି କୃପା ଅକଳିତ କାଳୁ ।
ରୋଗମୁକ୍ତି ଆଶେ ଆସି ରୋଗୀମାନେ
ଧାରଣା ପଡ଼ନ୍ତି ତାଙ୍କ ପୀଠସ୍ଥାନେ ।
ନିତ୍ୟ କେତେ ରୋଗୀ ହୋଇ ନିରାମୟ
ଉଚ୍ଚାରନ୍ତି ତାଙ୍କ ନାମେ ଜୟ ଜୟ ।
ତହିଁ ତୁ ସାଳନ୍ଦୀ, ବୈତରଣୀ ସଙ୍ଗେ
ମିଶାଇ ତରଙ୍ଗ ଖେଳୁ ନାନା ରଙ୍ଗେ ।

ସାଳନ୍ଦୀର ଗାରିମା ତଥା ଆଖଣ୍ଡଳମଣିଙ୍କ ମହିମା ପ୍ରତିପାଦନ କଲାବେଳେ କବିଙ୍କ ବିଭୁପରାୟଣତା ପ୍ରକଟିତ ହୋଇଛି । ଆରଡ଼ି ଧାମର ମାହାତ୍ମ୍ୟ ସୁଦୂରପ୍ରସାରୀ । ଓଡ଼ିଶାରେ ଯାଜପୁର, ପୁରୀ, ମହେନ୍ଦ୍ରଗିରି, ଭୁବନେଶ୍ୱର, ସୋନପୁର, ଖିଚିଂ, ଗୁପ୍ତେଶ୍ୱର, କପିଳାସ, ଆରଡ଼ି ପ୍ରଭୃତି ପ୍ରସିଦ୍ଧ ଶୈବକ୍ଷେତ୍ର ରୂପେ ସର୍ବଜନବିଦିତ । ଏହାଛଡ଼ା ଓଡ଼ିଶାର ଚାରିଆଡ଼େ ଅସଂଖ୍ୟ ଶିବଲିଙ୍ଗ ଦେଖାଯାଏ । କେବଳ ଅଭିଲେଖ ନୁହେଁ, ଓଡ଼ିଶାରେ ଅଦ୍ୟାପି ଦଣ୍ଡାୟମାନ କାଳଜୟୀ ଅସଂଖ୍ୟ ମନ୍ଦିର ଏବଂ ଅର୍ଚ୍ଚିତ ଓ ଉପାସିତ ଶିବଙ୍କ ବିଭିନ୍ନ ମୂର୍ତ୍ତି ଓ ବିବିଧ ନାମରେ ନାମିତ ଅସଂଖ୍ୟ ଶିବଲିଙ୍ଗଙ୍କୁ ଲକ୍ଷ୍ୟ କଲେ ଏକଦା ଓଡ଼ିଶା ଯେ ଭାରତର ଅନ୍ୟତମ ପ୍ରଧାନ

ଶୈବକ୍ଷେତ୍ର ଭାବେ ସ୍ୱୀକୃତି ଲାଭ କରିଥିଲା, ସେଥିରେ ସନ୍ଦେହର ଅବକାଶ ରହେ ନାହିଁ ।

(ଓଡ଼ିଶାର ଶୈବ ସଂସ୍କୃତି- ଓଡିଶା କଲଚରାଲ ଫୋରମ) ।

ଆଖଣ୍ଡଳମଣି ଅର୍ଥ ଆଖଣ୍ଡଳସ୍ୟ ମଣି ଅର୍ଥାତ୍ ଇନ୍ଦ୍ରଙ୍କର ପ୍ରଭୁ । ଶିବ ମହାଦେବ ଓ ଦେବ ଦେବ । କେହି କେହି ତାଙ୍କୁ ଅଖଣ୍ଡମଣ୍ଡଳ ବ୍ରହ୍ମାଣ୍ଡର ଠାକୁର ରୂପେ ବର୍ଣ୍ଣନା କରି ଯାଇଛନ୍ତି ଓ ତାଙ୍କ ଚରଣ କମଳରେ ଆକୁଳ ନିବେଦନ ଜଣାଇଛନ୍ତି । ସବୁ ଦେବତାମାନେ ତାଙ୍କ ପୂଜା କରୁ ଥିବାରୁ ସ୍ଥଳ ବିଶେଷରେ ଶିବଲିଙ୍ଗଗୁଡ଼ିକ ରାମେଶ୍ୱର, ବ୍ରହ୍ମେଶ୍ୱର, ଇନ୍ଦ୍ରେଶ୍ୱର, ବରୁଣେଶ୍ୱର, ଭାସ୍କରେଶ୍ୱର, ଯମେଶ୍ୱର, କୁମାରେଶ୍ୱର ଇତ୍ୟାଦି ନାମରେ ପରିଚିତ ।

ଓଡ଼ିଶାରେ ୪ର୍ଥ ଶତାବ୍ଦୀଠାରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ଭଞ୍ଜବଂଶ, ମାଠର ବଂଶ, ଗଙ୍ଗ ବଂଶ, ଶୈଳୋଦ୍ଭବ ବଂଶ, ଭୌମ ବଂଶ, ସୋମବଂଶ ପ୍ରଭୃତି ରାଜବଂଶର ନରପତିମାନେ ଶିବ ଉପାସକ ଓ ଶୈବଧର୍ମର ପରିପୋଷକ ଥିଲେ । ସେମାନେ ଶୈବଧର୍ମକୁ ଓଡ଼ିଶାରେ ଲୋକପ୍ରିୟ କରାଇବା ନିମିତ୍ତ ଆପ୍ରାଣ ଉଦ୍ୟମ କରିଥିଲେ । ଆଖଣ୍ଡଳମଣି ପୀଠକୁ କେନ୍ଦ୍ର କରି ବୈତରଣୀ ନଦୀର ଗୋଟିଏ ପାର୍ଶ୍ୱରେ କନିକା ଭଞ୍ଜ ରାଜବଂଶ, ଅପରପାର୍ଶ୍ୱ ଭଦ୍ରକରେ ଭୌମକର ରାଜବଂଶ ତଥା ଉପରଭାଗ ଯାଜପୁରରେ ସୋମବଂଶୀ କେଶରୀଙ୍କ ରାଜୁତି ଥିଲା । କନିକା ଭଞ୍ଜ ରାଜବଂଶ ଆଖଣ୍ଡଳମଣିଙ୍କ ପରମ ଉପାସକ ଏବଂ ମୁଖ୍ୟ ପୃଷ୍ଠପୋଷକ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି । ଆଖଣ୍ଡଳମଣି ମନ୍ଦିର ଏହି ରାଜବଂଶର ଅମରକୀର୍ତ୍ତି । କନିକାର ଭଞ୍ଜ ରାଜବଂଶ ସମ୍ଭୂତ ହରିହର ଭଞ୍ଜଙ୍କ ରାଣୀ ସତ୍ୟଭାମା ପାଟମହାଦେଈ ମନ୍ଦିରର ନିର୍ମାତା ହିସାବରେ ଗଣ୍ୟ । ସେ ମହିୟସୀ ନାରୀ ଏବେ ବି ଆରଡ଼ି ଧାମକୁ ସ୍ମୃତି ବିଜଡ଼ିତ କରି ରଖିଛନ୍ତି । କନିକା ରାଜପଣ୍ଡିତ କବିରତ୍ନ ସରସ୍ୱତୀ ଦାମୋଦର ମିଶ୍ରଙ୍କ ସୁନ୍ଦର ପଂକ୍ତିଟିଏ- -

ଇଷ୍ଟଲାଭେ ତୁଷ୍ଟ କନିକାର ରାଜା
ହରିହର ଭଞ୍ଜ ବାମା
ପୁଣ୍ୟରାଶି ତୁଳ ଯାହାଙ୍କ ଦେଉଳ
ରହିଛନ୍ତି ସତ୍ୟଭାମା ।

ଓଡ଼ିଶାର ପ୍ରାଚୀନ ଦେବଦେବୀଙ୍କ ଆବିର୍ଭାବର ପଛପଟେ ଜଡ଼ିତ ରହିଛି ବହୁ ବିସ୍ମୟକର, ଅଲୌକିକ କାହାଣୀ । ସେଗୁଡ଼ିକ ଯେପରି ରହସ୍ୟାବୃତ୍ତ, ସେପରି କୌତୁହଳଦ୍ଦୀପକ । ବହୁ ଦେବଦେବୀଙ୍କ ବିଗ୍ରହ ନଦୀ ସମୁଦ୍ର ଗର୍ଭରୁ, ଘଞ୍ଚ ଅରଣ୍ୟରୁ, ଗିରି କନ୍ଦରରୁ କିମ୍ୱା ଭୂଗର୍ଭରୁ ପ୍ରାପ୍ତ । ଜନଶ୍ରୁତି ଅନୁସାରେ ଜନୈକ କୃଷିଜୀବୀ ଭୂମି କର୍ଷଣ କରୁ କରୁ ଆଖଣ୍ଡଳମଣିଙ୍କୁ ଆବିଷ୍କାର କରିଛି । ବାବାମଣି ରବ ଆରଡ଼ିକୁ ମୁଖରିତ କଲା ଉତ୍ତାରୁ ଶ୍ରୀଜୀଉଙ୍କ ଆବାସ ସ୍ଥଳୀରେ ତତ୍କାଳୀନ ଜମିଦାର ନୀଳାଦ୍ରି ସମରସିଂହ ମହାପାତ୍ର ଗ୍ରାମବାସୀ ଏବଂ କାରିଗରମାନଙ୍କ ସହଯୋଗରେ ଏକ କାଷ୍ଠ ମନ୍ଦିର ନିର୍ମାଣ କରି ଲିଙ୍ଗ ପ୍ରତିଷ୍ଠା କରନ୍ତି । ତାଙ୍କର ଉତ୍ତରଦାୟାଦ ସନ୍ଥ ଚରଣ ସମରସିଂହ ମହାପାତ୍ର ବାବାମଣିଙ୍କ ଉତ୍ପତ୍ତି ଏବଂ ପ୍ରତିଷ୍ଠା ସମ୍ୱନ୍ଧରେ ଜଣାଣଟିଏ ରଚନା କରି ଯାଇଛନ୍ତି, ଯାହାକି ଶ୍ରୀଜୀଉଙ୍କ ସର୍ବପ୍ରଥମ ଭଜନ ଭାବରେ ସ୍ୱୀକୃତ ।

ପୁଣ୍ୟ ବୈତରଣୀ କୂଳରେ ଗ୍ରାମ ଆରଡ଼ି ଖ୍ୟାତ ।
ନୀଳାଦ୍ରି ସମରସିଂହଙ୍କ ଥିଲା ପୂର୍ବେ ରାଜତ୍ୱ ॥

x x x

କିଛିଦିନ ପରେ ନୀଳାଦ୍ରି ବିନ୍ଧାଣୀଙ୍କୁ ଡକାଇ ।
କାଠର ମନ୍ଦିର ଗୋଟିଏ ଶୀଘ୍ର ଦେଲେ ତୋଳାଇ ॥

x x x

କନିକାର ପାଟରାଣୀଙ୍କୁ ଯହୁଁ ହେଲା ସପନ ।
ପଥରରେ ଏକ ଦେଉଳ ରାଣୀ କଲେ ନିର୍ମାଣ ॥

କନିକା ରାଜା ବଳଭଦ୍ର ଭଞ୍ଜଙ୍କ ଦୁଇପୁତ୍ର ଜଗନ୍ନାଥ ଓ ହରିହର । ବଳଭଦ୍ରଙ୍କ ଅନ୍ତେ ଜଗନ୍ନାଥ ରାଜ୍ୟ ଭାର ଗ୍ରହଣ କରି ପରେ କେରଡ଼ା ଗଡ଼ରେ ଅବସ୍ଥାନ କରିବାରୁ କନିଷ୍ଠ ଭ୍ରାତା ହରିହର ରାଜପଦ ମଣ୍ଡନ କଲେ । ତାଙ୍କ ପାଟରାଣୀ ସତ୍ୟଭାମା ଜଣେ ଧର୍ମପ୍ରାଣା ମହିଳା ଥିଲେ । ରାଜଧାନୀ ରିଗାଗଡ଼ରୁ ଆରଡ଼ି ପ୍ରାୟ ଆଠକୋଶ ଦୂର ଦୁର୍ଗମ ଜଳପଥ । ତଥାପି ରାଜା ଶତ ଆହୁଲା ବିଶିଷ୍ଟ ତରୀରେ ପ୍ରତ୍ୟହ ଆରଡ଼ି ଆସି ଆଖଣ୍ଡଳମଣିଙ୍କୁ ଦର୍ଶନ କରି ନ ଫେରିବା ପର୍ଯ୍ୟନ୍ତ ମହାରାଣୀ ଜଳ ସ୍ପର୍ଶ ସୁଦ୍ଧା କରୁ ନଥିଲେ । ଯେଉଁଦିନ ସେ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହୁଅନ୍ତି, ସେଦିନ ସେମାନେ ଉପବାସ ରୁହନ୍ତି । ରାଜାରାଣୀଙ୍କ କ୍ଲେଶ ହରଣ କରିବା ନିମିତ୍ତ ବାବାମଣି ଏକଦା ବୈଷ୍ଣବ ବେଶରେ ସ୍ୱପ୍ନାବିଷ୍ଟ ହୋଇ ରିଗାଗଡ଼ରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଲେ । ତଦନୁସାରେ ଆଖଣ୍ଡଳେଶ୍ୱର ଶିବଲିଙ୍ଗ ସେଠାରେ ପ୍ରତିଷ୍ଠିତ ହେଲେ । ତା'ପରେ ରାଣୀ ସତ୍ୟଭାମା ପାଟମହାଦେଈଙ୍କ ପୃଷ୍ଠପୋଷକତାରେ ଆରଡ଼ିରେ ଥିବା ପୁରୁଣା ଦେଉଳର ମୂଳପିଣ୍ଡ ଉପରେ ନୂଆ ମନ୍ଦିର ନିର୍ମାଣର ବିଧି ବ୍ୟବସ୍ଥା ହେଲା । ଏଥିନିମିତ୍ତ

ରତ୍ନଗିରି, ଲଳିତଗିରିରୁ ପଥରଖଣ୍ଡ ଅଣା ଯାଇଥିଲା । କବିରତ୍ନ ଦାମୋଦର ମିଶ୍ରଙ୍କ ଭାଷାରେ– –

ବଇତରଣୀରୁ ପ୍ରଣାଳୀ ଖୋଳି କୋଶରୁ ଦୂର
ଆରଡ଼ି ଗ୍ରାମକୁ ଏ ପଥେ ନେଇ ଶିଳା ପ୍ରଚୁର ।
ସେହି ଆଖଣ୍ଡଳେଶ୍ୱରଙ୍କୁ ବିତରିଲେ ପ୍ରସାଦ
ସ୍ୱାମୀ ଲଭିଥିଲେ ଦର୍ଶନେ ଯେଉଁ ଶିବପ୍ରସାଦ ।

ଓଡ଼ିଶାର ପ୍ରାଚୀନ ଶିବମନ୍ଦିରଗୁଡ଼ିକ ମଧ୍ୟରେ ଆଖଣ୍ଡଳମଣି ମନ୍ଦିରର ନାମ ନାହିଁ କି ଉକ୍ତ ଶିବଲିଙ୍ଗ ପୂଜା ପାଉଥିବା ଦେଉଳଟି ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ସିଦ୍ଧ ଓ ପ୍ରମାଣଯୋଗ୍ୟ ନୁହେଁ । ତେଣୁ ଶ୍ରୀଜୀଉଙ୍କ ସଠିକ୍ କାଳ ନିରୂପଣ କରିବା ସମ୍ଭବ ହୋଇପାରି ନାହିଁ । ଯାଜପୁର ଆଖଣ୍ଡଳେଶ୍ୱର ଏବଂ ଭୁବନେଶ୍ୱର ଇନ୍ଦ୍ରେଶ୍ୱରଙ୍କ ଐତିହାସିକତା ସାବ୍ୟସ୍ତ । ଓଡ଼ିଶାରେ ନବମ ଓ ଦଶମ ଶତାବ୍ଦୀର ସୋମବଂଶୀ କେଶରୀଙ୍କ ରାଜତ୍ୱରେ ଆଖଣ୍ଡଳମଣି ପ୍ରତିଷ୍ଠିତ ହୋଇ ପାରିଥାନ୍ତି ବୋଲି ଐତିହାସିକ ଡଃ ଜଗନ୍ନାଥ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । କିନ୍ତୁ ଆଖଣ୍ଡଳମଣି ୧୪୦୪ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ବୋଲି 'ତ୍ର୍ୟମ୍ବକ ଅଗ୍ନିଉଡ଼ି' ନାମକ ପୁସ୍ତକରେ ଉଲ୍ଲେଖ ଅଛି । ତେଣୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଆଖଣ୍ଡଳମଣି ପ୍ରସିଦ୍ଧି ଲାଭ କରିଥିବା ସମ୍ଭବ । କୌଣସି ପ୍ରାଚୀନ ପୁରାଣରେ ଆଖଣ୍ଡଳମଣି ବା ଆଖଣ୍ଡଳେଶ୍ୱରଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ମିଳୁ ନଥିଲେ ହେଁ ଏହା ଏକ ପ୍ରସିଦ୍ଧ ଶୈବତୀର୍ଥ ରୂପେ ଲୋକ ବିଶ୍ରୁତ ହୋଇ ପାରିଛି । ଧନ୍ୟ ସେ ଆଖଣ୍ଡଳମଣି, ମହାମହିମ ଶୂଳପାଣି । (ପଞ୍ଚାନନ ମେଳା) ।

ଆଖଣ୍ଡଳମଣିଙ୍କୁ ଉପାସନା କରି ବହୁଲୋକ ରୋଗମୁକ୍ତ ହୋଇଥିବାର ପ୍ରବାଦ ରହିଛି । ବିଶେଷତଃ ଆରଡ଼ିରେ ଗାରେଡ଼ି ନାହିଁ ବୋଲି ଲୋକମୁଖରେ ପ୍ରଚଳିତ । ଶିବ ହେଉଛନ୍ତି ତନ୍ତ୍ରର ଗୁରୁ ପରମେଶ୍ୱର ଓ ମନ୍ତ୍ରର ଦେବତା । ଗୁଣିଗାରେଡ଼ି ସେହି ତାନ୍ତ୍ରିକଙ୍କର ଅନ୍ୟ ଏକ ଅଲୌକିକ କାର୍ଯ୍ୟ । ହର ହର ମହାଦେବଙ୍କ ଆଜ୍ଞାରେ କାଳକୂଟ ବିଷ ହରଣ ହୋଇଯାଏ । ଯେଉଁ ଧାମରେ ସ୍ୱୟଂ ଆଖଣ୍ଡଳମଣି ନିଜେ ବିଷ ଝାଡ଼ି ଦିଅନ୍ତି, ସେଠି ଗୁଣିଆଙ୍କର ଆବଶ୍ୟକତା ରହିଲା କେଉଁଠି ? ସୃଷ୍ଟି ରକ୍ଷା ନିମିତ୍ତ ଯେ ବିଷପାନ କରି ନୀଳକଣ୍ଠ ନାମ ଧାରଣ କରିଥିଲେ, ସେ ବିଷ ହରଣ କରିପାରିବେ ନାହିଁ କାହିଁକି ? ଶିବଙ୍କ ଯେଉଁ ନେତ୍ର କାମଦେବଙ୍କ ପ୍ରାଣ ଦହନରେ ସମର୍ଥ ସେ ଓଜସ୍ୱିନୀ ମସ୍ତକଭୂଷଣ 'ମଣି' ଫଣୀବିଷ ହରଣ କରିପାରିବ ନାହିଁ କାହିଁକି ? ସର୍ପର ବିଷକୁ ପାଣି କରୁଥିବା ଏମନ୍ତ ଯେଉଁ ଆତଙ୍କନାଶନ ମଣି, ଆତଙ୍କୁ ଉଦ୍ଧରନ୍ତି ପୁଣି– କଳିତ ସୁଧାନିଧି ମଣ୍ଡନ, କଳି ଖଣ୍ଡନ, ଲଳିତ ଭୁଜଙ୍ଗମ ହାର ବାବା ଆଖଣ୍ଡଳମଣି ସେ ସର୍ବଜୀବଙ୍କୁ ଦୁଃସହ ସଂକଟରୁ ଉଦ୍ଧାର କରନ୍ତି । ସେଥିପାଇଁ ବୋଧହୁଏ ନାଥ ଈଶ୍ୱର ପରିବର୍ତ୍ତେ ଏଠାରେ ଶିବଲିଙ୍ଗ ସହ ମଣି ଶବ୍ଦ ଯୋଡ଼ା ହୋଇଛି । ଆଖଣ୍ଡଳମଣିଙ୍କ ପବିତ୍ର ଚରଣୋଦକ ବା କୁଣ୍ଡ ଜଳ ସର୍ବରୋଗର ମହୌଷଧି ରୂପେ ବିଶ୍ୱାସନୀୟ । ତା'ଛଡ଼ା କଦଳୀ, ନଡ଼ିଆ, ଛେନା, କ୍ଷୀର, ଦହି, ଲହୁଣୀ, ଶର୍କରା, ମହୁ, ଘୃତର ସମ୍ମିଶ୍ରଣରେ ପ୍ରସ୍ତୁତ ବାବାମଣିଙ୍କ 'ଘର୍ଷଣ' ଅମୃତତୁଲ୍ୟ ଲାଗେ । 'ଘର୍ଷଣ' ଉକ୍ତ ଶିବପୀଠର ଏକ ପ୍ରଧାନ ବୈଶିଷ୍ଟ୍ୟ ।

ଆଖଣ୍ଡଳମଣି ଏତେ ପ୍ରସିଦ୍ଧ ଯେ ତାଙ୍କ ମହିମା ଗାନ କରି ଲେଖାଯାଇଛି ବହୁ ସଂସ୍କୃତ ଓ ଓଡ଼ିଆ ପୁସ୍ତକ । ବହୁ କବି, ପଣ୍ଡିତ, ନାଟ୍ୟକାର ବାବାମଣି ଭଜନ, ଜଣାଣ ରଚନାରେ ଆତ୍ମବିଭୋର । ଓଡ଼ିଶା କଲଚରାଲ ଫୋରମ ଦ୍ୱାରା ସଂକଳିତ 'ଓଡ଼ିଶାର ଶୈବ ସଂସ୍କୃତି' (୧୯୮୩) ଗ୍ରନ୍ଥ ଅନୁସାରେ, – ଊନବିଂଶ ଓ ବିଂଶ ଶତାବ୍ଦୀର ବହୁ କବିଙ୍କ ରଚିତ ପ୍ରସିଦ୍ଧ ଶିବ ବିଗ୍ରହ ଆରଡ଼ି ଅନ୍ତର୍ଗତ ଆଖଣ୍ଡଳେଶ୍ୱର, ଜଳେଶ୍ୱର ଅନ୍ତର୍ଗତ ଚନ୍ଦନେଶ୍ୱର ପ୍ରଭୃତି ମହାଦେବଙ୍କ ଭଜନ ଓ ଜଣାଣ ଜନସାଧାରଣ ଗାନ କରୁଛନ୍ତି । ବହୁ ପ୍ରାଚୀନ କାଳରୁ ଶୈବ ସମ୍ପ୍ରଦାୟର କବିମାନେ ଶୈବ ସଂଗୀତର ଉତ୍ତରୋତ୍ତର ସମୃଦ୍ଧି ନିମିତ୍ତ ବହୁ ଭଜନ ରଚନା କରିଥିଲେ ହେଁ କାଳର କରାଳ କବଳରେ ସେଗୁଡ଼ିକ ଅବଲୁପ୍ତ ପ୍ରାୟ । ତଥାପି ସେହି ପରମ୍ପରାର ସ୍ରୋତ ଓଡ଼ିଶାରେ ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି । ଆଖଣ୍ଡଳମଣିଙ୍କ ସ୍ତୁତି ଆନନ୍ଦରେ ବିଭୋର ସ୍ୱରରେ ଗାନ କରି କନିକା ରାଜପଣ୍ଡିତ କବିରତ୍ନ ଦାମୋଦର ମିଶ୍ର ସିଦ୍ଧିପ୍ରଦ ପଞ୍ଚାନନ ମେଳା (୧୯୫୧) ପୁସ୍ତକରେ ଲେଖିଛନ୍ତି– –

ଆଖଣ୍ଡଳେଶ୍ୱର ମଣି ଦରିଦ୍ର 'ବସୁ'
ମା ଚଣ୍ଡ ବିପଦ ଖଣ୍ଡ ଖଣ୍ଡପରଶୁ ।
ବିଜେ କରିଛୁ ଆରଡ଼ି ନାମ ତୋହର ଗାରଡ଼ି
ମୃତ ମାନବକୁ ଦାନ କରୁ ତୁ ଅସୁ ।

ଏଠାରେ 'ବସୁ' ଓ 'ଅସୁ' ଶବ୍ଦର ଭାବାର୍ଥ 'ଧନ' ଓ 'ପ୍ରାଣ' ଅଟେ । ପୁନଶ୍ଚ ଅଭିମାନ ବ୍ୟଞ୍ଜିତ ଭକ୍ତି ହୃଦୟରେ କବି ଗାଇଛନ୍ତି––

ଆଶୁତୋଷ ଆଖଣ୍ଡଳମଣି କାଲ ହେଲଣି କି?
ଆରଡ଼ି ଆସ୍ଥାନ ତେଜି କଇଲାସେ ଗଲଣି କି? ।
ପାପରାଶି ଦେଖି ବାବା, ହୋଇଯାଇଛ କି କାବା
ମୋ ଡାକ ନ ଯାଏ ଅବା ଶରବଣ ସରଣି କି?
ଭୋଳାନାଥ ଭୋଳା ପଣେ, ଭକତି ମାତର ଗଣେ
ଅହରହ ବିତରଣେ ଉଣା ହେଲା କରଣି କି?
ହୋଇଲେ ତୁମ୍ଭେ ନିରବ, ସରିବ କଥା ସରବ
ତୁମ୍ଭ ବିନା କେ ରଖିବ ମହାଦେବ ଧରଣି କି?
ଅକୂଳ ଦୁଃଖ ସାଗର, ମାଡ଼ିଆସେ ପରଶର
ବୋଲେ ବିପ୍ର ଦାମୋଦର ଦିଅ ଦୟା ତରଣି କି

ଏହା ଦୀନକୃଷ୍ଣଙ୍କ କୃପାସିନ୍ଧୁ ବଦନ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ 'ବାଧିଲା ଜାଣି କ୍ଷମା' ଗୀତର ଭାବାନୁସାରେ ରଚିତ ହୋଇଛି । ଆହୁରି ବି ବହୁ ସାରସ୍ୱତ ସାଧକ ଆଖଣ୍ଡଳମଣିଙ୍କ ନାମ ସ୍ମରଣ କରି ଲେଖନୀ ଚାଳନା କରିଛନ୍ତି ।

ମଣିମା ଡାକ ଶୁଣିମା ଦାସୀ ଯା'ର ଶିବା ଉମା
ତଳଦିଗେ ପୂର୍ବଭାଗେ ବଡ଼ ଗୋସାଇଁ
ନେତ ଉଡ଼େ ଫର ଫର ଦେଉଳ ଚୂଳେ
ପାପୀ ତାପୀ ସାଧୁ ସନ୍ଥ ଏକାଠି କରେ
ମେଘାସନ ସୂତା ନିତି ପାଦ ଧୂଅଇ ।
(ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା)

ଆଖଣ୍ଡଳମଣି, ତୁମ ଗୁଣ ଗୁଣି, ଗଲା ମନ ଜାଣି
କେବେ ଦେଖାହେବ ତୁମ ସ୍କନ୍ଦ ଫଣୀ ।

(ପଲ୍ଲୀ କବି କୃଷ୍ଣପ୍ରସାଦ ବେହେରା)

ଯୋଗ ନିଦ ଭାଙ୍ଗ ଶିବ
ବାବା ଆଖଣ୍ଡଳମଣି
ଆଜି ପରାରେ ତୋ ଜାଗର ଯାତରା
ତମସା ନିଶି ପାହିଲାଣି ।
(ନାଟ୍ୟକାର ନବକୁମାର ସାହୁ)

ପୂର୍ବ ସାଗର ଉପକୂଳର ନଅ ନଈ ତେର ନାଳ ଘେରା ତଳମାଳ ଅଞ୍ଚଳରେ ଶିବ ଉପାସନାର ଶ୍ରେଷ୍ଠତମ ନିଦର୍ଶନ ଆଖଣ୍ଡଳମଣି । ଲୋକଙ୍କ ବିଶ୍ୱାସରେ ସେ କଳିରେ ପ୍ରତ୍ୟକ୍ଷ ଠାକୁର, ଡାକିଲେ ଦିଅନ୍ତି ଉତ୍ତର । ତେଣୁ ତ ଭକ୍ତର ଭକ୍ତିପୂତ ଡାକ–– ତଳଦିଗେ ପୂର୍ବଭାବେ ଆଖଣ୍ଡଳମଣି ମହିମା ଜାଗେ । ଆଖଣ୍ଡଳମଣି ଇତିବୃତ୍ତ ପୁସ୍ତକର ପ୍ରଣେତା ବଂଶୀଧର ବିଶ୍ୱାଳଙ୍କ ଭାଷାରେ– ଆଖଣ୍ଡଳେଶ୍ୱର ଯଥାର୍ଥରେ ଆରଡ଼ି ଓ ତଳମାଳ ଅଞ୍ଚଳର ଜୀବନ ପଞ୍ଜିକା । ତାଙ୍କ ଅଲୌକିକ ଶକ୍ତି ଏବଂ ଅପାର କରୁଣାରୁ ସର୍ପାଘାତ ଭଳି ଦୁରାରୋଗ୍ୟ ବ୍ୟାଧି କବଳରୁ ଲୋକମାନେ ଆରୋଗ୍ୟ ଲାଭ କରିଥାନ୍ତି । ତେଣୁ ବାବାମଣିଙ୍କ ପ୍ରତ୍ୟହ ଦର୍ଶନ ନିମିତ୍ତ ତୀର୍ଥଯାତ୍ରୀ ଦଳ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥାନ୍ତି । ଶିବରାତ୍ରିରେ ଆଖଣ୍ଡଳମଣିଙ୍କ ଜାଗର ଜଳିଲେ ଭକ୍ତଜନେ ଭାବବିହ୍ୱଳ ହୋଇଯାନ୍ତି । ଏହି ଶିବ ପୀଠର ଏକ ସୁଦୀର୍ଘ ଇତିହାସ ନାହିଁ କିନ୍ତୁ ଏକ ସମୃଦ୍ଧ ପରମ୍ପରା ଅଛି ।

ପ୍ରାଧ୍ୟାପକ, ଚାନ୍ଦବାଲି କଲେଜ
ଚାନ୍ଦବାଲି, ଜି: ଭଦ୍ରକ

❖ ❖ ❖

# ଓଡ଼ିଶାରେ ସୂର୍ଯ୍ୟ ଉପାସନାର ପରମ୍ପରା

ଡକ୍ଟର ଚିନ୍ମୟୀ ମହାପାତ୍ର

ମନୁଷ୍ୟ ନିଜକୁ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣି ଯେତେ ଉଲ୍ଲସିତ ଓ ଗର୍ବିତ ହେଉ ପଛେ, ଜୀବନ ଧାରଣ ତଥା ଜୀବନର ପ୍ରତ୍ୟେକ ଆବଶ୍ୟକତା ପୂରଣ ଲାଗି ତାକୁ ପ୍ରକୃତି ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପ୍ରକୃତି ମନୁଷ୍ୟର ସୁଖ-ସମୃଦ୍ଧିରେ ସହାୟକ ହୋଇଥାଏ । ପ୍ରକୃତିର ବିପର୍ଯ୍ୟୟ ହେଲେ ମାନବର ସୁଗଠିତ ସଂସାର ଛାରଖାର ହୋଇଯାଏ । ଆର୍ଯ୍ୟ ସଂସ୍କୃତିର ପ୍ରଥମ ବାଙ୍ମୟ ବେଦର ସୂକ୍ତମାନଙ୍କରେ ମନ୍ତ୍ରଦ୍ରଷ୍ଟା ଋଷିଗଣ ଏହି ହେତୁ ପ୍ରକୃତିର ନାନା ଅଙ୍ଗକୁ ଦେବତା ରୂପେ ସ୍ତୁତି କରିଛନ୍ତି । ସେହି ବୈଦିକ ଦେବତାମାନଙ୍କ ମଧ୍ୟରେ ସୂର୍ଯ୍ୟଙ୍କୁ ସମଧିକ ଗୁରୁତ୍ୱ ଦିଆଯାଇଛି । ଆଧୁନିକ ବିଜ୍ଞାନ ଦ୍ୱାରା ସକଳ ଶକ୍ତିର ଆଧାର ରୂପେ ସ୍ୱୀକୃତ ସୂର୍ଯ୍ୟ ବେଦରେ ମଧ୍ୟ ସ୍ୱକୀୟ ଜ୍ୟୋତିରେ ଅନ୍ଧକାର ଦୂର କରି ସମଗ୍ର ବିଶ୍ୱକୁ ଆଲୋକିତ କରିବା ସଂଗେ ସଂଗେ ମନୁଷ୍ୟର ରୋଗ, କ୍ଲେଶ, ପାପ ଓ ଦାରିଦ୍ର୍ୟକୁ ଦୂର କରିବାରେ ସମର୍ଥ ରୂପେ ଅଭିବନ୍ଦିତ ହୋଇଛନ୍ତି । ସେ ଜଗତ ସଂସାରର ଚକ୍ଷୁ ସ୍ୱରୂପ, ଜଗତର ସୃଷ୍ଟି-ସ୍ଥିତି-ପ୍ରଳୟର କାରଣ ସ୍ୱରୂପ । ତେଣୁ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ରୁଦ୍ରମୂର୍ତ୍ତି ଶଙ୍କରଙ୍କର ସମନ୍ୱିତ ବିଗ୍ରହ ଭାବରେ ତାଙ୍କୁ ନମସ୍କାର କରାଯାଏ –



'ନମଃ ସବିତ୍ରେ ଜଗଦେକ ଚକ୍ଷୁ ସେ
ଜଗତ୍-ପ୍ରସୂତି-ସ୍ଥିତି-ନାଶ ହେ ତବେ ।
ତ୍ରୟିମୟାୟ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚି-ନାରାୟଣ-ଶଙ୍କରାତ୍ମନେ ନମଃ ।'

ତେଜୋରାଶିର ପୁଞ୍ଜିଭୂତ ବିଗ୍ରହ ସେହି ସହସ୍ରାଂଶୁ ସ୍ୱୟଂ ଜଗତ୍‌ପତି । ହିନ୍ଦୁ ଦର୍ଶନ ତାଙ୍କୁ ବେଦତ୍ରୟର ଆଧାର ବୋଲି ସ୍ୱୀକାର କରିଛି । ତାଙ୍କର ଉଦୟ ଅସ୍ତ ଓ ଏ ଉଭୟର ମଧ୍ୟକାଳ ମଧ୍ୟାହ୍ନକୁ ଆହ୍ନିକ ବା ପ୍ରାତ୍ୟହିକ ଇଷ୍ଟ ଉପାସନାର ସମୟ ରୂପେ ନିର୍ଦ୍ଧାରଣ କରି ସେ ପୂର୍ବାହ୍ନରେ ଋଗ୍‌ବେଦ, ମଧ୍ୟାହ୍ନରେ ଯଜୁର୍ବେଦ ଓ ଅପରାହ୍ଣରେ ସାମବେଦଯୁକ୍ତ ହୁଅନ୍ତି ବୋଲି କୁହାଯାଇଛି । ଏହି ବେଦତ୍ରୟ ଯଥାକ୍ରମେ ଭୂ ବା ଭୂଲୋକ, ଭୁବଃ, ଅନ୍ତରୀକ୍ଷ ଲୋକ ଓ ସ୍ୱଃ ବା ସ୍ୱର୍ଗଲୋକର ପ୍ରାପ୍ତିରେ ସହାୟକ ହୋଇଥାନ୍ତି । ପ୍ରଭାତରେ ବ୍ରହ୍ମା, ମଧ୍ୟାହ୍ନରେ ମହେଶ୍ୱର ଓ ପ୍ରଦୋଷରେ ବିଷ୍ଣୁ ରୂପ ଧାରଣ କରି ସୂର୍ଯ୍ୟ ହିଁ ନିଜକୁ ତ୍ରିମୂର୍ତ୍ତିରେ ପ୍ରକାଶ କରିଥା'ନ୍ତି–

'ଉଦୟେ ବ୍ରହ୍ମଣୋ ରୂପଂ ମଧ୍ୟାହ୍ନେ ତୁ ମହେଶ୍ୱରଃ ।
ଅସ୍ତମାନେ ସ୍ୱୟଂ ବିଷ୍ଣୁଃ ତ୍ରିମୂର୍ତ୍ତିଶ୍ଚ ଦିବାକରଃ ।'

ତେଣୁ ସୂର୍ଯ୍ୟ-ଶକ୍ତି ଗାୟତ୍ରୀ ମଧ୍ୟ ପ୍ରାତଃ କାଳରେ ବ୍ରହ୍ମାଣୀ, ମଧ୍ୟାହ୍ନରେ ଭବାନୀ ଓ ସନ୍ଧ୍ୟା କାଳରେ ସର୍ବଜ୍ଞାନମୟୀ ସରସ୍ୱତୀ

ଭାବେ ବର୍ଣ୍ଣିତା ହୋଇଛନ୍ତି । ସେଥିପାଇଁ ଏହି ତ୍ରିକାଳରେ ଗାତ୍ର–ଶୁଦ୍ଧିପୂର୍ବକ ଉପାସନାଦି କରିବାର ବିଧି ସନାତନ ଧର୍ମରେ ପ୍ରଚଳିତ । କେହି କେହି ଗବେଷକ ସୂର୍ଯ୍ୟ ଉପାସନା ଓ ସୂର୍ଯ୍ୟଙ୍କର ମହତ୍ୱ ପ୍ରତିଷ୍ଠାର ସମୟ ଖୁବ୍ ପ୍ରାଚୀନ ନୁହେଁ ବୋଲି ମତ ଦେଉଥିଲେ ହେଁ ତାହା ସମ୍ପୂର୍ଣ୍ଣ ଭ୍ରାନ୍ତିମୂଳକ । କାରଣ ବିଶ୍ୱ ମନୀଷାର ପ୍ରାଚୀନତମ ରଚନା ରୂପେ ସ୍ୱୀକୃତ ଋଗ୍‌ବେଦରେ ଆଦିତ୍ୟ, ସୂର୍ଯ୍ୟ, ସବିତା, ମିତ୍ର ଆଦି ବିଭିନ୍ନ ନାମରେ ତାଙ୍କୁ ସ୍ତୁତି କରାଯାଇଛି । ବିଭିନ୍ନ ପୁରାଣ ଓ ମହାକାବ୍ୟରେ ମଧ୍ୟ ସୂର୍ଯ୍ୟଙ୍କର ମହିମା ଓ ସୂର୍ଯ୍ୟ–କୈନ୍ଦ୍ରିକ ଉପାଖ୍ୟାନମାନ ବର୍ଣ୍ଣିତ ହୋଇଛି । ଖ୍ରୀଷ୍ଟ ଜନ୍ମର ପୂର୍ବବର୍ତ୍ତୀ କାଳରୁ ଆରମ୍ଭ କରି ସୂର୍ଯ୍ୟ ଉପାସନାର ଧାରା ଏ ଦେଶରେ ପ୍ରଚଳିତ ଥିବା ଏକ ନିଶ୍ଚିତ ସତ୍ୟ । କାଳକ୍ରମେ ସନାତନ ଧର୍ମ ଧାରଣାରେ ପରିକଳ୍ପିତ ଓ ପରିପୂଜିତ ମୁଖ୍ୟ ପଞ୍ଚଦେବତା ଭାବରେ ଗଣପତି, ନାରାୟଣ, ରୁଦ୍ର ଓ ଅମ୍ବିକାଙ୍କ ସହିତ ଭାସ୍କର ବା ସୂର୍ଯ୍ୟଙ୍କୁ ମଧ୍ୟ ଗ୍ରହଣ କରାଯାଇଛି । ପ୍ରତ୍ୟେକ ଯଜ୍ଞ ଅନୁଷ୍ଠାନର ପ୍ରାରମ୍ଭରେ ଅଗ୍ରପୂଜ୍ୟ ଗଣନାଥଙ୍କ ସ୍ଥାପନା ଓ ପୂଜା ପରେ ପରେ ସୂର୍ଯ୍ୟ ପୂଜା ବିଧି ସଂପାଦନ କରାଯାଇଥାଏ ।

ସୂର୍ଯ୍ୟଙ୍କର ପ୍ରତୀକ ରୂପେ ସ୍ଫଟିକ–ଶିଳାର ଆରାଧନା ଏକ ପ୍ରାଚୀନ ପରମ୍ପରା । ବଙ୍ଗ ପ୍ରଦେଶର ଅଧିକାଂଶ ଅଞ୍ଚଳରେ ଧର୍ମ ଠାକୁର ବା ଧର୍ମରାଜ ଠାକୁର ନାମରେ ସୂର୍ଯ୍ୟ ଦେବଙ୍କର ଆରାଧନା କରାଯାଇଥାଏ । ଓଡ଼ିଶାରେ ମଧ୍ୟ ଶାମ୍ବଦଶମୀ ଦିନ ସୂର୍ଯ୍ୟଦେବ ବା ଧର୍ମଦେବତାଙ୍କ ଉଦ୍ଦେଶ୍ୟରେ ନାନାବିଧ ନୈବେଦ୍ୟ ଅର୍ପଣ କରି ପରିବାରର ସଦସ୍ୟମାନଙ୍କର ନିରାମୟ ଦୀର୍ଘଜୀବନ କାମନା କରାଯାଇଥାଏ । ବଙ୍ଗ ପ୍ରଦେଶର କେତେକ ଅଞ୍ଚଳରେ ବୈଶାଖ ଓ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା କିମ୍ବା ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ପ୍ରତୀପ ରୂପେ ଧର୍ମ ଠାକୁରଙ୍କର ବାର୍ଷିକ ପୂଜା ଅନୁଷ୍ଠାନ କାଳରେ ତାଙ୍କୁ ଜଳରେ ବୁଡ଼ାଇବା ଫଳରେ ଶୀଘ୍ର ବୃଷ୍ଟିପାତ ହୋଇଥାଏ ବୋଲି ବିଶ୍ୱାସ ପ୍ରଚଳିତ । ପଶ୍ଚିମବଙ୍ଗର କୁମାରୀ କନ୍ୟାମାନେ କାର୍ତ୍ତିକ ସଂକ୍ରାନ୍ତିଠାରୁ ଆରମ୍ଭ କରି ଅଗ୍ରହରଣ ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରତି ରବିବାରରେ ଅନୁଷ୍ଠାନ କରୁଥିବା 'ଇତୁ ପୂଜୋ' ବସ୍ତୁତଃ ସୂର୍ଯ୍ୟ–ଉପାସନା । 'ଇତୁ' ଶବ୍ଦଟି ସୂର୍ଯ୍ୟଙ୍କର ଅନ୍ୟତମ ନାମ 'ଆଦିତ୍ୟ'ର ଅପଭ୍ରଷ୍ଟ ରୂପ । ଏହି ରାଜ୍ୟରେ କୁମାରୀମାନଙ୍କ ଦ୍ୱାରା ପାଳିତ ମାଘ 'ମଙ୍ଗଳ ବ୍ରତ' ଓ 'ରାଲ ଦୁର୍ଗା ବ୍ରତ' ବିବାହିତା ମହିଳାମାନଙ୍କ ଦ୍ୱାରା ପାଳିତ 'ସୂର୍ଯ୍ୟ ବ୍ରତ' ସୂର୍ଯ୍ୟ ପୂଜାର ଭିନ୍ନ ଭିନ୍ନ ବିଧି ମାତ୍ର । ଓଡ଼ିଶାରେ ମଧ୍ୟ କୁମାର ପୂର୍ଣ୍ଣମୀ ଓଷା ଅବକାଶରେ କୁମାରୀମାନେ ସୂର୍ଯ୍ୟଙ୍କୁ ଲିଆ ସହିତ ଫଳଫୁଲର ଆଞ୍ଜୁଳି ଦେବାର ନିୟମ ରହିଛି । ଗ୍ରହ ଶାନ୍ତି ଦ୍ୱାରା ରୋଗମୁକ୍ତି, ବିଶେଷତଃ ଚର୍ମରୋଗର ଉପଶମ ପାଇଁ କେହି କେହି ରବିବାର ଦିନ ସିନ୍ଦୂର, ଜବାଫୁଲ ଆଦି ଅର୍ପଣ କରି ସୂର୍ଯ୍ୟଙ୍କ ଆରାଧନା କରିଥାନ୍ତି । ପ୍ରତିଦିନ ସକାଳେ ସ୍ନାନ ସାରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଜଳ ଅଞ୍ଜଳି ଦେବାର ବିଧି ଗୃହସ୍ଥ ତଥା ସନ୍ନ୍ୟାସୀ ସମସ୍ତଙ୍କ ମଧ୍ୟରେ ଆବହମାନ କାଳରୁ ପ୍ରଚଳିତ ।

ସଭ୍ୟତାର ବିକାଶ ସଂଗେ ସଂଗେ ଶିଳ୍ପକଳାର ସଂଯୋଗ ଧର୍ମବିଶ୍ୱାସ ଓ ଉପାସନା ପରମ୍ପରାକୁ ବର୍ଣ୍ଣାଢ଼୍ୟ କରିଛି । ବିବିଧ ଆଭୂଷଣ, ଆୟୁଧ ଓ ବାହନ ସହିତ ଦେବମୂର୍ତ୍ତି କଳ୍ପନା, ନିର୍ମାଣ ଓ ନାନାବିଧି ବିଧାନ, ମନ୍ତ୍ର ଯନ୍ତ୍ରାଦି ସଂଯୋଗରେ ଦେବ ପୂଜନ କ୍ଷେତ୍ରରେ ଭାରତୀୟ ଧର୍ମଶାସ୍ତ୍ର ଓ ଲୌକିକ ମୂଲ୍ୟବୋଧର ସମନ୍ୱୟ ପରିଲକ୍ଷିତ ହୁଏ । 'ଋଗ୍‌ବେଦ'ରେ ସବିତା ହିରଣ୍ମୟ ରଥରେ ଯାତ୍ରା କରି ଭୁବନକୁ ଅବଲୋକନ ବା ପରିଦର୍ଶନ କରୁଥିବାର କଥା ଗୀତିମୟ ଛନ୍ଦରେ ବର୍ଣ୍ଣିତ ହୋଇଥିଲା । କ୍ରମେ ପୁରାଣ ପରମ୍ପରାରେ ସୂର୍ଯ୍ୟଦେବ ଅରୁଣ ସାରଥିଙ୍କ ଦ୍ୱାରା ଚାଳିତ ସପ୍ତାଶ୍ୱ–ସଂଯୁକ୍ତ ରଥରେ ଆରୋହଣ କରି ଉଦୟାଚଳରୁ ଅସ୍ତାଚଳ ପର୍ଯ୍ୟନ୍ତ ଗତି କରିବା ହିଁ ଦିବସ କାଳର ନିୟାମକ ବୋଲି ଧାରଣା ପରିପୋଷିତ ହେଲା । ସେ ପୁଣି ଗ୍ରହମାନଙ୍କର ଅଧିପତି ବା ଗ୍ରହରାଜ ରୂପେ ମଧ୍ୟ ପରିପୂଜିତ ହେଲେ । ପ୍ରାଗ୍‌ଜ୍ୟୋତିଷପୁର ଭାବେ ପ୍ରାଚୀନ କାଳରେ ପରିଚିତ ଆସାମ ରାଜ୍ୟର 'ସୂର୍ଯ୍ୟପାହା'ର ଉପରେ ଅନେକ ପ୍ରାଚୀନ ମନ୍ଦିର ଓ ମୂର୍ତ୍ତିର ଭଗ୍ନାବଶେଷ ମଧ୍ୟରେ ଦଣ୍ଡାୟମାନ ସୂର୍ଯ୍ୟମନ୍ଦିରରେ କଶ୍ୟପ ମୁନିଙ୍କୁ ଘେରି ବୃତ୍ତାକାରରେ ରହିଥିବା ଦ୍ୱାଦଶ ଆଦିତ୍ୟଙ୍କର ବିଗ୍ରହ ରହିଛି ଓ ଅନ୍ୟାନ୍ୟ ଗ୍ରହମାନଙ୍କ ସହିତ ସୂର୍ଯ୍ୟଙ୍କର ମୂର୍ତ୍ତି ମଧ୍ୟ ରହିଛି । ତେବେ ଏହି ମନ୍ଦିର ଖୁବ୍ ପ୍ରାଚୀନ ବୋଲି ମନେହୁଏ ନାହିଁ । ତେବେ ଭାରତରେ ବେଶ୍ ପ୍ରାଚୀନ କାଳରୁ ସୂର୍ଯ୍ୟଦେବଙ୍କ ବିଗ୍ରହର ଆରାଧନା ଓ ସେଥିପାଇଁ ମନ୍ଦିର ନିର୍ମାଣର ନିଦର୍ଶନ ଓଡ଼ିଶାରେ ପରିଲକ୍ଷିତ । ସୋନପୁରଠାରେ ଆବିଷ୍କୃତ ନବମ ଶତାବ୍ଦୀର ସୋମବଂଶୀ ରାଜା ଜନ୍ମେଜୟଙ୍କ ଦ୍ୱାରା ତମ୍ବାପଟାରେ ଖୋଦାୟିତ ଅଭିଲେଖରେ ଆଦିତ୍ୟ ଦେବଙ୍କ ପ୍ରସିଦ୍ଧ ମନ୍ଦିରର ଉଲ୍ଲେଖ ରହିଛି । ଏହି ମନ୍ଦିର ସମ୍ଭବତଃ ଅଧୁନା ବିଧ୍ୱସ୍ତ ହୋଇଯାଇଛି । ତେବେ କୋଣାର୍କର ସୂର୍ଯ୍ୟମନ୍ଦିରର ଖ୍ୟାତି ସମଗ୍ର ବିଶ୍ୱରେ ବିଶ୍ରୁତ ।

ପଦ୍ମକ୍ଷେତ୍ର ଭାବରେ ପୁରାଣରେ ବର୍ଣ୍ଣିତ ପୁରୀ ଜିଲ୍ଲା ଅନ୍ତର୍ଗତ ଏହି ସ୍ଥାନରେ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ଏହି ମନ୍ଦିର ନିର୍ମିତ ହୋଇଥିଲା । କିମ୍ବଦନ୍ତୀ ଅନୁସାରେ ଗଙ୍ଗବଂଶୀ

ସମ୍ରାଟ ଦ୍ୱିତୀୟ ନରସିଂହ ଦେବ ବା ଲାଙ୍ଗୁଡ଼ା ନରସିଂହ ଦେବ ନିଜ ମାତାଙ୍କର ଇଚ୍ଛା ପୂରଣ ନିମିତ୍ତ ସୂର୍ଯ୍ୟଦେବଙ୍କ ଆରାଧନା ଉଦ୍ଦେଶ୍ୟରେ ଚନ୍ଦ୍ରଭାଗା ନଦୀ ମୁହାଣ ନିକଟ ସାଗରବେଳାରେ ଏହି ମନ୍ଦିର ତୋଳାଇଥିଲେ । ବାରଶହ ଶିଳ୍ପୀ ଦୀର୍ଘ ବାରବର୍ଷ କାଳ ଶ୍ରମଝାଳ ବୁହାଇ ଏହି ଅତୁଳନୀୟ ସୁନ୍ଦର ମନ୍ଦିର ଗଢ଼ିଥିଲେ । ସ୍ଥାପତ୍ୟ କୌଶଳ ଓ ଭାସ୍କର୍ଯ୍ୟ କଳାର ଅନୁପମ ନିଦର୍ଶନ ଏହି ମନ୍ଦିର ଚବିଶିଟି ଚକଯୁକ୍ତ ସପ୍ତ ଅଶ୍ୱ ସଂଯୁକ୍ତ ରଥ ଆକାରରେ ନିର୍ମିତ ହୋଇଥିଲା । ମନ୍ଦିରର କଳେବର ସୂକ୍ଷ୍ମ କାରୁକାର୍ଯ୍ୟରେ ଅତ୍ୟନ୍ତ ରମଣୀୟ ଥିଲା । ବର୍ତ୍ତମାନ କାଳରେ ମୁଖ୍ୟ ମନ୍ଦିର ଭଗ୍ନ ସ୍ତୂପରେ ପରିଣତ ହୋଇଥିଲେ ମଧ ଅବଶିଷ୍ଟ ମୁଖଶାଳାଟି ଏହାର ଶିଳ୍ପ ଗୌରବର ପରିଚୟ ବହନ କରିଛି । ସୂର୍ଯ୍ୟ ବିଗ୍ରହର ମୁଖମଣ୍ଡଳରେ ପ୍ରଭାତରେ ସହର୍ଷ ଭାବ, ମଧ୍ୟାହ୍ନରେ ଉଗ୍ର ଭାବ ଓ ସାୟାହ୍ନରେ ବିଷଣ୍ଣ ଭାବର ସ୍ପର୍ଶ ଦର୍ଶକକୁ ଅଭିଭୂତ କରିଥାଏ । ଏହି ଅର୍କତୀର୍ଥର ଧର୍ମୀୟ ମହତ୍ତ୍ୱ ପୁରାଣରେ ବର୍ଣ୍ଣିତ ରହିଛି । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ, କୁଷ୍ଠରୋଗରେ ପୀଡ଼ିତ ହେବାରୁ ପିତାଙ୍କର ନିର୍ଦ୍ଦେଶକ୍ରମେ ଚନ୍ଦ୍ରଭାଗା ତୀରବର୍ତ୍ତୀ ଅର୍କତୀର୍ଥରେ ତପସ୍ୟା କରି ସୂର୍ଯ୍ୟଦେବଙ୍କୁ ସନ୍ତୁଷ୍ଟ କରିଥିଲେ ଓ ସମୁଦ୍ର ସ୍ନାନ କରି ନିର୍ମଳ ସୁସ୍ଥ ଶରୀର ଫେରିପାଇଥିଲେ । ସେହି ସ୍ମୃତିରେ ଶାମ୍ବଦଶମୀରେ ସୂର୍ଯ୍ୟଦେବଙ୍କର ପୂଜାବିଧି ପାଳନର ପରମ୍ପରା ପ୍ରଚଳିତ ହୋଇଛି । ତାହା ବ୍ୟତୀତ ମାଘ ଶୁକ୍ଳ ସପ୍ତମୀ ସୂର୍ଯ୍ୟୋଦୟ କାଳରେ ଚନ୍ଦ୍ରଭାଗାଠାରେ ପବିତ୍ର ତୀର୍ଥଜଳରେ ସ୍ନାନ କରି ସୂର୍ଯ୍ୟଦର୍ଶନ କରିବା ପାଇଁ ପ୍ରବଳ ଜନସମାଗମ ହୋଇଥାଏ । ଏହି ଅବକାଶରେ ଏଠାରେ ଏକ ମେଳାର ଆୟୋଜନ ମଧ ହୋଇଥାଏ ।

ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଘୁମୁସରର ତତ୍କାଳୀନ ରାଜା ଶ୍ରୀକର ଭଞ୍ଜଙ୍କ ଦ୍ୱାରା ଗଞ୍ଜାମ ଜିଲ୍ଲାର ବୁଗୁଡ଼ାଠାରେ ନିର୍ମିତ ବିରଞ୍ଚିନାରାୟଣ ମନ୍ଦିର ଓଡ଼ିଶାରେ ଥିବା ଆଉ ଏକ ବିଶିଷ୍ଟ ସୂର୍ଯ୍ୟ ଉପାସନା-ପୀଠ । କୋଣାର୍କର ପାଷାଣ-କଳାର ଅନୁକୃତି ଭାବରେ ଏହି ମନ୍ଦିର ବିସ୍ମୟକର କାଷ୍ଠ-ଭାସ୍କର୍ଯ୍ୟରେ ସୁଶୋଭିତ ହୋଇଛି । ଏହାର ଛାତରେ ତମ୍ବାପଟା କାଂସ୍ୟଧାତୁରେ ତିଆରି କଣ୍ଟାରେ ସଂଯୁକ୍ତ କରାଯାଇଛି । ଏଠାରେ ପ୍ରସ୍ତର, ଧାତୁ ଓ କାଷ୍ଠରେ ନିର୍ମିତ ତିନିଟି ସୂର୍ଯ୍ୟ-ବିଗ୍ରହ ରହିଛି । କିମ୍ବଦନ୍ତୀ ଅନୁଯାୟୀ ସୂର୍ଯ୍ୟ-ଭକ୍ତ ରାଜା ପୂଜାର୍ଚ୍ଚନା ପାଇଁ କାଷ୍ଠ ଓ ଧାତୁର ମୂର୍ତ୍ତିଦ୍ୱୟ ନିର୍ମାଣ କରାଇଥିଲେ । ମାତ୍ର ଦିନେ ରାତିରେ ସ୍ୱୟଂ ପ୍ରଭୁ ବିରଞ୍ଚିନାରାୟଣ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ ଯେ ସେ କେଶରୀପଲ୍ଲୀ ନାମକ ଗ୍ରାମ ନିକଟରେ ମାଳତୀଗଡ଼ ପାହାଡ଼ରେ ଅପୂଜିତ, ଅନାଦୃତ ଅବସ୍ଥାରେ ପଡିଛନ୍ତି । ରାଜା ସ୍ୱପ୍ନାଦେଶକ୍ରମେ ସେହି ସ୍ଥାନରେ ଅନୁସନ୍ଧାନ କରି ନିଜ ଇଷ୍ଟଦେବଙ୍କ ପାଷାଣମୟ ବିଗ୍ରହ ପ୍ରାପ୍ତି ହେଲେ । ସାତଟି ଅଶ୍ୱଯୁକ୍ତ ରଥରେ ପାଦରେ ପାଦୁକା ପିନ୍ଧି ବସିଥିବା ବିରଞ୍ଚିନାରାୟଣ ବା ଭଗବାନ ସୂର୍ଯ୍ୟଙ୍କର ପ୍ରସ୍ତର- ପ୍ରତିମାକୁ ରାଜା ପୂର୍ବରୁ ଥିବା ଉଭୟ ପ୍ରତିମାର ମଝିରେ ସ୍ଥାପନ କରି ପୂଜା କରାଇଲେ । କାଷ୍ଠ ନିର୍ମିତ ବିଗ୍ରହ ବିରଞ୍ଚିନାରାୟଣଙ୍କର ବିଜେ ପ୍ରତିମା । ଶାମ୍ବ ଦଶମୀ, ତିଳସପ୍ତମୀ ଓ ମୁଖଯାତ୍ରା ଆଦି ବିଶେଷ ପର୍ବଦିନରେ ଏହି ବିଜେପ୍ରତିମାଙ୍କୁ ରଥରେ ବସାଇ ନିକଟସ୍ଥ ମଣ୍ଡପକୁ ନିଆଯାଏ ଓ ଉତ୍ସବ-ବିଧି ସମାପନ ପରେ ସନ୍ଧ୍ୟାରେ ପୁଣି ମନ୍ଦିରକୁ ଫେରାଇ ଅଣାଯାଏ ।

ନୟାଗଡ଼ ଜିଲ୍ଲାର ଓଡ଼ଗାଁଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରବର୍ତ୍ତୀ ଏକ ପାହାଡ଼ର ଢ଼ାଲୁ ଉପରେ ସାତଫୁଟ ଉଚ୍ଚତା ବିଶିଷ୍ଟ ଏକ ସୂର୍ଯ୍ୟମନ୍ଦିର ରହିଛି । ଢ଼େଙ୍କାନାଳ ନିକଟବର୍ତ୍ତୀ ସପ୍ତଶଯ୍ୟା ପର୍ବତରେ ସୂର୍ଯ୍ୟନାରାୟଣଙ୍କର ଏକ ମନ୍ଦିର ନିର୍ମିତ ହୋଇଛି । ଆଧୁନିକ କାଳରେ କଟକଚଣ୍ଡୀଙ୍କ ମନ୍ଦିର ପରି କେତେକ ଜନପ୍ରିୟ ମନ୍ଦିରରେ ମଧ ସୂର୍ଯ୍ୟନାରାୟଣଙ୍କର କ୍ଷୁଦ୍ର କ୍ଷୁଦ୍ର ମନ୍ଦିର ନିର୍ମିତ ହୋଇ ତାଙ୍କର ଉପାସନା କରାଯାଉଥିବାର ଲକ୍ଷ୍ୟ କରାଯାଉଛି । ଓଡ଼ିଶାର ଉତ୍ତର ଅଞ୍ଚଳରେ ବାଲେଶ୍ୱର ନିକଟବର୍ତ୍ତୀ ସେରଗଡ଼ଠାରେ ଥିବା ଖଜୁରେଶ୍ୱର ଶିବ ମନ୍ଦିରରେ ପାର୍ଶ୍ୱଦେବତା ଭାବରେ କାର୍ତ୍ତିକେୟଙ୍କ ସ୍ଥାନରେ ସୂର୍ଯ୍ୟଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି । ଲଙ୍ଗଳେଶ୍ୱର ଶିବଙ୍କ ମନ୍ଦିରରେ ମଧ ଶୈବଦେବତାମାନଙ୍କ ମଧ୍ୟରେ ସୂର୍ଯ୍ୟଦେବଙ୍କ ପ୍ରତିମା ସ୍ଥାନ ପାଇଥିବା ଲକ୍ଷ୍ୟ କରାଯାଏ । କଟକ ଜିଲ୍ଲା ଅନ୍ତର୍ଗତ ବଡ଼ମ୍ବାର ବିଖ୍ୟାତ ଦେବୀ ଭଟ୍ଟାରୀକାଙ୍କ ମନ୍ଦିର ଓଡ଼ିଶାର ଦଶଟି ପ୍ରାଚୀନ ଓ ଶ୍ରେଷ୍ଠ ଶାକ୍ତପୀଠ ମଧ୍ୟରୁ ଅନ୍ୟତମ ହେଲେ ମଧ ଏହି ମନ୍ଦିରରେ ସୂର୍ଯ୍ୟ-ଉପାସନାର ଏକ ବିଶେଷ ବିଧି ପ୍ରଚଳିତ ରହିଛି । ଦେବୀ ଭଟ୍ଟାରୀକା ସ୍ୱୟଂ 'ସୂର୍ଯ୍ୟୋପାସନ ତତ୍ପର' ବୋଲି ବର୍ଣ୍ଣିତା ହୋଇଛନ୍ତି । ମନ୍ଦିରର ଜଗମୋହନରେ ସୂର୍ଯ୍ୟଦେବଙ୍କ ବିଗ୍ରହ ସ୍ଥାପିତ ହୋଇ ପୂଜା ପାଉଛନ୍ତି ।

ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳର ବେଢ଼ା ମଧ୍ୟରେ ନବଗ୍ରହ ପୂଜା ପାଆନ୍ତି । ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କର ପ୍ରତିମା ଗୋଟିଏ ମନ୍ଦିରରେ ସ୍ଥାପିତ ହୋଇଛନ୍ତି । ମୁକ୍ତିମଣ୍ଡପର ପୂର୍ବକୁ ଲାଗି ଏକ କ୍ଷୁଦ୍ର ମନ୍ଦିରରେ ପ୍ରତ୍ୟହ ସକାଳବେଳା ସୂର୍ଯ୍ୟପୂଜା ସଂପାଦିତ ହେବାର ବିଧି ମଧ ରହିଛି ।

ସୂର୍ଯ୍ୟ କେବଳ ଆଲୋକ ଓ ଶକ୍ତିର ଉତ୍ସ ନୁହନ୍ତି, ସେ ଜ୍ଞାନର ଆଧାର ମଧ୍ୟ। ସୂର୍ଯ୍ୟଶକ୍ତି ଗାୟତ୍ରୀଙ୍କୁ ବେଦମାତା ରୂପେ ସ୍ୱୀକାର କରାଯାଇଛି। ସାୟଂକାଳରେ ସେ ଜ୍ଞାନପ୍ରଦା ସରସ୍ୱତୀ ରୂପେ ଉପାସିତା ହୁଅନ୍ତି। ସୂର୍ଯ୍ୟଦେବ ମଧ୍ୟ ମନୁଷ୍ୟଙ୍କୁ ଅସତ୍ୟରୁ ସତ୍ୟ ଆଡ଼କୁ, ଅନ୍ଧକାରରୁ ଆଲୋକ ଆଡ଼କୁ, ମୃତ୍ୟୁରୁ ଅମୃତ ଆଡ଼କୁ ଅଗ୍ରସର କରାଇବାରେ ସହାୟକ ହୁଅନ୍ତୁ ବୋଲି ବୈଦିକ ଋଷି ପ୍ରାର୍ଥନା କରିଛନ୍ତି। ସାଧାରଣ ଜୀବନଯାତ୍ରା କ୍ଷେତ୍ରରେ ମଧ୍ୟ ସୂର୍ଯ୍ୟଙ୍କଠାରୁ ନିରପେକ୍ଷତା, ସ୍ପୃଶ୍ୟା ସ୍ପୃଶ୍ୟ ଭେଦହୀନତା, ଉଦାରତା ଓ ଦାନଶୀଳତାର ଶିକ୍ଷାଲାଭ ହୋଇଥାଏ। 'ଶ୍ରୀମଦ୍‌ଭାଗବତ'ର ଏକାଦଶ ସ୍କନ୍ଧ ଅଷ୍ଟମ ଅଧ୍ୟାୟରେ ଅବଧୂତଙ୍କ ଚବିଶି ଗୁରୁ ପ୍ରସଙ୍ଗରେ ଅନ୍ୟତମ ଗୁରୁ ଭାବରେ ଦିବାକର ସୂର୍ଯ୍ୟଙ୍କର ଉଲ୍ଲେଖ କରାଯାଇଛି -

'ଆଦିତ୍ୟ ଯେସନେ କିରଣେ
ସକଳ ସ୍ଥାନୁ ରସ ହରେ
ନିଲେପ ନିର୍ଦ୍ଦୋଷ ବିଚାରେ।
କାଳରେ ସମସ୍ତ ତେଜଇ।
ସଞ୍ଚିତ ଦାନେ କ୍ଷୋଭ ନାହିଁ।
ଏ ଅନୁମାନେ ମୋ ବିଚାର।
ଏଣୁ ମୋ ଗୁରୁ ଦିବାକର।'

ସୂର୍ଯ୍ୟ ସମଗ୍ର ପୃଥିବୀରେ ଦିବା-ରାତ୍ର ଓ ଋତୁ-ଚକ୍ରର ନିୟାମକ। ସୂର୍ଯ୍ୟଙ୍କ ବ୍ୟତୀତ ଧରାପୃଷ୍ଠରେ ଜୀବନର ସତ୍ତା ରହିବା ସମ୍ଭବ ନୁହେଁ । ଭାରତୀୟ ଧର୍ମ-ଦର୍ଶନ କ୍ଷେତ୍ରରେ ସୂର୍ଯ୍ୟଙ୍କୁ ଆଦିକାଳରୁ ଗୁରୁତ୍ୱ ଓ ମହତ୍ୱ ପ୍ରଦାନ ଏ ବିଷୟକ ସଚେତନତାର ପ୍ରମାଣ। ସୌର ସଂପ୍ରଦାୟର ଉଦ୍ଭବ ପରବର୍ତ୍ତୀ କାଳର କଥା ହେଲେ ହେଁ ଭାରତୀୟ ପରମ୍ପରାରେ ସୂର୍ଯ୍ୟ-ଉପାସନାର ଧାରା ଅତି ପ୍ରାଚୀନ। ଓଡ଼ିଶାର ଦୈନନ୍ଦିନ ଜୀବନଧାରାଠାରୁ ଆରମ୍ଭ କରି ପର୍ବ-ପର୍ବାଣି, ଦେବାଳୟ, କଳା-ସାହିତ୍ୟ ପ୍ରତ୍ୟେକ କ୍ଷେତ୍ରରେ ଏହି ସର୍ବାଦୃତ ଦେବତାଙ୍କର ମହତ୍ୱପୂର୍ଣ୍ଣ ଆସନ ଚିରକାଳ ରହିଛି।

ପ୍ରାଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ
ପୁରୀ

❖ ❖ ❖

## ରାଜ୍ୟରେ ୪୫ଟି ନୂଆ କୋର୍ଟ ସ୍ଥାପିତ ହେବ

ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି କ୍ରିୟାଶୀଳ ଓ ବ୍ୟାପକ କରିବାକୁ ରାଜ୍ୟରେ ଆଉ ୪୫ଟି ନୂଆ କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି । ୨୨ ଗୋଟି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟ, ୧୫ଟି ସବ୍‌ଜଜ୍ କୋର୍ଟ, ୫ଟି ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ସମେତ ୩ଟି ଫାମିଲି କୋର୍ଟ ସ୍ଥାପିତ ହେବ । ଏଥି ନିମନ୍ତେ ଆଗାମୀ ବଜେଟ୍‌ରେ ୧୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଉଛି । ଏକ ଉଚ୍ଚସ୍ତରୀୟ ବୈଠକରେ ନୂଆ କୋର୍ଟ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି । ଅର୍ଥମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଅର୍ଥ) ଆର୍. ବାଲକ୍ରିଷ୍ଣନ୍, ଆଇନ ବିଭାଗର ପ୍ରମୁଖ ସଚିବ ମିହିର ରଞ୍ଜନ ପରିଡା ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଓ ହୋଲି

**ପଣ୍ଡିତ ରାମକୃଷ୍ଣ ମିଶ୍ର**

ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନମ୍ ।
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ ।

ଦୋଳରେ ବା ବିମାନରେ ଦୋଳଗୋବିନ୍ଦଙ୍କୁ ଚାପରେ ମଧୁସୂଦନ ଶ୍ରୀହରିଙ୍କୁ ଓ ରଥରେ ବାମନ ରୂପୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ମନୁଷ୍ୟର ଆଉ ପୁନର୍ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ଫାଲ୍‌ଗୁନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥି ଫଗୁ ଦଶମୀ ନାମରେ ଖ୍ୟାତ । ଫଗୁ ଦଶମୀରେ ମଧ୍ୟାହ୍ନ ଧୂପ ସରିଲା ପରେ ତିନି ବାଡ଼ରେ ମଇଲମ ହୋଇ ନାଲି ପାଟବସ୍ତ୍ର ଠାକୁରମାନଙ୍କୁ ଲାଗି ହୁଏ । ଏହାପରେ ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ଆଣିବାରେ ତିନି ବାଡ଼ରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଚନ୍ଦନ ଲାଗି ନୀତି କରନ୍ତି । ରତ୍ନସିଂହାସନରେ ତିନି ବାଡ଼ରେ ଚାଚେରୀ ବେଶ ଆରମ୍ଭ ପୂର୍ବରୁ ମହାଜନଙ୍କ ଦ୍ୱାରା ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ବିଜେ ହୋଇ ବେଶ ହୁଅନ୍ତି । ବେଶ ପରେ ପାଣି ପଡ଼ି ଚାଚେରି ଭୋଗ ଛାମୁକୁ ଆସେ । ଏହା ପରେ ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରି ଭୋଗ ହୁଏ । ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୁଏ ।




ଏହାପରେ ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ (ମହାଲକ୍ଷ୍ମୀ), ଭୂଦେବୀ (ସରସ୍ୱତୀ) ବିମାନରେ ବିଜେ ହୋଇ ସିଂହଦ୍ୱାର ଦେଇ ଘଣ୍ଟ, ଛତା, ଚାମର, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରନ୍ତି । ଠାକୁରମାନଙ୍କ ବିଜେ ପରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ହୋଇ ସନ୍ଧ୍ୟା ଧୂପ ହୁଏ । ଜଗନ୍ନାଥବଲ୍ଲଭ ମଠରେ ଭୋଗ, ଜଉଡାବ ଖେଳ, ଫଗୁ ଲାଗି ଓ ବନ୍ଦାପନା, ଶୀତଳ ଭୋଗ ସରିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ରୁନ୍ଧାର୍ଫିଟି ଜଳଲାଗି ପରେ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ ହୁଅନ୍ତି ।

ଫାଲ୍‌ଗୁନ ଶୁକ୍ଳ ପାପନାଶିନୀ ଏକାଦଶୀ ତିଥିରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ । ପୂର୍ବ ଏକାଦଶୀମାନଙ୍କରେ ଶ୍ରୀ ମଦନମୋହନ ଏକାଦଶୀ ନୀତିରେ ବିଜେ ହୁଅନ୍ତି । କିନ୍ତୁ ଫଗୁ ଦଶମୀଠାରୁ ହୋଲି ପର୍ଯ୍ୟନ୍ତ ଶ୍ରୀଦୋଳଗୋବିନ୍ଦ ସମସ୍ତ ନୀତିକୁ ବିଜେ ହୁଅନ୍ତି । ଉକ୍ତ ଦିନ ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଭୁଜରୁ ଜାତ ଶ୍ରୀଦୋଳଗୋବିନ୍ଦଙ୍କ ଜୟବିଜୟ ଦ୍ୱାରଠାରେ ଏକାଦଶୀ ବନ୍ଦାପନା, ଶୀତଳ ଭୋଗ ପରେ ବାମ ଭୁଜରୁ ଜାତ ଶ୍ରୀଦେବୀ, ଭୂଦେବୀ ଜୟବିଜୟ ଦ୍ୱାରକୁ ବିଜେ ହୁଅନ୍ତି, ସେଠାରେ ଫଗୁ ବନ୍ଦାପନା ହୋଇ ଆଜ୍ଞାମାଳ ପାଇବା ପରେ ବିମାନକୁ ବିଜେ କରନ୍ତି ଏବଂ ପଞ୍ଚୁପାଣ୍ଡବଙ୍କ ସହିତ ଜଗନ୍ନାଥ ବଲ୍ଲଭ ମଠଠାରେ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି ।

ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇ ଶ୍ରୀମନ୍ଦିରରେ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି

ନୀତି ସ୍ୱତନ୍ତ୍ର ଭାବେ ପାଳନ ହୁଏ । ପାଳିଆ ମେକାପ ଭଣ୍ଡାର ଘରୁ ଚନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଚନ୍ଦନ ଲାଗି କରାନ୍ତି । ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଘଣ୍ଟ, ଛତା, କାହାଳୀ ପଟୁଆରରେ ଯାଇ ଘଟୁଆରୀ ଘରୁ ଚନ୍ଦନ, ଫଗୁ ବିଜେ ହୋଇ ସିଂହାସନକୁ ଆସେ । ଶ୍ରୀଅଙ୍ଗରେ ଫଗୁ, ଚନ୍ଦନ ଲାଗି ହୋଇ ବନ୍ଦାପନା ହୁଏ । ସିଂହାସନ ତଳେ ମୁଦିରସ୍ତ ତିନି ବାଡ଼ରେ ଝିମିରି ଫଗୁ ଅଂଜଳି କରି ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି କରନ୍ତି । ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ଚାଚେରି ବେଶ ନିମନ୍ତେ ବିଜେ ହୁଅନ୍ତି । ଭିତରେ ବେଶ ଓ ଶ୍ରୀଜୀଉମାନଙ୍କୁ ମାଳ ଫୁଲ କର୍ପୂର ଲାଗି ପରେ ପାଣି ପଡ଼ି ଚାଚେରି ଭୋଗ ଆସିଲା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୁଅନ୍ତି । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନିଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରାନ୍ତି । ପୂଜାପଣ୍ଡାଙ୍କଠାରୁ ଆଜ୍ଞାମାଳ ପାଇ ବିଜେ ପ୍ରତିମାମାନେ ଚାମର ଆଲଟ ହୋଇ ବିମାନକୁ ବିଜେ କରି ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ପୂର୍ବରୁ ପଡ଼ିଥିବା ଖଟ ଉପରେ ହାତରେ ବିଜେ ହୁଅନ୍ତି । ସେଠାରେ ଲକ୍ଷ୍ମୀ ନାରାୟଣଙ୍କ ଫଗୁ ଖେଳ ସରିଲା ପରେ ପ୍ରସାଦ ଲାଗି, ଶୀତଳ ଭୋଗ, ବନ୍ଦାପନା ହୋଇ ବିମାନକୁ ବିଜେ କରି ସିଂହଦ୍ୱାର ଓ ଲଙ୍ଗୁଳି ମଠ ଦେଇ ଦୋଳବେଦୀର ଅଗ୍ନି ଉତ୍ସବ ଘରକୁ ବିଜେ କରନ୍ତି । ସେଠାରେ ପୂଜା ପଣ୍ଡାଙ୍କ ଦ୍ୱାରା ହୋମ ହୁଏ । ହୋମ ସରିଲା ପରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ମଣୋହି ହୁଏ । ଚାମର, ଆଲଟ ଲାଗି ପରେ ବିଜେ ପ୍ରତିମାମାନେ ଅଗ୍ନି ସଂଯୋଗ ପରେ ମେଣ୍ଢା କୁଡ଼ିଆ ବା ଅଗ୍ନି ଉତ୍ସବ ଘରକୁ ବିମାନରେ ୭ ଘେରା ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି ।

ଦୋଳ ପୂର୍ଣ୍ଣମୀରେ ସକାଳ ମଙ୍ଗଳ ଆରତି ଓ ଅବକାଶ ନୀତି ପରେ ମଇଲମ, ସର୍ବାଙ୍ଗ ଚନ୍ଦନ ଲାଗି, ନୂଆ ବୋଇରାଣୀ ଶାଢ଼ୀ (ଏକ ପ୍ରକାର ଆକାଶୀ ବା ଶାଗୁଆ ରଙ୍ଗର ସୂତା ଲୁଗା) ଓ ଲାଲ ପାଟବସ୍ତ୍ର ଖଣ୍ଡୁଆ ଲାଗି ହୋଇ ଶ୍ରୀ ବିଗ୍ରହମାନଙ୍କର ତ୍ରିମୁଣ୍ଡିରେ ଗଭା ଲାଗି ହୁଏ । ବିଶେଷ ନୀତିରେ ଲାଗୁଥିବା ୧୦/୧୨ ହାତ ଲମ୍ବ ଦେଢହାତ ଓସାର ଏହି ବୋଇରାଣୀ ଲୁଗା ଗଞ୍ଜାମର ବୋଇରାଣୀରୁ ବୁଣାହୋଇ ଅଣାଯାଉଥିବାରୁ ବୋଇରାଣୀ ଶାଢୀ ନାମରେ ପରିଚିତ । ଯାତ୍ରା ଦିନମାନଙ୍କରେ ବୋଇରାଣୀ ଲୁଗା ଲାଗିହୁଏ । ତାରାବଳୀ ସଜ (ତାରାଫୁଲ ପଡିଥିବା) ଖଣ୍ଡୁଆ ଓ ଗୀତଗୋବିନ୍ଦ ଖଣ୍ଡୁଆ (ଗୀତଗୋବିନ୍ଦ ବା ରାସପଞ୍ଚାଧ୍ୟାୟ ମୁଦ୍ରିତ ଖଣ୍ଡୁଆ) ନାମରେ ଦୁଇ ପ୍ରକାର ଖଣ୍ଡୁଆ ଠାକୁର ପରିଧାନ କରନ୍ତି । ଏହାପରେ ରୋଷ ହୋମ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସମାହିତ ହୁଏ । ମେକାପ ସରଘରୁ ଖଇକୋରା ଭୋଗ ଛାମୁକୁ ଆଣିବା ପରେ ଦକ୍ଷିଣ ଘରୁ ଦୋଳଗୋବିନ୍ଦ ମହାଜନ ସେବକଙ୍କ ହାତରେ ରତ୍ନସିଂହାସନକୁ ବିଜେ କରନ୍ତି । ଭୋଗ ସରିବା ପରେ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରାପ୍ତହୋଇ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମହାଜନ, ଅଖଣ୍ଡ ମେକାପ, ଗରାବଡ଼ୁ ଓ ପାଳିଆ ଖୁଣ୍ଟିଆ ହାତରେ ବିଜେ କରାଇ ସିଂହାସନ ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା କରାଇ ଜୟବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା ନାଭିକଟା ମଣ୍ଡପରେ ପ୍ରସ୍ତୁତ ହୋଇଥିବା ଖଟ ଉପରେ ବିଜେ କରାନ୍ତି । ଏଠାରେ ମହାସ୍ନାନ, ମାଜଣା, ମୁଦିରସ୍ତ ପ୍ରସାଦଲାଗି, ଶୀତଳଭୋଗ ଏବଂ ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ସାତ ପାହାଚ ନିକଟରେ ପ୍ରସ୍ତୁତ ହୋଇ ରହିଥିବା ମଣି ବିମାନରେ ବିଜେ କରାନ୍ତି । ବିମାନ ବଡ଼ୁ ସେବକମାନେ ବିମାନ ବହନ କରି ଘଣ୍ଟ, ଛତା, କାହାଳୀ ପଟୁଆରରେ ମୁଖ୍ୟ ଶ୍ରୀମନ୍ଦିରକୁ ୭ ଥର ପରିକ୍ରମା କରି ବାହାରେ ଶ୍ରୀମନ୍ଦିର ନିକଟସ୍ଥ ଦୋଳବେଦୀକୁ ଆସି ବେଦୀ ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା କରି ବିମାନ ରଖିବା ପରେ ରୁନ୍ଧାଫିଟି ମହାଜନ ସେବକମାନେ ଠାକୁର ଠାକୁରାଣୀମାନଙ୍କୁ ହାତରେ ବିଜେ କରାଇ ବେଦୀ ଉପରେ ୭ ଥର ଓ ଦୋଳିବନ୍ଧା ଯାଇଥିବା ସିଂହାସନର ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା ପରେ ଦୋଳି ଉପରେ ବିଜେ କରାନ୍ତି । ଏଠାରେ ଘଣ୍ଟ, ଛତା କାହାଳୀ ସହ ତଳୁଛ ପଟୁଆର ହୋଇ ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପ ପୂଜା ଷୋଡ଼ଶ ଉପଚାରରେ ଅନୁଷ୍ଠିତ ହେବା ପରେ ଓ ସାଧାରଣ ଦର୍ଶନ ପରେ ମହାସ୍ନାନ ବେଶ ହୋଇ ଠାକୁର ଠାକୁରାଣୀମାନେ ଦୋଳିରୁ ଓହ୍ଲାଇ ମୁଦିରସ୍ତ ନିଉଛାଳି ପରେ ଦୋଳିଯୁକ୍ତ ସିଂହାସନ ଚତୁଃପାର୍ଶ୍ୱ ୭ ଥର ପରିକ୍ରମା କରନ୍ତି । ପ୍ରସାଦଲାଗି ଓ ବନ୍ଦାପନା ହୋଇ ସିଂହାସନ ତଳ ମଣ୍ଡପରେ ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା ପରେ ବିମାନକୁ ବିଜେ କରି ଦୋଳବେଦୀକୁ ୭ ଥର ପରିକ୍ରମା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି । ପୁନଃ ମୁଖ୍ୟ ଶ୍ରୀମନ୍ଦିରକୁ ୭ ଥର ପରିକ୍ରମା ପରେ ସରସ୍ୱତୀଙ୍କ ମନ୍ଦିର ସମ୍ମୁଖରେ ବିମାନ ରଖାଯାଇ ଶୀତଳ ଭୋଗ ଓ ବନ୍ଦାପନା ହୁଏ । ଏହାପରେ ସାତପାହାଚ ଦେଇ ଭିତର କାଠ ଭଣ୍ଡାର ଦ୍ୱାରଠାରେ ବିଜେ କରି ସେଠାରେ ବନ୍ଦାପନା ଓ ଜଳଲାଗି ନୀତି ଅନୁଷ୍ଠିତ ହେବା ପରେ ଦୋଳଗୋବିନ୍ଦ ଦକ୍ଷିଣ

ଘରକୁ ଏବଂ ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନକୁ ବିଜେ କରନ୍ତି ।

ପୂର୍ବୋକ୍ତ ବର୍ଣ୍ଣନା ଅନୁଯାୟୀ ବିଜେ ପ୍ରତିମାମାନେ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ରତ୍ନସିଂହାସନସ୍ଥ ଶ୍ରୀ ବିଗ୍ରହମାନଙ୍କର ମଇଲମ ହୋଇ ରାଜାବେଶ ବା ସୁନାବେଶ ଓ କର୍ପୂର ଲାଗି ଅନୁଷ୍ଠିତ ହୁଏ । ଏହାପରେ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଓ ସକାଳ ଧୂପ ଏବଂ ଭୋଗମଣ୍ଡପ ନୀତି ଶେଷ ହୋଇ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଦର୍ଶନ ଅନୁଷ୍ଠିତ ହୁଏ । ଶ୍ରୀ ବିଗ୍ରହମାନେ ସୁନା ବେଶରେ ଥିବା ବେଳେ ଶ୍ରୀଦେବୀ ଓ ଭୂଦେବୀ ଦୋଳବେଦୀରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ରତ୍ନସିଂହାସନରେ ଶ୍ରୀଅଙ୍ଗ ଲାଗି ହୁଅନ୍ତି । ସାହାଣମେଲା ଦର୍ଶନ ପରେ ସୁନାବେଶ ଓ ଲାଗି କରାଯାଏ । ଏହାପରେ ଅନ୍ୟାନ୍ୟ ନୀତି ହୋଇ ପହୁଡ଼ ହୁଏ ।

ମାଦଳା ପାଞ୍ଜି ଅନୁସାରେ ୧୨୩୦ ଖ୍ରୀଷ୍ଟାବ୍ଦରେ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ବଡ଼ ଦେଉଳର ଦକ୍ଷିଣ–ପୂର୍ବ ପାର୍ଶ୍ୱରେ ଦୋଳମଣ୍ଡପ ନିର୍ମାଣ କରାଇଥିଲେ । ଶ୍ରୀଜଗନ୍ନାଥଙ୍କୁ ସେଠାକୁ ନିଆଯାଇ ଦୋଳଯାତ୍ରା ପର୍ବ ପାଳିତ ହେଉଥିଲା । କିଛି ବର୍ଷ ପରେ ତାହା ଭାଙ୍ଗି ଯିବାରୁ ଦୋଳମଣ୍ଡପ ଉପରେ ଶ୍ରୀଜୀଉଙ୍କ ଦୋଳି ଖେଳ ବନ୍ଦ ରହିଥିଲା । ୧୫୬୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ମୁକୁନ୍ଦ ଦେବ ଦୋଳବେଦୀ ପୁନଃ ନିର୍ମାଣ କରାଇଥିଲେ । ବର୍ତ୍ତମାନ ଶ୍ରୀମନ୍ଦିର ଉତ୍ତର–ପୂର୍ବ କୋଣରେ ଦୋଳମଣ୍ଡପ ଅବସ୍ଥିତ ।

ଓଡ଼ିଶାରେ ସର୍ବତ୍ର ଦୋଳ ସମୟରେ ଠାକୁରମାନେ ଭୋଗ ଖାଆନ୍ତି ଓ ଫଗୁ ଖେଳନ୍ତି । ଓଳକଣା ବିଦୁର ମନ୍ଦିରରେ ଚତୁର୍ଦ୍ଦଶୀ ଦିନ ହରିହର ମିଳନ ହୁଏ ଓ ଶାଗଭଜା ଭୋଗ ହୁଏ । ହୋଲି ଦିନ ଠାକୁରମାନଙ୍କର ରଙ୍ଗଖେଳ ହୋଇଥାଏ ।

ହୋଲି ପର୍ବର ଅନେକ ପୌରାଣିକ ଆଖ୍ୟାୟିକା ରହିଛି । ଦୈତ୍ୟରାଜ ହିରଣ୍ୟକଶିପୁର ଭଗ୍ନୀ ହୋଲିକା ପରମପିତା ବ୍ରହ୍ମାଙ୍କଠାରୁ ଅଗ୍ନିରେ ଭସ୍ମ ନହେବାର ବରପ୍ରାପ୍ତି ହୋଇଥିଲା । ହିରଣ୍ୟକଶିପୁର ପୁତ୍ର ପ୍ରହ୍ଲାଦ ବିଷ୍ଣୁ ଭକ୍ତ ଥିବାରୁ ହିରଣ୍ୟକଶିପୁ ପ୍ରହ୍ଲାଦକୁ ବଧ କରିବା ପାଇଁ ନାନା ଉପାୟ କରି ସଫଳ ନହେବାରୁ ଶେଷରେ ଭଗ୍ନୀ ହୋଲିକାର ସାହାଯ୍ୟ ନେଇଥିଲା । ହୋଲିକା ବ୍ରହ୍ମାଙ୍କ ବରକୁ ଅପପ୍ରୟୋଗ କରି ପୁତୁରା ପ୍ରହ୍ଲାଦକୁ ଧରି ଅଗ୍ନିରେ ପଶିବାରୁ ନିଜେ ଭସ୍ମ ହୋଇଗଲା । ହୋଲିକାର ଦହନ ଓ ପ୍ରହ୍ଲାଦର ବିଜୟ ସ୍ମାରକୀ ରୂପେ ହୋଲି ପର୍ବ ପାଳିତ ହେଉଅଛି ।

ଅନ୍ୟପକ୍ଷେ ପୌରାଣିକ ମତରେ ହୁଲି ନାମକ ଏକ ଅସୁରକନ୍ୟା ବିଷ୍ଣୁଙ୍କଠାରୁ ବରପ୍ରାପ୍ତ ହୋଇ ମେଷାସୁର ନାମକ ଏକ ପୁତ୍ରକୁ ଜନ୍ମ ଦେଇଥିଲା । ମେଷାସୁର ଗୋପୀମାନଙ୍କୁ ହଇରାଣ କରିବାରୁ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଗୋପୀମାନେ ତାକୁ ଅଗ୍ନିରେ ଭସ୍ମ କରିଦେଲେ ଓ ହୁଲିକୁ ସାନ୍ତ୍ୱନା ଦେବା ପାଇଁ ହୋଲି ପର୍ବ ପ୍ରଚଳନ କରିଥିଲେ । ସେଥିପାଇଁ ଏହିଦିନ ମେଣ୍ଢାର ଏକ ମୂର୍ତ୍ତି ଏକ ନଡ଼ା କୁଡ଼ିଆରେ ରଖାଯାଇ ଦାହ କରାଯାଏ ଓ ରାଧାକୃଷ୍ଣ ବିମାନରେ କୁଡ଼ିଆ ଚାରିପଟେ ୭ଥର ପରିକ୍ରମା କରନ୍ତି ।

ଅନ୍ୟ ଏକ କାହାଣୀ ଅନୁଯାୟୀ ମେଷାସୁରକୁ ମାରିବା ପାଇଁ ଶ୍ରୀକୃଷ୍ଣ ତା'ର ମୁଖ ଗହ୍ୱର ମଧ୍ୟକୁ ପ୍ରବେଶ କରି ତାକୁ ବଧ କଲେ । ମେଷାସୁର ବରପ୍ରାପ୍ତ ହୋଇଥିଲା ଯେ, ତା'ର ଦେହର ରକ୍ତ ଭୂମିରେ ପଡ଼ିଲେ ରକ୍ତବୀଜ ରୂପେ ସେ ପୁନଶ୍ଚ ଜନ୍ମ ଲାଭ କରିବ । ତେଣୁ ଶ୍ରୀକୃଷ୍ଣଙ୍କ ଦେହରେ ଲାଗିଥିବା ରକ୍ତ ଭୂମିରେ ନପଡ଼ିବା ପାଇଁ ଗୋପୀମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବୋଳି ଦେଇଥିଲେ । ଏହି ଜନଶ୍ରୁତି ରୂପେ 'ବସନ୍ତ ଉତ୍ସବ' ଓ 'ଦୋଳ ଉତ୍ସବ' ସମୟରେ ରାଧାମାଧବଙ୍କ ଅର୍ଚ୍ଚନା ଓ ଫଗୁ ଅର୍ପଣ ସହ ରଙ୍ଗ ଖେଳର ଉତ୍ସବ ପାଳିତ ହେଉଛି ।

ଏହି ହୋଲି ଦିନ ଭଗବାନ ଶଙ୍କର କନ୍ଦର୍ପକୁ ଦହନ କରିଥିବାର ଦକ୍ଷିଣ ଭାରତର ଲୋକମାନେ ବିଶ୍ୱାସ କରନ୍ତି ଏବଂ ସେହି ସ୍ମାରକୀ ରୂପେ ଏହା ପାଳନ କରାଯାଉଛି । ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଦୋଳ ବେଦୀରେ ବହ୍ନି ଉତ୍ସବ 'ରାଜାଗ୍ନି' ଓ 'ବରାହ ଦୋଳ' ଅନୁଷ୍ଠିତ ହୁଏ । ଏହି ଶୁକ୍ଳ ଚତୁର୍ଦ୍ଦଶୀ ଉତ୍ସବରେ ମାରଓ୍ୱାଡ଼ି ସମ୍ପ୍ରଦାୟର ମହିଳାମାନେ ପରମ୍ପରା ଅନୁସାରେ ପୂଜା ବନ୍ଦାପନା କରି ଘଷିମାଳମାନ ଲଟକାଇ ସୂତାରେ ବାନ୍ଧିଥାନ୍ତି ଓ ପୋଡ଼ିଥାନ୍ତି । ଓଡ଼ିଶାରେ ମେଲଣ ଯାତ୍ରା ପରେ ଠାକୁରମାନଙ୍କର ଯମୁନା ସ୍ନାନ ହୋଇ ଯଥାରୀତି ମନ୍ଦିରମାନଙ୍କୁ ବିଜେ କରନ୍ତି ।

ଏ.ଏଲ୍–୫୩, ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର

❖ ❖ ❖

## ପ୍ରସିଦ୍ଧ ବ୍ୟଙ୍ଗ ଚିତ୍ରକାର

# ଆର.କେ. ଲକ୍ଷ୍ମଣଙ୍କ ଅପାଶୋରା କଥା

**ଗୁରୁକଲ୍ୟାଣ ମହାପାତ୍ର**

'ତିନି ବର୍ଷ ବୟସରୁ ଛୋଟ ପିଲାଙ୍କୁ ଅକ୍ଷର ଶିଖିବାକୁ ତାଗିଦା କରିଥାନ୍ତି ଅଭିଭାବକମାନେ ଆମର। ମୁଁ କିନ୍ତୁ ଅକ୍ଷର ଶିଖିବା ପରିବର୍ତ୍ତେ ଅଂକନ କଲି। ମୋର ସୌଭାଗ୍ୟ ଯେ ମୋର ଅଭିଭାବକ ମୋ ଉପରେ ବିଗିଡି ନଥିଲେ କିମ୍ବା ବିରକ୍ତ ହୋଇ ନଥିଲେ।' ଏ ଥିଲା ଭାରତ ପ୍ରସିଦ୍ଧ କାର୍ଟୁନିଷ୍ଟ ମାଗାସେସ୍ ପୁରସ୍କାରପ୍ରାପ୍ତ ଓ ପଦ୍ମଭୂଷଣ ଉପାଧି ବିଭୂଷିତ ଆର୍.କେ. ଲକ୍ଷ୍ମଣଙ୍କ ସ୍ୱୀକାରୋକ୍ତି ।

ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସରେ 'ଜଣେ କାର୍ଟୁନିଷ୍ଟ ବା ବ୍ୟଙ୍ଗ ଚିତ୍ରକାରର ଜୀବନ ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ଶ୍ରୀ ଲକ୍ଷ୍ମଣଙ୍କର ବକ୍ତୃତା ଶୁଣିବା ପାଇଁ ବେଶ୍ ଭିଡ ହୋଇଥାଏ ସେଦିନ ବୁଦ୍ଧିଜୀବୀମାନଙ୍କର। ଇନଷ୍ଟିଚ୍ୟୁଟର ଏ ଥିଲା ରଜତ ଜୟନ୍ତୀ ଉତ୍ସବର ଅୟମାରମ୍ଭ। ବକ୍ତୃତା ବୋଇଲେ ସେପରି କିଛି ତାତ୍ତ୍ୱିକ କଥା ସେ କହି ନଥିଲେ ସେଦିନ– ଗତ ୧୯୯୮





ମସିହା ସେପ୍ଟେମ୍ବର ୨ ତାରିଖ ଅପରାହ୍ଣରେ । କିନ୍ତୁ ସ୍ୱଭାବ ସୁଲଭ ଢଙ୍ଗରେ ମଝିରେ ମଝିରେ ହାସ୍ୟରସାତ୍ମକ କଥା କହି



ସେ ସ୍ୱଚ୍ଛନ୍ଦରେ ଯେପରି ତାଙ୍କର ଜୀବନାନୁଭୂତି ବର୍ଣ୍ଣନା କରିଗଲେ, ତାହା ପ୍ରତ୍ୟେକ ଦର୍ଶକଙ୍କୁ ଆମୋଦିତ କରିଥିଲା। ପ୍ରଥମେ ଶିଳ୍ପୀ ଅଶୋକଙ୍କର ଏକ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀ ସେ ଇନଷ୍ଟିଚ୍ୟୁଟ ପରିସରରେ ଉଦ୍‌ଘାଟନ କରିବା ପରେ ବକ୍ତୃତା ଆରମ୍ଭ କରିଥିଲେ ।

ସେ କହିଲେ, ତାଙ୍କ ଭାଇ ଆର.କେ. ନାରାୟଣ (ବିଶ୍ୱ ପ୍ରସିଦ୍ଧ ଇଂରାଜୀ ଭାଷାର ଔପନ୍ୟାସିକ) ଯେତେବେଳେ 'ହିନ୍ଦୁ' ସମ୍ବାଦପତ୍ରରେ ଗଳ୍ପ ଲେଖୁଥିଲେ, ତାଙ୍କ ଗଳ୍ପରେ ସ୍କେଚ୍ (ଚିତ୍ର)ଗୁଡିକ ମୁଁ ଅଙ୍କନ କରୁଥିଲି। ମନି ଅର୍ଡର ସେଥିପାଇଁ ପାଉଥିଲି ଅଢେଇ ଟଙ୍କା ମାତ୍ର। ତା'ପରେ ସ୍ଥାନୀୟ ପତ୍ର ପତ୍ରିକାରେ ଲେଖିଲି ଓ ଚିତ୍ର ଆଙ୍କିଲି। ତେଣୁ ସ୍କୁଲରେ ପଢିବା ବେଳେ ମୋର ପକେଟ୍ ମନିର ଅଭାବ ହୋଇନାହିଁ । ସ୍ୱାଧୀନତା ପୂର୍ବରୁ ତତ୍କାଳୀନ ବିଶ୍ୱପ୍ରସିଦ୍ଧ ନେତା ହିଟ୍‌ଲର, ମୁସୋଲିନ୍, ଜିନା ପ୍ରଭୃତିଙ୍କ କାର୍ଟୁନ୍ କରି ବେଶ୍ ପଇସା ଅର୍ଜନ କରିଛି। କିନ୍ତୁ ସ୍ୱାଧୀନତା ପ୍ରାପ୍ତି ବେଳକୁ ମୁଁ ପୂରାପୂରି ଗୋଟିଏ କାର୍ଟୁନିଷ୍ଟ ହୋଇ ଯାଇଥିଲି।

ସଭା ପରେ ଏ ଲେଖକର କେତୋଟି ପ୍ରଶ୍ନର ଉତ୍ତର ସେ ତରବର ହୋଇ ଦେଇଥିଲେ। ତାହା ଥିଲା ଏହିପରି..........

ପ୍ର– ଆପଣ ସାଧାରଣ ମଣିଷଟିକୁ କେଉଁ ଦୃଷ୍ଟିରେ ଦେଖନ୍ତି ବା କିପରି ଆବିଷ୍କାର କରନ୍ତି ?

ଉ– (ପରିହାସରେ) ମୁଁ ଆଦୌ ସାଧାରଣ ମଣିଷ ହେବାକୁ ଚାହେଁନି। ମୁଁ ଜଣେ କଳାବଜାରୀ ହେବାକୁ ଚାହେଁ । କିନ୍ତୁ ମୋର ଦୁର୍ଭାଗ୍ୟ ଯେ ଏଯାଏଁ ହୋଇପାରି ନାହିଁ । ସାଧାରଣ ମଣିଷ ହୋଇ କାହିଁକି ହନ୍ତସନ୍ତ ହେବି ?

ପ୍ର– 'ସମୟର ସୁଡଙ୍ଗ' (ଆତ୍ମଜୀବନୀ)ରେ ଆପଣ ସୁଡଙ୍ଗ ଶେଷରେ କିପରି ପହଞ୍ଚିବାକୁ ଚାହାନ୍ତି ?

ଉ– ମୁଁ ସେଯାଏଁ ପହଞ୍ଚି ପାରିବି – ସୁଡଙ୍ଗ ଶେଷ ଯାଏଁ । ସୁଡଙ୍ଗ ଶେଷରେ କିନ୍ତୁ ଆଲୋକ ଦେଖିବାକୁ ଚାହେଁ ।

ପ୍ର– ଏଠି କାର୍ଟୁନ୍ ବା ବ୍ୟଙ୍ଗ ଚିତ୍ରର ଭବିଷ୍ୟତ କ'ଣ ?

ଉ– ଏଠି କାର୍ଟୁନ୍‌ର ଭବିଷ୍ୟତ ଉଜ୍ଜ୍ୱଳ। କିନ୍ତୁ ରାଜନୀତିଜ୍ଞମାନଙ୍କ ଭବିଷ୍ୟତ, ଯାହାକୁ ନେଇ କାର୍ଟୁନ୍ କରାଯାଏ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ ।

ପ୍ର– ଆପଣଙ୍କ ଜୀବନର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ?

ଉ– ମୋ ନାମରେ ଏପରି ଅଭିଯୋଗ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ସମୟରେ ନାସିକଠାରେ ହୋଇଥିଲା ଯେ ମୋତେ ସେଠାରେ ଜାମିନ୍ ମିଳି ନଥିଲା।

ପ୍ର– ଆପଣଙ୍କ ଜୀବନରେ ଭୟ ?

ଉ– ମୋତେ କେତେଜଣ ଏସିଡ୍ ଫୋପାଡି ମାରିବାକୁ ଚାହୁଁଥିଲେ। ଚିଠିରେ ବୋମା ବି ଆସିଥିଲା, ଯାହାକୁ ପୋଲିସ ଜବତ କରିଥିଲା।

ପ୍ର– କାର୍ଟୁନ୍ ପାଇଁ ପ୍ରକୃତରେ କ'ଣ ଦରକାର ?

ଉ– ଦରକାର (୧) ହାସ୍ୟ ରସରେ ଦ୍ରବୀଭୂତ ମନ (୨) ସାଧାରଣ ଜ୍ଞାନ (ବିଭିନ୍ନ ପରିସ୍ଥିତି ସଂପର୍କରେ) (୩) ଚିତ୍ରାଙ୍କନ ପାଇଁ ପାକଳ ହାତ ।

ପ୍ର– ଆପଣ କାହିଁକି କାର୍ଟୁନ୍ କରନ୍ତି ? ସମାଜର ସଂସ୍କାର ପାଇଁ ତ ?

ଉ– ନାଇଁ ତ। ମୁଁ କାର୍ଟୁନ୍ କରେ ନିଜର ଖୁସି ପାଇଁ । ରାଜନୈତିକ ପରିବର୍ତ୍ତନ ବା ସାମାଜିକ ସଂସ୍କାର ମୋର କାମ୍ୟ ନୁହେଁ । ବହୁତ ଅଳିଆ ରହିଛି ସଂସାରରେ । ସେ ଅଳିଆ ମୁଁ ସଫା କରିବାକୁ ଚାହେଁନା ।

ପ୍ର– ଆପଣ ଜଣେ କାର୍ଟୁନିଷ୍ଟ ହୋଇ ନଥିଲେ କ'ଣ ହୋଇଥାନ୍ତେ ?

ଉ– ମୁଁ ଦାଣ୍ଡର ଭିକାରୀ ହୋଇ ଥାଆନ୍ତି ।

ପ୍ର– ଆପଣଙ୍କ ସହ କିଏ ତୁଳନୀୟ ?

ଉ– ନିଜେ ନିଜ ସହ ତୁଳନୀୟ ।

ପ୍ର– କମ୍ପ୍ୟୁଟରର କାର୍ଟୁନ୍ ଓ ସ୍ୱହସ୍ତ ଅଙ୍କିତ କାର୍ଟୁନ୍ ମଧ୍ୟରେ ଫରକ ?

ଉ– କମ୍ପ୍ୟୁଟର କାର୍ଟୁନ୍ ହେଲାଣି ଆଜିକାଲି। ଆମେରିକାନ୍‌ମାନେ କରୁଛନ୍ତି। 'ଇଣ୍ଡିଆ ଟୁଡେ' ପତ୍ରିକା ବି କରୁଛି । କିନ୍ତୁ ସେ ସବୁ କାର୍ଟୁନ୍‌ରେ ଜୀବନ ନଥିଲା ପରି ଜଣାଯାଏ ।

ପ୍ର– ନିଜ ପତ୍ନୀଙ୍କର କାର୍ଟୁନ୍ କରିଛନ୍ତି ?

ଉ– ସୁବିଧା ହେଲେ କରିବି ।

ନିଜ ବିଷୟରେ ସେ ସଭା ତଥା ସାକ୍ଷାତ୍‌କାରରେ ଏହିପରି ବର୍ଣ୍ଣନା କରିଥିଲେ.....

ମୋ ବାପା ଚାହୁଁଥିଲେ ପାଠ ପଢି ଡିଗ୍ରୀଟିଏ ହାସଲ କରିବାକୁ। କିନ୍ତୁ ମୋ ଡିଗ୍ରୀ ଯାଇ ରହିଲା ମହୀଶୂର ବିଶ୍ୱବିଦ୍ୟାଳୟରେ । ପିଲାଦିନୁ ଡ୍ରଇଁ କରି କରି ହାତଟାକୁ ପାକଳ କରି ଦେଇଥିଲି। ସେଥିପାଇଁ ମୁଁ ଅନାୟାସରେ କାର୍ଟୁନ୍ କରିପାରେ। କାର୍ଟୁନିଙ୍ଗକୁ ଏକ ସ୍ୱତନ୍ତ୍ର ଆର୍ଟ ବା କଳା ବୋଲି ଆମର କହି ହେବ ନାହିଁ। ଏ କଳା ବିଦେଶରୁ ଆମଦାନୀ ହୋଇ ଆସିଛି । ଆମର ହାସ୍ୟରସ ଥିଲା । ଆମେ ଆଧ୍ୟାତ୍ମିକତା ଓ ଧର୍ମ କ୍ଷେତ୍ରରେ ବେଶ୍ ସଚେତନ ଥିଲୁଁ । ସେଥିପାଇଁ ଆମର ହାସ୍ୟରସ ମଧ୍ୟ କଥାମାନଙ୍କରେ ଥିଲା। ଗୋଟିଏ ମର୍କଟ ଜାମୁକୋଳି ଖାଉ ଖାଉ ପାଣି ଭିତରେ କୁମ୍ଭୀରକୁ ତା'ର ହୃଦୟଟି ନଦୀ କୂଳରେ ଗଛ ଉପରେ ଛାଡି ଆସିଛି ବୋଲି ଯେଉଁ କାହାଣୀଟି ଅଛି, ସେଇ କାହାଣୀଟିକୁ ଜଣେ ଚିତ୍ରକର ଗୋଟିଏ ମନ୍ଦିର ଗାତ୍ରରେ ଯେପରି ଖୋଦିତ କରି ହାସ୍ୟ ରସ ସୃଷ୍ଟି କରିଛନ୍ତି, ତାହା ମୋତେ ଅଭିଭୂତ କରିଥିଲା। ଭାରତୀୟ କଳା ଭାସ୍କର୍ଯ୍ୟର ମୁଁ ବଡ ଅନୁରାଗୀ । ହାସ୍ୟରସ କ୍ଷେତ୍ରରେ ଆମେ ଅଦ୍ୱିତୀୟ ଥିଲେ, କିନ୍ତୁ ବ୍ରିଟିଶ ବାଲା ତାହାକୁ ବୁଝି ପାରୁନଥିଲେ। ଆମର ପୁରାଣ ଓ ଲୋକକଥାରେ ବି ଅଦ୍ଭୁତ ହାସ୍ୟରସ ଦେଖିବାକୁ ମିଳେ ।

ମୁଁ ପିଲାଦିନେ ଘରର ଚଟାଣରେ ଗାରାଗାରି କରି ଡ୍ରଇଁ କଲାବେଳେ ମୋ ବାପା ମା' କେବେ ମୋତେ ବାଧା ଦେଇ ନାହାନ୍ତି । ବରଂ ମୋ ବାପା ତାଙ୍କ ଲାଇବ୍ରେରୀରେ ଯେଉଁ ଦଶ ହଜାର ପୁସ୍ତକ ରଖିଛନ୍ତି, ତାହା ମୋତେ ପଢିବାକୁ, ଲେଖିବାକୁ ଓ ଅଙ୍କନ କରିବାକୁ ପ୍ରେରଣା ଦେଇଛି ।

ସ୍କୁଲରେ ପଢୁଥିବା ବେଳେ ଛୁଟି ହେଲେ ମୁଁ ସାଇକେଲ ନେଇ ଗାଁକୁ ପଳାଏ । ଅନ୍ୟଦିନମାନଙ୍କରେ ବଜାରକୁ ଯାଇ ସେଠାରେ ବିଭିନ୍ନ ଦୋକାନ ଓ ଗ୍ରାହକଙ୍କ ଚିତ୍ର ଆଙ୍କେ।

ନିଜ ଜୀବନର ଚିତ୍ର ପ୍ରଦାନ କରିବା ସମୟରେ ଭାରତର ସାମ୍ପ୍ରତିକ ପରସ୍ଥିତିର ସେ ଉଲ୍ଲେଖ କରି କହିଥିଲେ ଯେ ଆନ୍ଧ୍ରରେ ଅଲଗା ରାଜ୍ୟ ଦାବି କରି ଗୁଟିଶ୍ରୀ ରାମଲୁ ଅନଶନ ଆରମ୍ଭ କଲେ। ପରିହାସ ଛଳରେ ସେ କହିଲେ ଯେ ବୋଧେ ଆଗରୁ ସେ ଭୋକିଲା ଥିଲେ। ଯାହାହେଉ ପଣ୍ଡିତ ନେହେରୁ ତେଣୁ ସନ୍ତୁଷ୍ଟୀକରଣ ନୀତିରେ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟ ଭାଷା ସୂତ୍ରରେ ଗଠନ କରିଦେଲେ । ଏତେ ବର୍ଷ ପରେ ବି ଭାରତରେ ଏବେ ରାଜ୍ୟ ଗଠନ ପାଇଁ ଆନ୍ଦୋଳନ ବନ୍ଦ ହୋଇ ନାହିଁ ।

ସେ କହିଥିଲେ ଆମର ନାରୀ ପ୍ରଗତିଶୀଳା – ପୁରାଣ କାଳରୁ ଆଧୁନିକ ଯୁଗଯାଏଁ । (ମୋ ପତ୍ନୀ ମଧ୍ୟ ବୋଲି ପରିହାସ ଛଳରେ କହି ସମ୍ମୁଖରେ ବସିଥିବା ପତ୍ନୀଙ୍କ ଆଡକୁ ନିର୍ଦ୍ଦେଶ ଦେଇ ସେ କହିଥିଲେ) ନାରୀ ଆଜି ଅନେକ କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ। ସଂସଦୀୟ ବ୍ୟବସ୍ଥାରେ ନାରୀଙ୍କ ଲାଗି ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉଛି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ ।

ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ଭାରତର ସର୍ବାଧିକ ପ୍ରସାରିତ ଇଂରାଜୀ ଭାଷାର ସମ୍ବାଦପତ୍ର 'ଟାଇମସ୍ ଅଫ୍ ଇଣ୍ଡିଆ' ସହିତ ସଂପୃକ୍ତ ଥାଇ କାର୍ଟୁନ୍ ଆଙ୍କୁଥିବା ଶିଳ୍ପୀ ଶ୍ରୀ ଲକ୍ଷ୍ମଣ ନିଜ ଅଭିଜ୍ଞତାରୁ ପୁଣି କହିଥିଲେ ଯେ କ୍ୱଚିତ ଲୋକେ ଆମ ସମ୍ବାଦପତ୍ରର ଅଗ୍ରଲେଖାକୁ ପଢନ୍ତି । ପଢିଲେ ବି ସେଥିରୁ ସମସ୍ୟା ସମ୍ପର୍କରେ ସମାଧାନର ଉତ୍ତର ପ୍ରାୟ ପାଆନ୍ତି ନାହିଁ । ମାତ୍ର କାର୍ଟୁନ୍‌ରେ ସହଜିଆ ଉତ୍ତର ପ୍ରାୟ ସମସ୍ତେ ପାଇପାରନ୍ତି। ସେ କହିଲେ ଯେ ସେ ନିଜେ ଗୋଟିଏ ନିୟୁତ କାର୍ଟୁନ୍ କରିପାରିବେ, ମାତ୍ର ତାହା ସମୟ ସାପେକ୍ଷ। କାର୍ଟୁନ୍ ପାଇଁ ବହୁତ ସମୟ ଚିନ୍ତା କରିବାକୁ ପଡେ। ତେବେ ଭାରତୀୟ ଜୀବନଧାରାର ବିରୋଧାଭାସ ହିଁ ମୋ କାର୍ଟୁନ୍‌ରେ ପ୍ରତିଫଳିତ ବୋଲି ସେ କହିଥିଲେ ।

'ଟାଇମସ୍ ଅଫ୍ ଇଣ୍ଡିଆ'ରେ ତାଙ୍କର ଦୈନିକ ଅଭ୍ୟାସ ବିଷୟରେ ବର୍ଣ୍ଣନା କରି ସେ କହିଲେ, ସକାଳ ୮ଟା ୩୦ରେ ମୁଁ ଅଫିସ୍ ଯାଏ । ଅଫିସରେ ମୋ ପ୍ରକୋଷ୍ଠରେ ପହଞ୍ଚିଲା ପରେ କାହାକୁ ଦେଖା ଦିଏ ନାହିଁ କି ଫୋନ୍ ଧରେ ନାହିଁ । ଆଗ ସବୁ କାଗଜପତ୍ର ପଢି ବସେ । ପ୍ରାୟ ଦିନ ୧୨ଟା ବେଳକୁ କାର୍ଟୁନ୍‌ର କଳ୍ପନା ଆସେ। ତା'ପରେ ବାଜପେୟୀ ହୁଅନ୍ତୁ ବା ନୱାଜ୍ ସରିଫ ହୁଅନ୍ତୁ ସେଭଳି ଚରିତ୍ର ସବୁ ଧୀରେ ଧୀରେ ମୋ'ଭିତରେ ପ୍ରବେଶ କରେ । ଏହିପରି କାର୍ଟୁନ୍ କରୁ କରୁ ମୋର ଦିନ ଚାରିଟା ହୋଇଯାଏ । ବଜର ମାରି ଅର୍ଦ୍ଦଳିକୁ ଡାକେ । ସେ ଆସି କାର୍ଟୁନ୍‌ଟି ନେଇଯାଏ । ମୁଁ ଆଶ୍ୱସ୍ତିରେ ନିଃଶ୍ୱାସ ମାରେ । ସେ କହିଲେ ଯେ 'ବଦ୍‌ଲେ କି ଦୁନିଆଁ' ନାମରେ ଏକ ଫିଲ୍ମ ମଧ୍ୟ କରିଛି । କିନ୍ତୁ କାର୍ଟୁନ୍ କରିବା ଫିଲ୍ମ ନିର୍ଦ୍ଦେଶନା ନୁହେଁ । କାର୍ଟୁନ୍ ସରିବା ପରେ ସୃଜନଶୀଳତାରୁ ଯେଉଁ ଆନନ୍ଦ ଟିକକ ମିଳେ, ତାହା ହିଁ ଶାନ୍ତି ଦିଏ । ପ୍ରାୟ ୫ଟା କିମ୍ବା ୫ଟା ୧୦ରେ ମୁଁ ପୁଣି କାର୍‌ରେ ଘରକୁ ଫେରେଁ । ଟ୍ରାଫିକ୍ ଜାମ ଭିତରେ ଯାଇ ଘରେ ପହଞ୍ଚିବାକୁ ପ୍ରାୟ ୩୦/୪୦ ମିନିଟ ଲାଗେ । ଘରେ ପହଞ୍ଚିଲେ ବି ପରଦିନର କାର୍ଟୁନ୍ ପାଇ ଚିନ୍ତା ମନକୁ ଘାରେ । ତେଣୁ ଭୁବନେଶ୍ୱରକୁ ଏ ଯେଉଁ ନିମନ୍ତ୍ରଣ ପାଇଁ ୩/୪ ଦିନ ବୁଲି ଆସିଛି, ଆଉ କାର୍ଟୁନ୍ ବୋଝରେ ଭାରାକ୍ରାନ୍ତ ନହୋଇ ମୁଁ ଅନ୍ତତଃ ଶାନ୍ତିରେ ନିଃଶ୍ୱାସ ମାରି ପାରୁଛି ବୋଲି ଫୁଲ୍ ପ୍ୟାଣ୍ଟ ଓ ହାୱାନୀ ସାର୍ଟ ପରିହିତ ଆର.କେ. ଲକ୍ଷ୍ମଣ ସାମାନ୍ୟ ହସି ସେଦିନ ମନର କଥା ଏ ଲେଖକକୁ କହି ପକାଇଥିଲେ ।

ସେ କହିଲେ, କାର୍ଟୁନ୍‌କୁ ମୁଁ ଚେଷ୍ଟା କରି କେବେ କରିନି । କାର୍ଟୁନ୍ ଆପେ ଆପେ ହୋଇଯାଏ ସ୍ୱାଭାବିକ ଭାବରେ । ଏ ପର୍ଯ୍ୟନ୍ତ କାର୍ଟୁନ୍ ପାଇଁ ମୋର କୌଣସି ଟ୍ରେନିଂ ଦରକାର ପଡିନାହିଁ ।

ମୋ' ପଚାଶ ବର୍ଷର କାର୍ଟୁନ୍ ସବୁ ଯାହା 'ଟାଇମସ୍ ଅଫ୍ ଇଣ୍ଡିଆ'ରେ ପ୍ରକାଶ ପାଇଛି, ସେଥିରୁ ସେମାନେ ସୁନିର୍ବାଚିତ କାର୍ଟୁନ୍‌ଗୁଡିକ ଏକତ୍ର ପ୍ରକାଶ କରିଛନ୍ତି। ପ୍ରସିଦ୍ଧ ପ୍ରକାଶନ ସଂସ୍ଥା 'ପେଙ୍ଗୁଇନ୍' ମୋର ଆତ୍ମଜୀବନୀ 'ଟନେଲ୍ ଅଫ୍ ଟାଇମ୍' (ସମୟର ସୁଡଙ୍ଗ) ନିକଟରେ ପ୍ରକାଶ କରିଥିବାରୁ ମୁଁ ଖୁସି ।

ଏଇ ପ୍ରଖ୍ୟାତ ବ୍ୟଙ୍ଗ ଚିତ୍ରକାରଙ୍କ ଦେହାନ୍ତ ୯୪ବର୍ଷ ବୟସରେ ଗତ ଜାନୁଆରୀ ୨୬ ତାରିଖରେ ପୁନେଠାରେ ହୋଇଯାଇଛି । ବାସ୍ତବିକ ଦୁଃଖଦାୟକ ।

ଘର ନଂ–ଭିଏ ୨୯/୩
ୟୁନିଟ୍–୨, ଭୁବନେଶ୍ୱର–୯

# ପ୍ରଚଣ୍ଡ ପ୍ରତିଭାଧର ଚନ୍ଦ୍ରମୋହନ ମହାରଣା

ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ

ସ୍ୱର୍ଗତ ଚନ୍ଦ୍ରମୋହନ ମହାରଣା ଥିଲେ ଜଣେ ଆଦର୍ଶ ଶିକ୍ଷାବିତ୍, ଶିକ୍ଷକ ତଥା ସାରସ୍ୱତ ସାଧକ। ଜଣେ ଶୃଙ୍ଖଳିତ, କର୍ମନିଷ୍ଠ, ଛାତ୍ର ହିତୈଷୀ ବିଦ୍ୱାନ୍ ବ୍ୟକ୍ତି ଭାବରେ ସେ ପରିଚିତ ଥିଲେ। ତାଙ୍କର ଜୀବନ କାଳ ଥିଲା ୧୮୭୦ରୁ ୧୯୨୯ ମସିହା ଯାଏଁ । ତାଙ୍କର ଅଗ୍ରଜ ତୁଲ୍ୟ ଆଦର୍ଶ ବ୍ୟକ୍ତି ଭାବରେ – ବ୍ୟାସକବି ଫକୀରମୋହନ (୧୮୪୩), କବିବର ରାଧାନାଥ ରାୟ (୧୮୪୮), ଭକ୍ତକବି ମଧୁସୂଦନ ରାଓ (୧୮୫୩) ତଥା ଅନୁଜ ଓ ଅନୁଗାମୀ ଭାବରେ ଗୋପାଳଚନ୍ଦ୍ର ପ୍ରହରାଜ (୧୮୭୪), ନନ୍ଦକିଶୋର ବଳ(୧୮୭୫), ନୀଳକଣ୍ଠ ଦାସ (୧୮୮୪) ଗୋଦାବରୀଶ ମିଶ୍ର (୧୮୮୬)ଙ୍କ ନାମ ଅଗ୍ରଗଣ୍ୟ। ଯେଉଁ କୃତବିଦ୍ୟ ନେତୃବୃନ୍ଦ ଛାତ୍ରାବସ୍ଥାରେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକାଳ ମଧ୍ୟରେ ଉତ୍କଳର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ, ସେମାନଙ୍କ ମଧ୍ୟରେ ନିମ୍ନୋକ୍ତ ବ୍ୟକ୍ତିବିଶେଷଙ୍କ ନାମ ଉଲ୍ଲେଖଯୋଗ୍ୟ। ସେମାନେ ହେଲେ ବାଲେଶ୍ୱର ଜିଲ୍ଲା ସ୍କୁଲର ଛାତ୍ର ଅନନ୍ତ ପ୍ରସାଦ ପଣ୍ଡା, ହରିଶ୍ଚନ୍ଦ୍ର ବିଡ଼ାଳ, ମଇମୁଦ୍ଦିନ ଅହମ୍ମଦ ( ପରେ ରେଭେନ୍ୟୁ କମିଶନର), କଟକ ଟ୍ରେନିଂ ସ୍କୁଲର ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ, ମୃତ୍ୟୁଞ୍ଜୟ ରଥ, କୁଳମଣି ଦାସ, ଚନ୍ଦ୍ରଶେଖର ମିଶ୍ର, କୃଷ୍ଣଚନ୍ଦ୍ର କର, କାଶୀନାଥ ମହାପାତ୍ର ( ଜଷ୍ଟିସ୍ ହରିହର ମହାପାତ୍ରଙ୍କ ପିତା), ପୁରୀ ଜିଲ୍ଲାସ୍କୁଲର–ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଦାଶ, କଟକର କାଳିନ୍ଦୀଚରଣ ପାଣିଗ୍ରାହୀ, ଶ୍ରୀଧର ଦାସ ପ୍ରଭୃତି। ଏଣୁ ସେ ଥିଲେ 'ଗୁରୁଣାଂ ଗୁରୁ' ବା ଗୁରୁ (ଶିକ୍ଷକ)ଙ୍କର ଗୁରୁ।

**ଜୀବନୀ ଓ ଜୀବିକା–** ଚନ୍ଦ୍ରମୋହନ ମହାରଣାଙ୍କ ଜନ୍ମସ୍ଥାନ ବାଲେଶ୍ୱର ରେମୁଣାର ପୁରୁଷୋତ୍ତମପୁର ଗ୍ରାମ। ପିତାଙ୍କ ନାମ– ଅନାଦି ମହାରଣା। ମାତା – ଦେବକୀ। ଶୈଶବରୁ ପିତୃମାତୃହୀନ ହୋଇ ପିତାମହଙ୍କ ସେବାଯତ୍ନରେ ଲାଳିତପାଳିତ ହୋଇଥିଲେ। ୧୮୮୦ରେ ରେମୁଣା ଭର୍ଣ୍ଣାକୁଲାର ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ। ୧୮୮୫ରେ ଏଣ୍ଟ୍ରାନ୍ସ ( କଲିକତା ବିଶ୍ୱବିଦ୍ୟାଳୟରୁ) ପାସ୍ କଲେ। ୧୮୮୭ରେ ଏଫ୍, ଏ ଏବଂ ୧୮୯୦ରେ ବିଏ ପାସ୍ କଲେ। ଶୈଶବରୁ ସେ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ମେଧାବୀ ଓ କଠୋର ପରିଶ୍ରମୀ ଥିଲେ। ଘୋର ଆର୍ଥିକ ଅନଟନ ମଧ୍ୟରେ ପାଠପଢ଼ି ସମସ୍ତ ପରୀକ୍ଷାରେ ବୃତ୍ତିଲାଭ କରିଥିଲେ। ବିଏ ପାସ୍ କଲାବେଳକୁ ତାଙ୍କର ବୟସ ହୋଇଥିଲା ୨୦ବର୍ଷ ବୟସ। ଊନବିଂଶ ଶତକରେ ଏତିକି ଶିକ୍ଷା, ଖୁବ୍ ବଡ଼ ମନେ କରାଯାଉ ଥିଲା। ସେତେବେଳେ ଓଡ଼ିଶା, ବଙ୍ଗଳା ପ୍ରେସିଡେନ୍ସୀ ଅନ୍ତର୍ଭୁକ୍ତ ଥିଲା। ଏଣୁ ଚନ୍ଦ୍ରମୋହନ ବିଏ ପାସ୍ ପରେ 'ବଙ୍ଗଳା ପ୍ରଶାସନ ସେବା' ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେତେବେଳେ ରାଧାନାଥ ରାୟ, ବାଲେଶ୍ୱରରେ ଶିକ୍ଷା ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକର ଜଏଣ୍ଟ ଇନ୍ସପେକ୍ଟର ଥାଆନ୍ତି। ସେ ଚନ୍ଦ୍ରମୋହନଙ୍କୁ ସେଥିରୁ ନିବୃତ୍ତ କରାଇ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି କଲେ।

ଏହି ସମୟରେ ରାସମଣିଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ବାଲେଶ୍ୱର ଜିଲ୍ଲା ସ୍କୁଲରେ ଦୁଇବର୍ଷ ଶିକ୍ଷକତା କଲାପରେ ତାଙ୍କୁ କଟକ ଟ୍ରେନିଂ ସ୍କୁଲକୁ ବଦଳି ହେଲା ଓ ସେ ଏହି ଗୁରୁ (ଶିକ୍ଷକ) ତାଲିମ୍ କେନ୍ଦ୍ରରେ ଯୋଗ ଦେଲେ। ୧୮୯୩ ମସିହାରେ ଟ୍ରେନିଂସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଅବସର ନେବାରୁ ତାଙ୍କ ସ୍ଥାନରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଭକ୍ତକବି ଭାବରେ ପୁରପଲ୍ଲୀରେ ପରିଚିତ ମଧୁସୂଦନ ରାଓ ପ୍ରଧାନଶିକ୍ଷକ ହେଲେ। ଏକଦା ପୁରୀ ଜିଲ୍ଲା ସ୍କୁଲରେ ଛାତ୍ର ମଧୁସୂଦନ ଓ ଶିକ୍ଷକ ରାଧାନାଥ ରାୟଙ୍କ ସମ୍ପର୍କ ଓ ମିଳନକୁ

ସାହିତ୍ୟିକମାନେ ମଣିକାଞ୍ଚନ ସଂଯୋଗ ବୋଲି ଅଭିହିତ କରିଥାଆନ୍ତି। ସେହିପରି କଟକ ଟ୍ରେନିଂ ସ୍କୁଲର ପ୍ରଧାନଶିକ୍ଷକ ମଧୁସୂଦନ ଓ ସହକାରୀ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କ ମିଳନକୁ 'ମଣିକାଞ୍ଚନ' ଯୋଗ କୁହାଯାଇପାରେ। କାରଣ ଏହି ଦୁଇ ସମହିତ୍ୟାନୁରାଗୀ ଆଦର୍ଶ ଶିକ୍ଷକଙ୍କ ଯୋଗୁଁ ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ, ଉତ୍କଳ ସାହିତ୍ୟ ସମାଜ (କଟକ)ର ପରିଶେଷରେ ଉଦ୍ଭବ ଘଟିଥିଲା। ମଧୁସୂଦନଙ୍କ କଠୋର ଚରିତ୍ରବତ୍ତା, ଆଦର୍ଶ ଶିକ୍ଷାଦାନ ପ୍ରଣାଳୀ, ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା, ସର୍ବୋପରି 'ଜ୍ଞାନ-ବିଜ୍ଞାନ' ବିତରଣ ପ୍ରତି ରହିଥିବା ବିସ୍ତୃତ ଅନୁଭବ ସହକର୍ମୀ ଚନ୍ଦ୍ରମୋହନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଯୁବଶିକ୍ଷକ ଚନ୍ଦ୍ରମୋହନଙ୍କ ସମର୍ଥନ ଓ ସହାୟତା ଲାଭ କରି ମଧୁସୂଦନ, ଟ୍ରେନିଂ ସ୍କୁଲରେ କ୍ରମାଗତ ଲାଗି ରହିଥିବା କେତେକ ପରିଚାଳନାଗତ ତ୍ରୁଟି-ବିଚ୍ୟୁତିକୁ ସୁଧାରି ସଂସ୍କାର ଆଣିବାରେ ସମର୍ଥ ହୋଇଥିଲେ। ପୂର୍ବରୁ ସେଠାରେ ଅବଧାନୀୟ ଶିକ୍ଷାପ୍ରଣାଳୀ ପ୍ରଚଳିତ ଥିଲା। ମଧୁସୂଦନ ଏହି ଶିକ୍ଷକ ତାଲିମ୍ କେନ୍ଦ୍ରରେ ପ୍ରଥମ କରି ଆଧୁନିକ ଜ୍ଞାନ-ବିଜ୍ଞାନମୂଳକ ଶିକ୍ଷାଦାନର ବ୍ୟବସ୍ଥା କଲେ। ନୂତନ ସିଲାବସ୍ ପ୍ରସ୍ତୁତ କରି ପାଠ୍ୟକ୍ରମରେ – ବିଜ୍ଞାନ, ଭୂଗୋଳ, ଗଣିତ, ଜ୍ୟାମିତି, ସ୍ୱାସ୍ଥ୍ୟରକ୍ଷାଦି ପାଠ୍ୟ ବିଷୟ ଯୋଗ କଲେ । ଏହାକୁ ଚନ୍ଦ୍ରମୋହନ ଆଗ୍ରହର ସହିତ କାର୍ଯ୍ୟକାରୀ କଲେ । ଦୁଇମନ ଏକାଠି ହେବାରୁ ଶିକ୍ଷାଦାନ କ୍ଷେତ୍ରରେ ନବଦିଗନ୍ତ ଉନ୍ମୋଚିତ ହେଲା। ଚନ୍ଦ୍ରମୋହନ ମୁଖ୍ୟତଃ ଗଣିତ ପଢ଼ାଉଥିଲେ। ଏପରିକି ଚନ୍ଦ୍ରମୋହନ ମହାରଣାଙ୍କ ବଦଳି ହେବାପରେ ମଧ ଛାତ୍ରାବସ୍ଥାରୁ ଗଣିତରେ ଦୁର୍ବଳ ମଧୁସୂଦନ ନିଜର ଅନୁଶୀଳନ ପାଇଁ ଛାତ୍ରଙ୍କୁ ଗଣିତ ପଢ଼ାଇବା ସହିତ ନିଜେ ଅଙ୍କକଷି ଚାଲିଥିଲେ। ପାଠ୍ୟକ୍ରମ ଅନୁଯାୟୀ ପାଠପଢ଼ା ବ୍ୟତୀତ, ଛାତ୍ରମାନଙ୍କର ଅଧିକ କିଛି ଜ୍ଞାନାର୍ଜନ ନିମିତ୍ତ ମଧୁସୂଦନ, କଟକ ଟ୍ରେନିଂ ସ୍କୁଲରେ ୧୮୯୨ରେ 'ଆଲୋଚନାସଭା' ନାମରେ ଆଲୋଚନାଚକ୍ରଟିଏ ଆରମ୍ଭ କରିଥିଲେ। କଟକରେ ଥିବାଯାଏ ଚନ୍ଦ୍ରମୋହନ, ସେହି ଆଲୋଚନା ସଭାର ସମ୍ପାଦକ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ। ମଧୁସୂଦନ ଥିଲେ ଏହାର ସଭାପତି। ପ୍ରତି ମାସର ଶେଷ ଶନିବାର ଦିନ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେଉଥିଲା । ଚନ୍ଦ୍ରମୋହନ ମହାରଣା ଥିଲେ ଏହାର ଉଦ୍ୟୋକ୍ତା। ଏହାର ପ୍ରଥମ ଅଧିବେଶନରେ ସେ 'ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ଏହି ଲେଖାଟି ମଧ୍ୟ ମଧୁସୂଦନଙ୍କ ପ୍ରତିଷ୍ଠିତ 'ଶିକ୍ଷାବନ୍ଧୁ' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। 'ଆଲୋଚନା ସଭା'ରେ ଆଉ ଯେଉଁ ବିଜ୍ଞ ସାହିତ୍ୟାନୁରାଗୀମାନେ ଯୋଗ ଦେଉଥିଲେ, ସେମାନଙ୍କ ମଧ୍ୟରେ ଥିଲେ ସଂସ୍କାରକ ତଥା ପରବର୍ତ୍ତୀ କାଳରେ ଉତ୍କଳ ସାହିତ୍ୟର ସୁଯୋଗ୍ୟ ସଂପାଦକ ତଥା ବାଗ୍ମୀ ବିଶ୍ୱନାଥ କର, ପଲ୍ଲୀକବି ନନ୍ଦକିଶୋର ବଳ, ଗୋପାଳଚନ୍ଦ୍ର ପ୍ରହରାଜ, କୃଷ୍ଣ ପ୍ରସାଦ ଚୌଧୁରୀ, ରାଜମୋହନ ବସୁ, ମିଚ୍ଛୁ ମିଶ୍ର (ଟାଉନ୍ ଭିକ୍ଟୋରିଆ ସ୍କୁଲ – ଶିକ୍ଷକ) ଦୈତ୍ୟାରି କର ପ୍ରଭୃତି। ପରବର୍ତ୍ତୀ କାଳରେ ଏହି 'ଆଲୋଚନା ସଭା', ବୃହତ୍ତର ପରିବେଶରେ, ଖ୍ରୀ ୧୯୦୩ରେ, 'ଉତ୍କଳ ସାହିତ୍ୟ ସମାଜ'ରେ ରୂପାନ୍ତରିତ ହେଲା। 'ଉତ୍କଳ ସାହିତ୍ୟ ସମାଜ' ଗଠନ ପରେ ମଧ୍ୟ ଚନ୍ଦ୍ରମୋହନ, ଏହାର ଚାରିବର୍ଷ ଯାଏ ଉପସଭାପତି ଦାୟିତ୍ୱ ତୁଲାଇଥିଲେ। ଏହି ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ହେବା ଫଳରେ ଯେଉଁ ନେତୃସ୍ଥାନୀୟ ସାହିତ୍ୟିକଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା ସେମାନେ ହେଲେ, ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, କୁଳବୃଦ୍ଧ ମଧୁସୂଦନ ଦାସ, ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ, ଯୋଗେଶଚନ୍ଦ୍ର ବିଦ୍ୟାବାରିଧି ଆଦି।

୧୮୯୯ବେଳକୁ ଚନ୍ଦ୍ରମୋହନଙ୍କର ପୁରୀ ଜିଲ୍ଲା ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ଭାବରେ ବଦଳି ହୋଇଗଲା। ୧୯୦୩ରେ ସେ ପୁରୀ ଜିଲ୍ଲା ସ୍କୁଲରେ ପ୍ରଥମ ଓଡ଼ିଆ ପ୍ରଧାନଶିକ୍ଷକ ଭାବରେ ପ୍ରତିଷ୍ଠିତ ହେଲେ। ତା' ପୂର୍ବରୁ ପ୍ରଧାନଶିକ୍ଷକମାନେ ବଙ୍ଗୀୟ ଥିଲେ। ଚନ୍ଦ୍ରମୋହନ ମଧୁସୂଦନଙ୍କ ପଟ୍ଟଶିଷ୍ୟ ଓ ସହକର୍ମୀ ଭାବରେ ଥିଲେ ଆଦର୍ଶ ନୀତିବାଦୀ, ଛାତ୍ରବତ୍ସଳ ଗୁରୁ। ବହୁ ମେଧାବୀ ଛାତ୍ରଙ୍କୁ ସେ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ ପାଇଁ ପ୍ରେରଣା ଦେଇଥିଲେ। ଜଣେ ଆଦର୍ଶ ଓ ନୀତିନିଷ୍ଠ ଶିକ୍ଷକ ଭାବରେ ସେ କିଭଳି ପ୍ରତିଷ୍ଠା ଅର୍ଜନ କରିଥିଲେ, ତାହା ତାଙ୍କର ଛାତ୍ର ( ପଣ୍ଡିତ) ଗୋଦାବରୀଶ ମହାପାତ୍ର ଟିପ୍ପଣୀ ଦେଇଛନ୍ତି। ଗୋଦାବରୀଶ ଆତ୍ମଜୀବନୀରେ ଲେଖିଛନ୍ତି 'ମୋର ଉଚ୍ଚାରଣ ବା ଭାଷାଜ୍ଞାନ ହେଉ ଅଥବା ଇଂରାଜୀ ଶବ୍ଦର ବ୍ୟୁତ୍ପତ୍ତି ପାଇଁ ହେଉ, ମୁଁ ଚନ୍ଦ୍ରମୋହନଙ୍କଠାରେ ଋଣୀ। ଚନ୍ଦ୍ରମୋହନ ବାବୁ ଏକାଦଶ ଶ୍ରେଣୀରେ ଇଂରାଜୀ ପଢ଼ାଉ ଥାଆନ୍ତି, ପିଲାମାନେ ଥରହର। ନୂଆ ହାୱା ସ୍କୁଲରେ ଛୁଇଁଗଲା। ଚନ୍ଦ୍ରମୋହନ ମହାରଣା ପୁରୀରେ ଶିକ୍ଷକତା କରିବାବେଳେ ଅନେକ ଦରିଦ୍ର-ମେଧାବୀ ଛାତ୍ରଙ୍କୁ ଘରେ ରଖି ଖୁଆଇପିଆଇ ପଢ଼ାଉ ଥିଲେ। ନିଜେ ପଣ୍ଡିତ ଗୋଦାବରୀଶ ମହାପାତ୍ର ନିଜ ଆତ୍ମଜୀବନୀରେ କହନ୍ତି ଯେ ତାଙ୍କର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ, ସେ ଚନ୍ଦ୍ରମୋହନ ମହାରଣାଙ୍କ ଘରେ ରୋଷେଇ କରି (ପୂଜାହାରୀ) ଖାଦ୍ୟପୋଷାକ ଯୋଗାଡ଼ କରିଥିଲେ। ସଂସ୍କୃତ ଭାଷା ଓ ସାହିତ୍ୟରେ ତାଙ୍କର ଗଭୀର ଜ୍ଞାନ ଥିଲା। ସେ ଉର୍ଦ୍ଦୁ ଭାଷା ମଧ୍ୟ ଶିଖିଥିଲେ।

**ସାରସ୍ୱତ ସୃଷ୍ଟି–** ଛାତ୍ର ଜୀବନରୁ ହିଁ ଚନ୍ଦ୍ରମୋହନ କବିତା ରଚନା ଆରମ୍ଭ କରିଥିଲେ । ସୁପଣ୍ଡିତ, କବି, ସୁନିପୁଣ ସମାଲୋଚକ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ଯେଉଁ ଚନ୍ଦ୍ରମୋହନଙ୍କୁ ଆମେ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ ଦେଖୁଁ, ତାହାର ଅୟମାରମ୍ଭ ଊନବିଂଶ ଶତାବ୍ଦୀର ଶେଷଭାଗରେ, ଛାତ୍ରାବସ୍ଥାରୁ ହୋଇଥିଲା । ୧୮୮୧ରୁ ୧୮୯୦ ମଧ୍ୟରେ ରେଭେନ୍‌ସା କଲେଜରେ ଯେଉଁ ମୁଷ୍ଟିମେୟ ଓଡ଼ିଆ ଛାତ୍ର ଅଧ୍ୟୟନ କରୁଥିଲେ ସେମାନଙ୍କ ମଧ୍ୟରେ ନାଟ୍ୟକାର ରାମଶଙ୍କର ରାୟ, କବି ଚନ୍ଦ୍ରମୋହନ ମହାରଣା, ପ୍ରାବନ୍ଧିକ ଗଣପତି ଦାସ ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏଫ୍ ଏ ପଢ଼ୁଥିବା ବେଳେ (୧୮୮୭) ତାଙ୍କର କେତେଗୋଟି କବିତା ମଧୁସୂଦନଙ୍କ ପ୍ରତିଷ୍ଠିତ ସଂସ୍କାର ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆସିଥିଲା । ସେଗୁଡ଼ିକୁ ଏକତ୍ର କରି ସେ ୧୮୮୮ରେ 'ନବୋଦ୍ୟମ' ଶୀର୍ଷକ ପୁସ୍ତକଟିଏ ପ୍ରକାଶ କରିଥିଲେ । ଏହି ପୁସ୍ତକରେ ସଂକଳିତ ବସନ୍ତ, ମଲ୍ଲିକା, ଶରତ ମଳୟାନୀଳ ପ୍ରତି କବିତାଗୁଡ଼ିକରେ ପ୍ରାଚୀନ କାବ୍ୟରୀତି ଅନୁସୃତ ହୋଇଥିଲା । ସେହିପରି ନିରାଶ ବ୍ୟକ୍ତିର ନିଶୀଥ ନିଭୃତ ଚିନ୍ତା, ମାତୃହୀନ ବାଳକର ଜନନୀ ପ୍ରତି, ଅପୂର୍ବ କାରାରୁଦ୍ଧ ପୁରୁଷର ପତ୍ର, ମାତୃବିୟୋଗ ସର୍ବୋପରି ସାମୁଦ୍ରିକ ପୋତରେ ବିଦେଶରୁ ପ୍ରତ୍ୟାବର୍ତ୍ତନ କାଳରେ ଦୁଇ ସହୋଦରଙ୍କ ଜୀବନହାନୀ ଘଟଣାକୁ ନେଇ ଉଚିତ କବିତାଗୁଡ଼ିକରେ ଅତ୍ୟନ୍ତ କରୁଣରସାତ୍ମକ କବି ପ୍ରତିଭାର ଆଲେଖ୍ୟ ଦୃଶ୍ୟମାନ ହୁଏ । ପୁସ୍ତକଟିରେ ୧୫ଟି କବିତା ରହିଛି ଏବଂ ଏହା ପ୍ରଥମ ଉଦ୍ୟମ । ଏହିସବୁ କବିତାର ବିଷୟ ଅବତାରଣା ଓ ବର୍ଣ୍ଣନାର ସ୍ୱାଭାବିକତା ପରିଦୃଷ୍ଟ ହୁଏ । ତରୁଣାବସ୍ଥାରେ ତାଙ୍କର ରାଶିରାଶି କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଲେଖାକୁ ପଢ଼ି ଏକଦା ଫକୀରମୋହନ ତାଙ୍କ 'ଉତ୍କଳଭ୍ରମଣ' କାବ୍ୟରେ ହାସ୍ୟାତ୍ମକ ଅଭିବ୍ୟକ୍ତି ପ୍ରକାଶ କରିଥିଲେ ।

କବିତା ବ୍ୟତୀତ ପ୍ରବନ୍ଧ ଓ ଧାରାବାହିକ ଆଲୋଚନାଗୁଡ଼ିକ ସେସମୟର ପତ୍ରିକାଗୁଡ଼ିକ, ଯଥା – ଉତ୍କଳପ୍ରଭା, ଉତ୍କଳ ସାହିତ୍ୟ, ପ୍ରଜାବନ୍ଧୁ, ସଂସ୍କାରକ, ନବସମ୍ବାଦ, ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଅଛି ।

ଶିଶୁ ସାହିତ୍ୟ ଓ ଶିଶୁ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ତାଙ୍କର ବୈଶିଷ୍ଟ୍ୟ ସ୍ୱୀକୃତ । ଶିଶୁ ଶିକ୍ଷା ପାଇଁ ତାଙ୍କର ତିନିଗୋଟି ପୁସ୍ତକ ମଧ୍ୟରେ ୧. କଥାବଳି, ୨. ଓଡ଼ିଆ ବ୍ୟାକରଣ (ପ୍ରଥମ ସୋପାନ ଏବଂ ୩. ରଚନା ଶିକ୍ଷା (ପ୍ରଥମ ସୋପାନ) ଅନ୍ତର୍ଗତ । କଥାବଳୀ ସାହିତ୍ୟ ବହିଟି ତାଙ୍କର ପାଠ୍ୟପୁସ୍ତକ ଭାବରେ ଦୀର୍ଘଦିନ ପ୍ରଚଳିତ ଥିଲା । ଇଂଲଣ୍ଡର ମ୍ୟାକ୍‌ମିଲାନ କମ୍ପାନୀ ଅନୁରୋଧକ୍ରମେ ସେ ଏହାର ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ଅଳ୍ପ କିଛି ମୂଲ୍ୟରେ କମ୍ପାନୀ ତାଙ୍କଠାରୁ କପିରାଇଟ୍ ମାଲିକାନାସ୍ୱତ୍ୱ କିଣି ନେଇଥିଲା । ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରି ହିନ୍ଦୀ ଓ ତେଲୁଗୁ ଭାଷାରେ ମଧ୍ୟ ଛାପି ଥିଲା । ଏହି ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି କ୍ଷୁଦ୍ରଗଳ୍ପ ଗୀତିଧର୍ମୀ କବିତା, ପ୍ରବନ୍ଧ, ଶିଶୁପାଠ୍ୟୋପଯୋଗୀ ଗଳ୍ପ । ସମସ୍ତ ରଚନା ଉପରେ ଭକ୍ତକବି ମଧୁସୂଦନଙ୍କ ରଚନାଶୈଳୀ ଓ ଆଦର୍ଶ ସୁସ୍ପଷ୍ଟ । ଏପରିକି ଲେଖାଗୁଡ଼ିକର ନାମକରଣ ଓ ଉପସଂହାର ମଧୁସୂଦନଧର୍ମୀ ହୋଇଯାଇଛି । ପ୍ରକୃତି (ବୃକ୍ଷ, ଲତା, ପାହାଡ଼, ନଦୀ), ପଶୁପକ୍ଷୀ, କୀଟପତଙ୍ଗ (କୁଆ–କୋଇଲି–ହଳଦୀବସନ୍ତ, ବେଙ୍ଗ, ମହୁମାଛି), ଷଡ଼ଋତୁ, ବିଜ୍ଞାନମୂଳକ ପ୍ରବନ୍ଧ ମଧ୍ୟରେ କୃଷି, ପ୍ରାଣୀବିଜ୍ଞାନ, ନୀତିଶିକ୍ଷାମୂଳକ ଗଳ୍ପ (ବ୍ୟାଧ–କପୋତ, ପିମ୍ପୁଡ଼ି–ଝିଣ୍ଟିକା)ମାନ ସ୍ଥାନିତ ହୋଇଛି । ମଧୁସୂଦନଙ୍କ ବିରଚିତ ପାଠ୍ୟପୁସ୍ତକ ଶିଶୁବୋଧ, ବାଳବୋଧ । ସାହିତ୍ୟ ପ୍ରସଙ୍ଗ, ପ୍ରବନ୍ଧମାଳାଦିରେ ସ୍ଥାନିତ ବିଷୟ ପରି ଏଗୁଡ଼ିକ ସରଳ, ସୁବୋଧ ଢଙ୍ଗରେ ରଚିତ ହୋଇଅଛି । କଥାବଳୀରେ ସ୍ଥାନିତ ଲେଖାଗୁଡ଼ିକ ମଧ୍ୟରୁ କେତେକ ସୃଜନଧର୍ମୀ ହେବା ସ୍ଥଳେ ଅନେକ ଇଂରାଜୀ, ବଙ୍ଗଳା, ସଂସ୍କୃତରୁ ଅନୁବାଦ ଅଟେ । ଶିଶୁରଚନାଗୁଡ଼ିକରେ ପରୋପକାରିତା, ତ୍ୟାଗ, ଜୀବେଦୟା, ପିତୃମାତୃ ଭକ୍ତିଭାବନା ପ୍ରଦର୍ଶିତ ହୋଇଥିବାରୁ ଏହା ଶିଶୁ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନରେ ସହାୟକ ହୋଇପାରିଥିଲା । କବିତାଗୁଡ଼ିକ ମନୋରମଧର୍ମୀ ସହିତ ନୀତିଶିକ୍ଷାମୂଳକ ମଧ୍ୟ ଅଟେ । ସେଗୁଡ଼ିକ ମଧ୍ୟରୁ କେତୋଟି ଦୃଷ୍ଟାନ୍ତ ଦିଆଯାଇପାରେ ।

୧. ବେଙ୍ଗରଜା (କବିତା)

ପାଣି ବରଷିଲା ଟପର ଟପର କେଣ୍ଟୁର ମାଇଲା ଗଜା
ସାରୁ ଗଛମୂଳେ ବେଙ୍ଗଟିଏ ବସି ଆପେ ବୋଲାଇଛି ରଜା ॥
ଚଉପାଶେ ଛନ୍ତି ଆଉ ଯେତେ ବେଙ୍ଗ ସେମାନଙ୍କୁ ପ୍ରଜାମଣେ
ତହିଁରୁ ଗୋଟିଏ ଅଗଣା ପାଖରେ ବସାଇଛି ମନ୍ତ୍ରୀପଣେ ॥

୨. ଡାମରା କାଉ (କବିତା)ରେ କୁଆ କୋଇଲି ମଧ୍ୟରେ ଦୋଷଗୁଣ ଚର୍ଚ୍ଚା ହୋଇଛି –

ଯଥା: ଗୁଣିଟିଏ ଅଛି ଜାଣଇ ମୁହିଁ
କେହି ନ ଉଠୁଣ୍ଡୁ, ଉଠୁରେ ତୁହି ॥
କାଆ କାଆ ରାବେ ଉଠାଇ ଆନେ
ରାବ ଶୁଣି ରାତି ପାହିଲା ଜାଣେ ॥

ଦୋଷକୁ ଉପେକ୍ଷି ଗୁଣ ଶିଖିବ
ହିତ ହେବ ସୁଖ, ସ୍ନେହ ମିଳିବ ॥
୩. ଶୈଶବ (କବିତା)ରେ କବି କହନ୍ତି –
ମଧୁର ସରଳ ପବିତ୍ର କୋମଳ
ସ୍ୱଭାବ ଦେବତା ଭଳି
ଆଉ ଯେତେ କାଳ ଅଛି ମାନବର
ନୁହଁଇ ଶୈଶବ ପରି ॥

କଥାବଳୀ ପୁସ୍ତକରେ ଗଦ୍ୟାଂଶରେ ସଂଖ୍ୟାଧିକ ଜ୍ଞାନ–ବିଜ୍ଞାନମୂଳକ କ୍ଷୁଦ୍ର ପ୍ରବନ୍ଧମାନ ଥିବାରୁ ଏହା ଦୀର୍ଘକାଳ ଧରି ଶିଶୁଙ୍କ ପାଠ୍ୟପୁସ୍ତକ ତାଲିକାଭୁକ୍ତ ଥିଲା । ଚନ୍ଦ୍ରମୋହନଙ୍କ ଭାଷା, ସ୍ଥଳବିଶେଷରେ ସଂସ୍କୃତାନୁସାରୀ ଥିବାରୁ ସମାଲୋଚିତ ହୋଇଥା । ତଥାପି ଉପଧା ମିଳନାତ୍ମକ ସରଳ କବିତା ଗୁଡ଼ିକ ହୃଦୟଗ୍ରାହୀ ଅଟେ । ତାଙ୍କର ରଚନା ଶିକ୍ଷା ଓ ଓଡ଼ିଆ ବ୍ୟାକରଣ ବହି ଦୁଇଟି ଉପାଦେୟ ଥିଲା ମଧ୍ୟ । ବିଦଗ୍ଧ ପାଠକମାନଙ୍କ ପାଇଁ ସେ ନିୟତିର ପ୍ରତି, ସମୁଦ୍ର ପ୍ରତି, ଶରଦୁଷା ପ୍ରାକ୍‌କାଳ, କପିଳାସ, ନିରାଶ ବ୍ୟକ୍ତିର ନିଶୀଥ ମୁକ୍ତି ନିଭୃତ ଚିନ୍ତା ଲେଖି ପ୍ରଶଂସା ପାଇଛନ୍ତି । ଚନ୍ଦ୍ରମୋହନ ଥିଲେ ବଳିଷ୍ଠ ବପୁବନ୍ତ ପୁରୁଷ । କୋଦାଳ ଧରି ମାଟି ହାଣିବାଠାରୁ ଆରମ୍ଭ କରି ଛାତ୍ରଙ୍କୁ ନେଇ ପୋଖରୀ ଦଳ ସଫା କରିଛନ୍ତି । ରଥଯାତ୍ରାରେ ତୀର୍ଥଯାତ୍ରୀଙ୍କ ସେବା କରିଛନ୍ତି । ଜୀବନର ଶେଷ କାଳକୁ ନିଜର ଜମିବାଡ଼ି ବିବାଦକୁ ନେଇ ସେ ଘୋର ଅଶାନ୍ତି ଭୋଗିଥିଲେ । ଏହି ବିଶିଷ୍ଟ କାବ୍ୟପୁରୁଷ ଓ ଶିକ୍ଷାବିତ୍‌ଙ୍କ ମହାପ୍ରୟାଣ ଘଟେ ତା ୯.୪.୧୯୨୯ରେ ।

୩୫, ବସନ୍ତ ବିହାର
ବ୍ରହ୍ମେଶ୍ୱର ମନ୍ଦିର ମାର୍ଗ
ଭୁବନେଶ୍ୱର–୧୮

❖ ❖ ❖

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଓଡ଼ିଶା ରେଫରେନ୍ସ ଆନୁଆଲ୍‌–୨୦୧୪' ଉନ୍ମୋଚିତ

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ରେଫରେନ୍ସ ଆନୁଆଲ୍‌–୨୦୧୪' ସଂସ୍କରଣ ଉନ୍ମୋଚନ କରିଥିଲେ । ରାଜନୀତି ଠାରୁ ଆରମ୍ଭ କରି କଳା, ସାହିତ୍ୟ, ସଂସ୍କୃତି, ଭୌଗୋଳିକ ଅବସ୍ଥା, ବିକାଶ, ଅର୍ଥନୀତି ତଥା ରାଜ୍ୟ ସମ୍ପର୍କିତ ବିଭିନ୍ନ ଆବଶ୍ୟକ ସୂଚନା ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ଉନ୍ନୟନ କମିଶନର ଶ୍ରୀ ଉପେନ୍ଦ୍ରନାଥ ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ, ନିର୍ଦ୍ଦେଶକ ଶ୍ରୀ ରଞ୍ଜିତ୍ ମହାନ୍ତି ଓ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

❖ ❖ ❖

# ସଂସ୍କାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ

**ନିର୍ମଳା କୁମାରୀ ମହାପାତ୍ର**

ବର୍ତ୍ତମାନ ଚାରିଆଡେ ଡି.ଏ.ଭି ସ୍କୁଲ ଓ କଲେଜରେ ପିଲାଙ୍କ ନାମ ଲେଖାଇବା ପାଇଁ ଅଭିଭାବକ ମହଲରେ ଖୁବ୍ ଆଗ୍ରହ। ଭାରତବର୍ଷରେ ଛୋଟ ବଡ଼ ପ୍ରାୟ ସବୁ ସହରରେ ଡି.ଏ.ଭି ସ୍କୁଲ / କଲେଜ ଖୋଲି ଥିବାର ଦେଖାଯାଏ। ତେବେ ଏଇ ଡି.ଏ.ଭି କଥାଟି ପୁଣି କ'ଣ ଜାଣିବା। DAV = Dayananda Anglo Vedic ଏହା ଏକ ଶୈକ୍ଷିକ ସଂସ୍ଥା। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ଚିନ୍ତାଧାରା ତଥା ଶିକ୍ଷା - ସଂସ୍କୃତିର ବିକାଶ କରିବା ହେଉଛି ଏହି ସଂସ୍ଥାର କାର୍ଯ୍ୟ। ଦୟାନନ୍ଦ ସରସ୍ୱତୀ (ଖ୍ରୀ.ଅ ୧୮୨୪ - ୧୮୮୩) ଥିଲେ ଜଣେ ସମାଜ ସଂସ୍କାରକ ଓ ଆର୍ଯ୍ୟ ସମାଜର ସଂସ୍ଥାପକ। ଦୟାନନ୍ଦଙ୍କର ପିଲାଦିନର ନାମ ଥିଲା ମୂଳାଶଙ୍କର ଅମ୍ବାଶଙ୍କର। ସନ ୧୮୨୪ ମସିହାରେ ସୌରାଷ୍ଟ୍ର (କାଠିଆବାଡ)ର ମୋରଜୀ ନାମକ ଭୂତପୂର୍ବ ଦେଶୀୟ ରାଜ୍ୟର ଏକ ଗ୍ରାମରେ ଏକ ଧନୀ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ। ତାଙ୍କର ମାତାଙ୍କର ନାମ ଥିଲା ଅମୃବା ଅର୍ଥାତ୍ ଅମୃତବେନ। ପିତାଙ୍କର ନାମ ଥିଲା କରଷନଜୀ (କରଷନ ତିୱାରୀ)। ତାଙ୍କ ପରିବାରରେ ଭଗବାନ ଶଙ୍କରଙ୍କର ଆରାଧନା କରାଯାଏ। ଥରେ ଶିବରାତ୍ରି ଦିନ ମୂଳାଶଙ୍କର ଅମ୍ବାଶଙ୍କରଙ୍କର ବାପା ତାଙ୍କୁ (ପୁଅକୁ) ରାତି ଉଜାଗର ରହି ଧ୍ୟାନଧାରଣାପୂର୍ବକ ଶିବଦର୍ଶନ କରିବାରେ ଉପଦେଶ ଦେଲେ। ତରୁଣ ଅମ୍ବାଶଙ୍କରଙ୍କର ପିତୃବାକ୍ୟ ପ୍ରତି ଗଭୀର ବିଶ୍ୱାସ ରହିଥିଲା। ଶିବ ଭକ୍ତିରେ ଉପବାସ କରି ରାତ୍ରି ଉଜାଗର ରହି ସେ ଶିବ ମନ୍ଦିରରେ ଦୀପ ଜାଳି ବସିଲେ। ଶିବ ଆବିର୍ଭାବ ହେବେ ପରା !



ଅର୍ଦ୍ଧରାତ୍ରି । ଚାରିଆଡେ ନିସ୍ତବ୍ଧ। ମୂଷାଟିଏ ଆସି ଶିବଲିଙ୍ଗ ଉପରେ ଚଢ଼ି ପ୍ରସାଦ ରୂପେ ଅର୍ପିତ ତଣ୍ଡୁଳାଦିକୁ ଭକ୍ଷଣ କରିବାକୁ ଲାଗିଲା । ଦେବତା ପ୍ରତିକ୍ରିୟାହୀନ। ଦେବତାଙ୍କ ଉପରେ ମୂଷିକର ଆକ୍ରମଣ ଅଥଚ ଦେବତା ନିଷ୍କ୍ରିୟ। ଏହି ପ୍ରତ୍ୟକ୍ଷ ଅନୁଭବ ମୂଳାଶଙ୍କରଙ୍କର ଜୀବନର ଗତିପଥରେ ପରିବର୍ତ୍ତନ ଆଣିଲା। ମୂର୍ତ୍ତିପୂଜା ପ୍ରତି ତାଙ୍କର ଅବିଶ୍ୱାସ ଜାତ ହେଲା। ତାଙ୍କ ପରିବାରରେ ଦୁଇଭାଇ ଓ ଜଣେ ଭଉଣୀର ମୃତ୍ୟୁ ଘଟିଲା। ଏହା ତରୁଣ ମୂଳାଶଙ୍କରଙ୍କ ପ୍ରାଣକୁ ଦୋହଲାଇ ଦେଇଥିଲା । ଈଶ୍ୱରତତ୍ତ୍ୱ ଲାଭ ଉଦ୍ଦେଶ୍ୟରେ ମୂଳାଶଙ୍କର ମାତ୍ର ୧୮ ବର୍ଷ ବୟସରେ ଗୃହତ୍ୟାଗ ପୂର୍ବକ ମଥୁରା ଚାଲିଗଲେ। ସେଠାରେ ସେ ବିରଜାନନ୍ଦ ସରସ୍ୱତୀଙ୍କୁ ଗୁରୁ କରି ତାଙ୍କର ତତ୍ତ୍ୱାବଧାନରେ ସକଳ ବେଦ ଅଧ୍ୟୟନ କଲେ। ସନ୍ନ୍ୟାସ ଦୀକ୍ଷା ଗ୍ରହଣ କ୍ରମେ ତାଙ୍କର ନୂତନ ନାମ ହେଲା ଦୟାନନ୍ଦ। ବେଦାଧ୍ୟୟନ ଓ ତାହାର ଗୂଢ଼ ନିହିତାର୍ଥ ବ୍ୟାଖ୍ୟାରୁ ତାଙ୍କର ଗଭୀର ଜ୍ଞାନର ପରିଚୟ ମିଳିଥିଲା । ସେ ବହୁ ପ୍ରତିବାଦୀ ପଣ୍ଡିତମାନଙ୍କ ସହ ତର୍କ ଆଲୋଚନା କରି ବିଜୟୀ ହୋଇଥିଲେ। ତାଙ୍କୁ ସରସ୍ୱତୀ ଉପାଧି ପ୍ରଦାନ କରାଯାଇଥିଲା।

ସନ୍ନ୍ୟାସୀ ଦୟାନନ୍ଦଙ୍କୁ ସ୍ୱାମୀଜୀ ଆଖ୍ୟା ପ୍ରଦାନ କରାଗଲା। ସନ୍ନ୍ୟାସୀ ଦୟାନନ୍ଦ ଏବେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାମରେ ସର୍ବ ପରିଚିତ ହେଲେ । ଦୟାନନ୍ଦଜୀ ପିତୁଳା ପୂଜାର ଅସାରତା ଓ ପୁରୋହିତ ମାଧ୍ୟମରେ ପୂଜାର୍ଚ୍ଚନାର ପ୍ରତିବାଦ ଜଣାଇ ପ୍ରଥମ ଅବସ୍ଥାରେ ମୌଳବାଦୀମାନଙ୍କର ଅପ୍ରିୟଭାଜନ ହେଲେ। ତାଙ୍କର ଉପଲବ୍ଧ ସତ୍ୟକୁ ପ୍ରତିପାଦିତ କରିବାକୁ ଯାଇ ସେ ଅପୌତ୍ତଳିକତା ଓ ନିଚ୍ଛକ ବୈଦିକ ସତ୍ୟର ଆଲୋଚନା ପାଇଁ ଆର୍ଯ୍ୟ ସମାଜ ସ୍ଥାପନ କଲେ । ବୈଦିକ ଜ୍ଞାନର ସରଳ ତତ୍ତ୍ୱ ପାଇଁ ସତ୍ୟାର୍ଥ ପ୍ରକାଶମ୍ (୧୮୭୫) ନାମକ ତାତ୍ତ୍ୱିକ ପୁସ୍ତକ ରଚନା କରି ସମଗ୍ର ଦେଶରେ ପରିଚିତ ହେଲେ। ଆର୍ଯ୍ୟ ସମାଜ ଜରିଆରେ ଶିକ୍ଷାର ପ୍ରସାର କରାଇ ନାରୀକୁ ପୁରୁଷ ସହ ସମାନ ଅଧିକାର ଦେବାର ଯୁକ୍ତି ସେ ଦର୍ଶାଇଥିଲେ ।

ସ୍ୱାମୀଜୀଙ୍କ ବିରଚିତ ଅନ୍ୟାନ୍ୟ କେତେଗୋଟି ପୁସ୍ତକ ଓ ସେଗୁଡ଼ିକର ପ୍ରକାଶନକାଳ ନିମ୍ନରେ ପ୍ରଦତ୍ତ ଯଥା- ସନ୍ଧ୍ୟା (୧୮୬୩), ଭାଗବତ ଖଣ୍ଡନ (୧୮୬୬), ପଞ୍ଚମହାଯଜ୍ଞ ବିଧି (୧୮୭୪), ବେଦାନ୍ତଧ୍ୱାନ୍ତି ନିବାରଣ (୧୮୭୬), ଆର୍ଯ୍ୟାଭିବିନୟ (୧୮୭୫), ବେଦଭାଷ୍ୟ (୧୮୭୬), ସଂସ୍କାରବିଧି (୧୮୭୭), ଗୋ-କରୁଣାନିଧି (୧୮୮୦), ସତ୍ୟ-ଧର୍ମ-ବିଚାର (୧୮୮୦), ଭ୍ରାନ୍ତି ନିବାରଣ (୧୮୭୭), ଭ୍ରମୋଚ୍ଛେଦନ (୧୮୮୨), ଋଗ୍‌ବେଦ ଭାଷ୍ୟ (ଅସଂପୂର୍ଣ୍ଣ)।

ସ୍ୱାମୀଜୀଙ୍କ ରଚନାବଳୀ (ମୋଟ ୩୨ ଖଣ୍ଡ ଯାହା ମିଳୁଅଛି) ମଧ୍ୟରୁ 'ସତ୍ୟାର୍ଥପ୍ରକାଶମ୍' ବେଶ୍ ଉଲ୍ଲେଖଯୋଗ୍ୟ । ଏହା ଦୁଇ ଭାଗରେ ବିଭକ୍ତ । ପ୍ରଥମ ଅର୍ଦ୍ଧରେ ରହିଛି-ସନ୍ତାନର ଶିକ୍ଷା, ଜୀବନର ଚାରି ଆଶ୍ରମ, ଯଥା- ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ, ସନ୍ନ୍ୟାସାଶ୍ରମ ସହ ରାଜଧର୍ମ, ଜଗତର ସୃଷ୍ଟି-ସ୍ଥିତି-ବିଲୟ, ବିଦ୍ୟା-ଅବିଦ୍ୟା, ବନ୍ଧନ-ମୋକ୍ଷ, ଆଚାର-ଅନାଚାର, ଭକ୍ଷ୍ୟ-ଅଭକ୍ଷ୍ୟ ଆଦିର ଆଲୋଚନା । ଏଇ ଶାସ୍ତ୍ରର ଦ୍ୱିତୀୟ ଭାଗରେ ରହିଛି କେତେଜଣ ଦାନିକଙ୍କର ମତ-ମତାନ୍ତର, ବୌଦ୍ଧ-ଜୈନ-ଖ୍ରୀଷ୍ଟ-ଇସଲାମ ଧର୍ମାଦିର ଆଲୋଚନା । ଏହାର ପ୍ରକାଶନ କାଳ ଥିଲା ୧୮୭୫ ଖ୍ରୀ.ଅ ।

ସମଗ୍ର ଦେଶରେ ସ୍ୱାମୀଜୀ ସଂସ୍କୃତ ଓ ହିନ୍ଦୀ ଭାଷାରେ ତେଜସ୍ୱୀ ପ୍ରଭାବଶାଳୀ ବକ୍ତା ଭାବେ ଥିଲେ ବେଶ୍ ପରିଚିତ । ସେ କହୁଥିଲେ ମୃତ ବ୍ୟକ୍ତିକୁ ଶ୍ରାଦ୍ଧ ତର୍ପଣ ନଦେଇ ଜୀବିତ ପିତାମାତା ଓ ବୃଦ୍ଧ ବ୍ୟକ୍ତିକୁ ସେବା କରିବା ହେଲା ପିତୃଯଜ୍ଞ । ଫଳିତ ଜ୍ୟୋତିଷ, ସାମୁଦ୍ରିକ ବିଦ୍ୟା, ହସ୍ତରେଖା ଆଦି ଅଯଥାର୍ଥ ଓ ଅନାବଶ୍ୟକ କାମ । ଲୌକିକ ବ୍ୟବହାରରେ ସାଧୁତା, ଯଥାର୍ଥ କର୍ମସାଧନା, କର୍ତ୍ତବ୍ୟ ପ୍ରତି ନିଷ୍ଠା ବଳରେ ପ୍ରାଣୀ ଫଳପ୍ରାପ୍ତ ହୁଅନ୍ତି ପ୍ରତିମା ପୂଜାଦେଇ ନୁହେଁ ।

ସେତେବେଳେ ବାଲ୍ୟବିବାହ ପ୍ରଚଳିତ ଥିଲା। ଦୟାନନ୍ଦ ଏହାର ବିରୋଧ କଲେ। ପରିପକ୍ୱ ବୟସରେ ଦାୟିତ୍ୱ ଜ୍ଞାନ ଆସିବା ପରେ ବିବାହ କଲେ ସ୍ତ୍ରୀ ପୁରୁଷ ସମର୍ଥବନ୍ତ ହୁଅନ୍ତି ଓ ବିବାହ ସଫଳ ହୁଏ ବୋଲି କହି ସେ ଘୋର ସାମାଜିକ ବିରୋଧର ସମ୍ମୁଖୀନ ହେଲେ । ପରବର୍ତ୍ତୀ କାଳରେ ତାଙ୍କ ଯୁକ୍ତିର ସାରବତ୍ତାକୁ ଶିକ୍ଷିତ ଲୋକେ ଗ୍ରହଣ କରିନେଲେ ଓ ସେ ସଫଳକାମ ହୋଇପାରିଲେ। ଏଥିସହିତ ସେ ବିଧବା ବିବାହର ସପକ୍ଷରେ ଯୁକ୍ତି କରି ଓ ଅନେକ କ୍ଷେତ୍ରରେ ବିଧବା ବିବାହ କରାଇ ବହୁ ତର୍କର ସମ୍ମୁଖୀନ ହେଲେ। ପ୍ରକାଶ ଥାଉ କି, ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟ ସମାଜ ଭଳି ଅନ୍ୟ ଏକ ସଂସ୍ଥା ବ୍ରାହ୍ମ ସମାଜ ମଧ୍ୟ ହିନ୍ଦୁଧର୍ମୀ ପୌତ୍ତଳିକତା ଓ ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିଥାଏ । ଏହି ବ୍ରାହ୍ମ ସମାଜର ପୃଷ୍ଠପୋଷକ ଥିଲେ କେଶବଚନ୍ଦ୍ର ସେନ୍, ରାଜା ରାମମୋହନ ରାୟ, ଦେବେନ୍ଦ୍ରନାଥ ଠାକୁର ଓ ତାଙ୍କର ପୁତ୍ର ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଆଦି। ତେବେ ଆର୍ଯ୍ୟ ସମାଜ ଓ ବ୍ରାହ୍ମ ସମାଜ ପରସ୍ପର ପ୍ରତି ସମ୍ବେଦନଶୀଳ ସମକାଳୀନ ଦୁଇଗୋଟି ସମାଜ ସୁଧାରକ ସଂସ୍ଥା ଯାହାକି ଅଦ୍ୟାବଧି ଆପଣା ଲକ୍ଷ୍ୟ ସାଧନରେ ବ୍ରତୀ ଅଟନ୍ତି ।

ଏବେ ପୁନରାୟ ଦୟାନନ୍ଦ ସରସ୍ୱତୀଙ୍କ ପ୍ରସଙ୍ଗକୁ ଆସିବା। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦୟାନନ୍ଦଙ୍କର ମତ ଓ ପଥ ଅତି ପ୍ରାସଙ୍ଗିକ ଓ ଯୁକ୍ତି ସମ୍ମତ। ବାସ୍ତବ ଜୀବନରେ ଏହାର ପ୍ରୟୋଗରେ ଚରମ ସଫଳତା ଉପଲବ୍ଧ ହେଉଥିବା ଦୃଷ୍ଟିରୁ ଦୟାନନ୍ଦ ସରସ୍ୱତୀ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିପାରିଥିଲେ। ଫଳତଃ ଶିକ୍ଷିତ ଗୋଷ୍ଠୀରେ ଆର୍ଯ୍ୟ ସମାଜ ବେଶ୍ ସୁଦୃଢ଼ ଆସନ ପାତି ପାରିଥିଲା ଓ ପାରିଅଛି ମଧ୍ୟ। ଦୟାନନ୍ଦଙ୍କର ଜୀବିତାବସ୍ଥାରେ ଦିଲ୍ଲୀ, ବନାରସ ଅଜାମୀର, ଜୟପୁର ଆଦି ସ୍ଥାନମାନଙ୍କରେ ଡି.ଏ.ଭି ସ୍କୁଲ୍ କଲେଜମାନ ସ୍ଥାପିତ ହୋଇପାରିଥିଲା ଆର୍ଯ୍ୟ ସମାଜର ଦୃଷ୍ଟିଭଙ୍ଗୀ ବିଜ୍ଞାନ ସମ୍ମତ ଓ ପ୍ରଗତିଧର୍ମୀ। ଏହା ଆଗାମୀ ବଂଶଧରମାନଙ୍କ ପାଇଁ କଲ୍ୟାଣକାରୀ ହୋଇପାରିବ।

**ଦୟାନନ୍ଦଙ୍କ ଜୀବନର କେତେକ ଘଟଣା-**

ଥରେ ପର୍ଯ୍ୟଟନ କ୍ରମରେ ଦୟାନନ୍ଦ 'ଓଖା' ମଠର ମହନ୍ତଙ୍କ ସଂପର୍କରେ ଆସିଲେ। ମହନ୍ତ ଦେଖିଲେ ଦୟାନନ୍ଦ ଜଣେ

କର୍ମଠ–ବୁଦ୍ଧିମାନ୍–ସୁପଣ୍ଡିତ ଯୁବକ । ତେଣୁ ସେ ଦୟାନନ୍ଦଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବେ ସମସ୍ତ ସଂପତ୍ତି ଲାଭର ପ୍ରଲୋଭନ ଦେଖାଇଲେ । ଉତ୍ତରରେ ସ୍ୱାମୀଜୀ ମହନ୍ତଙ୍କୁ ନାସ୍ତିବାଣୀ ଶୁଣାଇଲେ । ଯଦି ଧନପ୍ରତି ତାଙ୍କର ଲୋଭ ଥାଆନ୍ତା, ତେବେ ସେ ନିଜର ପୈତୃକ ସଂପତ୍ତି ଓ ଦେବାୟତନକୁ ଛାଡି ଆସିଥାନ୍ତେ କାହିଁକି ? ସ୍ୱାମୀଜୀଙ୍କର ଲକ୍ଷ୍ୟ ଥିଲା ସତ୍ୟର ଅନୁସନ୍ଧାନ । ଦେଶ ଓ ଜାତିକୁ ମୂଢ଼ତାରୁ ମୁକ୍ତ କରିବା । ଲୋକଙ୍କୁ ବିଦ୍ୟା କ'ଣ ବୁଝାଇ ଅବିଦ୍ୟା–ଅନ୍ଧକାରକୁ ଦୂରେଇ ଦେବା ।

୧୮୭୩, ଜାନୁଆରୀ ମାସର କଥା । ସେତେବେଳେ ସ୍ୱାମୀ ଦୟାନନ୍ଦଙ୍କୁ ପାଖାପାଖି ୪୯ ବର୍ଷ ବୟସ । କଲିକତାର ଆର୍ଚ ବିଶପ୍ (ଚର୍ଚ୍ଚର ମୁଖ୍ୟ ପୁରୋହିତ)ଙ୍କ ଅନୁରୋଧକ୍ରମେ ତତ୍‌କାଳୀନ ବଡଲାଟ ନର୍ଥବ୍ରୁକ୍‌ଙ୍କ ସହ ସ୍ୱାମୀଜୀଙ୍କର ସାକ୍ଷାତ ଆଲୋଚନା ହୋଇଥିଲା । ଏଥିପୂର୍ବରୁ ବଡ଼ଲାଟଙ୍କୁ ସୂଚନା ଦିଆଯାଇଥିଲା କି ସ୍ୱାମୀ ଦୟାନନ୍ଦ ହେଲେ ଜଣେ ସଂସ୍କୃତିସଂପନ୍ନ ବେଦପଣ୍ଡିତ ତଥା ସଂସ୍କାରକ । ସାକ୍ଷାତକାରରେ ବଡ଼ଲାଟ ସ୍ୱାମୀଜୀଙ୍କର ପ୍ରଶଂସାପୂର୍ବକ ଇଂଲଣ୍ଡର ରାଣୀ ଓ ଇଂରେଜ ସରକାରଙ୍କର ବିଜୟ ପାଇଁ ପ୍ରାର୍ଥନା କରିବାକୁ କହିବାରୁ ଦୟାନନ୍ଦ ସରସ୍ୱତୀ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲେ,...ବର୍ତ୍ତମାନ ନୁହେଁ । ବର୍ତ୍ତମାନର ପ୍ରାର୍ଥନା ହେଲା ଭାରତବର୍ଷ' ବିଦେଶୀ ଶାସନରୁ ମୁକ୍ତିଲାଭ କରୁ । ବଡ଼ଲାଟ ସ୍ୱାମୀଜୀଙ୍କର ନିର୍ଭୀକ ବଚନରେ ସ୍ତବ୍ଧ ହେଲେ । ଲଣ୍ଡନରେ ଥିବା ଭାରତ ସଚିବଙ୍କ ନିକଟକୁ ଚିଠି ଦେଲେ– ସ୍ୱାମୀ ଦୟାନନ୍ଦ ଜଣେ ବିପ୍ଳବୀ ସନ୍ନ୍ୟାସୀ । ତାଙ୍କ ରାଜନୀତିକ ବିଚାର ଇଂରେଜ ଶାସନର ପରିପନ୍ଥୀ ।

ସନ ୧୮୭୫, ଅପ୍ରେଲ ୦୭ ତାରିଖ । ବମ୍ବେ (ବର୍ତ୍ତମାନର ମୁମ୍ବାଇ) ନଗରର ଗିରିଗାଁଓ ଅଂଚଳର ଡକ୍ଟର ମାଣିକଚାନ୍ଦଙ୍କ ବଗିଚାରେ ସ୍ୱାମୀଜୀ 'ଆର୍ଯ୍ୟସମାଜ' ପ୍ରତିଷ୍ଠା କଲେ । ବେଦମନ୍ତ୍ର ପଠନ କରାଗଲା । ମୂର୍ତ୍ତିପୂଜନ ଓ ଅବତାରବାଦକୁ ଏଡ଼ାଇ ଏକେଶ୍ୱର ଉପାସନା ପାଇଁ ଆହ୍ୱାନ କରାଗଲା । ଜାତି–ଧର୍ମ–ବର୍ଣ୍ଣ–ଲିଙ୍ଗ ନିର୍ବିଶେଷରେ ସମସ୍ତେ ବେଦପାଠ କରିପାରିବେ । ସ୍ତ୍ରୀ ବା ଶୁଦ୍ରଙ୍କ ପାଇଁ କୌଣସି ବାରଣ ନାହିଁ । ସମସ୍ତେ ପ୍ରଭୁଙ୍କର ସନ୍ତାନ । ବେଦପାଠ ଓ ଯୋଗ ସାଧନରେ ସମସ୍ତଙ୍କର ଅଧିକାର ଅଛି । ମନୁଷ୍ୟର ଜାତି (ବର୍ଣ୍ଣ) ଜନ୍ମରୁ ହୁଏ ନାହିଁ । ତାହା ଗୁଣ–କର୍ମ–ସ୍ୱଭାବରୁ ନିର୍ଣ୍ଣିତ ହୁଏ । ସେଠାରେ ଗୁରୁକୁଳ, ଅନାଥାଶ୍ରମ, ଯୋଗାଶ୍ରମ, ବାନପ୍ରସ୍ଥାଶ୍ରମ ଆଦି ଜନକଲ୍ୟାଣକର ସଂସ୍ଥା ସ୍ଥାପନର ସଂକଳ୍ପ ନିଆଗଲା । ପ୍ରକାଶ ଥାଉକି ବମ୍ବେ ଆର୍ଯ୍ୟ ସମାଜର ପ୍ରଥମ ସଭାପତି ଥିଲେ ଶ୍ରୀ ଗିରିଧରଲାଲ କୋଠାରୀ ।

ସନ ୧୮୭୮, ଡ଼ିସେମ୍ବର ୨୪ରେ ସ୍ୱାମୀଜୀ ପହଂଚିଲେ ରାଜସ୍ଥାନର ରେବାଡ଼ିଠାରେ । ତା' ପୂର୍ବରୁ ସେ ଦିଲ୍ଲୀ, ଆଜମୀର, ପୁଷ୍କର ଓ ମସୂଦାଠାରେ ଭାଷଣ ଦେଇସାରିଥିଲେ । ଏବେ ରେବାଡ଼ିରେ ସେ ସଂସ୍କାରମୂଳକ କାର୍ଯ୍ୟନେଇ ୧୧ଟି ଭାଷଣ ଦେଲେ । ମୂର୍ତ୍ତି ପୂଜାର ଅସାରତା, ମୃତକ ଶ୍ରାଦ୍ଧ ଏବଂ ବାଲ୍ୟବିବାହର କୁଫଳ ସଂବନ୍ଧରେ ସେ ଗୁରୁତ୍ୱପୂର୍ଣ୍ଣ କଥାମାନ କହିଥିଲେ । ତାଙ୍କ ପ୍ରେରଣାରେ ରେବାଡ଼ିରେ ଗୋ–ସଦନ ପ୍ରତିଷ୍ଠିତ ହେଲା । ଏହା ଆଧୁନିକ ଭାରତବର୍ଷର ପ୍ରଥମ ଗୋ–ଶାଳା ।

ଇଏ ହେଲା ସେହି ସମୟର କଥା । ସ୍ୱାମୀଜୀ ରାଜା ଜୟକୃଷ୍ଣ ଦାସଙ୍କ ଅତିଥି ହୋଇ ତାଙ୍କ ରାଜ ପ୍ରାସାଦରେ ଅବସ୍ଥାନ କରୁଥିଲେ । ପରବର୍ତ୍ତୀ କାଳରେ ସେହି ରାଜାଙ୍କ ଅନୁରୋଧକ୍ରମେ ଲେଖିଲେ ସେ ସତ୍ୟାର୍ଥ ପ୍ରକାଶମ୍ । ଥରେ ଜଣେ ପଣ୍ଡିତ ସ୍ୱାମୀଜୀଙ୍କ ପାଖକୁ ଆସି ତାଙ୍କ ନିମନ୍ତେ ସବୁଠାରୁ ଉଚ୍ଚ ଆସନର ବ୍ୟବସ୍ଥା ପାଇଁ ଅନୁରୋଧ କଲେ । ସେଠାରେ ଉପସ୍ଥିତ ଥିବା ଲୋକେ ପଣ୍ଡିତଙ୍କର ଅନ୍ୟାୟ ଅନୁରୋଧକୁ ପସନ୍ଦ କରୁନଥିଲେ । ସେତେବେଳେ ସ୍ୱାମୀଜୀ ବିନୋଦପୂର୍ଣ୍ଣ ଭାବରେ ମନ୍ତବ୍ୟ ଦେଇଥିଲେ– ଗଛରେ ବସିଥିବା କାଉ ସମସ୍ତଙ୍କଠାରୁ ଉଚ୍ଚ ଆସନରେ ବସିଛି । ଏବେ ପଣ୍ଡିତକୁ ବୁଝାପଡିଲା ତାଙ୍କ ପ୍ରଶ୍ନର ଉତ୍ତରଟି । ଶ୍ରୋତାଗଣ ମଧ୍ୟ ମନ୍ତବ୍ୟର ତାତ୍ପର୍ଯ୍ୟ ବୁଝିଲେ । ସେହି ଗହଣରେ ଥିଲେ ଉଧୋସିଂହ ନାମକ ଧନାଢ୍ୟ ବ୍ୟକ୍ତି । ବେଶ୍ ମୂଲ୍ୟବାନ୍ ବିଦେଶୀ ପୋଷାକ ପରିଧାନ କରି ଆସିଥିଲେ ସ୍ୱାମୀଜୀଙ୍କର ଦର୍ଶନ ଲାଭ ପାଇଁ । ତାଙ୍କ ପ୍ରତି ସ୍ୱାମୀ ଦୟାନନ୍ଦ କହିଥିଲେ– ଆପଣ ଏପରି ପୋଷାକ ପିନ୍ଧିଲେ ଆମ ଦେଶର କାରିଗରମାନଙ୍କର ଜୀବିକା ବୁଡ଼ିଯିବ । ପ୍ରକାଶ ଥାଉ କି, ଏହା ଥିଲା ଜାତୀୟ କଂଗ୍ରେସର ସ୍ୱଦେଶୀ ଦ୍ରବ୍ୟ ଆଦର ଓ ବିଦେଶୀ ଦ୍ରବ୍ୟ ବର୍ଜନ ଆନ୍ଦୋଳନର ପାଖାପାଖି ଷାଠିଏ ବର୍ଷର ପୂର୍ବବର୍ତ୍ତୀ ଘଟଣା । ଏଥିରୁ ସ୍ୱାମୀ ଦୟାନନ୍ଦଙ୍କର ସ୍ୱଦେଶପ୍ରୀତି ଆକଳନ କରାଯାଇପାରେ ।

ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ସ୍ୱାମୀଜୀଙ୍କ ଜୀବନର ତିନିବର୍ଷର ଅଜ୍ଞାତବାସ ଅଧ୍ୟାୟ । ତା'ର ସମୟକ୍ରମ ହେଲା ୧୮୫୭–୧୮୬୦ ଖ୍ରୀ.ଅ । ତାହା ଥିଲା ସିପାହୀ ବିଦ୍ରୋହର କାଳ । ଐତିହାସିକ ପୃଥ୍ୱୀସିଂହଙ୍କ ମତରେ ସ୍ୱାମୀଜୀ ଥିଲେ ୧୮୫୭, ସିପାହୀ ବିଦ୍ରୋହରେ ପରୋକ୍ଷ ଭାବରେ ନାନା

ସାହେବ, ଆଜିମୁଲ୍ଲା ଖାଁ, କୁମ୍ବର ସିଂହ, ରାଣୀ ଲକ୍ଷ୍ମୀବାଇ ଆଦି ନେତୃବୃନ୍ଦଙ୍କର ପରାମର୍ଶଦାତା ତଥା ପଥପ୍ରଦର୍ଶକ । ଏହି କର୍ମଠ ଦେଶପ୍ରେମୀ ସନ୍ନ୍ୟାସୀଙ୍କ ପ୍ରତି ମଥାନତ ହୁଏ ।

ଏହିପରି 'ଆର୍ଯ୍ୟସମାଜ'ର ପରିକଳ୍ପିତ ଉନ୍ନତି ରୂପରେଖର ପ୍ରଚାର– ପ୍ରସାର କାର୍ଯ୍ୟ କରୁ କରୁ ଦୟାନନ୍ଦ ସରସ୍ୱତୀ ରାଜସ୍ଥାନର ଯୋଧପୁରରେ ପହଂଚିଲେ । ସ୍ୱାମୀଜୀଙ୍କର ବ୍ରହ୍ମଚର୍ଯ୍ୟ ତଥା ସଦାଚାରମୂଳକ ଉପଦେଶ ତତ୍‌କାଳୀନ ରାଜାଙ୍କୁ କିମ୍ବା ତାଙ୍କର ପରିଚାରକମାନଙ୍କୁ ଭଲ ଲାଗୁ ନଥିଲା । ଫଳତଃ ଷଡ଼ଯନ୍ତ୍ରକ୍ରମେ ସ୍ୱାମୀଜୀଙ୍କ ପାଚକ ଜଗନ୍ନାଥକୁ ଉତ୍‌କୋଚ ଦେଇ ସ୍ୱାମୀଜୀ ପାନ କରୁଥିବା ଦୁଗ୍‌ଧରେ ବିଷାକ୍ତ କାଚଗୁଣ୍ଡ ମିଶାଇ ଦିଆଗଲା । ଏହାଥିଲା ୧୮୮୩, ସେପ୍ଟେମ୍ବର ମାସ, ଶେଷ ସପ୍ତାହର କଥା । ବିଷ ଦେଇଥିବା ପାଚକକୁ ସ୍ୱାମୀଜୀ କ୍ଷମା କରିଥିଲେ ନିଜର ଉଦାର ଗୁଣରେ । କୁପଥ୍ୟ (ବିଷ ମଶ୍ରିତ କ୍ଷୀର) ପାନ କରିଥିବା ଯୋଗୁଁ ସେ ନିମୋନିଆ ରୋଗରେ ପଡ଼ିଲେ । ପ୍ରାୟ ମାସକ ପରେ ଅକ୍ଟୋବର ୩୦, ୧୮୮୩ରେ ତାଙ୍କର ଦେହାନ୍ତ ହେଲା । ସେ ମରି ମଧ୍ୟ ଆଜି ଅମର ।

ସ୍ୱାମୀଜୀଙ୍କ ସଂପର୍କରେ ଫରାସୀ ବିଦ୍ୱାନ ରୋମାଁ ରୋଲାଁ କହନ୍ତି– ଋଷି ଦୟାନନ୍ଦ ଭାରତର ଶକ୍ତି, ଦୃଢତା ଓ ସିଂହ ପରାକ୍ରମ ଭରି ଦେଇଥିଲେ । ସେ ଥିଲେ ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ । ଭାରତ ସମ୍ବନ୍ଧରେ ନିଜର ଧାରଣା ପ୍ରକାଶ କରିବାବେଳେ ଇଉରୋପ ଏହି ପୁରୁଷସିଂହଙ୍କୁ ଭୁଲିଯାଏ । ଦିନେ ସେ ନିଜେ ନିଜର ଭ୍ରାନ୍ତିକୁ ସ୍ୱୀକାର କରି ଦୟାନନ୍ଦଙ୍କୁ ସ୍ମରଣ କରିବା ପାଇଁ ବାଧ୍ୟ ହେବ କାରଣ ଦୟାନନ୍ଦ ଥିଲେ କର୍ମଯୋଗ, ଶୁଦ୍ଧ ବିଚାର ଓ ନେତୃ–ଜନୋଚିତ ଶ୍ରେଷ୍ଠ ପ୍ରତିଭାର ଦୁର୍ଲ୍ଲଭ ସମ୍ମିଶ୍ରଣ । ଦୟାନନ୍ଦ ଅସ୍ପୃଶ୍ୟତାର ଅନ୍ୟାୟକୁ ସହନ କରି ନଥିଲେ । ତାଙ୍କ ଭଳି ଆଉ କେହି ସେହି ନିରୀହ ବ୍ୟକ୍ତିଙ୍କ ଅପହୃତ ଅଧିକାରର ଏତେବଡ଼ ଉତ୍ସାହୀ ସମର୍ଥକ ନଥିଲେ । ଭାରତରେ ସ୍ତ୍ରୀମାନଙ୍କର ଶୋଚନୀୟ ଅବସ୍ଥା ଦୂର କରିବା ପାଇଁ ସେ ଅତ୍ୟନ୍ତ ଉଦାର ଓ ସାହସିକ କାର୍ଯ୍ୟ କରିଥିଲେ । ପ୍ରକୃତ ପକ୍ଷରେ ରାଷ୍ଟ୍ରୀୟ ଭାବନା ଓ ଜନଜାଗୃତିର ବିଚାରକୁ ସକ୍ରିୟ ରୂପ ଦେବାରେ ସେ ହିଁ ଥିଲେ ସର୍ବାଧିକ ଶକ୍ତିଶାଳୀ ବ୍ୟକ୍ତି । ସେ ଭାରତର ପୁନର୍ନିର୍ମାଣ ଓ ରାଷ୍ଟ୍ରୀୟ ସଂଗଠନର ଅତ୍ୟନ୍ତ ଉତ୍ସାହୀ ମହାପୁରୁଷଙ୍କ ମଧ୍ୟରେ ଅନ୍ୟତମ ।

ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍ କହନ୍ତି– ସ୍ୱାମୀ ଦୟାନନ୍ଦ କେବଳ ବିଦ୍ୱାନ୍ ଓ ପ୍ରଖର କ୍ରାନ୍ତିକାରୀ ପୁରୁଷ ନଥିଲେ । ତାଙ୍କର ହୃଦୟରେ ସାମାଜିକ ଅନ୍ୟାୟଗୁଡିକ ଧ୍ୱଂସ କରିବା ପାଇଁ ପ୍ରଚଣ୍ଡ ଅଗ୍ନି ବିଦ୍ୟମାନ ଥିଲା । ଆମ ସମସ୍ତଙ୍କ ପାଇଁ ତାଙ୍କ ପ୍ରଦତ୍ତ ଶିକ୍ଷା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେ ଆମ୍ଭମାନଙ୍କୁ ମହାନ୍ ସନ୍ଦେଶ ଦେଇଥିଲେ ଯେ, ସତ୍ୟର କଷୋଟିର ପରୀକ୍ଷା କରି ଯେକୌଣସି ବିଷୟ ଗ୍ରହଣ କରିବା ଉଚିତ୍ । ଆର୍ଯ୍ୟସମାଜ ଓ ଡି.ଏ.ଭି ସଂସ୍ଥା ମାଧ୍ୟମରେ ଆଜି ଆମ୍ଭେ ଦୟାନନ୍ଦଙ୍କର ଉପସ୍ଥିତ ଉପଲବ୍ଧି କରୁ ।

ସେକ୍ଟର–୨/୪୨୬, ନୀଳାଦ୍ରି ବିହାର
ଭୁବନେଶ୍ୱର–୨୧

❖ ❖ ❖

# ସାମ୍ପ୍ରତିକ ଭାରତରେ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାର ପ୍ରାସଙ୍ଗିକତା

**ଡକ୍ଟର ଦାମୋଦର ମହାପାତ୍ର**

୧୮୬୩ ମସିହା ଜାନୁଆରୀ ୧୨ ତାରିଖ ସୋମବାର ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟୋଦୟର କିଛି ସମୟ ପରେ, ଅର୍ଥାତ୍ ୬.୪୯ ମିନିଟ୍‌ରେ କଲିକତାର ଦତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ସ୍ୱାମୀ ବିବେକାନନ୍ଦ । ପିତା ବିଶ୍ୱନାଥ ଦତ୍ତ ଓ ମାତା ଭୁବନେଶ୍ୱରୀ ଦେବୀ ପୁତ୍ରର ନାମ ରଖିଥିଲେ ନରେନ୍ଦ୍ର । ନରେନ୍ଦ୍ର ଯେ ଜଣେ ସାଧାରଣ ପିଲା ନଥିଲେ, ଏ କଥା ବା କିଏ ଜାଣିଥିଲା ? ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କ ଭିତରେ ଥିବା ଜଣେ ସଂସ୍କାରକ, ଯୋଗୀ, ଶିକ୍ଷାବିତ୍ ଓ ରାଷ୍ଟ୍ରନିର୍ମାତାର ପ୍ରତିଭା ଆତ୍ମପ୍ରକାଶ କରି ଏ ସମଗ୍ର ବିଶ୍ୱକୁ ହତଚକିତ କରିଦେଇଥିଲା । ଦୁର୍ଭାଗ୍ୟର କଥା, ଖୁବ୍ କମ୍ ବୟସରେ ଅର୍ଥାତ୍ ୧୯୦୨ ମସିହା ଜୁଲାଇ ୪ ତାରିଖରେ ସେ ପ୍ରାଣତ୍ୟାଗ କଲେ । କଥାରେ ଅଛି, ଏପରି ପ୍ରତିଭାର ଆମ ପାଇଁ ଯେତିକି ଆବଶ୍ୟକତା ଥାଏ, ତା'ଠାରୁ ଅଧିକ ଆବଶ୍ୟକତା ଥାଏ ଈଶ୍ୱରଙ୍କର । ତାହହିଁ ହେଲା । ଏ ଧରାପୃଷ୍ଠରେ ତାଙ୍କର ସ୍ୱଳ୍ପ ରହଣି କାଳ ମଧ୍ୟରେ ନିଜ ପ୍ରତିଭାର ପରିଚୟ ଦେଇ ଏ ବିଶ୍ୱ ସମୁଦାୟକୁ ସେ ଯେଉଁ ଦିଗ୍‌ଦର୍ଶନ ଦେଇଗଲେ ତାହା ଦେଢ଼ଶହ ବର୍ଷ ପରେ ମଧ୍ୟ ଉପାଦେୟତା ବହନ କରେ ।



ମୂଲ୍ୟବୋଧ ଓ ମାନବବାଦ ଉପରେ ଗୁରୁତ୍ୱ ଦେଉଥିବା ଏହି ମହାମନୀଷୀ ମାନବବାଦୀ ମୂଲ୍ୟବୋଧର ଅବକ୍ଷୟକୁ ବରଦାସ୍ତ କରିପାରୁ ନଥିଲେ । ସେତେବେଳର ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ଧନଦୌଲତ ପାଇଁ ଚାଲିଥିବା ପ୍ରତିଯୋଗିତାକୁ ସେ ନାପସନ୍ଦ କରିବା ସହିତ ଏଥିରୁ ନିବୃତ୍ତ ନ ରହିଲେ ଦେଶ ଯେ ଦିନେ ଧ୍ୱଂସ ମୁଖକୁ ଚାଲିଯିବ ବୋଲି ଚେତେଇ ଦେଇଥିଲେ । ସୌଭାଗ୍ୟର କଥା ସେ ଦେଶଗୁଡ଼ିକ ନିଜେ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାରେ ସମର୍ଥ ହେଲେ । ମାତ୍ର ଦୁଃଖର କଥା ତାଙ୍କ ଜନ୍ମ ମାଟି ଭାରତ ସେଥିରୁ ଶିକ୍ଷାଲାଭ କରିବାରେ ପଛରେ ପଡ଼ିଗଲା । ଧନଦୌଲତ ପାଇଁ ଏହି ଭାରତ ଭୂଖଣ୍ଡରେ ପ୍ରତ୍ୟେକ ଦିନ କେତେ ଯେ ମୁଣ୍ଡ ଗଡୁଛି ତାହାର ହିସାବ ରଖିବା କଷ୍ଟକର । ମଣିଷ ସମାଜକୁ ଜାଗ୍ରତ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତାଙ୍କ ମତରେ ମଣିଷ ବାରମ୍ବାର ଭୁଲ୍ କରୁଛି । ଦୁର୍ବଳ ମଣିଷ ଜ୍ଞାନ ଆହରଣ କରି ଏହି ଆଲୋକରେ ଉଦ୍‌ଭାସିତ ହେଲେ ମଣିଷ ସବଳ ହୁଏ । ଜଣେ ସବଳ ମଣିଷ ସାଧାରଣତଃ ଭୁଲ୍ କରେ ନାହିଁ । ଏଥିପାଇଁ ନିଜକୁ ନିଜେ ସମର୍ଥ କରାଇବାକୁ ପଡ଼ିବ । ଆମକୁ କୌଣସି ବାହ୍ୟଶକ୍ତି ବା ଭଗବାନ୍ ସମର୍ଥ କରାଇ ପାରିବେ ନାହିଁ । ଉଦାହରଣ ସ୍ୱରୂପ, ଆମେ ଯଦି ପ୍ୟାଣ୍ଟର ଦୁଇ ପକେଟରେ ଦୁଇ ହାତ ପୂରାଇ ମଶା ଖାଉଛି ବୋଲି ଚିତ୍କାର କରିବା ତେବେ କିଏ କ'ଣ କରିବ ? ତେବେ ପକେଟ୍‌ରୁ ହାତ ବାହାର କରି ମଶାଟିକୁ ମାରିବାକୁ ପଡ଼ିବ । କ୍ରନ୍ଦନ ଭୀରୁତାର ପରିଚାୟକ ଓ ଅସହାୟତାର ଆଭାସ । ସେହିପରି

ଆମେ ଯଦି ଦୁଇ ହାତରେ ଦୁଇ ଆଖି ବନ୍ଦ କରି ଚାରିଆଡ଼େ ଅନ୍ଧାର ଦେଖା ଯାଉଛି ବା ମୋତେ କିଛି ଦେଖାଯାଉ ନାହିଁ ବୋଲି କହିବା, ଭଗବାନ୍ ଆସି ଆମକୁ ସାହାଯ୍ୟ କରି ପାରିବେ ନାହିଁ । ଆଖିରୁ ହାତ କାଢ଼ିବାକୁ ପଡ଼ିବ । ଆଲୋକ ଆମକୁ ଅପେକ୍ଷା କରିଛି । ଆମ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ସେଥିପାଇଁ ବୈଜ୍ଞାନିକମାନେ କୁହନ୍ତି, ଇଚ୍ଛା ଶକ୍ତି ହିଁ ପ୍ରବର୍ତ୍ତନର କାରଣ ଅଟେ । ଯାହାର ଇଚ୍ଛାଶକ୍ତି ଯେତେ ଅଦମ୍ୟ, ତା'ର ଉପରକୁ ବଢ଼ିବାର ପଥ ସେତେ ସୁଗମ । ଏଥିପାଇଁ ନିଜ ଉପରେ ଦୃଢ଼ ବିଶ୍ୱାସ ରଖିବାକୁ ପଡ଼ିବ । ଯାହାର ନିଜ ଉପରେ ଦୃଢ଼ ବିଶ୍ୱାସ ନାହିଁ, ସେ କିଛି କରି ପାରିବ ନାହିଁ । ନିଜର ଦୃଢ଼ ଆତ୍ମବିଶ୍ୱାସ ପାଖରେ ସାପର ବିଷ ମଧ୍ୟ ଅର୍ଥହୀନ ହୋଇଯାଏ । ଜଣେ ଯଦି ମୁଁ କିଛି କରିପାରିବି ନାହିଁ ବା କିଛି ହେବ ନାହିଁ ବୋଲି ହତାଶା ଭାବ ପ୍ରକଟ କରେ, ତେବେ ସତରେ ସେ ହାରିଯିବ । ଜଣେ ଯଦି ସବୁ କରିପାରିବାର ଆତ୍ମବିଶ୍ୱାସ ରଖେ, ତେବେ ସେ ଶିଖର ସ୍ଥାନରେ ପହଁଚି ପାରିବ । ଜଣେ ଯଦି ତେତିଶି କୋଟି ଦେବାଦେବୀଙ୍କ ଉପରେ କେବଳ ଭରସା କରି ବସିଯିବ ଏବଂ ନିଜ ଉପରୁ ବିଶ୍ୱାସ ତୁଟାଇ ଦେବ, ତେବେ ମୁକ୍ତି ଆଶା କରିବା ବୃଥା । ଆମେ ବହୁତ କଥା କହୁ, ମାତ୍ର କାର୍ଯ୍ୟରେ ଏହାକୁ ଦେଖାଇ ପାରୁନାହୁଁ । ଶାରୀରିକ ଦୁର୍ବଳତା ମଧ୍ୟ କିଛି ପରିମାଣରେ ଏଥିପାଇଁ ଦାୟୀ । ନିଜ ଶରୀରକୁ ଏଥିପାଇଁ ଗଢ଼ିବାକୁ ପଡ଼ିବ । ଶାରୀରିକ ଦୁର୍ବଳତା ଆମ ଦୁଃଖର ଏକତୃତୀୟାଂଶ କାରଣ ଅଟେ । ଶରୀର ଦୁର୍ବଳ ରହିଲେ ସୁସ୍ଥ ମନ ଆଶା କରିବା ବୃଥା । ମନ ଅସୁସ୍ଥ ରହିଲେ ଆଗକୁ ବଢ଼ିବା କଷ୍ଟକର ହେବ । କେବଳ ଶରୀର ଓ ମନ ସୁସ୍ଥ ରହିଲେ ମଣିଷ ସବୁ ଦିଗରୁ ପୂର୍ଣ୍ଣତା ପ୍ରାପ୍ତି ହେଲା ବୋଲି କହିହେବ ନାହିଁ । ଶାରୀରିକ, ମାନସିକ, ସାମାଜିକ ଓ ଆବେଗିକ ପୂର୍ଣ୍ଣତା ଆସିଲେ ହିଁ ବ୍ୟକ୍ତିତ୍ୱର ବିକାଶ ହୋଇଛି ବୋଲି ଜାଣିବା । ତେବେ ବ୍ୟକ୍ତିତ୍ୱର ସଂଜ୍ଞା ନିରୂପଣ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ କହନ୍ତି, 'ନିଜର ବୁଦ୍ଧି, ଚିନ୍ତାଧାରା, କଥା ଏବଂ କାର୍ଯ୍ୟାବଳୀ ଯେଉଁ ପ୍ରତିଲିପି ସୃଷ୍ଟି କରେ ଓ ଅନ୍ୟକୁ ପ୍ରଭାବିତ କରେ ବା ଅନ୍ୟଦ୍ୱାରା ଆମେ ପ୍ରଭାବିତ ହେଉ, ତାହାହିଁ ବ୍ୟକ୍ତିତ୍ୱ । ବ୍ୟକ୍ତିତ୍ୱର ବିକାଶକୁ ସୁଗମ କରିବା ପାଇଁ କେବଳ ବାହ୍ୟ ଆଚରଣକୁ ଶୃଙ୍ଖଳିତ କଲେ ହେବ ନାହିଁ, ଅନ୍ୟ–ଉପାଦାନର ତାଲିମ ଅପରିହାର୍ଯ୍ୟ । ସମଗ୍ର ବିଶ୍ୱ–ବ୍ରହ୍ମାଣ୍ଡ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଉଅଛି । ପ୍ରତ୍ୟେକ ମଣିଷର ମଧ୍ୟ ଏହି ପୂର୍ଣ୍ଣତା ଆଡକୁ ଅଗ୍ରସର ହେବାର ଶକ୍ତି ଓ ସାମର୍ଥ୍ୟ ଥାଏ । ଯୁଗଯୁଗ ଧରି ପୁନର୍ଜନ୍ମକୁ ଅପେକ୍ଷା ନକରି ପ୍ରତ୍ୟେକ ମଣିଷ ଏ ଦିଗରେ ଯଥା ସମ୍ଭବ ଅଗ୍ରସର ହେବା ଆବଶ୍ୟକ । ମାତ୍ର ତା' ପୂର୍ବରୁ ଏହାର ବ୍ୟବସ୍ଥା ଶାସ୍ତ୍ର ଜାଣିବାକୁ ପଡ଼ିବ । ତା'ପରେ ଏହାକୁ ଆପଣେଇଲେ ଏ ଧରାରେ ଆମର ସ୍ୱଳ୍ପ ରହଣି ସମୟ ମଧ୍ୟରେ ଏହାକୁ ଆମେ ହାସଲ କରିପାରିବା ।

ପୂର୍ଣ୍ଣତା ଆଡକୁ ଅଗ୍ରସର ହେବାକୁ ହେଲେ ସାଧୁତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସାଧୁତା ଉପରେ ପର୍ଯ୍ୟବସିତ ସଭ୍ୟତା ହିଁ ବିକଶିତ ହୁଏ । ସାଧୁ ନହୋଇ ପାରିଲେ ମଧ୍ୟ ସାଧୁତାକୁ ବ୍ୟଙ୍ଗ କରିବାର ଅଧିକାର ଆମର ନାହିଁ । ଯେଉଁଠି ସତ୍ୟ ନାହିଁ, ସେଠାରେ ସାଧୁତାର ପ୍ରଶ୍ନ ଉଠେ ନାହିଁ । ସୃଷ୍ଟିର ମୂଳରେ ରହିଛି ସତ୍ୟ । ସମାଜ ସତ୍ୟକୁ ପିଛା କରେ, ସତ୍ୟ ସମାଜକୁ ନୁହେଁ । ସମାଜ କେବଳ ଏକ ମାଧ୍ୟମ । ସତ୍ୟ ହିଁ ବ୍ୟବହାରିକ । ସତ୍ୟ ମଣିଷକୁ ପ୍ରତ୍ୟେକ ଜଟିଳ ସମସ୍ୟାକୁ ସାମ୍ନା କରିବାକୁ ସାହସ ଦିଏ । ସତ୍ୟ ହିଁ ଜ୍ଞାନ ଏବଂ ସ୍ୱଚ୍ଛ । ସତ୍ୟ ପ୍ରତ୍ୟେକ ଜାଗାରେ ଓ ପ୍ରତ୍ୟେକ ସମୟରେ ବିଦ୍ୟମାନ । ଆମେ କେବଳ ଏହି ସତ୍ୟ ମାଧ୍ୟମରେ ନିଜକୁ ପରଖି ଥାଉଁ । ଯାହା ଆମକୁ ଦୁର୍ବଳ କରେ, ତାହା ସତ୍ୟ ନୁହେଁ ବିଷ । ତାକୁ ପରିତ୍ୟାଗ କରିବାକୁ ପଡ଼ିବ । ସତ୍ୟର ସନ୍ଧାନ ଆମର କର୍ତ୍ତବ୍ୟ । ଉପନିଷଦ୍‌ରେ ଅଛି–

'ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ସୁଖମ୍,
ତତ୍ତ୍ୱଂ ପୂଷନ୍ନ ପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ'

ଅର୍ଥାତ୍, ହେ ମନୁଷ୍ୟ ସୁବର୍ଣ୍ଣମୟ ପାତ୍ରରେ ଆବୃତ ସତ୍ୟର ଅନାବରଣ କର । ସମାଜ ଆମକୁ କୋଳେଇ ନେଉ ବା ଫିଙ୍ଗି ଦେଉ, ମଣିଷ ଆମକୁ ଦେଖି ଆଦର କରୁ ବା ଥଟ୍ଟା କରୁ, ଆମକୁ କିଏ ପ୍ରଶଂସା ବା ଘୃଣା କରୁ, ସତ୍ୟ ପଥରୁ ବିଚ୍ୟୁତି ହେବା ଠିକ୍ ନୁହେଁ । ଅନ୍ୟକୁ ଭଲ ପାଇବା ପାଇଁ ଅସୀମ ଧୈର୍ଯ୍ୟ ଓ ସାଧୁତା ଏ ଦିଗରେ ମଣିଷକୁ ସହାୟ ହୋଇଥାଏ । ପ୍ରେମ ହିଁ ଜୀବନ । ଏହା ଜୀବନର ଏକମାତ୍ର ବିଧି । ସ୍ୱାର୍ଥପରତା ମୃତ୍ୟୁ ସଦୃଶ । ମଣିଷ ଜନ୍ମ ଅନ୍ୟର ଭଲ ପାଇଁ । ଅନ୍ୟର ଖରାପ ଚିନ୍ତା ମୃତ୍ୟୁ ସଦୃଶ । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଅନ୍ୟର ଶୁଭ ଚିନ୍ତା କରିବା ପୁଣ୍ୟ ଅଟେ । ଅନ୍ୟର ଖରାପ ଚିନ୍ତା ପାପ ଅଟେ । ଭୀରୁମାନେ ହିଁ ପାପ କରିଥାଆନ୍ତି । ସ୍ୱାଧୀନ ଚେତା ମଣିଷମାନେ ହିଁ ପୁଣ୍ୟ କରିଥାଆନ୍ତି । ନିର୍ଭରଶୀଳ ମଣିଷମାନେ ପାପ କରିଥାଆନ୍ତି । ସନ୍ଦେହ ପାପକୁ ଜନ୍ମ ଦିଏ । ନିଜ ଉପରେ ଓ ଈଶ୍ୱରଙ୍କ ଉପରେ ବିଶ୍ୱାସ ହିଁ ପୁଣ୍ୟ କରିବାର ବାଟ ବତାଏ । ଏକେଶ୍ୱରବାଦ ପୁଣ୍ୟକୁ ଉତ୍ସାହିତ କରେ । ସବୁବେଳେ ନିଜକୁ ଜଣେ ମାଷ୍ଟର ବୋଲି

ବିବେଚନା କରିବା ଉଚିତ ନୁହେଁ । ପ୍ରଥମେ ଶୁଣିବାକୁ ପଡ଼ିବ ଓ ମାନିବାକୁ ପଡ଼ିବ । ଏପରି ଦିନ ଆସିବ ଆପଣା ଛାଏଁ ଅନ୍ୟମାନେ ତୁମକୁ ମାନିବାକୁ ଆଗେଇ ଆସିବେ ।

ଏହି ମହାମନୀଷୀ ବ୍ରହ୍ମଚର୍ଯ୍ୟ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ବ୍ରହ୍ମଚର୍ଯ୍ୟ ପାଳନ କରିବା ଉଚିତ । ଏହି ବ୍ରହ୍ମଚର୍ଯ୍ୟ ଚିନ୍ତା, କଥା ଓ କାମରେ ରୂପାନ୍ତରିତ ହେବା ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ପାଳନ କଲେ ଶିକ୍ଷାର୍ଥୀ ଉପଯୁକ୍ତ ଶିକ୍ଷା ଉପଯୁକ୍ତ ସମୟରେ ଗ୍ରହଣ କରିବା ପାଇଁ ସମର୍ଥ ହୋଇଥାଏ । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଶିକ୍ଷା ହେଉଛି ଶିଶୁ ଭିତରେ ଥିବା ଦୈବୀ ଗୁଣର ପରିପ୍ରକାଶ । ଏହା ମଣିଷ ଜନ୍ମ ହେବାବେଳେ ନେଇକରି ଆସିଥାଏ । ଉପଯୁକ୍ତ ପରିବେଷ୍ଟନୀ ପାଇଲେ ଏହି ଗୁଣର ପରିପ୍ରକାଶ ହୋଇଥାଏ । ଏହା ବିଚାରକୁ ନନେଇ ଆମ ଇଚ୍ଛାକୁ ପିଲା ଉପରେ ଲଦି ଦେଲେ, ତାହା ପିଲାର ଭବିଷ୍ୟତକୁ ନଷ୍ଟ କରିଦିଏ । ଅତଏବ ଆମେ ପିଲାକୁ ସିଂହ ଭଳି ଗଢ଼ି ତୋଳିବାକୁ ଇଚ୍ଛା କରି ଶୃଗାଳଟିଏ କରି ଗଢ଼ିତୋଳୁ । ଜନ୍ ଲକ୍‌ଙ୍କ ମତରେ, ପିଲା ଜନ୍ମ ହେବା ସମୟରେ ତା'ର ମସ୍ତିଷ୍କ ସଫା ସିଲଟ ଭଳି ଥାଏ ଓ ପରିବେଷ୍ଟନୀର ପ୍ରଭାବରେ କେବଳ ହିଁ ଏହା ପ୍ରଭାବିତ ହୁଏ । ମାତ୍ର ସ୍ୱାମୀ ବିବେକାନନ୍ଦ ଜନ୍ ଲକ୍‌ଙ୍କର ଏହି ମତବାଦ ସହିତ ଏକମତ ନଥିଲେ । ସ୍ୱାମୀ ବିବେକାନନ୍ଦ ମାନବ ଶିଶୁକୁ ଅମୃତର ସନ୍ତାନ ବୋଲି କହୁଥିଲେ । ତା' ପାଇଁ ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନକୁ ବୁଝାଏ ନାହିଁ । ଶିକ୍ଷା ଇଚ୍ଛାଶକ୍ତିକୁ ଠିକ୍ ଭାବରେ ପରିଚାଳିତ କରିବା ପାଇଁ ଏକ ତାଲିମ ଅଟେ । ପୁସ୍ତକରେ ଥିବା ତଥ୍ୟକୁ ଯେନତେନ ପ୍ରକାରେ କଣ୍ଠସ୍ଥ କରି ପରୀକ୍ଷା ଖାତାରେ ଲେଖି ନମ୍ବର ପାଇଗଲେ ଚାକିରି ମିଳିବ ସିନା, ଜ୍ଞାନ ଆସିଲା କେଉଁଠୁ ? ପିଞ୍ଜରା ଭିତର ଶୁଆ ତ ଘୋଷି ବହୁତ କଥା ମନେରଖି କୁହେ । ତେବେ ମାନବ ଶିଶୁ ତା'ଠାରୁ ଅଲଗା ହେଲା କିପରି ? ପୂର୍ଣ୍ଣତା ମଣିଷ ଭିତରେ ଥାଏ । ଏହା କେବଳ ବହିପତ୍ର, ପରିବେଷ୍ଟନୀ ଓ ଶିକ୍ଷକଙ୍କ ଯୋଗୁଁ ପରିପ୍ରକାଶ ହୋଇଥାଏ । ସେଥିପାଇଁ ସ୍ୱାମୀ ବିବେକାନନ୍ଦ କହୁଥିଲେ କେହି କାହାର ଶିକ୍ଷକ ନୁହେଁ ବା କେହି କାହାର ଛାତ୍ର ନୁହେଁ । ପ୍ରକୃତ ଶିକ୍ଷକ ପିଲା ଭିତରେ ଥାଏ । ସମୟ ସୁବିଧା ଦେଖି ବାହ୍ୟ ଶିକ୍ଷକ ଭିତର ଶିକ୍ଷକଙ୍କୁ ଜାଗ୍ରତ କରନ୍ତି ଓ ଜ୍ଞାନ ଲାଭ ହୁଏ । ଉଦାହରଣ ସ୍ୱରୂପ, ଥିଓରି ଅଫ୍ ରିଲେଟିଭିଟି ଆଇନ୍‌ଷ୍ଟାଇନ୍‌ଙ୍କ ମସ୍ତିଷ୍କରେ ଥିଲା, ପରିବେଶ ଅନୁକୂଳ ହେଲା, ସେ ତାହା ଉଦ୍ଭାବନ କଲେ । ତେଣୁ ମସ୍ତିଷ୍କର ତାଲିମ ଆବଶ୍ୟକ । ଏହା ସହିତ ହୃଦୟର ତାଲିମ ମଧ୍ୟ ଆବଶ୍ୟକ । ପାଶ୍ଚାତ୍ୟ ଦେଶରେ ଏହାର ଅଭାବ ଥାଏ । ହୃଦୟର ତାଲିମ ମସ୍ତିଷ୍କକୁ ପରିପୁଷ୍ଟ କରେ । ଯଦି ଆମକୁ ମସ୍ତିଷ୍କ ଓ ହୃଦୟ ମଧ୍ୟରୁ ଗୋଟିଏକୁ ବାଛିବାକୁ କୁହାଯାଏ, ଆମେ ହୃଦୟକୁ ବାଛିବା ଆବଶ୍ୟକ । ଉଦାହରଣ ସ୍ୱରୂପ– ନେପୋଲିୟନ ଏବଂ ହିଟ୍‌ଲର ଇତିହାସରେ ସ୍ଥାନ ପାଇଲେ ସତ, କିନ୍ତୁ ମଣିଷ ହୃଦୟରେ ସ୍ଥାନ ପାଇପାରିଲେ ନାହିଁ ।

ଏତଦ୍‌ବ୍ୟତୀତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ର ଗଠନ ପାଇଁ ଗଣଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ଯେଉଁ ରାଷ୍ଟ୍ରରେ ଗଣଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଏ, ସେ ରାଷ୍ଟ୍ର ଆଧୁନିକୀକରଣ ଆଡ଼କୁ ଅଗ୍ରସର ହୁଏ । ଶିକ୍ଷାକୁ ଅଳ୍ପ କେତେକଙ୍କ ମଧ୍ୟରେ ସୀମିତ ରଖିଲେ ଦେଶର ଆଧୁନିକୀକରଣ ବାଧାପ୍ରାପ୍ତ ହୁଏ । ସେହପରି ନାରୀ ଶିକ୍ଷା ଉପରେ ମତ ରଖି ସେ କହୁଥିଲେ, ନାରୀମାନଙ୍କର ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ରହିଛି । ସେ ବେଦ ଓ ଉପନିଷଦ ଯୁଗର କଥା ଉଲ୍ଲେଖ କରି ମୈତ୍ରେୟୀ, ଗାର୍ଗୀ, ସୀତା, ସାବିତ୍ରୀ ଓ ଦମୟନ୍ତୀଙ୍କୁ ଆଦର୍ଶ ଭାବରେ ଉପସ୍ଥାପନ କରିଛନ୍ତି । ଦେଶ ପାଇଁ ନାରୀ ସଶକ୍ତିକରଣର ପ୍ରମୁଖ ଭୂମିକା ରହିଛି ।

ସର୍ବୋପରି କୁହାଯାଇପାରେ ଯେ, ଦେଢ଼ଶହ ବର୍ଷ ପୂର୍ବରୁ ପରାଧୀନ ଭାରତରେ ଜନ୍ମ ହୋଇ ସ୍ୱାମୀ ବିବେକାନନ୍ଦ ଯେଉଁ ନୀତି ଆଦର୍ଶ ଓ ବ୍ୟବସ୍ଥା କଥା କହୁଥିଲେ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ବିଭିନ୍ନ କମିଶନ, କମିଟି ଓ ପଲିସି ଦସ୍ତାବିଜ୍‌ରେ ତାହା ସ୍ଥାନିତ ହୋଇଛି ।

ଦି ହରମିଟେଜ, ରାଜବାଟୀ ନଗର
ଆଠଗଡ, କଟକ

❖ ❖ ❖

# କୋଣାର୍କ ମାଘମେଳା

**ବିପିନ ବିହାରୀ ମହାନ୍ତି**

କୋଣାର୍କର ସୂର୍ଯ୍ୟମନ୍ଦିର ହେଉଛି ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ । ଏହାକୁ ଅର୍କକ୍ଷେତ୍ର ବୋଲି କୁହାଯାଏ । ଏହା ସୂର୍ଯ୍ୟଙ୍କର ପୂଜାସ୍ଥଳୀ ।

'ଅର୍କ' ନାମରେ ଗୋଟିଏ ଦୈତ୍ୟ ଥିଲା । ସେ ଅର୍କ ଦୈତ୍ୟକୁ ସୂର୍ଯ୍ୟ ଏହି ସ୍ଥାନରେ ବଧ କରିଥିଲେ । ଏହି ଦୃଷ୍ଟିରୁ ଏହାକୁ ଅର୍କକ୍ଷେତ୍ର ବୋଲି ମଧ୍ୟ ଲୋକେ କୁହନ୍ତି ।

ଏହି କ୍ଷେତ୍ରଟି ଏକ ପବିତ୍ର କ୍ଷେତ୍ର । ଆମେ ଯେଉଁ କ୍ଷେତ୍ର କଥା କହୁଛେ ତାହାର ଉତ୍ତରରେ ମହୋଦଧି ବା ସମୁଦ୍ର । ଦକ୍ଷିଣରେ ଓଡ଼ିଶା ବିଖ୍ୟାତ ଚନ୍ଦ୍ରଭାଗା ନଦୀ । ଏମାନଙ୍କର ମଧ୍ୟବର୍ତ୍ତୀ ସ୍ଥାନହିଁ କୋଣାର୍କ । ଏହା ଜମ୍ବୁଦ୍ୱୀପର ଅଗ୍ନିକୋଣରେ ଅବସ୍ଥିତ । ଏଠାରେ ଗଙ୍ଗା କୋଟି ତୀର୍ଥ ଧରି ପ୍ରବାହିତ ହୁଅନ୍ତି । ଏଠାରେ ସ୍ନାନକରି ଯିଏ ସୂର୍ଯ୍ୟଙ୍କ ଦର୍ଶନ କରନ୍ତି, ସେମାନଙ୍କର କୋଟି ପାପ ନାଶହୁଏ । ମନସ୍କାମନା ପୂର୍ଣ୍ଣ ହୁଏ ।

ଚନ୍ଦ୍ରଙ୍କ ସହିତ ସମକକ୍ଷ ହୋଇପାରି ନଥିବାରୁ ଜଳପତିଙ୍କର ମନକଷ୍ଟ ଥିଲା । ସେ ଏହି ସ୍ଥାନରେ ଥିବା ଏକ କଳ୍ପବଟ ମୂଳେ ନଅଲକ୍ଷ ବର୍ଷ ସୂର୍ଯ୍ୟଙ୍କୁ ନଦେଖି ତପସ୍ୟା କଲେ । ଏକଦା ଅର୍କଦୈତ୍ୟ ବୁଲୁବୁଲୁ ସେ ସ୍ଥାନରେ ପହଞ୍ଚିଲା ଏବଂ ଜଳପତିଙ୍କୁ ଖାଇବାକୁ ଉଦ୍ୟତ ହେଲା । ସୂର୍ଯ୍ୟ ଏହାକୁ ଦେଖି ତାକୁ ବାରଣ କଲେ । କିନ୍ତୁ ସେ ଶୁଣିଲା ନାହିଁ । ପ୍ରଥମେ ଏ ଜାଗାଟିର ଦାବୀଦାର ନେଇ ଯୁଦ୍ଧ ଆରମ୍ଭ ହେଲା । ତା'ପରେ ଅର୍କଦୈତ୍ୟର ଜଳପତିଙ୍କୁ ନେଇ ଖାଦ୍ୟ । ଏନେଇ ଘମାଘୋଟ ଯୁଦ୍ଧ ହେଲା । ଦୈତ୍ୟ ସହଜେ ମଲା ନାହିଁ । ଶେଷରେ ସେହି ଚନ୍ଦ୍ରଭାଗାର କଳ୍ପବଟ ସ୍ଥାନରେ ସୂର୍ଯ୍ୟଦେବତା ଅର୍କଦୈତ୍ୟର ଛାତିରେ ମାଡ଼ିବସି ପ୍ରାଣ ନେଲେ । ଏ ସ୍ଥାନଟି ଅଗ୍ନିକୋଣରେ ଅବସ୍ଥିତ । ଏଥିପାଇଁ ଅଗ୍ନିକୋଣର ସୂର୍ଯ୍ୟଦେବତା ଅର୍କଦୈତ୍ୟକୁ ମାରିଥିବାରୁ ଏହାର ନାମ କୋଣାର୍କରେ ନାମିତ ହୋଇଅଛି । ମହାଭାରତର ଶାନ୍ତି ପର୍ବରେ ଲେଖାଅଛି :

ପୃଥ୍ୱୀ ଅଗ୍ନିକୋଣେ ଯହୁଁ ଦୈତ୍ୟ ହେଲା ହତ
ତେଣୁ ସେ କୋଣାର୍କ ନାମେ ହୋଇଛି ବିଖ୍ୟାତ ॥

ଏହା ଥିଲା ସେଦିନ ମାଘ ଶୁକ୍ଳପକ୍ଷ ସପ୍ତମୀ ଗୁରୁବାର । ସେହି ମହାଭାରତକୁ ଆଧାର କରି ଭିନ୍ନ କାହାଣୀ ଅଛି । ଏ ସ୍ଥାନକୁ କୀର୍ତ୍ତି ଆଉ ବାସ ବୋଲି ଦୁଇ ଭାଇ ଭୋଗ ଦଖଲ କରୁଥିଲେ । ଏଠାକୁ ବୁଡ଼ ପକାଇବାକୁ ଆସୁଥିବା ଲୋକଙ୍କୁ ସେମାନେ ହଇରାଣ କରୁଥିଲେ । ଋଷିମାନେ ଏକଥା ଶିବ ଓ ପାର୍ବତୀଙ୍କୁ ଜଣାଇବାରୁ, ପାର୍ବତୀ ଗଉଡୁଣୀ ବେଶରେ ଆସି ସେମାନଙ୍କୁ ନିପାତ କଲେ । ସେତେବେଳେ ସେ ଦୁହେଁ ସେ ଜାଗାର ନାମ 'କୀର୍ତ୍ତି ଓ ବାସ' ବୋଲି ରଖିବା ନିମନ୍ତେ ପାର୍ବତୀଙ୍କୁ ଅନୁରୋଧ କରିଥିଲେ । (ମହାଭାରତ ବନପର୍ବ) ।

ଲୋମ ନାମକ ଜଣେ ଋଷି ଯୁଧିଷ୍ଠିରଙ୍କୁ ଚନ୍ଦ୍ରଭାଗାର ମାହାତ୍ମ୍ୟ ସମ୍ପର୍କରେ କିଛି କହିଛନ୍ତି ଯେ, କଣୟ ନାମକ ଜଣେ ରାଜା ଏଠାରେ ରାଜୁତି କରୁଥିଲେ । ସେ ପ୍ରଜାମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରି ନପାରି ଦୁଃଖରେ ପୁତ୍ର ହସ୍ତରେ ରାଜ୍ୟଭାର ନ୍ୟସ୍ତକରି ଏଇଠି ସୂର୍ଯ୍ୟଦେବଙ୍କୁ ପଞ୍ଚଦଶ ବର୍ଷ ତପସ୍ୟା କଲେ । ସେଠାରେ ଦୈତ୍ୟ ଅର୍କାସୁର ନାମକ ଜଣେ ଦୈତ୍ୟ ତାଙ୍କୁ ହଇରାଣ କଲା । ଏଣୁ ରାଜା ସୂର୍ଯ୍ୟଙ୍କ ଶରଣ ପଶିଲେ । ସୂର୍ଯ୍ୟ ତାକୁ ମହୋଦଧିରେ ବୁଡ଼ାଇ ମାରିଲେ ।

ପୁତ୍ରକୁ ରାଜ୍ୟ ଦେଇଣ କଣୟ ରାଜନ
ଚନ୍ଦ୍ରଭାଗା ତୀର୍ଥେ ସେ ବସିଲେ ଯାଇଣ ॥
ତହିଁ ବସି କରତାର (ସୂର୍ଯ୍ୟ) ଧ୍ୟାନ ସେହି କଲେ
ପଞ୍ଚଦଶ ବର୍ଷ ଏକ ଆସନ ବସିଲେ ॥
ମକର, ଶୁକ୍ଳପକ୍ଷ ଚଉଠି ଯେ ଦିନ
ସେ ରାଜାଙ୍କୁ କଲେ ସୂର୍ଯ୍ୟ ଦରଶନ ॥

ସୂର୍ଯ୍ୟଙ୍କୁ ଦେଖି ରାଜା ସତବାର ନମି
ସ୍ତବେ କହେ ଦୈତ୍ୟହାତୁ ରକ୍ଷା କର ସ୍ୱାମୀ।
ବନ ପର୍ବ (ମହାଭାରତ)

ଏଣୁ 'କଣୟ' ଏହି 'ଅର୍କାସୁର' ନାମକୁ ଧ୍ୟାନ ଦେଇ ଏହାର ନାମ କୋଣାର୍କ ରଖାଯାଇଅଛି।

ଚଳିଗଲେ ବାରିଧି ଅଗ୍ନିକୋଣ ଆଡ଼େ
ଅର୍କଦୈତ୍ୟକୁ ଚାପିଲେ ମହୋଦଧି ଜଳେ।

ଏହି ସ୍ଥାନରେ କୃଷ୍ଣଙ୍କ ପୁତ୍ର ଶାମ୍ବ ୧୨ବର୍ଷ ତପସ୍ୟା କରିଥିଲେ। ଶେଷରେ ଏହି ମାଘ ଶୁକ୍ଳପକ୍ଷ ସପ୍ତମୀ ଦିନ ତାଙ୍କ ତପସ୍ୟାର ୨୧ଦିନର କଠିନ ସୂର୍ଯ୍ୟ ଉପାସନା ପରେ ଚନ୍ଦ୍ରଭାଗାରେ ବୁଡ଼ ପକାଇ କୁଷ୍ଠ ରୋଗରୁ ମୁକ୍ତ ହେଲେ। ପୁରାଣ କୁହେ-

ନାରଦ କହିଲେ ଶାମ୍ବ ଚାଲ ଏହି କ୍ଷଣ
ଚନ୍ଦ୍ରଭାଗା କୂଳେ ସେବ ସୂର୍ଯ୍ୟ ନାରାୟଣ॥
ଭକ୍ତି ଛଳେ ଅର୍କ ଦୈତ୍ୟ ମାରି ନିରଞ୍ଜନ
ରଖିଲେ ସେହି ତୀର୍ଥର କୋଣାର୍କ ନାମ॥

ପୁନଶ୍ଚ ପଞ୍ଚୁପାଣ୍ଡବମାନେ ତାଙ୍କ ବନବାସ ବେଳେ ଓଡ଼ିଶାରେ ଅବସ୍ଥାନ କାଳରେ ଏହି ସ୍ଥାନରେ କିଛିଦିନ ଅବସ୍ଥାନ କରି ଚନ୍ଦ୍ରଭାଗାରେ ଏହି ମାଘ ସପ୍ତମୀ ଦିନ ବୁଡ଼ ପକାଇ ପାପ ମୁକ୍ତି କାମନା କରିବା ସହିତ ଜୀବନ ଯାତ୍ରାରେ ଜୟ ମନାସି ଥିଲେ। ଏକଥା ମଧ୍ୟ ସାରଳା ଦାସଙ୍କ ମହାଭାରତରେ ଉଲ୍ଲେଖ ଅଛି।

ମାଘ ସପ୍ତମୀ ଦିନଟି ସୂର୍ଯ୍ୟ ଦେବତାଙ୍କର ଜନ୍ମତିଥି ଦୃଷ୍ଟିରୁ ମଧ୍ୟ ଏକ ଧାର୍ମିକ ଗୁରୁତ୍ୱପୂର୍ଣ୍ଣ ଦିବସ ଅଟେ।

ସୂର୍ଯ୍ୟ ପୂଜା ଉଦ୍ଦେଶ୍ୟରେ ଲାଙ୍ଗୁଳା ନରସିଂହ ଦେବ ୧୨ବର୍ଷ କାଳ ୧୨ଶହ ବଢ଼େଇ ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ପ୍ରତିଷ୍ଠା ଦିବସଟି ଥିଲା ମାଘ ଶୁକ୍ଳ ସପ୍ତମୀ ତିଥି। ଏହା ମଧ୍ୟ ବହୁ ପୁରାଣ ସିଦ୍ଧ। ମୂଳ ସୂର୍ଯ୍ୟ ମନ୍ଦିର ୧୬୨୧-୧୬୨୭ ମସିହା ମଧ୍ୟରେ ସାମୁଦ୍ରିକ ଝଡ଼ ପ୍ରଭାବରୁ ଭାଙ୍ଗି ଯାଇଥିଲା। କେତେକ ଐତିହାସିକମାନଙ୍କ ମତରେ ଏହାକୁ କଳାପାହାଡ଼ ଷୋଡଶ ଶତାବ୍ଦୀରେ ଭାଙ୍ଗି ଦେଇଥିଲା। ଆଉ କେହି କୁହନ୍ତି ବ୍ରିଟିଶ ପଣ୍ୟବାହୀ ଜାହଜର ଚୁମ୍ବକୀୟ ପ୍ରଭାବରୁ ଏହା ଭାଙ୍ଗିପଡ଼ି ଥିଲା। ତେବେ ଯାହା ହେଉ କୋଉ ଦୂର ଅତୀତରୁ ଏଠାରେ ମାଘମେଳା ଚାଲିଛି, ବୁଡ଼ ପଡୁଛି ଏବଂ ସେହି ଧାର୍ମିକ ବିଶ୍ୱାସରେ ପାପ କ୍ଷୟ ହେଉଛି। ମହାଭାରତରେ ବର୍ଣ୍ଣିତ ଅଛି ଯେ ଏଠାରେ ମାଘ ସପ୍ତମୀ ତିଥିରେ ରାତ୍ରୀ ଉଜାଗର ରହି ସକାଳୁ ସୂର୍ଯ୍ୟ ଦର୍ଶନ ପୂର୍ବକ ସ୍ନାନ,ଦାନ ଓ ଧର୍ମ ଯିଏ କରେ, ତା'ଠୁ ବଳି ପୁଣ୍ୟାତ୍ମା ସଂସାରେ କେହି ନାହିଁ।

ସପ୍ତମୀର ସ୍ନାନ, ଦାନ, ଧର୍ମ ଯେହୁ କରେ
ତାହା ସମ ପୁଣ୍ୟାତ୍ମା କେହି ନାହିଁ ଏ ସଂସାରେ
କୋଣାର୍କ ବୋଲିଣ ଯେହୁ ଅଟେ ତୀର୍ଥ ଗୋଟି
ତାହାକୁ ସମାନ ନୁହେଁ ତୀର୍ଥ କୋଟି କୋଟି
କୋଟି କୋଟି ଗୋରୁଦାନ କୋଟି ଅଶ୍ୱଗଜ
କୋଟି ଏକ କନ୍ୟା ପୁଣି କୋଟି ଏକ ରାଜ୍ୟ।
କୋଟି ପର୍ବତ ସମ ଦାନ ଦେଲେ ହୀରା
ତଥାପି ସମ ନୋହିବେ ଅର୍କତୀର୍ଥ ପର!

କୋଣାର୍କ ସୂର୍ଯ୍ୟ ଉପାସନାର ପୌରାଣିକ ମତେ ଏକ ଶ୍ରେଷ୍ଠସ୍ଥାନ। ଓଡ଼ିଆମାନଙ୍କର ଧର୍ମ-ଧାରଣା ଓ ବିଶ୍ୱାସର ପରମ୍ପରାକୁ ନେଇ ବୋଧହୁଏ ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଳା ନରସିଂହଦେବ ଏଠାରେ ସୂର୍ଯ୍ୟମନ୍ଦିର ସ୍ଥାପନ କରିବାର ଏକ ମୁଖ୍ୟ କାରଣ ହୋଇପାରେ ।

ବିକାଶ ନଗର
ଜଟଣୀ, ଖୋର୍ଦ୍ଧା

❖ ❖ ❖

# ଓଡ଼ିଶା ବିଧାନସଭାରେ ମାନ୍ୟବର ରାଜ୍ୟପାଳ ଡକ୍ଟର ଏସ୍.ସି. ଜମିରଙ୍କ ଅଭିଭାଷଣ

ବାଚସ୍ପତି ମହୋଦୟ ଓ ମାନ୍ୟବର ସଭ୍ୟବୃନ୍ଦ,

ପଞ୍ଚଦଶ ଓଡ଼ିଶା ବିଧାନସଭାର ତୃତୀୟ ଅଧିବେଶନକୁ ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଆପଣମାନଙ୍କୁ ସ୍ୱାଗତ କରୁଛି । ଏ ଅବସରରେ ସମସ୍ତ ମାନ୍ୟବର ସଦସ୍ୟ ତଥା ଓଡ଼ିଶାବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

**୨.** ଏହି ପବିତ୍ର ଗୃହ ରାଜ୍ୟର ଉନ୍ନତିରେ ଉଲ୍ଲେଖନୀୟ ଯୋଗଦାନ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡଃ ରାମ ପ୍ରସାଦ ମିଶ୍ର ଏବଂ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକ, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ସ୍ୱର୍ଗତ ମୋହନ ନାଗ ଏବଂ ସ୍ୱର୍ଗତ ବ୍ରହ୍ମାନନ୍ଦ ବିଶ୍ୱାଳ, ଏହି ପବିତ୍ର ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତ ରାବଣେଶ୍ୱର ମଢେଇ, ସ୍ୱର୍ଗତ ହଳଧର ମିଶ୍ର ଏବଂ ସ୍ୱର୍ଗତ ପୁରୁଷୋତ୍ତମ ନାୟକଙ୍କ ଦୁଃଖଦ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଅଛି ।

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ରାମେଶ୍ୱର ଠାକୁର, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭୂପାଳ ଚନ୍ଦ୍ର ମହାପାତ୍ର, ଏହି ପବିତ୍ର ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତ ତାରିଣୀ ଚରଣ ପଟ୍ଟନାୟକ ଏବଂ ୨୨୩ ସିଆରପିଏଫ୍ ବାଟାଲିୟନର ପୂର୍ବତନ କନଷ୍ଟେବଲ୍ ସ୍ୱର୍ଗତ ପଦ୍ମଲୋଚନ ମାଝି ଯେଉଁମାନେ କି ଇତି ମଧ୍ୟରେ ଆମ ଠାରୁ ବିଦାୟ ନେଇଛନ୍ତି ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ମୋ ସହିତ ଯୋଗ ଦେବାକୁ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ଅନୁରୋଧ କରୁଛି । ଦିବଂଗତ ସଦସ୍ୟମାନଙ୍କର ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ଉଦ୍ଦେଶ୍ୟରେ ଏହି ପବିତ୍ର ଗୃହ ମାଧ୍ୟମରେ ଆମେ ସଭିଏଁ ଆତ୍ମମାନଙ୍କର ହୃଦୟର ଗଭୀରତମ ପ୍ରଦେଶରୁ ଆନ୍ତରିକ ସମବେଦନା ଜଣାଉଛୁ ।

**୩.** ଏକ ପୋଷଣୀୟ ସମାଜ ଗଠନ ନିମନ୍ତେ ଆମ ସମ୍ମୁଖରେ ରହିଥିବା ପରିବର୍ତ୍ତନଶୀଳ ସୁବିଧାସୁଯୋଗସମୂହର ଆବଶ୍ୟକତା ମୁତାବକ ସଦୁପଯୋଗ କରି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା ପାଇଁ ଓଡ଼ିଶା ଆଜି ଏକ ନିର୍ଣ୍ଣାୟକ ମୋଡ଼ରେ ଉପନୀତ ହୋଇଛି । ଆମେ ଆମ ପାଇଁ ଆଜି ଅବଲମ୍ବନ କରୁଥିବା ମାର୍ଗ ହିଁ ଆଗାମୀ ସମୟରେ ଆମେ ଗଢ଼ିବାକୁ ଚାହୁଁଥିବା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

**୪.** ଲୋକାଭିମୁଖୀ ସୁଶାସନର ସୁଫଳ ଜନସାଧାରଣଙ୍କ ନିକଟରେ ତ୍ୱରିତ ଗତିରେ ପହଞ୍ଚାଇବାର ଉଦ୍ୟମରେ ଆମେ ସଫଳ ହୋଇ ପାରିଥିବା ଯୋଗୁଁ ଏକ ଉନ୍ନତ ଭବିଷ୍ୟତ ଗଠନର ଆକାଙ୍କ୍ଷା ଏବେ କ୍ରମାଗତ ଭାବରେ ଦୃଢ଼ ହେବାରେ ଲାଗିଛି । ଜନସାଧାରଣଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ଆଶା, ଆକାଙ୍କ୍ଷାର ଆହ୍ୱାନ ପ୍ରତି ଆମକୁ ଏବେ ଆହୁରି ସଜାଗ ଏବଂ ତତ୍ପର ରହିବାକୁ ପଡ଼ିବ । ପ୍ରଶାସନିକ ବ୍ୟବସ୍ଥାର ଉପଲବ୍ଧି ତଥା ଅନୁକମ୍ପା ଗ୍ରହଣ କରିବା ପାଇଁ ପରୋକ୍ଷ ଭାବରେ ଅପେକ୍ଷା ନକରି ନିଜର ନ୍ୟାଯ୍ୟ ଅଧିକାର ହାସଲ ପାଇଁ ସମସ୍ତେ ଶାସନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବା ପାଇଁ ଆଗଭର ହୁଅନ୍ତୁ ଏହା ହିଁ ଆମେ ଚାହୁଁଛୁ ।

**୫.** ପ୍ରଶାସନିକ ବ୍ୟବସ୍ଥାରେ ପ୍ରତ୍ୟେକ ନାଗରିକ ଜଣେ ଜଣେ ପ୍ରମୁଖ ଭାଗୀଦାର ହୁଅନ୍ତୁ, ଏହା ନିଶ୍ଚିତ କରାଇବା ପାଇଁ ଆମକୁ ସ୍ୱତଃପ୍ରବୃତ୍ତ ଅଂଶଗ୍ରହଣର ଏକ ନୂତନ ସଂଜ୍ଞା ନିରୁପଣ କରିବାକୁ ହେବ, ଯାହା ପ୍ରକାରାନ୍ତରେ ଆମ ପ୍ରଶାସନିକ ଶୃଙ୍ଖଳାର ଆଦର୍ଶ ଭାବରେ ପରିଗଣିତ ହେବ । ଜନସାଧାରଣଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରଶାସନିକ ଶୃଙ୍ଖଳାର ପ୍ରତ୍ୟେକ ସ୍ତରରେ ଅଧିକ ଉତ୍ତରଦାୟିତ୍ୱ ସହିତ ସେବା ପ୍ରଦାନରେ କ୍ଷିପ୍ରତା ତଥା ନିରନ୍ତରତା ବଜାୟ ରଖିବାକୁ ହେବ । ଆମକୁ ସମ୍ମିଳିତ ଭାବରେ ଏଭଳି ଏକ ବିଶ୍ୱସ୍ତ ବାତାବରଣ ସୃଷ୍ଟି କରିବା ପାଇଁ ହେବ, ଯାହା ନିଃସନ୍ଦେହରେ ଜନସାଧାରଣଙ୍କର ନ୍ୟାଯ୍ୟ ଦାବୀ ପୂରଣ ନିମନ୍ତେ ଆମ ଦୃଢ଼ ପ୍ରତିବଦ୍ଧତାର ନିଦର୍ଶନ ହୋଇପାରିବ । ମୁଁ ଆପଣମାନଙ୍କ ଆଶ୍ୱସ୍ତି ପାଇଁ ଏକଥା ଅବଶ୍ୟ ଉପସ୍ଥାପନ କରୁଛି ଯେ ଏ ସରକାର ଅତୀତରେ ଯେଉଁ ଦକ୍ଷତା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି, ତାହା ଆଗାମୀ ସମୟରେ ନିଃସନ୍ଦେହରେ ଅବଲମ୍ବନ କରିବ ।

**୬.** ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶା ପ୍ରଶଂସନୀୟ ଅଗ୍ରଗତି ହାସଲ କରିଛି । ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥାର ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ଦ୍ୱାଦଶ ଯୋଜନା ଅବଧିର ପ୍ରଥମ ଦୁଇବର୍ଷରେ ୬.୮୪ ପ୍ରତିଶତ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ହାସଲ କରାଯାଇଛି, ଯାହା ସେହି ସମୟରେ ଜାତୀୟ ସ୍ତରରେ ହାସଲ କରାଯାଇଥିବା ୪.୭ ପ୍ରତିଶତ ଅଭିବୃଦ୍ଧି ହାର ଠାରୁ ତୁଳନାତ୍ମକ ଭାବରେ ଯଥେଷ୍ଟ ଅଧିକ । ୧୯୯୯–୨୦୦୦ ମସିହାରେ ରହିଥିବା ଟ.୧୪,୮୬୨ଙ୍କାର ପ୍ରକୃତ ମୁଣ୍ଡପିଛା ଆୟ ଆଶାନୁରୂପ ଭାବରେ ବୃଦ୍ଧି ପାଇ ୨୦୧୨–୧୩ ସୁଦ୍ଧା ଟ.୨୫,୪୧୫ଙ୍କାରେ ପହଞ୍ଚି ସାରିଛି ଏବଂ ସମଗ୍ର ଭାରତବର୍ଷରେ ଓଡ଼ିଶା ୨୦୦୪–୦୫ ରୁ ୨୦୧୧–୧୨ ମଧ୍ୟରେ ସର୍ବାଧିକ ୨୪.୬ ପ୍ରତିଶତ ଦାରିଦ୍ର୍ୟ ହାର ହ୍ରାସ କରାଇ ପାରିଥିବା ଏକମାତ୍ର ରାଜ୍ୟ ଅଟେ ।

**୭.** ମୋ ସରକାର କ୍ରମାଗତ ଭାବରେ ଏକ ସହନୀୟ ତଥା ସମଗ୍ରାହୀ ଉଚ୍ଚତର ଅର୍ଥନୈତିକ ଅଭିବୃଦ୍ଧି, ପ୍ରଗତିଶୀଳ ସାମଗ୍ରୀକ ବିକାଶ, ଆଞ୍ଚଳିକ, ସାମାଜିକ ତଥା ଲିଙ୍ଗଗତ ବୈଷମ୍ୟ ହ୍ରାସ ଏବଂ ଦ୍ରୁତତର ଦାରିଦ୍ର୍ୟ ହାର ହ୍ରାସ ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରଖିଛି ।

**୮.** ଅଭିଳଷିତ ଅଭିବୃଦ୍ଧି ହାର ବଜାୟ ରଖିବା ସହିତ ଆମ ସମଗ୍ରାହୀ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ପାଇଁ ମୋ ସରକାର ଘରୋଇ କ୍ଷେତ୍ର ସହିତ ସହଭାଗୀତା ମାଧ୍ୟମରେ ଆବଶ୍ୟକୀୟ ଭିତ୍ତିଭୂମି ଉନ୍ନୟନ ଏବଂ ସେବା ପ୍ରଦାନ ପାଇଁ ସରକାରୀ–ଘରୋଇ–ସହଭାଗୀତା ପଦ୍ଧତିକୁ ପ୍ରୋତ୍ସାହିତ କରୁଛି ।

**୯.** ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ସଂପାଦିତ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସହିତ ମୋ ସରକାର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ସ୍ୱତନ୍ତ୍ର ଉନ୍ନୟନ ଯୋଜନା, ସ୍ୱତନ୍ତ୍ର ସମସ୍ୟା ଅନୁଦାନ ଏବଂ ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନିବିଡ ଭାବରେ ଅନୁଧ୍ୟାନ କରୁଛି । ମୁଁ ଏକଥାରେ ଆନନ୍ଦିତ ଯେ ମୋ ସରକାର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ୮୧ ଭାଗ ଅର୍ଥ ବିନିଯୋଗ କରିବା ସହିତ ଶତକଡ଼ା ୮୯ ଭାଗ ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିଛି ଏବଂ ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ୮୪ ଭାଗ ଅର୍ଥ ବ୍ୟୟ କରାଯିବା ସହିତ ୯୪ ଭାଗ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

**୧୦.** ଆମେ ଏହି ବର୍ଷ ଶ୍ରୀଜୀଉଙ୍କ ନବକଳେବର ଦର୍ଶନ କରିବା ପାଇଁ ସୁଯୋଗ ପାଇଥିବାରୁ ଭାଗ୍ୟବାନ । ଲକ୍ଷାଧିକ ଭକ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ ନିମନ୍ତେ ଆମ ମାଟିରେ ପାଦ ରଖିବେ ବୋଲି ଆମେ ଆଶା କରୁଛୁ । ଏ ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ପାରିବା ସବୁଠାରୁ ବଡ଼ ଆହ୍ୱାନ ହୋଇ ଠିଆ ହୋଇଥିବା ବେଳେ, ଏଭଳି ଏକ ବିଶାଳ ଜନସମାଗମକୁ ନିୟନ୍ତ୍ରଣ କରିପାରିବା ପ୍ରଶାସନ ପାଇଁ ନିଶ୍ଚିତ ଭାବରେ ଏକ କଷ୍ଟସାଧ କାର୍ଯ୍ୟ ହେବ । ମାତ୍ର ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଆଶ୍ୱସ୍ତ କରିଦେବାକୁ ଚାହେଁ ଯେ ମୋ ସରକାର ଏ ଦିଗରେ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିସାରିଛି, ଯାହା ସହିତ ଆବଶ୍ୟକୀୟ ନିର୍ଣ୍ଣାୟକ ପଦକ୍ଷେପ ଏବଂ ଉତ୍ସର୍ଗୀକୃତ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ଆମ ସମସ୍ତଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କର ନବକଳେବର ଉତ୍ସବ ସୁରୁଖୁରୁରେ ସମ୍ପନ୍ନ କରାଯାଇପାରିବ ।

**୧୧.** ନିରାପଦ ପାନୀୟ ଜଳଯୋଗାଣ, ଉନ୍ନତ ପରିମଳ ବ୍ୟବସ୍ଥା, ନର୍ଦ୍ଦମା ଜଳ ଏବଂ ଆବର୍ଜନା ନିଷ୍କାସନ, ପାୱାର ଗ୍ରୀଡ୍ ଷ୍ଟେସନ୍‌ଗୁଡ଼ିକର ସଂପ୍ରସାରଣ ସହିତ ନବୀକୃତ ବିଦ୍ୟୁତ ବିତରଣ ବ୍ୟବସ୍ଥା, ପୁରୀ ସହିତ ରାସ୍ତା ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତିକରଣ ଏବଂ ଉନ୍ନତମାନର ଯାତ୍ରୀ ରହଣି ସୁବିଧା ସହିତ ରେଳ ଷ୍ଟେସନର ଉନ୍ନତିକରଣ, ସ୍ୱାସ୍ଥ୍ୟ ସେବା ସୁବିଧାରେ ଉନ୍ନତି ଏବଂ ଟ୍ରମା ସେଣ୍ଟର ଓ ଆଇସିୟୁ ସ୍ଥାପନ କରାଯାଇ ଦର୍ଶନାର୍ଥୀମାନଙ୍କୁ ଏ ବର୍ଷର ନବକଳେବର ସମୟରେ ଏକ ଅନୁପମ ଅଭିଜ୍ଞତା ପ୍ରଦାନ କରାଯିବା ନିମନ୍ତେ ପ୍ରଚେଷ୍ଟା କରାଯିବ ।

**୧୨.** ଆର୍ଥିକ ସ୍ଥିତିରେ ଆଶାନୁରୂପ ଉନ୍ନତି ଆମକୁ ବଳକା ରାଜସ୍ୱ ବ୍ୟୟରେ ପୁଞ୍ଜି ସମ୍ପତ୍ତି ସୃଷ୍ଟି କରିବା ପାଇଁ ପ୍ରଭୁତ ସୁଯୋଗ ଆଣି ଦେଇଛି । ଆମେ ସିଧାସଳଖ ବିଗତ ୮ବର୍ଷ ଧରି ଖୋଲା ବଜାରରୁ କୌଣସି ଋଣ ଉଠାଇ ନଥିବା କଥା ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଭାବରେ ଏକ ଉତ୍ତମ ଅନୁକରଣୀୟ ଉଦାହରଣ ।

**୧୩.** ସରକାରୀ ବ୍ୟୟରେ ଦକ୍ଷତା ବୃଦ୍ଧି ତଥା ବ୍ୟୟ କରାଯାଇଥିବା ଅର୍ଥରୁ ଅଧିକ ମୂଲ୍ୟ ହାସଲ କରିବା ଆମ ବିତ୍ତ ପରିଚାଳନା ପଦ୍ଧତିର ଦୁଇଟି ପ୍ରମୁଖ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ମୋ ସରକାର ମୁଖ୍ୟ ବଜେଟ୍‌ରୁ କୃଷିକୁ ଅଲଗା କରି କୃଷି କ୍ଷେତ୍ର ପାଇଁ ଏକ ସ୍ୱତନ୍ତ୍ର ବଜେଟ୍ ଆଗତ କରିବା ସହିତ ସର୍ବାଧୁନିକ ପ୍ରଯୁକ୍ତି ବିଦ୍ୟା ସମର୍ଥ ବିତ୍ତ ପରିଚାଳନା ପଦ୍ଧତି ପ୍ରଚଳନ କରିଛି । ସେଣ୍ଟ୍ରାଲ ଇଲେକ୍‌ଟ୍ରୋନିକ୍ ପେମେଣ୍ଟ ପ୍ରୋସେସିଂ ସିଷ୍ଟମ୍ ବ୍ୟବହାର କରାଯାଇ ଏବେ କଣ୍ଟ୍ରାକ୍ଟରମାନଙ୍କ ସମେତ ସମସ୍ତ ଭେଣ୍ଡରମାନଙ୍କୁ 'ଇ–ପ୍ରଦାନ ଏବଂ ଇ–ଚେକ୍ ପ୍ରଦାନ ବ୍ୟବସ୍ଥା' ମାଧ୍ୟମରେ ସମସ୍ତ ଦେୟ ପ୍ରଦାନର ବ୍ୟବସ୍ଥା ଅନୁସୃତ ହେଉଛି । ମୋ ସରକାର ଲୋକାଲ୍ ଫଣ୍ଡ ଅଡିଟ୍ ବ୍ୟବସ୍ଥାର ପୂର୍ଣ୍ଣ ସ୍ୱୟଂକ୍ରିୟକରଣ କରିସାରିଛି ଏବଂ ଓଡ଼ିଶା ସେଣ୍ଟ୍ରାଲ୍ ଅଡିଟ୍ ମ୍ୟାନେଜ୍‌ମେଣ୍ଟ ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇ ସିଏଜିଙ୍କ ଦ୍ୱାରା ପ୍ରଦତ୍ତ ମନ୍ତବ୍ୟଗୁଡ଼ିକ ଉପରେ ମତାମତ ଦେବା ସଫଳତାର ସହିତ ପରିଚାଳନା କରାଯାଇପାରୁଛି ।

**୧୪.** ରାଜ୍ୟର ୬୦ ଭାଗରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ ହୋଇଥିବା ହେତୁ ମୋ ସରକାର ସର୍ବଦା କୃଷି କ୍ଷେତ୍ରର ଆବଶ୍ୟକତା ପ୍ରତି ଯଥେଷ୍ଟ ସମ୍ବେଦନଶୀଳ । କୃଷି ଉତ୍ପାଦନ ତଥା ଉତ୍ପାଦକତା ପାଇଁ ଇତି ମଧ୍ୟରେ ଲଗାତାର ଜାତୀୟ ସ୍ତରରେ 'କୃଷି କର୍ମଣ ପୁରସ୍କାର' ଲାଭ କରିବା ମୋ ସରକାରଙ୍କର ଏହି କ୍ଷେତ୍ର ପ୍ରତି ରହିଥିବା ଦୃଢ ପ୍ରତିବଦ୍ଧତାର ପ୍ରମାଣ । ମୁଁ ଏ ଅବସରରେ ମୋ ରାଜ୍ୟର କୃଷକମାନଙ୍କୁ ସେମାନେ ପ୍ରଳୟଙ୍କରୀ ଫାଇଲିନ୍ ଏବଂ ହୁଦ୍‌ହୁଦ୍ ପରବର୍ତ୍ତୀ ସମୟରେ ପ୍ରଦର୍ଶନ କରିଥିବା ଅସୀମ ଧୈର୍ଯ୍ୟ ଏବଂ ସତ୍‌ସାହସକୁ ଉଚ୍ଚପ୍ରଶଂସା କରିବା ସହିତ ସେମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ ଆମ ରାଜ୍ୟ ଯେ ପୁଣିଥରେ ଏ ବର୍ଷ ସର୍ବକାଳୀନ ସର୍ବାଧିକ ୧୨୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ଯାଉଛି ଏହା ମୁକ୍ତ କଣ୍ଠରେ ପ୍ରକାଶ କରୁଛି ।

**୧୫.** ଆମ କୃଷକମାନଙ୍କର ସାମାଜିକ–ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ମୋ ସରକାରଙ୍କ ଦ୍ୱାରା ଅତୀତରେ ଗ୍ରହଣ କରାଯାଇଥିବା ବିଜୁ କୃଷକ ବିକାଶ ଯୋଜନା, ଜଳନିଧି ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଏବେ କୃଷକମାନଙ୍କୁ ମିଳିବାରେ ଲାଗିଛି ଏବଂ ଅଧିକରୁ ଅଧିକ କୃଷକମାନଙ୍କୁ ଏହିଭଳି କାର୍ଯ୍ୟକ୍ରମ ଗୁଡ଼ିକରେ ସାମିଲ କରାଇବା ପାଇଁ ଆମକୁ ପ୍ରୋତ୍ସାହିତ କରାଇଛି ।

**୧୬.** କୃଷି କ୍ଷେତ୍ରର ଅଭିବୃଦ୍ଧି ବଜାୟ ରଖିବା ନିମନ୍ତେ ମୋ ସରକାର ଏହି କ୍ଷେତ୍ରରେ ଅଧିକ ନିବେଶ ଏବଂ ଅନ୍ୟାନ୍ୟ ସେବା ସୁବିଧା ଉପଲବ୍ଧ କରାଇବା ପାଇଁ ସଂଖ୍ୟାଧିକ ପଦକ୍ଷେପ ଗ୍ରହଣ କରିଛି । ମୋ ସରକାର ମୃତ୍ତିକା ପରୀକ୍ଷଣ ସୁବିଧାକୁ ବ୍ୟାପକ କରିବା ପାଇଁ ଅଧିକ ତିନିଟି ସ୍ଥାୟୀ ଏବଂ ତିନିଟି ଭ୍ରାମ୍ୟମାଣ ପରୀକ୍ଷଣାଗାର ସୁବିଧା ଯୋଗାଇ ଦେବ ।

**୧୭.** ୧ ଶହ କୋଟି ଟଙ୍କାର ଏକ ସୁଧବିହୀନ କ୍ଷୁଦ୍ର ଅବଧି କର୍ପସ ପାଣ୍ଠି ସୃଷ୍ଟି କରାଯାଇ ମାର୍କଫେଡ୍ ଏବଂ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ ଦ୍ୱାରା ରାସାୟନିକ ସାର କ୍ରୟ ତଥା ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ । ସେହିଭଳି ଆଉ ୧ଶହ କୋଟି ଟଙ୍କାର ପାଣ୍ଠି ବିହନ ଯୋଗାଣକାରୀ ସଂସ୍ଥାମାନଙ୍କ ପାଇଁ ବ୍ୟବସ୍ଥା କରାଯିବ ଯାହା ଫଳରେ ସେମାନେ ବୁଣାବୁଣି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଉନ୍ନତମାନର ବିହନ ସଂଗ୍ରହ କରି ଆବଶ୍ୟକ ସ୍ଥାନରେ ଗଚ୍ଛିତ ରଖିପାରିବେ ।

**୧୮.** ବିଭିନ୍ନ ଦେଶୀୟ ବିହନ ସଂରକ୍ଷଣ ନିମନ୍ତେ ମୋ ସରକାରଙ୍କ ଦ୍ୱାରା ଏକ ଜିନ୍ ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇ ୪୩୮ କିସମର ଧାନ ବିହନ ପଞ୍ଜିକରଣ କରାଯାଇ ପାରିଛି ଯାହା ସମଗ୍ର ଭାରତବର୍ଷରେ ଅନନ୍ୟ । କୃଷି କ୍ଷେତ୍ରରେ ଆଗ୍ରହୀ ଯୁବକମାନଙ୍କୁ ବ୍ୟବସାୟିକ ସୁଯୋଗ ଯୋଗାଇ ଦେବା ପାଇଁ ବ୍ୟବସାୟିକ କୃଷି ଉଦ୍ୟୋଗ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ମୋ ସରକାର ଇତି ମଧ୍ୟରେ ୮୮୯ଟି ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା କରିସାରିଲାଣି ।

**୧୯.** ଉଦ୍ୟାନ କୃଷି ପାଇଁ ଆମ ରାଜ୍ୟରେ ସର୍ବୋତ୍ତମ ଅନୁକୂଳ ପରିବେଶ ରହିଥିବା ବେଳେ ଆମେ ଯେମିତି ଉଦ୍ୟାନ କୃଷି ଉତ୍ପାଦନରେ ପଛରେ ପଡିନଯିବା ତାକୁ ଆଖି ଆଗରେ ରଖି ମୋ ସରକାର ଜାତୀୟ ଉଦ୍ୟାନ କୃଷି ମିଶନରୁ ମିଳୁଥିବା ସୁବିଧା ସୁଯୋଗ ଉପରେ ରାଜ୍ୟ ବଜେଟ୍‌ରୁ ୨୦ ପ୍ରତିଶତ ଅତିରିକ୍ତ ପ୍ରୋତ୍ସାହନ ଉଦ୍ୟାନ କୃଷି କାର୍ଯ୍ୟ ପ୍ରଣାଳୀରେ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ଯୋଗାଇଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୨୦.** ନିଶ୍ଚିତ ଜଳସେଚନ ସୁବିଧାର ଗୁରୁତ୍ୱ ଉପଲବ୍ଧି କରି ମୋ ସରକାର 'ଜଳକ୍ଲାନ୍ତ ଅଞ୍ଚଳରେ ଭୂତଳ ଜଳର ସୁପରିଚାଳନା କାର୍ଯ୍ୟକ୍ରମ' ଜରିଆରେ ଖରିଫ ଋତୁରେ ପ୍ରତ୍ୟେକ ଚାଷୀଙ୍କୁ ୫ ହେକ୍ଟର ଏବଂ ରବି ଫସଲ ସମୟରେ ୨ ହେକ୍ଟର ଫସଲକୁ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ବଦ୍ଧପରିକର । ଏ ଲକ୍ଷ୍ୟ ହାସଲ କରିବା ପାଇଁ ମୋ ସରକାର ଇତିମଧ୍ୟରେ ୨୧,୪୨୩ ବୋର୍‌ୱେଲ୍ ବସାଇ ସାରିଛି ।

**୨୧.** ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ବର୍ତ୍ତମାନ ୧.୧୨ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳରେ ୨୮୮୫ଟି ଅଣୁ ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟ କରୁଛି ଏବଂ ପ୍ରକଳ୍ପ ଅଞ୍ଚଳରେ ୪୧୭୬ଟି ସ୍ୱୟଂ ସହାୟକ ଦଳ ଗଠନ ସହିତ ରାଜ୍ୟର ୪୨,୦୮୬ ଭୂମିହୀନ ଏବଂ ସମ୍ପତ୍ତିବିହୀନ ପରିବାର ଏହା ଦ୍ୱାରା ଉପକୃତ ହୋଇଛନ୍ତି ।

**୨୨.** କୃଷିକ୍ଷେତ୍ରରେ ଶିକ୍ଷିତ ଏବଂ ପ୍ରଶିକ୍ଷିତ ମାନବ ସମ୍ବଳ ସୃଷ୍ଟି ତଥା ଉନ୍ନତମାନର ଗବେଷଣା ଏବଂ ଉନ୍ନୟନ ସହାୟତା ଯୋଗାଇବା ପାଇଁ ମୋ ସରକାର କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଉଛି ।

**୨୩.** ଅତିରିକ୍ତ ୧୦ଲକ୍ଷ ହେକ୍ଟର ଚାଷ ଜମିକୁ ଆସନ୍ତା ୫ବର୍ଷ ମଧ୍ୟରେ ବୃହତ ଉଠାଜଳସେଚନ ପ୍ରକଳ୍ପ, ଅଣୁ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ତଥା ମଧ୍ୟମ ଏବଂ ବୃହତ ଜଳସେଚନ ପ୍ରକଳ୍ପ ପୂର୍ଣ୍ଣାଙ୍ଗକରଣ ଦ୍ୱାରା ନିଶ୍ଚିତ ଜଳସେଚନ ସୁବିଧା ସଂପ୍ରସାରଣ କରିବା ପାଇଁ ମୋ ସରକାର ନିଷ୍ପତ୍ତି ଗ୍ରହଣ କରିଛି ।

**୨୪.** ନଦୀ ଏବଂ କେନାଲ ବନ୍ଧ ରାସ୍ତାର ମାନ ଉନ୍ନତି ନିମନ୍ତେ ''ଜଳ ସେଚନ ରାସ୍ତା ନିର୍ମାଣ ଏବଂ ଉନ୍ନତିକରଣ ଯୋଜନା'' ନାମକ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ବନ୍ୟା ନିୟନ୍ତ୍ରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ସାଧନ ପାଇଁ ମୋ ସରକାର ''ଜଳ ନିଷ୍କାସନ ଉନ୍ନତିକରଣ କାର୍ଯ୍ୟକ୍ରମ'' ମଧ୍ୟ ଆରମ୍ଭ କରିଛି । ମୋ ସରକାରଙ୍କ ଦ୍ୱାରା ସହଭାଗୀ ସେଚ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରାଯାଇ ସେଚ ସମ୍ପତ୍ତିର ସଠିକ୍ ପରିଚାଳନା ଉଦ୍ଦେଶ୍ୟରେ ଅଦ୍ୟାବଧି ୧୫.୨୮ ଲକ୍ଷ ହେକ୍ଟର ଚାଷ ଅଞ୍ଚଳ ୨୨,୪୪୪ ପାଣିପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି ।

**୨୫.** ମୋ ସରକାରଙ୍କ ପାଇଁ ସମବାୟ ଆନ୍ଦୋଳନର ସଶକ୍ତିକରଣ ତଥା ପରିବର୍ଦ୍ଧନ ସର୍ବାଧିକ ପ୍ରାଥମିକତା ହାସଲ କରିଛି ଏବଂ ଏହି କ୍ଷେତ୍ରରେ ଅଭିଳଷିତ ଲକ୍ଷ୍ୟ ହାସଲ କରିବା ପାଇଁ ମୋ ସରକାର ଆବଶ୍ୟକୀୟ ଆଇନଗତ ସଂସ୍କାର ଆଣିବା ସହ କ୍ରମାଗତ ଭାବରେ ଏହି ପ୍ରମୁଖ କ୍ଷେତ୍ରରେ ଅଧିକରୁ ଅଧିକ ଅର୍ଥ ବରାଦ କରିଛି ।

**୨୬.** ସମବାୟ କ୍ଷେତ୍ରରେ ମୋ ସରକାର କୃଷକଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏକ ବହୁସ୍ତରୀୟ ଆଭିମୁଖ୍ୟ ଗ୍ରହଣ କରିଛି । କିଶାନ କ୍ରେଡ଼ିଟ୍ କାର୍ଡ ଜରିଆରେ ମୋ ସରକାର କୃଷି ଋଣ ଯୋଗାଇ ଦେବା ସହିତ ଠିକ୍ ସମୟରେ ବକେୟା ଋଣ ପରିଶୋଧ କରିବା

ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରୁଛି, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ପ୍ରଚଳିତ କିଶାନ କ୍ରେଡ଼ିଟ୍ ଗୋଲ୍ଡ କାର୍ଡ ମାଧ୍ୟମରେ ୨୫ ହଜାର ଟଙ୍କାର ମାଗଣା ଦୁର୍ଘଟଣା ବୀମା ସହିତ ୫ ହଜାର ଟଙ୍କାର ବ୍ୟୟ ଋଣ ଖିଲାପି କରୁନଥିବା କୃଷକମାନଙ୍କୁ ପ୍ରଦାନ କରାଯାଉଛି । କୃଷି ଋଣ ଲଗାଣ କ୍ଷେତ୍ରରେ କୃଷକମାନଙ୍କ ଋଣ ଗ୍ରହଣ ଆଗ୍ରହକୁ ଦୃଷ୍ଟିରେ ରଖି ୨୦୧୫-୧୬ ସୁଦ୍ଧା ଆମେ ୮,୫୦୦ କୋଟି ଟଙ୍କାର କୃଷି ଋଣ ଯୋଗାଇ ଦେବା ଲକ୍ଷ୍ୟ ରଖିଛୁ ।

**୨୭.** କୃଷକ ଯେଭଳି ତା' ଧାନ ବିକ୍ରୟ କଲାବେଳେ ଧାର୍ଯ୍ୟ ସହାୟକ ମୂଲ୍ୟ ପାଇପାରିବ ଏବଂ ଅଭାବୀ ବିକ୍ରି ଅବସ୍ଥାର ସମ୍ମୁଖୀନ ହେବ ନାହିଁ ଏହା ନିଶ୍ଚିତ କରିବା ପାଇଁ ମୋ ସରକାର ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ଧାନ ସଂଗ୍ରହଣରେ ଏକ ଅତିରିକ୍ତ ସଂସ୍ଥା ଭାବରେ କାର୍ଯ୍ୟ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି । ସମବାୟ କ୍ଷେତ୍ରରେ ଚାଲୁ ରହିଥିବା ତିନିଟି ଚିନି କଳର ଆଧୁନିକୀକରଣ ତଥା କାରଖାନା ଏବଂ ଯନ୍ତ୍ରାଂଶ ନବୀକରଣ, ତ୍ରୟୋଦଶ ଅର୍ଥ କମିଶନ ଅନୁଦାନରୁ ମାର୍କେଟ୍ ୟାର୍ଡ ନିର୍ମାଣ, ସଂରକ୍ଷଣ ସୁବିଧା ସୃଷ୍ଟି, ଧାନ ସଂଗ୍ରହଣ ଜିଲ୍ଲା ଗୁଡ଼ିକରେ କଂକ୍ରିଟ ଅମଳ ଅଗଣା ତିଆରି ଏବଂ କୃଷକମାନଙ୍କୁ ବଜାର ଦର, କୃଷି ସୂଚନା ଏବଂ ପାଣିପାଗ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ମୋବାଇଲ ଫୋନ୍ ଯୋଗାଣ ଭଳି କେତେଗୁଡ଼ିଏ ଉଲ୍ଲେଖନୀୟ କାର୍ଯ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମୋ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।

**୨୮.** ନିକଟ ଅତୀତରେ ବାମପନ୍ଥୀ ଉଗ୍ରବାଦ ବହୁ ପରିମାଣରେ ହ୍ରାସ ପାଇଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳକୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପ୍ରସାରଣ କରାଯାଇ ସମଗ୍ରାହୀ ପ୍ରଗତି ହାସଲ କରାଯିବାରେ ଏହା ମୋ ସରକାର ପାଇଁ ଏବେ ମଧ୍ୟ ଏକ ବିରାଟ ଆହ୍ୱାନ ହୋଇ ରହିଛି । ଆମ ଆଇନ ଶୃଙ୍ଖଳା ରକ୍ଷା ବ୍ୟବସ୍ଥା ଏହି ଉଗ୍ରବାଦକୁ ଉଲ୍ଲେଖନୀୟଭାବେ ନିୟନ୍ତ୍ରଣକୁ ଆଣିପାରିଥିବାରୁ ସେମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଆମେ ଉଚ୍ଚ ପ୍ରଶଂସା କରିବା ସହିତ ଆମ ସମାଜର ଆପଦଗ୍ରସ୍ତ କ୍ଷେତ୍ରର ବିକାଶ ଏବଂ ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରୁଥିବା ଏହି ଆତଙ୍କକୁ ମୂଳପୋଛ କରିବା ପାଇଁ ସେମାନେ ଯେଉଁ ଦୃଢ଼ ଶପଥ ନେଇଛନ୍ତି ସେଥିନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିବା । ବାସ୍ତବରେ ଏହା ମୋ ସରକାରର ସଂଚାଳକ ଶକ୍ତିରେ ପରିଣତ ହୋଇଛି ଏବଂ ଏବେ ଆମେ ଏହି ଗୋଷ୍ଠୀ ଦ୍ୱାରା ଦିଆଯାଉଥିବା ଯେକୌଣସି ଆହ୍ୱାନର ସାମନା କରିବା ପାଇଁ ଦୃଢ଼ମନା ହୋଇ ରହିଛେ ।

**୨୯.** ବିଭିନ୍ନ ନୂତନ କ୍ଷେତ୍ରରେ ସୁରକ୍ଷା ବଳ ଶୂନ୍ୟତା ପୂରଣ କରିବା ଲକ୍ଷ୍ୟରେ ମୋ ସରକାର ସ୍ପେଶାଲ ଅପରେସନ୍ ଗ୍ରୁପ ଏବଂ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଂଗର କ୍ଷମତା ବୃଦ୍ଧି କରାଉଛି । ଆମେ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିୟର ଫୋର୍ସକୁ ଦ୍ୱିଗୁଣିତ କରାଉଛୁ, ଚାରିଟି ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ ସୃଷ୍ଟି କରାଇଛୁ, ଆପଦ ଗ୍ରସ୍ତ ଥାନା ଓ ଜେଲ୍ ପ୍ରଭୃତିକୁ ସୁରକ୍ଷା ଯୋଗାଇ ଦେବା ପାଇଁ ପୂର୍ବତନ ସାମରିକ କର୍ମଚାରୀମାନଙ୍କୁ ନେଇ ଓଡ଼ିଶା ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଫୋର୍ସ ଗଠନ କରିଛୁ ଏବଂ ଜିଲ୍ଲାସ୍ତରରେ ପୋଲିସବଳର ସାମର୍ଥ୍ୟ ବୃଦ୍ଧି କରିବା ପାଇଁ ଉପଦ୍ରୁତ ଜିଲ୍ଲାଗୁଡ଼ିକରୁ ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କୁ ନେଇ ଓଡ଼ିଶା ଅତିରିକ୍ତ ପୁଲିସ ବଳ ସୃଷ୍ଟି କରାଇଛୁ । ଏଥି ସହିତ, ଆତ୍ମସମର୍ପଣ ଏବଂ ଥଇଥାନ ଯୋଜନାରେ ପରିବର୍ତ୍ତନ ଅଣାଯାଇ ଅଧିକ ସଂଖ୍ୟକ କ୍ୟାଡର ମାଓବାଦୀଙ୍କୁ ଅସ୍ତ୍ରତ୍ୟାଗ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ।

**୩୦.** ରାଜ୍ୟ ପୋଲିସକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଖାଲି ପଡ଼ିଥିବା ପଦବୀ ପୂରଣ ତଥା ସାମୁଦ୍ରିକ ଥାନା, ମହିଳା ଏବଂ ଶିଶୁ ଡେସ୍କ, ମାନବ ଚାଲାଣ ନିରୋଧ ୟୁନିଟ୍, ଭୁବନେଶ୍ୱର ବିମାନ ବନ୍ଦର ଅପ୍ରବାସ କାର୍ଯ୍ୟାଳୟରେ ନୂତନ ଭାବେ ସୃଷ୍ଟି କରାଯାଇଥିବା ପଦବୀଗୁଡ଼ିକୁ ପୂରଣ କରି ଏଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ଉଦ୍ଦେଶ୍ୟରେ ୩,୦୨୭ଟି ଅଧିକ ପଦବୀ ସୃଷ୍ଟି କରାଯାଇ ଏଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯାଉଛି । ସମୁଦ୍ର ପଥ ଦେଇ ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରିବା ପାଇଁ ମୋ ସରକାରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସୁଚିନ୍ତିତ ସ୍ଥାନରେ ୧୩ଟି ଅଧିକ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଛି ।

**୩୧.** ଅପରାଧ ହାର ହ୍ରାସ କରିବା ସହିତ କ୍ଷତିଗ୍ରସ୍ତକୁ ଠିକ୍ ସମୟରେ ସଠିକ୍ ନିରାକରଣ ସହାୟତା ପ୍ରଦାନ କରିବା ପାଇଁ ମୋ ସରକାର ୩୭ଟି ଅଧିକ ସମନ୍ୱିତ ମାନବ ଚାଲାଣ ନିରୋଧ ୟୁନିଟ୍ ସାରା ରାଜ୍ୟରେ ପ୍ରତିଷ୍ଠା କରାଯିବା ନିମନ୍ତେ ଅନୁମୋଦନ ଦେବା

ସହିତ ଏଭଳି ଅଭିଯୋଗଗୁଡ଼ିକର ତ୍ୱରିତ ଫଏସଲା ପାଇଁ ସ୍ୱତନ୍ତ୍ର ମୋକଦ୍ଦମା ପରିଚାଳକ ନିଯୁକ୍ତ କରିଛି । ସେହିଭଳି ମୋ ସରକାର ପୋଲିସ ଭିତ୍ତିଭୂମିର ଆଧୁନୀକିକରଣ ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ପ୍ରଯୁକ୍ତି ଭିତ୍ତିକ ସେବା ପ୍ରଚଳନ କରାଇ ପୋଲିସ୍ କାର୍ଯ୍ୟକାରିତାରେ ଉନ୍ନତି ଆଣିବା ସହିତ ଦକ୍ଷତା ସ୍ତର ବୃଦ୍ଧି ପାଇଁ ଚେଷ୍ଟିତ । ମୋ ସରକାର ଭୁବନେଶ୍ୱର ଏବଂ ପୁରୀରେ ସିସିଟିଭି ସର୍ଭିଲେନ୍ସ ବ୍ୟବସ୍ଥା ପ୍ରଚଳନ କରିସାରିଛି ଏବଂ ଅପରାଧ ଓ ଅପରାଧୀ ଚିହ୍ନଟ ନେଟ୍‌ୱାର୍କିଂ ବ୍ୟବସ୍ଥା ପ୍ରଚଳନ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

**୩୨.** ଚଳିତ ବର୍ଷ ମୋ ସରକାର ବିଭିନ୍ନ ସ୍ତରରେ ୯ଟି ନୂଆ ଅଦାଲତ ପ୍ରତିଷ୍ଠା କରି ଫଏସଲା ପାଇଁ ପଡ଼ିରହିଥିବା ମାମଲାଗୁଡ଼ିକର ବିଚାର ତଥା ତ୍ୱରିତ ଫଏସଲା ପାଇଁ ପ୍ରଚେଷ୍ଟା କରୁଛି । ତତ୍ ସହିତ, ପ୍ରତି ରାଜସ୍ୱ ଜିଲ୍ଲା ମୁଖ୍ୟାଳୟରେ ଗୋଟିଏ ଲେଖାଏଁ ନୂଆ ଅତିରିକ୍ତ ସିଭିଲ୍ ଜଜ୍ ଅଦାଲତ ଖୋଲାଯାଇ ପ୍ରତ୍ୟେକ ଜିଲ୍ଲାରେ ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର କରାଯିବାକୁ ଥିବା ମହିଳା ନିର୍ଯ୍ୟାତନା ମାମଲାଗୁଡ଼ିକର ବିଚାର କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ।

**୩୩.** ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା 'ସ୍ୱଚ୍ଛ ଭାରତ ଅଭିଯାନ' ଏବେ ଶକ୍ତିଶାଳୀ ହୋଇଛି, ଯଥେଷ୍ଟ ଜନସଚେତନତା ଜାଗରିତ କରାଇଛି ଏବଂ ନିର୍ମଳ ଭାରତ ନିର୍ମାଣ ନିମନ୍ତେ ଏକ ସୁଦୃଢ଼ ଭିତ୍ତି ସ୍ଥାପନ କରିଛି । ମୋ ସରକାର ଏ ଦିଗରେ ବହୁ ଆଗରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪୦,୦୪,୧୦୭ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ଏବଂ ବ୍ୟବହାର, ୭୦,୭୨୪ ସ୍କୁଲ ଶୌଚାଳୟ ଏବଂ ୨୪,୯୯୩ ଅଙ୍ଗନୱାଡ଼ି ଶୌଚାଳୟ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିସାରିଛି ।

**୩୪.** ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଆଶ୍ରୟ ସୁରକ୍ଷା ଯୋଗାଇଦେବା ମୋ ସରକାରଙ୍କର ଅନ୍ୟତମ ପ୍ରାଥମିକତା । ଏକ ପ୍ରମୁଖ ଆଶ୍ରୟ ସୁରକ୍ଷା କାର୍ଯ୍ୟକ୍ରମ 'ବିଜୁ ପକ୍କା ଘର ଯୋଜନା' ମାଧ୍ୟମରେ ମୋ ସରକାର ରାଜ୍ୟର ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ଯୋଜନା କରିଛି । ମୋ ସରକାର ପ୍ରାୟ ୪୨ ହଜାର ଘର ଏହି ଯୋଜନାରେ ଆବଣ୍ଟନ କରିଛି ଏବଂ ଏହି ଘର ସହିତ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅତି କମ୍‌ରେ ଏକ ଲକ୍ଷ ଘର ଗ୍ରାମାଞ୍ଚଳରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖିଛି । ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ, 'ବିଜୁ ପକ୍କା ଘର ଯୋଜନା'ରେ ଆବଣ୍ଟନ କରାଯାଉଥିବା ଘରଗୁଡ଼ିକର କାର୍ଯ୍ୟାଦେଶ ମହିଳାମାନଙ୍କ ନାମରେ ପ୍ରଦାନ କରାଯିବ । ଏଥିସହିତ ମୋ ସରକାର ଖୁବ୍ ଶୀଘ୍ର ଏକ 'ଆଶ୍ରୟ ସୁରକ୍ଷା ମିଶନ' ଆରମ୍ଭ କରିବାକୁ ଯାଉଛି ଯାହା ସହରାଞ୍ଚଳର ଗୃହହୀନ ଗରିବ ଏବଂ ଗ୍ରାମାଞ୍ଚଳର ମୁଣ୍ଡ ଉପରେ ଆଶ୍ରୟ ନଥିବା ଗରିବ ଲୋକଙ୍କୁ ଆଶ୍ରୟ ସୁରକ୍ଷା ପ୍ରଦାନ କରିବ ।

**୩୫.** ମୋ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିଶେଷ କରି ଶୁଦ୍ଧ ପାନୀୟ ଜଳଯୋଗାଣ ଏବଂ ସ୍ୱାସ୍ଥ୍ୟପ୍ରଦ ପରିମଳ ବ୍ୟବସ୍ଥା ପ୍ରଚଳନ ନିମନ୍ତେ ଏକାଧିକ ଉପକ୍ରମ ହାତକୁ ନେଇଛି । ଏ ପର୍ଯ୍ୟନ୍ତ ମୋ ସରକାର ରାଜ୍ୟରେ ୩,୯୫,୯୨୦ ନଳକୂପ ଖନନ ସହିତ ୯,୬୧୮ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରିସାରିଛି ଏବଂ ଆହୁରି ୩୨,୪୫୦ ନଳକୂପ ସହ ୧୩୦୦ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯଥାଶୀଘ୍ର ସ୍ଥାପନ କରିବା ପାଇଁ ଯାଉଛି ।

**୩୬.** ରାଜ୍ୟରେ ସମଗ୍ରାହୀ ସହରୀକରଣ ଲକ୍ଷ୍ୟ ହାସଲ ନିମନ୍ତେ ମୋ ସରକାରଙ୍କ ଦ୍ୱାରା ବହୁବିଧ ଉପକ୍ରମ ଆରମ୍ଭ କରାଯାଇଛି । ଉନ୍ନତ ସହର ପରିଚାଳନା, ଭିତ୍ତିଭୂମି ନିର୍ମାଣ, ସେବା ଯୋଗାଣ ବ୍ୟବସ୍ଥା ଏବଂ ସହରାଞ୍ଚଳ ଦାରିଦ୍ର୍ୟ ହ୍ରାସ ଉଦ୍ୟମକୁ ସର୍ବାଧିକ ଗୁରୁତ୍ୱାରୋପ କରାଯାଉଛି । ରାଜଧାନୀ ଅଞ୍ଚଳରେ ଯୋଜନାବଦ୍ଧ ସହରୀକରଣ ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ ମୋ ସରକାର 'ଓଡ଼ିଶା ରାଜଧାନୀ ଅଞ୍ଚଳ ଉନ୍ନୟନ ପ୍ରାଧିକରଣ' ଗଠନ କରିବା ପାଇଁ ସ୍ଥିର କରିଛି ଯାହା ମାଧ୍ୟମରେ ବିଆରଟିସ୍, ଏମ୍‌ଆର୍‌ଟିଏସ୍, ରିଂ-ରୋଡ୍, ଜଳନିଷ୍କାସନ ବ୍ୟବସ୍ଥା ତଥା ନର୍ଦ୍ଦମା ନିର୍ମାଣ ଭଳି ମୌଳିକ ଭିତ୍ତିଭୂମି ସୃଷ୍ଟି ପାଇଁ ସ୍ୱତନ୍ତ୍ର ଅର୍ଥ ବରାଦ କରାଯିବ ।

**୩୭.** ଏବେ ସମଗ୍ର ରାଜ୍ୟରେ ଦ୍ରୁତ, ନିରାପଦ ଏବଂ ସୁବିଧାଜନକ ସର୍ବସାଧାରଣ ଗମନାଗମନ ସୁବିଧା ନିମନ୍ତେ ଦାବୀ ବୃଦ୍ଧି ପାଉଥିବାରୁ ମୋ ସରକାର ଏକ ସୁସଂହତ ବିଶଦ ଗମନାଗମନ ଯୋଜନା ବର୍ତ୍ତମାନ କଟକ-ଭୁବନେଶ୍ୱର-ପୁରୀ-କୋଣାର୍କ ଅଞ୍ଚଳ

ପାଇଁ ଆରମ୍ଭ କରିଛି । ଜେଏନ୍ ଆରୟୁଏମ୍ ସହିତ ରାଜ୍ୟ ସରକାରଙ୍କ ସହଯୋଗର ସମିଶ୍ରଣରେ ସହର ଭିତରେ ଏବଂ ବାହାରେ ସିଟିବସ୍ ସେବା ସୁବିଧାର ପରିବର୍ଦ୍ଧନ କରାଯାଇଛି । ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ପାଣ୍ଠି ସହିତ ସରକାରୀ ଘରୋଇ-ସହଭାଗୀତା ପଦ୍ଧତିର ବହୁଳ ଉପଯୋଗରେ ଭିତ୍ତିଭୂମି ସେବା ଯୋଗାଣ ପାଇଁ ଏଭଳି ପ୍ରକଳ୍ପଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇପାରୁଛି । ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଆପଣମାନଙ୍କୁ ସମସ୍ତଙ୍କୁ ଏକଥା ଜଣାଇବାକୁ ଚାହେଁ ଯେ 'ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍'ରୁ ବାଦ ପଡିଥିବା ୭୭ଟି ସହରାଞ୍ଚଳକୁ ମୋ ସରକାର ତାଙ୍କ ନିଜସ୍ୱ ପାଣ୍ଠିରୁ ଆରମ୍ଭ କରିଥିବା 'ଓଡ଼ିଶା ସହରାଞ୍ଚଳ ଜୀବିକା ମିଶନ' ନାମକ ନୂତନ ଯୋଜନାରେ ଖୁବ୍‌ଶୀଘ୍ର ସାମିଲ କରିବାକୁ ଯାଉଛି ।

**୩୮.** ମୋ ସରକାର ଶିକ୍ଷାଦାନ ବ୍ୟବସ୍ଥାରେ ଉନ୍ନତି ଆଣିବା ତଥା ଶିକ୍ଷା ଅଧିକାର ଆଇନ ଓ ସର୍ବ ଶିକ୍ଷା ଅଭିଯାନର ନିୟାମକରେ ଧାର୍ଯ୍ୟ ଛାତ୍ର-ଶିକ୍ଷକ ଅନୁପାତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ୧୬,୬୦୧ ଶିକ୍ଷା ସହାୟକଙ୍କୁ ନିଯୁକ୍ତି ଦେବା ସହିତ ବିଦ୍ୟାଳୟମାନଙ୍କରେ 'ସହଜ' ନାମକ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଛି, ଯାହା ଧୀର ମତି ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ନିର୍ଘଣ୍ଟ ବାହାରେ ଅଧିକ ଶ୍ରେଣୀ ଗୃହ ସହାୟତା ପ୍ରଦାନ କରିବ । ମୋ ସରକାର 'ରାଜ୍ୟ ଶିକ୍ଷା ପରିଚାଳନା, ପ୍ରଶାସନ ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ' ପ୍ରତିଷ୍ଠା କରି ଶିକ୍ଷକମାନଙ୍କୁ ଗୁଣାତ୍ମକମାନର ପ୍ରଶିକ୍ଷଣ ପ୍ରଦାନ ସହିତ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଗବେଷଣା ଓ ବିକାଶ ନିମନ୍ତେ ଚେଷ୍ଟିତ । ମୋ ସରକାରଙ୍କ ଦ୍ୱାରା ରାଜ୍ୟର ପ୍ରତି ବ୍ଲକରେ ଏକ ଇଂରାଜୀ ମାଧ୍ୟମ ମଡେଲ ପବ୍ଲିକ ସ୍କୁଲ ପ୍ରତିଷ୍ଠା କରାଯାଇ ବ୍ଲକ ସ୍ତରରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ମାଧ୍ୟମ ଶିକ୍ଷା ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ହାସଲ କରିବାକୁ ଯାଇ ଉନ୍ନତ ପ୍ରଯୁକ୍ତି ଭିତ୍ତିଭୂମି, ଇଣ୍ଟରନେଟ୍ ସଂଯୋଗ ଏବଂ ନିୟମିତ କମ୍ପ୍ୟୁଟର ଶିକ୍ଷକ ସହ ୧୬୨ଟି ବିଦ୍ୟାଳୟ ଏହି ବର୍ଷ ପ୍ରତିଷ୍ଠା କରିବାକୁ ଯାଉଛି ।

**୩୯.** ଶିକ୍ଷା କ୍ଷେତ୍ରରେ ଡିଜିଟାଇଜେସନ୍‌ର ବ୍ୟବହାର ବୃଦ୍ଧି କରିବା ଲକ୍ଷ୍ୟରେ, ମୋ ସରକାର ପ୍ରାରମ୍ଭିକ ଭାବରେ କଲେଜ ସ୍ତରରେ ନାମଲେଖାର କେନ୍ଦ୍ରୀକରଣ କରିବା ସହିତ ଏକ କର୍ମଚାରୀ ତଥ୍ୟ ପରିଚାଳନା ବ୍ୟବସ୍ଥା ଉଭୟ ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟ ପାଇଁ ସ୍ଥାପନ କରିଛି । ସ୍ମାର୍ଟ କ୍ଲାସର ପ୍ରଚଳନ ସହିତ ଆଗାମୀ ଦିନରେ ପରୀକ୍ଷା ଉତ୍ତର ଖାତାର ଡିଜିଟାଲ୍ ମୂଲ୍ୟାୟନ ପଦ୍ଧତି ଯଥାଶୀଘ୍ର ଅନୁସରଣ କରିବା ପାଇଁ ମୋ ସରକାର ଦୃଢ଼ପ୍ରତିଜ୍ଞ ।

**୪୦.** ମୋ ସରକାରଙ୍କ ଦ୍ୱାରା ସ୍କଲାରସିପ୍ ଦରଖାସ୍ତ, ଚୟନ, ନବୀକରଣ ଏବଂ ପ୍ରଦାନ ଅନ୍‌ଲାଇନ୍ ମାଧ୍ୟମରେ କରାଯାଇ ଯୁକ୍ତଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର ଶିକ୍ଷା ଲାଭ କରୁଥିବା ମୋଟ ୧୪,୫୦୦ ଛାତ୍ରଛାତ୍ରୀଙ୍କୁ ଏହି ବ୍ୟବସ୍ଥାରେ ସ୍କଲାରସିପ୍ ପ୍ରଦାନ କରାଯିବା ସହିତ ଏହାର ପରିମାଣ ଯଥାକ୍ରମେ ବାର୍ଷିକ ୩ହଜାର, ୫ହଜାର ଏବଂ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିଭଳି ବୈଷୟିକ ତଥା ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ମେଧାବୀ ଛାତ୍ରମାନଙ୍କ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଏବଂ ଛାତ୍ରୀମାନଙ୍କ ପାଇଁ ମେଧାବୃତ୍ତି ବାର୍ଷିକ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇ ୧୦ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ସ୍କଲାରସିପ୍ ପ୍ରଦାନ କରାଯାଉଛି ।

**୪୧.** ରାଜ୍ୟ ପାଇଁ ପୁଞ୍ଜି ବିନିଯୋଗରେ ଅଭୁତପୂର୍ବ ସଫଳତା ହାସଲ କରିସାରିବା ପରେ, ମୋ ସରକାର ଏବେ ଏଇ ଆଶାତୀତ ସଫଳତାର ଏକତ୍ରୀକରଣ ପୂର୍ବକ ଏକଥା ନିଶ୍ଚୟ କରିବାକୁ ଯାଉଛି ଯେ ଏଭଳି ବିନିଯୋଗ ପ୍ରକୃତରେ ସାକାର ରୂପ ଧାରଣ କରୁ ଏବଂ ଆମ ରାଜ୍ୟର ଉଦ୍ୟୋଗୀମାନଙ୍କୁ ପ୍ରଭୂତ ଅନୁଗାମୀ ଶିଳ୍ପ ସ୍ଥାପନର ସୁଯୋଗ ମିଳୁ । ଅନୁଗୁଳଠାରେ ଆଲୁମିନିୟମ୍ ପାର୍କ, ବାଲେଶ୍ୱରରେ ପ୍ଲାଷ୍ଟିକ୍ ପାର୍କ ଏବଂ ଭୁବନେଶ୍ୱରରେ ବାୟୋଟେକ୍ ପାର୍କ ଆଗେଇ ଚାଲିଥିବା ବେଳେ ଆମେ ପାରାଦୀପ ଠାରେ ପିସିପିଆଇଆର୍ ସ୍ଥାପନ ନିମନ୍ତେ ସମସ୍ତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବାରେ ଲାଗିପଡିଛୁ । ପୁନଶ୍ଚ, ଶିଳ୍ପ ପାଇଁ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଏବଂ କଞ୍ଚାମାଲ ତ୍ୱରିତ ପରିବହନ ନିମନ୍ତେ ଅନୁଗୁଳ, ତୁବୁରି ଏବଂ ସୁକିନ୍ଦାକୁ ସଂଯୋଗ କରୁଥିବା ଦୁଇଟି ରେଲ୍ କରିଡର ବିକାଶ କରାଯାଉଛି ।

**୪୨.** ରାଜ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇଦେବାର ଜରୁରୀ ଆବଶ୍ୟକତା ଉପଲବ୍ଧି କରି ମୋ ସରକାର ଏହି କ୍ଷେତ୍ରର ବ୍ୟବସାୟିକ ବାତାବରଣରେ ଉନ୍ନତିସାଧନ ପାଇଁ ଅନେକଗୁଡିଏ ପଦକ୍ଷେପ ଗ୍ରହଣ କରିଛି । ୱେବ ଭିତ୍ତିକ ପ୍ରୟୋଗ ବିକାଶ କରାଯାଇ ବ୍ୟବସାୟ ଆରମ୍ଭରେ ବିଭିନ୍ନ ସ୍ତରରେ କରାଯାଉଥିବା କାରବାର ଏବଂ ପ୍ରୋତ୍ସାହନ ଗ୍ରହଣ ପ୍ରକ୍ରିୟାକୁ ସୁଗମ

କରାଯାଇଛି । ମୋ ସରକାରଙ୍କର ଉଦ୍ୟୋଗୀ ବିକାଶ ଲକ୍ଷ୍ୟକୁ ଆହୁରି ଅଧିକ ଶାଣିତ କରିବା ଲକ୍ଷ୍ୟରେ ଆମେ 'ରାଜ୍ୟ ଉଦ୍ୟୋଗୀକରଣ ନୀତି' ଖୁବ୍ ଶୀଘ୍ର ପ୍ରଣୟନ କରିବାକୁ ଯାଉଛେ ଏବଂ ସେଥିସହିତ ଏହି ନୀତିକୁ କାର୍ଯ୍ୟକାରୀ କରାଯାଇ ପ୍ରଥମ ବର୍ଷରେ ଏକ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**୪୩.** ମୋ ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ସାଧାରଣ କ୍ଷେତ୍ର ଉଦ୍ୟୋଗ ସଂସ୍କାର ଗୁଡିକର ସୁଫଳ ଏବେ ମିଳିବାରେ ଲାଗିଛି । ଏହି ସଂସ୍କାରୀ ପଦକ୍ଷେପ ଗୁଡିକ ଯୋଗୁଁ ଆମେ ଆମ ବଜେଟ୍ ଉପରୁ ରାଜ୍ୟର ଏହି ଉଦ୍ୟୋଗ ଗୁଡିକର ବୋଝ ହଟାଇପାରିଛୁ । ଏହି ସଂସ୍କାର ଗୁଡିକରୁ ମିଳିଥିବା ସଫଳତାରେ ଉତ୍ସାହୀ ହୋଇ ମୋ ସରକାର ଏହି ସଂସ୍କାର ଗୁଡିକୁ ଜାରି ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି, କେତେଗୁଡିଏ ଉଦ୍ୟୋଗ  ଏବଂ  ଶୀର୍ଷ ସମବାୟ ସମିତିର ପୁର୍ନଗଠନର ଆବଶ୍ୟକତା ଉପୁଜିଛି ଏବଂ ବ୍ୟବସାୟିକ ପ୍ରକ୍ରିୟାରେ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଅପରିହାର୍ଯ୍ୟ ହୋଇପଡିଛି ।

**୪୪.** ମୋ ସରକାର ଏଣିକି କୋଇଲା ବ୍ୟତୀତ ସମସ୍ତ ପ୍ରମୁଖ ଖଣିଜପଦାର୍ଥ ଗୁଡିକର ପ୍ରକାଶ୍ୟ ନିଲାମ କରାଯିବା ପାଇଁ ଏକ ସଚେତନ ନିଷ୍ପତ୍ତି ଗ୍ରହଣ କରିଛି ଯାହାଫଳରେ ଖଣିଜ ପଦାର୍ଥ ସୁପରିଚାଳନାରେ ସର୍ବଦା ଆବଶ୍ୟକ ସ୍ୱଚ୍ଛତା ଅଣାଯାଇପାରିବା ସହିତ ଏହି କ୍ଷେତ୍ରରୁ ସର୍ବାଧିକ ରାଜସ୍ୱ ସଂଗ୍ରହ କରାଯାଇ ସାମାଜିକ କଲ୍ୟାଣ ପାଇଁ ଆବଶ୍ୟକ କାର୍ଯ୍ୟ ତଥା ଯୋଜନା ଗୁଡିକୁ ହାତକୁ ନିଆଯାଇ ପାରିବ । ମୋ ସରକାର ଏହି କ୍ଷେତ୍ରରେ ସମ୍ଭାବ୍ୟ ବେଆଇନ କାରବାରକୁ ସର୍ବନିମ୍ନ ସ୍ତରକୁ ଆଣିବା ତଥା ରୋକିବା ପାଇଁ ଏ ସମ୍ପର୍କିତ ସମସ୍ତ କାର୍ଯ୍ୟ ପ୍ରଣାଳୀରେ ଇ– ପରିଚାଳନା ପଦ୍ଧତି ପ୍ରଚଳନ କରାଇବା ସହିତ ଏହି ବିଭାଗ ସହ ସମ୍ପୃକ୍ତ ସମସ୍ତ ପ୍ରମୁଖ ଅଂଶୀଦାରମାନଙ୍କୁ ଏହି ଇଲେକ୍ଟ୍ରୋନିକ୍ ପରିଚାଳନା ପଦ୍ଧତିରେ ସଂଯୋଗ କରିଛି ।

**୪୫.** ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଏହି ଖୁସିରେ ଭାଗୀଦାର କରିବାକୁ ଚାହୁଁଛି ଯେ, ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ, ନିଶ୍ଚିତ ତଥା ଗୁଣାତ୍ମକମାନର ଶକ୍ତି ଯୋଗାଣ ପାଇଁ ମୋ ସରକାର ଶକ୍ତି ଭିତ୍ତିଭୂମିର ପ୍ରଭୁତ ଆଧୁନୀକିକରଣ ତଥା ବିଦ୍ୟୁତ ଶକ୍ତି ବଣ୍ଟନ ବ୍ୟବସ୍ଥାର ଉନ୍ନତି କରଣ ସହ କୃଷି ଏବଂ ଅଣ କୃଷି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଫିଡର ସ୍ଥାପନ କାର୍ଯ୍ୟ ହାତକୁ ନେଇଛି ।

**୪୬.** ରାଜ୍ୟରେ ବିଜୁଳି ଶକ୍ତିର ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଦ୍ୟୁତ ଶକ୍ତି ଉତ୍ପାଦନ ଏବଂ ନୂତନ କ୍ଷମତା ବୃଦ୍ଧି କରିବା ପାଇଁ ମୋ ସରକାର ସଂଖ୍ୟାଧିକ ପଦକ୍ଷେପ ଗ୍ରହଣ କରିଛି ଯେଉଁଥିରେ ଓପିଜିସି ଦ୍ୱାରା ନିର୍ମିତ ହେବାକୁ ଥିବା ୬୦୦ ମେଗାୱାଟ ପାୱାର ପ୍ଲାଣ୍ଟ, ୭୨୦୦ ମେଗାୱାଟ ଶକ୍ତି ଉତ୍ପାଦନ ପାଇଁ ଏନ୍‌ଟିପିସିକୁ ସମସ୍ତ ଆବଶ୍ୟକୀୟ ସହଯୋଗ ଏବଂ ଓଏମ୍‌ସି ଓ ଓଏଚ୍‌ପିସି ଦ୍ୱାରା ମିଳିତ ଭାବରେ ୩ଟି ୮୦୦ ମେଗାୱାଟ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ ନିମନ୍ତେ ଏକ ଯୌଥ ଉଦ୍ୟୋଗ ଗଠନ ପ୍ରଭୃତି ଅନ୍ତର୍ଭୁକ୍ତ। ଆପଣମାନେ ସମସ୍ତେ ଖୁସି ହେବେ ଯେ ଏକ ନିର୍ଭରଯୋଗ୍ୟ ବିଦ୍ୟୁତ୍ ବିତରଣ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଆମର ନିରବଚ୍ଛିନ୍ନ ଉଦ୍ୟମ ସହିତ ଏହାର ବିଜ୍ଞ ପରିଚାଳନା ହେତୁ ଆମେ ଏବେ ୯୮ ପ୍ରତିଶତ ରେକର୍ଡ ପରିମାଣର ବିଦ୍ୟୁତ୍ ବ୍ୟବସ୍ଥା ଉପଲବ୍ଧ କରାଇପାରିଛୁ ଏବଂ ସେହି ସ୍ତରର ସାମର୍ଥ୍ୟ ବଜାୟ ରଖିବା ପାଇଁ ମୋ ସରକାର ୧୮ଟି ଅଧିକ ଗ୍ରୀଡ୍ ସବ୍‌ଷ୍ଟେସନ ପ୍ରତିଷ୍ଠା ସହିତ ୧,୦୨୫ ସର୍କିଟ କିଲୋମିଟର ବିଦ୍ୟୁତ ପରିବହନ ଲାଇନ୍ ଟଣାଯିବା ପାଇଁ ସ୍ଥିର କରିଛନ୍ତି ।

**୪୭.** ଆଜିର ସଂଯୋଗୀକୃତ ଅର୍ଥନୈତିକ ବ୍ୟବସ୍ଥାରେ ସମସ୍ତ ଅଙ୍ଗ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଚାଲିଲେ ହିଁ ଅଭିବୃଦ୍ଧି ହାସଲ କରାଯିବା ସହିତ ତହିଁରେ ନିରନ୍ତରତା ବଜାୟ ରହିପାରିବ । ମୋ ସରକାର ଏଭଳି ଏକ ସଂଯୋଗୀକୃତ ବ୍ୟବସ୍ଥାର ଅନ୍ତର୍ନିହିତ ଆବଶ୍ୟକତା ସଂପର୍କରେ ବେଶ୍ ସଚେତନ ଯାହାର କାର୍ଯ୍ୟକାରୀତା ଯୋଗୁଁ ରାଜ୍ୟ ଭିତରେ ମାନବ ସମ୍ବଳ ଏବଂ କାର୍ଯ୍ୟ ସାମଗ୍ରୀର ସଞ୍ଚାଳନ ଅନାୟାସରେ ହୋଇପାରିବ । ଏହା ହାସଲ କରିବା ପାଇଁ ମୋ ସରକାର ରାଜ୍ୟରେ ଏକ 'ଓଡ଼ିଶା ନୌବାଣିଜ୍ୟ ବୋର୍ଡ' ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ଯାହା ରାଜ୍ୟର ସମସ୍ତ ଅଣ–ପ୍ରମୁଖ ବନ୍ଦର ଗୁଡିକର ଉନ୍ନୟନ, ପରିଚାଳନା ଏବଂ ଶାସନ ବ୍ୟବସ୍ଥା ଦାୟୀତ୍ୱରେ ରହିବ । ମୋ ସରକାର ଗୋପାଳପୁର, ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦର ବିକଶିତ କରାଇବାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ।

**୪୮.** ଜଳପଥ ଦେଇ ବହୁଳ ମାଲ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ମୋ ସରକାର ଆଇଡବ୍ଲୁଏଆଇ ସହିତ ଅଂଶୀଦାରୀ ସୂତ୍ରରେ ୫ନମ୍ବର ଜାତୀୟ ଜଳପରିବହନ ପଥ ଅଧୀନରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସହିତ ପାରାଦୀପ ଏବଂ ଧାମରା ବନ୍ଦରକୁ ସଂଯୋଗ କରି ଜଳ ପରିବହନ ପଥ ବିକାଶ କରିବ ।

**୪୯.** ମୋ ସରକାର ରାଜ୍ୟର ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସଂଖ୍ୟା ୧୩ରୁ ୩୫କୁ ବୃଦ୍ଧି କରାଇ ପରିବହନ ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରାଇଛି, ସବୁ ପରିବହନ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରାଯାଇ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ କରାଯାଇଛି ଏବଂ ୫୨ଟି ଅଧିକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରାଯାଇଛି । ମୁଁ ଏଥିପାଇଁ ଆନନ୍ଦିତ ଯେ ଏହି ସବୁ ସକାରାତ୍ମକ ପଦକ୍ଷେପ ମୋ ସରକାରଙ୍କ ରାଜସ୍ୱ ସଂଗ୍ରହ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥିବାରୁ ଏହି କ୍ଷେତ୍ରରୁ ୨୦୦୧ ମସିହାରେ ରାଜ୍ୟ ରାଜକୋଷକୁ ୧୭୮କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଗତବର୍ଷ ୮୮୫ କୋଟି ଟଙ୍କାର ବର୍ଦ୍ଧିତ ରାଜସ୍ୱ ରାଜ୍ୟ ରାଜକୋଷକୁ ପ୍ରଦାନ କରାଯାଇପାରିଛି ।

**୫୦.** ଅନୁସୂଚିତ ଏବଂ ପଛୁଆ ଅଞ୍ଚଳରେ ସଡକ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ 'ବିଜୁ ଗାଁ ଗାଡି ଯୋଜନା' ଆରମ୍ଭ କରାଯାଇଛି, ଯେଉଁଥିରେ ସରକାରୀ-ଘରୋଇ ସହଭାଗୀତାରେ ଘରୋଇ ଗାଡିଚାଳକମାନଙ୍କୁ ରାସ୍ତା ଟିକସ ଏବଂ ପରମିଟ୍ ଦେୟ ଛାଡ କରାଯାଇ ଦୁର୍ଗମ ଏବଂ ପଛୁଆ ଅଞ୍ଚଳରେ ଛୋଟ ଯାତ୍ରୀବାହୀ ଯାନ ଚଳାଇବା ପାଇଁ ପ୍ରୋତ୍ସାହିତ କରାଯାଉଛି । ପୁନଶ୍ଚ ଏହି ଯୋଜନାରେ ଗାଡି କିଣିବା ପାଇଁ ଋଣ ଯୋଗାଣ କ୍ଷେତ୍ରରେ ମୋ ସରକାର ସୁଧ ରିହାତି ପ୍ରଦାନ କରୁଛି । ମୁଁ ଏହି ପବିତ୍ର ଗୃହର ସମସ୍ତ ସଦସ୍ୟମାନଙ୍କ ଅବଗତି ନିମନ୍ତେ ଏହା ପ୍ରକାଶ କରୁଅଛି ଯେ, ଏ ପର୍ଯ୍ୟନ୍ତ ୨୫୬ଟି ଏଭଳି ଗାଡି ୧୦ଟି ପଛୁଆ ଜିଲ୍ଲାରେ ଯାତ୍ରୀ ପରିବହନ କରୁଛନ୍ତି, ଯାହାଦ୍ୱାରା ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍କୁଲ, କଲେଜ, ବଜାର ଏବଂ ଡାକ୍ତରଖାନା ପ୍ରଭୃତିକୁ ଯିବା ପାଇଁ ନିଶ୍ଚିତ ଗମନାଗମନ ସହାୟତା ମିଳିପାରିଛି ।

**୫୧.** ବସବାସ ଏବଂ ଜୀବିକା ଉପାର୍ଜନ ପାଇଁ ଜମି ଏକ ପ୍ରମୁଖ ଉପାଦାନ ହୋଇଥିବାରୁ ମୋ ସରକାର ଘରଡିହ ଓ ଚାଷଯୋଗ୍ୟ ପତିତ ଜମି ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଯୋଗାଇ ଦେଉଛି । ଏହା ଆମମାନଙ୍କ ପାଇଁ ଆନନ୍ଦର ବିଷୟ ଯେ ଇତିମଧ୍ୟରେ ୧,୧୫,୮୨୭ ଘରଡିହ ହୀନ ପରିବାର ଏବଂ ୩୫,୭୮୦ ଭୂମିହୀନ ପରିବାରକୁ ଘରଡିହ ଏବଂ ଚାଷଜମି ଯୋଗାଇ ଦିଆଯାଇ ସାରିଲାଣି ।

**୫୨.** ଓଡ଼ିଶା ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି କ୍ରାନ୍ତୀୟ ଘୂର୍ଣ୍ଣିବାତ୍ୟା ଏବଂ ଉଚ୍ଚ ଜୁଆର ପ୍ରବାହରେ ପ୍ରଭାବିତ ହେବା ଆଶଙ୍କାରେ ରହିଥାଏ । ନିକଟ ଅତୀତରେ ଘଟି ଯାଇଥିବା ଘୂର୍ଣ୍ଣିଝଡ ବ୍ୟାପାତରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଉଲ୍ଲେଖନୀୟ କାର୍ଯ୍ୟ କରିଛି । ଏଣୁ ମୋ ସରକାର ଆଉ ଦଶଟି ଅଧିକ ଓଡରାଫ୍ ୟୁନିଟ୍ ଗଠନ କରି ଏହାର ଶକ୍ତି ବୃଦ୍ଧି କରାଇବ । ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ୧୩୫ଟି ବହୁମୁଖୀ ବାତ୍ୟା କେନ୍ଦ୍ର ନିର୍ମାଣ କରାଯାଇ ସାରିଥିବା ବେଳେ ଆଉ ୧୮୦ଟିର କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ ।

**୫୩.** ଫାଇଲିନ୍ କ୍ଷତିଗ୍ରସ୍ତ ପରିବାରଗୁଡିକର ଥଇଥାନ ଲକ୍ଷ୍ୟରେ ଏବଂ ସେମାନଙ୍କୁ ବିପର୍ଯ୍ୟୟ ନିରୋଧୀ ଘର ଏବଂ ଅନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ସହାୟକ ହେବା ପାଇଁ ମୋ ସରକାର 'ଓଡ଼ିଶା ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରକଳ୍ପ' ଆରମ୍ଭ କରିଛି ଯେଉଁଥିରେ ୧୧୨ଟି ସ୍ଥାନରେ ଆଶ୍ରୟ ନେଇଥିବା ୧୭,୨୪୮ କ୍ଷତିଗ୍ରସ୍ତ ପରିବାରରୁ ୧୫,୦୧୬ ପରିବାରକୁ ପୁନର୍ବସତି ପ୍ରଦାନ କରାଯାଇଛି ।

**୫୪.** ବର୍ତ୍ତମାନ ଯଥେଷ୍ଟ ଦ୍ରୁତ ଗତିରେ ପ୍ରତିଟି ସେକେଣ୍ଡରେ ପରିବର୍ତ୍ତିତ ହେଉଥିବା ପୃଥିବୀ ସହିତ ଯଦି ଆମେ ଖାପ ଖୁଆଇ ଚଳି ନ ପାରୁ, ତେବେ ଏକ ସ୍ୱଚ୍ଛ ଏବଂ ଦକ୍ଷ ପ୍ରଶାସନ ଯୋଗାଇ ପାରିବାରେ ଆମ ସାମର୍ଥ୍ୟ ନିଶ୍ଚୟ ବହୁଧା ସୀମିତ ହୋଇପଡିବ । ଏଣୁ ବର୍ତ୍ତମାନ ପ୍ରଚଳିତ ଥିବା ମାନବ ସମ୍ବଳ ବିକାଶ ନୀତି ଅନୁଯାୟୀ, ମୋ ସରକାର ଅଧିକାରୀମାନଙ୍କୁ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଅବଧିରେ ଖ୍ୟାତି ସମ୍ପନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଅନୁଷ୍ଠାନମାନଙ୍କରେ ଟ୍ରେନିଂ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୫୫.** ମୋ ସରକାର ଉନ୍ନତ ଏବଂ ସୁଦକ୍ଷ ସେବା ପ୍ରଦାନ ନିମନ୍ତେ ଯେକୌଣସି ଜିଲ୍ଲା ଦ୍ୱାରା ଗ୍ରହଣ କରାଯାଇଥିବା ଯେ କୌଣସି ନୂତନ ପଦକ୍ଷେପର ରେକର୍ଡ ପ୍ରସ୍ତୁତି ତଥା ପ୍ରଚାର, ପ୍ରସାର ପାଇଁ ୨୫ ଲକ୍ଷ ଟଙ୍କା ସମ୍ପୃକ୍ତ ଜିଲ୍ଲାକୁ ପ୍ରଦାନ କରିବ ।

**୫୬.** ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ହ୍ରାସ କରିବା ପାଇଁ ଅଧିକ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ମୋ ସରକାର ଏବର୍ଷ ୧୨.୨୦ କୋଟି ଚାରା ରୋପଣ/ବଣ୍ଟନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ମୋ ସରକାର ଜଙ୍ଗଲ ଅଧିକାର ଆଇନ ଅଧୀନରେ ଏ ପର୍ଯ୍ୟନ୍ତ ୫,୩୯,୫୩୨ ଏକର ଜଙ୍ଗଲ ଜମିର ଭୂମ୍ୟାଧିକାର ୧୭,୭୯୮ ସବୁଠାରୁ ଆଦିମ ତଥା ଆପଦଗ୍ରସ୍ତ ଜନଜାତିଙ୍କ ସମେତ ସଂଖ୍ୟାଧିକ ଜନଜାତିମାନଙ୍କୁ ପ୍ରଦାନ କରିଛି ।

**୫୭.** ମୋ ସରକାର ୧୬୮୩ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି ଯେଉଁଠି ଏବେ ୨୬୦,୨୧୧ ଛାତ୍ରୀମାନଙ୍କ ସହିତ ମୋଟ ୪,୫୧,୭୯୭ ଛାତ୍ରଛାତ୍ରୀ ଏବେ ବିଭିନ୍ନ ଶ୍ରେଣୀରେ ଅଧ୍ୟୟନରତ । ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ମୋ ସରକାର ସମସ୍ତ ସୁବିଧା ସହିତ ୫୨୮୭ଟି ଆବାସିକ ଛାତ୍ରାବାସ ନିର୍ମାଣ କରିସାରିଛି ଏବଂ ଅନ୍ୟ ୧୬୪୦ଟି ଛାତ୍ରାବାସ ନିର୍ମାଣାଧୀନ ଅବସ୍ଥାରେ ରହିଛି । ୨,୫୧,୦୨୯ ଛାତ୍ରୀମାନଙ୍କ ସହିତ ୪,୧୪,୦୫୩ ଛାତ୍ରଛାତ୍ରୀ ଏହି ସବୁ ଛାତ୍ରାବାସରେ ରହି ନିଜର ଅଧ୍ୟୟନ ଜାରି ରଖିଛନ୍ତି ।

**୫୮.** ୧୪,୦୨,୨୧୭ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରଛାତ୍ରୀଙ୍କୁ ନିଜର ଅଧ୍ୟୟନ ଜାରି ରଖିବା ସହିତ ସେମାନଙ୍କ ପିତାମାତାଙ୍କ ଉପରୁ ଆର୍ଥିକ ବୋଝ ଲାଘବ କରିବା ନିମନ୍ତେ ମୋ ସରକାର ନିୟମିତ ଭାବରେ ପ୍ରି–ମାଟ୍ରିକ୍ ସ୍କଲାରସିପ୍ ପ୍ରଦାନ କରୁଛି । ସେହି ଭଳି ୩,୨୨,୮୨୧ ଛାତ୍ରଛାତ୍ରୀଙ୍କୁ ମୋ ସରକାର ପୋଷ୍ଟ–ମାଟ୍ରିକ୍ ସ୍କଲାରସିପ୍ ମଧ୍ୟ ନିୟମିତ ବ୍ୟବଧାନରେ ଦିଆଯିବାର ବ୍ୟବସ୍ଥା କରିଛି ।

**୫୯.** ମୋ ସରକାର ଖୁବ୍‌ଶୀଘ୍ର ଏକ ନୂତନ ସାମଗ୍ରୀକ 'ଓଡ଼ିଶା ଖାଦ୍ୟ ସୁରକ୍ଷା ଆଇନ' ପ୍ରଣୟନ କରୁଛନ୍ତି, ଯାହା ଜନଜାତି, ବସ୍ତିବାସିନ୍ଦା ତଥା ସମାଜର ଅନ୍ୟାନ୍ୟ ଆପଦଗ୍ରସ୍ତ ବର୍ଗର ଲୋକଙ୍କ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଭାବରେ ଯତ୍ନଶୀଳ ହେବା ସହିତ ରାଜ୍ୟର ସମସ୍ତ ଜନସାଧାରଙ୍କୁ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ସମବଣ୍ଟନ ଦ୍ୱାରା ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଇବ । ଏଣିକି ଯେ କୌଣସି ପରିବାରର ସାମାଜିକ–ଅର୍ଥନୈତିକ ସ୍ଥିତିକୁ ପରିମାପକ ଭାବରେ ଗ୍ରହଣ କରାଯାଇ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ପୋଷଣୀୟ ତଥା ସାମଗ୍ରିକ ସ୍ତରକୁ ଅଣାଯିବ । କଳାବଜାରୀ ରୋକିବା ତଥା ନିୟମାନୁଯାୟୀ ଯୋଗ୍ୟ ପରିବାରଗୁଡ଼ିକୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ବଣ୍ଟନରେ ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ମୋ ସରକାର ଖାଉଟି କାର୍ଡଗୁଡ଼ିକର ଡିଜିଟାଇଜେସନ୍ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୬୦.** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ରାଜ୍ୟର ୩.୨୬ କୋଟି ଲୋକଙ୍କୁ ଉପକୃତ କରାଇବ, ଯାହାକୁ କାର୍ଯ୍ୟକାରୀ କରାଇବା ପାଇଁ ପ୍ରାୟ ୭୨ ଲକ୍ଷ ଖାଉଟି କାର୍ଡ ସର୍ଭେ ମାଧ୍ୟମରେ ଚିହ୍ନଟ କରାଯାଇଥିବା ପରିବାରଗୁଡ଼ିକୁ ବଣ୍ଟନ କରାଯିବ । ମୋ ସରକାର ଏହାର ସଫଳ ପରିଚାଳନା ନିମନ୍ତେ ଏକ ସୁପରିକଳ୍ପିତ ଭୂମିକା ଗ୍ରହଣ କରିବ ।

**୬୧.** କୃଷକମାନଙ୍କଠାରୁ ଧାନ ସଂଗ୍ରହଣରେ ସ୍ୱଚ୍ଛତା ବଜାୟ ରଖିବା ତଥା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଯଥା ସମୟରେ ବିକ୍ରୟ ଲବ୍ଧ ଅର୍ଥ ହସ୍ତାନ୍ତରିତ କରାଯିବା ନିମନ୍ତେ ମୋ ସରକାର ୬୦ଟି ଅଧିକ ଧାନ ସଂଗ୍ରହଣ ବ୍ଲକରେ ଧାନ ସଂଗ୍ରହଣ ସ୍ୱୟଂକ୍ରିୟ ବ୍ୟବସ୍ଥା ପ୍ରଚଳନ କରିଛି ।

**୬୨.** କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଆଦର୍ଶ ଅବକାରୀ ନୀତି ଆଧାରରେ ମୋ ସରକାର ଏକ ନୂଆ ଅବକାରୀ ନୀତି ପ୍ରଣୟନ କରିବାରେ ସମଗ୍ର ଭାରତବର୍ଷରେ ପ୍ରଥମ ରାଜ୍ୟର ଅନନ୍ୟ ମାନ୍ୟତା ଲାଭ କରିଛି ।

**୬୩.** ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ପାଇଁ ରହିଥିବା ପ୍ରଭୁତ ପ୍ରଚ୍ଛନ୍ନ ସାମର୍ଥ୍ୟକୁ ବିଚାରକୁ ନେଇ ଓଡ଼ିଶାକୁ ୨୦୨୦ ମସିହା ସୁଦ୍ଧା ମତ୍ସ୍ୟ ଚାଷ ଏବଂ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରାଇବା ଲକ୍ଷ୍ୟରେ ମୋ ସରକାର ଏକ ସ୍ୱତନ୍ତ୍ର ପ୍ୟାକେଜ କାର୍ଯ୍ୟକାରୀ କରାଉଛି ଯେଉଁଥିରେ

ସହଜ ପୁଞ୍ଜି ଲଗାଣ ସୁବିଧା, ଅତିରିକ୍ତ ପୁଞ୍ଜି ସହାୟତା, ଅନ୍ୟ କ୍ଷେତ୍ର ସହିତ ସଂଯୋଗୀକରଣ, ରାଜ୍ୟ ଯୋଜନା ଅର୍ଥରୁ କେନ୍ଦ୍ରୀୟ କାର୍ଯ୍ୟକ୍ରମ ଗୁଡ଼ିକୁ ଅଧିକ ଅର୍ଥ ଯୋଗାଣ, ବ୍ୟାଙ୍କ ଋଣ ସୁବିଧା ଏବଂ ରିହାତି ଦରରେ ଚାଷୀମାନଙ୍କୁ ଆବଶ୍ୟକୀୟ ଉପକରଣ ଯୋଗାଣ ପ୍ରଭୃତି ଅନ୍ତର୍ଭୁକ୍ତ ।

**୬୪.** ରାଜ୍ୟରେ ଦୁଗ୍ଧ ଉତ୍ପାଦନ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମୋ ସରକାର 'ଦୁଗ୍ଧ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ' ପ୍ରଣୟନ କରିଛି । କୃତ୍ରିମ ପ୍ରଜନନ ବୃଦ୍ଧି କରାଇବା ଲକ୍ଷ୍ୟରେ ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦ ସହ ସହଯୋଗିତା ଭିତ୍ତିରେ ଯଥାଶୀଘ୍ର ମୟୂରଭଞ୍ଜ ଜିଲ୍ଲାର କାଠପାଳଠାରେ ଆଞ୍ଚଳିକ ଉତ୍କର୍ଷ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

**୬୫.** କାରିଗରମାନଙ୍କ ପାଇଁ ମୋ ସରକାର ଭିତ୍ତିଭୂମି ନିର୍ମାଣ ଲକ୍ଷ୍ୟରେ ୫ଶହ ୱାର୍କସେଡ୍ ନିର୍ମାଣ କରିବା ସହିତ ସେମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରୁଛି ଏବଂ ବୁଣାକାର ଓ କାରିଗରମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ କାର୍ଯ୍ୟକାରୀ କରାଉଛି । ପ୍ରଖ୍ୟାତ 'ପଟ୍ଟଚିତ୍ର' ଗ୍ରାମ ରଘୁରାଜପୁରକୁ ମୋ ସରକାର ଏକ ଆଦର୍ଶ ହସ୍ତଶିଳ୍ପ ଗ୍ରାମରେ ପରିବର୍ତ୍ତିତ କରାଇବା ସହିତ ସୁଶୋଭିତ ବସ୍ତ୍ର ଡିଜାଇନିଂ କୌଶଳ ଅଭିବୃଦ୍ଧି ଲକ୍ଷ୍ୟରେ ଭୁବନେଶ୍ୱରଠାରେ ଏକ ଇନ୍‌କ୍ୟୁବେସନ୍ ସେଣ୍ଟର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୬୬.** ଏକ ସ୍ୱାସ୍ଥ୍ୟକର ସମାଜ ହିଁ ପ୍ରକୃତ ବିକାଶ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ, ଏକଥା ଉପଲବ୍ଧି କରି ମୋ ସରକାର ଏଥି ନିମନ୍ତେ 'ଓଡ଼ିଶା ରାଜ୍ୟ ମେଡ଼ିକାଲ ସେବା ନିଗମ' ଗଠନ କରି ଏକ ବିସ୍ତୃତ ଔଷଧ ବିତରଣ କେନ୍ଦ୍ର ଶୃଙ୍ଖଳା ଜରିଆରେ ଜନସାଧାରଣଙ୍କୁ ମାଗଣାରେ ଅତ୍ୟାବଶ୍ୟକ ଔଷଧ ଯୋଗାଇ ଦେବ । ଗର୍ଭବତୀ ମା' ଏବଂ ନବଜାତମାନଙ୍କ ପାଇଁ ଏବେ ରାଜ୍ୟରେ ୧୦୨ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ନିରନ୍ତର କାର୍ଯ୍ୟରତ । ରାଜ୍ୟରେ 'ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି' କାର୍ଯ୍ୟକାରୀ କରାଯାଇ ଦୁଃସାଧ୍ୟ ରୋଗରେ ପୀଡ଼ିତ ରୋଗୀମାନଙ୍କ ଚିକିତ୍ସା ପାଇଁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି । ମୋ ସରକାର ରାଜ୍ୟରେ 'ବିଜୁ କୃଷକ କଲ୍ୟାଣ ଯୋଜନା' କାର୍ଯ୍ୟକାରୀ କରାଇ ଯେକୌଣସି କୃଷକ ଓ କୃଷି ଶ୍ରମିକ ପରିବାରର ସର୍ବାଧିକ ୫ଜଣଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବୀମା ସୁବିଧା ଯୋଗାଇ ଦେଇଛି । ଏହି ଯୋଜନାରେ ଆଶାତୀତ ଭାବରେ ରାଜ୍ୟର ପ୍ରାୟ ୫୫ଲକ୍ଷ ପରିବାରଙ୍କୁ ସାମିଲ କରାଯାଇ ସାରିଲାଣି । 'ଜରୁରୀକାଳୀନ ମେଡ଼ିକାଲ ଆମ୍ବୁଲାନ୍ସ ସେବା'ରେ ମୋ ସରକାର ୧୪୦ଟି ଅଧିକ ଆମ୍ବୁଲାନ୍ସ ଯୋଗାଇ ଦେବା ସହିତ ପୁରୀ, ବାରିପଦା, ବାଲେଶ୍ୱର, କୋରାପୁଟ ଏବଂ ବଲାଙ୍ଗୀରରେ ୫ଟି ନୂତନ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୬୭.** ସୂଚନା ଅଧିକାର ଆଇନ-୨୦୦୫ ମୋ ରାଜ୍ୟରେ ନିୟମାନୁଯାୟୀ କାର୍ଯ୍ୟକାରୀ କରାଯାଉଛି । ମୋ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସୂଚନା ଅଧିକାର କେନ୍ଦ୍ରୀୟ ନିୟନ୍ତ୍ରଣ ବ୍ୟବସ୍ଥା 'ଲୋକ ସୂଚନା' ଏହାର କାର୍ଯ୍ୟଦକ୍ଷତା ପାଇଁ ବିଶ୍ୱ ବ୍ୟାଙ୍କ ସମେତ ବିଭିନ୍ନ ମହଲରେ ପ୍ରଶଂସିତ । ପ୍ରଚଳିତ ସୂଚନା ଅଧିକାର କାର୍ଯ୍ୟ ପ୍ରଣାଳୀକୁ ଆହୁରି ବ୍ୟବସ୍ଥିତ କରିବା ସହିତ ଏହାକୁ ଅଧିକ ନାଗରିକ ବ୍ୟବହାର ଉପଯୋଗୀ କରାଇବା ପାଇଁ ମୋ ସରକାର ଏକ ସୂଚନା ଅଧିକାର କଲ୍ ସେଣ୍ଟର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେବା ସହିତ ସୂଚନା ଅଧିକାର ଦରଖାସ୍ତ ପାଇଁ ଇ-ଦେୟ ବ୍ୟବସ୍ଥା ପ୍ରଚଳନ କରାଇ ଏହାକୁ ରାଜ୍ୟର ସମସ୍ତ ଜନସେବା କେନ୍ଦ୍ରକୁ ସଂପ୍ରସାରିତ କରିବା ପାଇଁ ସ୍ଥିର କରିଛି ।

**୬୮.** ମୋ ରାଜ୍ୟକୁ ଡିଜିଟାଲ ଶାସନ ପଦ୍ଧତିର ଶୀର୍ଷରେ ସ୍ଥାନିତ କରିବା ପାଇଁ ମୋ ସରକାର ଓଡ଼ିଶା ଷ୍ଟେଟ ୱାଇଡ୍ ଏରିଆ ନେଟ୍‌ୱାର୍କ ଜରିଆରେ ରାଜ୍ୟ ମୁଖ୍ୟାଳୟକୁ ବ୍ରଡବ୍ୟାଣ୍ଡ ସେବା ମାଧ୍ୟମରେ ପ୍ରଶାସନର ବିଭିନ୍ନ ସ୍ତର ସହିତ ସଂଯୋଗୀକରଣ, ଇ-ଗର୍ଭନାନ୍ସ ଆପ୍ଲିକେସନ୍ ପରିଚାଳନା ପାଇଁ ଓଡ଼ିଶା ଡାଟା କେନ୍ଦ୍ର ସ୍ଥାପନ, ଜି-ଟୁ-ସି ସେବା ଗ୍ରାମାଞ୍ଚଳରେ ଉପଲବ୍ଧ କରାଇବା ପାଇଁ ୬୨୪୬ଟି ଜନ ସେବା କେନ୍ଦ୍ର କାର୍ଯ୍ୟକାରୀ କରାଇବା ସହିତ ଦେଶର ଅନ୍ୟତମ ପ୍ରମୁଖ ପ୍ରଥମ ରାଜ୍ୟ ହିସାବରେ ରାଜ୍ୟ ସଚିବାଳୟରେ ଓସ୍‌ୱାସ୍ କାର୍ଯ୍ୟକାରୀ କରାଇ ମୋ ରାଜ୍ୟକୁ ଡିଜିଟାଲ୍ ପ୍ରଶାସନିକ ବ୍ୟବସ୍ଥା ଅନୁସରଣରେ ସର୍ବାଗ୍ରେ ରଖିଛି, ଯାହା ଫଳରେ ରାଜ୍ୟର ଜନସାଧାରଣଙ୍କୁ ଏବେ ପାରଦର୍ଶୀ ଏବଂ ଉତ୍ତରଦାୟୀ ପ୍ରଶାସନିକ ସହାୟତା ସୁବିଧାରେ ଯୋଗାଇ ଦିଆଯାଇ ପାରୁଛି ।

**୬୯.** ମୋ ରାଜ୍ୟରୁ ଶିଶୁ ଶ୍ରମିକ ପ୍ରଥା ବିଲୋପ କରିବା ଲକ୍ଷ୍ୟରେ, ମୋ ସରକାର ଜନ ସଚେତନତାଠାରୁ ଆରମ୍ଭ କରି ଦୃଢ କାର୍ଯ୍ୟାନୁଷ୍ଠାନ ତଥା ଜୋରିମାନା ଧାର୍ଯ୍ୟ କରିବା ପର୍ଯ୍ୟନ୍ତ ବହୁବିଧ ହସ୍ତକ୍ଷେପ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରୁଅଛି ।

**୭୦.** ରାଜ୍ୟ ବାହାରକୁ କାର୍ଯ୍ୟାନ୍ୱେଷଣରେ ଯାଉଥିବା ଶ୍ରମିକମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ନିମନ୍ତେ ମୋ ସରକାର ଏ ସମସ୍ତ ଶ୍ରମିକମାନଙ୍କର 'ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ମଙ୍ଗଳ ବୋର୍ଡ'ରେ ପଞ୍ଜିକରଣ କରାଇବା ସହିତ ପଡୋଶୀ ରାଜ୍ୟମାନଙ୍କ ସହିତ ଏକ ତ୍ରିପାକ୍ଷିକ ଚୁକ୍ତି ଜରିଆରେ କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କ ସୁଖ, ସୁବିଧା ଏବଂ ସ୍ୱାର୍ଥ ପ୍ରତି ଧ୍ୟାନ ଦେଉଛି । ନିର୍ମାଣ ଶ୍ରମିକଙ୍କ ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜ୍ ଏହି ବର୍ଗର ଶ୍ରମିକମାନଙ୍କର ଆଶା, ଆକାଙ୍କ୍ଷା ପୂରଣ କରିବା ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ବହୁବିଧ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ । ଏହି ସହାୟତା ପ୍ୟାକେଜକୁ ନିର୍ମାଣ ଶ୍ରମିକମାନଙ୍କର ମଙ୍ଗଳ ନିମନ୍ତେ ଅଧିକ ଉପଯୋଗୀ କରିବା ଉଦ୍ଦେଶ୍ୟରେ ମୋ ସରକାର ଏବେ ଏହି ସହାୟତାଗୁଡିକର ପରିବର୍ଦ୍ଧନ କରିଛି ।

**୭୧.** ବିପିଏଲ୍ ତାଲିକାଭୁକ୍ତ ପରିବାର ଏବଂ ବିଭିନ୍ନ ଶିଳ୍ପ ତଥା ବ୍ୟବସାୟିକ ଅନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାର ଉଚିତ ମୁକାବିଲା କରିବା ପାଇଁ ମୋ ସରକାର ପ୍ରାୟ ୪୪ ଲକ୍ଷ ବିପିଏଲ୍ ପରିବାରକୁ 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଅନ୍ତର୍ଭୁକ୍ତ କରିବା ସହିତ ୩.୫ ଲକ୍ଷ ପରିବାରକୁ 'କର୍ମଚାରୀ ରାଜ୍ୟ ବୀମା' କାର୍ଯ୍ୟକ୍ରମ ଅଧୀନକୁ ଆଣିଛି । ମୋ ସରକାର କର୍ମଚାରୀ ରାଜ୍ୟ ବୀମା ଯୋଜନାକୁ ଖୁର୍ଦ୍ଧୁଣୀ ଏବଂ ଛେଣ୍ଡିପଦା ଅଞ୍ଚଳକୁ ନୂତନ ଭାବେ ସଂପ୍ରସାରଣ କରି ସୁପର ସ୍ପେଶିଆଲିଟି କେୟାର ପାଇଁ ରାଜ୍ୟ ଭିତରେ ଏବଂ ବାହାରେ ଅବସ୍ଥିତ ସୁପର ସ୍ପେଶିଆଲିଟି ହସ୍ପିଟାଲ ସହିତ ସଂଯୋଗ କରାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ।

**୭୨.** ରାଜ୍ୟର ବିଭିନ୍ନ ସ୍ଥାନରେ ସମାଧାନ ଶିବିର, ମହା ସମାଧାନ ଶିବିର ଏବଂ କୃଷି ସମାଧାନ ଶିବିର ମାଧ୍ୟମରେ ମୋ ସରକାର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ସୁଚିନ୍ତିତ ଭାବରେ କରୁଅଛି । ଆଗାମୀ ଦିନମାନଙ୍କରେ ସାଧାରଣ ଲୋକଙ୍କ ପାଖରେ ସ୍ୱତଃସ୍ଫୂର୍ତ୍ତ ଭାବରେ ପହଞ୍ଚି ସେମାନଙ୍କର ଅଭାବ ଅସୁବିଧାର ଶୁଣାଣି ଏବଂ ନିରାକରଣ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରାଇ ମୋ ସରକାର ଏ କଥା ନିଶ୍ଚିତ କରିବ ଯେ ଜନସାଧାରଣଙ୍କ ସମସ୍ୟା ସେମାନଙ୍କଠାରୁ ଯଥାସମ୍ଭବ ସ୍ୱଳ୍ପ ଦୂରତ୍ୱ ମଧ୍ୟରେ ସମାଧାନ କରାଯିବ ।

**୭୩.** ଆମ ଐଶ୍ୱର୍ଯ୍ୟସଂପନ୍ନ, ଅନନ୍ୟ ଏବଂ ଅତୁଳନୀୟ ସାଂସ୍କୃତିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ମୋ ସରକାର ସେଗୁଡ଼ିକର ପ୍ରସାର, ସଂରକ୍ଷଣ, ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ମାଧ୍ୟମରେ କେତେକ ବିଲୁପ୍ତପ୍ରାୟ ଲୋକକଳାର ପୁନଃ ପ୍ରସାର, ନିଃସ୍ୱ କଳାକାରମାନଙ୍କୁ ଭତ୍ତା, ପ୍ରତିମୂର୍ତ୍ତି ସ୍ଥାପନ, ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଏବଂ ଜିଲ୍ଲା ଏବଂ ବ୍ଲକ କଳା ସଂସ୍କୃତି ସଂଘ ମାଧ୍ୟମରେ ପାରମ୍ପରିକ ଲୋକ କଳାଗୁଡ଼ିକର ସୁରକ୍ଷା ସହିତ କଳାକାରମାନଙ୍କ ପାଇଁ ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି କରିଛି ।

**୭୪.** ମୋ ସରକାର ମହିଳାମାନଙ୍କର ସାମାଜିକ ତଥା ଅର୍ଥନୈତିକ ସଶକ୍ତିକରଣ ପାଇଁ ଅଙ୍ଗୀକାରବଦ୍ଧ । ବାଳିକା ଏବଂ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ 'ଓଡ଼ିଶା ରାଜ୍ୟ ବାଳିକା ଏବଂ ମହିଳା ନୀତି' ପ୍ରଣୟନ କରାଯାଇ ଉତ୍ତରାଧିକାର, ସମାନ ଭୂମ୍ୟାଧିକାର, ସ୍ୱଳ୍ପ ଆୟବର୍ଗର ଘରଡ଼ିହହୀନ ମହିଳାମାନଙ୍କୁ ୪ ଡ଼େସିମିଲ ପର୍ଯ୍ୟନ୍ତ ମାଗଣା ଘରଡ଼ିହ ଏବଂ ଅନ୍ୟାନ୍ୟ ସୁବିଧା ସହିତ ଭିନ୍ନକ୍ଷମ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି ।

**୭୫.** ମୋ ସରକାର ୩୨୦୦ କୋଟି ଟଙ୍କା ବ୍ୟୟରେ ୬୫୬ କି.ମି. ଦୈର୍ଘ୍ୟ ୪ ଲେନ୍ ବିଶିଷ୍ଟ 'ବିଜୁ ଏକ୍ସପ୍ରେସ୍ ୱେ'ର ଶୁଭାରମ୍ଭ କରାଇ ପଶ୍ଚିମ ଓଡ଼ିଶାର ଆଠଟି ପଛୁଆ ଜିଲ୍ଲା ସହିତ କେବିକେ ଅଞ୍ଚଳକୁ ଯୋଗକରୁଥିବା ଏହି ଜୀବନରେଖା ଦ୍ୱାରା ପଶ୍ଚିମ ଓଡ଼ିଶା ଏବଂ କେବିକେ ଅଞ୍ଚଳର ସଡ଼କ ଯୋଗାଯୋଗ ବ୍ୟବସ୍ଥାରେ ପ୍ରଭୁତ ଉନ୍ନତି ସାଧନ ଦିଗରେ ନିଜସ୍ୱ ପ୍ରତିବଦ୍ଧତା ଏବଂ ପ୍ରାଥମିକତାର ପ୍ରମାଣ ଉପସ୍ଥାପନ କରିପାରିଛି ।

**୭୬.** ରାଜ୍ୟ ରାଜପଥ ଗୁଡ଼ିକର ରାଜ୍ୟର ଜନସାଧାରଣଙ୍କ ସାମାଜିକ–ଅର୍ଥନୈତିକ ସ୍ଥିତିରେ ଉନ୍ନତି ନିମନ୍ତେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ବିଚାରକୁ ନେଇ ମୋ ସରକାର ଏକ ନୂଆ ଉପକ୍ରମ 'ରାଜ୍ୟ ରାଜପଥ ବିକାଶ କାର୍ଯ୍ୟକ୍ରମ' ରାଜ୍ୟର ସମସ୍ତ ରାଜପଥ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତିକରଣ ନିମନ୍ତେ ଆରମ୍ଭ କରିଛି ।

**୭୭.** ସଂଖ୍ୟାଧିକ ଗ୍ରାମ୍ୟ ରାସ୍ତାକୁ ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ପରିଣତ କରାଯାଇସାରିଛି ଏବଂ ଯୋଗାଯୋଗ ବିହୀନ ବସତିଗୁଡ଼ିକୁ ସବୁଦିନିଆ ରାସ୍ତା ଯୋଗାଯୋଗ ନିଶ୍ଚିତ କରିବା ପାଇଁ ସମଗ୍ର ରାଜ୍ୟରେ ସଂଖ୍ୟାଧିକ ସେତୁ 'ବିଜୁ ସେତୁ ଯୋଜନା'ରେ ନିର୍ମାଣ କରାଯାଉଛି । ନିକଟରେ ମୋ ସରକାର 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' ନାମକ ଏକ ଉଚ୍ଚାଭିଳାଷୀ ସଡ଼କ ଯୋଗାଯୋଗ ବ୍ୟବସ୍ଥା ହାତକୁ ନେଇଛି, ଯାହା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଶହେ ଜନସଂଖ୍ୟା ପର୍ଯ୍ୟନ୍ତ ଯୋଗାଯୋଗ ନଥିବା ବସତିଗୁଡ଼ିକୁ ସବୁଦିନିଆ ସଡ଼କ ଯୋଗାଯୋଗ ନିଶ୍ଚିତ କରିବ ।

ସମାଜର ସବୁ ବର୍ଗର ଜନସାଧାରଣଙ୍କର ପ୍ରତ୍ୟକ୍ଷ ସହଯୋଗରେ, ଓଡ଼ିଶା ଆଜି ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଆମେ ଆମ ଉଦ୍ୟମ ଏବଂ ଉପଲବ୍ଧ ସୁବିଧାସୁଯୋଗ ମଧ୍ୟରେ ଏଭଳି ଏକ ସନ୍ତୁଳନ ରକ୍ଷା କରିବା, ଯାହା ଆମ ଆବଶ୍ୟକତାକୁ ପୂର୍ଣ୍ଣମାତ୍ରାରେ ପୂରଣ କରିବା ସହିତ ଆମ ଅଭିଳଷିତ ସାମଗ୍ରୀକ ବିକାଶ ଲକ୍ଷ୍ୟ ଦିଗରେ ଆମକୁ ପଥ ପ୍ରଦର୍ଶନ କରିବ ।


ଆମ ଯୁବଶକ୍ତି ମଧ୍ୟରେ ଭରି ରହିଥିବା ପ୍ରାଚୁର୍ଯ୍ୟ, ବ୍ୟଗ୍ରତା ଏବଂ ଉଚ୍ଚାଭିଳାଷକୁ ଆମକୁ ସୃଜନଶୀଳତା ଏବଂ ସତର୍କତାର ସହିତ ସମ୍ବୋଧିତ କରି ତାହାକୁ ସର୍ବୋତ୍କୃଷ୍ଟ ଉପାର୍ଜନକ୍ଷମ ମାର୍ଗରେ ବିନିଯୋଗ କରିବାକୁ ହେବ, ଯାହା ଦ୍ୱାରା ଆମେ ଓଡ଼ିଶାର ଐଶ୍ୱର୍ଯ୍ୟ ସମ୍ପନ୍ନ ଐତିହ୍ୟକୁ ଭବିଷ୍ୟତ ପାଇଁ ସାଇତି ରଖିପାରିବା । ଆମକୁ ଆମ ଯୁବଶକ୍ତି ପାଇଁ ଏହି ଭଳି ସୁବିଧାସୁଯୋଗ ସୃଷ୍ଟି କରିବା ପାଇଁ ହେବ, ଯେଉଁଥିରେ ସେମାନେ ଅଂଶଗ୍ରହଣ କରିବେ, ଉତ୍କର୍ଷ ହାସଲ କରିବେ ଏବଂ ଆମ ସାମାଜିକ ମୂଲ୍ୟବୋଧର ଅଭିବୃଦ୍ଧି ଘଟାଇବେ । ଆମେ ଆମ ନିକଟକୁ ଆସୁଥିବା ସଂଖ୍ୟାଧିକ ସମ୍ଭାବନାକୁ ସେମାନଙ୍କ ସମ୍ମୁଖରେ ରଖିବା ଏବଂ ପ୍ରଯୁକ୍ତି ପ୍ରୟୋଗ କିଭଳି ଏହି ଅସୀମିତ ସୁଯୋଗ ସମୂହକୁ ସେମାନଙ୍କ ପାଇଁ ସୁସଜ୍ଜିତ କରିପାରୁଛି ତାହା ଦର୍ଶାଇବା । ଆମେ ଆମ ସମ୍ମୁଖରେ ରହିଥିବା ସମସ୍ତ ସୁଯୋଗରେ ଅଂଶଗ୍ରହଣ କରିବା ପାଇଁ ସବୁବର୍ଗଙ୍କୁ ସୁଯୋଗ ମିଳୁ ଏହା ନିଶ୍ଚିତ କରିବା ଏବଂ ଏଭଳି ସମସ୍ତ ସ୍ୱେଚ୍ଛାକୃତ ଉଦ୍ୟମକୁ ପୋଷଣ, ପରିପୁଷ୍ଟି ଏବଂ ସମର୍ଥନ ଯୋଗାଇ ଦେବା ପାଇଁ ପ୍ରସ୍ତୁତ ରହିବା । ଆମ ସମସ୍ତଙ୍କର ଏହି ମିଳିତ ଉଦ୍ୟମରେ ଯୋଗଦାନ କରି ଓଡ଼ିଶାକୁ ସଫଳତାର ଶିଖରକୁ ଘେନିଯିବା ପାଇଁ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ନିବେଦନ କରୁଛି ।

ମୁଁ ବର୍ତ୍ତମାନ ଆଲୋଚନା ଜାରି ରଖିବା ପାଇଁ ଆପଣମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଆପଣମାନଙ୍କର ଅପାର ସଫଳତା କାମନା କରୁଛି ।

*ଜୟହିନ୍ଦ୍*

❖ ❖ ❖

# ସପ୍ରସଙ୍ଗ ଓଡ଼ିଶା



## 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ନିମନ୍ତେ ତର୍ଜମା ପାଇଁ ଉଚ୍ଚସ୍ତରୀୟ କମିଟି

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ଗୀତ ହିସାବରେ ମାନ୍ୟତା ପ୍ରଦାନ ଉଦ୍ଦେଶ୍ୟରେ ବିଭିନ୍ନ ତର୍ଜମା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଛି ।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ ନିମନ୍ତେ ଆଲୋଚନା କାଳରେ ଆସାମ, କର୍ଣ୍ଣାଟକ ଓ ବିହାର ସରକାର ସେମାନଙ୍କର ପ୍ରାଦେଶିକ ଗୀତଗୁଡ଼ିକୁ ସ୍ଥିରୀକୃତ କରିଥିବା କଥା ଉତ୍‌ଥାପିତ ହୋଇଥିଲା । ସେହି ମର୍ମରେ ଓଡ଼ିଶାରେ ମଧ୍ୟ ଏହି ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ ଦିଗରେ ସବିଶେଷ ତର୍ଜମା କରିବା ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଆଇନ ବିଭାଗ ସଚିବ ଏହି କମିଟିର ଅଧ୍ୟକ୍ଷ ରହିବେ । ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ସଂସ୍କୃତି ବିଭାଗ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ଏହି କମିଟିରେ ସଦସ୍ୟ ରହିବେ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ କମିଟିର ସଦସ୍ୟ-ଆବାହକ ଭାବରେ କାର୍ଯ୍ୟ କରିବେ ।

ବୈଠକରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସମେତ ସଂସ୍କୃତି ବିଭାଗ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ, ଆଇନ ବିଭାଗ ଶାସନ ସଚିବ ଶ୍ରୀ ମିହିର ରଞ୍ଜନ ପରିଡ଼ା, ଆଇନ ବିଭାଗ ଅତିରିକ୍ତ ସଚିବ ଶ୍ରୀ ଭୁବନେଶ୍ୱର ହୋତା, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଲଳିତ ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ରଞ୍ଜିତ ମହାନ୍ତି, ସଂସ୍କୃତି ବିଭାଗ ଯୁଗ୍ମ ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଉପସ୍ଥିତ ଥିଲେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## ସମ୍ବଲପୁର ସହରର ବିକାଶ ପାଇଁ ୧୬୦୦କୋଟି ଟଙ୍କାର ଯୋଜନା

ସମ୍ବଲପୁର ସହରର ସର୍ବାଙ୍ଗୀନ ବିକାଶ ପାଇଁ ୧୬୦୦ କୋଟି ଟଙ୍କାର ଯୋଜନା ଚୂଡ଼ାନ୍ତ ହୋଇଛି । ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ସହରର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ ସହରର ରାସ୍ତାଘାଟର ଉନ୍ନତିକରଣ, ପାନୀୟ ଜଳ ଯୋଗାଣ, ନର୍ଦ୍ଦମା ଜଳ ନିଷ୍କାସନ, ବନ୍ୟା ନିୟନ୍ତ୍ରଣ, ମନୋରଞ୍ଜନ ଆଦି ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ମା' ସମଲେଶ୍ୱରୀଙ୍କ ପୀଠର ଉନ୍ନତି, ସେଠାରେ ଅତିଥିଶାଳା, ପାର୍କିଂ ଆଦି ବିଭିନ୍ନ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଇଡ୍‌କୋ ସହାୟତାରେ ଯୋଜନା ପ୍ରସ୍ତୁତ

କରାଯାଇଛି । ଏତଦ୍‌ବ୍ୟତୀତ ସହରବାସୀଙ୍କ ମନୋରଞ୍ଜନ ପାଇଁ Water park, Rope way ଆଦି ବିଭିନ୍ନ ସୁବିଧା ସୁଯୋଗର ମଧ୍ୟ ବିକାଶ କରାଯିବ ।

ଅନ୍ୟାନ୍ୟ ବିଷୟମାନଙ୍କ ମଧ୍ୟରେ ସହରରେ Flyover, Outer Ring Road ସମ୍ବଲପୁର ଓ ବୁର୍ଲା ସହରରେ ପାନୀୟଜଳ ବ୍ୟବସ୍ଥାର ସମ୍ପ୍ରସାରଣ କ୍ରୀଡ଼ା ପ୍ରକଳ୍ପ, ବର୍ଜ୍ୟବସ୍ତୁ ପରିଚାଳନା, ଅତ୍ୟାଧୁନିକ ବସ୍ ଟର୍ମିନାଲ, ମାଛ ମାର୍କେଟ, ବିଭିନ୍ନ ଜଳାଶୟମାନଙ୍କର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇ ଯୋଜନା ପ୍ରସ୍ତୁତ କରାଯାଇଛି । ଏହିସବୁ ପ୍ରକଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ବଲପୁର ବିଧାୟିକା ଡାଃ ରାସେଶ୍ୱରୀ ପାଣିଗ୍ରାହୀ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ, ଅତିରିକ୍ତ ମୁଖ୍ୟ ସଚିବ(ଅର୍ଥ), ଅତିରିକ୍ତ ମୁଖ୍ୟ ସଚିବ(ରାଜସ୍ୱ), ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ ଓ ସମ୍ବଲପୁର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

ସୁକାନ୍ତ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ

## ମାର୍ଚ୍ଚ ୧୧ରେ ପାଳିତ ହେବ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ'

ମାର୍ଚ୍ଚ ୧୧ ତାରିଖରେ ରାଜ୍ୟ ବ୍ୟାପୀ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ଅବସରରେ ଓଡ଼ିଆ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଳନ ନିମନ୍ତେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲା ଓ ରାଜ୍ୟସ୍ତରରେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଆୟୋଜନ ପାଇଁ ସ୍ଥିର କରାଯାଇଛି । ଗୌରବମୟ ମାତୃଭାଷା ଓଡ଼ିଆ, ଆମର ଅସ୍ମିତା ଏବଂ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ସହିତ ଜିଲ୍ଲା ଓ ରାଜ୍ୟସ୍ତରରେ ସଭାସମିତି ଆୟୋଜନ କରାଯିବ । ମାର୍ଚ୍ଚ ୫ ତାରିଖ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଗୁଡ଼ିକ ସଂପନ୍ନ ହେବ । କୃତୀ ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥରାଶି ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯିବ । ମାର୍ଚ୍ଚ ୮ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଏଥିରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀମାନେ ପ୍ରତିନିଧିତ୍ୱ କରିବେ । ୧୧ ତାରିଖ ଦିନ ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ସମାରୋହ ଅନୁଷ୍ଠିତ ହେବ । ସମାରୋହ ଅବସରରେ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ ଇତ୍ୟାଦିର କାର୍ଯ୍ୟକ୍ରମ ରହିଛି । ଏପରି ଆୟୋଜନ ଫଳରେ ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବାବଦରେ ଓଡ଼ିଶାବାସୀ ବିଶେଷ ଭାବରେ ସଚେତନ ହେବା ସହିତ ରାଜ୍ୟରେ ଓଡ଼ିଆ ପ୍ରଚଳନର ବ୍ୟାପକତା ପ୍ରତି ଉତ୍ସାହଜନକ ପରିବେଶ ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ବୈଠକରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସଂସ୍କୃତି ବିଭାଗ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସୁଶୀଲ କୁମାର ଦାସ, ଯୁଗ୍ମ ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ରାଜ୍ୟ ଓ ଜିଲ୍ଲାସ୍ତରରେ ପାଳିତ ହେବ ଚଳିତ ବର୍ଷର ବିଷୟ 'ଗାଁର ବିକାଶ-ଓଡ଼ିଶାର ବିକାଶ'

ପ୍ରତିବର୍ଷ ଭଳି ଚଳିତ ବର୍ଷ ମାର୍ଚ୍ଚ ମାସ ୫ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥିରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବ । ଚଳିତ ବର୍ଷର ବିଷୟ ରଖାଯାଇଛି 'ଗାଁର ବିକାଶ-ଓଡ଼ିଶାର ବିକାଶ' । ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ

ସମାରୋହ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ହେଉଛି । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମାରୋହ ଅବସରରେ ପଞ୍ଚାୟତିରାଜ ଆନ୍ଦୋଳନକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅବଦାନ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ହେବ । ଏହି ଉତ୍ସବରେ ଶ୍ରେଷ୍ଠ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରାଯିବ । ରାଜ୍ୟସ୍ତରୀୟ ସମାରୋହର ରୂପରେଖ ଚୂଡ଼ାନ୍ତ ହୋଇଛି ।

ଏହା ସହିତ ଜିଲ୍ଲାସ୍ତରରେ ମଧ୍ୟ ପଞ୍ଚାୟତିରାଜ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏ ସମ୍ପର୍କରେ ସବୁ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀମାନଙ୍କୁ ଯଥାଯୋଗ୍ୟ ଭାବରେ ପାଳନ କରିବାକୁ କୁହାଯାଇଛି । ଏହି ଉତ୍ସବରେ ଜିଲ୍ଲାପରିଷଦର ଅଧ୍ୟକ୍ଷ ପୌରୋହିତ୍ୟ କରିବେ । ମନ୍ତ୍ରୀ, ସାଂସଦ ଓ ବିଧାୟକମାନଙ୍କୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥି ଭାବରେ ନିମନ୍ତ୍ରଣ କରାଯିବ । ଉତ୍ସବରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସହ ସମ୍ପୃକ୍ତ ସରପଞ୍ଚ, ସମିତି ସଭ୍ୟ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦର ସଭାପତି, ଉପସଭାପତିଙ୍କ ସମେତ ଜିଲ୍ଲା ପରିଷଦର ସଭ୍ୟସଭ୍ୟାମାନଙ୍କୁ ନିମନ୍ତ୍ରଣ କରାଯିବ । ତୃଣମୂଳସ୍ତରରେ ପଞ୍ଚାୟତିରାଜ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳତାର କାହାଣୀ ଉପରେ ଗୁରୁତ୍ୱ ଆରୋପ କରାଯିବ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଅନ୍ୟ ସମ୍ପର୍କିତ ଅନୁଷ୍ଠାନକୁ କାର୍ଯ୍ୟକ୍ରମରେ ସାମିଲ କରାଯିବ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି ।

ପଞ୍ଚାୟତିରାଜ ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ପଞ୍ଚାୟତିରାଜ ଦିବସକୁ ସଫଳତାର ସହ ପାଳନ ନିମନ୍ତେ ହୋଇଥିବା ବ୍ୟବସ୍ଥାବଳୀର ସମୀକ୍ଷା କରାଯାଇଛି । ଏହି ବୈଠକରେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ଏସ୍.ଏନ୍ ଦାସ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ରକ୍ଷକ ନାୟକ, ସୂଚନା ଅଧିକାରୀ

## ଇରମ ସମେତ ତିନୋଟିକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା
## ରାଜ୍ୟରେ ପର୍ଯ୍ୟଟନସ୍ଥଳୀ ସଂଖ୍ୟା ୩୪୪କୁ ବୃଦ୍ଧି

ଭଦ୍ରକ ଜିଲ୍ଲାର ଇରମ, ବାଲେଶ୍ୱର ଜିଲ୍ଲାର ତୁଡ଼ିଗାଡ଼ିଆ ଓ ପୁରୀ ଜିଲ୍ଲାର ମା' ମଙ୍ଗଳା ମାତୃଶକ୍ତି ପୀଠକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି । ଏହାକୁ ମିଶାଇ ରାଜ୍ୟରେ ମାନ୍ୟତାପ୍ରାପ୍ତ ପର୍ଯ୍ୟଟନସ୍ଥଳୀର ସଂଖ୍ୟା ୩୪୪ରେ ପହଞ୍ଚିଛି ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ବିଶେଷ ସ୍ଥାନ ଅଧିକାର କରିଛି । ୧୯୨୦ ବେଳକୁ ଏଠାରେ ପଣ୍ଡିତ ଗୋପବନ୍ଧୁ ଦାସ ଓ ହରେକୃଷ୍ଣ ମହତାବଙ୍କ ପରି ସଂଗ୍ରାମୀମାନଙ୍କ ନେତୃତ୍ୱରେ ନିୟମିତ ବୈଠକ ହେଉଥିଲା ।

ଭାରତଛାଡ଼ ଆନ୍ଦୋଳନ ସମୟରେ ବ୍ରିଟିଶ ଫୌଜର ଗୁଳିରେ ଏଠାରେ ଜଣେ ମହିଳାଙ୍କୁ ମିଶାଇ ୨୯ ଜଣ ଶହୀଦ ହୋଇଥିଲେ । ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅନ୍ତର୍ଗତ ତୁଡ଼ିଗଡ଼ିଆ ମଧ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର କର୍ମଭୂମି ଥିଲା ଓ ସେଠାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ପୁଲିସ ଗୁଳିରେ ତିନି ଜଣ ସ୍ୱାଧୀନତା ସଂଗ୍ରାମୀ ଶହୀଦ ହୋଇଥିଲେ । ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଉଭୟ ଇରମ ଓ ତୁଡ଼ିଗଡ଼ିଆରେ ଶହୀଦ ଦିବସ ପାଳନ କରାଯାଇଥାଏ ।

ସେହିପରି ପୁରୀ ଜିଲ୍ଲାର କଣାସ ବ୍ଲକ ଅନ୍ତର୍ଗତ ଜଳିଆପଡ଼ାଠାରେ ଥିବା ମା' ମଙ୍ଗଳା ମାତୃଶକ୍ତି ପୀଠ ଏକ ଆଧ୍ୟାତ୍ମିକ କେନ୍ଦ୍ର ଭାବରେ ପ୍ରସିଦ୍ଧ । ପ୍ରତି ମଙ୍ଗଳବାର ଓ ସଂକ୍ରାନ୍ତି ଦିନ ଏଠାରେ ଶହ ଶହ ଲୋକ ସମବେତ ହୁଅନ୍ତି । ଅପ୍ରେଲ ମାସରେ ଆୟୋଜିତ ଚୈତ୍ରପର୍ବରେ ଏହି ପୀଠ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଉପସ୍ଥିତିରେ ଲୋକାରଣ୍ୟ ହୋଇଯାଏ । ଏହି ସ୍ଥାନଟି ପୁରୀ ସଦରଠାରୁ ୪୬ କିଲୋମିଟର ଦୂରବର୍ତ୍ତୀ ହୋଇଥିବା ବେଳେ ବାଲେଶ୍ୱରଠାରୁ ୪୫ କିଲୋମିଟର ଦୂରରେ ତୁଡ଼ିଗାଡ଼ିଆ ଓ ଭଦ୍ରକ ଠାରୁ ଅନୁରୂପ ଦୂରତ୍ୱରେ ଇରମ ଅବସ୍ଥିତ ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

# ଜିପି.ଆର୍.ଏସ୍ ଟ୍ରାକିଙ୍ଗ ମାଧ୍ୟମରେ ରାଜ୍ୟରେ ରେଶମ ଚାଷର ଉନ୍ନତିକରଣ କରାଯିବ

ରେଶମ ଚାଷ ପାଇଁ ଖାଦ୍ୟଚାରା ଭାବେ ଲଗା ଯାଉଥିବା ଅର୍ଜୁନ ଏବଂ ଅସନ ଗଛର ଚାରାରୋପଣ ଠାରୁ ପୂର୍ଣ୍ଣାଙ୍ଗ ବୃକ୍ଷରେ ପରିଣତ ହେବା ପର୍ଯ୍ୟନ୍ତ ତିନି ବର୍ଷର ଅବଧିକୁ ଏଣିକି ଜାତୀୟ ପ୍ରଯୁକ୍ତି ସୂଚନା କେନ୍ଦ୍ର ସହାୟତାରେ ଜିପିଆର୍ଏସ୍ ଟ୍ରାକିଙ୍ଗ ମାଧ୍ୟମରେ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ । ଏହାଦ୍ୱାରା ଚାଷ କରାଯାଇଥିବା ଜମିର ଆୟତନ, ଗଛର ଅଭିବୃଦ୍ଧି, ରକ୍ଷଣାବେକ୍ଷଣ ଆଦି ସମ୍ପର୍କରେ ସବିଶେଷ ଭୌଗୋଳିକ ତଥ୍ୟ ଜାଣିହେବ । ସେହିଭଳି ମନରେଗା ଯୋଜନା ମାଧ୍ୟମରେ ଟସର ବୃକ୍ଷ ରୋପଣ କରାଯାଇ ଚାଷୀମାନଙ୍କୁ ଗଛ ପଟ୍ଟା ପ୍ରଦାନ କରାଯିବ । ଜଳସେଚନ ଏବଂ ଜଳବାୟୁ ଅନୁକୂଳ ଅଞ୍ଚଳରେ ତୁତ (ମଲ୍‌ବେରୀ) ଚାଷ ପାଇଁ ଚାଷୀମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରାଯିବ । କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକରେ ଚାଷୀ ଅଂଶଧନ ୭୦ ପ୍ରତିଶତ ରଖାଯାଇଥିବାରୁ ଓଡ଼ିଶା କ୍ଷେତ୍ରରେ ଯୋଜନା ସେତେ ଫଳପ୍ରଦ ହେଇପାରୁନି । ତେଣୁ ଏ ସଂକ୍ରାନ୍ତରେ ଅଧିକ ବିଚାର ବିମର୍ଷ କରାଯାଇ କେନ୍ଦ୍ରସରକାରଙ୍କୁ ପୁନର୍ବିଚାର ପାଇଁ ଅନୁରୋଧ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ରାଜ୍ୟ ଯୋଜନାରୁ ଚାଷୀମାନଙ୍କୁ ସହାୟତା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେବେ ବୋଲି ସିଡ଼ାକ ପରିସରରେ ରାଜ୍ୟ ରେଶମ ଚାଷର ଅଗ୍ରଗତି ସମ୍ପର୍କରେ ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀମତୀ ଛୁରିଆ କହିଲେ, ଓଡ଼ିଶାରେ ରେଶମ ଚାଷର ପରମ୍ପରା ଅତି ପ୍ରାଚୀନ । ଏହା ସହିତ ଆମ ଆଦିବାସୀ ଜନଜୀବନର ଜିବୀକା ପ୍ରସଙ୍ଗ ଜଡ଼ିତ । ଓଡ଼ିଶାର ୧୪ଟି ଜିଲ୍ଲାରେ ଟସର ଚାଷ ଏକ ଲାଭଜନକ କ୍ଷେତ୍ର ଭାବେ ପରିଗଣିତ ହୋଇଛି । ଏ କ୍ଷେତ୍ରରେ କିଭଳି ଆହୁରି ବିକାଶ କରାଯାଇପାରିବ, ରେଶମ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସହାୟତା ଚାଷୀମାନଙ୍କ ନିକଟରେ କିଭଳି ତୁରନ୍ତ ଉପଲବ୍ଧ ହେବ ଏଥିପାଇଁ କ୍ଷେତ୍ର ଅଧିକାରୀମାନେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ରେଶମ ଚାଷ ପାଇଁ ସରକାରଙ୍କ ତରଫରୁ ପ୍ରଣୀତ ବିଭିନ୍ନ ଯୋଜନା ଯଥା-ଅଧିକ ଅମଳକ୍ଷମ ବିଭିନ୍ନ କିସମର ଗଛଲଗା ସାମଗ୍ରୀ, ଗୁଣ ସମ୍ପନ୍ନ ରୋଗମୁକ୍ତ ଅଣ୍ଡା ଯୋଗାଣ, ଗ୍ରାମାଞ୍ଚଳର ଚାଷୀମାନଙ୍କୁ ଟସର, ମଲବେରୀ ଓ ଏଣ୍ଡି ପାଳନ ନିମନ୍ତେ କୋଷା କ୍ରୟର ବଜାର ସହାୟତା, ଅମଳ ଗୃହ ନିର୍ମାଣ, ଟସର ବିହନ ବୃଦ୍ଧି କେନ୍ଦ୍ର, ଉଷ୍ମ କୋଠି ନିର୍ମାଣ ଯୋଜନାରେ ୨୦୧୪-୧୫ ବର୍ଷର କାର୍ଯ୍ୟ ଅଗ୍ରଗତି ସମ୍ବନ୍ଧରେ ସବିଶେଷ ସମୀକ୍ଷା କରାଯାଇଥିଲା । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକରୁ ଜଣାଯାଇଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ ଅନ୍ତର୍ଗତ ଆମ୍ ଆଦମୀ ବୀମା ଯୋଜନାରେ ୨୦୧୪- ୧୫ ଆର୍ଥିକ ବର୍ଷରେ ୧୪,୨୭୩ ଜଣ ରେଶମ ଚାଷୀଙ୍କୁ ବୀମାଭୁକ୍ତ କରିବା ନିମନ୍ତେ ୧୪,୨୭,୩୦୦ ଟଙ୍କା ବ୍ୟୟ କରାଯାଇଛି । ମହିଳା ରେଶମ ଚାଷୀଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କ୍ଷେତ୍ରରେ ୧୮୯୫୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି ବୈଠକରେ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ, ହସ୍ତତନ୍ତ ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରସାଦ ଦାସ, ଯୁଗ୍ମ ସଚିବ ରାଜା ପରିଜା, ସେରିଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ଆଚାର୍ଯ୍ୟ, ସେରିକଲଚରର ଉପନିର୍ଦ୍ଦେଶକ ଏବଂ ବିଭିନ୍ନ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ସେରିକଲ୍‌ଚର) ତଥା ବୈଷୟିକ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ

# ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୧୫୦ କୋଟି ଟଙ୍କା

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ରାଜ୍ୟ ସରକାର ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବେ । ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରୁ ରାଉରକେଲାଠାରେ ଅବସ୍ଥିତ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୧୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

ସେହିପରି ବିଶ୍ୱବିଦ୍ୟାଳୟ ଅଧୀନରେ 'ଅର୍ବାନ ପ୍ଲାନିଂ' ନାମରେ ଏକ ନୂତନ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଅନ୍ୟାନ୍ୟ ବିଷୟ ସହିତ ବିଶ୍ୱବିଦ୍ୟାଳୟର ନୂତନ ପଦବୀ ପୂରଣ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା

ହୋଇଥିଲା । ଏହି ବୈଠକରେ ନିଯୁକ୍ତି, ତାଲିମ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ଦାସବର୍ମା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅର୍ଥ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭାଗୀୟ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ସୁକାନ୍ତ କୁମାର ପଣ୍ଡା, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ

## ତିନି ସରକାରୀ ମେଡିକାଲ କଲେଜରେ ୬୪ ଟି ପିଜି ସିଟ୍ ବଢିଲା

ରାଜ୍ୟର ତିନିଗୋଟି ସରକାରୀ ମେଡିକାଲ କଲେଜ ଓ ହସପିଟାଲରେ ପିଜିରେ ୬୪ ଟି ସିଟ୍ ବୃଦ୍ଧି ହୋଇଛି । ଏହି ବୃଦ୍ଧି ଫଳରେ ବର୍ତ୍ତମାନ ଥିବା ୨୦୭ ସିଟ୍ ୨୭୧ ହୋଇଛି । ୨୦୧୫–୧୬ ଶିକ୍ଷା ବର୍ଷରୁ ବର୍ଦ୍ଧିତ ସିଟ୍‌ରେ ନାମ ଲେଖାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଠାରୁ ପ୍ରକାଶ । ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତା ପୂରଣ କରିବା ନିମନ୍ତେ ପିଜିରେ ଅଧିକ ସିଟ୍ ଖୋଲିବା ପାଇଁ ସରକାର ମେଡିକାଲ କାଉନସିଲ୍ ଅଫ ଇଣ୍ଡିଆକୁ ଅନୁରୋଧ କରିଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆର ସୁପାରିଶ କ୍ରମେ ୬୪ ଟି ଅଧିକ ସିଟ୍ ମଞ୍ଜୁର କରିଛନ୍ତି । ଏହି ୬୪ ଟି ସିଟ୍ ମଧ୍ୟରୁ ଏସ୍.ସି.ବି ମେଡିକାଲ କଲେଜ ପାଇଁ ୨୪ଟି, ଏମ୍.କେ.ସି.ଜି ମେଡିକାଲ କଲେଜ ପାଇଁ ୨୨ଟି ଏବଂ ଭି.ଏସ୍.ଏସ୍ ମେଡିକାଲ କଲେଜ ପାଇଁ ୧୮ ଟି ରହିଛି । ପ୍ରକାଶ ଥାଉକି ପୂର୍ବରୁ ଏସ୍.ସି.ବିରେ ୧୩ ଟି ବିଭାଗରେ ପିଜିରେ ୧୨୦ ଟି ସିଟ୍ ଥିଲା । ବର୍ତ୍ତମାନ ଏହା ୧୪୪ ହେଲା । ଏମ୍.ଡି ଆନାଟୋମୀରେ ସିଟ୍ ସଂଖ୍ୟା ୫ ରୁ ୭କୁ , ଫିଜିଓଲୋଜିରେ ୫ ରୁ ୭କୁ , ବାୟୋକେମିଷ୍ଟ୍ରିରେ ୩ ରୁ ୫କୁ , ଫୋରେନସିକ୍ ମେଡିସିନ୍‌ରେ ୩ ରୁ ୫କୁ , ଜେନେରାଲ ମେଡିସିନ୍‌ରେ ୧୯ ରୁ ୨୦କୁ , ସାଇକାଟ୍ରିରେ ୩ ରୁ ୪କୁ , ଆନେସ୍ଥେସୋଲୋଜିରେ ୧୬ ରୁ ୨୦ କୁ , ରେଡିଓଥେରାପିରେ ୫ ରୁ ୬କୁ , ଫାର୍ମାକୋଲୋଜିରେ ୪ ରୁ ୬କୁ , ପେଡିଆଟ୍ରିକ୍‌ରେ ୨୦ ରୁ ୨୪ କୁ , ଏମ୍.ଏସ୍ ସ୍ତ୍ରୀ ଓ ପ୍ରସୂତିରେ ୧୯ ରୁ ୨୦ , ଇଏନ୍‌ଟିରେ ୩ ରୁ ୪କୁ ଏବଂ ଜେନେରାଲ ସର୍ଜରୀରେ ୧୫ ରୁ ୧୬କୁ ସିଟ୍ ବଢିଛି । ଏମ୍.କେ.ସି.ଜି ମେଡିକାଲରେ ୧୦ ଟି ବିଭାଗ ପାଇଁ ୪୮ ଟି ପିଜି ସିଟ୍ ଥିଲା । ବର୍ତ୍ତମାନ ତାହା ୭୦ ହୋଇଛି । ଏଥିରେ ଆନେସ୍ଥୋଲୋଜିରେ ୮ ରୁ ୧୦ କୁ , ସ୍ତ୍ରୀ ଓ ପ୍ରସୂତିରେ ୮ ରୁ ୧୧ କୁ , ପେଡିଆଟ୍ରିକ୍ସରେ ୭ ରୁ ୮ , କମ୍ୟୁନିଟି ମେଡିସିନ୍‌ରେ ୪ ରୁ ୬କୁ , ମାଇକ୍ରୋବାୟୋଲୋଜିରେ ୨ ରୁ ୪ କୁ , ପାଥୋଲୋଜିରେ ୭ ରୁ ୧୦କୁ , ଫାର୍ମାକୋଲୋଜିରେ ୪ ରୁ ୭କୁ , ବାୟୋକେମିଷ୍ଟ୍ରିରେ ୨ ରୁ ୪କୁ , ଫିଜିଓଲୋଜିରେ ୩ ରୁ ୫କୁ ଏବଂ ଆନାଟୋମୀରେ ୩ ରୁ ୫ ହେଲା । ସେହିପରି ଭି.ଏସ୍.ଏସ୍ ମେଡିକାଲ କଲେଜରେ ୯ ଗୋଟି ବିଭାଗରେ ଥିବା ୩୯ ଟି ପିଜି ସିଟ୍ ୫୭କୁ ବଢିଛି । ଏଥିରେ ପୁଲ୍ମୁନାରୀ ମେଡିସିନ୍‌ରେ ପିଜି ସିଟ୍ ୩ ରୁ ୪କୁ , ଆନାଟୋମୀରେ ୩ ରୁ ୫କୁ , ବାୟୋକେମଷ୍ଟ୍ରିରେ ୨ ରୁ ୪କୁ , ଜେନେରାଲ ମେଡିସିନରେ ୧୬ ରୁ ୨୦ କୁ , ଇଏନ୍‌ଟିରେ ୨ ରୁ ୪କୁ , ଡି.ଭି.ଏଲ୍‌ରେ ୨ ରୁ ୩କୁ , ମାଇକ୍ରୋବାୟୋଲୋଜିରେ ୨ ରୁ ୪କୁ , ଫାର୍ମାକୋଲୋଜିରେ ୪ ରୁ ୭ କୁ ଏବଂ ପେଡିଆଟ୍ରିକ୍‌ରେ ୫ ରୁ ୬ କୁ ବୃଦ୍ଧି ହୋଇଛି । ପିଜିରେ ଏହି ସିଟ୍ ବଢିବା ଫଳରେ ଅନେକାଂଶରେ ବିଶେଷଜ୍ଞ ଅଭାବ ଜନିତ ସମସ୍ୟା ଦୂର ହୋଇପାରିବ ।

ପ୍ରଭାକର ସାହୁ

## କୃତୀ ଖେଳାଳୀଙ୍କୁ ସିଧାସଳଖ ନିଯୁକ୍ତି ବିଜ୍ଞପ୍ତି ଏକ ଐତିହାସିକ ନିଷ୍ପତ୍ତି

–କ୍ରୀଡାମନ୍ତ୍ରୀ ଶ୍ରୀ ମାର୍ଣ୍ଡି

ରାଜ୍ୟର ପ୍ରତିଭାବାନ କ୍ରୀଡାବିତ୍‌ମାନଙ୍କୁ ସିଧାସଳଖ ପୁଲିସ ବିଭାଗରେ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ଗୃହ ବିଭାଗ ଦ୍ୱାରା ଚଳିତ ମାସ ୩ ତାରିଖରେ ପ୍ରକାଶ ପାଇବା ପରେ କ୍ରୀଡାମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ, ଓଡ଼ିଶାର ପ୍ରତିଭାବାନ କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିବା ନିମେନ୍ତ ଏହା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ଏକ ଐତିହାସିକ ନିଷ୍ପତ୍ତି । ଏହାଦ୍ୱାରା ରାଜ୍ୟର କ୍ରୀଡାବିତ୍‌ମାନେ ଅଧିକ ଉତ୍ସାହିତ ହୋଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିପାରିବେ । ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ଯୋଗ୍ୟ କୃତୀ କ୍ରୀଡାବିତ୍‌ମାନେ ନିଯୁକ୍ତି ନିମନ୍ତେ କ୍ରୀଡାବିଭାଗ ସହିତ ସମ୍ପର୍କ କରିବାକୁ ପରାମର୍ଶ ଦେଇଛନ୍ତି ।

ସୂଚନା ଯୋଗ୍ୟ ଯେ ଏହି ବିଜ୍ଞପ୍ତି ଆଧାରରେ ରାଜ୍ୟର ସଫଳ ଓ ପ୍ରତିଭାବାନ ଖେଳାଳୀମାନେ ସେମାନଙ୍କର କୃତିତ୍ୱ ଓ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପୁଲିସ ବିଭାଗରେ ସବ୍-ଇନ୍ସପେକ୍ଟର(ଗ୍ରୁପ୍ 'ବି') ଓ କନ୍‌ଷ୍ଟେବଳ ତଥା ବାଟାଲିୟନ୍‌ରେ ସିପାହୀ ଅଥବା କନ୍‌ଷ୍ଟେବଳ(ଗ୍ରୁପ୍ 'ସି') ପଦବୀରେ ସିଧାସଳଖ ନିଯୁକ୍ତି ପାଇପାରିବେ । ଆବେଦନ କରିବାର ୩୦ ଦିନ ମଧ୍ୟରେ ଯୋଗ୍ୟ କ୍ରୀଡାବିତ୍‌ମାନଙ୍କୁ ନିଯୁକ୍ତି ଦିଆଯିବ । ଏହି ନୂତନ ସ୍ୱତନ୍ତ୍ର ନିଯୁକ୍ତି ନିୟମରେ ୨୬ଟି କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରାଯାଇଛି । ଅଲମ୍ପିକ୍‌ରେ ଅଂଶଗ୍ରହଣ କିମ୍ବା ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହାସଲ କରିଥିଲେ ଗ୍ରୁପ୍ 'ବି'ରେ ନିଯୁକ୍ତି ମିଳିବ । ସେହିପରି ଜାତୀୟ କ୍ରୀଡ଼ାରେ ପଦକ ହାସଲ, ଆନ୍ତର୍ଜାତିକ କ୍ରୀଡ଼ା ଏବଂ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଅନ୍ତର୍ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଗ୍ରୁପ୍ 'ସି'ରେ ନିଯୁକ୍ତି ଦିଆଯିବ ବୋଲି ଗୃହ ବିଭାଗ ଦ୍ୱାରା ଫେବୃଆରୀ ୩ ତାରିଖରେ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି । ଏହି ନିଯୁକ୍ତି ପ୍ରଦାନ ଦ୍ୱାରା କ୍ରୀଡ଼ବିତ୍‌ମାନଙ୍କ ପାଇଁ ଚାକିରୀ କ୍ଷେତ୍ରରେ ଥିବା ୧% ସଂରକ୍ଷଣ ବ୍ୟବସ୍ଥା ପ୍ରଭାବିତ ହେବ ନାହିଁ । ପ୍ରକାଶ ଥାଉ କି, ବିଗତ ୫ ବର୍ଷ ମଧ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କ ସହ ଊନବିଂଶ ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୧୦ ଏବଂ ଚାଇନାରେ ଅନୁଷ୍ଠିତ ଷୋଡ଼ଶ ଏସିଆଡ୍ କ୍ରୀଡ଼ା- ୨୦୧୦ରେ କୃତିତ୍ୱ ଅର୍ଜନ କରିଥିବା ରାଜ୍ୟର କୃତୀ ଖେଳାଳୀମାନଙ୍କୁ ନିଯୁକ୍ତି ନିମନ୍ତେ ସୁଯୋଗ ମିଳିବ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ସୂର୍ଯ୍ୟରଞ୍ଜନ ମହାନ୍ତି, ସୂଚନା ଅଧିକାରୀ

# ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ରାଜ୍ୟକୁ ତୃତୀୟ ଥର କୃଷି କର୍ମଣ ପୁରସ୍କାର

୨୦୧୩-୧୪ ମସିହାରେ ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ବର୍ଗ ରାଜ୍ୟ ସମୂହ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ କୃଷି କର୍ମଣ ପୁରସ୍କାର ଲାଭ କରିଛି । ଖାଦ୍ୟଶସ୍ୟ ଉତ୍ପାଦନରେ ରାଜ୍ୟର ଏହି ଉତ୍କର୍ଷ ହାସଲ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଚାଷୀଭାଇ ଓ ଭଉଣୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାର ସୁରତଗଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାଜ୍ୟ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ପ୍ରଦୀପ ମହାରଥୀ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । କୃଷି କର୍ମଣ ପୁରସ୍କାର ରାଶି ବାବଦକୁ ୫ କୋଟି ଟଙ୍କା, ଟ୍ରଫି ଓ ମାନପତ୍ର କୃଷି ମନ୍ତ୍ରୀ ଶ୍ରୀ ମହାରଥୀ ଗ୍ରହଣ କରିଛନ୍ତି । ଏହି ସମାରୋହରେ ରାଜ୍ୟର ଦୁଇ ଜଣ ଅଗ୍ରଣୀ ଚାଷୀଙ୍କୁ ଧାନ ଉତ୍ପାଦନରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବାରୁ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ରାଧାମୋହନ ସିଂ ପୁରସ୍କୃତ କରିଥିଲେ । କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ସିଂ ପୁରୁଷ ବର୍ଗରେ ବଲାଙ୍ଗୀର ଜିଲ୍ଲାର ଶ୍ରୀ ନିରାକାର ଧରୁଆ ଓ ମହିଳା ବର୍ଗରେ ଖୋର୍ଦ୍ଧା ଜିଲ୍ଲାର ଶ୍ରୀମତୀ ନିରୂପମା ମହାନ୍ତିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ବିଗତ ୨୦୧୦-୧୧ ଓ ୨୦୧୨-୧୩ରେ ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଉତ୍କର୍ଷ ପାଇଁ ସର୍ବଭାରତୀୟ ସ୍ତରରେ କୃଷି କର୍ମଣ ପୁରସ୍କାର ଲାଭ କରିଥିଲା । ଆମ ରାଜ୍ୟ ଏହି କୃଷି କର୍ମଣ ପୁରସ୍କାର ତିନିଥର ପାଇ ସାରିଲାଣି ।

ମାନସ ରଞ୍ଜନ ଖୁଣ୍ଟିଆ, ସୂଚନା ଅଧିକାରୀ

❖ ❖ ❖